

ଶାନ୍ତ ରହିବାକୁ ଦିଲ୍ଲୀବାସୀଙ୍କୁ ଅନୁରୋଧ | ୬

# ଓଡ଼ିଶା ଭାସ୍କର

ODISHA BHASKAR

ଯାହା ଆପଣଙ୍କ କଥା କହେ

facebook.com/odishabhaskar
twitter.com/odishabhaskar



ପ୍ରଶଂସକଙ୍କ ହୋସ୍ ଉଡେଇଲେ ଶ୍ରଦ୍ଧା ଦାସ | ୮

RNI Regd. No.ORI ORI 2004/12956 Postal Regd. No. BN/294/21-232 Published Simultaneously from Bhubaneswar, Angul & Berhampur. www.odishabhaskar.com

ଏକବିଂଶତମ ବର୍ଷ ସଂଖ୍ୟା-୩୨୦ Vol. 21 No-320 18 FEBRUARY 2025 TUESDAY BHUBANESWAR ମଙ୍ଗଳବାର, ୧୮ ଫେବୃଆରୀ ୨୦୨୫ ପୃଷ୍ଠା-୮ ମୂଲ୍ୟ: ୭.୦୦


## ୨ଲକ୍ଷ ୯୦ ହଜାର କୋଟିର ପୂର୍ଣ୍ଣାଙ୍ଗ ବଜେଟ୍ ଉପସ୍ଥାପନ କଲେ ମୁଖ୍ୟମନ୍ତ୍ରୀ

# ଗରିବ, ଗ୍ରାମାଞ୍ଚଳ ବିକାଶକୁ ଗୁରୁତ୍ୱ



### ମୁଖ୍ୟାଂଶ

- ବିଧାୟକଙ୍କ ପାଣ୍ଠି ୩ କୋଟିରୁ ୫ କୋଟିକୁ ବୃଦ୍ଧି
- ଏନ୍ଏଚ୍ଏଆଇ ପରି ଗଠନ ହେବ ଓଡ଼ିଶା ରାଜ୍ୟ ପ୍ରାଧିକରଣ ସଡ଼କ ସଂସ୍ଥା
- ଗ୍ରାମୀଣ ପରିବହନ ପାଇଁ କାର୍ଯ୍ୟକାରୀ ହେବ ମୁଖ୍ୟମନ୍ତ୍ରୀ ପରିବହନ ଯୋଜନା
- ରାଜଧାନୀରେ ରୋକାହେବ ଟ୍ରାଫିକ୍ ଜାମ
- ଦୁଗ୍ଧ ଉତ୍ପାଦନ ବୃଦ୍ଧି ଲାଗି ମୁଖ୍ୟମନ୍ତ୍ରୀ କାମଧେନୁ ଯୋଜନା
- ଅର୍ଥନୈତିକ ବିକାଶରେ ସାମିଲ ହେବ ପର୍ଯ୍ୟଟନ
- ଲାଗୁ ହେବ ଶ୍ରୀଜଗନ୍ନାଥ ଯୋଜନା
- ସଦର ମହକୁମାରୁ ମାଗଣାରେ ବସ୍‌ରେ ଆସିବେ ଶ୍ରଦ୍ଧାଳୁ
- ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ନିର୍ମାଣ ହେବ ୫ଲକ୍ଷ ଘର
- ୫୮ ଉପଖଣ୍ଡରେ ନୂତନ ଶୀତଳଭଣ୍ଡାର
- ଅଚଳ ଶୀତଳଭଣ୍ଡାରର ହେବ ପୁନରୁଦ୍ଧାର
- ବଜେଟ୍‌ରେ ସୁଭଦ୍ରା ଯୋଜନା ପାଇଁ ୧୦,୧୪୫ କୋଟି

ଭୁବନେଶ୍ୱର,୧୭।୨(ଭାସ୍କର ନ୍ୟୁଜ): ଆସିଲା ରାଜ୍ୟ ବଜେଟ୍ । ସୋମବାର ବିଧାନସଭାରେ ୨୦୨୫-୨୬ ଆର୍ଥିକ ବର୍ଷପାଇଁ ପୂର୍ଣ୍ଣାଙ୍ଗ ବଜେଟ୍ ଉପସ୍ଥାପନ କରିଛନ୍ତି ଅର୍ଥମନ୍ତ୍ରୀ ଦାୟିତ୍ୱରେ ଥିବା ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ଚଳିତଥର ମୋଟ ବଜେଟ୍ ପରିମାଣ ୨.୯୦ ଲକ୍ଷ କୋଟି ରହିଛି। ଏଥର ବଜେଟ୍ ସମସ୍ତଙ୍କୁ ସୁହାଇଲା ଭଳି ହୋଇଛି। ବିଶେଷକରି ଶିକ୍ଷା, ସ୍ୱାସ୍ଥ୍ୟ, ମହିଳା, ଓଡ଼ିଆ ଅସ୍ମିତା ଓ କୃଷି ଏବଂ କୃଷକଙ୍କୁ ବଜେଟ୍‌ରେ ପ୍ରାଧାନ୍ୟ ଦିଆଯାଇଛି। ଚଳିତବର୍ଷ କୃଷି ବଜେଟ୍‌ରେ ମଧ୍ୟ ୩୭,୮୦୦ କୋଟି ଟଙ୍କାର ବ୍ୟୟ ଅଟକଳ କରାଯାଇଛି। ସମୃଦ୍ଧ କୃଷକ ଯୋଜନାରେ ୬ହଜାର କୋଟି, ସିଏମ୍ କିଷାନ ଯୋଜନା ପାଇଁ ୨୦୨୦ କୋଟି, ଶ୍ରୀଅନ୍ନ ଯୋଜନା ପାଇଁ ୬୦୦ କୋଟି, ଶସ୍ୟ ବିବିଧତା କାର୍ଯ୍ୟକ୍ରମ ପାଇଁ ୬୯୫ କୋଟି, ପିଏମଏମଏସ୍‌ୱାଇ ପାଇଁ ୨୪୫ କୋଟି, ଏମଏମକେୱାଇ ପାଇଁ ୨୩୫ କୋଟି, ମୁଖ୍ୟମନ୍ତ୍ରୀ କାମଧେନୁ ଯୋଜନା ପାଇଁ ୧୪୬ କୋଟି ଏବଂ ପ୍ରାଣୀସମ୍ପଦ ଯୋଜନା ପାଇଁ ୧୭୧ କୋଟି ଟଙ୍କା ବ୍ୟୟ ଅଟକଳ ହୋଇଛି। ବଜେଟ୍‌ରେ ସ୍ୱାସ୍ଥ୍ୟ କ୍ଷେତ୍ରକୁ ମଧ୍ୟ ପ୍ରାଧାନ୍ୟ ଦିଆଯାଇଛି। ଗୋପବନ୍ଧୁ ଜନଆରୋଗ୍ୟ ଯୋଜନା ପାଇଁ ୬୨୪୯ କୋଟି, ମୁଖ୍ୟମନ୍ତ୍ରୀ ସ୍ୱାସ୍ଥ୍ୟସେବା ମିଶନ ପାଇଁ ୩୮୮୧ କୋଟି, ରାଷ୍ଟ୍ରୀୟ ସ୍ୱାସ୍ଥ୍ୟମିଶନ ପାଇଁ ୨୦୯୧ କୋଟି ଓ ନିର୍ମଳ ପାଇଁ ୯୯୭ କୋଟି ବ୍ୟୟବରାଦ ହୋଇଛି। ଏଥିସହ ଶିକ୍ଷା ଓ ସମୃଦ୍ଧ ଜୀବନରେ ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ ପାଇଁ ୨୯୬୦ କୋଟି, ପିଏମ୍ ପୋଷଣ ପାଇଁ ୮୮୫ କୋଟି, ମାଧୋସିଂ ହାତଖର୍ଚ୍ଚ ବାବଦକୁ ୧୫୪ କୋଟି, ଛାତ୍ରବୃତ୍ତି ପାଇଁ ୪୫୦ କୋଟି ପ୍ରଦାନ କରାଯାଇଛି। ସେହିପରି ସୁଭଦ୍ରା ଯୋଜନା ପାଇଁ ୧୦,୧୪୫ କୋଟି, ମମତା ଓ ପ୍ରଧାନମନ୍ତ୍ରୀ ମାତୃବନ୍ଦନ ଯୋଜନା ପାଇଁ ୪୯୨ କୋଟି, ଓଡ଼ିଶା ପୁଷ୍ଟିମିଶନ ବାବଦକୁ ୧୦୦ କୋଟି, ଅଙ୍ଗନୱାଡ଼ିକୁ ରାଜ୍ୟ ସହାୟତା ୧୧୩୨ କୋଟି ଟଙ୍କା ପ୍ରଦାନ କରାଯାଇଛି। ସେହିପରି ମଧୁବାବୁ ପେନସନ ଯୋଜନାରେ ୫୩୭୦ କୋଟି, ବାର୍ଦ୍ଧକ୍ୟ ପେନସନ ୨୧୮୧ କୋଟି ଏବଂ ଇନ୍ଦିରାଗାନ୍ଧୀ ଜାତୀୟ ପେନସନ ବାବଦରେ ୧୦୧୬ କୋଟି ବ୍ୟୟବରାଦ କରାଯାଇଛି। ନଗର ଉନ୍ନୟନ ପାଇଁ ବଜେଟ୍‌ରେ ଅନେକ ଘୋଷଣା କରାଯାଇଛି। ମୁଖ୍ୟମନ୍ତ୍ରୀ ସହରୀ ବିକାଶ ଯୋଜନାରେ ୧୧୦୦ କୋଟି, ସ୍ୱଚ୍ଛ ଓଡ଼ିଶା ପାଇଁ ୨୬୧ କୋଟି, ସ୍ୱଚ୍ଛ ଭାରତ ମିଶନ ପାଇଁ ୬୦୦ କୋଟି, ଗ୍ରାମାଞ୍ଚଳରେ ଜଳଜୀବନ ମିଶନପାଇଁ ୭୦୦୦ କୋଟି, ପ୍ରଧାନମନ୍ତ୍ରୀ ଜନମନ ଯୋଜନା ପାଇଁ ୨୦୦ କୋଟି, ପ୍ରଧାନମନ୍ତ୍ରୀ ଆବାସ ଯୋଜନା ପାଇଁ ୪୫୦୦ କୋଟି ବ୍ୟୟବରାଦ କରାଯାଇଛି। ଏଥର ବଜେଟ୍‌ରେ ଓଡ଼ିଆ ଅସ୍ମିତା ପାଇଁ ବି ବ୍ୟୟବରାଦ କରାଯାଇଛି। ବକୁଳବନ ଉନ୍ନୟନ ପାଇଁ ୫୦ କୋଟି, ମୁଖ୍ୟମନ୍ତ୍ରୀ କଳାକାର ସହାୟତା ଯୋଜନାରେ ୧୯୪ କୋଟି, ଶ୍ରୀଜଗନ୍ନାଥ ଦର୍ଶନ ଯୋଜନାରେ ୩୦ କୋଟି ଏବଂ ସାଂସ୍କୃତିକ ଅନୁଷ୍ଠାନକୁ ଅନୁଦାନ ୭୭ କୋଟି ଟଙ୍କା ପ୍ରଦାନ କରାଯାଇଛି। କ୍ରୀଡ଼ା ଓ ଯୁବସେବା ଅଧୀନରେ କ୍ରୀଡ଼ା ଭିତ୍ତିଭୂମି ବିକାଶ ପାଇଁ ୯୪୩ କୋଟି, କ୍ରୀଡ଼ା ପ୍ରତିଯୋଗିତା ଆୟୋଜନ ପାଇଁ ୮୦ କୋଟି ବ୍ୟୟବରାଦ ହୋଇଛି । ସେହିପରି ମିଲେଟ୍ ପାଇଁ ଏମଏସ୍‌ପି ୪୨୯୦ ଟଙ୍କା ବାଦ୍ ଅଧିକ ୨୦୦ଟଙ୍କା ମିଳିବା ନେଇ ଘୋଷଣା କରାଯାଇଛି। ଚଳିତବର୍ଷ ଲୋୟର ସୁକତେଲ ପ୍ରକଳ୍ପ କାର୍ଯ୍ୟ ଶେଷ ହେବ ବୋଲି ମୁଖ୍ୟମନ୍ତ୍ରୀ ବଜେଟ୍ ଉପସ୍ଥାପନ ସମୟରେ ସୂଚନା ଦେଇଛନ୍ତି । ହୀରାକୁଦ ଡ୍ୟାମର ନବୀକରଣ ପାଇଁ ୮୫୦ କୋଟି, ଜଳସମ୍ପଦ ବିଭାଗରେ ମୁହାଣ ଖନନ ପାଇଁ ୩୮୬ କୋଟି ଏବଂ ନଳକୂପଗୁଡ଼ିକ ପାଇଁ ୧୧୫୦ କୋଟି ଟଙ୍କା ବ୍ୟୟବରାଦ ହୋଇଛି। ବଜେଟରେ • ପୃଷ୍ଠା ୫ ଦେଖନ୍ତୁ

### ବଜେଟ୍‌ରେ ନୂଆ ଯୋଜନା

| | |
|---|---|
| ସମୃଦ୍ଧ ସହର | ୪୦୮ କୋଟି |
| ଅଟଳ ବସ୍‌ଷ୍ଟାଣ୍ଡ | ୧୨୬୬ କୋଟି |
| ଆମେ ପଢ଼ିବା ଆମ ଭାଷାରେ | ୨୫ କୋଟି |
| ସ୍ୱଚ୍ଛ ଓଡ଼ିଶା | ୨୬୧ କୋଟି |
| ଦକ୍ଷିଣ ଓଡ଼ିଶା ଉନ୍ନୟନ ପରିଷଦ | ୨୦୦ କୋଟି |
| ମୁଖ୍ୟମନ୍ତ୍ରୀ କନ୍ୟା ବିବାହ ଯୋଜନା | ୧୨ କୋଟି |
| ଓଡ଼ିଆ ପ୍ରବାସୀ ଓ ସଂପର୍କ ଯୋଜନା | ୧୦ କୋଟି |
| ସହିଦ ଲକ୍ଷ୍ମଣ ନାୟକ ଆଦର୍ଶ ବିଦ୍ୟାଳୟ | ୧୦୦ କୋଟି |
| ମଡେଲ ମଣ୍ଡି | ୫୦ କୋଟି |
| ଆମ ଶିମିଳିପାଳ ଯୋଜନା | ୫୦ କୋଟି |
| ଉତ୍ତର ଓଡ଼ିଶା ଉନ୍ନୟନ ପରିଷଦ | ୨୦୦ କୋଟି |
| ଓଡ଼ିଶା ପୁଷ୍ଟି ମିଶନ | ୧୦୦ କୋଟି |
| ବକୁଳବନ ଉନ୍ନୟନ | ୫୦ କୋଟି |
| ଶ୍ରୀଜଗନ୍ନାଥ ଦର୍ଶନ ଯୋଜନା | ୩୦ କୋଟି |
| ଅନ୍ତୋଦୟ ଗୃହ ଯୋଜନା | ୨୬୦୩ କୋଟି |
| ସୁଭଦ୍ରା ସୁରକ୍ଷା | ୧୫୩ କୋଟି |







### ବଜେଟ୍‌ର ମୋଟ ଆକାର ୨ଲକ୍ଷ ୯୦ ହଜାର କୋଟି

## ଅଭିବୃଦ୍ଧି ହାର ରହିବ ୭.୨%

| | |
|---|---|
| ନିଜସ୍ୱ ଟିକସ ରାଜସ୍ୱ | ୬୬୦୦୦ |
| ରାଜ୍ୟର ନିଜସ୍ୱ ରାଜସ୍ୱ | ୬୦୦୦୦ |
| କେନ୍ଦ୍ରୀୟ ଟିକସରୁ ରାଜ୍ୟର ଅଂଶ | ୬୪,୪୦୮.୨୭ |
| କେନ୍ଦ୍ରୀୟ ଅନୁଦାନ | ୪୧,୫୯୧.୭୩ |
| ମୋଟ କେନ୍ଦ୍ରୀୟ ସହାୟତା | ୧,୦୬,୦୦୦.୦୦ |
| ମୋଟ ରାଜସ୍ୱ ଆୟ | ୨,୩୨,୦୦୦.୦୦ |
| ଋଣ ଓ ଅଗ୍ରୀମର ପୁନଃ ଭରଣା | ୬୦୦ |
| ସରକାରୀ ଋଣ | ୪୭,୪୦୦ |
| ସରକାରୀ ହିସାବ | ୧,୦୦୦୦ |
| ମୋଟ ପୁଞ୍ଜି ଆୟ | ୫୮,୦୦୦ |
| ମୋଟ | ୨ ଲକ୍ଷ ୯୦ ହଜାର |

## କୃଷି ବଜେଟ୍‌ରେ ୩୮ ହଜାର କୋଟି



ଭୁବନେଶ୍ୱର,୧୭।୨(ଭାସ୍କର ନ୍ୟୁଜ): ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସୋମବାର ବିଧାନସଭାରେ ୨୦୨୫-୨୬ ଆର୍ଥିକ ବର୍ଷର ପୂର୍ଣ୍ଣାଙ୍ଗ ବଜେଟ୍ ଉପସ୍ଥାପନ କରିଛନ୍ତି। ଏହି ବଜେଟ୍‌ର ପରିମାଣ ମୋଟ ୨ଲକ୍ଷ ୯୦ ହଜାର କୋଟି ରହିଛି। ତେବେ ଶ୍ରୀ ମାଝୀ ବଜେଟ୍‌ର ପ୍ରଥମ ଭାଗରେ କୃଷି ବଜେଟ୍ ସଂପର୍କରେ ଘୋଷଣା କରିଥିଲେ। କୃଷି କ୍ଷେତ୍ରପାଇଁ ୨୦୨୫-୨୬ ବଜେଟ୍‌ରେ ମୋଟ ୩୭୮୩୮ କୋଟି ଟଙ୍କାର ବ୍ୟୟବରାଦ କରାଯାଇଛି। ଗତବର୍ଷ ତୁଳନାରେ ଏହା ୧୨ ପ୍ରତିଶତ ଅଧିକ ବୋଲି କୁହାଯାଇଛି। ବଜେଟ୍ ଉପସ୍ଥାପନ କରି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଥିଲେ ଯେ ରାଜ୍ୟର ମୋଟ ଜନସଂଖ୍ୟାର ୮୦ ପ୍ରତିଶତ ଲୋକ ଗ୍ରାମାଞ୍ଚଳରେ ବସବାସ କରନ୍ତି ଓ ସେମାନଙ୍କ ମଧ୍ୟରୁ ଅଧିକାଂଶ କୃଷି ଉପରେ ନିର୍ଭରଶୀଳ ଅଟନ୍ତି। ଅନ୍ୟପକ୍ଷରେ ବଜେଟ୍‌ରେ କୃଷି ଓ କୃଷକ ସଶକ୍ତିକରଣ ବିଭାଗ ପାଇଁ ୧୪୭୦୧ କୋଟିର ବ୍ୟୟବରାଦ କରାଯାଇଛି। ସମୃଦ୍ଧ କୃଷକ ଯୋଜନାରେ ଚାଷୀଙ୍କୁ ସର୍ବନିମ୍ନ ସହାୟକ ମୂଲ୍ୟ ତୁଳନାରେ ୮୦୦ଟଙ୍କା • ପୃଷ୍ଠା ୫ ଦେଖନ୍ତୁ

### କେଉଁ ବିଭାଗ ପାଇଁ କେତେ

| ବିଭାଗ | କୋଟିରେ |
|---|---|
| ଗୃହ | ୧୦୭୫୯.୯୦ |
| ସାଧାରଣ ପ୍ରଶାସନ | ୭୪୦.୭୫ |
| ରାଜସ୍ୱ ବିପର୍ଯ୍ୟୟ ପରିଚାଳନା | ୧୯୧୩.୨୮ |
| ଆଇନ | ୧୦୫୯.୪୪ |
| ଅର୍ଥ | ୬୩୫୧୧.୯୧ |
| ବାଣିଜ୍ୟ | ୩୦୮.୮୧ |
| ପୂର୍ତ୍ତ | ୧୨୦୦୦ |
| ଖାଦ୍ୟ ଓ ଯୋଗାଣ | ୧୫୩୭.୭୭ |
| ବିଦ୍ୟାଳୟ ଗଣଶିକ୍ଷା | ୩୧୧୮୫.୪୭ |
| ଏସସି/ଏସଟି/ସଂଖ୍ୟାଲଘୁ | ୬୪୩୬.୧୦ |
| ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ | ୨୨୭୪୧.୨୧ |
| ଗୃହ ଓ ନଗର ଉନ୍ନୟନ | ୯୯୭୭.୫୭ |
| ଶ୍ରମ | ୩୭୩.୨୨ |
| କ୍ରୀଡ଼ା ଓ ଯୁବ ବ୍ୟାପାର | ୧୩୧୯.୭୯ |
| ଯୋଜନା କ୍ରିୟାନ୍ୱୟନ | ୨୮୦୮.୨୨ |
| ପଞ୍ଚାୟତିରାଜ ଓ ପାନୀୟଜଳ | ୨୮୪୫୧.୩୧ |
| ଜଳସମ୍ପଦ | ୧୪୮୯୪.୨୧ |
| ଶିଳ୍ପ | ୮୦୮.୧୫ |
| ପରିବହନ | ୩୭୯୪.୮୮ |
| ଜଙ୍ଗଲ ଓ ପରିବେଶ | ୧୪୯୧.୪୯ |
| କୃଷି ଓ କୃଷକ କଲ୍ୟାଣ | ୧୪୭୦୦.୭୧ |
| ସୂଚନା ଓ ଲୋକସମ୍ପର୍କ | ୧୬୦.୭୧ |
| ଗ୍ରାମ୍ୟ ଉନ୍ନୟନ | ୧୦୦୨୦.୧୨ |
| ଶକ୍ତି | ୩୯୬୨.୩୩ |

### ବିଧାନସଭାରେ ମୁଖ୍ୟମନ୍ତ୍ରୀଙ୍କ ସୂଚନା

## ୨୦୨୩ ତୁଳନାରେ ୨୦୨୪ରେ ବଢ଼ିଛି ଅପରାଧ



ଭୁବନେଶ୍ୱର,୧୭।୨(ଭାସ୍କର ନ୍ୟୁଜ): ୨୦୨୩ ତୁଳନାରେ ୨୦୨୪ରେ ରାଜ୍ୟରେ ଅପରାଧିକ କାର୍ଯ୍ୟକଳାପ ବୃଦ୍ଧି ପାଇଛି। ଏ ନେଇ ସୋମବାର ବିଧାନସଭାରେ ସୂଚନା ଦେଇଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। କଂଗ୍ରେସ ବିଧାୟକ ତାରାପ୍ରସାଦ ବାହିନୀପତିଙ୍କ ପ୍ରଶ୍ନର ଲିଖିତ ଉତ୍ତର ଦେଇ ମୁଖ୍ୟମନ୍ତ୍ରୀ କହିଥିଲେ ଯେ ରାଜ୍ୟରେ ୨୦୨୩ରେ ମୋଟ ୧ଲକ୍ଷ ୯୯ ହଜାର ୯୫୪ଟି ଧର୍ତ୍ତବ୍ୟ ଅପରାଧ ପଞ୍ଜିକୃତ ହୋଇଥିଲା। ତେବେ ୨୦୨୪ରେ ଏହି ସଂଖ୍ୟା ୨ଲକ୍ଷ ୧୪ ହଜାର ୧୧୩ରେ ପହଞ୍ଚିଥିଲା। ୨୦୨୩ରେ ଚୋରିକୁ ନେଇ ମୋଟ ୧୬ହଜାର ୮୫୧ଟି ମାମଲା ପଞ୍ଜିକୃତ ହୋଇଥିବାବେଳେ ୨୦୨୪ରେ ଏହା ବୃଦ୍ଧି ପାଇ ୧୭ହଜାର ୮୦୫ରେ ପହଞ୍ଚିଥିବା ମୁଖ୍ୟମନ୍ତ୍ରୀ କହିଥିଲେ। ମୁଖ୍ୟମନ୍ତ୍ରୀ ଆହୁରି କହିଥିଲେ ଯେ ଗତ ୪ ବର୍ଷରେ ୩୬ହଜାର ୪୨୦ଜଣ ମହିଳା ନିଖୋଜ ହୋଇଥିବାବେଳେ ସେମାନଙ୍କ ମଧ୍ୟରୁ ୧୪୧୭ଜଣଙ୍କୁ ଉଦ୍ଧାର କରାଯାଇଛି। ସେହିପରି ୮ହଜାର ୪୦୩ ନିଖୋଜ ଶିଶୁଙ୍କ ମଧ୍ୟରୁ ୧୮୫୭ଜଣଙ୍କୁ ଉଦ୍ଧାର କରାଯାଇଛି। ଏହା ତୁଳନାରେ ଉଦ୍ଧାର ସଂଖ୍ୟା ଖୁବ୍ କମ୍ ବୋଲି କହିଛନ୍ତି। ଗତ ୪ ବର୍ଷରେ ଦଲାଲଙ୍କ ଦ୍ୱାରା ଅନ୍ୟ ରାଜ୍ୟକୁ ମୋଟ ୪୨୧ ମହିଳା ଓ ବାଳିକା ଚାଲାଣ ହୋଇଥିବାବେଳେ ୪୫୩ଜଣ ଦଲାଲଙ୍କୁ ଗିରଫ କରାଯାଇଛି। ମୁଖ୍ୟମନ୍ତ୍ରୀ କହିଥିଲେ, ତାଙ୍କ ସରକାର ମହିଳା ବିରୋଧୀ ଅପରାଧକୁ ଗୁରୁତର ସହ ନେଉଛନ୍ତି । ଗତ ୮ ମାସରେ ୧୮ହଜାର ୧ଟି ମହିଳା ବିରୋଧୀ ଅପରାଧ ମାମଲା ରୁଜୁ ହୋଇଛି। ସେଥିମଧ୍ୟରୁ ୧୭ହଜାର୨୧ଟି ମାମଲା ବିଚାରାଧୀନ ଥିବାବେଳେ ୭୩୮ଟି ମାମଲାରେ ଚାର୍ଜସିଟ୍ ଦାଖଲ କରାଯାଇଛି। ଶ୍ରୀ ମାଝୀ ଆହୁରି କହିଥିଲେ, ୨୦୨୪ରେ ୬,୪୩୭ଟି ମହିଳା ଓ ଶିଶୁ ଅପହରଣ ଏବଂ ବାଲ୍ୟ ବିବାହ ଅଭିଯୋଗ ମାମଲା ରୁଜୁ କରାଯାଇଛି। ସେଥିମଧ୍ୟରୁ ୬ହଜାର ୯୭ଟି ମାମଲାର ତଦନ୍ତ ଚାଲୁଥିବାବେଳେ ୧୪ଜଣ ମହିଳାଙ୍କ ସମେତ ୩୯୯ଜଣଙ୍କୁ ଗିରଫ କରାଯାଇଛି।




ଓଡ଼ିଶା ଭାସ୍କର
ODISHA BHASKAR

# ରାଜ୍ୟ ଖବର




କୋରାପୁଟ (ଭାସ୍କର ନ୍ୟୁଜ୍) : ସ୍ଥାନୀୟ ଦକ୍ଷତା ବିକାଶ ତାଲିମ କେନ୍ଦ୍ରରେ ଓଡ଼ିଶା ଡିଜିଟାଲ ମିଡିଆର ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି । ରାଜ୍ୟ ସଭାପତି ସି.ଏଚ ଭଗବତୀ ଆଚାରୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ କୋରାପୁଟ ପୌରାଧ୍ୟକ୍ଷ ଲାଲଟ ରଞ୍ଜନ ସେଠୀ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ । ସମ୍ମାନିତ ଅତିଥି ଭାବେ ବରିଷ୍ଠ ସାମ୍ବାଦିକ ସି.ଏଚ.ସାନ୍ତାକର, ପ୍ରେସ କ୍ଲବ ସଭାପତି ଭବାନୀ ଶଙ୍କର ମିଶ୍ର, ଆଇନଜୀବୀ ରୂପକ ତୁରୁକ ଯୋଗ ଦେଇଥିଲେ । ସୌମ୍ୟରଞ୍ଜନ ସାହୁ ମଞ୍ଚ ପରିଚାଳନା କରିଥିଲେ । ଆଜିର ଆଧୁନିକ ଯୁଗରେ ଡିଜିଟାଲ ମିଡିଆର ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି ଅତିଥିମାନେ କହିଥିଲେ । ଏହି ଅବସରରେ ୧୦ଦଫା ଦାବି ନେଇ ଦକ୍ଷତା ବିକାଶ ତାଲିମ କେନ୍ଦ୍ରରୁ ରାଲି ବାହାରି ସହର ପରିକ୍ରମା କରିବା ପରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲ୍ଲାପାଳ ଓ ଏସ୍‌ପିଙ୍କୁ ଦାବିପତ୍ର ପ୍ରଦାନ କରାଯାଇଥିଲା । ଜିଲ୍ଲାପାଳଙ୍କ ଅନୁପସ୍ଥିତିରେ ସହକାରୀ ଜିଲ୍ଲାପାଳ ଦେବେନ୍ଦ୍ର ରାଉତ ଦାବିପତ୍ର ଗ୍ରହଣ କରିଥିଲେ । ଓଡିଶା ଡିଜିଟାଲ ମିଡିଆର ସମସ୍ତ ସାମ୍ବାଦିକଙ୍କୁ ଚିହ୍ନଟ କରି ଗୋପବନ୍ଧୁ ଜନଆରୋଗ୍ୟ ଯୋଜନାରେ ସାମିଲ କରାଯାଉ ବୋଲି ଦାବିପତ୍ରରେ ଉଲ୍ଲେଖ ହୋଇଛି । ସରକାରୀ ବସ୍‌ରେ ନିଶୁଳ୍କ ଗମନାଗମନ ବ୍ୟବସ୍ଥା, ସାମ୍ବାଦିକଙ୍କ ସନ୍ତାନଙ୍କ ନିମନ୍ତେ ଶିକ୍ଷା ବୃତ୍ତି, ଝିଅ ବିବାହ ନିମନ୍ତେ ସହାୟତା ରାଶି, ଗୃହ ନିର୍ମାଣ ସହାୟତା ଏବଂ ସ୍ୱଳ୍ପ ସୁଧରେ ବ୍ୟାଙ୍କ ଋଣ ଆଦି ଦାବି ହୋଇଛି । କାର୍ଯ୍ୟକ୍ରମରେ ବିଭିନ୍ନ ଜିଲ୍ଲାରୁ ଦେଢଶହରୁ ଊର୍ଦ୍ଧ୍ୱ ସାମ୍ବାଦିକ ଯୋଗ ଦେଇଥିଲେ ।



## ସରିଲା ମା' ରାମଚଣ୍ଡୀ ମହୋତ୍ସବ

# କଣ୍ଠଶିଳ୍ପୀ ବର୍ଣ୍ଣାଳୀଙ୍କ ସଂଗୀତରେ ଝୁମିଲେ ଦର୍ଶକ



ଛତ୍ରପୁର (ଭାସ୍କର ନ୍ୟୁଜ୍) : ଗଞ୍ଜାମ ଜିଲ୍ଲା ଛତ୍ରପୁର ନିକଟବର୍ତ୍ତୀ ନୀଳାଦ୍ରିପୁର ଗ୍ରାମର ପାହାଡ଼ ଶିଖରେ ଅବସ୍ଥିତ ପ୍ରସିଦ୍ଧ ଶକ୍ତିପୀଠ ମାଁ ରାମଚଣ୍ଡୀ ପୀଠ । ଏହି ପୀଠରେ ନୂତନ ମନ୍ଦିର ପ୍ରତିଷ୍ଠାର ଦ୍ୱିତୀୟ ବାର୍ଷିକ ଉତ୍ସବ ଅବସରରେ ରାମଚଣ୍ଡୀ ମହୋତ୍ସବ-୨୦୨୫ ଉଦଘାଟିତ ହେଇଯାଇଛି । ଉତ୍ସବକୁ ରାଜ୍ୟ ବାଣିଜ୍ୟ, ପରିବହନ ଓ ଖଣି ବିଭାଗ ମନ୍ତ୍ରୀ ବିଭୂତି ଭୁଷଣ ଜେନା ଶୁଭାରମ୍ଭ କରିଥିଲେ ଓ ସମ୍ମାନୀତ ଅତିଥି ଭାବେ ଛତ୍ରପୁର ବିଧାୟକ କୃଷ୍ଣଚନ୍ଦ୍ର ନାୟକ ଯୋଗଦେଇଥିଲେ । ସମାଜସେବୀ ସୁଜାତା ପାଢ଼ୀ, କରପଡ଼ା ସରପଞ୍ଚ ଅଜୟ ନାୟକ, ଛତ୍ରପୁର ଓକିଲ ସଙ୍ଘ ସଭାପତି ପ୍ରଦୀପ କୁମାର ପାଢ଼ୀ ପ୍ରମୁଖ ମଞ୍ଚାସୀନ ଥିଲେ । ଏହା ୧୮ ତାରିଖ ପର୍ଯ୍ୟନ୍ତ ଚାଲିବ । ଏହି ଅବସରରେ ପ୍ରଥମ ଓ ଦ୍ୱିତୀୟ ସନ୍ଧ୍ୟାରେ ସ୍ୱନାମଧନ୍ୟ କଣ୍ଠଶିଳ୍ପୀ ଓ ନୃତ୍ୟ ଶିଳ୍ପୀଙ୍କ ଧମାଲରେ ପୀଠ ପରିସର ମୁଖରିତ ହୋଇଉଠିଛି । ଏହି ଅବସରରେ ପ୍ରତ୍ୟେକ ଦିନ ଚଣ୍ଡୀପାଠ, ହବନ ଓ ପୂଜାପାଠ ପାରମ୍ପାରିକ ରୀତିନୀତି ଅନୁଯାୟୀ ଭବ୍ୟତାର ସହିତ ଅନୁଷ୍ଠିତ ହେଉଛି । ତା ସାଙ୍ଗକୁ ପ୍ରତ୍ୟେକ ଦିନ ସାଂସ୍କୃତିକ, ଲୋକକଳା, ଲୋକନୃତ୍ୟ ସାଙ୍ଗକୁ ଚଳଚ୍ଚିତ୍ର ଜଗତର ପ୍ରକ୍ଷାତ କଣ୍ଠଶିଳ୍ପୀ ମାନଙ୍କ ଦ୍ୱାରା ସଂଗୀତ ପରିବେଷଣ କରାଯାଉଛି । ସୋମବାର ଠାରୁ ମନ୍ଦିର ସମ୍ମୁଖରେ ଜିଲ୍ଲାସ୍ତରୀୟ ବାଦୀପାଲା ସମ୍ମେଳନୀ ଆରମ୍ଭ ହୋଇଛି । ଶେଷ ଦିବସ ତଥା ମଙ୍ଗଳବାର ଦିନ ମହାକୁମ୍ଭରୁ ଫେରିଥିବା ସାଧୁ ଓ ସନ୍ଥ ମାନଙ୍କୁ ନେଇ ବିଶାଳ ସାଧୁ ସମ୍ମେଳନୀ ଅନୁଷ୍ଠିତ ହେବ ବୋଲି ସୂଚନା ଦିଆଯାଇଛି, ପ୍ରଥମେ ୧୦୮ ସନ୍ଥ ପୂଜନ ଓ ୧ ଲକ୍ଷ ବେଲପତ୍ର ସମର୍ପଣ କରାଯିବ, ପ୍ରଥମ ଦିବସରେ କଣ୍ଠଶିଳ୍ପୀ ଗଣେଶ ପଟ୍ଟନାୟକ, ଗାୟିକା ବର୍ଣ୍ଣାଳୀ ହୋତା, ଖ୍ୟାତାନାମା କଣ୍ଠ ଶିଳ୍ପୀ ମେଗାମଞ୍ଚରେ ସଙ୍ଗୀତ ପରିବେଷଣ କରି ଭକ୍ତଙ୍କୁ ବିମୁଗ୍ଧ କରି ଦେଇଥିଲେ । କାର୍ଯ୍ୟକ୍ରମ ମୁଖ୍ୟ ଆବାହକ ତଥା ସଂଯୋଜକ କମଳ କୁମାର ପଣ୍ଡା, ଟ୍ରଷ୍ଟି ମଞ୍ଜୁଳା ପଣ୍ଡା, ଜ୍ୟୋତିଷ ବିଶାରଦ ଦୀପକ ଦାସ୍, ଦିବାକର ନାୟକ, ରାମଚଣ୍ଡୀ ମନ୍ଦିର ପୂଜା କମିଟି ସମ୍ପାଦକ ମହାରାଜ କୃଷ୍ଣ ଚନ୍ଦ୍ର ନାୟକ, ଗଙ୍ଗାଧର ଶତପଥୀ, ଆଇନଜୀବୀ ପ୍ରଦୀପ କୁମାର ପାଢ଼ୀ ପ୍ରମୁଖ ମଞ୍ଚାସୀନ ଥିଲେ । ମନ୍ଦିର କମିଟି, ପୂଜା କମିଟି, ଟ୍ରଷ୍ଟ ସଭ୍ୟ ଓ ଶ୍ରଦ୍ଧାଳୁ ଭକ୍ତ ସକ୍ରୀୟ ସହଯୋଗ କରିଥିଲେ ।

## ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରର ବାର୍ଷିକୋତ୍ସବ

ଭାପୁର (ଭାସ୍କର ନ୍ୟୁଜ୍) : ଭାପୁର ବ୍ଲକ ସଦର ମହକୁମା ସ୍ଥିତ ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରର ୧୫ତମ ବାର୍ଷିକ ଉତ୍ସବ ଶନିବାର ଦିନ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି । ବିଦ୍ୟାଳୟର ଅଧକ୍ଷ ବିରଞ୍ଚି ନାରାୟଣ ସାହୁଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ମୁଖ୍ୟ ଅତିଥି ଭାବେ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ନିରଞ୍ଜନ ଆଚାର୍ଯ୍ୟ ଯୋଗ ଦେଇଥିବା ବେଳେ ମୁଖ୍ୟବକ୍ତା ଭାବେ ଅବସରପ୍ରାପ୍ତ ଅଧାପକ ଡ. ପବିତ୍ର କୁମାର ସୁବୁଦ୍ଧି, ସମ୍ମାନୀତ ଅତିଥି ଭାବେ ପ୍ରହଲ୍ଲାଦ ଉଚ୍ଚ ମାଧମିକ ବିଦ୍ୟାଳୟର ଅଧକ୍ଷ ରବୀନ୍ଦ୍ର କୁମାର ମଲ୍ଲ ପ୍ରମୁଖ ଉପସ୍ଥିତ ଥିଲେ । ଉକ୍ତ କାର୍ଯ୍ୟକ୍ରମରେ ଛୋଟ ଛୋଟ ଶିଶୁମାନଙ୍କ ମଧ୍ୟରେ ଥିବା ଅନ୍ତର୍ନିହିତ ଗୁଣଗୁଡିକ ବିକଶିତ ହୋଇପାରିବ ବୋଲି ମଞ୍ଚାସିନ ଅତିଥି ମାନେ ଅଭିଭାଷଣରେ କହିଥିଲେ । ବିଭିନ୍ନ ବିଭାଗରେ କୃତିତ୍ୱ ହାସଲ କରିଥିବା ଛାତ୍ରଛାତ୍ରୀମାନଙ୍କୁ ମାନପତ୍ର ସହ ଟ୍ରଫି ପ୍ରଦାନ କରି ଅତିଥିମାନେ ପୁରସ୍କୃତ କରିଥିଲେ । ଆୟୋଜିତ ସଭାରେ ଶିକ୍ଷକ ଗୋଲକ ପ୍ରଧାନ ସଂଯୋଜନା କରିଥିବା ବେଳେ ବିଦ୍ୟାଳୟର ଅପା ପ୍ରତିଭା ସାହୁ ଧନ୍ୟବାଦ ଦେଇଥିଲେ । ବିଦ୍ୟାଳୟ ଅପା ଓ ଭାଇମାନେ ସହଯୋଗ କରିଥିବା ବେଳେ କୁନି କୁନି ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା ।

# କୋରେଇରେ ମିଳିତ ଅଭିଯୋଗ ଶୁଣାଣି ଶିବିର

କୋରେଇ (ଭାସ୍କର ନ୍ୟୁଜ୍) : ଆଜି କୋରେଇ ସଭା ଗୃହରେ କୋରେଇ ବିଡ଼ିଓ ଅବନୀକାନ୍ତ ସାହୁଙ୍କ ତତ୍ତ୍ୱାବଧାନରେ ଏକ ମିଳିତ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି । ଏହି ଶିବିର ଯାଜପୁର ଜିଲ୍ଲାପାଳ ପି ଅନ୍ୱେଷା ରେଡି, କଳିଙ୍ଗ ନଗର ଏଡିଏମ୍ ସପନ ନନ୍ଦ, ବ୍ୟାସନଗର ତହସିଲଦାର ଦେବାଶିଷ ରାଉତ ଯୋଗ ଦେଇଥିବା ବେଳେ ଯାଜପୁର ଆରକ୍ଷୀ ଅଧୀକ୍ଷକ ଯସପ୍ରୀତି ଶ୍ରୀମଲ ଅନୁପସ୍ଥିତରେ ଅଭିଯୋଗ ଶୁଣାଣି ଶିବିର ଆରମ୍ଭ ହୋଇଥିଲା । ଏଥିରେ କୋରେଇର ଶିକ୍ଷା, ସ୍ୱାସ୍ଥ୍ୟ, ପାନୀୟ ଜଳ, ପରିମଳ, ଯୋଗାଣ ବିଭାଗ, ଉଦ୍ୟାନ ବିଭାଗ, ଅବକାରୀ ବିଭାଗ, ମହିଳା ଶିଶୁ ବିକାଶ ବିଭାଗ,



ଗ୍ରାମୀଣ ବିକାଶ ବିଭାଗ, ପୂର୍ତ୍ତ ବିଭାଗ, ସାଧାରଣ ପ୍ରଶାସନ ବିଭାଗର ଅଧିକାରୀମାନେ ଯୋଗ ଦେଇଥିଲେ । ଆଜିର ଶିବିରରେ ମୋଟ ୭୨ଟି ଅଭିଯୋଗ ଆସିଥିବା ବେଳେ ବ୍ୟକ୍ତିଗତ ଅଭିଯୋଗ ୩୬ଟି ଓ ସାମୂହିକ ଅଭିଯୋଗ ୫ଟି ହୋଇଥିବା ବେଳେ ମୁଖ୍ୟମନ୍ତ୍ରୀ ରିଲିଫ ପାଇଁ ୩୧ଜଣ ଆବେଦନ କରିଥିଲେ । ତନ୍ମଧ୍ୟରୁ ୪୦ଟି ଅଭିଯୋଗର ତତ୍କାଳ ସମାଧାନ ହୋଇଥିବା ବେଳେ ଅନ୍ୟସବୁ ଅଭିଯୋଗ ବିଚାରଧୀନ ଅଛି । ସାମୂହିକ ଅଭିଯୋଗ ମଧ୍ୟରୁ ଉତ୍ତର ଖଜିରା ଉଚ୍ଚ ପ୍ରାଥମିକ ବିଦ୍ୟାଳୟକୁ ସମ୍ପୂର୍ଣ୍ଣ ଖୋଲିବା ଲାଗି ଗତ ଜନ ଶୁଣାଣିରେ ଦେଇଥିଲେ ମଧ ତାହାର କିଛି ସୁଫଳ ମିଳିନଥିବାରୁ ପୁଣି ଗ୍ରାମବାସୀ ଜିଲ୍ଲାପାଳ ମହୋଦୟାଙ୍କୁ ଲିଖିତ ଆକାରରେ ଅଭିଯୋଗ ଦେଇଥିଲେ । ଏହାକୁ ଗମ୍ଭୀରତାର ସହ ନେଇ ଜିଲ୍ଲାପାଳ ମହୋଦୟା ଅତିରିକ୍ତ ଶିକ୍ଷା ଅଧିକାରୀଙ୍କ ଉପରେ ବିରକ୍ତି ପ୍ରକାଶ କରିବା ସହିତ ସେମାନଙ୍କ ସମସ୍ୟା ଶୀଘ୍ର ବୁଝିବାକୁ କହିଥିଲେ । ଅନ୍ୟ ଏକ ଅଭିଯୋଗ ମୁତାବକ କୋରେଇ ବ୍ଲକ ଅଧ୍ୟକ୍ଷାଙ୍କ ସହିତ କିଛି ପିଆରଆଇ ମେମ୍ବରମାନେ ବିଗତ ବର୍ଷରେ ହୋଇଥିବା କାମର ବିଲ୍ ମିଳୁନଥିବା ଅଭିଯୋଗ ଜିଲ୍ଲାପାଳଙ୍କ ନିକଟରେ କରିଥିଲେ । ଜିଲ୍ଲାପାଳ ଅଭିଯୋଗର ସମ୍ବେଦନ ଶିଳତାକୁ ଲକ୍ଷ୍ୟ କରି ଯେଉଁ କାମର ବିଲ୍ ହୋଇନାହିଁ, ସେସବୁ କାମକୁ ଭଲ ଭାବରେ ଅନୁଧ୍ୟାନ କରିବା ସହିତ ଦରକାର ପଡିଲେ କାମ ଦେଖି ଏହାର ବିଲ ପୈଠ କରିବାକୁ ନିର୍ଦ୍ଦେଶ ଦେଲେ । ଆଜିର ଶୁଣାଣି ଶିବିରରେ ଏକ ବ୍ୟତିକ୍ରମ ଦେଖା ଯାଇଥିଲା । ଏହି ଶିବିରକୁ ଜିଲ୍ଲାପାଳ ପ୍ରଥମେ ଆସିଥିବା ବେଳେ ସବୁ ବିଭାଗର ଅଧିକାରୀ ବିଳମ୍ବରେ ଅସୁଥିବା ଦେଖିବାକୁ ମିଳିଥିଲା । ଏଥିରୁ ସ୍ପଷ୍ଟ ଅନୁମେୟ କି ଅଭିଯୋଗ ଶୁଣିବାକୁ ଜିଲ୍ଲାପାଳ ଯେତେ ତତ୍ପର ବ୍ଲକ ପ୍ରଶାସନ ଓ ସମସ୍ତ ବିଭାଗର ଅଧିକାରୀ ମାନେ ସେତେ ତତ୍ପର ନୁହେଁ । ଆଜିର ଶିବିରକୁ କୋରେଇ ଥାନାର ଭାରପ୍ରାପ୍ତ ଅଧିକାରୀ ରାକେଶ କୁମାର ତ୍ରିପାଠୀ ଓ ଅନ୍ୟାନ୍ୟ ପୋଲିସ ଅଧିକାରୀମାନେ ଶୃଙ୍ଖଳାର ସହିତ ପରିଚାଳନା କରିଥିଲେ ।

# ଦୃଷ୍ଟିହୀନଙ୍କ ଭଜନ ସନ୍ଧ୍ୟା




କେନ୍ଦୁଝର, (ଭାସ୍କର ନ୍ୟୁଜ୍) : ମା' କାଳୀପୂଜା କମିଟି ଟେଲିଫୋନ ଏକ୍ସଚେଞ୍ଜ ଛକ ପକ୍ଷରୁ ମା' ବ୍ରାହ୍ମଣୀ ଦେବୀ ଦୃଷ୍ଟିହୀନ ଭଜନ ସନ୍ଧ୍ୟା ଅନୁଷ୍ଠିତ ହୋଇଯାଇଛି । କମିଟିର ବରିଷ୍ଠ ସଦସ୍ୟ ସତ୍ୟନାରାୟଣ ସାହୁ ଓ ସୁରେଶ ଚନ୍ଦ୍ର ରାଉତଙ୍କ ସଂଯୋଜନାରେ ଦୃଷ୍ଟିହୀନ କିଛି କଳାକାରଙ୍କୁ ନେଇ ଏହି ଭଜନ ସଂନ୍ଧ୍ୟା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ମା' ବ୍ରାହ୍ମଣୀ ଦେବୀ ଦୃଷ୍ଟିହୀନ ଭଜନ ସଂନ୍ଧ୍ୟାର ସଂପାଦକ ସିଦ୍ଧାନ୍ତ ନାୟକ ନିଜେ ଉପସ୍ଥିତ ରହି ତାଙ୍କ ଅନୁଷ୍ଠାନର ୫ ଜଣ କଳାକାର ସନ୍ତୋଷ ବାରିକ, ଚନ୍ଦନ ପାଣିଗ୍ରାହୀ, ଯୋଗେଶ୍ୱର ହାଂସଦା ଓ ଚିତା ମୁର୍ମୁଙ୍କୁ ନେଇ ଏହି କାର୍ଯ୍ୟକ୍ରମ ଆୟୋଜନ କରିଥିଲେ । ଶହ ଶହ ଜନସାଧାରଣ ଦୃଷ୍ଟିହୀନ କଳାକାରଙ୍କ ଭଜନ ଶୁଣି ଆନନ୍ଦ ଉଠାଇଥିଲେ । ଭୁବନେଶ୍ୱରର ଭରତପୁରରୁ ଆସିଥିବା ଏହି କଳାକାରଙ୍କ କଳାକୁ ଉପସ୍ଥିତ ଜନସାଧାରଣ ଭୂୟସୀ ପ୍ରଶଂସା କରିଥିଲେ ।

# ଜଳିଗଲା ପାଳଗଦା

ଉମରକୋଟ, (ଭାସ୍କର ନ୍ୟୁଜ୍) : ଗୋରୁ ଖାଇବା ପାଇଁ ରଖାଯାଇଥିବା ପାଳଗଦାରେ ଲାଗିଲା ନିଆଁ । ଏଭଳି ଏକ ଘଟଣା ଦେଖିବାକୁ ମିଳିଛି ନବରଙ୍ଗପୁର ଜିଲ୍ଲା ଉମରକୋଟ ବ୍ଲକ ଅନ୍ତର୍ଗତ ସେମଳା ପଞ୍ଚାୟତର ବଡ ବାସିନି ଗ୍ରାମରେ । ଖବର ପାଇ ଘଟଣାସ୍ଥଳରେ ଅଗ୍ନିଶମ ବିଭାଗର ଅଗ୍ନିଶମ ଅଧିକାରୀ ଭାଗିରଥି ବାଣୁଆ, ଆଗ୍ନିକ ରଘୁନନ୍ଦନ ଦାସ, ଦଶରଥ ସାହୁ ଓ ଶଙ୍କର ମାଝୀ ପହଞ୍ଚି ଘଣ୍ଟାଏ କାଳ ପରିଶ୍ରମ କରି ନିଆଁକୁ ଆୟତ୍ତ କରିଥିଲେ । ନିଆଁ କିଭଳି ଲାଗିଲା ତାହା ଜାଣିନଥିବା ଦୁଃଖରେ ପ୍ରକାଶ କରିଛନ୍ତି ଚୈତନ୍ୟ ଗଣ୍ଡ । କାରଣ ବର୍ଷସାରା ଗୋରୁମାନଙ୍କ ଖାଇବାକୁ ଦେବା ପାଇଁ ରଖାଯାଇଥିବା ପାଳ ନିଆଁ ଲାଗି ନଷ୍ଟ ହୋଇଯାଇଛି ।

# ଜିଲ୍ଲାପାଳଙ୍କ ଯୁଗ୍ମଜନ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ

କୋଷାଗୁମୁଡ଼ା (ଭାସ୍କର ନ୍ୟୁଜ୍) : ସୋମବାର ଦିନ ନବରଙ୍ଗପୁର ଜିଲ୍ଲାପାଳଙ୍କ ଉପସ୍ଥିତିରେ ଯୁଗ୍ମଜନ ଅଭିଯୋଗ ଶୁଣାଣି ଶିବିର କୋଷାଗୁମୁଡା ବ୍ଲକର ମିନି ସମ୍ମିଳନୀ କକ୍ଷ ଠାରେ ଅନୁଷ୍ଠିତ ହୋଇଯାଇଛି । ଏହି ଅଭିଯୋଗ ଶିବିରରେ ଉପସ୍ଥିତ ରହି ଜିଲ୍ଲାପାଳ ଡ଼. ଶୁଭଙ୍କର ମହାପାତ୍ର ଜନସାଧାରଣଙ୍କ ବିଭିନ୍ନ ଆପତ୍ତି ଅଭିଯୋଗର ଶୁଣାଣି କରିଥିଲେ । ବିଭାଗୀୟ ଅଧିକାରୀମାନେ ଏହି ଅଭିଯୋଗ ଗୁଡିକ ଯାଞ୍ଚ କରି ଓ ଯେଉଁମାନେ ଯୋଗ୍ୟ ଅଛନ୍ତି ସେମାନଙ୍କର ଯଥାସମ୍ଭବ ସମସ୍ୟାର ସମାଧାନ କରାଯିବ ବୋଲି ଜିଲ୍ଲାପାଳ ପ୍ରକାଶ କରିଥିଲେ । କୋଷାଗୁମୁଡା ବ୍ଲକ ହେଉଛି ଉପାନ୍ତ ବ୍ଲକ ସେଥିପାଇଁ ଏଠାରେ ବହୁ ସମସ୍ୟାର ସମ୍ମୁଖୀନ ହୋଇଥାନ୍ତି ଏଠାକାର ଲୋକେ । ଆଜି ମୋଟ ୩୪ଟି ଅଭିଯୋଗ ପଞ୍ଜୀକୃତ




ହୋଇଥିଲା । ସେଥିମଧ୍ୟରୁ ଗୋଷ୍ଠୀଗତ ୧୩ ଗୋଟି, ବ୍ୟକ୍ତିଗତ ସମସ୍ୟା ସମ୍ପର୍କୀୟ ୨୧ଗୋଟି, ଅଭିଯୋଗର ଶୁଣାଣି କରାଯାଇଥିଲା । କୋଷାଗୁମୁଡା ଠାରେ କଲର୍ଭଟ ନିର୍ମାଣ, ସାମ୍ବାଦିକ ସଙ୍ଘର ଗୃହ ନିର୍ମାଣ ନିମନ୍ତେ ଜମି ଚିହ୍ନଟ ଆଦି ଅଭିଯୋଗ କରାଯାଇଥିଲା । ଏହି ମିଳିତ ଜନ ଅଭିଯୋଗ ଶୁଣାଣି ଶିବିରରେ ନବରଙ୍ଗପୁର ଆରକ୍ଷୀ ଅଧୀକ୍ଷକ ମିହୀର କୁମାର ପଣ୍ଡା, ଉପଜିଲ୍ଲାପାଳ ପ୍ରକାଶ କୁମାର ମିଶ୍ର, ଜିଲ୍ଲାପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ବିରଞ୍ଚି ନାରାୟଣ ଦରୱାନ, ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡା.ସନ୍ତୋଷ କୁମାର ପଣ୍ଡା, ଜିଲ୍ଲା ଆଦିବାସୀ ଉନ୍ନୟନ ସଂସ୍ଥା ପ୍ରକଳ୍ପ ପ୍ରଶାସକ ରାଜେଶ କୁମାର ସାହୁ, ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ପି. ଭି ରମନ ରାଓ, ଭାରପ୍ରାପ୍ତ ଜିଲ୍ଲା ପଞ୍ଚାୟତ ଅଧିକାରୀ ପଦ୍ମନାଭ ତ୍ରିପାଠୀ, ଜିଲ୍ଲା ମଙ୍ଗଳ ଅଧିକାରୀ ପାଲକା ରବୀନ୍ଦ୍ର, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ସୁଧାଂଶୁ ପାତ୍ର, ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀ ଦ୍ରୌପଦୀ କହଁର, ଜଳ ବିଭାଜିକା ପ୍ରକଳ୍ପ ନିର୍ଦ୍ଦେଶକ ଚକ୍ରଧର ମିଶ୍ର, ଜଳ ଓ ପରିମଳ ବିଭାଗ ନିର୍ବାହୀ ଯନ୍ତ୍ରୀ ପ୍ରତୀକ କୁମାର ରାଉତ, ଅତିରିକ୍ତ ଜିଲ୍ଲା ମୁଖ୍ୟ ପ୍ରାଣୀ ଚିକିତ୍ସାଧିକାରୀ ଡା. ଦିଲ୍ଲିପ କୁମାର କବିରାଜ, ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ରେଶମଲାଲ ନାୟକ, ବ୍ଲକ ଚେୟାରମ୍ୟାନ-ସର୍ବେଶ୍ୱରୀ ମାଝୀ, କୋଷାଗୁମୁଡା ଗୋଷ୍ଠୀ ଉନ୍ନୟନ ଅଧିକାରୀ ଆଶିଷ ତ୍ରିପାଠୀ, ତହସିଲଦାର ସୁବ୍ରତ ବେହେରା, ରେଞ୍ଜର ପୂର୍ଣ୍ଣଚନ୍ଦ୍ର ନନ୍ଦ, ଥାନାଧିକାରୀ ଉମେଶ ଚନ୍ଦ୍ର ନାୟକ, ଆରଡବ୍ଲ୍ୟୁଏସ୍ଏସ୍ ଏଇ ଅମରେଶ ନାୟକ, ବ୍ଲକ ଏଇ ଅଶ୍ୱିନୀ ପଟ୍ଟନାୟକ, ସିଡିପିଓ-ଯମୁନା ଭତ୍ରା, ଆରଡ଼ି ଜେଇ-ଭବାନୀ ଶଙ୍କର ଭୋଇ, ଆଇଟିଡି ଏ ଜେଇ-ତପନ ସିଂ, ପିଡବ୍ଲ୍ୟୁ ଜେଇ-ରଶ୍ମିରଞ୍ଜନ ସେଠୀ, ବିଇଓ- ସୁପ୍ରିୟା ନାୟକ, ଏବିଇଓ ଦିଗାମ୍ବର ହରିଜନ, ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରୀ ଆଦିତ୍ୟ ବେହେରା ପ୍ରମୁଖ ଉପସ୍ଥିତ ରହିଥିଲେ ।

## ବିଦ୍ୟୁତ୍ ସର୍ଟ ସର୍କିଟରୁ ଅଗ୍ନିକାଣ୍ଡ

ଭାପୁର (ଭାସ୍କର ନ୍ୟୁଜ୍) : ରବିବାର ବିଳମ୍ବିତ ରାତିରେ ବିଦ୍ୟୁତ୍ ସର୍ଟ ସର୍କିଟରୁ ଅଗ୍ନିକାଣ୍ଡ ଘଟି ଭାପୁର ବ୍ଲକ ରାକମା ପଞ୍ଚାୟତ ଆଡିପଡା ଗ୍ରାମ ୩ ଜଣଙ୍କର ୪ ବଖରା ଘରୁ ଲକ୍ଷାଧିକ ଟଙ୍କାର ଆସବାବପତ୍ର ପୋଡି ପାଉଁଶ ହୋଇଯାଇଛି । ଗୁଣ୍ଡୁଚି ସାହୁଙ୍କର ୨ ବଖରା, ଅଲେଖ ସାହୁଙ୍କର ୧ ବଖରା ଏବଂ ବଳରାମ ସାହୁଙ୍କର ୧ ବଖରା ଘରେ ଥିବା ଧାନ ଚାଉଳ ସହିତ ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀ ପୋଡ଼ିଯାଇ ଥିବାରୁ ୩ଟି ପରିବାର ବେସାହାରା ହୋଇପଡିଛନ୍ତି । ଖବର ପାଇ ଅଗ୍ନିଶମ ବାହନୀ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ କରିଥିଲା ।

# ପନକା ସମାଜର ବୈଠକ

ଉମରକୋଟ, (ଭାସ୍କର ନ୍ୟୁଜ୍): ଧଡ୍ରା ଗ୍ରାମ (ଭିମାଗୁଡା) ଠାରେ ସୁବାସ ପନକାଙ୍କ ସଭାପତିତ୍ୱରେ ନବରଙ୍ଗପୁର ଜିଲ୍ଲାର ପନକା ସମାଜର ଗୋଟିଏ ଜିଲ୍ଲାସ୍ତରୀୟ କାର୍ଯ୍ୟ କାରିଣୀ ବୈଠକ ଆୟୋଜନ କରାଯାଇଥିଲା । ଏଥିରେ ମୁଖ୍ୟଅତିଥି ରୂପେ ଯୋଗଦେଇ ଥିଲେ ଜିଲ୍ଲା ଜନଜାତି ବିକାଶ ପରିଷଦର ଜିଲ୍ଲା ସଭାପତି ଦଲସାଏ ସମରଥ, କୋଷାଗୁମୁଡା ବ୍ଲକର ଧନଜିତ୍ ସମରଥ, ଝରିଗାଁ ବ୍ଲକର ବନସିଂ ଧର ପନକା, ଲକ୍ଷ୍ମୀ ନାରାୟଣ ସୁନା, ଝାରସେମଲାରୁ କମଲ ସାଏ ପନକା, ପତିରାମ ପନକା, ବେଲଝରିରୁ ଶ୍ରୀଚୈତନ୍ୟ ପନକା, ଝାଡ଼ାଗୁଡାରୁ ଶ୍ରୀଜଗଦିଶ ମାନିକପୁରି, ଅତିଥି ମାନେ ସମାଜର ଶିକ୍ଷା, କୁସଂସ୍କାର, ବାଲ୍ୟ ବିବାହ, ମଦ୍ୟ ପାନରୁ ଦୁର, ଅନ୍ଧବିଶ୍ୱାସର ଦୂରିକରଣ, ପୁଅକୁ ୨୨ବର୍ଷ ଓ ଝିଅଙ୍କୁ ୧୮ବର୍ଷ ହେଲେ ସେମାନଙ୍କୁ ନିଜ ସମାଜରେ ବିଭା କରିବା, ସରକାରଙ୍କର ଯୋଜନା ଗୁଡିକ ଯେପରିକି ନିଜ ଜାତିରେ ପାଇବା ବିଷୟରେ ପୁଙ୍ଖାନୁପୁଙ୍ଖ ଭାବରେ ଆଲୋଚନା କରିଥିଲେ । ଜିଲ୍ଲାର ପ୍ରତ୍ୟେକ ବ୍ଲକ ମଧ୍ୟରୁ ଉମରକୋଟ ବ୍ଲକ ବିରସାଡିରୁ ସୁକଚାଦ୍ ପନକା, ଡାବୁଗାଁ ବ୍ଲକରୁ ହରିନାଥ ଦାସ୍, କଷାଗୁମୁଣ୍ଡା ବ୍ଲକ ବାଲେଙ୍ଗାରୁ ଧନପତି ସମରଥ, ଖାଣ୍ଡାପୁରିରୁ ସଭା ସିଂ ମିରିଗାନୀ, ପାପଡାହାଣ୍ଡି ବ୍ଲକର ଛାଲିପିଟାଡଙ୍ଗରାରୁ ଦେବ ମିରିଗାନି, ଝରିଗାଁ ବ୍ଲକ ଏକାମ୍ବାରୁ ପୂର୍ଣ୍ଣପନକା, କରମରିରୁ ଜଗଦିଶ ପନକା, ଡାବୁଗାଁ ବ୍ଲକ ଡଙ୍ଗରିଗୁଡାରୁ ଭରତ କୁମାର ନାୟକ, ଝରିଗାଁ ବ୍ଲକ କେରେଣ୍ଡିମାଲରୁ ଚୈନ ନାୟକ, ନବରଙ୍ଗପୁର ବ୍ଲକର ମନ୍ତ୍ରୀଗୁଡାରୁ ଶ୍ରୀରନର ପନକା, ସମେତ ୧୦ ଗୋଟି ବ୍ଲକର ନାୟକ, ପାଇକ, ସମରଥ ଓ ସମାଜର ମୁଖ୍ୟ ମାନେ ପ୍ରାୟ ଏକ ଶହରୁ ଊର୍ଦ୍ଧ୍ୱ ଯୋଗ ଦେଇଥିଲେ ।

# ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ଏକବିଂଶ ବାର୍ଷିକ ଉତ୍ସବ




ଆଠମଲ୍ଲିକ, (ଭାସ୍କର ନ୍ୟୁଜ୍): ଚଳିତବର୍ଷ ଆଠମଲ୍ଲିକ ଶିଶୁ ବିଦ୍ୟାମନ୍ଦିର ଏକ ବିଂଶତମ ବାର୍ଷିକ ଉତ୍ସବ ପାଳନ ହୋଇଛି । ଏହି ଅବସରରେ ମୁଖ୍ୟଅତିଥି ରୁଦ୍ର ନାରାୟଣ ପାଣି ତଥା ବର୍ତ୍ତମାନର ଢେଙ୍କାନାଳ ସଂସଦ, ମୁଖ୍ୟବକ୍ତା ରାମ କୃଷ୍ଣ ତ୍ରିପାଠୀ ବିଦ୍ୟାଳୟର ସଭାପତି ଆଦିତ୍ୟ ସାହୁ, ସମ୍ପାଦକ ଅଶୋକ କୁମାର ମିଶ୍ର, କୋଷାଧକ୍ଷ ବିପିନ ବିହାରୀ ମହାପାତ୍ର ତଥା ବିଦ୍ୟାଳୟର ସମସ୍ତ ଗୁରୁଜୀ, ଗୁରୁମା, ବିଦ୍ୟାଳୟର ସଭ୍ୟ ବୃନ୍ଦ, ଆଠମଲ୍ଲିକର ସମସ୍ତ ସାମ୍ବାଦିକ, ଅଭିଭାବକ, ବରିଷ୍ଠ ନାଗରିକ ସମୂହ ଉପସ୍ଥିତ ରହି ଉତ୍ସବକୁ ଗୌରବମୟ କରିଥିଲେ । ବିଦ୍ୟାଳୟର ପ୍ରଧାନ ଶିକ୍ଷକ ତରୁଣ କୁମାର ଦାଶ ଉତ୍ସବ ପରିଚାଳନା କରି ସଫଳ କରିଥିଲେ କ୍ଷକୁନି ଛାତ୍ରଛାତ୍ରୀ ମାନେ ବିଭିନ୍ନ ମନୋରଞ୍ଜନ କାର୍ଯ୍ୟକ୍ରମରେ ଭାଗ ନେଇ ଦର୍ଶକ ମାନଙ୍କ ମନ ମୁଗ୍ଧ କରିଥିଲେ ଶିଶୁ ମାନଙ୍କ ଆକର୍ଷଣୀୟ ନୃତ୍ୟ ଗୀତରେ ମଞ୍ଚ ଉତ୍ଫୁଲିତ ହୋଇଥିଲା । ପରିଶେଷରେ ମୁଖ୍ୟ ଅତିଥି ରୁଦ୍ର ପାଣି ବିଦ୍ୟାମନ୍ଦିରର ଛାତ୍ରଛାତ୍ରୀ ମାନେ ଶୀର୍ଷତମ ଦେଶ ଭକ୍ତି ଓ ପ୍ରତିଭା ଦ୍ୱାରା ଦେଶକୁ ଗୌରବାନ୍ୱିତ କରିଛି ଓ କରୁଥିବ ବୋଲି ମତ ଦେଇଥିଲେ ଏବଂ ଶିଶୁ ବିଦ୍ୟାମନ୍ଦିରରେ ଆବଶ୍ୟକ ଥିବା ବିଦ୍ୟାଳୟ ଲାଇବ୍ରେରୀକୁ ପୂରଣ କରିବା ପାଇଁ ପ୍ରତିଶୃତି ଦେଇଥିଲେ ।

# ଲକ୍ଷ୍ମୀ ନୃସିଂହ ସ୍କୁଲରେ ଗୁରୁ ପୂଜନ ଓ ବନ୍ଧୁମିଳନ କାର୍ଯ୍ୟକ୍ରମ



ନିଆଳି (ଭାସ୍କର ନ୍ୟୁଜ୍) : ନିଆଳି ବ୍ଲକ ଦେବୀ କନ୍ଦଳ ଦୀପାଞ୍ଚଳ ଏରଞ୍ଚ ଲକ୍ଷ୍ମୀ ନୃସିଂହ ବିଦ୍ୟାପୀଠର ୨୦୧୪ ମସିହା ମାଟ୍ରିକ ବ୍ୟାଚ୍‌ର ଛାତ୍ରଛାତ୍ରୀଙ୍କ ଦ୍ୱାରା ରବିବାର ଦିନ ଏରଞ୍ଚ ବଟ ଗୋସେଇଁଙ୍କ ପୀଠରେ ଗୁରୁ ପୂଜନ, ବୃକ୍ଷ ରୋପଣ ଓ ବନ୍ଧୁମିଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି ଉପଲକ୍ଷେ ପ୍ରଦୀପ ପ୍ରଜ୍ୱଳନ କରାଯାଇ ଛାତ୍ରଛାତ୍ରୀଙ୍କ ଦ୍ୱାରା ଏରଞ୍ଚ ଲକ୍ଷ୍ମୀ ନୃସିଂହ ବିଦ୍ୟାପୀଠର ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ଗୁରୁ ପୂଜନ କରିବା ସହ ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧନା କରିଥିଲେ । ପରେ ଏକ ସଭା କାର୍ଯ୍ୟକ୍ରମ କରାଯାଇ କିଭଳି ଭାବରେ ବିଦ୍ୟାଳୟର ଉନ୍ନତିକରଣ ହୋଇପାରିବ ସେ ନେଇ ଆଲୋଚନା କରିଥିଲେ । ଏହି କାର୍ଯ୍ୟକ୍ରମରେ ଗୁରୁମାନେ ବର୍ତ୍ତମାନର ସମାଜର ଶିକ୍ଷାର ମୂଲ୍ୟବୋଧ ଅବକ୍ଷୟ ଘଟିଛି । ତୁମେମାନେ ଆମମାନଙ୍କ ଠାରୁ ଗ୍ରହଣ କରିଥିବା ଶିକ୍ଷାକୁ ଆଧାର କେନ୍ଦ୍ର କରି ତୁମ ପିଲାମାନଙ୍କୁ ଏକ ଭଲ ମଣିଷ କରି ଗଢି ତୋଳିବ ବୋଲି କହିଥିଲେ । ଉପସ୍ଥିତ ଥିବା ଛାତ୍ରଛାତ୍ରୀଙ୍କ ମଧ୍ୟରେ ଅମୂଲ୍ୟ ଦୀକ୍ଷିତ, ମଧୁସ୍ମିତା ମହାପାତ୍ର, ସୌମ୍ୟ ରଞ୍ଜନ ସାମଲ, ପ୍ରିୟ ରଂଜନ ସ୍ୱାଇଁ, ସୁଶାନ୍ତ ଭୋଇ, ଅଜିତ ମହାରଣା, ଅନନ୍ତ ନାରାୟଣ ସେନାପତି, ଅଶୋକ କୁମାର ଜେନା, ଅପାରରାଜିତା ପଲେଇ, ବେବିନା ବେହେରା, ବିଭୁ ଭୋଇ, ବିଜୟ କୁମାର ବେହେରା, ବିକାଶ ରଂଜନ ମହାରଣା ।

# ରଙ୍ଗବେରଙ୍ଗ ଫୁଲକୋବି ଗର୍ଭବତୀ ମହିଳାଙ୍କ ପାଇଁ ବେଶ୍ ଉପଯୋଗୀ

ଉମରକୋଟ, (ଭାସ୍କର ନ୍ୟୁଜ୍) : ଉପାନ୍ତ ଅଞ୍ଚଳରେ ଦେଖିବାକୁ ମିଳିଛି ୟୁଟୁବର କମାଲ । ୟୁଟୁବ ଦେଖି ରଙ୍ଗ ବେରଙ୍ଗର ଫୁଲ କୋବି ଚାଷ କରି ଚର୍ଚ୍ଚାରେ କ୍ଷୁଦ୍ର ଚାଷୀ ପଦମନ ମାଳୀ । ଜିଲ୍ଲାରେ ପ୍ରଥମଥର ଦେଖିବାକୁ ମିଳିଛି ରଙ୍ଗ ବେରଙ୍ଗର ଫୁଲକୋବି ଚାଷ । ଏହିଭଳି ଦୃଶ୍ୟ ଦେଖିବାକୁ ମିଳିଛି ନବରଙ୍ଗପୁର ଜିଲ୍ଲା ଝରିଗାଁ ବ୍ଲକ ଅଧୀନ ବିଏସପଦର ଗ୍ରାମରେ । ବାଇଗଣୀ ଓ ହଳଦିଆ ରଙ୍ଗର କୋବିରେ ହସୁଛି କ୍ଷେତ । ଏହି କୋବି ଚାଷକୁ ଦେଖିଲେ ଲାଗୁଛି ସତେ ଯେମିତି, ରଙ୍ଗ ବେରଙ୍ଗର ଫୁଲ ଫୁଟିଛି । ପରିବା ଭିତରେ ଫୁଲକୋବି କହିଲେ ଆମ୍ଭେମାନେ କେବଳ ଧଳା ଫୁଲକୋବି ହିଁ ଜାଣିଥାଉ । କିନ୍ତୁ ନବରଙ୍ଗପୁର ଜିଲ୍ଲା ଝରିଗାଁ ବ୍ଲକର ବିଏସପଦର ଗ୍ରାମରେ ଗୋଟିଏ ଏକରରୁ ଦେଢ ଏକର ଜମିରେ ଲାଗିଛି ରଙ୍ଗିନ କୋବି । ଏହି କଲର କୋବିକୁ ଦେଖିବା ପାଇଁ ଚାଷୀଙ୍କ ବାଡ଼ିରେ ଲୋକଙ୍କ ଭିଡ଼ ଜମୁଛି । ବଜାରରେ ଧଳା କୋବି ଅପେକ୍ଷା ରଙ୍ଗିନ୍ କୋବିକୁ କିଣିବା ପାଇଁ ଲୋକଙ୍କ ଭିତରେ ଉତ୍ସାହ ଦେଖିବାକୁ ମିଳୁଛି । ଲୋକଙ୍କ ଚାହିଦାକୁ ନଜରରେ ରଖି ଏହି ଚାଷ ପ୍ରତି ଚାଷୀଙ୍କ ଆଗ୍ରହ ବଢୁଛି । ବିଏସ ପଦର ଗ୍ରାମର ପଦମନ ମାଳି ୟୁଟୁବରୁ ଏହି ଚାଷ ବିଷୟରେ ଜାଣିବାକୁ ପାଇଥିଲେ ଏବଂ ସ୍ଥାନୀୟ ବ୍ୟବସାୟୀଙ୍କୁ କହି ବିହନ ମଞ୍ଜି ଆଣିଥିଲେ ଏବଂ ଚାଷ କରିଥିଲେ ପ୍ରଥମଥର ପାଇଁ ଏହି ପରିବା ଚାଷ କରି ବେଶ ଲାଭ ମଧ ପାଇଛନ୍ତି । ଏହି ରଙ୍ଗବେରଙ୍ଗ ଫୁଲକୋବି ଚାଷରେ ଏକ ଲକ୍ଷରୁ ଦେଢ଼ ଲକ୍ଷ ଟଙ୍କା ରୋଜଗାର କରିବାର ଲକ୍ଷ ରଖିଛନ୍ତି ପଦମନ ମାଳୀ । ଲୋକେ ଏହିଭଳି ରଙ୍ଗବେରଙ୍ଗର କୋବି ଦେଖି ଟିକେ ଆଶ୍ଚର୍ଯ୍ୟ ହେଉଛନ୍ତି କିନ୍ତୁ ତଥାପି ଲୋକେ ଏହାର ଉପକାରୀତାକୁ ବୁଝି ରଙ୍ଗ ବେରଙ୍ଗର ଫୁଲକୋବି କିଣି ନେଉଛନ୍ତି । ସାଧାରଣ ଧଳା କୋବି ଓଜନ ଅପେକ୍ଷା ଏହି କୋବିର ଓଜନ ଅଧିକା ରହୁଛି । ବଜାରରେ ଏବେ ଏହି କୋବି ୫୦ ରୁ ୬୦ ଟଙ୍କାରେ ବିକ୍ରି ହେଉଛି । ଏହି ଫୁଲକୋବି ଫଳିବାକୁ ପ୍ରାୟ



୭୦ରୁ ୭୫ଦିନରେ ଲାଗୁଛି । ପ୍ରଥମଥର ଦେଖୁଥିବାରୁ ଲୋକେ ଆଶ୍ଚର୍ଯ୍ୟ ହେଲେ ବି ଆଗାମୀ ଦିନରେ ଭଲ ବ୍ୟବସାୟ ହେବ ବୋଲି ଆଶା କରୁଛନ୍ତି ଏହି ଚାଷୀ । ଏବଂ ଅନ୍ୟ ଚାଷୀଙ୍କୁ ମଧ ରଙ୍ଗବେରଙ୍ଗ ଚାଷ କରିବାକୁ ଉତ୍ସାହିତ କରୁଛନ୍ତି ଏହି କ୍ଷୁଦ୍ର ଚାଷୀ ପଦମନ ମାଳୀ । ଏହି କୋବିରେ ଭିଟାମିନ ରହିଛି, ଘରକୁ ଅନେକ ଥର ନେଇଛି, ପରିବା ବାଡ଼ ମୋ ଘର ପାଖରେ ରହିଛି ତେଣୁ ମୁଁ ଫ୍ରେସ ପରିବା ପାଇଁ ଏଠାକୁ ଆସି ବାରମ୍ବାର ବାଇଗଣୀ ଓ ହଳଦିଆ ଫୁଲକୋବି ନେଇଛି ବୋଲି କହିଛନ୍ତି ଜଣେ ଖାଉଟି ବିଜୟ ଭୂୟାଁ । ପୂର୍ବରୁ ଏହିଭଳି ଚାଷ ଜିଲ୍ଲାରେ କେହି କରି ନଥିଲେ, ଆଉ ଜଣେ ପରିବା ଚାଷୀ ସପନ ମିସ୍ତ୍ରୀ କହିଛନ୍ତି ବଜାରରେ ଏହାର ଚାହିଦା ବେଶ ଅଧିକ ରହିଛି ତେଣୁ ମୁଁ ମଧ ଆଗାମୀ ଦିନରେ ଚାଷ କରିବି । ଏହିଭଳି କୋବି ଜିଲ୍ଲାରେ ପ୍ରଥମଥର ପାଇଁ ଚାଷୀ ଚାଷ କରିଛନ୍ତି ଏହି ଫୁଲକୋବି ଦେହ ପାଇଁ ବେଶ ଉପଯୋଗୀ, ଏଥିରେ ଭିଟାମିନ ସି ଓ କେ ରହିଛି, ଏବଂ ଭରପୁର ନ୍ୟୁଟ୍ରିସନ ରହିଛି । ଏହି ରଙ୍ଗିନ କୋବି ଗର୍ଭବତୀ ମହିଳାଙ୍କ ପାଇଁ ବେଶ ଉପଯୋଗୀ ଏବଂ ଏହି ରଙ୍ଗବେରଙ୍ଗ ଫୁଲକୋବି ଚାଷ ଦେଖି ଅନ୍ୟ ଚାଷୀ ମଧ ଚାଷ କରନ୍ତୁ ବୋଲି କହିଛନ୍ତି ଉଦ୍ୟାନ ବିଭାଗ ଅଧିକାରୀ ସରୋଜ ସେନାପତି ।

# ଭିନ୍ନକ୍ଷମ ମହାସଂଘର ବାର୍ଷିକ ଉତ୍ସବ ଓ ବନ୍ଧୁମିଳନ

ରାୟଗଡ, (ଭାସ୍କର ନ୍ୟୁଜ୍) : ସ୍ଥାନୀୟ ହାଲୁଆ ତୋଟା ଠାରେ ରାୟଗଡ଼ ଭିନ୍ନକ୍ଷମ ମହାସଂଘର ବାର୍ଷିକ ଉତ୍ସବ ଓ ବନ୍ଧୁମିଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ଗଞ୍ଜାମ ଭିନ୍ନକ୍ଷମ ମହାସଂଘର ସଭାପତି ଆନନ୍ଦ ରାଓ ଯୋଗଦାନ କରି ନିଜର ବକ୍ତବ୍ୟରେ ସମବେତ ଭିନ୍ନକ୍ଷମ ମାନଙ୍କୁ ସମ୍ବର୍ଦ୍ଧିତ କରି କହିଲେ ଯେ ଭିନ୍ନକ୍ଷମ ହେଉଛନ୍ତି ସାକ୍ଷାତ ଭଗବାନ । ସେମାନଙ୍କ ମୁହଁରେ ହସ ଫୁଟାଇବା ସମସ୍ତଙ୍କ ଦାୟିତ୍ୱ ତା ସହ ଭିନ୍ନକ୍ଷମ ମାନଙ୍କ ଅଧିକାର ପାଇଁ ଜିଲ୍ଲାର ସମସ୍ତ ଭିନ୍ନକ୍ଷମ ଭାଇଭଉଣୀ ମାନଙ୍କୁ ଏକତ୍ରିତ ହେବା ନିମନ୍ତେ ଆହ୍ୱାନ କରିଥିଲେ । ଏହି ପରୀପ୍ରେକ୍ଷୀରେ ସମ୍ମାନୀତ ଅତିଥି ଭାବେ ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରିଣୀ ପୁଷ୍ପଲତା ଦିକ୍ଷିତ ଯୋଗଦେଇ ତାଙ୍କ ଅଭିଭାଷଣରେ ଉପସ୍ଥିତ ଦିବ୍ୟାଙ୍ଗଙ୍କ ଏକତ୍ରିତ ହେବା




ନିମନ୍ତେ ଆହ୍ୱାନ କରିବା ସମେତ ସରକାରୀ ଯୋଜନାର ଲାଭ ଉଠାଇବା ନିମନ୍ତେ ସଚେତନ କରାଇଥିଲେ । ଉକ୍ତ କାର୍ଯ୍ୟକ୍ରମରେ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ବିଭାଗ ଅଧିକାରୀ ବସନ୍ତ ପ୍ରଧାନ ମଧ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ନିଜର ଅଭିଭାଷଣ ରଖିବା ସହ ଭିନ୍ନକ୍ଷମ ସଶକ୍ତି କରଣ ଓ ସମାବେଶ ସମାଜ ଗଠନ ଉପରେ ଉପସ୍ଥିତ ଭିନ୍ନକ୍ଷମ ମାନଙ୍କୁ ଆଲୋକପାତ କରାଇଥିଲେ । ଏହି କାର୍ଯ୍ୟକର୍ମରେ ଅତିଥି ଭାବେ ଅବସର ପ୍ରାପ୍ତ ବିଶେଷଜ୍ଞ ଶିକ୍ଷା ତଥା ବୁଦ୍ଧିଜୀବୀ ଓ ସମାଜସେବୀ ଭାବେ ପରିଚିତ ଦୁଷ୍ମନ୍ତ କୁମାର ମହାନ୍ତି ଯୋଗଦେଇ ଉପସ୍ଥିତ ଭିନ୍ନକ୍ଷମ ମାନଙ୍କୁ ସେମାନଙ୍କ ଜୀବନର ଉଦ୍ଦେଶ୍ୟ ବିଷୟ ଦିଗଦର୍ଶନ କରିବା ସହ ସେମାନଙ୍କ ପାଖରେ ଏକ ଭିନ୍ନ ପ୍ରକାର ଶକ୍ତି ଥିବା କଥା କହି ଭିନ୍ନକ୍ଷମ ଭାଇଭଉଣୀ ମାନଙ୍କ ମନବଳ ବଢାଇ ଥିଲେ । ଏହି କାର୍ଯ୍ୟକର୍ମରେ ରାୟଗଡ଼ା ଜିଲ୍ଲା କଳା ସଂସ୍କୃତି ସଂଘର ଉପସଭାପତି ସୁପ୍ରିତ୍ ସନ୍ତୋଷ ବଛା ଯୋଗ ଦେଇ ଭିନ୍ନକ୍ଷମ ପ୍ରତିଭା ମାନଙ୍କ ମନୋବଳ ବଢାଇବା ସହ ସେମାନଙ୍କୁ ସଙ୍ଗୀତ ପରିବେଷଣରେ ଅଗ୍ରାଧିକାର ଦିଆଯିବ ବୋଲି ପ୍ରତିଶୃତି ଦେଇଛନ୍ତି । ଏହାପରେ ସଂଘର ତୃଣମୂଳ ସ୍ତରରେ କାର୍ଯ୍ୟ କରୁଥିବା ସଦସ୍ୟ ମାନଙ୍କୁ ସେମାନଙ୍କ କାର୍ଯ୍ୟ ନିମନ୍ତେ ସମ୍ମାନିତ ଉପସ୍ଥିତ ଅତିଥିଙ୍କ ଦ୍ୱାରା କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ଏଗାର ଟି ବ୍ଲକ୍, ମୁନିସିପାଲିଟି ଏନ୍ଏସିରୁ ସମସ୍ତ ଭିନ୍ନକ୍ଷମ ସଦସ୍ୟ ସଦସ୍ୟା ଉପସ୍ଥିତ ରହିଥିଲେ । କାର୍ଯ୍ୟକ୍ରମର ଶେଷରେ ସଂଘର ସଭାପତି ଶିଶିର ରାଉଳ ଓ ସମ୍ପାଦକ ଅମରେନ୍ଦ୍ର ନାଥ ଉପସ୍ଥିତ ଅତିଥି, ଉପସ୍ଥିତ ଗଣମାଧ୍ୟମ ପ୍ରତିନିଧି ଓ ଉପସ୍ଥିତ ଭିନ୍ନକ୍ଷମ ଭାଇଭଉଣୀ ମାନଙ୍କୁ ଧନ୍ୟବାଦ୍ ଜ୍ଞାପନ କରି ସଭା ସାଙ୍ଗ କରିଥିଲେ ।



କଟକ(ଭାସ୍କର ନ୍ୟୁଜ୍): ଆସନ୍ତା ମାର୍ଚ୍ଚ ୮ ତାରିଖରେ ଓଡ଼ିଶା ହାଇକୋର୍ଟ ସମେତ ସମେତ କଟକ ଜିଲ୍ଲାସ୍ତରୀୟ ସିଭିଲ କୋର୍ଟ ଓ ତାଲୁକସ୍ତରୀୟ ବିଭାଗୀୟ କୋର୍ଟ ପରିସରରେ ୨୦୨୫ ମସିହାର ପ୍ରଥମ ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହେବ। ଏହି ରାଷ୍ଟ୍ରୀୟ ଲୋକ ଅଦାଲତରେ ପ୍ରାୟ ସମସ୍ତ ପ୍ରକାରର ପ୍ରାକ ବିଚାରଧୀନ ମକଦ୍ଦମା ଯଥା ଦେଓ୍ୱାନୀ ଓ ଫୌଜଦାରି(ସାଲିସ ଯୋଗ୍ୟ), ମୋଟର ଦୁର୍ଘଟଣା, ଶ୍ରମ ବିବାଦ, ଜମିଅଧିଗ୍ରହଣ, କ୍ଷତିପୂରଣ, ପାରିବାରିକ ସମସ୍ୟା, ଚେକ ବାଉନ୍ସ ମାମଲା ଇତ୍ୟାଦିର ଆପୋଷ ସହମତିରେ ସମାଧାନ କରାଯାଇପାରିବ । କେବଳ ବିଚାରଧୀନ ମାମଲା ନୁହେଁ ପ୍ରାକ ମକଦ୍ଦମାସ୍ତରୀୟ (କଚେରୀରେ ଦାୟର ହୋଇନଥିବା) ବ୍ୟାଙ୍କ ଋଣ ବିବାଦ, ଶ୍ରମ ବିବାଦ, ଚେକ ବାଉନ୍ସ, ପାରିବାରିକ ବିବାଦ ଇତ୍ୟାଦିର ମଧ୍ୟ ସମାଧାନ ଏହି ରାଷ୍ଟ୍ରୀୟ ଲୋକ ଅଦାଲତରେ ହୋଇପାରିବ । ଯଦି କୌଣସି ବିଚାରଧୀନ ମକଦ୍ଦମାର ସମାଧାନ ଲୋକ ଅଦାଲତ ମାଧ୍ୟମରେ ହୁଏ, ଆଗରୁ ପଇଠ ହୋଇଥିବା କୋର୍ଟ ଫି ଫେରସ୍ତ ହୋଇପାରିବ। ଦୀର୍ଘଦିନ ଧରି ଚାଲୁ ରହିଥିବା ମକଦ୍ଦମାର ସହଜ ସମାଧାନ ତଥା ଆର୍ଥିକ ଖର୍ଚ୍ଚ ଓ ସମୟ ଅପଚୟରୁ ନିସ୍ତାର ନିମନ୍ତେ ଜନସାଧାରଣଙ୍କ ପାଇଁ ଏହା ଏକ ସୁବର୍ଣ୍ଣ ସୁଯୋଗ । ଲୋକ ଅଦାଲତରେ ମକଦ୍ଦମା ତଥା ବିବାଦର ସମାଧାନ ପାଇଁ କୌଣସି ଆର୍ଥିକ ଖର୍ଚ୍ଚ ପଡେ ନାହିଁ ଏବଂ ଲୋକ ଅଦାଲତର ରାୟ ବୈଧ ଓ ଚୂଡାନ୍ତ ଏବଂ ଅମଳଯୋଗ୍ୟ ଅଟେ । ବିସ୍ତୃତ ସୂଚନା ନିମନ୍ତେ ଜିଲ୍ଲା ବା ତାଲୁକସ୍ତରୀୟ ଆଇନସେବା କାର୍ଯ୍ୟାଳୟ ସହ ଯୋଗସୂତ୍ର ରକ୍ଷା କରିପାରିବେ କିମ୍ବା କଟକ ଜିଲ୍ଲା ଆଇନସେବା ପ୍ରାଧିକରଣ ପକ୍ଷରୁ ସୂଚାଇ ଦିଆଯାଇଛି ।



# ଲୋକକଲ୍ୟାଣକାରୀ ବଜେଟ୍: ବିକାଶମୂଳକ ଦୂରଦୃଷ୍ଟିର ପ୍ରତିଫଳନ



ରାଜଭବନଠାରେ ମହାମହିମ ରାଜ୍ୟପାଳ ଡକ୍ଟର ହରିବାବୁ କମ୍ଭମପାଟିଙ୍କୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ୨୦୨୫-୨୬ ଆର୍ଥିକ ବର୍ଷର ବଜେଟ୍ କପି ପ୍ରଦାନ କରୁଛନ୍ତି ।

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଓଡ଼ିଶାର ପ୍ରଗତି, ସବୁ କ୍ଷେତ୍ରର ଉନ୍ନତି ତଥା ସମସ୍ତ ନାଗରିକଙ୍କ କଲ୍ୟାଣକୁ ଦୃଷ୍ଟିରେ ରଖି ଚଳିତବର୍ଷ ୨ ଲକ୍ଷ ୯୦ ହଜାର କୋଟି ଟଙ୍କାର ବଜେଟ୍ ଉପସ୍ଥାପନ କରିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ । ଏହି ଲୋକକଲ୍ୟାଣକାରୀ ବଜେଟ୍ ଡବଲ ଇଞ୍ଜିନ ସରକାରର ବିକାଶମୂଳକ ଦୂରଦୃଷ୍ଟିର ପ୍ରତିଫଳନ । ଆଜିର ବଜେଟରୁ ରାଜ୍ୟର ଗରିବ, ଚାଷୀ, ମହିଳା, ଯୁବ, ଅନୁସୂଚିତ ଜାତି, ଅନୁସୂଚିତ ଜନଜାତି ଓ ବଞ୍ଚିତ ବର୍ଗର ଲୋକମାନେ ବିଶେଷ ଭାବେ ଉପକୃତ ହେବେ । ଗାଁରୁ ସହର ପର୍ଯ୍ୟନ୍ତ ପ୍ରତ୍ୟେକ କ୍ଷେତ୍ରର ବିକାଶ ହେବ । ଶିକ୍ଷା, ଦକ୍ଷତା ବିକାଶ, ସ୍ୱାସ୍ଥ୍ୟସେବା, ଖାଦ୍ୟ ସୁରକ୍ଷା, କ୍ରୀଡ଼ା, ସାମାଜିକ ଓ ଯୋଗାଯୋଗ କ୍ଷେତ୍ରରେ ଓଡ଼ିଶାର ଭବିଷ୍ୟତକୁ ସୁଦୃଢ଼ କରିବ । ଏହି ବଜେଟ୍ ପ୍ରଧାନମନ୍ତ୍ରୀଙ୍କ 'ସବକା ସାଥ୍, ସବକା ବିକାଶ'ର ସଂକଳ୍ପକୁ ସାକାର କରିବ । ଚଳିତ ବଜେଟରୁ ରାଜ୍ୟରେ ସଡକପଥ, ରେଳ, ବିମାନ ବନ୍ଦର, ଶିଳ୍ପ ଓ ଆନୁଷଙ୍ଗିକ ଭିତ୍ତିଭୂମି ସୁଦୃଢ ହେବ । ଚଳିତ ଆର୍ଥିକ ବର୍ଷ ପାଇଁ ସ୍ୱାସ୍ଥ୍ୟ କ୍ଷେତ୍ରରେ ୨୩,୬୩୫ କୋଟି, ଶିକ୍ଷା କ୍ଷେତ୍ରରେ ୪୧, ୨୭୩ କୋଟି, ସାମାଜିକ ସୁରକ୍ଷା କ୍ଷେତ୍ରରେ ୨୪,୨୫୦ କୋଟି, ମହିଳାଙ୍କ ବିକାଶ ପାଇଁ ୧୭,୯୧୮ କୋଟି, କୃଷି ଓ ଆନୁଷଙ୍ଗିକ କ୍ଷେତ୍ର ପାଇଁ ୩୭,୮୩୮ କୋଟି, ଜଳସେଚନ ଏବଂ ବନ୍ୟା ନିୟନ୍ତ୍ରଣ ପାଇଁ ୧୬,୨୭୩ କୋଟି ଟଙ୍କା, ଗ୍ରାମୀଣ ବିକାଶ ପାଇଁ ୩୯,୨୨୧ କୋଟି ଓ ସହର ବିକାଶ ପାଇଁ ୯୯୮୫ କୋଟି ଓଡ଼ିଶାକୁ ଆର୍ଥିକ ଦୃଷ୍ଟିରୁ ମଜଭୂତ୍ କରିବ । ବିକଶିତ ଓଡ଼ିଶାର ମୂଳଦୁଆ ପକାଇବ । ଏହି ପରିପ୍ରେକ୍ଷୀରେ ସମୃଦ୍ଧ କୃଷକ ଯୋଜନା ପାଇଁ ୬୦୦୦ କୋଟି, ସିଏମ କିଷାନ ପାଇଁ ୨୦୨୦ କୋଟି ଟଙ୍କା ଓ ଜଳସେଚନ ପାଇଁ ଅର୍ଥ ବ୍ୟୟବରାଦ ଚାଷଙ୍କ ଆୟକୁ ବଢାଇବା ସହ ସେମାନଙ୍କୁ ଆତ୍ମନିର୍ଭର କରିବ । ସମଗ୍ର ଶିକ୍ଷା ପାଇଁ ୪୬୮୧ କୋଟି, ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ ଯୋଜନା ପାଇଁ ୨୯୬୦ କୋଟି ଶିକ୍ଷା କ୍ଷେତ୍ରକୁ ଉନ୍ନତି କରିବ । ସୁଭଦ୍ରା ଯୋଜନାରେ ଚଳିତ ୧୦,୧୪୫ କୋଟି ଟଙ୍କା ବ୍ୟୟବରାଦ ଦ୍ୱାରା ଆମର ମାଆ ଭଉଣୀମାନେ ବିଶେଷ ଉପକୃତ ହେବେ । ଓଡ଼ିଶା ପୋଷଣ ମିଶନ ପାଇଁ ୧୦୦ କୋଟି ଟଙ୍କା ବ୍ୟୟବରାଦ ଦ୍ୱାରା ରାଜ୍ୟରେ ଅପପୃଷ୍ଟି ହାର ହ୍ରାସ ପାଇବ । ପର୍ଯ୍ୟଟନ କ୍ଷେତ୍ରରେ ୮୨୦ କୋଟି ଟଙ୍କା ଓଡ଼ିଶାରେ ପର୍ଯ୍ୟଟକ ସୁବିଧା ଓ ପର୍ଯ୍ୟଟନ ଭିତ୍ତିଭୂମିକୁ ସୁଦୃଢ କରିବ । ହୀରାକୁଦ – ଦେବ୍ରିଗଡ- ସମ୍ବଲପୁର ଅଞ୍ଚଳକୁ ସମନ୍ୱିତ ପର୍ଯ୍ୟଟନସ୍ଥଳୀ ଭାବେ ବିକଶିତ କରାଯିବ । ହୀରାକୁଦ ଡ୍ୟାମ୍‌ର ନବୀକରଣ ପାଇଁ ୮୫୦ କୋଟି ବ୍ୟୟ ହେବ । ସେହିପରି ବଜେଟରେ ଉପସ୍ଥାପିତ ହୋଇଥିବା ୧୬ଟି ନୂଆ ଯୋଜନାର ପ୍ରଶଂସା କରି ଶ୍ରୀ ପ୍ରଧାନ କହିଛନ୍ତି ଯେ ଚଳିତ ବଜେଟରେ ଅନ୍ତ୍ୟୋଦୟ ଗୃହ ଯୋଜନା ପାଇଁ ୨୬୦୩ କୋଟି, ସୁଭଦ୍ରା ସୁରକ୍ଷା ଯୋଜନା ପାଇଁ ୧୫୩ କୋଟି, ଶହୀଦ ଲକ୍ଷ୍ମଣ ନାଏକ ଆଦର୍ଶ ବିଦ୍ୟାଳୟ ପାଇଁ ୧୦୦ କୋଟି, ବକୁଳ ବନର ଉନ୍ନତି ପାଇଁ ୫୦ କୋଟି, ଅଟଳ ବସ ଷ୍ଟାଣ୍ଡ ପାଇଁ ୧୨୬୬ କୋଟି, ସମୃଦ୍ଧ ସହର ପାଇଁ ୪୦୮ କୋଟି ଟଙ୍କା, ପ୍ରବାସୀ ଓଡ଼ିଆଙ୍କ ପାଇଁ ୧୦ କୋଟି ଟଙ୍କା ବ୍ୟୟବରାଦ କରାଯାଇଛି । ଏହି ସବୁ ବ୍ୟବସ୍ଥା ଦ୍ୱାରା ଅପାର ସମ୍ଭାବନାର ଅଞ୍ଚଳ ଓଡ଼ିଶାର ପର୍ଯ୍ୟଟନକୁ ବଡ଼ ଗତି ମିଳିବ । ଓଡ଼ିଆ ଅସ୍ମିତାର ପ୍ରଚାର ପ୍ରସାର ହେବ । ଅପାର ସମ୍ଭାବନାର ରାଜ୍ୟ ଓଡ଼ିଶାର ଅଭିବୃଦ୍ଧି ହେବ । ନିଯୁକ୍ତି ସୁଯୋଗ ସୃଷ୍ଟି ହେବା ସହ ଆର୍ଥିକ ଅଭିବୃଦ୍ଧି ଅଧିକ ମଜଭୂତ୍ ହେବ ବୋଲି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି ।

## ଓଡ଼ିଶା ବଜେଟ୍‌କୁ ସ୍ୱାଗତ କଲେ ଧର୍ମେନ୍ଦ୍ର



ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ୨୦୨୫ -୨୬ ଆର୍ଥିକ ବର୍ଷ ପାଇଁ ଓଡ଼ିଶାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ବିଧାନସଭାରେ ଉପସ୍ଥାପନ କରିଥିବା ବଜେଟ୍ ଐତିହାସିକ ଓ ଭବିଷ୍ୟତବାଦୀ । ୨୦୩୬ ଓ ୨୦୪୭ ସୁଦ୍ଧା ବିକଶିତ ଓଡ଼ିଶାର ସ୍ୱପ୍ନକୁ ପୂରଣ କରିବା ଦିଗରେ ଏହା ଏକ ସାମଗ୍ରିକ ବଜେଟ୍ ବୋଲି 'ଏକ୍ସ' ଜରିଆରେ କହିଛନ୍ତି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ । ଓଡ଼ିଶାର ପ୍ରଗତି, ସବୁ କ୍ଷେତ୍ରର ଉନ୍ନତି ତଥା ସମସ୍ତ ନାଗରିକଙ୍କ କଲ୍ୟାଣକୁ ଦୃଷ୍ଟିରେ ରଖି ଚଳିତବର୍ଷ ୨ ଲକ୍ଷ ୯୦ ହଜାର କୋଟି ଟଙ୍କାର ବଜେଟ୍ ଉପସ୍ଥାପାନ କରିଥିବାରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଓ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଧନ୍ୟବାଦ ଜଣାଇଛନ୍ତି କେନ୍ଦ୍ରମନ୍ତ୍ରୀ । ସେ କହିଛନ୍ତି ଯେ ଆଜିର ଲୋକକଲ୍ୟାଣକାରୀ ବଜେଟ୍ ଡବଲ ଇଞ୍ଜିନ ସରକାରର ବିକାଶମୂଳକ ଦୂରଦୃଷ୍ଟିର ପ୍ରତିଫଳନ । ଆଜିର ବଜେଟରୁ ରାଜ୍ୟର ଗରିବ, ଚାଷୀ, ମହିଳା, ଯୁବ, ଅନୁସୂଚିତ ଜାତି, ଅନୁସୂଚିତ ଜନଜାତି ଓ ବଞ୍ଚିତ ବର୍ଗର ଲୋକମାନେ ବିଶେଷ ଭାବେ ଉପକୃତ ହେବେ ।

## ବିକଶିତ ଓଡିଶା ଗଠନ ପାଇଁ ଐତିହାସିକ ବଜେଟ୍: ମନମୋହନ



ଭୁବନେଶ୍ୱର(ଭାସ୍କର ନ୍ୟୁଜ): ରାଜ୍ୟରେ ବିଜେପି ଏକାକୀ ସରକାର ଗଠନ କରିବା ପରେ ପ୍ରଥମଥର ପାଇଁ ପୂର୍ଣ୍ଣାଙ୍ଗ ବଜେଟ ଉପସ୍ଥାପନା କରାଯାଇଛି । ବଜେଟରେ ୧୬ ନୂତନ ଜନକଲ୍ୟାଣକାରୀ ଯୋଜନା ସହ ସର୍ବକାଳୀନ ଓ ସର୍ବାଧିକ ୨.୯୦ ଲକ୍ଷ କୋଟି ଟଙ୍କାର ରେକର୍ଡ ପରିମାଣର ରାଜ୍ୟ ବଜେଟ ଆଜି ଆଗତ କରାଯାଇଛି । ଯଶସ୍ୱୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଅଗ୍ରାଧିକାର ବିଶେଷ ଭାବେ ମଧ୍ୟବିତ, ଅନ୍ନଦାତା, ମହିଳା, ଯୁବକ, ଅନୁସୁଚିତ ଜାତି ଓ ଜନଜାତିଙ୍କ ଉନ୍ନତ ଜୀବନ ଧାରଣକୁ ଗୁରୁତ୍ୱ ଦେବା ସହିତ ରାଜ୍ୟର ସାମଗ୍ରିକ ଭିତିଭୂମିର ବିକାଶକୁ ନେଇ ସମୃଦ୍ଧ ଓଡ଼ିଶା ଗଠନର ଆକାଂକ୍ଷାକୁ ବାସ୍ତବ ରୂପାୟନ ପାଇଁ ଏହି ବଜେଟରେ ଖସଡା ପ୍ରସ୍ତୁତ କରାଯାଇଛି । କୃଷି, ପର୍ଯ୍ୟଟନ, ଜଳସେଚନ ଓ ବନ୍ୟା ନିୟନ୍ତ୍ରଣ, ସ୍ୱାସ୍ଥ୍ୟ, ଶିକ୍ଷା, ଶିଳ୍ପ, କ୍ରୀଡା, ଦକ୍ଷତା ବିକାଶ, ଖାଦ୍ୟ ସୁରକ୍ଷାକୁ ପ୍ରାଥମିକତା ଦିଆଯାଇଛି । ଏଥି ସହ ଓଡିଆ ଅସ୍ମିତାର ପ୍ରଚାର ପ୍ରସାର ସହିତ ସମାଜର ସବୁ ବର୍ଗ ଓ ଅଞ୍ଚଳବାସୀଙ୍କ ଆଶା ଓ ଆକାଂକ୍ଷାକୁ ପୂରଣ କରିବା ନିମନ୍ତେ ବଜେଟରେ ଆର୍ଥୀକ ବ୍ୟବସ୍ଥା କରାଯାଇଛି । ଗ୍ରାମାଞ୍ଚଳ ଓ ସ୍ଥାନୀୟ ବିକାଶକୁ ପ୍ରାଧାନ୍ୟ ଦିଆଯାଇ ଅନେକ ନୂତନ ଯୋଜନାର ଶୁଭାରମ୍ଭ କରାଯିବା ସହିତ ବିଧାୟକଙ୍କ ବାର୍ଷିକ ପାଣ୍ଠିକୁ ୩ରୁ ୫ କୋଟିକୁ ବୃଦ୍ଧି କରାଯାଇଛି । ଗମନାଗମନ କ୍ଷେତ୍ରକୁ ପ୍ରାଧାନ୍ୟ ଦିଆଯାଇ ସଡକ, ରେଳପଥ, ବିମାନ ବନ୍ଦରର ଭିତିଭୂମି ବିକାଶ ପାଇଁ ବଜେଟରେ ବରାଦ କରାଯାଇଛି ବୋଲି ରାଜ୍ୟ ସଭାପତି ମନମୋହନ ସାମଲ କହିଛନ୍ତି ।

## ଡ଼ଃ ଇପ୍ସିତା ପ୍ରିୟଦର୍ଶିନୀ ମିଶ୍ରଙ୍କ ଅତିରିକ୍ତ ଜିଲ୍ଲାପାଳ ଭାବେ ଦାୟିତ୍ୱ ଗ୍ରହଣ



କଟକ(ଭାସ୍କର ନ୍ୟୁଜ୍): ଡ଼ଃ ଇପ୍ସିତା ପ୍ରିୟଦର୍ଶିନୀ ମିଶ୍ର ସୋମବାର କଟକର ନୂତନ ଅତିରିକ୍ତ ଜିଲ୍ଲାପାଳ ଭାବେ ଦାୟିତ୍ୱ ଗ୍ରହଣ କରିଛନ୍ତି। ପୂର୍ବାହ୍ନରେ ଡ଼ଃ ମିଶ୍ର କାର୍ଯ୍ୟରେ ଯୋଗଦେବାପରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଅନୁଷ୍ଠିତ ଅଭିଯୋଗ ଶୁଣାଣିରେ ଯୋଗ ଦେଇଥିଲେ। ଅତିରିକ୍ତ ଜିଲ୍ଲାପାଳ ଭାବେ ଦାୟିତ୍ୱ ଗ୍ରହଣ କରିବା ପୂର୍ବରୁ ସେ କଟକ ମହାନଗର ନିଗମର ଯୁଗ୍ମ ଆୟୁକ୍ତ ଭାବେ କାର୍ଯ୍ୟରତ ଥିଲେ।ଏହା ପୂର୍ବରୁ ସୋନପୁର ଜିଲ୍ଲାରେ ଉପ ଜିଲ୍ଲାପାଳ ଭାବେ ମଧ୍ୟ କାର୍ଯ୍ୟ କରିଛନ୍ତି। ସୂଚନା ଯୋଗ୍ୟ ଡ଼ଃ ମିଶ୍ର ଓଡ଼ିଶା ପ୍ରଶାସନିକ ସେବା-୨୦୦୬ ବ୍ୟାଚର ଅଧିକାରୀ ଭାବେ ସରକାରୀ ସେବାରେ ଯୋଗଦେଇ ପ୍ରଥମ କରି ଭଦ୍ରକ ଜିଲ୍ଲାରେ ଡେପୁଟୀ କଲେକ୍ଟର ଭାବେ ଅବସ୍ଥିତ ହୋଇଥିଲେ ଏବଂ ପରେ ଗଞ୍ଜାମ ଜିଲ୍ଲାରେ ବିଭିନ୍ନ ପଦବୀରେ କାର୍ଯ୍ୟରତ ଥିଲେ।

## ସରକାରୀ ଅଧିକାରୀଙ୍କ ବିରୋଧରେ ତଦନ୍ତାଦେଶ ଦେଇପାରିବେ ମାଜିଷ୍ଟ୍ରେଟ୍: ହାଇକୋର୍ଟ

କଟକ(ଭାସ୍କର ନ୍ୟୁଜ୍): ଉଚ୍ଚ କର୍ତ୍ତୃପକ୍ଷଙ୍କ ରିପୋର୍ଟ ଆଧାରରେ ମାଜିଷ୍ଟ୍ରେଟ୍ ଜଣେ ସରକାରୀ ଅଧିକାରୀଙ୍କ ବିରୋଧରେ ତଦନ୍ତ ଆଦେଶ ଦେଇପାରିବେ ବୋଲି ଓଡ଼ିଶା ହାଇକୋର୍ଟ ଏକ ଗୁରୁତ୍ୱପୂର୍ଣ୍ଣ ଆଦେଶ ପ୍ରଦାନ କରିଛନ୍ତି । ବିଏନ୍‌ଏନ୍‌ଏସ୍‌ର (ଭାରତୀୟ ନାଗରିକ ସୁରକ୍ଷା ସଂହିତା) ସେକ୍ସନ୍ ୧୭୫(୪) ଆଧାରରେ ମାଜିଷ୍ଟ୍ରେଟ୍ ଏପରି ଆଦେଶ ଦେଇପାରିବେ ବୋଲି ହାଇକୋର୍ଟର ବିଚାରପତି ଗୌରୀଶଙ୍କର ଶତପଥୀ ଆବେଦନକାରୀ ପ୍ରଜ୍ଞାପ୍ରକାଶ ନାୟକଙ୍କ ପକ୍ଷରୁ ରୁଜୁ ଏକ ମାମଲାର ଶୁଣାଣି କରି ଆଜି ଏହା ସ୍ପଷ୍ଟ କରିଛନ୍ତି । ହାଇକୋର୍ଟ ମାମଲାର ଶୁଣାଣି କରି ଉପରୋକ୍ତ ଆଦେଶ ଦେବା ସହିତ ଜେଏମ୍‌ଏଫ୍‌ସିଙ୍କୁ ଭାରତୀୟ ନାଗରିକ ସୁରକ୍ଷା ସଂହିତା) ସେକ୍ସନ୍ ୧୭୫(୪) ଆଧାରରେ ସାନି ନିର୍ଦ୍ଦେଶନାମା ଜାରି କରିବାକୁ ଆଦେଶ ଦେଇଛନ୍ତି । ୬.୨ କୋଟି ଟଙ୍କାର ଠକେଇ କରାଯାଇଥିବା ନେଇ ମାମଲାର ଆବେଦନକାରୀ ଓ ତାଙ୍କ ପତ୍ନୀ ଇନ୍‌ଫୋସିଟି ଥାନାରେ ଗତ ୨୦୨୧ ମସିହାରେ ଦୁଇଟି ଲିଖିତ ଅଭିଯୋଗ ରୁଜୁ କରିଥିଲେ । ତେବେ ମାମଲାର ତଦନ୍ତ ଚାଲିଥିବାବେଳେ ତତ୍କାଳୀନ ଡିସିପି, ଅତିରିକ୍ତ ଡିସିପି, ଥାନା ଅଧିକାରୀ ଓ ସବ୍ ଇନିସ୍‌ପେକ୍ଟର୍ ଏଥିରେ ହସ୍ତକ୍ଷେପ କରବା ସହିତ ଉକ୍ତ ଅଭିଯୋଗକୁ ଫେରାଇନେବାକୁ ସେମାନଙ୍କ ଉପରେ ଚାପ ପକାଇଥିଲେ ବୋଲି ଅଭିଯୋଗ ହୋଇଥିଲା । ଏପରିକି ମାମଲାର ଆପୋଷ ବୁଝାମଣା କରିବାକୁ ସେମାନଙ୍କୁ ମଧ୍ୟ ବାଧ୍ୟ କରାଯାଇଥିଲା । ତେବେ ଏଥିରେ ଆବେଦନକାରୀଦ୍ୱୟ ରାଜି ନ ହେବାରୁ ସେମାନଙ୍କ ଏତଲାକୁ ପିକରଣ କରାଯାଇନଥିଲାବେଳେ ଥାନାରେ ସେମାନଙ୍କୁ ବନ୍ଧୁକ ମୁନରେ ଭୟଭୀତ କରାଯିବା ସହିତ ବେଆଇନଭାବେ ଅଟକ ରଖାଯାଇଥିଲା ବୋଲି ଆବେଦନକାରୀ ଅଭିଯୋଗ କରିଥିଲେ । ଉପରିସ୍ଥ ଅଧିକାରୀଙ୍କ ଏପରି ଆଚରଣରେ ଆବେଦନକାରୀଦ୍ୱୟ ବାଧ୍ୟ ହୋଇ ଗତ ୨୦୨୪ ମସିହା ଅଗଷ୍ଟ ୪ ତାରିଖରେ ଦୁଇଟି ଇ-ଏଫ୍‌ଆଇଆର୍ ରୁଜୁ କରିବା ସହ ଡାକଯୋଗେ ଏହାର ନକଲ ଥାନା ଅଧିକାରୀ ଓ ଡିସିପିଙ୍କ ନିକଟକୁ ପଠାଇଥିଲେ । ତେବେ ଏଥିରେ କିଛି ଫଳ ନ ମିଳିବାରୁ ବାଧ୍ୟ ହୋଇ ସେମାନେ ଭୁବନେଶ୍ୱର ଜେଏମ୍‌ଏଫ୍‌ସି-୨ଙ୍କ ନିକଟରେ ଆବେଦନ କରିଥିଲେ । ଅଦାଲତ ଏହି ମାମଲାରେ ଶୁଣାଣି କରି ଏତଲା ରୁଜୁ କରି ଘଟଣାର ତଦନ୍ତ କରିବାକୁ ସଂପୃକ୍ତ ଥାନା ଅଧିକାରୀଙ୍କୁ ଆଦେଶ ଦେଇଥିଲେ । ତେବେ ଅଦାଲତଙ୍କ ନିର୍ଦ୍ଦେଶ ପରେ ବି ଏତଲା ରୁଜୁ ନ କରାଯିବାରୁ ଆବେଦନକାରୀ ବାଧ୍ୟ ହୋଇ ଶେଷରେ ହାଇକୋର୍ଟରେ ଏହାର କ୍ରାଇମବ୍ରାଞ୍ଚ ତଦନ୍ତ ପାଇଁ ଆବେଦନ କରିଥିଲେ ।

## କଟକ ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଯୁଗ୍ମ ଜନଅଭିଯୋଗ ଶୁଣାଣି




କଟକ(ଭାସ୍କର ନ୍ୟୁଜ୍): କଟକ ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ସୋମବାର ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାପାଳ ଏବଂ ଜିଲ୍ଲା ମାଜିଷ୍ଟ୍ରେଟ୍ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଜନ ଅଭିଯୋଗ ଶୁଣାଣିରେ ଡିସିପି ଜଗମୋହନ ମୀନା, ଅତିରିକ୍ତ ଜିଲ୍ଲାପାଳ ଶିବ ଟପୋ ଓ ଅତିରିକ୍ତ ଜିଲ୍ଲାପାଳ ଡା ଇପ୍ସିତା ପ୍ରିୟଦର୍ଶିନୀ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ । ସୂଚନାଯୋଗ୍ୟ, ଏହି ଜନ ଅଭିଯୋଗ ଶୁଣାଣିରେ ସମୁଦାୟ ୯୪ଟି ଅଭିଯୋଗ ହସ୍ତଗତ ହୋଇଥିବାବେଳେ ତନ୍ମଧ୍ୟରେ ୯୦ଟି ବ୍ୟକ୍ତିଗତ ଅଭିଯୋଗ ଏବଂ ୪ଗୋଟି ସାମୁହିକ ଅଭିଯୋଗ ରହିଛି । ଅଭିଯୋଗ ଶୁଣାଣି ଶିବିରରେ ୨୦ଗୋଟି ଅଭିଯୋଗର ତ୍ୱରିତ ସମାଧାନ ନିମନ୍ତେ ବିହିତ ପଦକ୍ଷେପ ଗ୍ରହଣ କରାଯାଇଛି । ଏଥିସହ ପାନୀୟ ଜଳ, ବାର୍ଦ୍ଧକ୍ୟ ଭତ୍ତା, ଭିନ୍ନକ୍ଷମ ଭତ୍ତା, ସ୍ୱାସ୍ଥ୍ୟ, ଶିକ୍ଷା, କୃଷି, ପ୍ରାଣୀ ସମ୍ପଦ ଆଦି ସମ୍ପର୍କିତ ବିଭିନ୍ନ ପଞ୍ଜିକୃତ ଅଭିଯୋଗର ଶୁଣାଣି ପରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ନିମନ୍ତେ ବିଭିନ୍ନ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି । ଜିଲ୍ଲାର ବିଭିନ୍ନ ବିଭାଗର ଅଧିକାରୀମାନେ ଏହି ଅଭିଯୋଗ ଶୁଣାଣି ଶିବିରରେ ଯୋଗ ଦେଇଥିଲେ ।

## ଭିଜିଲାନ୍ସର ୮ମାସରେ ୫୦ ସରକାରୀ ଅଧିକାରୀଙ୍କ ବିରୁଦ୍ଧରେ ମାମଲା ରୁଜୁ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଦୁର୍ନୀତିଖୋର ବାବୁଙ୍କ ବିରୋଧରେ ନୂଆ ସରକାରଙ୍କ କଡା ଆଭିମୁଖ୍ୟ । ଗତ ୮ ମାସରେ ୫୦ ସରକାରୀ ଅଧିକାରୀଙ୍କ ବିରୋଧରେ ଆୟ ବହିର୍ଭୁତ ସମ୍ପତ୍ତି ଠୁଳ ଅଭିଯୋଗରେ ମାମଲା ରୁଜୁ କରିଛି ଭିଜିଲାନ୍ସ । ଏନେଇ ଗୃହରେ ଲିଖିତ ଉତ୍ତର ରଖିଛନ୍ତି ମୁଖ୍ୟମନ୍ତ୍ରୀ । ମୋଟ ୧୧୭ କୋଟିର ଆୟ ବହିର୍ଭୁତ ସମ୍ପତ୍ତି ଜବତ ହୋଇଥିବା ବେଳେ ୧୧ ଅଧିକାରୀଙ୍କ ନିକଟରୁ ୪ କୋଟିରୁ ଉର୍ଦ୍ଧ୍ୱ ଟଙ୍କାର ସୁନାଗହଣା, ଘର, ଫ୍ଲାଟ ଜବତ ହୋଇଛି । ୧୩ ମାମଲାରେ ଅଭିଯୁକ୍ତ ଦୋଷୀ ସାବ୍ୟସ୍ତ ହୋଇଥିବା ବେଳେ ୯ ଜଣ ନିର୍ଦ୍ଦୋଷରେ ଖଲାସ ହୋଇଛନ୍ତି । ରାଜ୍ୟରେ ମୋଟ ୩ ହଜାର ୬୭୨ ଭିଜିଲାନ୍ସ ମାମଲା ବିଚାରଧୀନ ରହିଛି ।

## ମୋ ବସ୍ ଦୁର୍ଘଟଣା ନେଇ ସୋଫିଆଙ୍କ ଉଦ୍‌ବେଗ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ମୋ ବସ ଘଟାଉଥିବା ଦୁର୍ଘଟଣାକୁ ନେଇ ଶୂନ୍ୟକାଳରେ ଗୃହରେ ଉଦ୍‌ବେଗ ପ୍ରକାଶ ପାଇଛି । କଂଗ୍ରେସ ବିଧାୟକ ସୋଫିଆ ଫିରଦୋସ ଏହି ପ୍ରସଙ୍ଗ ଉଠାଇଛନ୍ତି । ବିଜେଡି ବିଧାୟକଙ୍କ ହଟ୍ଟଗୋଳ ମଧ୍ୟରେ ଶୂନ୍ୟକାଳରେ ଏହି ପ୍ରସଙ୍ଗ ଉଠାଇ ଏହା ମୋ ବସ ନା ମର୍ଡର ବସ ବୋଲି ସେ ପ୍ରଶ୍ନ କରିଛନ୍ତି । ମୋ ବସ ଡ୍ରାଇଭରଙ୍କ ସ୍କିଲ ଟେଷ୍ଟ ଠିକ ଭାବେ କରାଯାଉଛି ନା ନାହିଁ ବୋଲି ସୋଫିଆ ପ୍ରଶ୍ନ କରିଛନ୍ତି । ସେହିପରି ସମାନ ରାସ୍ତା ରେ ଘରୋଇ ବସ କମ ଦୁର୍ଘଟଣା ଘଟାଉଥିବା ବେଳେ ମୋ ବସ ଦ୍ୱାରା କାହିଁକି ଅଧିକ ଦୁର୍ଘଟଣା ଘଟୁଛି ବୋଲି ସେ ପ୍ରଶ୍ନ କରିଛନ୍ତି । ମୋ ବସ ଦୁର୍ଘଟଣାରେ ମୃତ୍ୟୁ ବରଣ କରିଥିବା ଲୋକଙ୍କ କ୍ଷତି ଭରଣା ପାଇଁ ସରକାର କି ପଦକ୍ଷେପ ନେଇଛନ୍ତି ବୋଲି ସେ ପ୍ରଶ୍ନ କରିଛନ୍ତି । ଅନ୍ୟପକ୍ଷରେ ମୋ ବସ୍ ଦୁର୍ଘଟଣା କିପରି ରୋକାଯାଇପାରିବ ସେ ନେଇ ସୋଫିଆ ମଧ୍ୟ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି ।

## ନାଟକ 'ସାଗର ମନ୍ଥନ' ମଞ୍ଚସ୍ଥ



ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଭୁବନେଶ୍ୱରର ସର୍ବ ପୁରାତନ ନାଟ୍ୟ ସଂସ୍ଥା ଉତ୍ତର ପୁରୁଷ ପକ୍ଷରୁ ବାର୍ଷିକ ନାଟକ ଉତ୍ସବ ସୋମବାର ରବିନ୍ଦ୍ର ମଣ୍ଡପରେ ଆରମ୍ଭ ହୋଇଛି। ତିନି ଦିନ ଧରି ଚାଲିବାକୁ ଥିବା ଏହି ନାଟକ ଉତ୍ସବର ପ୍ରଥମ ସନ୍ଧ୍ୟାରେ ଅନୁଷ୍ଠିତ ହୋଇଥିଲା ନାଟକ ସାଗର ମନ୍ଥନ। ସମାଜରେ ବଞ୍ଚିବା ପାଇଁ ଯୁବତୀକୁ ସଂଘର୍ଷ କହିବାକୁ ପଡ଼େ। ରେବା ଦାସ ନାମ୍ନୀ ଝିଅଟିଏ ବିଭିନ୍ନ ପରିସ୍ଥିତିରେ ପଡ଼ି ଶେଷକୁ ଆତ୍ମହତ୍ୟା କରୁଛି। ତା ଆତ୍ମହତ୍ୟା ପାଇଁ ଦାୟୀ କିଏ ? ଅଧିକ ଦରମା ଦାବି କରିବାରୁ ଚାକିରିରୁ ବାହାର କରିଦେଇଥିବା କାରଖାନା ମାଲିକ ନା ସହାନୁଭୂତି ଦେଖାଇ ମଧ୍ୟ ନିଜର କରି ପରି ନଥିବା ବିକାଶ। ପୁଣି ଥରେ ତାକୁ ଚାକିରିରୁ ବାହାର କରିଥିବା ସିଲା ନା ନାରୀ କଲ୍ୟାଣ ସମିତିରୁ ଆର୍ଥିକ ସାହାଯ୍ୟ ଦେଇ ନଥିବା ସୀଲାର ମାଆ ନା ପ୍ରେମ ନାଁରେ ଶାରୀରିକ ଶୋଷଣ କରିଥିବା ଅଜିତ । ରେବା ଦାସ ଓ ପରେ ନାଁ ବଦଳେଇ ହୋଇଥିବା ସଂଧ୍ୟା ଦାସର ହତ୍ୟା ରହସ୍ୟ ଉନ୍ମୋଚନ କରିବାକୁ ଆସନ୍ତି ଇନ୍ସପେକ୍ଟର ଅବଧୂତ ରାଓ। ଏଇଠି ଭାଣ୍ଡା ଖୋଲିଯାଏ ଭଦ୍ର ମୁଖା ଧାରି ବଡଲୋକିଆ ପରିବାର ଦୁର୍ଗା ପ୍ରସନ୍ନ ପଟ୍ଟନାୟକଙ୍କର। ଭଦ୍ରମୁଖା ତଳେ ବଞ୍ଚୁଥିବା ଅମାନବୀୟ ପଣର। ଆଉ କେହି ପରସ୍ପରକୁ ଅନେଇ ପାରନ୍ତିନି। ଇନ୍ସପେକ୍ଟର ଅବଧୂତ ରାଓଙ୍କ ତଦନ୍ତ ଶୈଳୀରେ ପଟ୍ଟନାୟକ ପରିବାରରେ ଆଷ୍ଟ ଭାଙ୍ଗିଯାଏ। ମନୋରଞ୍ଜନ ଦାସଙ୍କ ରଚିତ ବାହୁଚର୍ଚ୍ଚିତ ନାଟକ ସାଗର ମନ୍ଥନରେ ଉତ୍ତର ପୁରୁଷ ଅନୁଷ୍ଠାନର କଳାକାରଙ୍କ ଦମଦାର ଅଭିନୟରେ ଭରପୂର ଦର୍ଶକ ଅମୋଦିତ ହୋଇଥିଲେ। ନାଟ୍ୟକାର ମନୋରଞ୍ଜନ ଦାସ ଥିବା ବେଳେ ଅଭିନୟରେ ଦେବଦତ୍ତ, ଚକ୍ରଧର, ରାଜକୁମାର, କେତନ, ମିଥୁନ ପ୍ରଭୃତି ଓ ଦୀପ୍ତି ଅଛନ୍ତି । ନିର୍ଦ୍ଦେଶନା ଡ଼ ପ୍ରସନ୍ନ କୁମାର ମିଶ୍ର ଦେଇଥିଲେ । ଏଥିରେ ଅତିଥି ନୃତ୍ୟ ଶିଳ୍ପୀ ସିକତା ଦାସ, ନନ୍ଦିଘୋଷ ଟିଭି ମୁଖ୍ୟ ସମ୍ପାଦକ ଶିଶିର ଭଟ୍ଟ ମିଶ୍ର ଯୋଗଦେଇଥିବା ବେଳେ ସଭାକାର୍ଯ୍ୟ ପରିଚାଳନା କରିଥିଲେ ସମ୍ପାଦକ ଦେବଦତ୍ତ ପତି ।

## ଯୋଜନା ଓ ବ୍ୟୟବରାଦର ଏକ ଦୀର୍ଘ ଦସ୍ତାବିଜ୍



କଟକ(ଭାସ୍କର ନ୍ୟୁଜ୍): ଓଡ଼ିଶା ସରକାରଙ୍କ ୨୦୨୫-୨୬ ପୂର୍ଣ୍ଣାଙ୍ଗ ବଜେଟ୍ ଯୋଜନା ଓ ବ୍ୟୟବରାଦର ଏକ ଦୀର୍ଘ ଦସ୍ତାବିଜ୍ । ଏଥିରେ ମଧ୍ୟବି□ବର୍ଗଙ୍କ ପାଇଁ କିଛି ନାହିଁ । ନିଯୁକ୍ତି ସୃଷ୍ଟି ଓ ଆର୍ଥିକ ଅଭିବୃଦ୍ଧି ନିମନ୍ତେ ବଜେଟରେ ସ୍ୱଷ୍ଟ ଆଭିମୁଖ୍ୟର ଅଭାବ ରହିଛି । ଡ଼ବଲ ଇଞ୍ଜିନ୍ ସରକାରଠାରୁ ଲୋକେ ବହୁତ କିଛି ଆଶା କରୁଥିଲେ । ବାସ୍ତବରେ ଏଥିରେ ନିର୍ଦ୍ଦିଷ୍ଟ କିଛି ବର୍ଗଙ୍କ ତୁଷ୍ଟିକରଣ ବ୍ୟତୀତ ବିଶେଷ କିଛି ନାହିଁ । ବାସ୍ତବରେ ତାହା ଅନ୍ତଃସାରଶୂନ୍ୟ । ଶିକ୍ଷା, ସ୍ୱାସ୍ଥ୍ୟ, କୃଷି ଓ ଶିଳ୍ପର ବିକାଶ କଥା କୁହାଯାଇଥିଲେ ମଧ୍ୟ ବଜେଟ୍‌ର ଦିଶା ଅସ୍ପଷ୍ଟ । କିଛି କ୍ଷେତ୍ରକୁ ମେଞ୍ଚାଏ ଅର୍ଥ ମିଳିଥିବା ବେଳେ ଆଉ କିଛିକୁ କେଞ୍ଚାଏ ଦିଆଯାଇଛି । ଓଡ଼ିଶାକୁ ଏକ ନମ୍ବର କରିବାକୁ ଯେଉଁ ପ୍ରୟାସ ଦରକାର ବଜେଟ୍‌ରେ ତାହାର ପ୍ରତିଫଳନ ହେଉନାହିଁ ବୋଲି କଟକର ଡାକ୍ତର ରବି ରଞ୍ଜନ ସାହୁ କହିଛନ୍ତି ।

## ଠିକ୍ କାମ ହେଲେ ବଜେଟ୍ ଭଲ



ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ସୀମା ସମସ୍ୟାର ସମାଧାନ ପାଇଁ ଉତ୍କଳ ସମ୍ମିଳନୀର ଅନୁରୋଧକୁ ରକ୍ଷାକରି ବିଜେପି ଦକ୍ଷିଣ ଓଡିଶା ବିକାଶ ପରିଷଦ ଗଠନ କରି କୋଟିଆ ସୀମା ସମସ୍ୟାର ସମାଧାନ ପାଇଁ ନିଜ ନିର୍ବାଚନ ଇସ୍ତାହାରରେ ରଖିଥିଲେ । ବଜେଟରେ ୨୦୦ କୋଟି ଟଙ୍କା ଦକ୍ଷିଣ ଓଡିଶା ବିକାଶ ପରିଷଦ ପାଇଁ ରଖାଯାଇଛି, ଏଥିରୁ କୋଟିଆ ପାଇଁ କେତେ ଖର୍ଚ୍ଚ କରୁଛନ୍ତି ଦେଖିବାର ଅଛି । ସେହିଭଳି ଉତ୍କଳ ସମ୍ମିଳନୀ ପକ୍ଷରୁ ରାଜ୍ୟ ସରକାରଙ୍କୁ ଇଦଗା ପଡିଆର ଉନ୍ନତି ସହିତ ରାଜଧାନୀରେ ଉତ୍କଳ ସମ୍ମିଳନୀ ପାଇଁ ଏକ ଜାଗା ଓ ଗୃହ ନିର୍ମାଣ ପାଇଁ ଅର୍ଥର ବ୍ୟବସ୍ଥା କରିବା ପାଇଁ ଅନୁରୋଧ କରାଯାଇଥିଲା । ବଜେଟରେ ସାଂସ୍କୃତିକ ଅନୁଷ୍ଠାନ ମାନଙ୍କୁ ଅନୁଦାନ ପାଇଁ ୭୭ କୋଟି ଟଙ୍କାର ବ୍ୟବସ୍ଥା ହୋଇଛି । ଏଥିରୁ ଇଦଗା ପଡିଆ ଓ ଉତ୍କଳ ସମ୍ମିଳନୀ ଗୃହ ପାଇଁ କଣ ବ୍ୟବସ୍ଥା କରିବେ କାମ ହେଲା ପରେ ଜଣାପଡିବ ବୋଲି ଉତ୍କଳ ସମ୍ମିଳନୀର ସାଧାରଣ ସମ୍ପାଦକ ଅଧିବକ୍ତା ଦିଲ୍ଲୀପ ଦାଶଶର୍ମା କହିଛନ୍ତି ।

## ଇ-ଗ୍ରନ୍ଥାଳୟର ଉଦ୍‌ଘାଟନ କଲେ ଆଇନ ମନ୍ତ୍ରୀ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ସୋମବାର ଲୋକସେବା ଭବନର ଆଇନ୍ ବିଭାଗ ପରିସରରେ ଇ-ଗ୍ରନ୍ଥାଳୟର ଉଦଘାଟନ କରିଛନ୍ତି ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ । ଏହି ଅବସରରେ ମନ୍ତ୍ରୀ କହିଛନ୍ତି ଯେ, ଏହି ଗ୍ରନ୍ଥାଳୟରେ ଆଇନଗତ ଗବେଷଣା ଓ ସରକାରୀ ସ୍ତରରେ ବିଭିନ୍ନ କାର୍ଯ୍ୟ ପାଇଁ ସହାୟକ ସର୍ବୋଚ୍ଚ ନ୍ୟାୟଳୟ, ଓଡ଼ିଶା ଉଚ୍ଚ ନ୍ୟାୟାଳୟ ତଥା ଅନ୍ୟ ଅଧସ୍ଥନ ନ୍ୟାୟଳୟର ସମସ୍ତ ଆଦେଶ ଉପଲବ୍ଧ ହେବ । ତତସହିତ ଏହି ଗ୍ରନ୍ଥାଳୟରେ ସର୍ବଶେଷ ଅଦ୍ୟତନ ଆଇନ ମାମଲା, ଦିନପଞ୍ଜି, ଉଦ୍ଧୃତି, ବ୍ୟବସାୟ ନୀତି, ଅନ୍ତର୍ଜାତୀୟ ତଥ୍ୟ, ଇ-ପୁସ୍ତକ, କମିଟି ରିପୋର୍ଟ୍, ଇସ୍ତାହାର ଏବଂ ଅଧାଦେଶ ଆଦି ଅତ୍ୟନ୍ତ ସୁବୋଧ ଓ ସୁଗମ୍ୟ ଭାବେ ଉପଲବ୍ଧ ହେବ । ଏହି ଅବସରରେ ସମସ୍ତ ସରକାରୀ ବିଭାଗ ମାନଙ୍କୁ ମନୁପାତ୍ର ଅନଲାଇନ ଡାଟାବେସ୍, ଓଡ଼ିଶା ଲ ଟାଇମ୍ସ, ଇ-ଗ୍ରନ୍ଥାଳୟ ଓ ଏଲଏମଏସରେ ସୁଗମ ପ୍ରବେଶ ପାଇଁ ସୁବିଧା ଯୋଗାଇ ଦିଆଯିବ ଯାହା ସର୍ବସାଧାରଣଙ୍କୁ ତ୍ୱରିତ ନ୍ୟାୟ ଦେବା ପାଇଁ ସହାୟକ ହେବ । ଏହା ଆଇନ ବିଭଗ ଦ୍ୱାରା ଏକ ଅତ୍ୟନ୍ତ ଯୁଗାନ୍ତକାରୀ ଏବଂ ସ୍ୱାଗତଯୋଗ୍ୟ ପଦକ୍ଷେପ ଅଟେ । ଏହି ଅବସରରେ ଆଇନ ବିଭାଗ ପ୍ରମୁଖ ଶାସନ ସଚିବ ମାନସ ରଞ୍ଜନ ବାରିକ, ବିଧି ଚେତକ ତଥା ସ୍ୱତନ୍ତ୍ର ଶାସନ ସଚିବ ପ୍ରଣବ କୁମାର ପାତ୍ର, ଦ୍ୱିତୀୟ ଅତିରିକ୍ତ ବିଧି ଚେତକ ତଥା ଅତିରିକ୍ତ ଶାସନ ସଚିବ ବିଭୁ ପ୍ରସାଦ ପଣ୍ଡା, ଆଇନ୍ ବିଭାଗର ସମସ୍ତ ଅଧିକାରୀ ଓ କର୍ମଚାରୀ ବୃନ୍ଦ ପ୍ରମୁଖ ଉପସ୍ଥିତ ଥିଲେ।

## ଧାରଣାରତ ମିଶନଶକ୍ତି ଓ ଉଜ୍ଜଳା ଦିଦିଙ୍କୁ ଭେଟିଲେ କଂଗ୍ରେସ ମହିଳା ପ୍ରତିନିଧି



ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ୫ ଦିନ ଧରି ବିଭିନ୍ନ ନ୍ୟାର୍ଯ୍ୟ ଦାବି ନେଇ ଲୋୟେର ପି.ଏ.ଜି ଠାରେ ମିଶନ ଶକ୍ତି ମା'ମାନେ ଓ ଉଜ୍ଜଳ ଦିଦି ମା'ମାନେ ଧାରଣା ଦେଇଛନ୍ତି। ଏହି ଅବସରରେ କଂଗ୍ରେସର ବରିଷ୍ଠ ନେତ୍ରୀ ସୋନାଲୀ ସାହୁଙ୍କ ନେତୃତ୍ୱରେ ଏକ ୫ ଜଣିଆ ପ୍ରତିନିଧି ମଣ୍ଡଳୀ ଧାରଣା ସ୍ଥଳକୁ ଯାଇ ସେମାନଙ୍କୁ ଭେଟି ସେମାନଙ୍କ ସମସ୍ୟା ସଂପର୍କରେ ଆଲୋଚନା କରିଥିଲେ। ସେହି କହିଥିଲେ ସରକାରଙ୍କୁ କଡ଼ା ସମାଲୋଚନା କରି କହିଲେ କି ମା' ମାନେ ରାଜରାସ୍ତାରେ ବସିବା ଓଡ଼ିଶା ସଂସ୍କୃତି ବିରୋଧ। ସରକାର ନିଜର ଦୋଷ ଦୁର୍ବଳତା ଘୋଡାଇବା ପାଇଁ ସୁଭଦ୍ରା ଯୋଜନା ଭଳି ଏକ ପ୍ରହେଳିକା ସୃଷ୍ଟି କରି ମହିଳା ମାନଙ୍କ ଅଧିକାର, ସମ୍ମାନ, ସୁରକ୍ଷା ପ୍ରତି ଚରମ ଅବହେଳା କରିବା ନିନ୍ଦନୀୟ। ନିର୍ବାଚନ ପୂର୍ବରୁ ମା' ମାନଙ୍କୁ ପୁଳା ପୁଳା ପ୍ରତିଶ୍ରୁତି ଦେଇ ସରକାରଙ୍କୁ ଆସିବା ପରେ ପ୍ରତିଶ୍ରୁତି ପୁରଣ ନ କରିବା ମହିଳା ପ୍ରତି କେତେ ଦରଦ ଜଣାପଡ଼ିଯାଇଛି। ଏଣୁ କଂଗ୍ରେସ ମହିଳାମାନଙ୍କ ଦାବି ପ୍ରତି ହୃଦୟଙ୍ଗମ କରି ତାଙ୍କ ସହିତ ରହିଥିଲା, ରହିଛି ଆଗକୁ ରହିଥିବ। ଯଦି ସରକାର ମିଶନଶକ୍ତି ମହିଳା ଏବଂ ଉଜ୍ଜଳ ଦିଦିଙ୍କ ଦାବି ପ୍ରତି ଦୃଷ୍ଟି ନ ଦିଅନ୍ତି ତେବେ ଆଗାମୀ ଦିନରେ କଂଗ୍ରେସ ସେମାନଙ୍କ ସହ ମିଶି ରାଜରାସ୍ତାରେ ଲଢ଼େଇ କରିବ। ଏହି ପ୍ରତିନିଧି ଦଳରେ ବରିଷ୍ଠ କଂଗ୍ରେସ ନେତା ମନୋରଞ୍ଜନ ଦାସ, ମହିଳା କଂଗ୍ରେସ ନେତ୍ରୀ ମନିଷା ଦାସ ପଟ୍ଟନାୟକ, ଜୟଶ୍ରୀ ପାତ୍ର ପ୍ରମୁଖ ସାମିଲ ଥିଲେ।

### ଉଚ୍ଚଶିକ୍ଷା ବିଭାଗର କାର୍ଯ୍ୟାବଳୀ ସମୀକ୍ଷା କଲେ ରାଜ୍ୟପାଳ

## ନୂଆ ଶିକ୍ଷାନୀତି - ୨୦୨୦ ସଂପର୍କରେ ବ୍ୟାପକ ସଚେତନତା ସୃଷ୍ଟି ଉପରେ ଗୁରୁତ୍ୱାରୋପ



ଭୁବେନଶ୍ୱର(ଭାସ୍କର ନ୍ୟୁଜ): ନୂଆ ଶିକ୍ଷାନୀତି-୨୦୨୦ ସଂପର୍କରେ ଶିକ୍ଷକ ସମାଜ ମଧ୍ୟରେ ବ୍ୟାପକ ସଚେତନତା ସୃଷ୍ଟି ଉପରେ ରାଜ୍ୟପାଳ ଡ. ହରିବାବୁ କମ୍ଭମ୍ପାଟି ଗୁରୁତ୍ୱାରୋପ କରିଛନ୍ତି। ଆଜି ରାଜଭବନରେ ଉଚ୍ଚ ଶିକ୍ଷା ବିଭାଗର କାର୍ଯ୍ୟାବଳୀ ସଂପର୍କରେ ସମୀକ୍ଷା କରି ରାଜ୍ୟପାଳ ଏହି ଗୁରୁତ୍ୱାରୋପ କରିଛନ୍ତି। ଏହି ସମୀକ୍ଷା ବୈଠକରେ ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ ଏବଂ ବିଭାଗୀୟ କମିଶନର ତଥା-ଶାସନ ସଚିବ ଅରବିନ୍ଦ ଅଗ୍ରୱାଲ ଏବଂ ରାଜ୍ୟପାଳଙ୍କ ପ୍ରମୁଖ ଶାସନ ସଚିବ ଏନବିଏସ ରାଜପୁତ ପ୍ରମୁଖ ଉପସ୍ଥିତ ଥିଲେ। ପାଓ୍ୱାରପଏଣ୍ଟ ପ୍ରେଜେଣ୍ଟେସନ୍ ମାଧ୍ୟମରେ ଓଡ଼ିଶାରେ ଉଚ୍ଚ ଶିକ୍ଷାର ବିଷଦ ବିବରଣୀ ଉପସ୍ଥାପନ କରାଯାଇଥିଲା । ଉଚ୍ଚ ଶିକ୍ଷା କ୍ଷେତ୍ରରେ ଥିବା ଆହ୍ୱାନ ସଂପର୍କରେ ଆଲୋକପାତ କରି ଏ କ୍ଷେତ୍ରରେ ଉଚ୍ଚ ଶିକ୍ଷାର ମାନବୃଦ୍ଧି, ଭିତ୍ତିଭୂମିର ଉନ୍ନତି ସହିତ ଉଚ୍ଚଶିକ୍ଷାକୁ କିପରି ଅଧିକ ସହଜଲଭ୍ୟ କରିବା ଏବଂ ଭବିଷ୍ୟତ ପାଇଁ ପ୍ରସ୍ତୁତି କରାଯାଇପାରିବ ସେ ସଂପର୍କରେ ସରକାରଙ୍କ ତରଫରୁ ଗ୍ରହଣ କରାଯାଇଥିବା ପଦକ୍ଷେପ ସଂପର୍କରେ ମନ୍ତ୍ରୀ ଶ୍ରୀ ସୁରଜ ଓ କମିଶନର ତଥା ଶାସନ ସଚିବ ଶ୍ରୀ ଅଗ୍ରୱାଲ ଅବଗତ କରାଇଥିଲେ। ରାଜ୍ୟେର ଉଚ୍ଚ ଶିକ୍ଷାକୁ ଅଧିକ କ୍ରିୟାଶୀଳ କରିବା ପାଇଁ ଉପାଦେୟ ପରାମର୍ଶ ଦେବା ସହ ଉଚ୍ଚଶିକ୍ଷା କ୍ଷେତ୍ରରେ ନୂଆ ଶିକ୍ଷାନୀତିର ସଫଳ କାର୍ଯ୍ୟାନ୍ୱୟନ ପାଇଁ ଆବଶ୍ୟକୀୟ ତାଲିମ ଏବଂ ସଚେତନତା ସୃଷ୍ଟି ଏକାନ୍ତ ଆବଶ୍ୟକ ବୋଲି ରାଜ୍ୟପାଳ କହିଥିଲେ। ଏତଦ୍‌ବ୍ୟତୀତ ପାଠ୍ୟକ୍ରମର ଆଧୁନିକୀକରଣ, ଡିଜିଟାଲ ଶିକ୍ଷାର ସଂପ୍ରସାରଣ, ଇଣ୍ଡଷ୍ଟ୍ରି ଏକାଡେମିଆ ସହଯୋଗର ଆବଶ୍ୟକତା ଉପରେ ରାଜ୍ୟପାଳ ପରାମର୍ଶ ଦେଇଥିଲେ। ବିଶ୍ୱ ବିଦ୍ୟାଳୟ ପରିଚାଳନା, ଗବେଷଣାକୁ ପ୍ରୋତ୍ସାହନ ଯୋଗାଇବା, ଛାତ୍ରଛାତ୍ରୀମାନଙ୍କୁ ଭଲ କ୍ୟାରିଅର ଗଢ଼ିବା ପାଇଁ ପ୍ରସ୍ତୁତ କରିବା ନିମନ୍ତେ ଉତ୍ସାହିତ କରିବା ପାଇଁ ସରକାରଙ୍କ ଲକ୍ଷ୍ୟ ଓ କାର୍ଯ୍ୟକ୍ରମ ସଂପର୍କରେ ବୈଠକରେ ଆଲୋଚନା ହୋଇଥିଲା। ରାଜ୍ୟେର ଉଚ୍ଚ ଶିକ୍ଷାର ବିକାଶ ନିମନ୍ତେ ଉଚ୍ଚ ଶିକ୍ଷା ବିଭାଗର ପଦକ୍ଷେପକୁ ରାଜ୍ୟପାଳ ପ୍ରଶଂସା କରିବା ସହିତ ଶିକ୍ଷା କ୍ଷେତ୍ରକୁ ଅଧିକ ସୁଦୃଢ଼ ଏବଂ ଅନ୍ତର୍ନିର୍ବେଶୀ କରିବା ଉପରେ ଗୁରୁତ୍ୱାରୋପ କରିଥିଲେ।



"ଭଗବତ୍ କରୁଣା, ଭଗବତ୍ ଇଚ୍ଛା ଓ ଭଗବତ୍ କର୍ମରେ ପୂର୍ଣ୍ଣ ବିଶ୍ୱାସ ରଖି ଚାଲ। ସବୁ କିଛି ଠିକ୍ ହୋଇଯିବ।"
-ଶ୍ରୀମା



"ନିଜ ସୁଖ ଲାଗି ଜାତ ନୁହେଁ ହିନ୍ଦୁ ବିଶ୍ୱ ହିତେ ହିନ୍ଦୁ ପ୍ରତି ରକ୍ତବିନ୍ଦୁ।"
- ଉତ୍କଳମଣି ଗୋପବନ୍ଧୁ ଦାସ



# ଜାତୀୟ ରାଜଧାନୀରେ ଅଘଟଣ ରେଳ ପ୍ରଶାସନ ଦାୟିତ୍ୱବାନ୍ ହେଉ

ଉତ୍ତର ପ୍ରଦେଶର ପ୍ରୟାଗରାଜରେ ଚାଲିଥିବା ମହାକୁମ୍ଭ ମେଳାରେ ସାମିଲ ହୋଇ ପବିତ୍ର ଗଙ୍ଗା ନଦୀରେ ବୁଡ଼ ପକାଇବାକୁ କେବଳ ଭାରତ ନୁହେଁ, ବିଶ୍ୱର କୋଣ ଅନୁକୋଣରୁ ବର୍ତ୍ତମାନ ହିନ୍ଦୁ ଧର୍ମାବଲମ୍ବୀଙ୍କ ସୁଅ ଛୁଟିଛି। ଏଯାବତ୍ ୫୦ କୋଟି ଶ୍ରଦ୍ଧାଳୁ ସେଠାକୁ ଯାଇ ବୁଡ଼ ପକାଇ ସାରିଥିବା ବେଳେ ପ୍ରତିଦିନ ବିମାନ, ଟ୍ରେନ୍ ଓ ଗାଡିମୋଟର ଯୋଗେ ଅସଂଖ୍ୟ ଲୋକ ପହଞ୍ଚିବାରେ ଲାଗିଛନ୍ତି। ଏଥିପାଇଁ ବିମାନ ଓ ଟ୍ରେନ୍ ଆଦିରେ ଟିକେଟ୍ ମିଳୁନାହିଁ ଏବଂ ଯଦିବା ମିଳୁଛି ନିର୍ଦ୍ଧାରିତ ଭଡ଼ା ଠାରୁ ଯଥେଷ୍ଟ ଅଧିକ ଅର୍ଥ ଦେବାକୁ ପଡୁଛି। ପ୍ରୟାଗରାଜରେ ଅସମ୍ଭବ ଜନଗହଳି ଯୋଗୁଁ ଇତିମଧ୍ୟରେ କିଛି ଛୋଟ ବଡ଼ ଅଘଟଣର ଖବର ମଧ୍ୟ ନଜରକୁ ଆସୁଛି। ଗତ ମାସରେ ମୌନି ଅମାବାସ୍ୟା ପ୍ରତ୍ୟୁଷରେ ଗଙ୍ଗାରେ ବୁଡ଼ ପକାଇବା ସମୟରେ ଏକ ବଡ଼ଧରଣର ଦଳାଚକଟାରେ ବହୁ ଭକ୍ତଙ୍କ ମୃତ୍ୟୁ ଘଟଣା ଦେଶବ୍ୟାପୀ ଶୋକର ଲହରୀ ଖେଳାଇ ଦେଇଥିଲା। ସେହିପରି ପ୍ରୟାଗରାଜକୁ ଯିବା ବାଟରେ ହେଉ କିମ୍ବା ଫେରିବା ସମୟରେ ସଡ଼କ ଦୁର୍ଘଟଣାରେ ମଧ୍ୟ କେତେକ ଶ୍ରଦ୍ଧାଳୁ ପ୍ରାଣ ହରାଉଥିବାର ଖବର ପ୍ରକାଶ ପାଉଛି। ତେବେ ଏହାରି ମଧ୍ୟରେ ପବିତ୍ର ମହାକୁମ୍ଭ ମେଳାରେ ବୁଡ଼ ପକାଇବାକୁ ବ୍ୟାକୁଳ ଥିବା ଅନ୍ୟ କେତେକ ଭକ୍ତଙ୍କ ଦଳାଚକଟାରେ ଦୁଃଖଦ ମୃତ୍ୟୁ ପୁଣି ଦେଶବାସୀଙ୍କୁ ବ୍ୟଥିତ କରିଛି। ଏହି ଦୁର୍ଭାଗ୍ୟଜନକ ଘଟଣାଟି ପ୍ରୟାଗରାଜରେ ନୁହେଁ, ଖୋଦ୍ ଜାତୀୟ ରାଜଧାନୀ ନୂଆଦିଲ୍ଲୀ ରେଳଷ୍ଟେସନରେ ଶନିବାର ବିଳମ୍ବିତ ରାତ୍ରିରେ ଘଟିଥିବା ବେଳେ ଏଥିରେ ୧୮ଜଣ ପ୍ରାଣ ହରାଇଛନ୍ତି ଏବଂ ୨୫ରୁ ଅଧିକ ଲୋକ ଆହତ ହୋଇଛନ୍ତି। ଆହତଙ୍କ ମଧ୍ୟରୁ କେତେକଙ୍କ ଅବସ୍ଥା ଅତ୍ୟନ୍ତ ଗୁରୁତର ଥିବାରୁ ମୃତ୍ୟୁସଂଖ୍ୟା ଆହୁରି ବଢ଼ିବାର ଆଶଙ୍କା କରାଯାଉଛି। ମୃତକଙ୍କ ମଧ୍ୟରେ ୧୪ଜଣ ମହିଳା ଓ ୩ ଶିଶୁ ଅଛନ୍ତି। ନୂଆଦିଲ୍ଲୀ ରେଳଷ୍ଟେସନ୍ ଦଳାଚକଟାର କାରଣ ନେଇ ଭିନ୍ନ ଭିନ୍ନ ତଥ୍ୟ ପ୍ରଚାରିତ ହେଉଛି। ଦିଲ୍ଲୀ ପୋଲିସର ବୟାନ ଅନୁଯାୟୀ ପ୍ରୟାଗରାଜକୁ ଯିବାକୁ ଥିବା ଦୁଇଟି ଟ୍ରେନ୍ 'ପ୍ରୟାଗରାଜ ଏକ୍ସପ୍ରେସ୍' ଏବଂ 'ପ୍ରୟାଗରାଜ ସ୍ପେଶାଲ' ନାମକୁ ନେଇ ଯାତ୍ରୀଙ୍କ ମଧ୍ୟରେ ଦ୍ୱନ୍ଦ୍ୱ ସୃଷ୍ଟି ହୋଇଥିଲା। ୧୬ ନମ୍ବର ପ୍ଲାଟଫର୍ମରେ 'ପ୍ରୟାଗରାଜ ସ୍ପେଶାଲ' ଆସିବ ବୋଲି ଘୋଷଣା ହେବା ମାତ୍ରେ ୧୪ ନମ୍ବର ପ୍ଲାଟଫର୍ମରେ 'ପ୍ରୟାଗରାଜ ଏକ୍ସପ୍ରେସ୍'କୁ ଅପେକ୍ଷା କରିଥିବା ଯାତ୍ରୀମାନେ ମଧ୍ୟ ଦୌଡ଼ିବାକୁ ଆରମ୍ଭ କରିଥିଲେ। ସେହିପରି ଜେନେରାଲ୍ ଟିକେଟ୍ ପାଇଥିବା ଯାତ୍ରୀ ୧୨, ୧୩ ଓ ୧୪ ନମ୍ବର ପ୍ଲାଟଫର୍ମ ଆଡ଼କୁ ଧାଇଁଥିଲେ। ଯେଉଁମାନେ ୧୪ ନମ୍ବର ପ୍ଲାଟଫର୍ମକୁ ଯାଇ ପାରିନଥିଲେ, ସେମାନେ ମଧ୍ୟ ୧୬ ନମ୍ବର ପ୍ଲାଟଫର୍ମ ଆଡ଼କୁ ଧାଇଁଥିଲେ। ରେଳ କର୍ତ୍ତୃପକ୍ଷଙ୍କ ସୂଚନା ଅନୁଯାୟୀ ୧୪ ଓ ୧୫ ନମ୍ବର ପ୍ଲାଟଫର୍ମ ମଝିରେ ଜଣେ ଲୋକ ତଳେ ପଡ଼ିଯିବାରୁ ଦଳାଚକଟା ଆରମ୍ଭ ହୋଇଯାଇଥିଲା। ରେଳଷ୍ଟେସନ୍‌ରେ ଅସମ୍ଭାଳ ଭିଡ଼ ହେବାର ମୁଖ୍ୟ କାରଣ ହେଉଛି ଯେ, ଶନିବାର ରାତିରେ ନୂଆଦିଲ୍ଲୀରୁ ପ୍ରୟାଗରାଜକୁ ୪ଟି ଟ୍ରେନ୍ ଯିବାର ଥିଲା, ମାତ୍ର ସେଥିରୁ ତିନୋଟି ଟ୍ରେନ୍ ବହୁ ବିଳମ୍ବରେ ଚାଲିବାରୁ ସମସ୍ତ ଟ୍ରେନ୍ ଯାତ୍ରୀ ଜମା ହୋଇ ରହିଥିଲେ। ଦୁର୍ଘଟଣାର ତଦନ୍ତ ପାଇଁ ରେଳବାଇ ପକ୍ଷରୁ ଦୁଇ ଜଣିଆ କମିଟି ଗଠନ କରାଯାଇଛି ଏବଂ ଏହାର ରିପୋର୍ଟ ଆସିବା ପରେ ପ୍ରକୃତ କାରଣ ସାମ୍ନାକୁ ଆସିପାରିବ। ଦିଲ୍ଲୀ ପୋଲିସ ମଧ୍ୟ ନିଜ ଆଡ଼ୁ ଘଟଣାର ତଦନ୍ତ ଆରମ୍ଭ କରିଛି। ନୂଆଦିଲ୍ଲୀ ରେଳ ଷ୍ଟେସନରେ ଲାଗିଥିବା ସମସ୍ତ ସିସିଟିଭି ଫୁଟେଜ୍‌କୁ ସୁରକ୍ଷିତ ରଖିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ନୂଆଦିଲ୍ଲୀ ରେଳଷ୍ଟେସନ୍ ଦେଶର ବ୍ୟସ୍ତ ବହୁଳ ଷ୍ଟେସନ ଏବଂ ବର୍ତ୍ତମାନ କୁମ୍ଭମେଳାକୁ ଯିବା ଲାଗି ଏଠାରେ ଦିନରାତି ଲୋକଙ୍କ ଅସମ୍ଭବ ଗହଳି ଲାଗିଥିବା ଦୃଷ୍ଟିରୁ ରେଳବାଇ କର୍ତ୍ତୃପକ୍ଷ ଯଥେଷ୍ଟ ସାବଧାନତା ଅବଲମ୍ବନ କରିବାର ଆବଶ୍ୟକତା ରହିଛି। ମାତ୍ର ଶନିବାର ଘଟଣାକୁ ଅନୁଧ୍ୟାନ କଲେ ପ୍ରଶାସନ ସେତେଟା ଦାୟିତ୍ୱବାନ୍ ଥିଲା ଭଳି ମନେ ହେଉନାହିଁ। ଚଳିତ ମାସ ୨୬ ତାରିଖ ମହାଶିବରାତ୍ରୀରେ ମହାକୁମ୍ଭ ମେଳା ଶେଷ ହେବାକୁ ଯାଉଛି। ଅନ୍ତତଃ ସେ ପର୍ଯ୍ୟନ୍ତ ଆଉ କୌଣସି ଅଘଟଣ ଯେପରି ନଜରକୁ ନଆସେ, ସେଥିପ୍ରତି ସମସ୍ତେ ଯତ୍ନଶୀଳ ହୁଅନ୍ତୁ।

# ଆର୍ଥିକ ଅଭିବୃଦ୍ଧିର ମାର୍ଗ କୁମ୍ଭମେଳା



ଉମାଶଙ୍କର ପ୍ରସାଦ
ସମ୍ପାଦକ, ମାର୍ଗଦର୍ଶୀ, ଖୋର୍ଦ୍ଧା
ମୋ: ୬୩୭୦୬ ୭୫୫୬୨

ସନାତନ ଧର୍ମରେ ବିଭିନ୍ନ ମେଳା, ମହୋତ୍ସବ ଇତ୍ୟାଦିର ସାଂସ୍କୃତିକ ଗୁରୁତ୍ୱ ରହିଛି। ଏହି ପ୍ରତ୍ୟେକଟି ମହୋତ୍ସବ ସ୍ୱର୍ଣ୍ଣିମ ଭାରତର ପରମ୍ପରା, ଆଧ୍ୟାତ୍ମିକ ବିଶ୍ୱାସ ଏବଂ ସଂସ୍କୃତିକୁ ବିଶ୍ୱ ଦରବାରରେ ପ୍ରସିଦ୍ଧି ଲାଭ କରାଇ ପାରିଛି, କେବଳ ସେତିକି ନୁହଁ ଏହା ଭାରତର ଆର୍ଥିକ ଅଭିବୃଦ୍ଧିର ମାର୍ଗ ମଧ୍ୟ ସାଜିଛି। ଏହି କୁମ୍ଭମେଳା ଭାରତର ସାଂସ୍କୃତିକ ତଥା ଧାର୍ମିକ ବିଶ୍ୱାସର ଉତ୍ସବରେ ପରିଣତ ହେବା ସହ ଅର୍ଥନୀତି ବିକାଶର ପଥ ପ୍ରଶସ୍ତ କରୁଛି। ଏହି ଦୃଷ୍ଟିରୁ ବିଚାର କଲେ ଉତ୍ତର ପ୍ରଦେଶରେ "ମହାକୁମ୍ଭ" ସାଂସ୍କୃତିକ ସମାବେଶ ୨ଲକ୍ଷ କୋଟି ଟଙ୍କାରୁ ଅଧିକ ବ୍ୟବସାୟ କରିବା ସହ ସରକାର ୨୫,୦୦୦ କୋଟି ଟଙ୍କା ଉପାର୍ଜନ କରିବେ ବୋଲି ଆକଳନ କରିଛନ୍ତି। ଏହି କୁମ୍ଭମେଳା ସ୍ଥାନୀୟ ଅର୍ଥନୀତି କ୍ଷେତ୍ରରେ ଏକ ବଳିଷ୍ଠ ଭୂମିକା ଗ୍ରହଣ କରି ଆସୁଛି। ଏହି ମେଳାକୁ ଆସୁଥିବା ପ୍ରତ୍ୟେକଟି ବ୍ୟକ୍ତି ଯିଏ ଯେଉଁ ଚରିତ୍ରର ହୁଅନ୍ତୁନା କାହିଁକି ଧାଇଁ ଆସିଥାନ୍ତି ନିଜ ନିଜର କୃତ କର୍ମର ପାପ ନାଶନ କରିବା ପାଇଁ। ଏହି ମହାକୁମ୍ଭ ମେଳାକୁ ଆସୁଥିବା ତଥାକଥିତ ଭକ୍ତ ଓ ପର୍ଯ୍ୟଟକମାନେ ସ୍ଥାନୀୟ ଉଦ୍ୟୋଗୀ ଓ ବ୍ୟବସାୟୀ ମାନଙ୍କଠୁ ସାମଗ୍ରୀ କ୍ରୟ କରନ୍ତି ଫଳରେ ସ୍ଥାନୀୟ ଅର୍ଥନୀତି ସୁଦୃଢ ହୋଇଥାଏ। ଏହା ସହିତ ଆତିଥ୍ୟ, ପରିବହନ, ଖାଦ୍ୟ ଏବଂ ଖୁଚୁରା କ୍ଷେତ୍ରକୁ ମଧ୍ୟ ପ୍ରୋତ୍ସାହନ ମିଳିଥାଏ। ବର୍ତ୍ତମାନର କୁମ୍ଭମେଳା ବିଭିନ୍ନ କ୍ଷେତ୍ରରେ ବ୍ୟାପକ ଆର୍ଥିକ ଅଭିବୃଦ୍ଧିର ସାକ୍ଷୀ ହୋଇ ରହିଛି ଭାରତ। ତୀର୍ଥ କ୍ଷେତ୍ର ପ୍ରୟାଗରାଜ ଏବଂ ଏହାର ଆଖପାଖ ଅଞ୍ଚଳରେ ପ୍ରାୟ ୧୫୦ରୁ ଉର୍ଦ୍ଧ୍ୱ ହୋଟେଲ ଅଛି। ଏଥିସହ ଏହି ସଙ୍ଗମ ସହରରେ ଦୁଇଟି ପଞ୍ଚତାରକା ହୋଟେଲ ଯାହା ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିଛି। ଏହି ହୋଟେଲ ଗୁଡ଼ିକ ପ୍ରାୟ ୪୦,୦୦୦ କୋଟିରୁ ଅଧିକ ବ୍ୟବସାୟ କରିବ ବୋଲି ଆକଳନ କରିଛି। ପରିବହନ କ୍ଷେତ୍ରରେ ଟ୍ୟାକ୍ସି ସେବା, ଇ-ରିକ୍ସା ୨୦,୦୦୦ କୋଟି ଟଙ୍କାରୁ ଉର୍ଦ୍ଧ୍ୱ ବ୍ୟବସାୟ କରିବ ବୋଲି ଆଶା ରଖିଛି। ଯାତ୍ରା ପ୍ୟାକଜ୍‌ରେ ୧୦,୦୦୦ କୋଟିରୁ ଉର୍ଦ୍ଧ୍ୱ ବ୍ୟବସାୟ କରିବାର ଆଶା ରଖିଛି। ପର୍ଯ୍ୟଟନ ବିଭାଗ ୧୦୦୦ର ପର୍ଯ୍ୟଟକଙ୍କୁ ମାର୍ଗ ଦର୍ଶନ କରିବା ପାଇଁ ଏକ ଗାଇଡ ଦଳ ଗଠନ କରିଛି। ଏହି ମହାକୁମ୍ଭ ପରିଦର୍ଶନ ପାଇଁ ହେଲିକପ୍ଟର ସେବାରୁ ହାରାହାରି ୩.୫ କୋଟି ଟଙ୍କା ରାଜସ୍ୱ ମିଳିବ ବୋଲି ଆକଳନ କରାଯାଇଛି। ୭୦୦୦ ତୀର୍ଥଯାତ୍ରୀ ହେଲିକେପ୍ଟରରେ ମେଳା ଉପଭୋଗ କରିବେ। ଫଳରେ ୧୫୭ କୋଟିରୁ ଅଧିକ ରାଜସ୍ୱ ମିଳିବ ବୋଲି ଅନୁମାନ କରାଯାଇଛି। ଯଦି ଆମେ ଅତୀତକୁ ରୋମନ୍ଥନ କରିବା ତେବେ ଅନୁମେୟ ହୁଏଯେ ଆଜକୁ ୧୪୫ବର୍ଷ ପୂର୍ବେ ମହାକୁମ୍ଭର ବଜେଟ ଥିଲା ୨୦,୨୮୮ ଟଙ୍କା, ଯାହା ଆଜିର ମୁଦ୍ରାସ୍ଫୀତି ହାର ଅନୁସାରେ ପ୍ରାୟ ୩.୬୫ କୋଟି ଟଙ୍କା ସେହି ସମୟର ରେକର୍ଡ ଅନୁଯାୟୀ ସଙ୍ଗମକୁ ସ୍ନାନ କରିବା ପାଇଁ ଆସିଥିଲେ ଆଠ ଲକ୍ଷ ଭକ୍ତ। ସେତେବେଳେ ଦେଶର ଜନସଂଖ୍ୟା ଥିଲା ୨୨.୫ କୋଟି। ୧୮୯୪ରେ ଦେଶର ଜନସଂଖ୍ୟା ୨୩ କୋଟିକୁ ବୃଦ୍ଧି ପାଇଲା ଏବଂ କୁମ୍ଭକୁ ଆସୁଥିବା ଭକ୍ତଙ୍କ ସଂଖ୍ୟା ୧୦ ଲକ୍ଷକୁ ବୃଦ୍ଧି ପାଇଲା। ଉକ୍ତ ବର୍ଷରେ ଏହି ମହାନ କାର୍ଯ୍ୟକ୍ରମରେ ୬୯,୪୨୭ ଟଙ୍କା ଖର୍ଚ୍ଚ ହୋଇଥିଲା, ଯାହା ଆଜିର ମୁଦ୍ରାସ୍ଫୀତି ହାରରେ ୧୦.୫ କୋଟି ଟଙ୍କା ସହିତ ସମାନ। ୧୯୦୬ କୁମ୍ଭରେ ୯୦,୦୦୦ ଟଙ୍କା ଖର୍ଚ୍ଚ ହୋଇଥିଲା। ଭକ୍ତଙ୍କ ସଂଖ୍ୟା ୨୫ଲକ୍ଷକୁ ବୃଦ୍ଧି ପାଇଥିଲା। ୨୦୧୩ ମସିହାରେ ପ୍ରୟାଗରାଜରେ ଅନୁଷ୍ଠିତ କୁମ୍ଭମେଳାରୁ ସରକାର ୧୨,୦୦୦ କୋଟି ରାଜସ୍ୱ ଅର୍ଜନ କରିଥିଲେ। ପରେ ୨୦୧୯ରେ ଅନୁଷ୍ଠିତ କୁମ୍ଭକୁ ସେହି ସମୟର ସବୁଠାରୁ ବଡ଼ କୁମ୍ଭ ବୋଲି କୁହା ଯାଉଥିଲା। ଏହି ମହାନ କୁମ୍ଭରେ ଭାରତ ତଥା ବିଦେଶରୁ ୨୪ କୋଟି ଭକ୍ତ ଆସିଥିଲେ। ସେତେବେଳେ ମେଳାର ବଜେଟ ଥିଲା ୪,୨୦୦ କୋଟି। ବର୍ତ୍ତମାନ ଚଳିତ ମହାକୁମ୍ଭରେ ୪୬.୨୫ କୋଟି ଭକ୍ତଙ୍କ ସମାଗମ ହେବ ଯାହାର ବଜେଟ ୨୦୨୫ ପାଇଁ ୫୪୩୫ କୋଟି ରଖାଯାଇଛି। ଏହା ଆଗକୁ ୭,୫୦୦ କୋଟି ବଢ଼ିବାର ସମ୍ଭାବନା ଅଛି। ଏହି ମହାନ ଆର୍ଥିକ ପର୍ବରେ କେନ୍ଦ୍ର ସରକାରଙ୍କ ୨୧୦୦ କୋଟି ଟଙ୍କାର ଅନୁଦାନ ଅନ୍ତର୍ଭୁକ୍ତ। ୧୪୩ ବର୍ଷ ପରେ ଏହି ମହା କୁମ୍ଭମେଳା ଆୟୋଜନ ଖର୍ଚ୍ଚ ୩୭ ଲକ୍ଷ ଗୁଣ ବୃଦ୍ଧି ପାଇଛି। ଏହି ସଂସ୍କୃତିକ ପରମ୍ପରା କୁମ୍ଭମେଳା କେବଳ ଆସ୍ଥା ଓ ବିଶ୍ୱାସର ପର୍ବ ନୁହଁ ଏହା ବିଶ୍ୱସ୍ତରୀୟ ସ୍ୱୀକୃତି, ଭାରତର ସାଂସ୍କୃତିକ ଐତିହ୍ୟ ଏବଂ ସାଂଗଠନିକ କ୍ଷମତାର ଏକ ଅବିଶ୍ୱସନୀୟ ଉଦାହରଣ। ଚଳିତ ଏହି ମହାକୁମ୍ଭ ମେଳାର ସଫଳ ପରିଚାଳନା ୧ ଟ୍ରିଲିୟନ ଡଲାର ଅର୍ଥନୀତି ହେବାର ଲକ୍ଷ୍ୟ ହାସଲ କରିବା ପାଇଁ ଆଶା ବାନ୍ଧିଛି।

# ସନ୍ନ୍ୟାସୀ ରାଜନେତା ଯୁଧିଷ୍ଠିର ଦାସ



ପ୍ରଭୁକଲ୍ୟାଣ ମହାପାତ୍ର
ବରିଷ୍ଠ ସାମ୍ବାଦିକ
ମୋ: ୯୯୩୭୭୧୧୩୮୯

ଋଷି ପ୍ରତିମ ବ୍ୟକ୍ତିତ୍ୱ ଯୁଧିଷ୍ଠିର ଦାସ ଥିଲେ ଜଣେ ସନ୍ନ୍ୟାସୀ ରାଜନେତା। ରାଜନୀତି ଭିତରେ ଥାଇ ସୁଦ୍ଧା କୌଣସି ଭୌତିକ ବା ପାର୍ଥିବ ପ୍ରାପ୍ତି ପ୍ରତି ସେ ଥିଲେ ସମ୍ପୂର୍ଣ୍ଣ ଅନାସକ୍ତ। କ୍ଷମତା ରାଜନୀତିର ଉଚ୍ଚ ପଦପଦବୀ କିମ୍ବା ଧନ ସମ୍ପତ୍ତିର ମୋହ ତାଙ୍କ ମହନୀୟ ବ୍ୟକ୍ତିତ୍ୱକୁ ଆଦୌ ସ୍ପର୍ଶ କରିପାରି ନଥିଲା। ତାଙ୍କ ରାଜନୈତିକ ଜୀବନ ଜନସେବା ପାଇଁ ଉତ୍ସର୍ଗୀକୃତ ଥିଲା। ବିଶେଷକରି ସମାଜର ଦୁର୍ଗତ, ବଞ୍ଚିତ ତଥା ଶୋଷିତ ଜନସାଧାରଣଙ୍କ ଉତ୍‌ଥାନ ଏବଂ ଏକ ସମତାପୂର୍ଣ୍ଣ ସମାଜ ଗଠନ ପାଇଁ ସେ ଆଜୀବନ ସମର୍ପିତ ଥିଲେ।

ବହୁମୁଖୀ ପ୍ରତିଭାର ଅଧିକାରୀ ଏହି ପୁଣ୍ୟାତ୍ମାଙ୍କର ମାତୃଭୂମି ଓ ମାତୃଭାଷା ପ୍ରତି ପ୍ରଚଣ୍ଡ ମମତ୍ୱବୋଧ ଥିଲା। ସେଥିପାଇଁ ଷଡ଼େଇକଳା, ଖରସୁଆଁ ଭଳି ଓଡ଼ିଆ ଭାଷାଭାଷୀ ବିଚ୍ଛିନ୍ନାଞ୍ଚଳର ମିଶ୍ରଣ ଲାଗି ସେ ପରିଣତ ବୟସର ଭଗ୍ନ ସ୍ୱାସ୍ଥ୍ୟରେ ମଧ୍ୟ ଦିଲ୍ଲୀରେ ଡେରା ପକାଇ କେନ୍ଦ୍ରୀୟ ନେତୃବର୍ଗଙ୍କୁ ପ୍ରଭାବିତ କରିବା ଲାଗି ଉଦ୍ୟମ ଚଳାଇଥିଲେ। ସେହିପରି ଓଡ଼ିଆ ଭାଷା, ସାହିତ୍ୟ, ସଂସ୍କୃତି, ଐତିହ୍ୟ, ଭାସ୍କର୍ଯ୍ୟ, ସ୍ଥାପତ୍ୟର ପରାକାଷ୍ଠା ସମଗ୍ର ପୃଥିବୀରେ ପ୍ରତିପାଦିତ କରିବା ଲାଗି ବିଶ୍ୱ ଓଡ଼ିଆ ସମ୍ମିଳନୀ ମାଧ୍ୟମରେ ସେ ଜୀବନର ଅନ୍ତିମ ମୁହୂର୍ତ୍ତ ପର୍ଯ୍ୟନ୍ତ ଅବ୍ୟାହତ ପ୍ରୟାସ ଜାରି ରଖିଥିଲେ।

ଆଜୀବନ ବିପ୍ଳବୀ ଯୁଧିଷ୍ଠିର ଦାସ ନବେ ଦଶକରେ ଓଡ଼ିଶା ବିଧାନସଭାର ବାଚସ୍ପତି ଥିବାବେଳେ 'ବିଶ୍ୱ ଓଡ଼ିଆ ସମ୍ମିଳନୀ'ର ପ୍ରଥମ ସମାବେଶ ଆୟୋଜନ କରିଥିଲେ। ଓଡ଼ିଶାର ସ୍ମରଣୀୟ ଅତୀତକୁ ଯଥାର୍ଥ ଭାବରେ ଉପସ୍ଥାପନ କରିବା ସହିତ ବର୍ତ୍ତମାନକୁ ବିଚାର କରି ଗୌରବୋଜ୍ୱଳ ଭବିଷ୍ୟତକୁ ଆଶା କରିବା ପାଇଁ ସମ୍ମିଳନୀ ପକ୍ଷରୁ ସେ ଓଡ଼ିଆ ଏବଂ ଇଂରାଜୀ ଭାଷାରେ ଦୁଇଟି ସ୍ମାରକ ଗ୍ରନ୍ଥ ପ୍ରକାଶ କରିଥିଲେ, ଯାହାକି ଓଡ଼ିଆ ବାଣୀ ଭଣ୍ଡାରକୁ ତାଙ୍କର ମହାର୍ଘ ଅବଦାନ। ଏହି ପୁସ୍ତକ ଦୁଇଟି ତାଙ୍କର ସାରସ୍ୱତ ବିଦ୍‌ବତ୍ତାକୁ ପ୍ରତିପାଦିତ କରିବା ସାଙ୍ଗକୁ ସେହି ମହାନଭୁବଙ୍କ ପ୍ରଚଣ୍ଡ ସାଙ୍ଗଠନିକ ସାମର୍ଥ୍ୟର ପରିଚୟ ଦିଏ। ସେଥିନେଇ ରାଜ୍ୟର ଦୁଇ ଜଣ ପ୍ରଖ୍ୟାତ ଶିକ୍ଷାବିତ ତାଙ୍କ ସମ୍ପର୍କରେ ଚମତ୍କାର ମନ୍ତବ୍ୟ ରଖିଛନ୍ତି, ଯାହାର ଉଲ୍ଲେଖ ଏଠାରେ ପ୍ରଣିଧାନଯୋଗ୍ୟ।

ପ୍ରାୟ ୩୫ ବର୍ଷ ତଳେ ୧୯୯୨ ଡିସେମ୍ବର ୩ ତାରିଖରେ ବିଶ୍ୱ ଓଡ଼ିଆ ସମ୍ମିଳନୀର ପ୍ରଥମ ସମାବେଶ ଅନୁଷ୍ଠିତ ହୋଇଥିଲା। ସେହି ଅବସରରେ ପ୍ରକାଶିତ ଇଂରାଜୀ ସ୍ମାରକ ଗ୍ରନ୍ଥ 'ଓଡ଼ିଶା ପାଷ୍ଟ ଆଣ୍ଡ ପ୍ରେଜେଣ୍ଟ'ର ସମ୍ପାଦକ ପ୍ରଫେସର ବିଧୁଭୂଷଣ ଦାସ ଓ ପ୍ରଫେସର ତ୍ରିଲୋଚନ ମିଶ୍ର ମୁଖବନ୍ଧରେ ଉଲ୍ଲେଖ କରିଛନ୍ତି, "ଓଡ଼ିଶା ବିଧାନସଭାର ବାଚସ୍ପତି ତଥା ବିଶ୍ୱ ଓଡ଼ିଆ ସମ୍ମିଳନୀର ଅଭ୍ୟର୍ଥନା କମିଟି ଅଧ୍ୟକ୍ଷ ଯୁଧିଷ୍ଠିର ଦାସଙ୍କ ତତ୍ପରତା, ଉତ୍ସାହ ଏବଂ ପ୍ରତିବଦ୍ଧତା ବିନା ସ୍ୱଳ୍ପ ସମୟ ଭିତରେ ଏଭଳି ବିସ୍ତୃତ ପୁସ୍ତକ ଦିନର ଆଲୋକ ଦେଖିପାରି ନଥାନ୍ତା।"



ସେହିପରି ଓଡ଼ିଆ ଜାତିର ଉତ୍‌ଥାନ ଲାଗି ପୁଣ୍ୟାତ୍ମା ଯୁଧିଷ୍ଠିର ଦାସଙ୍କ ବ୍ୟାକୁଳତା ସମ୍ମିଳନୀ ସ୍ମାରକ ଗ୍ରନ୍ଥରେ ପ୍ରକାଶ ପାଇଥିବା ତାଙ୍କ ଆଲେଖ୍ୟରେ ସୁସ୍ପଷ୍ଟ। "ବିଶ୍ୱ ଓଡ଼ିଆ ସମ୍ମିଳନୀ ବିଷୟରେ ପଦେ" ଶିରୋନାମାରେ ପ୍ରକାଶିତ ଅଗ୍ରଲେଖରେ ସେ ଉଲ୍ଲେଖ କରିଛନ୍ତି, "ଐତିହ୍ୟ ଓ ପରମ୍ପରାରୁ ବିଚ୍ୟୁତ ହୋଇ କୌଣସି ବ୍ୟକ୍ତି ବା ଜାତି କିମ୍ବା ରାଷ୍ଟ୍ର ତିଷ୍ଠି ପାରିନାହିଁ। ବର୍ତ୍ତମାନର ବିଶ୍ୱ ପ୍ରତି ପରିଚ୍ଛନ୍ନ ଦୃଷ୍ଟି ରଖି ଏବଂ ଅତୀତ ପ୍ରତି ସଜାଗ ରହି ଆମକୁ କାର୍ଯ୍ୟପନ୍ଥା ସ୍ଥିର କରିବାକୁ ପଡ଼ିବ। .... ତା'ହେଲେ ଐକ୍ୟବଦ୍ଧ ଜାତୀୟତା ଏବଂ ତାହାର ବିକାଶ ସମ୍ଭବ ହେବ। ସେଥିପାଇଁ ଅମ୍ଳାନ ଜାଗରଣ ଓ ପନ୍ଥା ନିର୍ଦ୍ଧାରଣ ଆବଶ୍ୟକ। ଏହି ବିଶ୍ୱ ଓଡ଼ିଆ ସମ୍ମିଳନୀର ତାହା ହିଁ ଅଭିପ୍ରାୟ। ସମ୍ମିଳନୀର ଏହି ସ୍ମାରକ ଗ୍ରନ୍ଥ ଓଡ଼ିଆ ଜାତୀୟ ଜୀବନର ଇତିହାସ, ସାହିତ୍ୟ, ସଂସ୍କୃତି, କଳା ଓ ସ୍ଥାପତ୍ୟର ବିଚିତ୍ର ଓ ବର୍ଣ୍ଣାଢ୍ୟ ଧାରା ପ୍ରତି ଏ ଜାତିର ଦୃଷ୍ଟି ଆକର୍ଷଣ କରିବା ପାଇଁ ଉଦ୍ଦିଷ୍ଟ।

ଅନ୍ୟପକ୍ଷରେ ଦୁଇ ହଜାର ମସିହାରେ ବିଶ୍ୱ ଓଡ଼ିଆ ସମ୍ମିଳନୀର ଅନ୍ୟ ଏକ ସ୍ମାରକ ଗ୍ରନ୍ଥ ମଧ୍ୟ ପ୍ରକାଶ ପାଇଥିଲା। ସମ୍ମିଳନୀର ସଭାପତି ହିସାବରେ ଉକ୍ତ ପୁସ୍ତକର ଆଦ୍ୟ ଭାଗରେ 'ଓଡ଼ିଆ ଜୟଯାତ୍ରା' ନାମରେ ମୁଦ୍ରିତ ଆଲେଖ୍ୟରେ ସେ ଦର୍ଶାଇଛନ୍ତି, "ଇତିହାସ ଖ୍ୟାତ ଦୁର୍ଦ୍ଧର୍ଷ ଓଡ଼ିଆ ଜାତି ଯେପରି ଜ୍ଞାନରେ, ସେହିପରି ବାହୁ ବଳରେ ଏବଂ ନୌବାଣିଜ୍ୟର ତ୍ରିବେଣୀ-ସଙ୍ଗମରେ ସାରା ବିଶ୍ୱର ଅନ୍ୟାନ୍ୟ ଜାତି ସହିତ ତାଳ ଦେଇ ଭାଷା, ସାହିତ୍ୟ, ସଂସ୍କୃତିରେ ଅପୂର୍ବ ସ୍ୱାକ୍ଷର ରଖିଯାଇଛି। ବହୁବାର ଆକ୍ରମଣ, ପ୍ରତିଘାତକୁ ଅତିକ୍ରମ କରି ଓଡ଼ିଆ କାଳୋତ୍ତୀର୍ଣ୍ଣ କୃତି ଏବଂ କୀର୍ତ୍ତି ଏପରିକି ପାଷାଣ ଗାତ୍ରରେ ଫୁଲ ଫୁଟାଇ ପାରିଛି। .... ସମୟ ପ୍ରବାହରେ ଆତ୍ମ-ବିସ୍ମୃତ ଓଡ଼ିଆର ଜାଗରଣ ପାଇଁ ଜାତି, ଧର୍ମ, ବର୍ଣ୍ଣ ନିର୍ବିଶେଷରେ ଆସନ୍ତୁ ଆମେମାନେ ଏକତ୍ରିତ ହୋଇ ଓଡ଼ିଆ ଭାଷା, ସାହିତ୍ୟ ଏବଂ ସଂସ୍କୃତିର ଘୋଷଯାତ୍ରାକୁ ଆହୁରି ପ୍ରଖର କରିବା, ସମୃଦ୍ଧ ଓଡ଼ିଶା, ଗଣତାନ୍ତ୍ରିକ ଭାରତ ଏବଂ ସାରା ବିଶ୍ୱର ଶାନ୍ତି ପାଇଁ।"

କାନ୍ତକବିଙ୍କ କାଳଜୟୀ ସୃଷ୍ଟି 'ବନ୍ଦେ ଉତ୍କଳ ଜନନୀ' ସରକାରଙ୍କ ଦ୍ୱାରା 'ରାଜ୍ୟ ସଙ୍ଗୀତ' ମାନ୍ୟତା ପ୍ରାପ୍ତିର ୨୫ ବର୍ଷ ପୂର୍ବରୁ ଯୁଧିଷ୍ଠିର ଦାସ ବାଚସ୍ପତି ହିସାବରେ ତାକୁ ବିଧାନସଭା ଅଧିବେଶନର ଉଦ୍‌ଯାପନୀ ସଙ୍ଗୀତ ରୂପେ ଗ୍ରହଣ କରିଥିଲେ। ତଦ୍ୱାରା 'ବନ୍ଦେ ଉତ୍କଳ ଜନନୀ' ରାଜ୍ୟ ସଙ୍ଗୀତ ହେବା ପାଇଁ ପଥ ପରିଷ୍କାର ହୋଇଯାଇଥିଲା। ଏଭଳି ପଦକ୍ଷେପ ସମଗ୍ର ଦେଶରେ ପ୍ରଥମ ଥିଲା, ଯାହାକୁ ପରବର୍ତ୍ତୀ କାଳରେ ଅନ୍ୟ କେତେକ ରାଜ୍ୟର ବିଧାନସଭା ଅନୁସରଣ କରିଛନ୍ତି।

ଯୁଧିଷ୍ଠିର ଦାସ ମଧ୍ୟ ଜଣେ ସୁବକ୍ତା ଥିଲେ। ଓଡ଼ିଆ, ହିନ୍ଦୀ, ବଙ୍ଗଳା ଓ ଇଂରାଜୀ ଭାଷାରେ ଘଣ୍ଟା ଘଣ୍ଟା ଧରି ଅନର୍ଗଳ ଅଭିଭାଷଣ ପ୍ରଦାନ କରିପାରୁଥିଲେ, ଯଦିଓ ତାଙ୍କର ଆନୁଷ୍ଠାନିକ ଶିକ୍ଷା ମାତ୍ର ଦ୍ୱିତୀୟ ଶ୍ରେଣୀ ଏବଂ ସଂସ୍କୃତ ଟୋଲିରେ ମଧ୍ୟମା ଭିତରେ ସୀମିତ ଥିଲା। ନିଜେ ଆନୁଷ୍ଠାନିକ ଶିକ୍ଷାରୁ ବଞ୍ଚିତ ହୋଇଥିଲେ ମଧ୍ୟ ଅନେକ ଗରିବ ମେଧାବୀ ପିଲାଙ୍କୁ ପାଠ ପଢ଼ିବାରେ ସାହାଯ୍ୟ କରିଥିଲେ। ଏପରିକି ଶିକ୍ଷାର ପ୍ରସାର ପାଇଁ ନିଜ ଅଞ୍ଚଳରେ ଅନେକ ଶିକ୍ଷାନୁଷ୍ଠାନ ପ୍ରତିଷ୍ଠା କରି ତା'ର ପରିଚାଳନା ଦାୟିତ୍ୱ ମଧ୍ୟ ଗ୍ରହଣ କରିଥିଲେ। ନିଜର ଅଧ୍ୟବସାୟ ଓ ଦୃଢ଼ ମନୋବଳ ଦ୍ୱାରା ସେ ଓଡ଼ିଆ, ହିନ୍ଦୀ, ବଙ୍ଗଳା, ଇଂରାଜୀ ଭାଷାରେ ବ୍ୟୁତ୍ପତ୍ତି ହାସଲ କରିଥିଲେ।

ପିଲାଟି ଦିନରୁ ଯୁଧିଷ୍ଠିର ଦାସ ବିପ୍ଳବୀ ଥିଲେ। କୁଳୀନ ବ୍ରାହ୍ମଣ ପରିବାରରେ ଜନ୍ମ ହୋଇ ସୁଦ୍ଧା ସେ ଜାତି ପ୍ରଥା ବିରୁଦ୍ଧରେ ଦୁର୍ବାର ସଂଗ୍ରାମ ଚଳାଇ ଥିଲେ। ଦଳିତମାନଙ୍କ ମନ୍ଦିର ପ୍ରବେଶ, ଗରିବ ଚାଷୀଙ୍କ ହିତ ପାଇଁ ଜମିଦାରୀ ପ୍ରଥାର ଉଚ୍ଛେଦ, ମନ୍ଦିରରେ ପଶୁବଳି ବ୍ୟବସ୍ଥାର ବିଲୋପ ପାଇଁ ସେ ଜୀବନବ୍ୟାପୀ ଲଢ଼େଇ ଜାରି ରଖିଥିଲେ। ବନ୍ୟା, ବାତ୍ୟା ଭଳି ପ୍ରାକୃତିକ ଦୁର୍ବିପାକ ସମୟରେ ବିପନ୍ନ ଲୋକମାନଙ୍କୁ ରିଲିଫ୍ ବଣ୍ଟନ କରି ପିଡ଼ା ଲାଘବ କରୁଥିଲେ। ନିଜ ଜୀବନକୁ ବାଜି ଲଗାଇ ସେ ବିପନ୍ନ ଲୋକଙ୍କୁ ସହାୟତା କରୁଥିଲେ। ଥରେ ବନ୍ୟା ସମୟରେ ରିଲିଫ ସାମଗ୍ରୀ ନେଇ ସେ ଯାଉଥିବାବେଳେ ଡଙ୍ଗାଟି ଓଲଟି ପଡ଼ିଥିଲା। ଫଳରେ ବନ୍ୟା ଜଳରେ ଭାସି ଯାଉଥିବା ଗୋଟିଏ ଖଜୁରୀ ଗଛକୁ ଧରି ସେ ଲଟକି ରହିଥିଲେ। ଆସନ୍ନ ମୃତ୍ୟୁକୁ ଅପେକ୍ଷା କରିଥିବା ସମୟରେ ବେଶ୍ କିଛି ସମୟ ପରେ ସେହି ବାଟେ ଆଉ ଗୋଟିଏ ଡଙ୍ଗା ଆସିଥିଲା। ସେହି ଡଙ୍ଗାର ନାବିକ ଭାସମାନ ଅବସ୍ଥାରେ ଥିବା ଯୁଧିଷ୍ଠିରଙ୍କୁ ଦେଖି ଉଦ୍ଧାର କରିଥିଲା।

ଉତ୍କଟ ଆର୍ଥିକ ସଂକଟ ଭିତରେ କାଳାତିପାତ କରିଥିବା ଋଷି ପ୍ରତିମ ଏହି ସନ୍ନ୍ୟାସୀ ରାଜନେତା ଯୁଧିଷ୍ଠିର ଦାସ ଅତ୍ୟନ୍ତ ସ୍ୱାଭିମାନୀ ମଣିଷ ଥିଲେ। ସମାଜ ସେବା ପାଇଁ ସମଗ୍ର ଜୀବନ ଉତ୍ସର୍ଗ କରିଥିଲେ ସୁଦ୍ଧା ନିଜର ଅଭାବ ଅସୁବିଧା କାହାକୁ ଜଣାଉ ନଥିଲେ କିମ୍ବା ନିଜେ ଅନ୍ୟ ଉପରେ ବୋଝ ହେବାକୁ ଚାହୁଁ ନଥିଲେ।

ଏଭଳି ଜଣେ ପୁଣ୍ୟାତ୍ମାଙ୍କ ସଂସ୍ପର୍ଶରେ ଆସିଥିବାରୁ ମୁଁ ନିଜକୁ ଧନ୍ୟ ମନେ କରୁଛି। ତାଙ୍କର ଏକାଦଶ ଶ୍ରାଦ୍ଧୋତ୍ସବରେ ସେହି ମହାନ ଆତ୍ମା ପ୍ରତି ହୃଦୟର ଗଭୀରତମ ପ୍ରଦେଶରୁ ଶ୍ରଦ୍ଧାଞ୍ଜଳି ନିବେଦନ କରୁଛି।

# ମହାକାଶରେ ଚିକିତ୍ସା ବ୍ୟବସ୍ଥା



ଡା. ଗୁରୁପଦ ମିଶ୍ର
ଭେଷଜ ବିଭାଗ, ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜ, କଟକ

ଆମ ମହାକାଶ ବା ଅନ୍ତରୀକ୍ଷକୁ ନେଇ ଅନେକ କଥା ସବୁ ଶୁଣିବାକୁ ମିଳେ। ମହାକାଶକୁ ଯାଇଥିବା ସୁନୀତ ୱିଲିୟମସ୍ ଏଯାବତ ଫେରି ନାହାଁନ୍ତି। କିଛିଦିନ ତଳେ ଚନ୍ଦ୍ର ପୃଷ୍ଠରେ ଜାଗା କିଣାକୁ ନେଇ ଅନେକ ରୋଚକ ଘଟଣା ସବୁ ଗଣମାଧ୍ୟମରେ ପ୍ରକାଶ ପାଇଥିଲା। ଦିନକୁ ଦିନ ସୂଚନା ପ୍ରଯୁକ୍ତିର ଅନେକ ବିକାଶ ଓ ପ୍ରଗତି ହୋଇଥିବା ସତ୍ତ୍ୱେ ମହାକାଶକୁ ନେଇ ଅନେକ କୌତୁହଳ, ଉତ୍ସୁକତା ଅନେକଙ୍କ ଭିତରେ ଥାଏ। ଯେପରି ମହାକାଶଟି ବାସ୍ତବରେ କିପରି ? ସେ ସ୍ଥାନ ଆମ ପାଇଁ କେଉଁଭଳି ରହଣୀ ଯୋଗ୍ୟ, ସେଠାରେ ଅନ୍ୟ କେଉଁମାନଙ୍କୁ ଜଣେ ଦେଖିବାକୁ ପାଇବ ? ସେଠାରେ ଅନ୍ୟ ଦେଖିବା ଜିନିଷ କ'ଣ କ'ଣ ସବୁ ରହିଛି ? କିଛି ଏହିପରି। ତେବେ ମୂଳ କଥା ହେଉଛି ବାସ୍ତବରେ ମହାକାଶଚାରୀମାନେ ମହାକାଶକୁ ବିଭିନ୍ନ ପ୍ରକାର ଗବେଷଣା ପାଇଁ ଯାଇଥାନ୍ତି। ମହାକାଶଚାରୀମାନେ ପୃଥିବୀ ପୃଷ୍ଠରୁ ବହୁ ଦୂରରେ ଭିନ୍ନ ଏକ ପରିବେଶରେ ରହିଥାନ୍ତି। ଏହି ସମୟରେ ସେମାନଙ୍କ ସ୍ୱାସ୍ଥ୍ୟ ଉପରେ ଅଧିକ ପ୍ରଭାବ ପଡ଼ିଥାଏ। ତେବେ ମହାକାଶରେ ସ୍ୱାସ୍ଥ୍ୟ ବିଗିଡିଗଲେ, କେମିତି ଚିକିତ୍ସା କରାଯାଏ ସେଠାରେ କ'ଣ ଡାକ୍ତର ଥାଆନ୍ତି, ଏହା ଜାଣିବାକୁ ସମସ୍ତେ ଆଗ୍ରହ ପ୍ରକାଶ କରନ୍ତି। ବାସ୍ତବ କଥା ହେଉଛି ମହାକାଶ, ବାତାବରଣ ପୃଥିବୀ ଠାରୁ ସମ୍ପୂର୍ଣ୍ଣ ଭିନ୍ନ। ଏହାବାଦ ମହାକାଶରେ ବିକିରଣ ସ୍ତର ଅଧିକଥିବାରୁ ଏଠାରେ କର୍କଟ ହେବାର ଆଶଙ୍କା ଅଧିକ ରହିଥାଏ। ସେହିପରି ମହାକାଶରେ ଖାଦ୍ୟପେୟ ଶୈଳୀ ପୃଥିବୀ ପୃଷ୍ଠ ଠାରୁ ଭିନ୍ନ ହୋଇଥିବାରୁ ପାଚନଜନିତ ସମସ୍ୟା ଦେଖାଯାଇଥାଏ।



ପୃଥିବୀ ପୃଷ୍ଠରୁ ମହାକାଶରେ ମହାକାଶଚାରୀଙ୍କୁ ଏକାକୀ ରହିବାକୁ ପଡ଼ିଥାଏ। ଏକାକୀପଣରୁ ମାନସିକ ଚିନ୍ତା ବୃଦ୍ଧି ପାଇଥାଏ। ସେହିପରି ମହାକାଶଚାରୀ ଯାତ୍ରା ସାରି ଫେରିବା ପରେ ପ୍ରାୟତଃ ରକ୍ତହୀନତାର ଶିକାର ହୋଇଥାନ୍ତି। ଯଦିଓ ମହାକାଶରେ ଆମ ପୃଥିବୀ ପୃଷ୍ଠ ପରି ଡାକ୍ତର ନଥାନ୍ତି, ହେଲେ ଏଠାରେ ମହାକାଶଚାରୀଙ୍କ ଚିକିତ୍ସା ପାଇଁ ବିଭିନ୍ନ ପ୍ରକାର ଚିକିତ୍ସା ଉପକରଣ ମହଜୁଦ ରହିଥାଏ। ଯଦ୍ୱାରା ଜଣେ ନିଜର ଛୋଟମୋଟ ରୋଗର ନିରାକରଣ କରିପାରିବେ। ଏଠାରେ ମହାକାଶଚାରୀଙ୍କ ନିମନ୍ତେ ପେନକିଲର, ଛୁଞ୍ଚି ଏବଂ କିଛି ସର୍ଜିକାଲ ସାମଗ୍ରୀ ରହିଥାଏ। ଗମ୍ଭୀର ସ୍ଥିତି ପାଇଁ କିଛି ମହାକାଶଯାନରେ ଅକ୍ସିଜେନ ସିଲିଣ୍ଡର ଏବଂ ଭେଣ୍ଟିଲେଟର ଆଦି ଉପକରଣ ଥାଏ। ଏହାବାଦ ପୃଥିବୀ ପୃଷ୍ଠରୁ ଡାକ୍ତରମାନେ ଭିଡ଼ିଓକଲ ତଥା ଯୋଗାଯୋଗ ମାଧ୍ୟମରେ ମହାକାଶଚାରୀଙ୍କ ଚିକିତ୍ସା କରିଥାନ୍ତି। ମହାକାଶରେ ସମସ୍ତ ସମସ୍ୟାକୁ ସାମ୍ନା କରିବାକୁ ସେଠାକାର ବାତାବରଣରେ ଖାପଖୁଆଇ ଚଳିବାକୁ ମହାକାଶଚାରୀଙ୍କୁ ପୂର୍ବରୁ ତାଲିମ ଦିଆଯାଇଥାଏ। ଏ ନେଇ ଏକ ଲମ୍ବା ସମୟର ସମୟ ଭିତରେ ସେମାନଙ୍କୁ କେବଳ ମହାକାଶ ଯାତ୍ରା ସମ୍ପର୍କିତ ନୁହେଁ ବରଂ ନିଜ ଗୁରୁତ୍ୱପୂର୍ଣ୍ଣ ସ୍ୱାସ୍ଥ୍ୟ ସମ୍ପର୍କିତ ଯତ୍ନ, ଚିକିତ୍ସା ଓ ସତର୍କତା ନେଇ ଅନେକ ଉପାଦେୟ ସୂଚନା ଓ ଶିକ୍ଷା ପ୍ରଦାନ କରାଯାଇଥାଏ। ଯାତ୍ରା ସମୟରେ ସେମାନଙ୍କୁ କିଛି ଔଷଧ ଏବଂ ଭିଟାମିନ ବଟିକା ମଧ୍ୟ ଦିଆଯାଇଥାଏ। ବେଳବେଳେ ଡାକ୍ତରଙ୍କୁ ମହାକାଶକୁ ଯାତ୍ରୀ ରୂପେ ପଠାଯାଇଥାଏ। ଉଦାହରଣ ସ୍ୱରୂପ ନାସାର କିଛି ମିଶନରେ ଡାକ୍ତର ମହାକାଶକୁ ଯାତ୍ରା କରିଥିବା ଦେଖିବାକୁ ମିଳିଥିଲା। ତେବେ ମହାକାଶର ବାସ୍ତବ ଚିକିତ୍ସା ବ୍ୟବସ୍ଥା ସମ୍ପର୍କରେ ଆମେ ଯାହା ସୂଚୀତ କରିଲୁ ତାହା ତଥ୍ୟଭିତ୍ତିକ ଓ ମହାକାଶ ସମ୍ବନ୍ଧୀୟ ସୂଚନାରୁ ସଂଗୃହୀତ ତଥ୍ୟରୁ ଜାଣିବାକୁ ପାଇଥିଲୁ। ତେବେ ସୋସିଆଲ ମିଡ଼ିଆରେ କିନ୍ତୁ ଏହି ଚିକିତ୍ସା ବ୍ୟବସ୍ଥା ନେଇ ଅନେକ ଗୁଜବ ଓ ମିଥ୍ୟା ତଥ୍ୟ ପ୍ରଚାର ପ୍ରସାର ହୋଇଥାଏ। ସେଗୁଡ଼ିକୁ ବିଶ୍ୱାସ କରିବା ଉଚିତ ନୁହେଁ।

# ଘର ନ'କରୁ ପର



ଡ. ସୀତାକାନ୍ତ ତ୍ରିପାଠୀ
ଭଦ୍ରକ, ମୋ: ୯୭୭୮୭୬୪୩୯୪

ପ୍ରାୟତଃ ପ୍ରତ୍ୟେକ ମଣିଷ ନିଜକୁ ସୁରକ୍ଷିତ କରି ରଖିବା ପାଇଁ ଘରେ ରହିବାକୁ ପସନ୍ଦ କରିଥାଆନ୍ତି। ନିଜର କର୍ମମୟ ଜୀବନରୁ ମୁକ୍ତ ହେବା ପରେ ସେମାନେ ଘରକୁ ଫେରିବା ପାଇଁ ମନ ବଳାଇ ଥାଆନ୍ତି। ମାଟି ଘର ହେଉ କିମ୍ବା ପକ୍କା ଘର, ଭଡ଼ା ଘର ହେଉ କିମ୍ବା ନିଜ ଘର ସବୁଠି କିଛି ନା' କିଛି ଆନନ୍ଦ ତଥା ଇଚ୍ଛା ପୂରି ରହିଥାଏ। ଆଉ କିଛି ଲୋକଙ୍କର ନିଜର ଘର ନଥାଏ କିମ୍ବା ଭଡ଼ାଘର ମଧ୍ୟ ନଥାଏ। ସେମାନେ ଯେଉଁଠି ପାରେ ସେଇଠି ନିଜ ନିଜର ନିତ୍ୟକର୍ମ ସାରିବା ସହିତ ନିଦ ମେଣ୍ଟାଇ ଥାଆନ୍ତି। ଯେଉଁମାନଙ୍କୁ ଆମେ ସାଧାରଣ ଭାବେ 'ବାସହୀନ' ବା 'ଯାଯାବର' ଭାବେ ଅଭିହିତ କରିଥାଉ। ସେମାନଙ୍କର ଠିକଣା ବୋଲି କିଛି ନଥାଏ। କିଛି ଲୋକ ନିଜ ପାଇଁ କିମ୍ବା ନିଜ ପରିବାର (ଏକାନ୍ନବର୍ତ୍ତୀ / ଯୌଥ) ପାଇଁ ଘର ତିଆରି କରୁଥିବା ବେଳେ ଆଉ କିଛି ଲୋକ ମଧ୍ୟ ଅନ୍ୟମାନଙ୍କ ପାଇଁ ଘର ତିଆରି କରି ସେମାନଙ୍କ ସହିତ ରହିବା ପାଇଁ ମନ ବଳାଇ ଥାଆନ୍ତି। ବର୍ତ୍ତମାନ ପରିପ୍ରେକ୍ଷୀରେ ମାଟି ଓ ଚାଳଛପର ଘର ଗୁଡ଼ିକର ସ୍ୱରୂପ ବଦଳି ଯାଇ ସେଗୁଡ଼ିକ ପକ୍କାଘରର ସ୍ୱରୂପ ନେଲାଣି। ତେବେ ଦିନକୁ ଦିନ ସମସ୍ତଙ୍କର ଘର ତିଆରି କରିବାର ଅଦମ୍ୟ ଇଚ୍ଛା ଓ ଆଗ୍ରହ ବଢ଼ିବା ପରି ମନେ ହେଉଛି ଯାହାକୁ ପ୍ରବାସୀ ଜୀବନ, ଆୟ ବୃଦ୍ଧି ଏବଂ ପାଶ୍ଚାତ୍ୟ ସଭ୍ୟତାର ପ୍ରଭାବ ବହୁଗୁଣିତ କରାଇବାରେ ଲାଗିଛି। ଯାହା ଫଳରେ ଲୋକମାନେ କେବଳ ସହର କିମ୍ବା ଗାଁରେ ଘର ତିଆରି କରୁ ନାହାଁନ୍ତି ବରଂ ଉଭୟ ଜାଗାରେ ଘର ତିଆରିରେ ମନ ଦେଇ ଋଣ ଯନ୍ତାରେ ବରଂ ପଡୁଛନ୍ତି କିନ୍ତୁ ଅନାଗତ ଭବିଷ୍ୟତର ସ୍ୱପ୍ନ ଦେଖି ଖୁସିରେ ମସଗୁଲ ହେଉଛନ୍ତି। ଆଉ କେତେକ ତଥାକଥିତ ଧନୀକ ଗୋଷ୍ଠୀମାନଙ୍କ ପାଇଁ ଏହା କଳା ଧନକୁ ଧଳା କରିବାର ଏକ ପ୍ରମୁଖ ମାଧ୍ୟମ ବୋଲି ବିଚାର କରାଯାଇଥାଏ। ଯାହା ଫଳରେ ନିଜର ସୁରକ୍ଷା କବଚ ସାଜିଥିବା ଘର କଣ୍ଟା ସଦୃଶ ମନେହୁଏ। ଆଉ ବେଳେବେଳେ ପିତାମାତା ମାନେ ନିଜ ସନ୍ତାନମାନଙ୍କ ଭବିଷ୍ୟତ କଥା ଭାବି ତିଆରି କରିଥିବା ଘରକୁ କେନ୍ଦ୍ରକରି ଯେତେବେଳେ ସନ୍ତାନମାନଙ୍କ ଭିତରେ କଳି ଗଣ୍ଡଗୋଳ ସୃଷ୍ଟି ହୁଏ ସେତେବେଳେ ଲୋକମାନେ କହନ୍ତି ଦେଖ ! 'ଘର କଲା ପର'। ଆଉ 'ଯେତେ ଭାଇ ସେତେ ଘର' କଥା ଚିନ୍ତା ନକରି ଯେଉଁ ବାପା ମା'ମାନେ ଘର ତିଆରି କରି ଥାଆନ୍ତି ତାହା ସମସ୍ତ ଅଶାନ୍ତି ଓ ଅନର୍ଥର କାରଣ ସାଜିଥାଏ। ନିଜର ତିନି-ଚାରି ସନ୍ତାନମାନଙ୍କ ଭବିଷ୍ୟତ କଥା ଚିନ୍ତା କରି ସହରରେ ବଡ଼ ଜାଗା କିଣି ୪-୫ ବଖରା ଘର କରିବା ପାଇଁ ଲୋକମାନେ ଗାଁରେ ଥିବା ନିଜ ପୈତୃକ ସମ୍ପତ୍ତିକୁ ବିକିବା ପାଇଁ ପଛଘୁଞ୍ଚା ଦିଅନ୍ତି ନାହିଁ। ପ୍ରଥମେ ପ୍ରଥମେ ବାପା-ମା', ପିଲାମାନେ ସାଙ୍ଗ ହୋଇ ରହୁଥିବାବେଳେ ଧୀରେ ଧୀରେ ସନ୍ତାନମାନେ ବିଭିନ୍ନ କାମରେ ଲାଗି ଯାଆନ୍ତି ଆଉ ବିବାହ ମଧ୍ୟ କରନ୍ତି। ସେମାନଙ୍କର ସଂସାର ବଢ଼ିବା ଫଳରେ ସେମାନେ ଆଉ ୪-୫ ବଖରା ଥିବା ଘରେ ରହିବାକୁ ମନ ବଳାନ୍ତି ନାହିଁ। କାରଣ ସେଠାରେ ଅଲଗା ଅଲଗା ରୋଷେଇ ଘର, ଶୌଚାଳୟ, ଗାଧୁଆଘର ଆଦିର ସୁବିଧା ସୁଯୋଗ ନଥାଏ। ତା'ଛଡ଼ା କିଏ ସନ୍ଧ୍ୟାବେଳେ ଘରକୁ ଫେରୁଥିବା ବେଳେ ଆଉ କିଏ ବିଳମ୍ବିତ ରାତି ପର୍ଯ୍ୟନ୍ତ ମଧ୍ୟ ଘରକୁ ଫେରିବା ସମ୍ଭବ ହୋଇ ନଥାଏ। ଯାହା ଫଳରେ ଘରର ମୁଖ୍ୟ ଫାଟକ ବନ୍ଦ କରିବାର ଦାୟିତ୍ୱ କାହାକୁ ଦିଆଯିବ ତାକୁ ନେଇ ବାଦ ବିବାଦ ଆରମ୍ଭ ହୋଇଥାଏ। ବିଶେଷତଃ ବାପା-ମା'ଙ୍କର ସ୍ୱର୍ଗବାସ ପରେ ଉକ୍ତ ବିବାଦ ତୀବ୍ର ରୂପ ଧାରଣ କରିଥାଏ। ଜଣେ ଭାଇ ଘର ବିକିବାକୁ ଅଡ଼ି ବସୁଥିବା ବେଳେ ଆଉ ଜଣେ ଭାଇ ପୈତୃକ ସମ୍ପତ୍ତି ବିକ୍ରି କରିବା ଅନୁଚିତ ବୋଲି ଯୁକ୍ତି ବାଢ଼ି ଥାଆନ୍ତି। ଧୀରେ ଧୀରେ ଉକ୍ତ କଥା ଅଦାଲତକୁ ଯାଏ ଯେଉଁଠି ଭାଇମାନଙ୍କର ମତାମତ ଯୋଗୁଁ ଘର ବିକ୍ରି ହେବା କିମ୍ବା ସମ୍ମିଳିତ ହୋଇ ରହିବା କଷ୍ଟକର ହୋଇପଡ଼େ। ସବୁବେଳେ ଯେତେ ସନ୍ତାନ ସେତେ ମହଲା ଘର ତିଆରି କରିବା ମଧ୍ୟ ସମ୍ଭବ ହୋଇ ନଥାଏ। ତେଣୁ ସେସବୁ କ୍ଷେତ୍ରରେ ତିଆରି ଘରକୁ ନେଇ ବିବାଦ ଆରମ୍ଭ ହୋଇଥାଏ। ତେଣୁ ଏଠାରେ ଗାଁ ଘର ଭଲ କିମ୍ବା ସହରରେ ଘର ଭଲ ତାହାର ସଂଜ୍ଞା ନିରୂପଣ କରିବା କଷ୍ଟକର। ଅନାଗତ ଭବିଷ୍ୟତ ପ୍ରତି ଦୃଷ୍ଟି ନଦେବା, ଲୋଭ, ଅହଙ୍କାରର ତଥା ଐଶ୍ୱର୍ଯ୍ୟର ବଶବର୍ତ୍ତୀ ହୋଇ ବିଭିନ୍ନ ସ୍ଥାନରେ ଘର ନିର୍ମାଣ କରିବା କ୍ଷଣିକ ଭାବେ ଯେତିକି ଖୁସି ଦେଇଥାଏ ଅନେକ ସମୟରେ ସେଗୁଡ଼ିକ ଦୁଃଖର କାରଣ ସାଜି ଥାଆନ୍ତି। ତଥାପି ସାମାଜିକ ନ୍ୟାୟ ତଥା ଆବଶ୍ୟକତାକୁ ପ୍ରାଧାନ୍ୟ ଦେଇ ଘର ତିଆରି ହେବା ଆବଶ୍ୟକ। ସରକାରଙ୍କ ତରଫରୁ ଘର ତିଆରି କରିବା, ଘର ପାଇଁ ଜମି ଯୋଗାଇ ଦିଆଯିବା ଆଦି ଅନେକ ଜନ ହିତକର କାର୍ଯ୍ୟକ୍ରମ ହାତକୁ ନିଆଯାଉଥିଲେ ମଧ୍ୟ କେତେକ ସମୟରେ ତ୍ରୁଟିପୂର୍ଣ୍ଣ ହିତାଧିକାରୀ ଚୟନ ଯୋଗୁଁ ତାହା ସାଧାରଣରେ ଭ୍ରୂକୁଞ୍ଚନ ସୃଷ୍ଟି କରିଥାଏ। ବିଭିନ୍ନ ଉନ୍ନୟନ ପ୍ରକଳ୍ପ ହାତକୁ ନିଆଯିବା ସମୟରେ ବିସ୍ଥାପିତ ପରିବାର ମାନଙ୍କୁ ଯେତେବେଳେ ଘର ଯୋଗାଇ ଦିଆଯାଇଥାଏ ତାହା ନିଜର ଭିଟାମାଟି ହରାଇଥିବା ପରିବାର ଗୁଡ଼ିକୁ ଆନନ୍ଦ ପ୍ରଦାନରେ ସମ୍ପୂର୍ଣ୍ଣ ସହାୟକ ହୋଇପାରି ନଥାଏ। କାରଣ ଥଇଥାନ କେନ୍ଦ୍ର ବା କଲୋନୀ ଗୁଡ଼ିକ ସେମାନଙ୍କ ପାଇଁ ସମ୍ପୂର୍ଣ୍ଣ ନୂଆ ହୋଇଥାଏ। ତେଣୁ ଘରକୁ ନିଜର କରିବା ଏକ ଆପେକ୍ଷିକ ବ୍ୟାପାର। ଯାହା ସ୍ଥାନ, କାଳ ଓ ପାତ୍ର ଭେଦରେ ଅଲଗା ଅଲଗା ଅନୁଭୂତି ପ୍ରଦାନ କରିଥାଏ।

ଓଡ଼ିଶା ଭାସ୍କର
ODISHA BHASKAR
# ରାଜ୍ୟ ଖବର





ଭଣ୍ଡାରିପୋଖରୀ(ଭାସ୍କର ନ୍ୟୁଜ): ଭଣ୍ଡାରିପୋଖରୀ ବ୍ଲକର ରହଣିଆ ଉଚ୍ଚ ବିଦ୍ୟାଳୟ ଅଚାନକ ପରିଦର୍ଶନ କରିଛନ୍ତି ଜିଲ୍ଲାପାଳ ଦିଲ୍ଲିପ କୁମାର ରାଉତରାଏ। ସୋମବାର ବ୍ଲକରେ ଅନୁଷ୍ଠିତ ଜନଶୁଣାଣୀ ସାରି ଅପରାହ୍ନ ୧.୫୦ମି. ସମୟରେ ରହଣିଆ ଉଚ୍ଚ ବିଦ୍ୟାଳୟରେ ପହଞ୍ଚିଥିଲେ। ମାତ୍ର ମଧ୍ୟାହ୍ନ ଭୋଜନରେ ବ୍ୟସ୍ତଥିବାରୁ ତାଲା ପଡିଥିବା ବିଦ୍ୟାଳୟ ଫାଟକ ଖୋଲା ଯାଇ ପାରିନଥିଲା। କିଛି ସମୟ ଅପେକ୍ଷା ପରେ ଫାଟକ ଖୋଲାଯାଇଥିଲା ଓ ଜିଲ୍ଲାପାଳ ବିଦ୍ୟାଳୟ କାର୍ଯ୍ୟାଳୟକୁ ପ୍ରବେଶ କରି ଛାତ୍ରଛାତ୍ରୀ ଓ ଶିକ୍ଷକ ଶିକ୍ଷୟିତ୍ରୀଙ୍କ ଉପସ୍ଥାନ ତନଖ୍ କରିଥିଲେ। ପ୍ରଧାନଶିକ୍ଷକ ଓ ଅନ୍ୟ ୨ ଜଣ ଶିକ୍ଷକ ଅନୁପସ୍ଥିତ ଥିବା ଜାଣିବାକୁ ପାଇ ସେମାନଙ୍କ ଛୁଟି ଦରଖାସ୍ତ ଲୋଡିଥିଲେ। ସହକାରୀ ଶିକ୍ଷକ ୨ ଜଣଙ୍କ ଛୁଟି ଦରଖାସ୍ତ ଶିକ୍ଷକ ଉପସ୍ଥାନ ଖାତାରେ ଦରଜ କରାଯାଇନଥିବାରୁ ବିରକ୍ତି ପ୍ରକାଶ କରିଥିଲେ। ମାତ୍ର ପ୍ରଧାନଶିକ୍ଷକଙ୍କ ଛୁଟି ଦରଖାସ୍ତ ମିଳିନଥିଲା। ଏଥିପାଇଁ ପ୍ରଧାନଶିକ୍ଷକଙ୍କୁ କାରଣ ଦର୍ଶାଓ ନୋଟିସ କରିବାକୁ ବିଡିଓଙ୍କୁ ନିର୍ଦ୍ଦେଶ ଦେଇଥିଲେ। ବିଦ୍ୟାଳୟର ମଧ୍ୟାହ୍ନ ଭୋଜନ ତଦାରଖ କରିବା ସହ ଏକାଧିକ ଶ୍ରେଣୀକକ୍ଷକୁ ଯାଇ ଶିକ୍ଷାଦାନ ସମ୍ପର୍କରେ ପଚାରି ବୁଝିଥିଲେ।

# ଗାଁ ରାସ୍ତାରେ ନଯିବାକୁ ଚେତାବନୀ: ମାଆ-ଝିଅଙ୍କ ଉପରେ ମରଣାନ୍ତକ ଆକ୍ରମଣ ଅଭିଯୋଗ



ନିଶ୍ଚିନ୍ତକୋଇଲି(ଭାସ୍କର ନ୍ୟୁଜ): ନିଶ୍ଚିନ୍ତକୋଇଲି ବ୍ଲକ ବାବୁଜଙ୍ଗ ଗ୍ରାମପଞ୍ଚାୟତ ଦୁଲୁପୁର ଗ୍ରାମରେ ଏକ ଅଭାବନୀୟ ଘଟଣା ଘଟିଛି। ଏକ ଦଳିତ ପରିବାରକୁ ଗାଁ ରାସ୍ତାରେ ନଯିବା ନିମନ୍ତେ ଚେତାବନୀ ଦିଆଯାଇଛି। ମାଆ ଝିଅଙ୍କ ଉପରେ ମରଣାନ୍ତକ ଆକ୍ରମଣ କରାଯିବା ସହ ଜାତିଆଣ ଆକ୍ଷେପ କରାଯାଇଥିବା ଅଭିଯୋଗ ହୋଇଛି। କିଶନନଗର ଥାନା ପୋଲିସ ନାମକୁ ମାତ୍ର ମାମଲା ରୁଜୁ କରି ହାତବାନ୍ଧି ଚୁପ ହୋଇ ବସିରହିଥିବା ଅଭିଯୋଗ ହୋଇଛି। ଏହି ଘଟଣାକୁ ନେଇ ଗ୍ରାମରେ ଉତେଜନା ଲାଗିରହିଛି। କଟକ ସଦର ନିର୍ବାଚନ ମଣ୍ଡଳୀ ତଥା ନିଶ୍ଚିନ୍ତକୋଇଲି ବ୍ଲକ ଦୁଲୁପୁର ଗ୍ରାମରେ ଆଜକୁ ୪୦ ବର୍ଷ ହେଲା ଏକ ଦଳିତ ପରିବାର ବାସ କରୁଛନ୍ତି। ତାଙ୍କ ପରିବାରକୁ ସରକାରଙ୍କ ତରଫରୁ ଜମି ପଟ୍ଟା ପ୍ରଦାନ କରାଯାଇଛି। ଏପରିକି ଆବାସ ଯୋଜନାରେ ମଧ ଗୃହ ଯୋଗାଇ ଦିଆଯାଇଛି। ତେବେ ଏକମାସ ତଳେ ସ୍ଥାନୀୟ ଗ୍ରାମର ବିଚିତ୍ରାନନ୍ଦ ସାମଲ ପରିବାରଙ୍କ ସହ ଏହି ଦଳିତ ପରିବାରର କୌଣସି ଏକ ଘଟଣାକୁ ନେଇ କଳିଝଗଡା ହୋଇଥିଲା। ସ୍ଥାନୀୟ ଗ୍ରାମପଞ୍ଚାୟତ ଦ୍ୱାରା ଏହି ବିବାଦର ସମାଧାନ କରାଯାଇଥିଲା। ବିଚିତ୍ରାନନ୍ଦଙ୍କ ପରିବାର ତରଫରୁ ସମ୍ପୃକ୍ତ ଦଳିତ ପରିବାରକୁ ଗାଁ ଛାଡି ଚାଲିଯିବାକୁ ବାରମ୍ବାର ଧମକ ଚମକ ଦିଆଯାଇ ଆସୁଥିଲା। ଏହି ଦଳିତ ପରିବାରକୁ ଗାଁ ରାସ୍ତାରେ ନଯିବା ପାଇଁ ସମ୍ପୃକ୍ତ ପରିବାର ତରଫରୁ ଚେତାବନୀ ଦିଆଯାଇଥିଲା। ଗତ ୧୨ ତାରିଖ ଦିନ ସୁଧାକର ମଲିକଙ୍କ ପତ୍ନୀ ସସ୍ମିତା ମଲିକ ଓ ତାଙ୍କର କନ୍ୟା ଗାଁ ରାସ୍ତାଦେଇ ଯାଉଥିଲେ। ଏହି ସମୟରେ ଗାଁ ରାସ୍ତାଦେଇ ନଯିବା ପାଇଁ ତାଙ୍କୁ ଚେତାବନୀ ଦିଆଯାଇଥିଲା। ଗାଁ ରାସ୍ତାଦେଇ ଗଲେ ତାଙ୍କୁ ଜୀବନରେ ମାରିଦେବାକୁ ଧମକ ଦିଆଯାଇଥିଲା। ଏପରିକି ମାଆ ଝିଅ ଗାଁ ଦୋକାନକୁ ଯାଉଥିଲା ବେଳେ ବିଚିତ୍ରାନନ୍ଦ ସାମଲଙ୍କ ପରିବାର ତରଫରୁ ମାଆ ଝିଅଙ୍କ ଉପରେ ମରଣାନ୍ତକ ଆକ୍ରମଣ କରାଯାଇଥିଲା। ଏପରିକି ତାଙ୍କୁ ଜାତିଆଣ ଆକ୍ଷେପ କରାଯିବା ସହ ଅତ୍ୟନ୍ତ ଅଶାଳୀନ ଭାଷାରେ ଗାଳିଗୁଲଜ କରାଯାଇଥିଲା। ଏହି ମରଣାନ୍ତକ ଆକ୍ରମଣରେ ମାଆଝିଅ ଗୁରୁତର ଭାବେ ଆହତ ହୋଇଛନ୍ତି। ଆହତଙ୍କୁ ଚିକିତ୍ସା ନିମନ୍ତେ ରଘୁନାଥପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତି କରାଯାଇଥିଲା। ଏପରିକି ତାଙ୍କ ଘରକୁ ଭାଙ୍ଗିଦେବା ନିମନ୍ତେ ଧମକ ଦିଆଯାଇଛି। ଏହି ଧମକରେ ତାଙ୍କ ପରିବାର ଭୟଭୀତ ହୋଇପଡିଛନ୍ତି। ସେମାନଙ୍କ ଜୀବନ ପ୍ରତି ବିପଦର ଆଶଙ୍କା ସୃଷ୍ଟି ହୋଇଛି। ଏ ସମ୍ପର୍କରେ ସସ୍ମିତା ଗତ ୧୩ତାରିଖ ଦିନ କିଶନନଗର ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଅଭିଯୋଗକୁ ଭିତ୍ତି କରି କିଶନନଗର ଥାନା କେଶ ନଂ ୨୭/୨୦୨୫ରେ ଏକ ମାମଲା ରୁଜୁ କରିଛି। ପୋଲିସ ଏହି ଘଟଣାରେ ମାମଲା ରୁଜୁ କରି ହାତବାନ୍ଧି ଚୁପ ହେଇ ବସିରହିଛି। ତେବେ ଏହି ଘଟଣାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଉତ୍ତେଜନା ପ୍ରକାଶ ପାଉଛି।

# ଯୁବକର ଝୁଲନ୍ତା ଶବ ଉଦ୍ଧାର: ୨ ଅଟକ




ପାରାଦୀପ(ଭାସ୍କର ନ୍ୟୁଜ): ପାରାଦୀପ ସହରର ବଡ଼ପଡ଼ିଆ ମାର୍କେଟ ଅଞ୍ଚଳରେ ଥିବା ସନ୍ତୋଷ ପ୍ଲାଜା ନାମକ ଏକ ହୋଟେଲର ଛାତ ଉପରେ ସୋମବାର ସକାଳେ ଜଣେ ଯୁବକର ଝୁଲନ୍ତା ଅବସ୍ଥାରେ ମୃତ ଦେହ ଉଦ୍ଧାର କରିଛି ପାରାଦୀପ ଆଦର୍ଶ ଥାନା ପୋଲିସ । ଏହି ଘଟଣାରେ ହତ୍ୟା ସନ୍ଦେହରେ ଦୁଇଜଣଙ୍କୁ ଅଟକ ରଖି ତଦନ୍ତ ଚଳାଇଛି ପୋଲିସ । ମୃତ ଯୁବକ ପଶ୍ଚିମବଙ୍ଗ ଅଞ୍ଚଳର ସୁମନ କୋନର ବୋଲି ଜଣାପଡିଛି । ହୋଟେଲର ଗୋଟିଏ ରୁମରେ ତିନିଜଣ ବ୍ୟକ୍ତି କିଛିଦିନ ହେବ ଏକ କମ୍ପାନୀ ପ୍ରୋଜେକ୍ଟ କାମରେ ପାରାଦୀପ ଆସି ଉକ୍ତ ହୋଟେଲରେ ରହୁଥିବା ବେଳେ ଜଣେ ବ୍ୟକ୍ତିଙ୍କ ସନ୍ଦେହଜନକ ଭାବରେ ଝୁଲନ୍ତା ଅବସ୍ଥାରେ ମୃତଦେହ ଜବତ ହୋଇଛି । ଘଟଣା ସ୍ଥଳରେ ଦୁଇଜଣ ସାଥୀଙ୍କୁ ସନ୍ଦେହରେ ଅଟକ ରଖି ପଚରା ଉଚରା ଆରମ୍ଭ କରିଛି ଆଦର୍ଶ ଥାନା ପୋଲିସ । ଜଣେ ସାଥିର ମୃତ୍ୟୁକୁ ନେଇ ସୁଶାନ୍ତ ଘୋଷ, ଶୁଭମ ରାଜ ଚାଟାର୍ଜୀଙ୍କୁ ଅଟକ ରଖି ତଦନ୍ତକୁ ତ୍ୱରାନ୍ୱିତ କରିଥିବା ବେଳେ ସାଇଣ୍ଟିଫିକ ଟିମ ଆସିବା ପରେ ଘଟଣାର ପ୍ରକୃତ ତଥ୍ୟ ସାମ୍ନାକୁ ଆସିବ । ତେବେ ମୃତକଙ୍କ ସହ ଅଟକ ଥିବା ଦୁଇଜଣ ବ୍ୟକ୍ତି ପଶ୍ଚିମବଙ୍ଗର ବୋଲି ଜଣାପଡିଛି । ତେବେ ପାରାଦୀପର ବିଭିନ୍ନ ହୋଟେଲ ଏବଂ ଲଜରେ ବିଭିନ୍ନ ଅନୈତିକ କାରବାର ସହ ବହୁ ସନ୍ଦିଗ୍ଧ ବ୍ୟକ୍ତି ରହୁଥିବା ନେଇ ଚର୍ଚ୍ଚା ହେଉଥିବା ବେଳେ ଏସବୁ ହୋଟେଲ ଓ ଲଜରେ ପୋଲିସ ପ୍ରଶାସନ ପକ୍ଷରୁ ଦୈନିକ ତନଖି ଓ ତଲାସୀ ହେଉନଥିବା ଅଭିଯୋଗ ହେଉଛି ।

## ବିଭିନ୍ନ କ୍ଲଷ୍ଟରରେ ନିପୁଣ ଓଡିଶା ମେଳା

ଭଣ୍ଡାରିପୋଖରୀ(ଭାସ୍କର ନ୍ୟୁଜ): ଭଣ୍ଡାରିପୋଖରୀ ବ୍ଲକର ଖଡିସିଙ୍ଗା କ୍ଲଷ୍ଟରରେ ନିପୁଣ ଓଡିଶା ମେଳା ସୋମବାର ଅନୁଷ୍ଠିତ ହୋଇଯାଇଛି। ସାଧାନକେନ୍ଦ୍ର ସଂଯୋଜନ ଜଗନ୍ନାଥ ପଣ୍ଡାଙ୍କ ସଂଯୋଜନାରେ ଓ ଶିକ୍ଷକ ଉଦୟନାଥ ରାଉତଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ମେଳାରେ କ୍ଲଷ୍ଟର ଅନ୍ତର୍ଗତ ବିଭିନ୍ନ ବିଦ୍ୟାଳୟର ପ୍ରଥମରୁ ତୃତୀୟ ଶ୍ରେଣୀ ଛାତ୍ରଛାତ୍ରୀମାନେ ଅଂଶଗ୍ରହଣ କରିଥିଲେ। ଏବିଇଓ ଅକ୍ଷୟ କୁମାର ଜେନା ମେଳାକୁ ଉଦଘାଟନ କରିଥିଲେ। ଭାଷାଜ୍ଞାନ, ହସ୍ତକଳା ଓ ମୌଳିକ ସଂଖ୍ୟାଜ୍ଞାନ ଆଧାରିତ ଶିକ୍ଷଣ ସାମଗ୍ରୀ ଛାତ୍ରଛାତ୍ରୀମାନେ ପ୍ରଦର୍ଶିତ କରିଥିଲେ। ବିପିନ ଜେନା ଓ ପ୍ରକାଶ ଦାସ ବିଚାରକ ଭାବେ ଶିକ୍ଷଣ ସାମଗ୍ରୀଗୁଡିକର ମୂଲ୍ୟାୟନ କରିଥିଲେ। ସେହିପରି ଯଶୋଟିକିରି କ୍ଲଷ୍ଟରରେ ନିପୁଣ ଓଡିଶା ମେଳା ସୁବର୍ଣ୍ଣମୁଖି ଉଚ୍ଚ ବିଦ୍ୟାଳୟରେ ସୋମବାର ଅନୁଷ୍ଠିତ ହୋଇଯାଇଛି। ଶିକ୍ଷା ସଂଯୋଜକ ଦୁର୍ଗାପ୍ରସାଦ ମାର୍ଥାଙ୍କ ସଂଯୋଜନାରେ ଓ ପ୍ରଧାନଶିକ୍ଷକ ଅଜୟ କୁମାର ନନ୍ଦଙ୍କ ଅଧ୍ୟକ୍ଷତାରେ ଏବିଇଓ ଶ୍ରୀ ଜେନା ଉଦ୍‌ଘାଟନ କରିଥିଲେ। ଜିଲ୍ଲା ପରିଷଦ ସଦସ୍ୟ ବଦ୍ରୀନାରାୟଣ ରାଉତ, ସମିତି ସଭ୍ୟ ରାଜେଶ କୁମାର ଜେନା, ଏସ.ଏମ.ସି. ସଭାପତି କୃପାସିନ୍ଧୁ ପୃଷ୍ଟି, ୱାର୍ଡ ସଭ୍ୟା ସୁମିତ୍ରା ପଣ୍ଡା ଓ ଆଶାକର୍ମୀ ଜ୍ୟୋତ୍ସ୍ନା ଦାସ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଶିକ୍ଷକ ଶିଶିର କୁମାର ମହାଳିକ ଅତିଥି ପରିଚୟ ଓ ଶିକ୍ଷକ ଅଶ୍ୱିନୀ କୁମାର ମଲ୍ଲିକ ଧନ୍ୟବାଦ ଦେଇଥିଲେ।

## ପାରାଦୀପ ଏସ୍.କେ.ଏକାଡେମୀ ବିଦ୍ୟାଳୟର ୧୧ତମ ବାର୍ଷିକ ଉତ୍ସବ



ପାରାଦୀପ(ଭାସ୍କର ନ୍ୟୁଜ): ପାରାଦୀପଗଡ଼ ଶିକ୍ଷାଞ୍ଚଳସ୍ଥିତ ଏସ.କେ.ଏକାଡେମୀ ଇଂରାଜୀ ବିଦ୍ୟାଳୟର ୧୧ତମ ବାର୍ଷିକ ଉତ୍ସବ ରବିବାର ବିଦ୍ୟାଳୟ ପରିସରରେ ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି । ଉତ୍ସବରେ ମୁଖ୍ୟ ଅତିଥି ଭାବେ ଓଡିଶା ସରକାରଙ୍କ ଶିକ୍ଷ, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗ ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ଯୋଗଦେଇ ଛାତ୍ରଛାତ୍ରୀଙ୍କୁ ଏକାଗ୍ରତା ଓ ସମୟାନୁବର୍ତ୍ତିତା ରଖିଲେ ଆଗକୁ ବଢି ପାରିବେ ବୋଲି କହିଥିଲେ । ଅନ୍ୟମାନଙ୍କ ମଧ୍ୟରେ ମୁଖ୍ୟବକ୍ତା ଭାବେ କୁଜଙ୍ଗ ମଣ୍ଡଳ ଶିକ୍ଷା ଅଧିକାରୀ ମନୋଜ କୁମାର ବେହେରା, ସମ୍ମାନୀତ ଅତିଥି ଭାବେ ବରିଷ୍ଠ ଆଇନଜୀବୀ ସଞ୍ଜୟ କୁମାର ବେହେରା, ପାରାଦ୍ୱୀପଗଡ ଗ୍ରାମ ପୟତ ସରପଞ୍ଚ ସଶ୍ମିତା ବେହେରା, ନୂଆଗଡ ଗ୍ରାମ ପଞ୍ଚାୟତ ସରପଞ୍ଚ ଦେବେନ୍ଦ୍ର କୁମାର ରାଉତ, ପ୍ରମୋଦ କୁମାର ପତି ଯୋଗଦେଇ ବିଦ୍ୟାଳୟର ଶିକ୍ଷା ବ୍ୟବସ୍ଥା ଓ ଛାତ୍ରଛାତ୍ରୀଙ୍କ ଶୃଙ୍ଖଳାକୁ ପ୍ରଶଂସା କରିଥିଲେ। ବିଦ୍ୟାଳୟର ଅଧ୍ୟକ୍ଷ ପ୍ରଭାତ ପ୍ରକାଶ ସାହୁ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ପ୍ରଧାନ ଶିକ୍ଷୟିତ୍ରୀ ସଶ୍ମିତା ସ୍ୱାଇଁ ବାର୍ଷିକ ବିବରଣୀ ପାଠ କରିଥିଲେ। ବିଦ୍ୟାଳୟର ପରିଚାଳନା କମିଟିର ସମ୍ପାଦକ ବିମଳ ଚନ୍ଦ୍ର ପଟ୍ଟନାୟକ ଧନ୍ୟବାଦ ଅର୍ପଣ କରିଥିଲେ । ମନ୍ତ୍ରୀ ବାର୍ଷିକ କ୍ରୀଡା ପ୍ରତିଯୋଗିତାରେ ଶ୍ରେଷ୍ଠ ସ୍ଥାନ ଅଧିକାର କରିଥିବା ୭ମ ଶ୍ରେଣୀର କୃତି ଛାତ୍ର ବେଦ ପ୍ରକାଶ ସାହୁ ଓ ସମାଜସେବୀ ପରିକ୍ଷିତ ତରାଇଙ୍କୁ ଶିକ୍ଷାବର୍ଷ ସମ୍ମାନରେ ପୁରସ୍କୃତ କରିଥିଲେ। ଶେଷରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

## ବ୍ୟାସ୍ ଫାଉଣ୍ଡେସନ ସହାୟତାରେ ପରିବାରକୁ ଫେରିଲେ ବୃଦ୍ଧା

ପାରାଦୀପ/କୁଜଙ୍ଗ(ଭାସ୍କର ନ୍ୟୁଜ): ଜଗତସିଂହପୁର ଜିଲ୍ଲା କୁଜଙ୍ଗ ବ୍ଲକ ଅନ୍ତର୍ଗତ ଜଳପଦା ଗ୍ରାମର ବାସନ୍ତୀ ସାହୁ ତିନି ପୁଅଙ୍କ ଦ୍ୱାରା ଦୀର୍ଘଦିନ ହେବ ଅବହେଳିତ ହୋଇ ବ୍ୟାସ ଫାଉଣ୍ଡେସନର ଅଧ୍ୟକ୍ଷା ତଥା ସମାଜସେବୀ ସ୍ନେହମୟୀ ଆଚାର୍ଯ୍ୟଙ୍କ ହାୟତାରେ ଜଗତସିଂହପୁର ଉପଜିଲ୍ଲାପାଳଙ୍କ ନିକଟରେ ଏ ବବାଦରେ ଲିଖିତ ଭାବେ ଅଭିଯୋଗ କରିଥିଲେ। ପାରିପାର୍ଶ୍ୱିକ ଅବସ୍ଥାକୁ ଅନୁଧ୍ୟାନ କରି ପାରିବାରିକ ଅବ୍ୟବସ୍ଥାକୁ ବୁଝାମଣା ମାଧ୍ୟମରେ ତିନିପୁଅ ଓ କୁଜଙ୍ଗ ପୋଲିସକୁ ନୋଟିସ ଜାରି କରିଥିଲେ ଉପଜିଲ୍ଲାପାଳ । ଉପଜିଲ୍ଲାପାଳଙ୍କ ନିର୍ଦ୍ଦେଶ, ବ୍ୟାସ ଫାଉଣ୍ଡେସନ ଓ କୁଜଙ୍ଗ ପୋଲିସଙ୍କ ହସ୍ତକ୍ଷେପ ଫଳରେ ବାସନ୍ତୀ ସାହୁ ଖୁସି ମନରେ ନିଜ ପରିବାର ସହ ରହିବାର ସୁଯୋଗ ଫେରି ପାଇଛନ୍ତି । କୁଜଙ୍ଗ ପୋଲିସ ଓ ବ୍ୟାସ ଫାଉଣ୍ଡେସନ ଅଧ୍ୟକ୍ଷାଙ୍କ ଉପସ୍ଥିତିରେ ତିନି ପୁଅ ଓ ମାଆଙ୍କ ମଧ୍ୟରେ ବୁଝାମଣା କରାଯାଇ ବାସନ୍ତୀଙ୍କ ସମସ୍ତ ରହିବା, ଖାଇବା ଓ ଔଷଧ ଖର୍ଚ୍ଚ ପାଇଁ ପ୍ରତି ମାସରେ ୫୦୦୦ ଟଙ୍କା ବହନ କରିବେ ବୋଲି ଲିଖିତ ପ୍ରତିଶ୍ରୁତି ଦେବା ପରେ ବୃଦ୍ଧା ମାଆଙ୍କ ସହିତ ଘରକୁ ଫେରିଛନ୍ତି। ଅପରପକ୍ଷରେ ପୁଅମାନେ ସର୍ତ୍ତ ଖିଲାପ କଲେ ବୃଦ୍ଧା ବାସନ୍ତୀ ବାଧ ହୋଇ ଆଇନର ଆଶ୍ରୟ ନେବେ । ବ୍ୟାସ ଫାଉଣ୍ଡେସନ ଓ କୁଜଙ୍ଗ ପୋଲିସର ଏପରି ସମାଜ ମଙ୍ଗଳ କାର୍ଯ୍ୟକୁ ବୁଦ୍ଧିଜୀବୀ ପ୍ରଶଂସା କରିଛନ୍ତି ।

## ଜନାର୍ଦ୍ଦନ ପାଢୀ ନିମାପଡା ନୂତନ ପୋଲିସ୍ ଉପଖଣ୍ଡ ଅଧିକାରୀ



ନିମାପଡା(ଭାସ୍କର ନ୍ୟୁଜ): ନିମାପଡା ବଦଳିଲେ ପୋଲିସ୍ ଉପଖଣ୍ଡ ଅଧିକାରୀ । ନୂତନ ଅଧିକାରୀ ଆଜି ବିଧିବଦ୍ଧ ଭାବେ କାର୍ଯ୍ୟରେ ଯୋଗଦେଇଥିବା ବେଳେ ବିଭିନ୍ନ ଥାନା ବୁଲିବା ସହ ଆଇନ ସଂପର୍କରେ ପଚାରି ବୁଝିଛନ୍ତି। ନୂତନ ଅଧିକାରୀଙ୍କୁ ବିଭିନ୍ନ ସଂଗଠନ ପକ୍ଷରୁ ଅଭିନନ୍ଦନ ଦିଆଯାଇଥିବା ବେଳେ ସାମ୍ବାଦିକ ସଂଘ ଅଧିକାରୀଙ୍କୁ ଭେଟି ପୁଷ୍ପଗୁଚ୍ଛ ଦେଇ ଅଭିନନ୍ଦନ ଜଣାଇଛନ୍ତି । ମିଳିଥିବା ସୂଚନା ଅନୁଯାୟୀ ପୁରୀ ଜିଲ୍ଲା ନିମାପଡା ପୋଲିସ୍ ଉପଖଣ୍ଡ ଅଧିକାରୀ ପ୍ରଭାତ ମଲିକଙ୍କୁ କୋରାପୁଟ ବଦଳି କରାଯାଇଥିବା ବେଳେ ତାଙ୍କ ସ୍ଥାନରେ ନୂତନ ପୋଲିସ୍ ଉପଖଣ୍ଡ ଅଧିକାରୀ ଜନାର୍ଦ୍ଦନ ପାଢୀ ଆଜି କାର୍ଯ୍ୟରେ ଯୋଗଦେବା ସହ ଆଇନ ଶୃଙ୍ଖଳା ସଂପର୍କରେ ବଚାରି ବୁଝିଛନ୍ତି। ପ୍ରେସ୍ କ୍ଲବ ପକ୍ଷରୁ ଶ୍ରୀ ପାଢୀଙ୍କୁ ପୁଷ୍ପଗୁଚ୍ଛ ଦେଇ ଅଭିନନ୍ଦନ ଜ୍ଞାପନ କରାଯାଇଛି। ପ୍ରେସ୍ କ୍ଲବ ସଭାପତି ରଂଜନ ପଟ୍ଟନାୟକ, ରଂଜନ କୁମାର ଦାସ, ପ୍ରଦ୍ୟୁମ୍ନ ବେହେରା, ଶକ୍ତିପ୍ରସାଦ ରଥ, ରାମାକାନ୍ତ ବେହେରା, ନିବେଦିତା ମିଶ୍ର, ସୁଦର୍ଶନ ବେହେରା, ପ୍ରମୁଖ ନୂତନ ଅଧିକାରୀଙ୍କୁ ଭେଟିଛନ୍ତି। ପ୍ରକାଶ ଥାଉକି ପୂର୍ବରୁ ଶ୍ରୀ ପାଢୀ ନିମାପଡା ଥାନାରେ ଥାନା ଅଧିକାରୀ ଭାବେ ଦକ୍ଷତାର ସହ କାର୍ଯ୍ୟ କରି ଡିଏସ୍‌ପି ପାହ୍ୟାକୁ ପଦୋନ୍ନତି ପାଇ ପୁରୀ ସହରରେ ଦକ୍ଷତାର ସହ କାର୍ଯ୍ୟ ତୁଲାଇଥିଲେ। ସେଠାରୁ ବଦଳି ହୋଇ ଭୁବନେଶ୍ୱର କମିଶନରେଟ୍ ପୋଲିସ୍ ଯାଇଥିବା ବେଳେ ସେଠାରେ ଏସିପି ଭାବେ କାର୍ଯ୍ୟ କରିଥିଲେ। ନିମାପଡାରେ ଶ୍ରୀ ପାଢୀ ଜଣାଶୁଣା ଥିବା ବେଳେ ଆଇନର ଦିଗ ସଠିକ୍ ଚାଲିବ ବୋଲି ପ୍ରକାଶ କରିଛନ୍ତି।

## ଯଯାତି ପଟ୍ଟନାୟକ ବିଜେପି ଅନୁଗୁଳ ଜିଲ୍ଲା ନୂତନ ସଭାପତି



ଅନୁଗୁଳ(ଭାସ୍କର ନ୍ୟୁଜ): ଅନୁଗୁଳ ଜିଲ୍ଲା ପାଇଁ ବିଜେପିର ନୂତନ ଜିଲ୍ଲା ସଭାପତି ଭାବେ ଯଯାତି ପଟ୍ଟନାୟକଙ୍କ ନାମ ଘୋଷଣା କରାଯାଇଛି । ଏହାପରେ ସମଗ୍ର ଅନୁଗୁଳ ଜିଲ୍ଲାରୁ ଶ୍ରୀ ପଟ୍ଟନାୟକଙ୍କ ନିକଟକୁ ଶୁଭେଚ୍ଛା ଓ ସମ୍ବର୍ଦ୍ଧନାର ସୁଅ ଛୁଟିଛି । କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ମଧ୍ୟ ସମସ୍ତ ଜିଲ୍ଲା ସଭାପତିଙ୍କୁ ଶୁଭେଚ୍ଛା ଜଣାଇଛନ୍ତି । ସାଂସଦ ରୁଦ୍ର ନାରାୟଣ ପାଣି, ପ୍ରାକ୍ତନ ଜିଲ୍ଲା ସଭାପତି ଦିଲେଶ୍ୱର ପ୍ରଧାନ, ପାଲଲହଡା ବିଧାୟକ ଅଶୋକ ମହାନ୍ତି, ଅନୁଗୁଳ ବିଧାୟକ ପ୍ରତାପ ଚନ୍ଦ୍ର ପ୍ରଧାନ, ଛେଣ୍ଡିପଦା ବିଧାୟକ ଅଗସ୍ତି ବେହେରା, ଏନଏସଆଇସି ଡାଇରେକ୍ଟର କାଳନ୍ଦି ସାମଲ, ପ୍ରାକ୍ତନ ମନ୍ତ୍ରୀ ସଂଜୀବ ସାହୁ, ପ୍ରାକ୍ତନ ବିଧାୟକ ରମେଶ ସାଏ, ଜୋନାଲ ମିଡ଼ିଆ ସେଲ ସଂଯୋଜକ ପର୍ଶୁରାମ ବାରିକ ପ୍ରମୁଖ ନୂତନ ଜିଲ୍ଲା ସଭାପତି ଶ୍ରୀ ପଟ୍ଟନାୟକଙ୍କୁ ଶୁଭେଚ୍ଛା ଜଣାଇଛନ୍ତି । ଅନୁଗୁଳ ଜିଲ୍ଲାକୁ ରାଜ୍ୟରେ ଏକ ନଂ କରିବା ତଥା କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଅନୁଗୁଳ ଜିଲ୍ଲା ପାଇଁ ଆଣୁଥିବା ବିଭିନ୍ନ ଯୋଜନାରେ କୋଟି କୋଟି ଟଙ୍କାର ବିକାଶମୂଳକ କାର୍ଯ୍ୟକୁ ସଠିକ ଭାବେ ବିଧାନସଭା କ୍ଷେତ୍ର ଅନୁଯାୟୀ ତ୍ୱରାନ୍ୱିତ କରିବା ସହ ସଂଗଠନକୁ ମଜବୁତ କରିବା ଉପରେ ଗୁରୁତ୍ୱ ଦେବେ ବୋଲି ପ୍ରକାଶ କରିଛନ୍ତି । ସେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, ରାଷ୍ଟ୍ରୀୟ ସଭାପତି ଜେପି ନଡ୍ଡା, କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଓ ରାଜ୍ୟ ସଭାପତି ମନମୋହନ ସାମଲଙ୍କ ସମେତ ଜିଲ୍ଲାର ସମସ୍ତ ନେତୃବୃନ୍ଦ ଓ ଜିଲ୍ଲା ପ୍ରଭାରୀ ସିମାଞ୍ଚଳ ଖଟେଇଙ୍କୁ କୃତଜ୍ଞତା ଜଣାଇଛନ୍ତି । ପାର୍ଟି ଯେଉଁ ଦାୟିତ୍ୱ ଦେଇଛି ତାକୁ ସଠିକ ଭାବେ ସମ୍ପାଦନ କରିବା ପାଇଁ ଉଦ୍ୟମ ଜାରି ରଖିବି ବୋଲି ପ୍ରକାଶ କରିଛନ୍ତି । ପ୍ରକାଶ ଥାଉକି ଶ୍ରୀ ପଟ୍ଟନାୟକ ଛାତ୍ର ଜୀବନରୁ ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦରୁ ନିଜର ରାଜନୈତିକ ଜୀବନ ଆରମ୍ଭ କରିଥିଲେ । ୧୯୮୫ରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ତାଳଚେର ମହାବିଦ୍ୟାଳୟ ଛାତ୍ର ସଂସଦ ସଭାପତି ଥିବାବେଳେ ସେ ଛାତ୍ର ସଂସଦର ସାଧାରଣ ସମ୍ପାଦକ ଥିଲେ । ପରବର୍ତ୍ତୀ ସମୟରେ ଛାତ୍ର ସଂସଦର ସଭାପତି ଏବଂ ଏବିଭିପିର ରାଜ୍ୟ ଉପ ସଭାପତି, ରାଜ୍ୟ ସହ ସମ୍ପାଦକ ଭଳି ଗୁରୁତ୍ୱର୍ଣ୍ଣ ପଦବୀରେ ରହି କାର୍ଯ୍ୟକରି ଆସିଛନ୍ତି । ବିଜେପିର ଜିଲ୍ଲା ଯୁବମୋର୍ଚ୍ଚା ସାଧାରଣ ସମ୍ପାଦକ, ଜିଲ୍ଲା ଉପସଭାପତି, ଜିଲ୍ଲା ଯୁବମୋର୍ଚ୍ଚା ପ୍ରଭାରୀ ଭଳି ଦାୟିତ୍ୱରେ ରହି କାର୍ଯ୍ୟ ନିର୍ବାହ କରିଛନ୍ତି । ଡାକ୍ତର ଦେବେନ୍ଦ୍ର ପ୍ରଧାନ ଅଟଳବିହାରୀ ବାଜପେୟୀଙ୍କ ମନ୍ତ୍ରିମଣ୍ଡଳରେ ମନ୍ତ୍ରୀ ଥିବା ବେଳେ ତାଙ୍କର ସଚିବ ଭାବେ କାର୍ଯ୍ୟ କରିଥିଲେ । ଅନୁଗୁଳ ବିଧାନସଭାର ପ୍ରଭାରୀ ଭାବେ ଦୀର୍ଘ ଦିନ ଧରି କାର୍ଯ୍ୟକରି ଆସୁଥିଲେ । ବିଭିନ୍ନ ସାମାଜିକ ସଂଗଠନ ସହ ମଧ ଜଡିତ ରହି କାର୍ଯ୍ୟ କରିଆସୁଥିଲେ ।

## ଆସିକା ଉପଖଣ୍ଡ ଆରକ୍ଷୀ ଅଧିକାରୀ ଭାବେ ଦାୟିତ୍ୱ ନେଲେ ସନ୍ତୋଷ ଜେନା



ଆସିକା(ଭାସ୍କର ନ୍ୟୁଜ): ଗଞ୍ଜାମ ଜିଲ୍ଲାର ଅତି ସମ୍ବେଧନ ସହର ରୂପେ ପରିଚିତ ଆସିକା। ଆସିକା ଉପଖଣ୍ଡ ଆରକ୍ଷୀ ଅଧିକାରୀ ଭାବେ ଜଣେ ଦକ୍ଷ ପୋଲିସ ଅଫିସର ସନ୍ତୋଷ ଜେନା ଆଜି ଦାୟିତ୍ୱ ଗ୍ରହଣ କରିଛନ୍ତି। ପୂର୍ବରୁ ଆସିକାରେ ସେ ଥାନା ଅଧିକାରୀ ଭାବେ କାର୍ଯ୍ୟ ତୁଲାଇଛନ୍ତି। ସେ ଜଣେ ଏନ କାଉଣ୍ଟରରେ ସ୍ପେସେଲିଷ୍ଟ ଭାବେ ଜଣାଶୁଣା ଆସିକା ଅଞ୍ଚଳରେ ଦୀର୍ଘ ଦିନ ହେଲା ଚୋରାମଦ, ବାଲି କାରବାର ବୃଦ୍ଧି ହେବା ସାଙ୍ଗକୁ ମାଫିଆରାଜ ଚାଲିଥିବା ବେଳେ ସନ୍ତୋଷ ଜେନାଙ୍କ କାର୍ଯ୍ୟରେ ଯୋଗଦାନ ପରେ ମାଫିଆଙ୍କ ମଧ୍ୟରେ କୋକୁଆଭୟ ସୃଷ୍ଟି କରିଛି। ଆସିକା ଥାନା ଅଧିକାରୀ ଥିବା ସମୟରେ ବନ୍ଦ ହୋଇଯାଇଥିବା ପୁରୁଣା କେସକୁ ପୁର୍ନବାର ଖୋଲି ଦୋଷିଙ୍କୁ ଦଣ୍ଡ ମଧ୍ୟ କରିଛନ୍ତି। ଆସିକା ଏସଡିପିଓ ଭାବେ ସନ୍ତୋଷ ଜେନା ଦାୟିତ୍ୱ ଗ୍ରହଣ ପରେ ଆସିକାରେ ଟ୍ରାଫିକ ସମସ୍ୟା ଦାଦାବଟି ସାଙ୍ଗକୁ ଆଇନ ଶୃଙ୍ଖଳା ପରିସ୍ଥିତି ସୁଧାରିବ ବୋଲି ସହରରେ ଚର୍ଚ୍ଚା ବିଷୟ ହୋଇଛି।

## ବିଭିନ୍ନ ସମସ୍ୟା ନେଇ ଜିଲ୍ଲାପାଳଙ୍କ ସହ ଆଲେଚନା କଲା ପ୍ରେସ କ୍ଲବ୍

କରଞ୍ଜିଆ(ଭାସ୍କର ନ୍ୟୁଜ): କରଞ୍ଜିଆରେ ମୟୁରଭଞ୍ଜ ଜିଲାପାଳ ଓ ଏସ ପି ଙ୍କ ଯୁଗ୍ମ ଜନଅଭିଯୋଗ ଶୁଣାଣି ଚାଲିଥିବା ବେଳେ କରଞ୍ଜିଆର ବିଭିନ୍ନ ସମସ୍ୟା ନେଇ ଜିଲ୍ଲାପାଳଙ୍କ ସହିତ ଆଲେଚନା କଲା କରଞ୍ଜିଆ ପ୍ରେସ କ୍ଲବ। କରଞ୍ଜିଆ ପ୍ରେସ କ୍ଲବ ସଂପାଦକ କର୍ଣ୍ଣାର୍ଜୁନ ସାହା, ବରିଷ୍ଠ ସାମ୍ବାଦିକ ଦୀପକ ମହାନ୍ତ, ସାମ୍ବାଦିକ ଭାଗବତ ଚନ୍ଦ୍ର ଦାସ, ସାମ୍ବାଦିକ ଅରୁଣ କୁମାର ବେହେରା, ପାର୍ଥ ପ୍ରଶ୍ନ ମିଶ୍ର, ସତ୍ୟବ୍ରତ ମିଶ୍ର, ଜିତେନ୍ଦ୍ର ରାଜ, ଦିନେଶ କୁମାର ଦାସ, ବି ଦେବେନ୍ଦୁ ଶେଖର ଦାସ, ସୁମନ୍ତ ପାତ୍ର ପ୍ରମୁଖ ଜିଲ୍ଲାପାଳ ଓ ଏସପିଙ୍କୁ ଭେଟି କରଞ୍ଜିଆ ସହର ରେ ରାସ୍ତା ଅବରୋଧ କାରୀଙ୍କ ଉପରେ ଦୃଢ କାର୍ଯ୍ୟାନୁଷ୍ଠାନ ନେବାକୁ ଦାବି କରିବା ସହିତ ଉଠାଦୋକାନୀଙ୍କୁ ଥଇଥାନ କରିବାକୁ ଦାବୀ କରିଥିଲେ। ବୈତରଣୀ ନଦୀରୁ ଆସୁଥିବା ପାନୀୟଜଳକୁ ଶିଘ୍ର ଚାଲୁ କରିବା, ରଜାବନ୍ଧ ପୁନରୁଦ୍ଧାର କାର୍ଯ୍ୟକ୍ରମ, ଡାକ୍ତଖାନାରେ ଫିଜିଓଥେରପିଙ୍କୁ ନିଯୁକ୍ତି ଦେବା, ଇସିଜି ମେସିନ କାର୍ଯ୍ୟକାରୀ କରିବା ଓ ପ୍ରେସ କ୍ଲବ ଗୃହ ନିର୍ମାଣର ଶେଷ କରିବାକୁ ଅନୁରୋଧ କରିଥିଲେ। ଜିଲ୍ଲାପାଳ ଦାବି ଶୁଣିବା ପରେ କାର୍ଯ୍ୟକ୍ଷମ ପାଇଁ ବିଭାଗୀୟ ଅଧିକାରୀଙ୍କୁ ଅଦେଶ ଦେଇଥିଲେ।

## ମାଟ୍ରିକ୍ ପରୀକ୍ଷା ସୁପରିଚାଳନା ନେଇ ଅଭିମୁଖୀକରଣ କାର୍ଯ୍ୟକ୍ରମ




ବାରିପଦା(ଭାସ୍କର ନ୍ୟୁଜ): ମୟୁରଭଞ୍ଜ ଜିଲ୍ଲାର ଚଳିତ ବର୍ଷ ଦଶମ ଶ୍ରେଣୀ ଛାତ୍ରଛାତ୍ରୀଙ୍କର ବୋର୍ଡ଼ ପରୀକ୍ଷା ଆସନ୍ତା ୨୧ରୁ ଅନୁଷ୍ଠିତ ହେଉଥିବାରୁ ଜିଲ୍ଲାର ସମସ୍ତ ପରୀକ୍ଷା କେନ୍ଦ୍ର ତତ୍ତ୍ୱାବଧାରକଙ୍କୁ ନେଇ ଏକ ଅଭିମୁଖୀକରଣ କାର୍ଯ୍ୟକ୍ରମ ସ୍ଥାନୀୟ ମହାରାଣୀ ପ୍ରେମ କୁମାରୀ ଉଚ୍ଚ ବିଦ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଜିଲ୍ଲା ଶିକ୍ଷା ଅଧିକାରୀ ପୂର୍ଣ୍ଣଚନ୍ଦ୍ର ସେଠୀ ସଭାପତିତ୍ୱ କରିବା ସହ ପରୀକ୍ଷା ପରିଚାଳନାରେ ନିଜର ଦାୟିତ୍ୱ ନିଷ୍ଠାର ସହିତ ସମ୍ପାଦନ ତଥା ସ୍ୱଚ୍ଛତା ଅବଲମ୍ବନ କରିବା ପାଇଁ ସମସ୍ତ କେନ୍ଦ୍ର ତତ୍ତ୍ୱାବଧାରକଙ୍କୁ ପରାମର୍ଶ ଦେଇଥିଲେ । କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ ନେତ୍ରାନନ୍ଦ ମଲ୍ଲିକ ଯୋଗଦେଇ ପରୀକ୍ଷାକୁ ସୁଚାରୁରୂପେ ସମ୍ପାଦନ ସହ ଜିଲ୍ଲା ପ୍ରଶାସନ ପକ୍ଷରୁ ସମସ୍ତ ସହଯୋଗ ପ୍ରଦାନ କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ । ସମ୍ମାନୀୟ ଅତିଥି ଭାବେ ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ଶଶୀଧର ସିଂ ପରୀକ୍ଷା ପଦ୍ଧତି ଉପରେ ବିସ୍ତୃତ ଭାବରେ ଆଲୋଚନା କରିଥିଲେ । ତତ୍ ସହିତ ବରିଷ୍ଠ ଗୋଷ୍ଠୀ ଶିକ୍ଷା ଅଧିକାରୀ ଗୌତମ କୁମାର ପାତ୍ର ପରୀକ୍ଷାର ବାସ୍ତବ ଚିତ୍ର ଉପରେ ଆଲୋଚନା କରି କାର୍ଯ୍ୟରେ ଅବହେଳା ପାଇଁ ବିଭିନ୍ନ ପ୍ରକାରର ଦଣ୍ଡବିଧାନ ଉପରେ ସତର୍କ କରାଇଥିଲେ । ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ବିକାଶ ରଞ୍ଜନ ମହାନ୍ତି, ଉଦଳା ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଅନୁଜା ମାଧୁରୀ ଦାସ ପ୍ରମୁଖ ଉପସ୍ଥିତ ଥିଲେ । ଜିଲ୍ଲା ବିଜ୍ଞାନ ପରିଦର୍ଶକ ଜ୍ଞାନ ରଞ୍ଜନ ଆଚାର୍ଯ୍ୟ କାର୍ଯ୍ୟକ୍ରମ ସଂଯୋଜନା କରିବା ସହ ବୋର୍ଡ଼ର ସମସ୍ତ କାର୍ଯ୍ୟ ଉପରେ ଆଲୋକପାତ କରିଥିଲେ । ପ୍ରାରମ୍ଭରେ ଉକ୍ତ ବିଦ୍ୟାଳୟର କୃତି ଶିକ୍ଷକ ଡକ୍ଟର ଶଶୀଧର ବିଶ୍ୱାଳ ଅତିଥି ପରିଚୟ ପ୍ରଦାନ କରିଥିଲା ବେଳେ ବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀ ସଞ୍ଜୟ କୁମାର କଳିଆ ସମସ୍ତଙ୍କୁ ଧନ୍ୟବାଦ ପ୍ରଦାନ କରିଥିଲେ । ଜିଲ୍ଲାର ୨୧ ନୋଡାଲ ସେଣ୍ଟରରେ କେନ୍ଦ୍ର ତତ୍ତ୍ୱାବଧାରକ ସହ ଜିଲ୍ଲାରେ ୧୭୬ଟି ପରୀକ୍ଷା କେନ୍ଦ୍ରର ତତ୍ତ୍ୱାବଧାରକ ଉପସ୍ଥିତ ଥିଲେ ।

## ଅତିରିକ୍ତ ଜିଲ୍ଲାପାଳ ଓ ସିଡିଓଙ୍କ ଦକ୍ଷତା ବିକାଶ କେନ୍ଦ୍ର ପରିଦର୍ଶନ

ରାୟଗଡ(ଭାସ୍କର ନ୍ୟୁଜ): ଓଡିଶା ସରକାରଙ୍କ ଦକ୍ଷତା ବିକାଶ ଓ କର୍ମ ନିୟୋଜନ ବିଭାଗ ଓ ଜେକେ ଟ୍ରଷ୍ଟ ବମ୍ବେର ସହାଭାଗିତାରେ ସ୍ଥାନୀୟ ରାମକୃଷ୍ଣ ମିଶନ ପରିସରରେ ପରିଚାଳିତ ଦକ୍ଷତା ବିକାଶ କେନ୍ଦ୍ରକୁ ନବୀନ ଚନ୍ଦ୍ର ନାୟକ, ଅତିରିକ୍ତ ଜିଲ୍ଲାପାଳ, ରୟାଗଡ଼ ଓ ଅକ୍ଷୟ ଖେମୁଣ୍ଡୁ, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ, ଜିଲ୍ଲା ପରିଷଦ ରାୟଗଡ ପରିଦର୍ଶନ କରିଛନ୍ତି । ଜିଲ୍ଲା ଓ ଜିଲ୍ଲା ବାହାରରୁ ୩୦ ଛାତ୍ରୀ ୪୫ ଦିନିଆ ସ୍ୱଳ୍ପ ମିଆଦ ସିଲେଇ ତାଲିମ ଗ୍ରହଣ କରୁଛନ୍ତି । ଜେକେ ଟ୍ରଷ୍ଟ ବମ୍ବେ ତରଫରୁ ରେମଣ୍ଡ କମ୍ପାନି ଜରିଆରେ ସିଲେଇ ତାଲିମ ପ୍ରଦାନ କରାଯାଉଛି । ଛାତ୍ରୀଙ୍କୁ କମ୍ପାନୀ ତରଫରୁ ମାଗଣା ରହିବା ଓ ଖାଇବା ବ୍ୟବସ୍ଥା କରାଯାଇଛି । ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ନାୟକ, ସିଡିଓ ଶ୍ରୀ ଖେମୁଣ୍ଡୁ, ବିଡ଼ିଓ ସଦାଶିବ ନାୟକ, ଜିଲ୍ଲା ଦକ୍ଷତା ବିକକ୍ଷଶ ଅଧିକାରୀ ଶ୍ରୀ ମହାପାତ୍ର, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ବସନ୍ତ କୁମାର ପ୍ରଧାନ ତାଲିମ ଗ୍ରହଣ କରୁଥିବା ଛାତ୍ରୀଙ୍କୁ କେରିୟର ଗଠନ ସମ୍ପର୍କରେ ଉଦବୋଧନ ଦେଇଥିଲେ ।

## ଟିକସ ପୈଠ ନକଲେ ଫେରାଇବେ ଭେଣ୍ଡିଂ ଜୋନ୍



ନିମାପଡା(ଭାସ୍କର ନ୍ୟୁଜ): ନିମାପଡା କେତେକ ଭେଣ୍ଡିଂଜୋନ୍ ବଣ୍ଟା ହୋଇନଥିବା ବେଳେ ଏହି ଭେଣ୍ଡିଂଜୋନ୍‌କୁ ନେଇ ଜଣେ କାଉନସିଲର ବ୍ୟବସାୟୀଙ୍କୁ ଦିଆଯିବ ବୋଲି ପ୍ରତିଶୃତି ଦେଇଥିବା ବେଳେ ପ୍ରକୃତ ବ୍ୟବସାୟୀ ଭେଣ୍ଡିଂ ଜୋନ୍ ପାଇବାରୁ ବଞ୍ଚିତ ହୋଇଛନ୍ତି । ଯାହାକୁ ନେଇ ଦୀର୍ଘଦିନ ହେବ ଭେଣ୍ଡିଂ ଜୋନ୍ ବଣ୍ଟନ ହୋଇନପାରି ସେହିପରି ଭାବେ ରହିଛି । ଦୁଇବର୍ଷ ତଳୁ କେତେଜଣ ବ୍ୟବସାୟୀଙ୍କୁ ଭେଣ୍ଡିଂ ଜୋନ୍ ବଣ୍ଟନ କରାଯାଇଥିବା ବେଳେ ସେହି ବ୍ୟବସାୟୀ ଭେଣ୍ଡିଂ ଜୋନ୍‌ରେ ବ୍ୟବସାୟ କରୁଥିଲେ ମଧ ନିମାପଡା ବିଜ୍ଞାପିତ ଅଞ୍ଚଳ ପରିଷଦକୁ ଭେଣ୍ଡିଂ ଜୋନ୍ ଭଡା ଦେଉନାହାଁନ୍ତି, ଯାହାକୁ ନେଇ ବ୍ୟବସାୟୀଙ୍କୁ ବିଜ୍ଞାପିତ ପରିଷଦ ଚେତାବନୀ ଦେଇଛି । ଭଡା ପୈଠ ନକଲେ ଭେଣ୍ଡିଂ ଜୋନ୍ ଛଡାଇ ନିଆଯିବ ବୋଲି କୁହାଯାଇଛି । ସୂଚନା ଅନୁଯାୟୀ ପୁରୀ ଜିଲ୍ଲା ନିମାପଡା ବିଜ୍ଞାପିତ ପରିଷଦ ଦୁଇବର୍ଷ ପୂର୍ବରୁ କେତେକ ବ୍ୟବସାୟୀଙ୍କୁ ଭେଣ୍ଡିଂ ଜୋନ୍ ବଣ୍ଟନ କରିଛନ୍ତି । ମାତ୍ର ବ୍ୟବସାୟୀମାନେ ନିରାପଦରେ ବ୍ୟବସାୟ କରୁଛନ୍ତି । ମାତ୍ର ପରିଷଦର ଟିକସ ପୈଠ ନକରିବାରୁ ସୋମବାର ଅପରାହ୍ନରେ ପରିଷଦ ଅଧିକାରୀ ଓ କର୍ମଚାରୀମାନେ ପୋଲିସ୍ ସହାୟତାରେ ଭେଣ୍ଡିଂ ଜୋନ୍ ବୁଲି ଟିକସ ପୈଠ କରିବା ପାଇଁ ତାଗିଦ କରିଛନ୍ତି । କୌଣସି ବ୍ୟକ୍ତି ଟିକସ ପୈଠ ନକଲେ ଭେଣ୍ଡିଂ ଜୋନ୍ ଛଡାଇ ନିଆଯିବ ବୋଲି କୁହାଯାଇଛି।

# କୋଲକାତା-କାମାକ୍ଷୀ ଦର୍ଶନରେ ଗଲେ ୭୧ ବରିଷ୍ଠ ନାଗରିକ



ମାଲକାନଗିରି(ଭାସ୍କର ନ୍ୟୁଜ): ବରିଷ୍ଠ ନାଗରିକ ତୀର୍ଥ ଯାତ୍ରା ଯୋଜନାରେ ମାଲକାନଗିରି ଜିଲ୍ଲାରୁ ୭୧ ଜଣ ରାୟଗଡ଼ା ଅଭିମୁଖେ ଯାତ୍ରା କରିଛନ୍ତି। ଜିଲ୍ଲାପାଳ ଆଶିଷ ଈଶ୍ୱର ପାଟିଲଙ୍କ ନିର୍ଦ୍ଦେଶ କ୍ରମେ ଅତିରିକ୍ତ ଜିଲ୍ଲାପାଳ ରାଜସ୍ୱ ବେଦବର ପ୍ରଧାନ ସ୍ଥାନୀୟ ସ୍ପୋର୍ଟସ କମ୍ପ୍ଲେକ୍ସରୁ ପତାକା ଦେଖାଇ ଏହି ଯାତ୍ରାର ଶୁଭାରମ୍ଭ କରିଥିଲେ।ଏହି କାର୍ଯ୍ୟକ୍ରମରେ ନବରଂଗପୁର ଲୋକସଭା ସାଂସଦ ପ୍ରତିନିଧି ସଞ୍ଜୟ ସରକାର, ଜିଲ୍ଲା କ୍ରୀଡ଼ା ଅଧିକାରୀ ମାଧବ ପାଙ୍ଗି ଓ ଜିଲ୍ଲା ସୂଚନା ଓ ଲୋକସଂପର୍କ ଅଧିକାରୀ ପ୍ରମିଳା ମାଝୀ ଉପସ୍ଥିତ ଥିଲେ। ଜିଲ୍ଲାପାଳ ସମସ୍ତ ତୀର୍ଥଯାତ୍ରୀଙ୍କ ସୁଖଦ ଯାତ୍ରା ପାଇଁ ସମସ୍ତ ବରିଷ୍ଠ ନାଗରିକଙ୍କୁ ଶୁଭେଚ୍ଛା ବାର୍ତ୍ତା ଜଣାଇଛନ୍ତି। ମନୁଷ୍ୟ ଜୀବନକାଳ ମଧ୍ୟରେ ପୁଣ୍ୟତୀର୍ଥ କ୍ଷେତ୍ର ପରିଦର୍ଶନ କରିବାର ପରମ୍ପରା ରହି ଆସିଛି। ବରିଷ୍ଠ ନାଗରିକ ତୀର୍ଥ ଯୋଜନା ମାଧ୍ୟମରେ ଜିଲ୍ଲାର ୭୧ ଜଣ ବରିଷ୍ଠ ନାଗରିକଙ୍କ କୋଲକାତା ଓ ଆସାମ ରାଜ୍ୟର ଗୌହାଟୀ ନିକଟବର୍ତ୍ତୀ କମାକ୍ଷୀ ଶକ୍ତିପୀଠ ପରିଦର୍ଶନର ସ୍ୱପ୍ନ ପୂରଣ ହୋଇପାରିଛି ବୋଲି ଅତିରିକ୍ତ ଜିଲ୍ଲାପାଳ ପ୍ରକାଶ କରିଛନ୍ତି। ଜିଲ୍ଲା ପ୍ରଶାସନ ପକ୍ଷରୁ ସମସ୍ତ ବରିଷ୍ଠ ନାଗରିକଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଛି । ସେମାନଙ୍କ ନିମନ୍ତେ ସମସ୍ତ ପ୍ରକାର ଆନୁଷଙ୍ଗିକ ବ୍ୟବସ୍ଥା ମଧ୍ୟ କରାଯାଇଛି ବୋଲି ସେ ସୂଚନା ଦେଇଛନ୍ତି। ୭୧ ଜଣଙ୍କ ମଧ୍ୟରୁ ୩୩ ପୁରୁଷ ରହିଥିବା ବେଳେ ୩୮ ମହିଳା ତୀର୍ଥ ଯାତ୍ରୀ ରହିଛନ୍ତି। ସମସ୍ତ ଯାତ୍ରୀ ରାୟଗଡ଼ା ପହଞ୍ଚିବା ପରେ ସେଠାରେ ବିଶ୍ରାମ କରିବେ ଓ ଆସନ୍ତାକାଲି ରାୟଗଡ଼ା ରେଳ ଷ୍ଟେସନରୁ ତୀର୍ଥ କ୍ଷେତ୍ର ଅଭିମୁଖେ ବାହାରିବେ। ରାଜ୍ୟ ପର୍ଯ୍ୟଟନ ବିଭାଗ ପକ୍ଷରୁ ଉକ୍ତ ଟ୍ରେନରେ ସେମାନଙ୍କ ସୁବିଧା ପାଇଁ ମେଡିକାଲ ବ୍ୟବସ୍ଥା, ଗାଇଡ, ଖାଦ୍ୟ ପାନୀୟ ସମେତ ସମସ୍ତ ବ୍ୟବସ୍ଥା କରାଯାଇଛି। ମାଲକାନଗିରି ଜିଲ୍ଲାରୁ ଏସକର୍ଟ ଅଧିକାରୀ ଭାବେ ସଦର ସାମାଜିକ ସୁରକ୍ଷା ଅଧିକାରୀ ରାଜୀବ ପୂଜାରୀ ଓ ରାଜସ୍ୱ କର୍ମଚାରୀ ରବୀନ୍ଦ୍ରନାଥ ନାୟକ ସାଥିରେ ଗସ୍ତ କରିଛନ୍ତି। ବିଶେଷ ଭାବେ ଆର୍ଥିକ ଭାବେ ଦୁର୍ବଳ ଥିବା ବରିଷ୍ଠ ନାଗରିକ ଏହି ଯୋଜନା ମାଧ୍ୟମରେ ତୀର୍ଥ ଯାତ୍ରା କରିବାର ସୁଯୋଗ ପାଇଥାନ୍ତି। ଏହି କାର୍ଯ୍ୟକ୍ରମ ଆୟୋଜନ କରିବାରେ ହରେକୃଷ୍ଣ କିର୍ତ୍ତନିଆ, ରଞ୍ଜନ ମହାନ୍ତି ଓ ସନ୍ତୋଷ ବିଶ୍ୱାସ ସହଯୋଗ କରିଥିଲେ।

# ଖାଦ୍ୟ ଯୋଗାଣ ମନ୍ତ୍ରୀଙ୍କୁ ରାଜ୍ୟ ବିଜେପି କୃଷକ ମୋର୍ଚ୍ଚା ପକ୍ଷରୁ କୃତଜ୍ଞତା



କେନ୍ଦୁଝର(ଭାସ୍କର ନ୍ୟୁଜ): ଓଡିଶା ରାଜ୍ୟରେ ଚଳିତ ବର୍ଷ ଖରିଫ୍ ଧାନ କିଣା କାରବାର ଠିକ୍ ଠାକ୍ ଚାଲିଥିବାରୁ ଏବଂ ଧାନ ଦେବାର ୪୮ ଘଣ୍ଟା ମଧ୍ୟରେ ଚାଷୀ ଏକାଉଣ୍ଟକୁ ପଇସା ଆସୁଥିବାରୁ ବିଜେପି କୃଷକ ମୋର୍ଚ୍ଚା ରାଜ୍ୟ ସଭାପତି ମହେଶ୍ୱର ସାହୁଙ୍କ ନେତୃତ୍ୱରେ ଶତାଧିକ ଚାଷୀ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ରଙ୍କୁ ତାଙ୍କର ଭୁବନେଶ୍ୱରସ୍ଥିତ ବାସଭବନରେ ଧନ୍ୟବାଦ ଜଣାଇଛନ୍ତି। ଚାଷୀ ମାନେ ସେମାନଙ୍କର ନିଜ ଜମିରେ ଚାଷ କରିଥିବା ଆଳୁ, ବାଇଗଣ, କୋବି, ବିଲାତି, କଦଳୀ, ନଡ଼ିଆ, ପାନ ପ୍ରଭୃତିକୁ ଚାଷୀ ମନ୍ତ୍ରୀଙ୍କୁ ପ୍ରଦାନ କରିବା ସହିତ ଚାଷର ସନ୍ତକ ହଳ ଲଙ୍ଗଳ ମନ୍ତ୍ରୀଙ୍କୁ ପ୍ରଦାନ କରିଥିଲେ। ତତ୍‌ସହିତ ଉତ୍ତରୀୟ ପୁଷ୍ପଗୁଚ୍ଛ ଦେଇ ମନ୍ତ୍ରୀ କୃଷ୍ଣ ଚନ୍ଦ୍ର ପାତ୍ରଙ୍କୁ ଭବ୍ୟ ସ୍ୱାଗତ ସମ୍ବର୍ଦ୍ଧନା ଚାଷୀ ମାନଙ୍କ ଦ୍ୱାରା କରାଯାଇଥିଲା। ନବୀନ ପଟ୍ଟନାୟକଙ୍କ ୨୪ ବର୍ଷ ଧରି ଶାସନରେ ଚାଷୀମାନେ ଶୋଷଣର ଶିକାର ହେଉଥିଲେ। ୨୦୧୫ ମସିହାରେ ଧାନ କୁଇଣ୍ଟାଲ ପ୍ରତି ୧୦୦ ଟଙ୍କା ବୋନସ ଦେବାକୁ କହିଥିଲେ ଦେଲେ ନାହିଁ, ୩୧୪ ବ୍ଲକ୍‌ରେ ଶୀତଳଭଣ୍ଡାର କରିବାକୁ କହିଥିଲେ କଲେ ନାହିଁ, ୩୫ ଭାଗଜମିକୁ ଜଳ ସେଚିତ କରିବାକୁ କହିଥିଲେ, କଲେନାହିଁ, କାଳିଆ ଯୋଜନା କରି ୧୦ ଦେବା କୁ କହିଥିଲେ ଦେଲେ ନାହିଁ, ନବୀନ ପଟ୍ଟନାୟକ ଓଡିଶାର ଚାଷୀଙ୍କ ପ୍ରତି ବିଶ୍ୱାସ ଘାତତା କରିଛନ୍ତି ବୋଲି ବିଜେପି କୃଷକ ମୋର୍ଚ୍ଚା ରାଜ୍ୟ ସଭାପତି ମହେଶ୍ୱର ସାହୁ ତାଙ୍କର ଭାଷଣରେ କହିଥିଲେ। ବିଜେପି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି ସରକାର ୮ ମାସ ଶାସନ କାଳରେ ଚାଷୀଙ୍କର ଆୟକୁ ଦୁଇ ଗୁଣା କରିବା ପାଇଁ କୃଷକ କଲ୍ୟାଣକାରୀ ଯୋଜନା ପ୍ରଣୟନ କରୁଛନ୍ତି। ଏବର୍ଷ ଧାନ କିଣା କାରବାର ସାରା ରାଜ୍ୟରେ ସ୍ୱଚ୍ଛତାର ଓ ଶୃଙ୍ଖଳିତ ଭାବରେ ହେଇ ଚାଷୀ ତାର ଲାଭ ପାଉଥିବାରୁ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ ଶ୍ରୀ ପାତ୍ରଙ୍କୁ ରାଜ୍ୟ ସମସ୍ତ ଜିଲ୍ଲାରୁ ଆସିଥିବା ଚାଷୀମାନେ ସ୍ୱାଗତ ସମ୍ବର୍ଦ୍ଧିତ କରିଥିଲେ। କାର୍ଯ୍ୟକ୍ରମରେ ବିଜେପି ସର୍ବଶ୍ରୀ ଯଦୁମଣି ପାଣିଗ୍ରାହୀ, ଗୋବିନ୍ଦ ଚନ୍ଦ୍ର ଅଗ୍ରୱାଲ, ଅଶୋକ କୁମାର ରଥ, କୌଶିକ ଚାନ୍ଦ, ହୃଷୀକେଶ ଜେନା, ତପନ କୁମାର ବେହେରା, ବିଜୟ କୁମାର ପଣ୍ଡା, ଅଜୟ କୁମାର ପ୍ରଧାନ, ଗୋବିନ୍ଦ ଚନ୍ଦ୍ର ପ୍ରଧାନ, ପ୍ରଭାସ ଚନ୍ଦ୍ର ସ୍ୱାଇଁ, ବସନ୍ତ କୁମାର ନାୟକ, ଶିବ ପ୍ରସାଦ ମିଶ୍ର, ସନ୍ତୋଷ କୁମାର ଜେନା, ବିଶ୍ୱଜିତ ସ୍ୱାଇଁ, ଅଜୟ କୁମାର ସାହୁ, ଉପେନ୍ଦ୍ର ରାଉଲ, ଅମରେଶ୍ୱର ମିଶ୍ର, ସରୋଜକାନ୍ତ ସାହୁ, ପାଣ୍ଡବ ଚନ୍ଦ୍ର ଧଳ, ଜିତେନ୍ଦ୍ର କୁମାର ବିଶ୍ୱାଳ, ସୁମନ୍ତ କୁମାର ମହାରଣା, ଗଜେନ୍ଦ୍ର କୁମାର ଚୌଧୁରୀ, ସୁନିଲ କୁମାର ମହାନ୍ତି, ପୂର୍ଣ୍ଣିମା ଦାଶ, ସୁଶ୍ରୀ ଅମିତା କର, ମୀମାଂସା ମିଶ୍ରଙ୍କ ସମେତ ବହୁ ବରିଷ୍ଠ ନେତୃବୃନ୍ଦଙ୍କ ସମେତ ଶତାଧିକ ଚାଷୀ ସାମିଲ ହୋଇଥିଲେ।

ଓଡ଼ିଶା ଭାସ୍କର
ODISHA BHASKAR
ରାଜ୍ୟ ଖବର



କେନ୍ଦୁଝର, (ଭାସ୍କର ନ୍ୟୁଜ୍ ) : କେନ୍ଦୁଝର ଜିଲ୍ଲା ସଦର ବ୍ଲକ ଅନ୍ତର୍ଗତ ଗୋବର୍ଦ୍ଧନ ଗ୍ରାମପଞ୍ଚାୟତ ସେଣ୍ଡକାପ ଗ୍ରାମରେ ୧୪ରୁ ଆରମ୍ଭ ହୋଇଥିବା ଶିବ ଦୁର୍ଗା ମନ୍ଦିର ପ୍ରତିଷ୍ଠା, ନବନିର୍ମିତ ଦେବୀ ଦୁର୍ଗାଙ୍କ ସିଂହାସନ ଆରୋହଣ ଓ ଶ୍ରୀ ଶ୍ରୀ ବ୍ରହ୍ମେଶ୍ୱର ମହେଶ ରୁଦ୍ର ସ୍ଥାପନ ହିନ୍ଦୁ ରୀତିନୀତି ଅନୁସାରେ ପୂଜା କାର୍ଯ୍ୟ ଚାଲିଛି। ସୂର୍ଯ୍ୟ ପୂଜା, ଗୁରୁ ପୂଜା, ପିତୃ ମାତୃପୂଜା, ଗୋମାତା ପୂଜନ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବାପରେ ମା ଦୁର୍ଗତୀ ନାଶିନୀ ମା ଦୁର୍ଗାଙ୍କୁ ପୂଜା ଅର୍ଚ୍ଚନା କରିବା ପରେ ବାବା ବ୍ରହ୍ମେଶ୍ୱରଙ୍କୁ ଭକ୍ତଗଣ ଜଳାଭିଷେକ କରିଥିଲେ। ପ୍ରଭୁ ଶିବ ଓ ମା ପାର୍ବତୀଙ୍କୁ ଆରାଧନା କରିବା ପରେ ବାବା ଗଣେଶଙ୍କ ବନ୍ଦନା କରାଯାଇଥିଲା। ଏହାପରେ ସର୍ବସାଧାରଣ ସହସ୍ର କୁମ୍ଭାଭିଷେକ, ବେଶ, ସିଂହାସନ ଆରୋହଣ, ଯଜ୍ଞ ଆଦି କାର୍ଯ୍ୟକ୍ରମମାନ ଅନୁଷ୍ଠିତ ହୋଇଥିଲା । ମୁଖ୍ୟ ଆଚାର୍ଯ୍ୟ ବାରିଧି ନିରଞ୍ଜନ ଦାଶଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସହକର୍ମୀ ରତିକାନ୍ତ ପତି, ସୌମ୍ୟରଞ୍ଜନ ଦାଶ ବାଲିଆପାଳ ବାଲେଶ୍ୱର, ସୁବାହୁ କୁମାର ଦାଶ, ଭକ୍ତ ରଞ୍ଜନ ଦାଶ ଆଦି ବଛା ବଛା ପୁରୋହିତ ମାନଙ୍କ ଦ୍ୱାରା ପୂଜା କାର୍ଯ୍ୟ ଯଥାବିଧି ଅନୁଷ୍ଠିତ ହେବା ସହ ପ୍ରବଚନ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଛି । ଏହି ପୂଜାକୁ ଦେଖିବା ପାଇଁ ଆଖପାଖ ଅଞ୍ଚଳ ଶତାଧିକ ଭକ୍ତଙ୍କ ସୁଅ ଛୁଟିଛି ।



# ମହିମାଗାଦୀରେ ଐତିହ୍ୟ ପଦଯାତ୍ରା




ଢେଙ୍କାନାଳ, (ଭାସ୍କର ନ୍ୟୁଜ୍ ) : ଢେଙ୍କାନାଳ ଐତିହ୍ୟ ପଦଯାତ୍ରାର ୨୨ତମ ସଂସ୍କରଣ ମହିମା ଧର୍ମର ମୁଖ୍ୟ ଧାମ ମହିମାଗାଦି, ଯୋରନ୍ଦାଠାରେ ଅନୁଷ୍ଠିତ ହୋଇଯାଇଛି । ପଦଯାତ୍ରୀ ମାନେ ମହିମାଗାଦିରେ ପହଂଚିବା ପରେ ମହିମା ମଣ୍ଡଳ ପରିସରରେ ଯୋରନ୍ଦା ମହିମା ଧର୍ମ ଧାମ ବିକାଶ ପରିଷଦ, ଯୋରନ୍ଦା ବରିଷ୍ଠ ନାଗରିକ ମଂଚ ଓ ମହିମାଗାଦି ଆଂଚଳିକ ବିକାଶ ପରିଷଦ ତରଫରୁ ଆନନ୍ଦ ଚନ୍ଦ୍ର ମହାନ୍ତି, ପୀତବାସ ରାଉତ, ଗୋକୁଳ ଚନ୍ଦ୍ର ସାହୁ, ସୁଧାଂଶୁ ଶେଖର ରାଉତ ଏବଂ ନେତ୍ରାନନ୍ଦ ରାଉତ ପ୍ରମୁଖ ଐତିହ୍ୟ ପଦଯାତ୍ରୀମାନଙ୍କୁ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରିଥିଲେ । ଏହି ଅବସରରେ ବଲ୍କଲଧାରୀ ମହିମା ସମାଜର ସଭାପତି ବାବା ନିତ୍ୟାନନ୍ଦ ଦାସ ମହିମାଧର୍ମର ଉତ୍ପତି ଓ ଇତିହାସ ସମ୍ପର୍କରେ ଐତିହ୍ୟ ପ୍ରେମୀ ମାନଙ୍କୁ ସୂଚନା ପ୍ରଦାନ କରି, ମହିମାଧର୍ମ ଏକ ସାମାଜିକ ଗଣ ଆନ୍ଦୋଳନ ଓ ଏହା ସାମାଜିକ ସହାବସ୍ଥାନକୁ ଗୁରୁତ୍ୱ ପ୍ରଦାନ କରିଥାଏ ବୋଲି କହିଥିଲେ । ଏ ଧର୍ମ ନିରାକାର ବିଶୁଦ୍ଧ ବ୍ରହ୍ମୈକବାଦ ଉପରେ ପ୍ରତିଷ୍ଠିତ। ଜଗତ କଲ୍ୟାଣ ଏହାର ମୁଖ୍ୟ ଆବେଦନ ଏବଂ ପରା, ଅପରା ସନ୍ନ୍ୟାସ ମାଧ୍ୟମରେ ମହିମାଧର୍ମ ସତ୍ୟ, ଅହିଂସା ଓ ବ୍ୟକ୍ତିର ଆତ୍ମିକ ଶୁଦ୍ଧତାକୁ ଗୁରୁତ୍ୱ ପ୍ରଦାନ କରିଥାଏ ବୋଲି ବାବା ନିତ୍ୟାନନ୍ଦ ଦାସ ମତବ୍ୟକ୍ତ କରିଥିଲେ । ଏହି ଅବସରରେ ନଟବର ବାବା ମହିମା ଧର୍ମର ଆଧ୍ୟାତ୍ମିକ ଦର୍ଶନ ସଂପର୍କରେ ପଦଯାତ୍ରୀମାନଙ୍କୁ ତଥ୍ୟପୂର୍ଣ୍ଣ ସୂଚନା ପ୍ରଦାନ କରିବା ସହିତ ପଦଯାତ୍ରାରେ ଯୋଗ ଦେଇଥିବା ଛାତ୍ରଛାତ୍ରୀ ମାନଙ୍କର ବିଭିନ୍ନ ପ୍ରଶ୍ନର ଉତ୍ତର ଦେଇଥିଲେ । ଏହାପରେ ବଲ୍କଲଧାରୀ ମହିମା ସମାଜ ତରଫରୁ ପଦଯାତ୍ରୀମାନଙ୍କୁ ଆଶ୍ରମର ଅନ୍ନ ପ୍ରସାଦରେ ଆପ୍ୟାୟିତ କରାଯାଇଥିଲା । ଏହି ଅବସରରେ ଐତିହ୍ୟ ପଦଯାତ୍ରୀ ମାନେ ମହିମାଗାଦି ମଣ୍ଡଳର ଗାଦି ମନ୍ଦିର, ନୀତି ମନ୍ଦିର, ଘଂଟାଘର, ଧୁନିମନ୍ଦିର, ଶୂନ୍ୟମନ୍ଦିର, ଅଖଣ୍ଡ ଧୁନିମନ୍ଦିର, ଏକୋଇଶ ହାତିଆ ଟୁଙ୍ଗୀ, ମହିମା ସ୍ୱାମୀଙ୍କ ଭୀକ୍ଷା ସ୍ଥଳ ଓ ଅନ୍ୟାନ୍ୟ ଆଶ୍ରମ ବୁଲି ଦେଖିଥିଲେ। ଢେଙ୍କାନାଳ ଐତିହ୍ୟ ପଦଯାତ୍ରାର ଆବାହକ ସୁରେଶ ପ୍ରସାଦ ମିଶ୍ରଙ୍କ ଆବାହକତ୍ୱରେ ରମେଶ ଚନ୍ଦ୍ର ପତି, ବିପିନ ବିହାରୀ ପାଣି, ବଦ୍ରିନାଥ ଜେନା, ବିଶିଷ୍ଟ ଫଟୋଗ୍ରାଫର ହୃଦାନନ୍ଦ ବେହେରା, ରାଉରକେଲାରୁ ଆସିଥିବା ସୁବ୍ରତ କୁମାର ବଳ, ପିୟୁଷ ଅଗ୍ରୱାଲ୍, ବିଶ୍ୱଜିତ ଶତପଥୀ, ନାରାୟଣ ପଟ୍ଟନାୟକ, ବିକାଶ ପ୍ରଧାନ, ବିଶ୍ୱରଞ୍ଜନ ସାହୁ, ଚନ୍ଦ୍ର ଶେଖର ରାଉତ, କ୍ଷମାମୟୀ ବେହେରା, ଅର୍ଚ୍ଚନା ବେଜ, ମେଘା ମୌସୁମୀ ସାହୁ, ପିୟୁଷ ମାଟି, ଆଶୁତୋଷ ସାହୁ, ରାହୁଲ ନାଏକ, ଶିବ ପ୍ରସାଦ ସାହୁ, ବିକାଶ ରାଉତ, ଗୋପାଳ ସାସମଲ ଓ ଢେଙ୍କାନାଳ ସ୍ୱୟଂ ଶାସିତ ମହାବିଦ୍ୟାଳୟର ବହୁ ଛାତ୍ରଛାତ୍ରୀ ଯୋଗ ଦେଇଥିଲେ।

# ବଢୁଛି ବେଆଇନ ଇଟାଭାଟି

## ସାଜୁଛି ପରିବେଶ ଦୂଷିତ ଓ ତାପମାତ୍ରା ବୃଦ୍ଧିର କାରଣ



କୋରୁକୋଣ୍ଡା, (ଭାସ୍କର ନ୍ୟୁଜ୍ ) : କୋରୁକୋଣ୍ଡା ବ୍ଲକର ବହୁ ଅଞ୍ଚଳରେ ବେଆଇନ ଇଟାଭାଟି ସଂଖ୍ୟା ବଢ଼ିବାରେ ଲାଗିଛି। ଭାଟି ମାଲିକଙ୍କ ପାଖରେ ପରିବେଶ ମଞ୍ଜୁରୀ ନାହିଁ କିମ୍ବା ପ୍ରକୃତ ରାଜସ୍ୱ ଦେଉନାହାନ୍ତି ଓ ଦୀର୍ଘ ବର୍ଷରୁ ଏହା ଲାଗି ରହିଥିବାରୁ ପରିବେଶ ଦୂଷିତ ହେବା ସହ ଅଞ୍ଚଳରେ ତାପମାତ୍ରା ଦିନକୁ ଦିନ ବୃଦ୍ଧି ପାଇବାରେ ଲାଗିଛି । ସମସ୍ତ ସରକାରୀ ନିୟମକୁ ଉପେକ୍ଷାକରି ମାଲିକମାନେ ଏଭଳି ବେଆଇନ ଇଟାଭାଟି ଚଳାଉଛନ୍ତି। ଅଞ୍ଚଳବାସୀ ଏହାର ଶିକାର ହେଉଥିବା ବେଳେ ଏହାକୁ ନେଇ ସାଧାରଣରେ ଅସନ୍ତୋଷ ବଢ଼ିବାରେ ଲାଗିଛି। ସୂଚନାଯୋଗ୍ୟ, ତାର୍ଲାକୋଟା ପଞ୍ଚାୟତ ଏମ୍‌ଭି-୧୦୮, କୋରୁକୋଣ୍ଡା ସଦର, ଚିତାପାରି, ପୁରୁଣା ଓର୍କେଲ, ଏମ୍‌ଭି-୩୮, କାମ୍ୱେଡା ଏବଂ ବ୍ଲକର ବିଭିନ୍ନ ଅଞ୍ଚଳରେ ଛତୁ ଫୁଟିଲା ଭଳି ଶତାଧିକ ଇଟାଭାଟି ଗଢ଼ିଉଠିଛି। ବିଭାଗୀୟ କର୍ତ୍ତୃପକ୍ଷ ଓ ପ୍ରଶାସନିକ ଅଧିକାରୀ ଏ ବିଷୟରେ ସମ୍ପୂର୍ଣ୍ଣ ଅବଗତ ଥିଲେ ହେଁ ଏ ଦିଗରେ କୌଣସି ପଦକ୍ଷେପ ଗ୍ରହଣ କରାଯାଉ ନାହିଁ। ମାଲିକମାନେ ପ୍ରତିବର୍ଷ ବିଭାଗ ପକ୍ଷରୁ ଆସିଥିବା ନୋଟିସ୍ ବାବଦକୁ ନାମକୁ ମାତ୍ର ଅଳ୍ପ କିଛି ଟଙ୍କା ବାନ୍ଧିଦେଇ ଲକ୍ଷାଧିକ ଟଙ୍କାର ରାଜସ୍ୱ ଫାଙ୍କି ଚାଲିଛନ୍ତି । ଖାଲି ଏତିକି ନୁହେଁ, ପ୍ରତିବର୍ଷ ଏହା ଏକ ପାରମ୍ପରିକ ନିୟମ ପାଳନ କରିବା ଭଳି ଅନେକ ମାଲିକ ସରକାରୀ କର୍ମଚାରୀଙ୍କୁ ହାତଗୁଞ୍ଜା ଦେଇ ହେଉଥିବା ଅଭିଯୋଗକୁ ରଫାଦଫା କରିଦେଉଛନ୍ତି। ମୁଖ୍ୟତଃ ପରିବେଶ ମଞ୍ଜୁରୀ ନ ଥାଇ ଭାଟିରେ ଇଟା ପୋଡ଼ିବା ସମ୍ପୂର୍ଣ୍ଣ ଭାବେ ବେଆଇନ ହୋଇଥିଲେ ହେଁ ଏହାକୁ ଖୋଲାଖୋଲି ଉଲଂଘନ କରାଯାଉଛି। ଦୀର୍ଘ ବର୍ଷ ହେଲା ମାଲିକମାନେ ଏଭଳି ବେଆଇନ ଇଟାଭାଟି ଚଳାଉଥିଲେ ହେଁ ସେମାନଙ୍କ ଉପରେ ବିଭାଗୀୟ କର୍ତ୍ତୃପକ୍ଷ ଓ ପ୍ରଶାସନ ପକ୍ଷରୁ କାର୍ଯ୍ୟାନୁଷ୍ଠାନ ନିଆଯାଉନାହିଁ ବୋଲି ଲୋକେ କହିଛନ୍ତି। ପ୍ରଶାସନ ପକ୍ଷରୁ ବେଆଇନ ଇଟାଭାଟି ଉପରେ ଚଢ଼ାଉ କରି ମାଲିକଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି । ଏ ସମ୍ପର୍କରେ ଚିତ୍ରକୋଣ୍ଡା ତହସିଲଦାର ନଟବର ବରଡ଼ାଙ୍କୁ ପଚାରିବାରୁ ପରିବେଶ ପ୍ରଦୂଷଣ ସାର୍ଟିଫିକେଟ୍ ଭାଟି ମାଲିକଙ୍କର ନାହିଁ। ଫ୍ଲାଏଆଶ୍ ଇଟା କରିବାକୁ ସରକାରୀ ନିୟମ ରହିଛି । କିନ୍ତୁ ଆଦିବାସୀଙ୍କ ଦଖଲରେ ଥିବା ଜମିରେ କେତେକ ବ୍ୟବସାୟୀ ଇଟା କରି ବିକ୍ରି କରୁଛନ୍ତି । ସେମାନଙ୍କଠାରୁ ଆଇନ ଅନୁସାରେ ଜରିମାନା ଆଦାୟ କରାଯାଉଛି । ଏଥି ସହ ସେମାନେ ଇଟା ନେଲା ବେଳେ ଗାଡ଼ିଗୁଡ଼ିକୁ ମଧ୍ୟ ଜବତ କରାଯାଉଥିବା ସେ କହିଛନ୍ତି।

# ବନ ବିଭାଗ ତରଫରୁ ମିନି ମାରାଥନ



ଆଠମଲ୍ଲିକ, (ଭାସ୍କର ନ୍ୟୁଜ୍ ) : ସ୍ଥାନୀୟ ବନ ବିଭାଗ ତରଫରୁ ରବିବାର ଜଙ୍ଗଲରେ ନିଆଁ ନ ଲଗାଇବା ପାଇଁ ସଚେତନତା କାର୍ଯ୍ୟକ୍ରମ ଏବଂ ୫ କିଲୋମିଟର ମିନି ମାରାଥନ ଅନୁଷ୍ଠିତ ହୋଇଯାଇଛି । ପ୍ରଥମେ ବନ ବିଭାଗ ତରଫରୁ ଆଠମଲ୍ଲିକ ମିନି ଷ୍ଟାଡିୟମ ପରିସରରେ ବହୁ ଯୁବକ, ଯୁବତୀ, ଛାତ୍ରଛାତ୍ରୀମାନଙ୍କ ନାମ ପଞ୍ଜିକରଣ କରାଯାଇଥିଲା । ଆଠମଲ୍ଲିକ ଡିଏଫଓ ସନ୍ତୋଷ କାପୁଲା ଯୋଗ ଦେଇ ସବୁଜ ପତାକା ଦେଖାଇ ୫ କିଲୋମିଟର ମିନି ମାରାଥନର ଶୁଭାରମ୍ଭ କରିଥିଲେ । ତତ୍ ପରେ ମିନି ମାରାଥନଟି ଆଠମଲ୍ଲିକ ସହର ପରିକ୍ରମା କରି କଲେଜ ଛକ ନିକଟସ୍ଥ ଖେଳପଡିଆରେ ପହଞ୍ଚି ଥିଲା । ସେଠାରେ ଜଙ୍ଗଲ ନିଆଁ ବିଷୟରେ ସାଂସ୍କୃତିକ କାର୍ଯ୍ୟକ୍ରମ ମାଧ୍ୟମରେ ସଚେତନତା କରାଯାଇଥିଲା । ଏହି ମିନି ମାରାଥନରେ କେନ୍ଦୁପତ୍ର ଡିଏଫଓ ଜ୍ୟୋତି କୋଟାଲ, ଆଠମଲ୍ଲିକ ଆଇଆଇସି ଚିତ୍ତ ରଞ୍ଜନ ବେହେରା, ଏସିଏଫ ସଚ୍ଚିଦାନନ୍ଦ ସେଠୀ, ଦିବ୍ୟସିଂ ମାଝୀ, ଆଠମଲ୍ଲିକ ରେଞ୍ଜର ସୁନିଲ କୁମାର ସାହୁ, ଧଣ୍ଡାତୋପା ରେଞ୍ଜର ବବ୍ରୁ ବାହନ ସାହୁ, ମାଧପୁର ରେଞ୍ଜର ବିଜୟ କୁମାର୍ ସାହୁ, ହାଣ୍ଡପା ରେଞ୍ଜର ନରେନ୍ଦ୍ର ଗମାଙ୍ଗୋ, ବାମୁର୍ ରେଞ୍ଜର ସରୋଜ କୁମାର୍ ମିଶ୍ରଙ୍କ ସମେତ ବନଖଣ୍ଡ ଅଧିକାରୀ ଓ ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ। ମିନି ମାରାଥନର ପ୍ରତିଯୋଗିତାରେ ବାଳକ ବିଭାଗରେ ପ୍ରଥମ ଅର୍ଜୁନ ନାଏକ, ଦ୍ୱିତୀୟ ଚନ୍ଦ୍ରକାନ୍ତ ମହାକୁଡ, ତୃତୀୟ ଦୁଃଖିଶ୍ୟାମ ଭୁକ୍ତା ଏବଂ ବାଳିକା ବିଭାଗରେ ପ୍ରଥମ ସନ୍ଧ୍ୟାରାଣି ନାଏକ, ଦ୍ୱିତୀୟ ଅର୍ଚ୍ଚନା ମୁଣ୍ଡା, ଲିଜା ବେହେରା ତୃତୀୟ ସ୍ଥାନ ଅଧିକାର କରି ପୁରସ୍କୃତ ହୋଇଛନ୍ତି । ଏଥିରେ ୩୫୦ରୁ ଉର୍ଦ୍ଧ୍ୱ ଯୁବକଯୁବତୀ ଛାତ୍ରଛାତ୍ରୀ ଭାଗ ନେଇଥିଲେ । ଡିଏଫଓ ସନ୍ତୋଷ କାପୁଲା ଜଙ୍ଗଲ ସଚେତନତା ଉପରେ ବିଭିନ୍ନ ପ୍ରକାର ବକ୍ତବ୍ୟ ପ୍ରଦାନ କରିଥିଲେ ।

# ଉପକାରାଗାରରେ ଶିଳ୍ପମନ୍ତ୍ରୀଙ୍କ ଜଳଯନ୍ତ୍ର ପ୍ରଦାନ



କୁଜଙ୍ଗ, (ଭାସ୍କର ନ୍ୟୁଜ୍ ) : ଜଗତସିଂହପୁର ଜିଲ୍ଲା କୁଜଙ୍ଗ ସ୍ଥିତ ସମାଗୋଳ ଉପ କାରାଗାରକୁ ଅନ୍ତେବାସୀଙ୍କ ପାଇଁ ଥଣ୍ଡା ପାନୀୟ ଜଳ ଯନ୍ତ୍ର ପ୍ରଦାନ କରିଛନ୍ତି ପାରାଦ୍ୱୀପ ବିଧାୟକ ତଥା ଓଡ଼ିଶା ସରକାରଙ୍କ ଶିଳ୍ପ ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ। ତେବେ ଜେଲ୍ ପରିସରରେ ସ୍ୱଚ୍ଛ ଭୂତଳ ଜଳର ଅଭାବ ଯୋଗୁଁ ଅନ୍ତେବାସୀ ମାନେ ନାହିଁ ନଥିବାର ସମ୍ମୁଖୀନ ହେଉଥିବା ବେଳେ ଅନ୍ତେବାସୀ ମାନେ ମନ୍ତ୍ରୀଙ୍କ ଜେଲ୍ ପରିଦର୍ଶନ ସମୟରେ ଦୃଷ୍ଟି ଆକର୍ଷଣ କରିଥିଲେ। ମାତ୍ର ମନ୍ତ୍ରୀଙ୍କ ପ୍ରତିଶ୍ରୁତି ଅନୁସାରେ ଅନ୍ତେବାସୀ ମାନଙ୍କୁ ଏକ ପାନୀୟ ଜଳ ଯନ୍ତ୍ର ପ୍ରଦାନ କରିଛନ୍ତି। ଏହି ବିଶୁଦ୍ଧ ଥଣ୍ଡା ପାନୀୟ ଜଳ ଯନ୍ତ୍ର ପ୍ରଦାନ ସମୟରେ ଜିଲ୍ଲା ବିଜେପି ସମ୍ପାଦକ ତପନ କୁମାର ତ୍ରିପାଠୀ ଓ ନାରୀନେତ୍ରୀ ତଥା କୁଜଙ୍ଗ ପଞ୍ଚାୟତ ସରପଞ୍ଚ ବନ୍ଦିତା ଦାସ ପ୍ରମୁଖ ଉପସ୍ଥିତ ରହି ସମାଗୋଳ ଉପ କାରାଗାର ଅଧିକାରୀ ଇନ୍ଦ୍ରଜିତ ବିଶ୍ୱାଳଙ୍କୁ ହସ୍ତାନ୍ତର କରିଥିଲେ।

# ନବନିଯୁକ୍ତ ଶିକ୍ଷକ-ଶିକ୍ଷୟତ୍ରୀଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା

ରଘୁନାଥପୁର, (ଭାସ୍କର ନ୍ୟୁଜ୍ ) : ଜଗତସିଂହପୁର ଜିଲ୍ଲା ରଘୁନାଥପୁର ବ୍ଲକ ଶିକ୍ଷା ମଣ୍ଡଳ ଅଧିନ ବରାଗୋଳ ପଞ୍ଚାୟତ ଗୋଠିଣା ଗ୍ରାମରେ ଥିବା ନରେନ୍ଦ୍ର ବିଦ୍ୟାମନ୍ଦିର ସୋମବାର ନବନିଯୁକ୍ତି ଶିକ୍ଷକ ଶିକ୍ଷୟତ୍ରୀଙ୍କୁ ବିଦ୍ୟାଳୟ ପକ୍ଷରୁ ସମ୍ବର୍ଦ୍ଧନା କରାଯାଇଛି। ଏହି ଅବସରରେ ବିଦ୍ୟାଳୟ ପରିଷରରେ ପ୍ରଧାନ ଶିକ୍ଷୟତ୍ରୀ ରଶ୍ମୀପ୍ରଭା ନାୟକଙ୍କ ସଭାପତିତ୍ୱରେ ଏକ ସଭାର ଆୟୋଜନ କରାଯାଇ ନୂତନ କଳାଶିକ୍ଷକ କୁଞ୍ଜଳ ନାଗ, କ୍ରୀଡା ଶିକ୍ଷକ ଜଗାବଳିଆ ମିଶ୍ର ଓ କଳାଶିକ୍ଷକ କୁମାରୀ ସୌଦାମିନ ନାୟକଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା। ଆୟୋଜିତ ସଭାରେ ବିଦ୍ୟାଳୟର ପୂର୍ବତନ ପ୍ରଧାନ ଶିକ୍ଷକ ଉପେନ୍ଦ୍ର ନାଥ ମହାପାତ୍ର ମୁଖ୍ୟ ଅତିଥିଭାବେ ଯୋଗଦେଇ ବିଦ୍ୟାଳୟ ଏକ ମନ୍ଦିର ସଦୃଶ, ଏଥିରେ ଶିକ୍ଷାଦାନ କରୁଥିବା ଶିକ୍ଷକ ମାନେ ନିଷ୍ଠା ଓ କର୍ତ୍ତବ୍ୟ ପରାୟଣ ହେଲେ ଛାତ୍ରଛାତ୍ରୀ ମାନଙ୍କ ସଠିକ ଭବିଷ୍ୟତ ଗଠନ ହୋଇପାରିବ ବୋଲି ମତବ୍ୟକ୍ତ କରିଥିଲେ। ସମ୍ମାନୀତ ଅତିଥି ଭାବେ ନଟବର ସ୍ୱାଇଁ, ବରାଗୋଳ ସରପଞ୍ଚ ପ୍ରତିନିଧି ନିରଂଜନ ଦାସ, ପୂର୍ବତନ ଛାତ୍ର ସଂସଦ ସଭାପତି ସୁବାଷ ନାୟକ, ପରିଚାଳନା କମିଟିର ସଦସ୍ୟ ଅମୂଲ୍ୟ ଚନ୍ଦ୍ରକାନ୍ତ ମହାପାତ୍ର ଓ ପ୍ରମିଳା ବାରିକ ଯୋଗଦେଇ ଗୁରୁ ଶିଷ୍ୟ ପରମ୍ପରା ଉପରେ ଆଲୋକ ପାତ କରିଥିଲେ। ଏହି କାର୍ଯ୍ୟକ୍ରମରେ ଡେପୁଟେସନରେ ଆସିଥିବା ଶିକ୍ଷକ କୈଳାସ ଚନ୍ଦ୍ର ସାହୁ ଓ କବିତା ମହାନ୍ତିଙ୍କୁ ମଧ ସମ୍ବର୍ଦ୍ଧିତ କରାଯାଇଥିଲା। ଏଥିରେ ବିଦ୍ୟାମନ୍ଦିର ଶିକ୍ଷକ ସୁରେନ୍ଦ୍ର କୁମାର ସାହୁ, କର୍ମଚାରୀ ନରେନ୍ଦ୍ର ନାଥ ରାଉତ, ଅବସର ପ୍ରାପ୍ତ କର୍ମଚାରୀ ଅରବିନ୍ଦ ନାୟକ, କୁନି ମହାପାତ୍ର, ସବିତା ମହାପାତ୍ର, ସହଯୋଗ ପ୍ରଦାନ କରିଥିଲେ। ବିଦ୍ୟାଳୟର କିରାଣୀ ଜିତେନ୍ଦ୍ର କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

# ଡାଇମଣ୍ଡ କିଣି ଗ୍ରାହକ ଜିତିଲେ କାର




କାକଟପୁର, (ଭାସ୍କର ନ୍ୟୁଜ୍ ) : ରାଧାଗୋବିନ୍ଦ 'କୌନ ବନେଗା ଲକ୍ଷପତି 'ଲକି ଡ୍ର ଅନୁଷ୍ଠିତ ହୋଇଯାଇଛି । ସାରା ରାଜ୍ୟରେ କ୍ରିଷ୍ଣା ଡାଇମଣ୍ଡ ତରଫରୁ ଗତବର୍ଷ ସେପ୍ଟେମ୍ବର ୦୧ରୁ ଡିସେମ୍ବର ୩୧ ପର୍ଯ୍ୟନ୍ତ ଗ୍ରାହକ ମାନଙ୍କ ପାଇଁ କ୍ରିଷ୍ଣା ଡାଇମଣ୍ଡ ୨୦ହଜାର ଟଙ୍କାର ଡାଇମଣ୍ଡ କିଣିଲେ ଏକ ଲକି ଡ୍ର କୁପନ ମିଳୁଥିଲା। ଯାହାକି ଅନେକ ଗ୍ରାହକ ଏହି ଲକି ଡ୍ର କୁପନରେ ଅଂଶ ଗ୍ରହଣ କରିଥିବା ବେଳେ କିଛି ଦିନ ପୂର୍ବେ ଭୁବନେଶ୍ୱର ସ୍ଥିତ ଶ୍ରସ୍ତି ପ୍ରିମିୟମରେ କ୍ରିଷ୍ଣା ଡାଇମଣ୍ଡ ଚେୟାରମ୍ୟାନଙ୍କ ସହ ଅନ୍ୟ ଅତିଥି ଉପସ୍ଥିତରେ ଲକି ଡ୍ର କୁପନ ଉଠାଣ କାର୍ଯ୍ୟକ୍ରମ ହୋଇଥିଲା। ସେଥିରେ ପୁରୀ ଜିଲ୍ଲା କାକଟପୁର ସ୍ଥିତ ରାଧାଗୋବିନ୍ଦ ଜୁଏଲାରୀ ଗ୍ରାହକ ସବ୍ୟସାଚୀ ଦୀକ୍ଷିତଙ୍କ କାର ଉଠିଥିଲା। ଯାହାକୁ ନେଇ କାକଟପୁରରେ ରବିବାର ସନ୍ଧ୍ୟାରେ ରାଧାଗୋବିନ୍ଦ ଜୁଏଲାରୀ ଓ କ୍ରିଷ୍ଣା ଡାଇମଣ୍ଡଙ୍କ ମିଳିତ ଉଦ୍ୟମରେ ଅତିଥି ଭାବେ କାକଟପୁର ଥାନାଅଧିକାରୀ ଉମେଶ କୁମାର ସାହୁ, କ୍ରିଷ୍ଣା ଡ଼ାଇମଣ୍ଡ ରାଜ୍ୟ ମୁଖ୍ୟ ପରିଚାଳକ ଅଭିଜିତ ମହାନ୍ତି, ରାଧାଗୋବିନ୍ଦ ଜୁଏଲାରୀ ଚେୟାରମ୍ୟାନ ଶ୍ରୀଧର ସାହୁ ପ୍ରେସ କ୍ଲବ ସଭାପତି କମଳ ଲୋଚନ ଦୀକ୍ଷିତ, ଓଡିଶା ସ୍ୱର୍ଣ୍ଣ, ରୌପ୍ୟ ମହାସଙ୍ଘର ଉପ ସଭାପତି ଶଙ୍କର ପ୍ରସାଦ ସାହୁ, ପ୍ରମୁଖ ଉପସ୍ଥିତ ଥିବା ବେଳେ ମଞ୍ଚ ପରିଚାଳନା କରିଥିଲେ ବରିଷ୍ଠ ସାମ୍ବାଦିକ ପ୍ରଦୀପ୍ତ କୁମାର ଦୀକ୍ଷିତ। ନିଜ ଅଭିଭାଷଣରେ ଶ୍ରୀଧର ସାହୁ କହିଥିଲେ ରାଧାଗୋବିନ୍ଦ ଜୁଏଲାରୀ ସଦାସର୍ବଦା ଯେପରି ଶୁଦ୍ଧ ସୁନା, ସ୍ୱଚ୍ଛ ରିହାତି ପାଇଁ ଜଣାଶୁଣା ଠିକ ସେହିପରି ପ୍ରତିଶ୍ରୁତି ରକ୍ଷା କରିବା ପାଇଁ ସର୍ବଦା ଯତ୍ନବାନ।

# ଅସହାୟ ବ୍ୟକ୍ତିଙ୍କୁ ସହାୟତା



ଆଳି,(ଭାସ୍କର ନ୍ୟୁଜ୍ ) : ଆଳି ବ୍ଲକ ଅନ୍ତର୍ଗତ ମହୁ ପଂଚାୟତର ମହୁ ଗ୍ରାମର କିରଣ ସ୍ୱାଇଁ ଯିଏ କି ବାଙ୍ଗାଲୋରରେ ଶ୍ରମିକ ଭାବେ କାମ କରି ପରିବାର ପ୍ରତିପୋଷଣ କରୁଥିଲେ। କାମ କରୁଥିବା ବେଳେ ପାଇପ ପଡି ଗୋଡ଼ ଆଙ୍ଗୁଳି ଛିଡି ଗଲା ପରେ ସେପ୍ଟିକ କରିବାରୁ ଗୋଡ଼ ଆଣ୍ଠୁ ପାଖରୁ କଟାଗଲା। ବର୍ତ୍ତମାନ କିରଣ ଅସହାୟ ଅବସ୍ଥାରେ ଘରେ ଚିକିତ୍ସିତ ହେଉଛନ୍ତି। ରୋଜଗାର କରିବାର କ୍ଷମତା ନଥିବାରୁ ଚିକିତ୍ସା ପାଇଁ ଗଣମାଧ୍ୟମ ଦ୍ୱାରା ସହାୟତା ପାଇଁ ନିବେଦନ କରିଥିଲେ। ଏହା ଜାଣି ସହଦେବ ଦାସ ସେବା ସଂସ୍ଥା, ନମୌଜା ତରଫରୁ ସଭାପତି ଗୋବିନ୍ଦ ଚନ୍ଦ୍ର ନନ୍ଦ, ପୂର୍ବତନ ସମ୍ପାଦକ ବୀରେନ୍ଦ୍ର କୁମାର ପଣ୍ଡା ଓ ସଭାପତି ବାମନ ଚରଣ ବେହେରା, କୋଷାଧକ୍ଷ ମଧୁସୂଦନ ଦାସ କିରଣଙ୍କ ଘରେ ପହଂଚି ମହୁ ଗ୍ରାମର ସରପଞ୍ଚ ମହେଶ୍ୱର ତ୍ରିପାଠୀ ଓ ସମାଜସେବୀ ସରୋଜିନୀ ରାଉତ ମହାନ୍ତିଙ୍କ ଉପସ୍ଥିତରେ ଟ ୫୦୦୦ଙ୍କା ସହାୟତା ପ୍ରଦାନ କରିଛନ୍ତି।

# ସ୍ମାର୍ଟ ସ୍କୁଲର ଷଷ୍ଠ ବାର୍ଷିକ ଉତ୍ସବ



ପାରଳାଖେମୁଣ୍ଡି, (ଭାସ୍କର ନ୍ୟୁଜ୍ ) : ଏକ ବର୍ଣ୍ଣାଢ୍ୟ ଏବଂ ସାଂସ୍କୃତିକ ପରିବେଶ ମଧ୍ୟରେ ସ୍ମାର୍ଟ ସ୍କୁଲର ଷଷ୍ଠ ବାର୍ଷିକ ଉତ୍ସବ 'ଦର୍ପନ-୨୪' ସ୍ଥାନୀୟ ଗୁଣ୍ଡିଚା ମନ୍ଦିର ପଡିଆ ଠାରେ ଅନୁଷ୍ଠିତ ହୋଇଯାଇଛି । ଉତ୍ସବର ଅତିଥି ବୃନ୍ଦ ଯଥା ପାରଳା ପୌର ଅଧକ୍ଷା ନିର୍ମଳା ସେଠି, ଓଡିଶା ସଂଗୀତ ନାଟକ ଏକାଡେମି ପୁରସ୍କାର ପ୍ରାପ୍ତ ଗୁରୁ ରଘୁନାଥ ପାତ୍ର ଏବଂ ପ୍ରିନ୍ସ ଡ୍ୟାନ୍ସ ଗ୍ରୁପର ପ୍ରତିଷ୍ଠାତା ତଥା ନିର୍ଦ୍ଦେଶକ ଟି.କ୍ରିଷ୍ଣା ମୋହନ ରେଡି ପ୍ରମୁଖ ଉପସ୍ଥିତ ରହି ଉତ୍ସବର ଶୋଭାକୁ ଗୌରବାନ୍ୱିତ କରିଥିଲେ । ସମସ୍ତ ଅତିଥି ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ବାର୍ଷିକ ଉତ୍ସବର ଉଦ୍ଘାଟନ କରିଥିଲେ । ନିଜର ସ୍ୱାଗତ ଅଭିଭାଷଣ ମାଧ୍ୟମରେ ବିଦ୍ୟାଳୟର ଅଧକ୍ଷା ସନ୍ଧ୍ୟା ରାଣୀ ପାତ୍ର, ବିଧାଳୟର ପାଠ ପଢ଼ିବା ମାଧ୍ୟମ ଏବଂ ପାଠ ପଢା ସହିତ ଛାତ୍ରଛାତ୍ରୀ ମାନଙ୍କ ଅନ୍ତର୍ନିହିତ ଦକ୍ଷତାର ବିକାଶ ପାଇଁ ବିଦ୍ୟାଳୟର ବିଭିନ୍ନ ପ୍ରୟାସ ଉପରେ ଆଲୋକପାତ କରିଥିଲେ ଏବଂ ବାର୍ଷିକ ବିବରଣୀକୁ ଏକ ସୁନ୍ଦର ଡିଜିଟାଲ ମିଡ଼ିଆ ମାଧ୍ୟମରେ ଉପସ୍ଥାପିତ କରିଥିଲେ । ବିଦ୍ୟାଳୟର ପରିଚାଳନା ସଦସ୍ୟା ସ୍ୱାଗତିକା ମିଶ୍ର ନିଜର ଅଭିଭାଷଣରେ ସ୍ମାର୍ଟ ସ୍କୁଲ, ଛାତ୍ରଛାତ୍ରୀ ମାନଙ୍କର ଆତ୍ମ ବିଶ୍ୱାସ ଦୃଢ କରିବା ନିମିତ୍ତ ସର୍ବଦା ଉଦ୍ୟତ ବୋଲି ଅଭିହିତ କରିଥିଲେ । ଶ୍ରୀମତୀ ମିଶ୍ର ବିଦ୍ୟାଳୟରେ ଉପସ୍ଥିତି ଏହାର ସମସ୍ତ କର୍ମଚାରୀଙ୍କ ଅକ୍ଲାନ୍ତ ପରିଶ୍ରମର ଫଳ ବୋଲି ଦର୍ଶାଇଥିଲେ। ପୌର ଅଧକ୍ଷା ନିର୍ମଳା ସେଠି, ବିଦ୍ୟାଳୟର ଶିକ୍ଷାଦାନ ପ୍ରଣାଳୀରେ ନିଜର ସନ୍ତୋଷ ବ୍ୟକ୍ତ କରିଥିଲେ । ଗୁରୁ ରଘୁନାଥ ପାତ୍ର ବିଦ୍ୟାଳୟର ଆରମ୍ଭରୁ ଏହା ସହିତ ଜଡିତ ଥିବା ଦର୍ଶାଇଥିଲେ ଏବଂ ବିଦ୍ୟାଳୟର ସର୍ବାଙ୍ଗୀନ ଉନ୍ନତି କାମନା କରିଥିଲେ। କୁନି କୁନି ପିଲା ମାନଙ୍କର ସାଂସ୍କୃତିକ କାର୍ଯ୍ୟକ୍ରମ ତାଙ୍କୁ ବିମୋହିତ କରିଦେଇଛି ବୋଲି ପ୍ରିନ୍ସ ଡ୍ୟାନ୍ସ ଡାଇରେକ୍ଟର କ୍ରିଷ୍ଣା ରେଡ୍ଡି ଅଭିହିତ କରିଥିଲେ । ସମ୍ପୂର୍ଣ୍ଣ କାର୍ଯ୍ୟକ୍ରମର ମଂଚ, ଆଲୋକ ଏବଂ ଶବ୍ଦ ସଂଯୋଜନାକୁ ରମାକାନ୍ତ ବରାଳ ଏବଂ ଜଗନ ପାଣିଗ୍ରାହୀ ପରିଚାଳନା କରିଥିବା ବେଳେ ସମସ୍ତ ସ୍ମରଣୀୟ ମୁହୂର୍ତ୍ତକୁ ନିଜ କ୍ୟାମେରାରେ ବାନ୍ଧି ରଖିବା ଦାୟିତ୍ୱ ଶ୍ରୀକାନ୍ତ ବରାଡ଼ ବହୁତ ସୁନ୍ଦର ଭାବରେ ନିଭାଇଥିଲେ । ଉପସ୍ଥିତ ସମସ୍ତ ଅଭିଭାବକ ଏବଂ ଗଣମାଧ୍ୟମର ପ୍ରତିନିଧି ମାନେ ବିଦ୍ୟାଳୟର ଉନ୍ନତି କାମନା କରିଥିଲେ । କୁନି କୁନି ପିଲା ମାନଙ୍କର ମନଲୋଭା ସାଂସ୍କୃତିକ କାର୍ଯ୍ୟକ୍ରମରେ ସମସ୍ତେ ଭାବ ବିହ୍ୱଳ ହୋଇଯାଇଥିଲେ । ବିଭିନ୍ନ ପ୍ରତିଯୋଗିତାରେ ଯୋଗ୍ୟ ବିବେଚିତ ହୋଇଥିବା ସମସ୍ତ କୃତି ଛାତ୍ରଛାତ୍ରୀ ମାନଙ୍କୁ ପୁରସ୍କାର ବିତରଣ କରାଯାଇଥିଲା । ସମସ୍ତ କାର୍ଯ୍ୟକ୍ରମକୁ ଲୀନା କର, ହରି ସାହୁକାର, ପବନ ସାହୁକାର, ମନୋଜ କର ଓ ରଂଜିତା ପଟନାୟକ ପ୍ରମୁଖ ପରିଚାଳନା କରିଥିଲେ । ଶାନ୍ତି ଶୃଙ୍ଖଳା ରକ୍ଷାରେ ଗଜପତି ସୁରକ୍ଷା କର୍ମୀ ମାନଙ୍କର କର୍ତ୍ତବ୍ୟ ନିଷ୍ଠା ଉଚ୍ଚକୋଟୀର ଥିଲା । କାର୍ଯ୍ୟକ୍ରମର ଉପସ୍ଥାପିକା ଋତୁପର୍ଣ୍ଣା ପଟ୍ଟନାୟକ ବହୁତ ସୁନ୍ଦର ଭାବରେ ସମ୍ପୂର୍ଣ୍ଣ କାର୍ଯ୍ୟକ୍ରମକୁ ଉପସ୍ଥାପନ କରିଥିଲେ ।

# ଜନସ୍ୱାସ୍ଥ୍ୟ ଯାନ୍ତ୍ରୀକ କର୍ମଚାରୀ ସଂଘର ରାଜ୍ୟସ୍ତରୀୟ ସମ୍ମିଳନୀ



ବ୍ରହ୍ମପୁର, (ଭାସ୍କର ନ୍ୟୁଜ୍) : ଉମାଚରଣ ପଟ୍ଟନାୟକ ଇଂଜିନିୟରିଂ ସ୍କୁଲ ପ୍ରାଙ୍ଗଣରେ ରାଜ୍ୟସ୍ତରୀୟ ଜନସ୍ୱାସ୍ଥ୍ୟ ଯାନ୍ତ୍ରିକ କର୍ମଚାରୀ ସଂଘର ୧୪ଶ ତମ ରାଜ୍ୟସ୍ତରୀୟ ସମ୍ମିଳନୀ ତଥା ସଂଘର ସଭାପତି ପ୍ରଶାନ୍ତ କୁମାର ମହାନ୍ତିଙ୍କ ସରକାରୀ ଚାକିରିରୁ ଅବସର କାଳୀନ ସମ୍ବର୍ଦ୍ଧନା ସଭା ଯଥାରିତିରେ ଅନୁଷ୍ଠିତ ହୋଇଯାଇଛି । ପ୍ରଥମେ ସଂଘର ସଭାପତି ଉକ୍ତ ୧୪ଶ ସମ୍ମିଳନୀର ସଂଘୀୟ ପତାକାକୁ ଉତ୍ତୋଳନ କରିଥିଲେ ଓ ସହିଦ ସମ୍ପାଦକ ଅଶୋକ କୁମାର ମୁଦୁଲି, କାର୍ଯକାରୀ ସଭାପତି ଅଶିଳ କୁମାର ବ୍ରହ୍ମଙ୍କ ସହିତ ସମସ୍ତ କର୍ମକର୍ତ୍ତା କର୍ମଚାରୀ ମାଲ୍ୟାର୍ପଣ କରିଥିଲେ । ଉକ୍ତ ସଭାକୁ ମାନ୍ୟବର ବାଣିଜ୍ୟ ପରିବହନ ତଥା ଖଣି ଓ ଇସ୍ପାତ ମନ୍ତ୍ରୀ ବିଭୁତି ଭୁଷଣ ଜେନା ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିବା ସଙ୍ଗେ ସଙ୍ଗେ ଜଳ ଯୋଗାଣ କର୍ମଚାରୀ ମାନଙ୍କ କାର୍ଯ୍ୟଶୈଳୀକୁ ପ୍ରଶଂସା କରିଥିଲେ । ଜଳ ଯୋଗାଣ ଭଳି ଏକ ଅତ୍ୟାବଶ୍ୟକ କାର୍ଯ୍ୟକୁ ବିଭିନ୍ନ ସମୟରେ ଯଥା ବନ୍ୟା, ବାତ୍ୟା ଓ ପ୍ରାକୃତିକ ଦୁର୍ବିପାକ ସମୟରେ ନିଜ ପରିବାର ତଥା ନିଜ ଜୀବନକୁ ବାଜି ଲଗାଇ ସଂପାଦନ କରୁଥିବାରୁ ଆଗକୁ କିଭଳି ଏହି ଧାରା ସେମାନେ ବଜାୟ ରହିବେ ସେମାନଙ୍କୁ ଉତ୍ସାହ ପ୍ରଦାନ କରିଥିଲେ । ଏହି ସଭାରେ ସମ୍ମାନୀୟ ଅତିଥି ଭାବେ ଛତ୍ରପୁର ବିଧାୟକ କୃଷ୍ଣଚନ୍ଦ୍ର ନାୟକ, ଚିକିଟି ବିଧାୟକ ମନୋରଞ୍ଜନ ଦ୍ୟାନ ସାମନ୍ତରାୟ, ଅଧକ୍ଷ ଇଂ ଶୁସାନ୍ତ କୁମାର ପାତ୍ର, ଉମାଚରଣ ପଟନାୟକ ଇଂଜିନିୟରିଂ ସ୍କୁଲ ଓ ଜନସ୍ୱାସ୍ଥ୍ୟ ବିଭାଗର ବିଭିନ୍ନ ପଦାଧିକାରୀ ଯୋଗ ଦେଇ କର୍ମଚାରୀ ମାନଙ୍କୁ ଏହିଭଳି ସଂଗଠିତ ରହି ଜଳ ଯୋଗାଣ ଭଳି ଅତ୍ୟାବଶ୍ୟକ ସଂସ୍ଥାର ଉତ୍ସର୍ଗିକୃତ ଓ ମହତ ସେବା ପ୍ରଦାନ ପାଇଁ ଦିଗଦର୍ଶନ ଦେଇଥିଲେ । ଏହି ସଭାର ସଂଘର ମୁଖ୍ୟ ଉପଦେଷ୍ଟା ତଥା ପ୍ରାକ୍ତନ ବିଧାୟକ ଡଃ.ପ୍ରଭାତ ରଞ୍ଜନ ବିଶ୍ୱାଳ ମୁଖ୍ୟବକ୍ତା ଭାବରେ ଯୋଗଦେଇ ବିଗତ ଦିନର ତାଙ୍କର ସଂଘ ପ୍ରତି ଅବଦାନ ଓ କର୍ମଚାରୀ ମାନଙ୍କ କାର୍ଯ୍ୟ ଦକ୍ଷତା ଉପରେ ଆଲୋକପାତ କରିଥିଲେ । ଉକ୍ତ ସଭାଟିକୁ ସଂଘର ସଭାପତି ପ୍ରଶାନ୍ତ କୁମାର ମହାନ୍ତି ସଭାପତିତ୍ୱ କରିଥିଲେ ଓ ସମସ୍ତେ ସଙ୍ଗଠିତ ହୋଇ କିଭଳି କର୍ମଚାରୀ ମାନଙ୍କ ଦାବି ହାସଲ ହେବ ତାହା ଉପରେ ନିଜର ବକ୍ତବ୍ୟ ରଖିଥିଲେ । ସଂଘର ସାଧାରଣ ସମ୍ପାଦକ ଅଶୋକ କୁମାର ମୁଦୁଲି ପ୍ରଥମେ ଅତିଥି ପରିଚୟ ପ୍ରଦାନ କରିବା ସହିତ କର୍ମଚାରୀ ମାନଙ୍କ ବିଭିନ୍ନ ସମସ୍ୟା ଦେଇ ସମ୍ପାଦକୀୟ ବିବରଣୀ ପାଠ କରିଥିଲେ ଏଥିରେ ସହବନ୍ଧିତ ଓଡିଶା ରାଜ୍ୟ ସରକାରୀ କର୍ମଚାରୀ ସମନ୍ୱୟ ସମିତିର ରାଜ୍ୟ ସାଧାରଣ ସମ୍ପାଦକ ସୁଜିତ କୁମାର ନାୟକ ଯୋଗଦେଇ କର୍ମଚାରୀ ମାନଙ୍କ ଉନ୍ନତି ନିମନ୍ତେ ସୁଚିନ୍ତିତ ମତାମତ ଦେଇଥିଲେ, ଏହି ସଭାରେ ବ୍ରହ୍ମପୁର ମଣ୍ଡଳ ଦ୍ୱାରା ସଂଘର ରାଜ୍ୟ ସଭାପତି ପ୍ରଶାନ୍ତ କୁମାର ମହାନ୍ତିଙ୍କୁ ଅବସର କାଳୀନ ସମ୍ବର୍ଦ୍ଧନା ଦେବା ସାଙ୍ଗେ ସାଙ୍ଗେ କର୍ମଚାରୀ ସେବା ସାଧକ ନାମକ ସ୍ମରଣିକା ଉନ୍ମୋଚନ ମୁଖ୍ୟ ଅତିଥି ତଥା ମାନ୍ୟଗନ୍ୟ ସମ୍ମାନିତ ଅତିଥିଙ୍କ ଦ୍ୱାରା କରାଯାଇଥିଲା। ଏବଂ ଶ୍ରୀ ମହାନ୍ତିଙ୍କୁ କର୍ମବୀର ସମ୍ମାନର ଅଲଙ୍କୃତ କରାଯାଇଥିଲା । ଏହି ସଭାଟିକୁ ବ୍ରହ୍ମପୁର ମଣ୍ଡଳର ପ୍ରଦୀପ କୁମାର ସିଂ, ପଦ୍ମଚରଣ ପାଢୀ, ସନ୍ତୋଷ କୁମାର ସ୍ୱାମୀ, ସୁମନ କୁମାର ପାତ୍ର, ସୀମାଞ୍ଚଳ ପଣ୍ଡା ସମେତ ସମସ୍ତ କର୍ମକର୍ତ୍ତା ସୁଚାରୁ ରୂପେ ସଂପାଦନ କରିଥିଲେ । ଉକ୍ତ ସଭାରେ ଆଗାମୀ ସମ୍ମିଳନୀ ପର୍ଯ୍ୟନ୍ତ ସଂଘର ନୂତନ କର୍ମକର୍ତ୍ତା ଚୟନ କରାଯାଇଥିଲା ମୁଖ୍ୟ ଉପଦେଷ୍ଟା ଡାଃ ପ୍ରଭାତ ରଞ୍ଜନ ବିଶ୍ୱାଳ, ପୂର୍ବତନ ବିଧାୟକ, ସଙ୍ଗଠନ ଉପଦେଷ୍ଟା ଦିଲିପ କୁମାର ମହାନ୍ତି, ସଭପତି ପ୍ରଶାନ୍ତ କୁମାର ମହାନ୍ତି, କାର୍ଯ୍ୟକାରୀ ସଭାପତି ଅଶିଳ ବ୍ରହ୍ମ, ବରିଷ୍ଠ ଉପ-ସଭାପତି ସୁର୍ଦଶନ ପ୍ରଧାନ, ସାଧାରଣ ସମ୍ପାଦକ ଅଶୋକ କୁମାର ମୁଦୁଲି, ରାଜ୍ୟ କମିଟିର ଉପ-ସଭାପତି ପ୍ରଶନ୍ନ କୁମାର ପଣ୍ଡା, ବିଜୟ କୁମାର ମଲିକ, ଦୁର୍ଗା ଚରଣ ସତପଥି, ନାରାୟଣ ବାଗ, ପ୍ରଫୁଂଲ କୁମାର ସାମଲ, ପ୍ରଦିପ କୁମାର ସିଂ, ସଂମ୍ପାଦକ ଶ୍ରୀବସ୍ତ ବେହୁରା, ଯୁଗ୍ମ ସମ୍ପାଦକ ଗିରିଶ ଚନ୍ଦ୍ର ନାୟକ, ସୁଧାସୁଂ ରାୟ, ରଞ୍ଜନ କୁମାର ଜ୍ୟୋସି, କୁନ୍ଦନ ସାହୁ, ସୁସିଲ କୁମାର ପଡିଆରୀ, ଚନ୍ଦନ କୁମାର ପରିଡା, ସଙ୍ଗଠନ ସମ୍ପାଦକ ସୁବାସ ମିଶ୍ର, ପ୍ରେମାନନ୍ଦ ବାରିକ, କଳ୍ପନା ମାର୍ଥା, ବିନୋଦ ବିହାରୀ ବଳ, ପଦ୍ମଚରଣ ପାଢୀ, କାର୍ଯ୍ୟାଳୟ ସମ୍ପାଦକ ସାରଙ୍ଗଧର ସାହୁ, କୋଷାଧକ୍ଷ ଅନିଲ କୁମାର ପ୍ରଧାନ, ମିଡିଆ ସମ୍ପାଦକ ସ୍ମୃତିରଞ୍ଜନ ଗିରି, ସମୀକ୍ଷକ ପ୍ରଶାନ୍ତ କୁମାର ଦାସ, ଶୁସାନ୍ତ କୁମାର ନାୟକ । ନୂତନ ଭାବେ ଚୟନ ହୋଇଥିବା କେନ୍ଦ୍ରୀୟ ନେତୃତ୍ୱଙ୍କୁ ଓଡିଶା ରାଜ୍ୟ ସରକାରୀ କର୍ମଚାରୀ ସମନ୍ୱୟ ସମିତିର ରାଜ୍ୟ ସାଧାରଣ ସମ୍ପାଦକ ସୁଜିତ କୁମାର ନାୟକ ଶପଥ ପାଠ କରାଇଥିଲେ । ସଭାଶେଷରେ ସଂଘର କାର୍ଯ୍ୟକାରୀ ସଭାପତି ଅଶିଳ କୁମାର ବ୍ରହ୍ମ ଧନ୍ୟବାଦ ଅର୍ପଣ କରିଥିଲେ ।



ଅନୁଗୋଳ (ଭାସ୍କର ନ୍ୟୁଜ୍) : ଆଜି ଜିଲ୍ଲା କାର୍ଯ୍ୟାଳୟ ସମ୍ମିଳନୀ କକ୍ଷଠାରେ ଅତିରିକ୍ତ ଜିଲ୍ଲାପାଳ ପ୍ରତାପ ପ୍ରୀତିମୟଙ୍କ ଅଧ୍ୟକ୍ଷତାରେ ଜନଶୁଣାଣି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଜନଶୁଣାଣି ଶିବିରରେ ମୋଟ ୩୧ଟି ଅଭିଯୋଗ ଗ୍ରହଣ କରାଯାଇଥିଲା। ସେଥିମଧ୍ୟରୁ ୩୦ଟି ବ୍ୟକ୍ତିଗତ ଓ ଗୋଟିଏ ଗ୍ରାମ୍ୟଭିତ୍ତିକ ଅଭିଯୋଗ ଶୁଣାଣି ହୋଇଥିବା ବେଳେ ଗୋଟିଏ ଅଭିଯୋଗର ତୁରନ୍ତ ଫଇସଲା କରାଯାଇଥିଲା। ୫ ଜଣଙ୍କୁ ରେଡକ୍ରସ ପାଣ୍ଠିରୁ ୩୨ ହଜାର ୫ ଶହ ଟଙ୍କା ସହାୟତା ରାଶି ପ୍ରଦାନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଅନୁଗୋଳ ଉପ - ଜିଲ୍ଲାପାଳ ମାୟାଧର ବେହେରା, ଡେପୁଟି କଲେକ୍ଟରଶୁଭଦର୍ଶନ ମିଶ୍ର, ଜିଲ୍ଲା ବିଜ୍ଞାନ ପର୍ଯ୍ୟବେକ୍ଷକ ଅମ୍ବୁଜ କୁମାର ଗଡନାୟକଙ୍କ ସମେତ ବିଭିନ୍ନ ବିଭାଗର ଜିଲ୍ଲାସ୍ତରୀୟ ଅଧିକାରୀ ଯୋଗଦେଇଥିଲେ। ଏହି ଶିବିରକୁ ଆସିଥିବା ଲୋକମାନେ ଗ୍ରାମ୍ୟ ସମସ୍ୟା, ସ୍ୱାସ୍ଥ୍ୟ, ଗ୍ରାମୀଣ ଆବାସ, ଜମିଜମା ସମ୍ବନ୍ଧୀୟ, ବ୍ୟକ୍ତିଗତ ସମସ୍ୟା ସମେତ ବିଭିନ୍ନ ଅଭିଯୋଗ ଦାଖଲ କରିଥିଲେ।



# ଇ-କେୱାଇସି କରିନାହାନ୍ତି ୬୫୩୦ ହିତାଧିକାରୀ

ଭାପୁର (ଭାସ୍କର ନ୍ୟୁଜ୍): ଖାଦ୍ୟ ସୁରକ୍ଷା ଯୋଜନାରେ ଗରିବ ହିତାଧିକାରୀଙ୍କୁ ସରକାର ମୁଣ୍ଡପିଛା ୫ କେଜି ଲେଖାଏଁ ଚାଉଳ ଯୋଗାଇ ଦେଉଛନ୍ତି। ପ୍ରକୃତ ହିତାଧିକାରୀଙ୍କ ବଦଳରେ ଭୂତ ହିତାଧିକାରୀ ରାସନ୍ ସାମଗ୍ରୀ ନେଉଥିବା ଅଭିଯୋଗ ପରେ ରାଜ୍ୟ ସରକାର ଇ-କେୱାଇସି ପ୍ରକ୍ରିୟା ୪ ମାସ ହେଲା ଆରମ୍ଭ କରିଛନ୍ତି। ଏହି ପ୍ରକ୍ରିୟାର ଶେଷ ଦିନ ଫେବୃଆରୀ ମାସ ୧୫ ତାରିଖ ରହିଥିଲା କିନ୍ତୁ ସରକାର ମାର୍ଚ୍ଚ ମାସ ୩୧ ତାରିଖ ପର୍ଯ୍ୟନ୍ତ ବୃଦ୍ଧି କରିଥିବାବେଳେ ଭାପୁର ବ୍ଲକରେ ୬୫୩୦ଜଣ ହିତାଧିକାରୀ ଇ-କେୱାଇସି କରିନଥିବା ବ୍ଲକ ଯୋଗାଣ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ଏହି ପ୍ରକ୍ରିୟାକୁ ସରକାର ଆଉ ଦେଢ଼ ମାସ ଘୁଞ୍ଚାଇଥିଲେ ମଧ୍ୟ ଏହି ସମୟସୀମା ମଧ୍ୟରେ ବାକି ରହିଥିବା ହିତାଧିକାରୀଙ୍କ ଇ-କେୱାଇସି ସରିବା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ରାଜ୍ୟ ତଥା ଦେଶ ବାହାରେ କାର୍ଯ୍ୟ କରୁଥିବା ଶ୍ରମିକଙ୍କ ସଂଖ୍ୟା ଏତେ ହେବନାହିଁ କିନ୍ତୁ, ଭୂତ ହିତାଧିକାରୀ ନିଶ୍ଚିତ ଭାବରେ ରାସନ୍ ସାମଗ୍ରୀ ନେଉଥିଲେ ବୋଲି ପ୍ରମାଣିତ ହୋଇଛି। ଏହି ଭୂତ ରାସନ୍ ସାମଗ୍ରୀ ରିଟେଲର ତଥା ପଞ୍ଚାୟତ କାର୍ଯ୍ୟାଳୟର ଅଧିକାରୀ ମାନେ ଲୁଟୁଥିଲେ। ତେବେ, ପ୍ରକ୍ରିୟା ଶେଷ ହେବା ପରେ, କେଉଁ ପଞ୍ଚାୟତରୁ କେତେ ଭୂତ ହିତାଧିକାରୀଙ୍କ ରାସନ୍ ବହୁବର୍ଷ ଧରି ଲୁଟୁଥିବା ଧଳା ପୋଷାକଧାରି ବଡ଼ପଣ୍ଡାମାନଙ୍କର କଳା କାରନାମା ପର୍ଦ୍ଦାଫାସ୍ ହେବ।

# ‘ଗଭୀର ସମୁଦ୍ରରେ ସନ୍ଦିଗ୍ଧଙ୍କୁ ଦେଖିଲେ ସୂଚନା ଦିଅ’





ଅସ୍ତରଙ୍ଗ (ଭାସ୍କର ନ୍ୟୁଜ୍) : ସମୁଦ୍ରକୂଳ ଦେଇ ଅନୁପ୍ରବେଶ ଭୟ ସର୍ବଦା ରହିଛି। ଏହାଛଡ଼ା ନିଷିଦ୍ଧ କରାଯାଇଥିବା ସମୟରେ ବେଆଇନ ଭାବେ ମାଛ ଧରିବାକୁ ଜଳସୀମା ଡେଇଁ ଟ୍ରଲର ପହଞ୍ଚିବାକୁ ରୋକିବା ସହ ସନ୍ଦିଗ୍ଧଙ୍କୁ ପ୍ରତିହତ କରିବା ବଡ଼ ଚ୍ୟାଲେଞ୍ଜ। ଏ ସବୁକୁ ଦୃଷ୍ଟିରେ ରଖି ପୁରୀ ଜିଲ୍ଲା ଅସ୍ତରଙ୍ଗ ନିକଟସ୍ଥ ନୂଆଗଡ ସାମୁଦ୍ରିକ ଥାନା ୫ମେ ୨୦୧୪ମସିହାରେ ସ୍ଥାପିତ ହୋଇଛି। ଗଭୀର ସମୁଦ୍ରକୁ ଯାଇଥିବା ବେଳେ ଯଦି କୌଣସି ସନ୍ଦିଗ୍ଧ ବ୍ୟକ୍ତି, ଅନୁପ୍ରବେଶକାରୀ ଅବା ସନ୍ଦେହଜନକ ସାମଗ୍ରୀ ନଜର ପଡ଼େ, ତେବେ ତୁରନ୍ତ ଏ ନେଇ ପୁଲିସକୁ ସୂଚନା ଦେବା ସହ ସାମୁଦ୍ରିକ ଥାନା ପୋଲିସ ଓ ଜନସାଧାରଣ ସୁସମ୍ପର୍କ ରଖିବା ପାଇଁ ମୁଖ୍ୟ ଅତିଥି ପୁରୀ ଅତିରିକ୍ତ ଏସ୍‌ପି ବିଷ୍ଣୁ ପ୍ରସାଦ ପତି ଉପସ୍ଥିତ ରହି ନୂଆଗଡ ସାମୁଦ୍ରିକ ଥାନା ପରିସରରେ ଅନୁଷ୍ଠିତ ପୁଲିସ ସଚେତନତା କାର୍ଯ୍ୟକ୍ରମ ମତ ଦେଇଥିଲେ। ଖବର ମୁତାବକ ପୁରୀ ଜିଲ୍ଲା ଅସ୍ତରଙ୍ଗ ନିକଟସ୍ଥ ନୂଆଗଡ ସାମୁଦ୍ରିକ ଥାନା ପରିସରରେ ସୋମବାର ଅପରାହ୍ନରେ ଥାନା ଅଧିକାରୀ ଅଚ୍ୟୁତାନନ୍ଦ ବେହେରାଙ୍କ ସଭାପତିତ୍ୱରେ ମୁଖ୍ୟଅତିଥି ପୁରୀ ଅତିରିକ୍ତ ଏସ୍‌ପି ବିଷ୍ଣୁ ପ୍ରସାଦ ପତି, ମୁଖ୍ୟବକ୍ତା ଅସ୍ତରଙ୍ଗ ତହସିଲଦାର ପ୍ରିୟଙ୍କା ପ୍ରିୟଦର୍ଶନୀ ପତି, ସମ୍ମାନୀତ ଅତିଥି ନିମାପଡା ଉପଖଣ୍ଡ ଅଧିକାରୀ ଜନାର୍ଦ୍ଦନ ପାଢ଼ୀ, ଅସ୍ତରଙ୍ଗ ଥାନା ଅଧିକାରୀ ରାଜେଶ ବଳିୟାର ସିଂ, ଅସ୍ତରଙ୍ଗ ବ୍ଲକ ଅଧକ୍ଷା ଆରତୀ ନାଏକ, ବିଡିଓ ସୁଶ୍ରୀ ସସ୍ମିତା ବେହେରା, ନୂଆଗଡ ସମିତି ସଭ୍ୟ ରାମଚନ୍ଦ୍ର ନାୟକ ପ୍ରମୁଖ ଉପସ୍ଥିତ ଥିବା ବେଳେ ମଞ୍ଚ ପରିଚାଳନା କରିଥିଲେ ପରିବେଶବିତ୍ ଶୋଭାକର ବେହେରା। ପୋଲିସ ଓ ସାଧାରଣ ଜନତା ହେଉଛନ୍ତି ପରସ୍ପର ବନ୍ଧୁତ୍ୱ। ସ୍ଥାନୀୟ ଅଞ୍ଚଳରେ ପରସ୍ପର ମଧ୍ୟରେ ଉତ୍ତମ ସମ୍ପର୍କ ରଖିବା ସହ ଶାନ୍ତିଶୃଙ୍ଖଳା ସହ ଚଳିବା ପାଇଁ ମୁଖ୍ୟବକ୍ତା ତହସିଲଦାର ପ୍ରିୟଙ୍କାପ୍ରିୟଦର୍ଶନୀ ପତି ନିଜ ବକ୍ତବ୍ୟରେ କହିଥିଲେ। ମଞ୍ଚ ପରିଚାଳକ ଶ୍ରୀ ବେହେରା ସ୍ୱାଗତ ଭାଷଣ, ଅତିଥି ପରିଚୟ ପ୍ରଦାନ କରିଥିଲେ। ସରକାରଙ୍କ ନିର୍ଦ୍ଦେଶ କ୍ରମେ ନୂଆଗଡ଼ ସାମୁଦ୍ରିକ ଥାନା ପରିସରରେ ବୃକ୍ଷରୋପଣ, ସ୍ୱାସ୍ଥ୍ୟ ପରୀକ୍ଷା ଶିବିର ଓ କ୍ରୀଡା ଆଦି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିସହିତ ମତ୍ସ୍ୟଜୀବୀ ପରିବାର ସହ ପଡୋଶୀ ଗ୍ରାମର ବିଦ୍ୟାଳୟ ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ଭଲିବଲ ଓ କ୍ରିକେଟ ଖେଳର ଆୟୋଜନ କରାଯାଇଥିଲା। ଏହା ସହିତ ପୋଲିସକୁ ସହାୟତା କରୁଥିବା କେତେକ ବ୍ୟକ୍ତି ବିଶେଷଙ୍କ ସହ କିଛି ପୋଲିସ କର୍ମଚାରୀ ଓ ଟେକ୍ନିକାଲ ଷ୍ଟାଫଙ୍କୁ ପୁରସ୍କାର ସହ ମାନପତ୍ର ପ୍ରଦାନ କରାଯାଇଥିଲା। ସାଂସ୍କୃତିକ କାର୍ଯ୍ୟକ୍ରମ ସହ ଏହି ପୁଲିସ ସଚେତନ କାର୍ଯ୍ୟକ୍ରମରେ ସ୍ଥାନୀୟ ଅଞ୍ଚଳ ବୁଦ୍ଧିଜୀବୀ ଓ ଜନସାଧାରଣ ପ୍ରମୁଖ ଉପସ୍ଥିତ ଥିଲେ। ଶେଷରେ ଥାନା କନେଷ୍ଟବଳ ରାକେଶ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

# ପାରାଦ୍ୱୀପ ଗଡରେ ଏସ୍.କେ ଏକାଡେମୀର ବାର୍ଷିକୋତ୍ସବ





କୁଜଙ୍ଗ (ଭାସ୍କର ନ୍ୟୁଜ୍) : ଜଗତସିଂହପୁର ଜିଲ୍ଲା କୁଜଙ୍ଗ ବ୍ଲକ ଅନ୍ତର୍ଗତ ପାରାଦ୍ୱୀପ ଗଡ଼ ପଞ୍ଚାୟତ ପାରାଦ୍ୱୀପ ଗଡ ଠାରେ ଅବସ୍ଥିତ ଅଗ୍ରଣୀ ଇଂଲିଶ ମିଡିଅମ୍ ସ୍କୁଲର ୧୧ ତମ ବାର୍ଷିକ ଉତ୍ସବ ମହାସମାରୋରେ ଅନୁଷ୍ଠିତ ହୋଇଯାଇଛି। ଏହି ବାର୍ଷିକ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଓଡ଼ିଶା ସରକାରଙ୍କ ଶିକ୍ଷ, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ଯୋଗଦେଇ ଛାତ୍ରଛାତ୍ରୀମାନଙ୍କ ଏକାଗ୍ରତା ଓ ସମୟାନୁବର୍ତ୍ତିତ ରଖିଲେ ଆଗକୁ ବଢ଼ିପାରିବେ ବୋଲି କହିଥିଲେ। ଏହି କାର୍ଯ୍ୟକ୍ରମରେ ମୁଖ୍ୟବକ୍ତା ଭାବେ କୁଜଙ୍ଗ ଅତିରିକ୍ତ ଶିକ୍ଷା ଅଧିକାରୀ ମନୋଜ କୁମାର ବେହେରା, ସମ୍ମାନୀତ ଅତିଥି ଭାବେ ବରିଷ୍ଠ ଆଇନଜୀବୀ ସଞ୍ଜୟ କୁମାର ବେହେରା, ପାରାଦ୍ୱୀପ ଗଡ ଗ୍ରାମ ପଞ୍ଚାୟତ ସରପଞ୍ଚ ସସ୍ମିତା ବେହେରା, ନୂଆଗଡ ପଞ୍ଚାୟତ ସରପଞ୍ଚ ଦେବେନ୍ଦ୍ର କୁମାର ରାଉତ, ପ୍ରମୋଦ କୁମାର ପତି, ଯୋଗଦେଇ ସ୍କୁଲର ଶିକ୍ଷା ବ୍ୟବସ୍ଥା ଓ ଛାତ୍ରଛାତ୍ରୀମାନଙ୍କ ଶୃଙ୍ଖଳାକୁ ପ୍ରଶଂସା କରିଥିଲେ। ସ୍କୁଲର ପ୍ରତିଷ୍ଠାତା ଅଧ୍ୟକ୍ଷ ପ୍ରଭାତ ପ୍ରକାଶ ସାହୁ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ପ୍ରଧାନ ଶିକ୍ଷୟିତ୍ରୀ ସସ୍ମିତା ସ୍ୱାଇଁ ବାର୍ଷିକ ବିବରଣୀ ପାଠ କରିଥିଲେ। ସ୍କୁଲ ପରିଚାଳନା କମିଟିର ସମ୍ପାଦକ ବିମଳ ଚନ୍ଦ୍ର ପଟ୍ଟନାୟକ ଧନ୍ୟବାଦ ଅର୍ପଣ କରିଥିଲେ। ବାର୍ଷିକ କ୍ରିଡ଼ା ପ୍ରତିଯୋଗୀତାରେ ଶ୍ରେଷ୍ଠ ସ୍ଥାନ ଅଧିକାର କରିଥିବା କୃତି ପ୍ରତିଯୋଗୀଙ୍କୁ ମାନ୍ୟବର ମନ୍ତ୍ରୀ ପୁରସ୍କୃତ କରିଥିଲେ। ପରିଶେଷରେ ଛାତ୍ରଛାତ୍ରୀ ମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

# ବନ୍ଧୁ ମିଳନ ଓ ସ୍ମୃତିଚାରଣ ସଭା

ବ୍ୟାସନଗର (ଭାସ୍କର ନ୍ୟୁଜ୍) : ଆଞ୍ଚଳିକ ଉଚ୍ଚ ବିଦ୍ୟାଳୟ ଧନେଶ୍ୱର ଠାରେ କୋରାଇ ହାଇସ୍କୁଲର ୧୯୭୫ ମସିହା ବ୍ୟାଚ୍‌ର ପୁରାତନ ଛାତ୍ରଛାତ୍ରୀଙ୍କ ତରଫରୁ ବନ୍ଧୁ ମିଳନ ଓ ସ୍ମୃତି ଚାରଣ ସଭା ଅନୁଷ୍ଠିତ ହୋଇଯାଇଛି। ଦେବେନ୍ଦ୍ର ପାଣିଗ୍ରାହୀଙ୍କ ବେଦୋଚ୍ଚାରଣ ସହିତ ପଣ୍ଡିତ ଡକ୍ଟର ସୂର୍ଯ୍ୟମଣି ଖୁଣ୍ଟିଆ ସଭା କାର୍ଯ୍ୟ ଆରମ୍ଭ କରିଥିଲେ। ପ୍ରଥମେ ଦିବଂଗତ ପୁଣ୍ୟାତ୍ମା ଶିକ୍ଷକ ମୋଜାମିଲ ହୁସେନ, ପାଣ୍ଡବ ଚରଣ ବେହୁରା, ଶେଖ୍ ଇଦ୍ରିଶ ମହମ୍ମଦ, ବିଜୟ କୁମାର ଦାସ, ବିଶ୍ୱନାଥ ମହାପାତ୍ର ଏବଂ ସହପାଠୀନି ଲତିକା ମଞ୍ଜରୀ ମହାନ୍ତିଙ୍କୁ ଶ୍ରଦ୍ଧା ଅର୍ପଣ ସହିତ ନୀରବ ପ୍ରାର୍ଥନା କରାଯାଇଥିଲା। ଅବସର ପ୍ରାପ୍ତ ଶିକ୍ଷକ ଡକ୍ଟର ସୂର୍ଯ୍ୟମଣି ଖୁଣ୍ଟିଆ, କ୍ରୀଡା ଶିକ୍ଷକ ଶେଖ୍ ଫୁରକାନ ହଜାରୀ, କୃଷ୍ଣ ଚନ୍ଦ୍ର ଦାସ, ବିଜୟ କୁମାର ପଟ୍ଟନାୟକ ଙ୍କୁ ପୁଷ୍ପମାଲ୍ୟ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ଦେବେନ୍ଦ୍ର ପାଣିଗ୍ରାହୀ ସଭା ପରିଚାଳନା କରିଥିବା ବେଳେ ଅନାଦି ଚରଣ ମହାରଣା ଧନ୍ୟବାଦ ଅର୍ପଣ କରିଥିଲେ। ଚିତ୍ତରଞ୍ଜନ ମହାନ୍ତି, ତରୁଣ ମହାନ୍ତି, ଜୀବନ ବଲ୍ଲଭ ମହାନ୍ତି, ମନ୍ମଥ ଦାସ, ବିଶ୍ୱଜିତ ପଟ୍ଟନାୟକ, କାର୍ତ୍ତିକ ଦ୍ୱିବେଦୀ, ସତ୍ୟଭାମା ପରିଡ଼ା, ପ୍ରଭାତ ନଳିନୀ ସେନାପତି , ଗଜନଫର ଅଲ୍ଲୀ, ସୋଫିଆନ, ଶାନ୍ତନୁ ସାହୁ, ସୁଦର୍ଶନ ଘଡ଼େଇ, ଅକ୍ଷୟ ଦାସ, ମଦନମୋହନ ମଲ୍ଲିକ, କୈଳାସ ମାଝି, ନୃସିଂହ ପରିଡ଼ା, ପ୍ରଳୟ କୁମାର ଦାସ, ସୁବାସ ସାମଲ, ରବି ମହାନ୍ତି ପ୍ରମୁଖ ଛାତ୍ରଛାତ୍ରୀ ଯୋଗଦାନ କରିଥିଲେ। ସମ୍ମାନିତ ଅତିଥି ଭାବେ ଧ୍ରୁବ ଚରଣ ଖୁଣ୍ଟିଆ, ବିପିନ ବିହାରୀ ଜେନା, ଶ୍ରୀମତୀ ଅନ୍ନପୂର୍ଣ୍ଣା ମହାରଣା ଏବଂ ଗୀତାଞ୍ଜଳି ପାଣିଗ୍ରାହୀ ଯୋଗଦାନ କରି ନିଜର ମତାମତ ପ୍ରଦାନ କରିଥିଲେ।

# ଜିଲ୍ଲା ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନରେ ‘ବିଦୁ-ଚାନ୍ଦାନ’ ପୂଜା

ବାରିପଦା (ଭାସ୍କର ନ୍ୟୁଜ୍): ସ୍ଥାନୀୟ ମୁର୍ଗାବାଡି ସ୍ଥିତ ‘ଜିଲ୍ଲା ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନ’ ମୟୂରଭଞ୍ଜ ପରିସରରେ ଅଲଚିକି ଲିପିର ଶତବାର୍ଷିକ ଅବସରରେ ବିଦୁ-ଚାନ୍ଦାନ ପୂଜାକୁ ପାରମ୍ପରିକ ରୀତିନୀତି ଅନୁଯାୟୀ ପୂଜାର୍ଚ୍ଚନା କରାଯାଇଥିଲା। ଏହି ପୂଜା କାର୍ଯ୍ୟକ୍ରମଟି ବରିଷ୍ଠ ପ୍ରଶିକ୍ଷିକା-ଚମ୍ପାବତୀ ହାଁସଦାଙ୍କ ତତ୍ତ୍ୱାବଧାନରେ ଏବଂ ଜିଲ୍ଲା ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନର ଅଧ୍ୟକ୍ଷ ପ୍ରମୋଦ କୁମାର ଡାକୁଆ ଓ ପୂର୍ବତନ ଅଧ୍ୟକ୍ଷ ଅନାଦି ଚରଣ ବିନ୍ଧାଣୀଙ୍କ ଉପସ୍ଥିତିରେ ପୂଜା ସମ୍ପନ୍ନ ହୋଇଥିଲା। ଏହି କାର୍ଯ୍ୟକ୍ରମ ଜରିଆରେ ଅଲଚିକି ଲିପିର ପ୍ରଚାର ପ୍ରସାର ଓ ସାନ୍ତାଳ ସମ୍ପ୍ରଦାୟର ସଂସ୍କୃତି ପରମ୍ପରାକୁ ବଜାୟ ରଖିବା ପାଇଁ ପ୍ରୋତ୍ସାହନ କରାଯାଇଥିଲା।

# ଜଳିଗଲା ଗୁହାଳ

ଡେରାବିଶ (ଭାସ୍କର ନ୍ୟୁଜ୍) : ଡେରାବିଶ ବ୍ଲକ ଖମୋଳ ପଞ୍ଚାୟତ ଅନ୍ତର୍ଗତ ବିଶୋକ ଗ୍ରାମରେ ଆଜି ମଧ୍ୟାହ୍ନରେ ଅଗ୍ନିକାଣ୍ଡ ଘଟି ରାଜେନ୍ଦ୍ର ଜେନାଙ୍କ ଗୁହାଳ ପୋଡ଼ି ଯାଇଛି। ଘଟଣାରୁ ପ୍ରକାଶ ଆଜି ମଧ୍ୟାହ୍ନରେ କୌଣସି କାରଣୁ ରାଜେନ୍ଦ୍ରଙ୍କ ଗୁହାଳ ଘରେ ନିଆଁ ଲାଗିଯାଇଥିଲା। ଚାହୁଁ ଚାହୁଁ ହଠାତ୍ ଗୁହାଳଟି ତୀବ୍ର ବେଗରେ ଜଳିବାକୁ ଲାଗିଥିଲା। ଗ୍ରାମବାସୀ ଗୁହାଳରେ ଥିବା ଗାଈମାନଙ୍କୁ ତୁରନ୍ତ ବାହାରକୁ ନେଇ ଆସିଥିଲେ ଏବଂ ପରେ ନିଆଁକୁ ଆୟତ କରିବାକୁ ଚେଷ୍ଟା କରିଥିଲେ ମଧ୍ୟ ତାହା ସମ୍ଭବ ହୋଇନଥିଲା। ଖବର ପାଇ ଡେରାବିଶ ଦମକଳବାହିନୀ ଘଟଣା ସ୍ଥଳରେ ପହଞ୍ଚିବା ବେଳକୁ ଗୁହାଳଟି ସମ୍ପୂର୍ଣ୍ଣ ଜଳିଯାଇଥଲା।



# ଚୋରା ବାଲି ଗାଡ଼ି ଜବତ



ବାରିପଦା (ଭାସ୍କର ନ୍ୟୁଜ୍) : ରାସଗୋବିନ୍ଦପୁର ପୋଲିସ ପୂର୍ବରୁ ନିଷ୍କ୍ରିୟ ହୋଇପଡିଥିବା ଖୋଲାଖୋଲି ଆଲୋଚନା ହେଉଥିଲା। ଫଳରେ ବିଭିନ୍ନ ସ୍ଥାନରୁ ରାତିଦିନ ୨୪ ଘଣ୍ଟା ବାଲି, ମାଟି ଓ ମୋରମ ଚୋରା ଚାଲାଣ ହୋଇ ବାହାର ଜିଲ୍ଲା ଓ ରାଜ୍ୟକୁ ଚାଲାଣ ହେଉଥିଲା। ବିଭିନ୍ନ ଗଣମାଧ୍ୟମରେ ଖବର ପ୍ରକାଶ ପାଉଥିଲେ ସୁଦ୍ଧା ପୋଲିସ ଓ ମାଇନିଙ୍ଗ ବିଭାଗ ଚୁପ୍‌ଚାପ୍ ରହୁଥିବା ଖୋଲାଖୋଲି ଅଭିଯୋଗ ହେଉଥିଲା। ରାସଗୋବିନ୍ଦପୁର ଥାନା ଅଧୀନରେ ରହିଛି ଦୁଇଟି ଫାଣ୍ଡି। ଗୋଟିଏ ଅମରଦା ଫାଣ୍ଡି ଓ ଅନ୍ୟ ଗୋଟିଏ ବଡାମପୁର ଫାଣ୍ଡି । ତେବେ ଦୁଇଟି ଯାକ ଫାଣ୍ଡି ସାମ୍ନାରେ ବେଧଡକ ଚୋରା ମୋରମ, ବାଲି, ମାଟି ଚାଲାଣ ହେଉଥିବା ପୂର୍ବରୁ ବାରମ୍ବାର ଅଭିଯୋଗ ହେଉଥିଲେ ମଧ୍ୟ ଦୁଇଟି ଫାଣ୍ଡିର ପୋଲିସ ଆଖିରେ ଗୋଟିଏ ବି ଚୋରା ଗାଡି ପଡୁନଥିଲା । ଏବେ ନୂତନ ଥାନା ଅଧିକାରୀ ଯୋଗଦେବା ପରେ ଲଘୁ ଖଣିଜ ଦ୍ରବ୍ୟ ଚୋରି କରୁଥିବା ଗାଡ଼ିକୁ ଧରିବାରେ ସଫଳ ହୋଇଛନ୍ତି। ଦୁଇଦିନ ତଳେ ଦୁଇଟି ଡମ୍ପରକୁ ଜବତ କରାଯାଇଥିବା ବେଳେ ଗତକାଲି ବିଳମ୍ବିତ ରାତିରେ ଥାନା ଆଇଆଇସି ପଦ୍ମଲୋଚନ ପାଣିଗ୍ରାହୀଙ୍କ ନିର୍ଦ୍ଦେଶ ପରେ ଏକ ଟିମ୍ ପାଟ୍ରୋଲିଂରେ ବାହାରି ଗୋଟିଏ ଚୋରା ବାଲି ଡମ୍ପରକୁ ବଡାମପୁର ପାଖ ରାଘବପୁର ନିକଟରୁ ଧରିବାରେ ପୁଣି ସଫଳ ହୋଇଛି। ଚୋରା ବାଲି ଡମ୍ପରର ଗାଡ଼ି ନମ୍ବର ଓଆର ୦୧ଏସ୍ ୨୦୮୬ ଥିବା ବେଳେ ଡ୍ରାଇଭରକୁ ଗିରଫ କରାଯାଇଛି। ଡ୍ରାଇଭର ଜଣକ ରୁପ୍‌ସା ଥାନା ଅନ୍ତର୍ଗତ ରାଉତପଡା ଗ୍ରାମର ବୋଲି ଜଣାପଡିଛି। ଲଗାତାର ଚୋରା ଗାଡି ଧରାପଡୁଥିବାରୁ ରାସଗୋବିନ୍ଦପୁର ଆଇଆଇସି ପଦ୍ମଲୋଚନ ପାଣିଗ୍ରାହୀଙ୍କୁ ବୁଦ୍ଧିଜୀବୀ ମହଲରେ ପ୍ରଶଂସା କରାଯାଇଥିବା ମଧ୍ୟ ଜଣାପଡ଼ିଛି।

# ପୁଲୱାମା ସହିଦଙ୍କୁ ଶ୍ରଦ୍ଧାଞ୍ଜଳି

କୋରାପୁଟ (ଭାସ୍କର ନ୍ୟୁଜ୍) : କୋରାପୁଟ ବସ୍‌ଷ୍ଟାଣ୍ଡ ପରିସରରେ ପୁଲୱାମା ସହିଦଙ୍କ ଉଦ୍ଦେଶ୍ୟରେ କୋରାପୁଟ ଯୁବ ସମାଜ ପକ୍ଷରୁ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଅତିଥି ଭାବେ ସୁରେଶ ପଟ୍ଟନାୟକ ଯୋଗଦେଇ ସହିଦଙ୍କୁ ସ୍ମୃତିଚାରଣ କରିବା ସହ ଯବାନଙ୍କ ବଳିଦାନ ବୃଥା ଯିବନି ବୋଲି କହିଥିଲେ। ଏହି ଅବସରରେ ସହରର ଯୁବପିଢି କ୍ୟାଣ୍ଡେଲ ଜାଳି ସହିଦଙ୍କ ସ୍ମୃତିଚାରଣ କରିଥିଲେ। ସହିଦ ଯବାନ ଅମର ରହେ ନାରା ଦେଇ ମହମବତୀ ଜାଳି ଶ୍ରଦ୍ଧାସୁମନ ଜ୍ଞାପନ କରିଥିଲେ। ନିହାର ପାତ୍ର, ଗୌତମ ଟାକିରି, ରମେଶ ଦୁର୍ଗା, ତୁଷାର ମହାପାତ୍ର, ରାଜ ଖରା, ଗୋକୁଳ ପଟ୍ଟନାୟକଙ୍କ ସମେତ ଶତାଧିକ ଯୁବକ ଉପସ୍ଥିତ ଥିଲେ।

# କମୁଛି ବାଉଁଶ ତିଆରି ସାମଗ୍ରୀର ଚାହିଦା, ପେଟପାଟଣା ଚିନ୍ତାରେ କାରିଗର



କେନ୍ଦୁଝର (ଭାସ୍କର ନ୍ୟୁଜ୍) : କେନ୍ଦୁଝର ଜିଲ୍ଲାରେ ଆଧୁନିକତା ଛାପରେ ବାଉଁଶ ତିଆରୀ ସାମଗ୍ରୀର ବ୍ୟବହାର ହ୍ରାସ ପାଇ ଚାଲିଥିବାବେଳେ ଏହାକୁ ନେଇ ଜୀବନ ଜୀବିକା କରୁଥିବା ବାଉଁଶ କାରିଗରମାନେ ଚିନ୍ତାରେ ପଡିଛନ୍ତି । ଜିଲ୍ଲାରେ ନୂତନ ବାଉଁଶ ଜଙ୍ଗଲର ଅଭାବ ଏବଂ ଗାଁ ଗହଳି ମାନଙ୍କରୁ ପୁରୁଣା ବାଉଁଶ ବେଢା ଲୋପ ପାଇବା କାରିଗରମାନଙ୍କର ଚିନ୍ତାର ଅନ୍ୟତମ କାରଣ ଅଟେ । ଆବଶ୍ୟକୀୟ ବାଉଁଶର ଅଭାବ ଓ ପ୍ରଶାସନର ପ୍ରୋତ୍ସାହନର ଅଭାବ କାରଣରୁ କେନ୍ଦୁଝର ଜିଲ୍ଲାରେ ବାଉଁଶ ଶିଳ୍ପ ଉପରେ ନିର୍ଭର କରି ଚଳୁଥିବା ସଂପ୍ରଦାୟ ଦିନକୁ ଦିନ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଜିଲ୍ଲାର ବିଭିନ୍ନ ଅଞ୍ଚଳରେ ଏଭଳି ବାଉଁଶ ତିଆରି ସାମଗ୍ରୀକୁ ବିକ୍ରୟ କରି ପରିବାର ପୋଷଣ କରିବା ଲୋକସଂଖ୍ୟା କମ୍ ନଥିବାବେଳେ ଏମାନଙ୍କୁ ଆବଶ୍ୟକ ବାଉଁଶ ଯୋଗାଇବା ସହ ତାଲିମ ଦେବା, ଆର୍ଥିକ ସହାୟତା ଯୋଗାଇ ଦେବା ଜରୁରି ହୋଇପଡିଛି । ନୂତନ ବାଉଁଶ ଜଙ୍ଗଲ ସୃଷ୍ଟି କରିବାରେ ବନ ପ୍ରଶାସନର ଅବହେଳା ଯୋଗୁଁ ସୁଲଭ ମୂଲ୍ୟରେ ଉପଯୁକ୍ତ ପରିମାଣର ଏଠାରେ ବାଉଁଶ ମିଳୁନାହିଁ। ଫଳରେ ବାଉଁଶ ଶିଳ୍ପ ଉପରେ ନିର୍ଭରଶୀଳ ଶହ ଶହ କାରିଗର ନିଜ ପ୍ରଚେଷ୍ଟାରେ ଘରକରଣା ବ୍ୟବହାର୍ଯ୍ୟ ସାମଗ୍ରୀ କୁଲା, ଟୋକେଇ, ଡଲା, ଚାଙ୍ଗୁଡା, ଠେକା, ପାଛିଆ, ଝୁଡି ଆଦି ତିଆରି କରି ଦୁଇ ପଇସା ରୋଜଗାର କରୁଛନ୍ତି। ଏହି କାରିଗରମାନଙ୍କ ପ୍ରତି ପ୍ରଶାସନିକ ସ୍ତରରୁ ବିଶେଷ ପ୍ରୋତ୍ସାହନ ଯୋଗାଇ ଦିଆଯାଉ ନଥିବା ଯୋଗୁଁ ଆଗାମୀ ଦିନରେ ହାତ ତିଆରି ବାଉଁଶ ସାମଗ୍ରୀ ଲୋପପାଇବ ବୋଲି ଆଶଙ୍କା ସୃଷ୍ଟି ହେଲାଣି । ବୃକ୍ଷରୋପଣ ନାମରେ ବିଭିନ୍ନ ଯୋଜନା କାର୍ଯ୍ୟକାରୀ କରୁଥିଲେ ସୁଦ୍ଧା ବାଉଁଶ ଜଙ୍ଗଲ ସୃଷ୍ଟି ପାଇଁ ପଦକ୍ଷେପ ନିଆଯାଉନାହିଁ। ଶହ ଶହ ଏକର ଜଙ୍ଗଲ ଜମି ଖାଲି ପଡିଥିଲେ ସୁଦ୍ଧା ଏଠାରେ ଏହି ଲାଭକାରୀ ବାଉଁଶ ରୋପଣକୁ କେଉଁ ପରିପ୍ରେକ୍ଷୀରେ ଅଗ୍ରାଧିକାର ଦିଆଯାଉନାହିଁ ତାହା ଚିନ୍ତାର କାରଣ ସାଜିଛି । ଜିଲ୍ଲାର ୧୩ଟି ବ୍ଲକର ପ୍ରାୟ ୨ ହଜାରରୁ ଅଧିକ ପରିବାର ବାଉଁଶ କାମ ଉପରେ ନିର୍ଭର କରି ପରିବାର ପ୍ରତିପୋଷଣ କରନ୍ତି। ଦିନକୁ ଦିନ ଅନ୍ୟାନ୍ୟ ସାମଗ୍ରୀର ବ୍ୟବହାର ବଢିଥିଲେ ମଧ୍ୟ ବାଉଁଶରେ ତିଆରି ସାମଗ୍ରୀର ବିକ୍ରୀ କମି କମି ଚାଲିଛି। ଏହି କାରଣରୁ ଏହା ଉପରେ ନିର୍ଭରଶୀଳ ପରିବାର କାମ ହରାଇବା ଆଶଙ୍କାରେ ଥିବାବେଳେ ବଜାରରେ ବାଉଁଶରେ କାରୁକାର୍ଯ୍ୟ ଜିନିଷ ପାଇଁ କଞ୍ଚାମାଲର ଅଭାବ ଏହି ସମସ୍ୟାକୁ ଦ୍ୱିଗୁଣିତ କରିଛି। ଆଜିର ଅତ୍ୟାଧୁନିକ ଯୁଗରେ ଭେଲିକି ଭେଲିକି ଅତ୍ୟାଧୁନିକ ପ୍ଲାଷ୍ଟିକ ଜିନିଷର ଉତ୍ପାଦନ ବୃଦ୍ଧି ଯୋଗୁଁ ଗ୍ରାମାଞ୍ଚଳରେ ଥିବା ବାଉଁଶ କୁଟୀର ଶିଳ୍ପଗୁଡିକ ଲୋପ ପାଇବାକୁ ବସିଲାଣି । ବାଉଁଶରେ ତିଆରି ଜିନିଷ ହାଟଠାରୁ ଆରମ୍ଭ କରି ଯାନି ଯାତରା, ମେଳା ଏପରିକି ଗାଁ ଗାଁର ଲୋକ ଆଗ୍ରହର ସହକାରେ କିଣିଥାନ୍ତି। ପୂର୍ବ ପୁରୁଷରୁ ବାଉଁଶରେ ତିଆରୀ ସାମଗ୍ରୀକୁ ବାଉଁଶ କାରୀଗରମାନେ ଗାଁ ଗାଁ ବୁଲି, ଯାନି ଯାତରା ତଥା ହାଟଗୁଡିକରେ ବିକ୍ରି କରିଥାନ୍ତି। ପରିବାର ଚଳାଇବା ସହ ବିକ୍ରି ଅର୍ଥରୁ ସଂପୃକ୍ତ ଲୋକମାନେ ବାଉଁଶ ଯୋଗାଡ କରିବା ପାଇଁ କିଛି ଅର୍ଥ ସଞ୍ଚୟ ମଧ୍ୟ କରିଥାନ୍ତି। ଏହି କୁଟୀର ଶିଳ୍ପରେ ନିଜର ପରିଶ୍ରମ ଅନୁସାରେ ପାରିଶ୍ରମିକ ମିଳୁନଥିଲେ ବି ଏମାନେ ପୂର୍ବପୁରୁଷଙ୍କ ଗତାନୁଗତିକ କାମରେ ଅନୁପ୍ରାଣୀତ ହୋଇ ପୂର୍ବ ପୁରୁଷର ବୃତ୍ତିକୁ ବଜାୟ ରଖିଛନ୍ତି। କିନ୍ତୁ ଗ୍ରାମାଞ୍ଚଳରୁ ମଧ୍ୟ ବାଉଁଶ ଲୋପ ପାଇବାକୁ ବସିଲାଣି। ପୁରୁଣା ବାଉଁଶ ବେଢା ଆଉ ଦେଖିବାକୁ ମିଳୁନି। ଏହି କାରଣରୁ ସମସ୍ୟା ହେଉଛି। ବାଉଁଶରେ ତିଆରି ଜିନିଷ ପୂଜା, ପର୍ବପର୍ବାଣୀ, ବାହାଘର, ବ୍ରତ, ଓଷା, ମନ୍ଦିର ପ୍ରତିଷ୍ଠା, ଅଷ୍ଟପ୍ରହର, ଏକାଦଶ କର୍ମ ଇତ୍ୟାଦିରେ ନିହାତି ଆବଶ୍ୟକ ଥିବାବେଳେ ଏଗୁଡିକୁ ତିଆରି କରୁଥିବା ଲୋକମାନେ କିନ୍ତୁ ଅବହେଳିତ ଅବସ୍ଥାରେ ରହିଛନ୍ତି । ଏମାନଙ୍କୁ କମ୍ ମୂଲ୍ୟରେ ବାଉଁଶ ଯୋଗାଇବା ସହ ଦକ୍ଷତାବୃଦ୍ଧି ପାଇଁ ତାଲିମ, ବିକ୍ରୟର ସ୍ୱତନ୍ତ୍ର ବଜାର ବ୍ୟବସ୍ଥା କରାଯାଇପାରିଲେ ଜିଲ୍ଲାରେ ବାଉଁଶ ଶିଳ୍ପ ଉପରେ ନିର୍ଭର କରି ଚଳୁଥିବା ଶହ ଶହ ପରିବାର ଉପକୃତ ହୋଇପାରନ୍ତେ। ଅପରପକ୍ଷରେ ପ୍ଲାଷ୍ଟିକ୍ ପ୍ରଦୂଷଣ ରୋକିବା ପାଇଁ ସରକାର ଅନେକ ପଦକ୍ଷେପ ନେଇ ପ୍ଲାଷ୍ଟିକ୍ ସାମଗ୍ରୀ ବ୍ୟବହାର କଟକଣା ଜାରୀ କରିଛନ୍ତି । କେତେକ ବ୍ୟବହାର୍ଯ୍ୟ ପ୍ଲାଷ୍ଟିକ୍ ଉପକରଣର ବିକଳ୍ପ ଭାବେ ବାଉଁଶ ତିଆରି ସାମଗ୍ରୀକୁ ମାନ୍ୟତା ପ୍ରଦାନ କରାଯାଇଥାଏ। ବାଉଁଶ ପରିବେଶ ଉପଯୋଗୀ ହୋଇଥିବାବେଳେ ପ୍ଲାଷ୍ଟିକ ଭଳି କ୍ଷତିକାରକ ନୁହେଁ। ତେଣୁ ଜିଲ୍ଲାରେ ଅଧିକରୁ ଅଧିକ ବାଉଁଶ ଜଙ୍ଗଲ ସୃଷ୍ଟି କରାଗଲେ ବାଉଁଶର ମୂଲ୍ୟ ଠିକ୍ ରହିବା ସହ ବାଉଁଶରେ ବିଭିନ୍ନ ଉପକରଣ ତିଆରି କରୁଥିବା କାରିଗରମାନଙ୍କର ଆର୍ଥିକ ମାନଦଣ୍ଡ ସୁଦୃଢ ହୋଇପାରନ୍ତା ବୋଲି ସାଧାରଣର ମତପ୍ରକାଶ ପାଉଛି।

# ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ବାର୍ଷିକୋତ୍ସବ





ଛତ୍ରପୁର (ଭାସ୍କର ନ୍ୟୁଜ୍) : ସ୍ଥାନୀୟ ଶ୍ରୀରାମ ନଗର ସ୍ଥିତ ସରସ୍ୱତୀ ଶିଶୁବିଦ୍ୟା ମନ୍ଦିରର ୩୦ତମ ବାର୍ଷିକ ଉତ୍ସବ ଅନସ୍ଲୋ ମିନିଷ୍ଟାଡିୟମ ଠାରେ ଅନୁଷ୍ଠିତ ହୋଇଯାଇଛି। ପରିଚାଳନା କମିଟି ସଭାପତି ପଦ୍ମ ଚରଣ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଖଣି, ଇସ୍ପାତ, ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ବିଭୂତିଭୂଷଣ ଜେନା ଯୋଗ ଦେଇ ଦୀପ ପ୍ରଜ୍ୱଳନ କରିବା ସହିତ ଶିଶୁମନ୍ଦିରର ଶିକ୍ଷା ବ୍ୟବସ୍ଥା ଦ୍ୱାରା ସମାଜରେ ପରିବର୍ତ୍ତନ ଅଣାଯାଇପାରିବ ବୋଲି କହିଥିଲେ । ସମ୍ମାନୀତ ଅତିଥିଭାବେ ସ୍ଥାନୀୟ ବିଧାୟକ କୃଷ୍ଣ ଚନ୍ଦ୍ର ନାୟକ ଯୋଗଦେଇ ଏକ ଆଦର୍ଶ ସମାଜ ଗଠନ ରେ ଶିଶୁବିଦ୍ୟାମନ୍ଦିର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବୋଲି କହିଥିଲେ। ଅନ୍ୟତମ ସମ୍ମାନୀତ ଅତିଥିମାନଙ୍କ ମଧ୍ୟରେ ଡା. ସତ୍ୟବ୍ରତ ଦାଶ ଓ ଡ. ନାରାୟଣ ଚରଣ ପଟ୍ଟନାୟକ ଯୋଗ ଦେଇ ଶିଶୁମାନଙ୍କୁ ମାର୍ଗଦର୍ଶନ କରିଥିଲେ। ବିଦ୍ୟାଳୟର ପ୍ରଧାନାଚାର୍ଯ୍ୟ ରବୀନ୍ଦ୍ର ନାଥ ଦାଶ ମଞ୍ଚାସୀନ ଅତିଥିବୃନ୍ଦଙ୍କ ପରିଚୟ ପ୍ରଦାନ ସହିତ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଏହି ଅବସରରେ ଅତିଥିମାନଙ୍କ ଦ୍ୱାରା ବିଦ୍ୟାଳୟର ବାର୍ଷିକ ମୁଖପତ୍ର ଅର୍ଣ୍ଣବ ଶୁଭ ଉନ୍ମୋଚନ କରାଯାଇଥିଲା। ଅନୁଷ୍ଠାନର ସଂପାଦକ ସନ୍ତୋଷ କୁମାର ସାହୁ ବାର୍ଷିକ ବିବରଣୀ ପାଠ କରିଥିଲେ। ବିଦ୍ୟାଳୟ ପାଇଁ ଗୌରବ ଆଣିଥିବା ଦଶମ ଶ୍ରେଣୀର A1 ଛାତ୍ରଛାତ୍ରୀ, ସରକାରୀ ବୃତ୍ତି ପାଇଥିବା ଶିଶୁମାନଙ୍କୁ ଅତିଥିମାନଙ୍କ ଦ୍ୱାରା ଉପଢୌକନ ଦେଇ ସମ୍ମାନୀତ କରିବା ସହିତ ପୁରସ୍କାର ପ୍ରଦାନ କରାଯାଇଥିଲା। ସେହପରି ଆମ ବିଦ୍ୟାଳ ନିରନ୍ତର ସେବା କରିଥିବା ଆଚାର୍ଯ୍ୟା ଓ ସେବିକାମାନଙ୍କୁ ମଞ୍ଚରେ ସମ୍ମାନୀତ କରାଯଇଥିଲା। ବରିଷ୍ଠ ଆଚାର୍ଯ୍ୟ ଟି ସୁରେଶ କୁମାର ଆଚାରୀ ଧନ୍ୟବାଦ ଅର୍ପଣ କରିଥିଲେ।

# ରାଶିଫଳ

**ମଙ୍ଗଳବାର, ୧୮ ଫେବୃଆରୀ ୨୦୨୫**



**ମେଷ:** ବନ୍ଧୁ ଏବଂ ସମ୍ପର୍କୀୟଙ୍କୁ ସମର୍ଥନ କରିବାକୁ ସମର୍ଥ ହେବେ। ଆପଣ ସାମାଜିକ ସ୍ତରରେ ସମ୍ମାନ ପାଇବ। ବନ୍ଦ ହୋଇଥିବା କାର୍ଯ୍ୟ ସମାପ୍ତ ହେବ। ଏକ ନୂତନ ଯୋଜନା ପ୍ରସ୍ତୁତ ହେବ। ଅର୍ଥନୈତିକ କ୍ଷେତ୍ରରେ ଉନ୍ନତି ହେବ। ନୂତନ କାମ ପାଇବେ।



**ବୃଷ:** ବରିଷ୍ଠମାନଙ୍କ ପରାମର୍ଶକୁ ଅନୁସରଣ କରନ୍ତୁ, ସେଠାରେ ଲାଭ ହେବ। ବିପଦ ଏବଂ ବନ୍ଧକ କାର୍ଯ୍ୟରୁ ଦୂରେଇ ରୁହନ୍ତୁ। ଆଇନଗତ ପ୍ରତିବନ୍ଧକ ସାମ୍ନା କରିପାରନ୍ତି, ବ୍ୟସ୍ତ ହୁଅନାହିଁ। ମୂଲ୍ୟବାନ ସାମଗ୍ରୀକୁ ସୁରକ୍ଷିତ ରଖନ୍ତୁ। ଚିନ୍ତା ରହିବ। ବ୍ୟବସାୟ ଭଲ କରିବ।



**ମିଥୁନ:** ଭ୍ରମଣ ଲାଭଦାୟକ ହେବ। ଅଟକି ରହିଥିବା ଟଙ୍କା ଧରିବାକୁ ଚେଷ୍ଟା କରନ୍ତୁ। ବ୍ୟବସାୟ ଅନୁକୂଳ ଲାଭ ପ୍ରଦାନ କରିବ। ଚାକିରିରେ ଅଧସ୍ତନମାନଙ୍କ ସହାୟତା ପାଇବେ।ଥକ୍କା ଏବଂ ଦୁର୍ବଳତା ହୋଇପାରେ। ବ୍ୟସ୍ତ ରହିବେ।



**କର୍କଟ:** ଭୟ ହେତୁ ନିଷ୍ପତ୍ତି ନେବା କ୍ଷମତା ହ୍ରାସ ହୋଇପାରେ। ପତି-ପତ୍ନୀଙ୍କଠାରୁ ସମର୍ଥନ ପାଇବେ। ଯାତ୍ରା ଚିତ୍ତାକର୍ଷକ ହେବ। ଉପହାର ଗ୍ରହଣ କରିବାର ସମ୍ଭାବନା ଅଛି। ରୋଜଗାର ବୃଦ୍ଧି ପାଇବ। ଚାକିରିର ପଦୋନ୍ନତି ସମ୍ଭବ। ଟଙ୍କା ପାଇବା ସହଜ ହେବ। ଉତ୍ସାହର ସହିତ କାମ କରିବାକୁ ସମର୍ଥ ହେବେ। ଭଲ ଖବର ଗ୍ରହଣ କରାଯିବ।



**ସିଂହ:** ଅତିଥିମାନେ ଆଜି ଘରେ ପହଞ୍ଚିବେ। ଆପଣ ଉତ୍ସାହଜନକ ସୂଚନା ପାଇବେ। ଆତ୍ମ ସମ୍ମାନ ରହିବ । ରିସ୍କ ନେବାକୁ ସାହସ କରିବେ। ଅନାବଶ୍ୟକ ଖର୍ଚ୍ଚ ହେବ। ବ୍ୟବସାୟ ଅନୁକୂଳ ଲାଭ ପ୍ରଦାନ କରିବ। ଚାକିରିରେ ଶାନ୍ତି ରହିବ।



**କନ୍ୟା:** ସ୍ଥାୟୀ ସମ୍ପତ୍ତି ବୃଦ୍ଧିର ଆଶା। ବ୍ୟବସାୟ ପାଇଁ ଏକ ବଡ ଡିଲ୍ କରିପାରିବେ। ପ୍ରଗତିର ରାସ୍ତା ପକ୍କା ହେବ। ରୋଜଗାର ବୃଦ୍ଧି ପାଇବ। ବାଣିଜ୍ୟ-ବ୍ୟବସାୟରେ ଅନୁକୂଳ ଆଗ୍ରହ ରହିବ। ଚାକିରିରେ ଥିବା ସହକର୍ମୀମାନେ ଆପଣଙ୍କ ସହିତ ଆସିବେ।



**ତୁଳା:** ଆଘାତ ଏବଂ ଦୁର୍ଘଟଣା କ୍ଷତି ହୋଇପାରେ, ଯନ୍ତ୍ରଣା ଦେବ। ବିପଦ ଏବଂ ବନ୍ଧକ କାର୍ଯ୍ୟରୁ ଦୂରେଇ ରୁହନ୍ତୁ। ସ୍ୱାସ୍ଥ୍ୟ ଦୁର୍ବଳ ରହିବ। ବିବାଦକୁ ପ୍ରୋତ୍ସାହନ ଦିଅନ୍ତୁ ନାହିଁ, ଦୁଃଖ ଆସିପାରେ। ଅଂଶୀଦାରମାନଙ୍କ ସହିତ ମତ ପାର୍ଥକ୍ୟ ହୋଇପାରେ। ଆୟରେ ନିଶ୍ଚିତତା ରହିବ। ବିପଦ ପୂର୍ଣ୍ଣ କାମ କରନ୍ତୁ ନାହିଁ ।



**ବିଛା:** ସୃଜନଶୀଳ କାର୍ଯ୍ୟ ସଫଳ ହେବ। ପାର୍ଟି ଏବଂ ପିକନିକ୍ ଆୟୋଜନ କରାଯାଇ ପାରିବ। ଆପଣ ସୁସ୍ୱାଦୁ ଖାଦ୍ୟର ଲାଭ ପାଇବେ। ଜୀବନ ଖୁସି ହେବ। ବିବାଦକୁ ପ୍ରୋତ୍ସାହିତ କରନ୍ତୁ ନାହିଁ। ବକ୍ତବ୍ୟରେ ନିୟନ୍ତ୍ରଣ ଆବଶ୍ୟକ। ମନଧ୍ୟାନ ଦେଇ କାର୍ଯ୍ୟ କରନ୍ତୁ। ଚାକିରିରେ କୈଣସି ନୂତନ କାର୍ଯ୍ୟ କରିବାକୁ ସକ୍ଷମ ହେବେ। ଲଜ୍ଜିତ ହୁଅନ୍ତୁ ନାହିଁ। ଶତ୍ରୁମାନେ ପରାସ୍ତ ହେବେ।



**ଧନୁ:** ଖରାପ ଖବର ଗ୍ରହଣ କରାଯାଇପାରେ। ଉତ୍ସାହର ଅଭାବ ରହିବ। ସ୍ୱାସ୍ଥ୍ୟ ଦୁର୍ବଳ ରହିବ । ଦୌଡ଼ ଅଧିକ ହେବ। ଘର-ପାରିବାରିକ ଚିନ୍ତାଧାରା ରହିବ । ଅନ୍ୟମାନଙ୍କ କାର୍ଯ୍ୟରେ ହସ୍ତକ୍ଷେପ କରନ୍ତୁ ନାହିଁ । ଆପଣଙ୍କ କାର୍ଯ୍ୟ ଉପରେ ଧ୍ୟାନ ଦିଅନ୍ତୁ। ବିପଦ ଏବଂ ବନ୍ଧକ କାର୍ଯ୍ୟରୁ ଦୂରେଇ ରୁହନ୍ତୁ। ଆୟରେ ନିଶ୍ଚିତତା ରହିବ।



**ମକର:** ଲାଭ ସୁଯୋଗ ଆସିବ। ଅଫିସରେ ଚାକିରିର ସୁଖ ଦେଖାଇବ । ବ୍ୟବସାୟ ବୃଦ୍ଧି ପାଇବ । ବିନିଯୋଗ ଇତ୍ୟାଦି ଅନୁକୂଳ ଲାଭ ଦେବ । ପରିବାରର ସହାୟତା ପାଇବାରେ ସୁଖ, ଉତ୍ସାହ ଏବଂ ସନ୍ତୁଷ୍ଟତା ରହିବ। ଦୁଷ୍କର୍ମରୁ ଦୂରେଇ ରୁହନ୍ତୁ। ସ୍ୱାସ୍ଥ୍ୟ ଦୁର୍ବଳ ରହିପାରେ। ଆଇନଗତ ପ୍ରତିବନ୍ଧକ ହଟାଯିବ।



**କୁମ୍ଭ:** ବାଣିଜ୍ୟର ଲାଭ ଅଛି । ସାଙ୍ଗମାନଙ୍କୁ ସାହାଯ୍ୟ କରିବାକୁ ସମର୍ଥ ହେବେ । ଆପଣ କଠିନ ପରିଶ୍ରମର ଫଳ ପାଇବେ। ଏହାର ପ୍ରଭାବ ଚାକିରିରେ ବୃଦ୍ଧି ପାଇବ। ଉଚ୍ଚ ପଦାଧିକାରୀମାନେ ଖୁସି ହେବେ। ସାମାଜିକ ପ୍ରତିଷ୍ଠା ବୃଦ୍ଧି ପାଇବ । ଉତ୍ସାହ ବୃଦ୍ଧି ପାଇବ। ଆୟର ନୂତନ ମାଧ୍ୟମ ମିଳିବ। ରୋଜଗାର ସହଜ ହେବ। ଘର ବାହାରେ ସୁଖ ମିଳିବ।



**ମୀନ:** ଧର୍ମ ପ୍ରତି ଆଗ୍ରହ ପ୍ରକାଶ କରିବେ। ସତସଙ୍ଗର ଲାଭ ହେବ। ତୀର୍ଥଯାତ୍ରା ଯୋଜନା କରାଯିବ। ଅନାବଶ୍ୟକ ଖର୍ଚ୍ଚ ହେବ। ସରକାରୀ ସହାୟତା ମିଳିବ। ବ୍ୟବସାୟ ବୃଦ୍ଧି ପାଇବ। ବିରୋଧୀମାନେ ସକ୍ରିୟ ରହିବେ। ପୁଂଜି ବିନିଯୋଗ ଶୁଭ ହେବ। ଆପଣଙ୍କର ନିଜସ୍ୱ ବୁଦ୍ଧି ବ୍ୟବହାର କରନ୍ତୁ। ଚାକିରୀର କ୍ଷେତ୍ରରେ ପ୍ରଭାବ ବୃଦ୍ଧି ଘଟିବ।



ପ୍ରଣାମୀ ମନ୍ତ୍ର
ଜ୍ୟୋତିର୍ବିଦ୍ ପଣ୍ଡିତ ଶ୍ରୀପତି ଆଚାର୍ଯ୍ୟ
ସେକ୍ଟର-୩/୩୦୯, ନିଳାଦ୍ରୀବିହାର, ଭୁବନେଶ୍ୱର-୨୧
ମୋ: ୯୪୩୮୩୮୯୦୩୯



ମୁରିବାହାଲ, (ଭାସ୍କର ନ୍ୟୁଜ ): ବଲାଙ୍ଗୀର ଜିଲ୍ଲା ମୁରିବାହାଲ ଥାନା ଲଖନା ଗ୍ରାମ ପଞ୍ଚାୟତର ସିଙ୍ଗପାଲି ଗ୍ରାମର ନିଖୋଜ ଥିବା ମେଟ ବାଗ(ବୟସ-୩୫) ଖବର ପାଇ ମୁରିବାହାଲ ବିକାଶ ମଞ୍ଚ ସହଯୋଗର ହାତ ବଢ଼ାଇଥିଲେ । ଏକ ମାସର ଖୋଜାଖୋଜି ପରେ ବିକାଶ ମଞ୍ଚ ପାଇଥିଲା ମେଟ ବାଗଙ୍କୁ। ସୂଚନାନୁସାରେ ଗତ ୨୪ ଜାନୁଆରୀରୁ ନିଖୋଜ ହୋଇଥିବା ଭିନ୍ନକ୍ଷମ ମେଟ ବାଗ ମା' ଉକିଆ ବାଗ ବଲାଙ୍ଗୀର ସ୍ଥିତ ଶକ୍ତି ସ୍ୱର୍ଣ୍ଣ ମହିଳାଶ୍ରମରେ ଥିବା ଜଣାପଡିଥିଲା । ମେଟ ବାଗ ସିଙ୍ଗପାଲିରୁ ବଲାଙ୍ଗୀରକୁ କୌଣସି ଏକ ଗାଡି ମାଧ୍ୟମରେ ଚାଲି ଆସିଥିଲେ । ସେ କହି ଏବଂ ଶୁଣି ନ ପାରୁଥିବାରୁ ଏକୁଟିଆ ଗଛମୂଳରେ ଥିବା ଦେଖି କର୍ତ୍ତବ୍ୟ ଫାଉଣ୍ଡେସନର କର୍ମ କର୍ତ୍ତାମାନେ ଦେଖି ତାଙ୍କୁ ବଲାଙ୍ଗୀର ସ୍ଥିତ ଏକ ମହିଳା ଶ୍ରମକୁ ନେଇ ଯାଇଥିଲେ । ଯେତେବେଳେ ପ୍ରସାର ପ୍ରସାରଣ ହେଇଥିବା ନ୍ୟୁଜ ଦେଖି କର୍ତ୍ତବ୍ୟ ଫାଉଣ୍ଡେସନ କର୍ମ କର୍ତ୍ତାମାନେ ମୁରିବାହାଲ ବିକାଶ ମଞ୍ଚର କୋଷାଧକ୍ଷ ହରିଦାସ ତାଣ୍ଡିଙ୍କୁ ଯୋଗାଯୋଗ କରିଥିଲେ । ମୁରିବାହାଲ ବିକାଶ ମଞ୍ଚର କୋଷାଧକ୍ଷ ହରିଦାସ ତାଣ୍ଡି ଏବଂ ପିଙ୍କୁ ବାଗଙ୍କ ସହିତ ତାଙ୍କ ମା'ଙ୍କୁ ନେଇ ମେଟ ବାଗକୁ ଆଣିବାକୁ ଯାଇଥିଲେ । ମେଟ ବାଗ ଆଗରୁ ଦୁଇଥର ନିଖୋଜ ହୋଇଥିବା ତାଙ୍କ ମା' କହିଥିବାବେଳେ ତାଙ୍କୁ ଆଶ୍ରମରେ ଛାଡି ଦେଇଥିବା ମୁରିବାହାଲ ବିକାଶ ମଞ୍ଚର କୋଷାଧକ୍ଷ ହରିଦାସ ତାଣ୍ଡି ସୂଚନା ଦେଇଥିଲେ ।



# ପରକଲା କଲା ମା', ବେସାହାରା ପିଲାଙ୍କୁ ଆପଣେଇଲା ପ୍ରଶାସନ




ପାରଳାଖେମୁଣ୍ଡି, (ଭାସ୍କର ନ୍ୟୁଜ୍): ଗଜପତି ଜିଲ୍ଲା ରାୟଗଡ଼ ବ୍ଲକ ଅନ୍ତର୍ଗତ ଲକ୍ଷ୍ମୀପୁର ପଞ୍ଚାୟତ ଅଧିନସ୍ଥ ତିତିଲି ଗ୍ରାମରେ ଏକ ପରିବାରରେ ପିତାଙ୍କ ମୃତ୍ୟୁ ପରେ ମା' ୬ ଗୋଟି ପିଲାଙ୍କୁ ଛାଡି ଦେଇ ଅନ୍ୟତ୍ର ବିବାହ କଲା। ଫଳରେ ଶିଶୁମାନେ ବେସାହାରା ହୋଇଯାଇଥିଲେ । କିନ୍ତୁ ଗତ ୨୦ ଦିନ ତଳେ ସ୍ଥାନିୟ ସରପଞ୍ଚ ଜିଲ୍ଲା ପ୍ରଶାସନର ଦୃଷ୍ଟି ଆକର୍ଷଣ କରିଥିଲେ। ପରଦିନ ଜିଲ୍ଲା ଶିଶୁ ସୁରକ୍ଷ ୟୁନିଟ ଓ ଚାଇଲ୍ଡ ହେଲ୍ପଲାଇନର ସଦସ୍ୟ ଶିଶୁଙ୍କୁ ଉଦ୍ଧାର କରିବାକୁ ଶିଶୁଙ୍କ ଗ୍ରାମରେ ପହଞ୍ଚି ଥିଲେ। କିନ୍ତୁ ସେହିଦିନ ଗ୍ରାମବାସୀ ଓ ଶିଶୁମାନଙ୍କର ସମ୍ପର୍କୀୟମାନେ ଜିଲ୍ଲା ପ୍ରଶାସନଙ୍କୁ ସହଯୋଗ କରିନଥିଲେ ମାତ୍ର ଶିଶୁମାନେ ଅବହେଳିତ ହୋଇ ରାହୁଥିବାର ଦୃଶ୍ୟ ପ୍ରଶାସନ ନଜରକୁ ଆସିଥିଲା । ଏହାର ଠିକ ପରଦିନ ୱାର୍ଡ ମେମ୍ବରଙ୍କ ନେତୃତରେ ଗ୍ରାମବାସୀ ଆସି ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟରେ ପହଞ୍ଚି ଆଗାମୀ ୩ ଦିନ ମଧ୍ୟରେ ଶିଶୁ ମାନଙ୍କୁ ଶିଶୁ ମଙ୍ଗଳ ସମିତି ନିକଟରେ ହାଜର କରିବା ପାଇଁ ଜଣାଇଥିଲେ । କିନ୍ତୁ ୩ ଦିନ ବିତିଯାଇଥିଲେ ମଧ୍ୟ ଶିଶୁ ମାନକୁ ଗ୍ରାମବାସୀମାନେ ଶିଶୁ ମଙ୍ଗଳ ସମିତି ନିକଟରେ ହାଜର ନକରିବାରୁ ପ୍ରସାଶନ ପୁଣିଥରେ ଗ୍ରାମରେ ପହଞ୍ଚି ଜାଣିବାକୁ ପାଇଲେ ଯେ, ଶିଶୁମାନଙ୍କୁ ମା' ଦ୍ୱିତୀୟ ବିବାହ କରିଥିବା ସ୍ୱାମୀ ନିକଟକୁ ନେଇଯାଇଛି । ତା' ପରେ କିଛି ଦିନପରେ ୬ ଶିଶୁ ମଧ୍ୟରୁ ଜଣେ ଶିଶୁକନ୍ୟା ସରକାରଙ୍କ ଆଦିବାସୀ ଆଶ୍ରମ ଆବସିକ ବିଦ୍ୟାଳୟରେ ରହି ପାଠ ପଢୁଥିଲାବେଳେ ଅନ୍ୟ ୫ ଜଣ ଶିଶୁ ଯାହାଙ୍କର ବୟସ ୧୦ ବର୍ଷରୁ କମ ଅଟେ ସେହି ଶିଶୁଙ୍କ ମଧ୍ୟରୁ ୩ଟି ପୁଅ ଓ ୨ ଟି ଝିଅ ଅତି ଦୟନୀୟ ଅବସ୍ଥାରେ ପାଠ ନପଢି ଗାଁରେ ବେଳେ ଖାଇଲେ ଅନ୍ୟ ବେଳେ ଉପବାସରେ କାଳ କାଟୁଥିଲେ କରୁଥିଲେ । ଏହି ପଞ୍ଚାୟତର ସହୃଦୟ ବ୍ୟକ୍ତି ପଞ୍ଚାୟତ ସରପଞ୍ଚ ପିଲାଙ୍କ ଏତାଦୃଶ ଅବସ୍ଥା ବିଷୟରେ ଜିଲା ପ୍ରଶାସନର ଦୃଷ୍ଟି ଆକର୍ଷଣ କରିଥିଲେ। ଜିଲ୍ଲା ପ୍ରଶାସନ ନିକଟରେ ଖବର ମିଳିବ। ପରେ ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ଅରୁଣ କୁମାର ତ୍ରିପାଠୀଙ୍କ ନିର୍ଦ୍ଦେଶ କ୍ରମେ ସମନ୍ୱିତ ଶିଶୁ ବିକାଶ ଯୋଜନାର କ୍ଷେତ୍ର ପରିଚାଳିକା ଓ ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ୍ର ସାମାଜିକ କର୍ମୀଶ୍ରୀ ନରେଶ ନାୟକ ଉକ୍ତ ଗ୍ରାମକୁ ଯାଇ ଶିଶୁମାନକ ନିକଟରେ ପହଞ୍ଚି ଥିଲେ । ପିଲାଙ୍କ ବିଷୟରେ ଅନୁସନ୍ଧାନ କରିବା ପରେଜାଣିବାକୁ ପାଇଲେ ଯେ ଶିଶୁମାନେ ପାଠ ନ ପଢି ବହୁତ ଅସୁବିଧାରେ ରହୁଛନ୍ତି । ପିଲାଙ୍କ ବିଷୟରେ ବୁଝିବା ପରେ ଗାଁ ଲୋକଙ୍କ ସହ ଶିଶୁଙ୍କ ବିଷୟରେ ଆଲୋଚନା। କରିଥିଲେ । ଶିଶୁମାନଙ୍କୁ ଉଦ୍ଧାର କରି ସେମାନଙ୍କର ପ୍ରାଥମିକ ଚିକିତ୍ସା କରିବାପରେ ଚାଇଲ୍ଡ ହେଲ୍ପ ଲାଇନ ଦ୍ୱାରା ଶିଶୁ ମଙ୍ଗଳ ସମିତି ନିକଟରେ ଉପସ୍ଥାପନ କରାଯାଇଥିଲା । ପରେ ଶିଶୁ ମଙ୍ଗଳ ସମିତି ଙ୍କ ସୁପାରିଶ କ୍ରମେ ଶିଶୁମାନଙ୍କୁ ସରକାରଙ୍କ ଦ୍ୱାରା ପରିଚାଳିତ ପାରଳାଖେମୁଣ୍ଡିଠାରେ ଶିଶୁ ଯତ୍ନ ଅନୁଷ୍ଠାନ ଉତ୍କଳ ବାଳାଶ୍ରମରେ ଥଇଥାନ କରାଯାଇଛି । ଜିଲ୍ଲା ପ୍ରଶାସନ ପକ୍ଷରୁ ଶିଶୁଙ୍କ ପାଠପଢା , ଖାଇବା ,ରହିବା ବ୍ୟବସ୍ଥା କରାଯାଇଛି।

## ଆଇଇଡି ବିସ୍ଫୋରଣରେ ଯବାନ ଗୁରୁତର

ମାଲକାନଗିରି, (ଭାସ୍କର ନ୍ୟୁଜ୍): ମାଲକାନଗିରି ଜିଲ୍ଲା ସୀମାନ୍ତ ଛତିଶଗଡ ରାଜ୍ୟର ବିଜାପୁର ଜିଲ୍ଲାରେ ମାଓବାଦୀମାନେ ଖଞ୍ଜିଥିବା ଏକ ଆଇଇଡି ବୋମା ବିସ୍ଫୋରଣରେ ଜଣେ ଯବାନ ଗୁରୁତର ହୋଇଛନ୍ତି। ସୂଚନା ଅନୁଯାୟୀ ବିଜାପୁର ଜିଲ୍ଲା ଉସୁର ଥାନା ଅଞ୍ଚଳରେ କୋବ୍ରା ବାହିନୀ ପକ୍ଷରୁ ସଘନ ତଲାସୀ ଅଭିଯାନ କରାଯାଉଥିବା ବେଳେ ଘଟିଛି ଏଭଳି ଅଘଟଣ। କୋବ୍ରା ସୁରକ୍ଷାବାହିନୀର ଯବାନଙ୍କ ଦ୍ୱାରା ମାଓ ପ୍ରବଣ ଅଞ୍ଚଳରେ ସର୍ଚ୍ଚ ଅପରେସନ ଚାଲିଥିବା ବେଳେ ମାଓବାଦୀ ମାନେ ଯବାନଙ୍କ ଗତି ପଥରେ ଖଞ୍ଜିଥିବା ଏକ ଆଇଇଡି ବୋମା ଉପରେ ଜଣେ ଯବାନଙ୍କ ପାଦ ପଡିବା ଯିବାରୁ ଭିଷଣ ବିସ୍ଫୋରଣ ଘଟିବା ଫଳରେ ଜଣେ ଯବାନ ଗୁରୁତର ଆହତ ହୋଇଥିଲେ। ଆହତ ଯବାନଙ୍କ ନାମ ଅରୁଣ କୁମାର ଯାଦବ। ସାଥି ଯବାନ ମାନେ ଆହତ ଯବାନଙ୍କୁ ତୁରନ୍ତ ଉଧାର କରି ପ୍ରାଥମିକ ଚିକିତ୍ସା କରାଇବା ପରେ ଉନ୍ନତ ଚିକିତ୍ସା ପାଇଁ ରାୟପୁରକୁ ପଠାଇ ଥିବା ଜଣାପଡିଛି।

## ଟ୍ରକ- ବାଇକ୍ ମୁହାଁମୁହିଁ ଧକ୍କା
# ବାଇକ୍ ଆରୋହୀ ମୃତ , ଟ୍ରକ ଚାଳକ ଗିରଫ



ବେଲପାହାଡ଼,( ଭାସ୍କର ନ୍ୟୁଜ ): ଝାରସୁଗୁଡ଼ା ଜିଲା ଲଖନପୁର ବ୍ଲକ ରେଙ୍ଗାଲି ଥାନା ଅନ୍ତର୍ଗତ କଦମଡିହି ଛକ ନିକଟସ୍ଥ ଜାତୀୟ ରାଜପଥ ୪୯ରେ ଶନିବାର ଟ୍ରକ ଓ ବାଇକ ମୁହାଁମୁହିଁ ଧକ୍କା ହେବା ଫଳରେ ବାଇକ ଆରୋହୀ ଯୁବକଙ୍କ ଶୋଚନୀୟ ମୃତ୍ୟୁ ଘଟିଥିଲା। ଏହି ଦୁର୍ଘଟଣାରେ ଲଖନପୁର ବ୍ଲକ ସାଗରପାଲି ଡୁଙ୍ଗିରିପଡ଼ାର ତସିଲ ବାରିକ (୨୭)ଙ୍କ ମୃତ୍ୟୁ ଘଟିଥିଲା। ରେଙ୍ଗାଲି ଥାନା ପୋଲିସ ଏନେଇ କେସ ନମ୍ବର ୪୦/୨୫ ରେ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ କରିବା ସହ ସଂପୃକ୍ତ ଟ୍ରକ ଚାଳକ କେନ୍ଦୁଝର ଜିଲା ଧଙ୍ଗରପଡ଼ା ନୂଆସାହି ଗ୍ରାମର ନୀଳକଣ୍ଠ ରଣା (୩୭)କୁ ଗିରଫ କରି କୋର୍ଟଚାଲାଣ କରିଛି। ସୂଚନାରୁ ପ୍ରକାଶ ଯେ, ଶନିବାର ସକାଳ ପ୍ରାୟ ୯ ଟା ୧୫ ମିନିଟ ମଧ୍ୟରେ ତସିଲ ଏକ ବାଇକ (ଓଆର- ୨୩ଡି- ୫୦୫୬) ଯୋଗେ ଗୋବିନ୍ଦପୁର ପଟରୁ ସାଗରପାଲି ପଟକୁ ଫେରୁଥିଲେ। ଏହି ସମୟରେ ବିପରୀତ ଦିଗରୁ ଆସୁଥିବା ଏକ ଟ୍ରକ (ଓଡି-୦୪ଏନ୍-୪୨୯୯) ଓ ତସିଲଙ୍କ ବାଇକ ମଧ୍ୟରେ ମୁହାଁମୁହିଁ ଧକ୍କା ହୋଇଥିଲା। ଏହି ଦୁର୍ଘଟଣାରେ ତସିଲଙ୍କ ମୁଣ୍ଡ ସହିତ ବିଭିନ୍ନ ସ୍ଥାନରେ ଗଭୀର ଆଘାତ ହେବା ଫଳରେ ଘଟଣା ସ୍ଥଳରେ ହିଁ ତାଙ୍କର ମୃତ୍ୟୁ ଘଟିଥିଲା। ପୋଲିସ ଦୁର୍ଘଟଣା ଘଟିଥିବା ଟ୍ରକ ଓ ବାଇକ୍କୁ ଜବତ କରିବା ସହ ଟ୍ରକ ଚାଳକକୁ ଅଟକ ରଖି ଘଟଣାର ତଦନ୍ତ ଚଳେଇଥିଲା।

## ଦୁର୍ଘଟଣାରେ ଜଣେ ଆହତ

ଉମରକୋଟ, (ଭାସ୍କର ନ୍ୟୁଜ୍): ବାଇକ୍ ଦୁର୍ଘଟଣା ଘଟି ଜଣେ ବ୍ୟକ୍ତି ଆହତ ହୋଇଛନ୍ତି। ଏଭଳି ଏକ ଘଟଣା ଦେଖିବାକୁ ମିଳିଛି ନବରଙ୍ଗପୁର ଜିଲ୍ଲା ଝରିଗାଁ ବ୍ଲକ ରେ। ଆହତ ବ୍ୟକ୍ତି ଜଣକ ହେଲେ ଝରିଗାଁ ବ୍ଲକ ପୂର୍ଲା ଗ୍ରାମର ଚିରଂଜିତ ହଲଦାର(୪୫)। ମିଳିଥିବା ସୂଚନା ଅନୁସାରେ ଚିରଞ୍ଜିତ ନିଜ ଗ୍ରାମରୁ କୌଣସି କାମରେ ବାଇକ ଯୋଗେ ଆଦିବାସୀ ପୂର୍ଲା ଗ୍ରାମକୁ ଯାଉଥିଲେ। ଏହି ସମୟରେ ସାମ୍ନା ପଟୁ ଭୀମ ଭତରା (୨୭) ସାଇକେଲ ଯୋଗେ ଆସୁଥିଲେ। ଭୀମ ଚଳାଉଥିବା ସାଇକେଲ କାଳେ ବାଜି ଯିବ ଭାବି ଭୀମକୁ ବଞ୍ଚାଇବାକୁ ଚେଷ୍ଟା କରିଥିଲେ ଚିରଞ୍ଜିତ। କିନ୍ତୁ ଭରସାମ୍ୟ ହରାଇ ଭୀମକୁ ଧକ୍କା ଦେଇଥିଲେ। ଫଳରେ ଦୁହେଁ ରାସ୍ତା ଉପରେ ଛିଟିକି ପଡ଼ିଥିଲେ। ଖବର ପାଇ ପରିବାର ଲୋକେ ଘଟଣାସ୍ଥଳରେ ପହଞ୍ଚି ଦୁହିଁଙ୍କୁ ଉଦ୍ଧାର କରି ଆମ୍ବୁଲାନ୍ସ ଯୋଗେ ଉମରକୋଟ ଉପଖଣ୍ଡ ଚିକିତ୍ସାଳୟକୁ ଆଣିଥିଲେ।

# ମାଗଣା ଚକ୍ଷୁ ପରୀକ୍ଷା ଶିବିର



ବରଗଡ଼, (ଭାସ୍କର ନ୍ୟୁଜ୍): ବରଗଡ଼ର ଅଗ୍ରଣୀ ସମାଜ ସେବୀ ସଂଗଠନ ସେବା ଫାଉଣ୍ଡେସନ ଓ ମହାନଦୀ ନେତ୍ରାଳୟ ର ମିଳିତ ଆନୁକୂଲ୍ୟରେରେ ଏକ କମ୍ପ୍ୟୁଟରୀକୃତ ମାଗଣା ଚକ୍ଷୁ ପରୀକ୍ଷା ଶିବିର ର ଆୟୋଜନ କରାଯାଇଥିଲା।ଜଶୱନ୍ତ ମେହେର , ଅଙ୍କୁର ଚନ୍ଦ୍ର ବାରିକ ଓ ରବି ସାହୁ ଏହି ଶିବିରକୁ ନିଜ କର କମଳରେ ଉଦ୍ଘାଟନ କରିଥିଲେ। ଏଥିରେ ଅନେକ ମାତ୍ରା ରେ (୧୫୦) ଲୋକ ଆସି ନିଜ ଆଖିର ପରୀକ୍ଷା କରି ମାଗଣାରେ ଚଷମା ଓ ମେଡ଼ିସିନ ପାଇ ପାରିଥିଲେ ଓ ପ୍ରାୟ ୧୫ ଲୋକଙ୍କୁ ମାଗଣାରେ ଅସ୍ତ୍ରୋପଚାର ପାଇଁ ମହାନଦୀ ନେତ୍ରାଳୟକୁ ପଠାଯାଇଥିଲା। ବରଗଡ ସହରର ଲୋକଙ୍କ ପାଇଁ ନିଜ ଆଖି ଠିକ କରିବାର ଏହା ଏକ ସୁଯୋଗ ସୃଷ୍ଟି କରିପାରିଥିବାରୁ ସେବା ଫାଉଣ୍ଡେସନ ର ଏହି ପ୍ରୟାସଟି ଚର୍ଚ୍ଚାର ବିଷୟ ପାଲଟିଛି। ଏଠାରେ ସେବା ଫାଉଣ୍ଡେସନର ସଭାପତି ରାହୁଲ କୁମାର ଦାସ , ଉପ-ସଭାପତି ଆକାଶ ପଣ୍ଡା, ଦୀପକ, ଶୁଭମ୍, ଭବାନୀ, ଜୁଲି, ରଶ୍ମିତା, ରୋହନ, ପିଙ୍କୁ, ସୁରଜ୍, ସମ୍ବିତ ଆଦି ସଦସ୍ୟ ମାନେ ଉପସ୍ଥିତ ରହି ଶିବିରକୁ ସଫଳ କରିଥିଲେ।

# ୩ କୁଖ୍ୟାତ ଚୋରଙ୍କ ସହ ଦୁଇ ସୁନା ବ୍ୟବସାୟୀ ଗିରଫ

## ୧୦୦ ଗ୍ରାମ ସୁନା, ୨ଟି ବାଇକ୍, ତିନି ମୋବାଇଲ ଜବତ

ଲହୁଣୀପଡା, (ଭାସ୍କର ନ୍ୟୁଜ୍): ଲହୁଣୀପଡ଼ା ପୋଲିସ ତିନି କୁଖ୍ୟାତ ଚୋର ସମେତ ଦୁଇ ବ୍ୟବସାୟୀଙ୍କୁ ଧରି କୋର୍ଟ ଚାଲାଣ କରିବା ସହିତ ସେମାନଙ୍କ ନିକଟରୁ ଦୁଇଟି ବାଇକ୍ ତିନୋଟି ମୋବାଇଲ୍ ଓ ୧୦୦ ଗ୍ରାମ ସୁନା ଜବତ କରିଛି। ମିଳିଥିବା ସୂଚନା ରୁ ପ୍ରକାଶ ଯେ ଲହୁଣୀପଡ଼ା ଥାନା ଅନ୍ତର୍ଗତ ବରସୁଆଁ ର ଆଖଣ୍ଡଳମଣୀ ଟ୍ରାନ୍ସପୋର୍ଟର ର ମାଲିକ ପ୍ରତାପ ପ୍ରଧାନ ଓରଫ ଦୁଃଖନଙ୍କ ଘରେ କେହି ନଥିବା ବେଳେ ତା'ର ସୁଯୋଗ ନେଇ ଗତ ୧୦.୦୨.୨୪ ତାରିଖ ରାତିରେ ଘରର ତାଲା ଭାଙ୍ଗି ସୁନା ଗହଣା ଓ ନଗଦ ଟଙ୍କା ଚୋରି ହେବା ନେଇ ଲହୁଣୀପଡ଼ା ଥାନାରେ ଏକ ଲିଖିତ ଅଭିଯୋଗ ହୋଇଥିଲା । ଲହୁଣୀପଡ଼ା ପୋଲିସ ଶେଷରେ ଚୋରକୁ ଧରିବାରେ ସଫଳ ହୋଇଛି। ଚୋରକୁ ଧରିବା ପରେ ଚୋର ସମସ୍ତ କଥାକୁ ପୋଲିସ ଆଗରେ ବଖାଣିଥିଲା। ରାଉରକେଲା ୨୧ ନମ୍ବର ସିକ୍ୟୁରିଟି କୋଲନୀରେ ରହୁଥିବା ବଳରାମ ରାଓ ଅରଫ ବଳରାମ ରାଉତ (୫୦) ଟ୍ରାନ୍ସପୋର୍ଟଙ୍କ ଘରୁ ବିଳମ୍ବିତ ରାତିରେ ସୁନା ଚୋରି କରି ଫେରାର ମାରି ରାଉରକେଲା ୨୧ ନମ୍ବରର ସୁନା ବ୍ୟବସାୟ ଦିନେଶ ପ୍ରସାଦ ବର୍ମାଙ୍କୁ ଯାଇ ସୁନା ବିକ୍ରି କରୁଥିଲା । ମାତ୍ର ଉକ୍ତ ଦୋକାନୀ ପାଖରେ ସେତେ ଟଙ୍କା ନେଇଥିବା ରୁ ଦିନେଶ ରାଉରକେଲା ପୁରୁଣା ଟେକ୍ସି ଷ୍ଟାଣ୍ଡ ସ୍ଥିତ ସୋନା ଜୁଏଲାରୀ ର ମାଲିକ ଗୌତମ ପ୍ରସାଦକୁ ୮ ଲକ୍ଷ୍ୟ ୨୦ ହଜାର ଟଙ୍କାର ବିକ୍ରି କରିଥିଲେ। ସେଥିମଧ୍ୟରୁ ଦିନେଶ ପ୍ରସାଦ ୩ ଲକ୍ଷ୍ୟ ୧୦ ହଜାର ଟଙ୍କା ରଖି ପ୍ରକୃତ ଚୋର ବଳରାମକୁ ୫ ଲକ୍ଷ୍ୟ ୧୦ ହଜାର ଦେଇ ବିଦା କରିଦେଇଥିଲେ। ବଳରାମର ଘର ରାଉରକେଲା ହେଲେ ସୁଧା ସେ ତାଳଚେର ବଳଣ୍ଡାରେ ରହି ଦିନ ମଜୁରିଆ ଭାବେ କାମ କରୁଥିଲା। ଏବଂ ସେଠାରେ ରହି ବିଭିନ୍ନ ଜାଗାରେ ଯାଇ ଚୋରି କରୁଥିଲା। ବଳରାମ ର ନାମ ରେ ବିଭିନ୍ନ ଥାନା ରେ ୧୨ ରୁ ଅଧିକ ଚୋରି ଓ ଗୋଟିଏ ମର୍ଡର କେସ୍‌ରେ ଜେଲ ଯାଇଥିବା ବେଳେ ଜେଲ୍‌ରୁ ବାହାରି ଏଭଳି ଚୋରି କରିଥିବା ନିଜେ ସ୍ୱୀକାର କରିଛି। ତେବେ ୫ ଲକ୍ଷ ଟଙ୍କା ପାଇ ପ୍ରଥମେ ୩ ଲକ୍ଷ ୨୧ ହଜାର ଟଙ୍କାରେ ହାଲିକ ଡେଭିନ୍ସନ ବାଇକ୍ କିଣି ଥିଲା। ପୋଲିସ କୌଣସି ସୂତ୍ରରୁ ଖବର ପାଇ ଅତର୍କିତ ଚଢାଉ କରି ତା ନିକଟରୁ ଦାମୀ ବାଇକ୍, ମୋବାଇଲ ଜବତ୍ କରିବା ସହିତ ବଳରାମକୁ ଗିରଫ କରି କୋର୍ଟ ଚାଲାଣ କରିଛି । ଏଥରେ ସଂପୃକ୍ତ ଥିବା ଦୁଇ ଦୋକାନୀ ଦିନେଶ ପ୍ରସାଦ ଓ ଗୌତମ ପ୍ରସାଦକୁ ମଧ୍ୟ ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଛି। ସେହିପରି ଗତ ୧୬.୧୧.୨୩ ତାରିଖରେ ଖୁଣ୍ଟ ଗାଁ ସାପ୍ତାହିକ ହାଟରୁ ବଣାଇର ପୁରୁଷୋତ୍ତମ ଦଣ୍ଡିଆ ଙ୍କ ୬.୫ ଗ୍ରାମ ସୁନା ଓ ୧ କେଜି ୬୦୦ ଗ୍ରାମ ରୂପା ଚୋରି ହେବା ନେଇ ଲହୁଣୀପଡ଼ା ଥାନାର ଅଭିଯୋଗ ହୋଇଥିଲା। ତେବେ ପୋଲିସ ପେଟ୍ରୋଲିଂ କରୁଥିବା ବେଳେ ଦୁଇ ଜଣଙ୍କୁ ଧରିଥିଲା। ସେମାନେ ହେଲେ କୋଟିନାଡା ଥାନା ଅନ୍ତର୍ଗତ ଛତାପେଡିଆ ଅନ୍ଚଳ ର ଗଣେଶ ଦାସଙ୍କ ପୁଅ ଆରେସୁ ଦାସ ଓ ଦେବଗଡ଼ ଜିଲ୍ଲା ପୁରୁଣା ଗଡ଼ ଅଞ୍ଚଳ ର କ୍ଷୀର ବେହେରାଙ୍କ ପୁଅ ମୋହନ ବେହେରା (୪୦) ଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେମାନଙ୍କର ନିକଟରୁ ଓଡି୦୧ ଏକ୍ସ ୪୬୬୩ ନମ୍ବର ଏକ ବାଇକ୍ ଓ ଦୁଇଟି ମୋବାଇଲ ଜବତ୍ ହୋଇଛି।

## ୧୦୦ ବୋତଲ କଫ ସିରପ୍ ଜବତ, ଜଣେ ଗିରଫ

କଣ୍ଟାବାଞ୍ଜି, (ଭାସ୍କର ନ୍ୟୁଜ୍): ବଲାଙ୍ଗୀର ଜିଲ୍ଲାପାଳ ଏବଂ ଅବକାରୀ ଅଧିକ୍ଷକଙ୍କ ନିର୍ଦ୍ଦେଶକ୍ରମେ ବଙ୍ଗୋମୁଣ୍ଡା ଅବକାରୀ ଥାନାଦ୍ୱାରା ପେଟ୍ରୋଲିଂ ବେଳେ ବଙ୍ଗୋମୁଣ୍ଡା ଥାନା ଦନ୍ଦରା ଛକ ନିକଟରେ ଜଣେ ବ୍ୟକ୍ତିଠାରୁ ୧୦ଲିଟର(୧୦୦ଟି ବୋତଲ) କଫ ସିରଫ ସୋମବାର ଭୋର ସକାଳୁ ଜବତ କରିଛି । ମିଳିଥିବା ସୂଚନା ଅନୁସାରେ ଦନ୍ଦରା ଗ୍ରାମର ସିତାରାମ ସା(୩୫) ବେଆଇନ ଭାବେ କଫ ସିରଫ ମହଜୁଦ ରଖି କଳା ବଜାରୀ କରୁଥିବା ଖବର ପାଇ ବଙ୍ଗୋମୁଣ୍ଡା ଅବକାରୀ ବିଭାଗ ତରଫରୁ ଅତର୍କିତ ଭାବେ ଚଢଉ କରାଯାଇଥିଲା । ଚଢଉବେଳେ ଅଭିଯୁକ୍ତଠାରୁ କଫ ସିରଫ ଜବତ କରି ବଙ୍ଗୋମୁଣ୍ଡା ଅବକାରୀ ଥାନା କେସ ନଂ. ୧୮/୧୭.୨.୨୦୨୫ ରୁଜୁ କରି କୋର୍ଟଚାଲାଣ କରାଯାଇଛି । ଚଢଉ ବେଳେ ବଙ୍ଗୋମୁଣ୍ଡା ଅବକାରୀ ଥାନା ଅଧିକାରୀ ସୁମିତ କୁମାର ସାହୁ, ଏ.ଏସ.ଆଇ. ହିଙ୍ଗୁଲା ଦାସ, କନେଷ୍ଟେବଲ ପ୍ରଫୁଲ୍ଲ ନାଗ, ଶ୍ରୀପାତି ନାଏକ,ଚନ୍ଦନ ପଟେଲ ସାମିଲ ଥିଲେ।

# ଜିଲ୍ଲା ବିଜେପି ସଭାପତି ହେଲେ ପଣ୍ଡିତ



କନ୍ଧମାଳ/ବାଲିଗୁଡା(ଭାସ୍କର ନ୍ୟୁଜ୍): ରାଜ୍ୟ ବିଜେପି ପକ୍ଷରୁ ଜିଲ୍ଲା ସଭାପତିଙ୍କ ନାମ ଘୋଷଣା କରାଯାଇଛି। ବିଜେପି ରାଜ୍ୟ ନିର୍ବାଚନ ଅଧିକାରୀ ତଥା ବାଲେଶ୍ୱର ସାଂସଦ ପ୍ରତାପ ଷଡ଼ଙ୍ଗୀଙ୍କ ଅଧ୍ୟକ୍ଷତାରେ ଅବଶିଷ୍ଟ ଥିବା ଜିଲ୍ଲା ଗୁଡିକରେ ଜିଲ୍ଲା ସଭାପତି ଚୟନ କରାଯାଇଛି । କନ୍ଧମାଳ ଜିଲ୍ଲା ପାଇଁ ନୂତନ ସଭାପତି ଭାବେ ପଣ୍ଡିତ କୁମାର ବିଶିମାଝୀଙ୍କୁ ମନୋନୀତ କରାଯାଇଛି। ଏହା ପୂର୍ବରୁ ବହୁ ଗୁରୁତ୍ୱପୂର୍ଣ୍ଣ ପଦବୀ ସଫଳତାର ସହ ଦାୟିତ୍ୱ ତୁଲାଇଛନ୍ତି ପଣ୍ଡିତ କୁମାର ବିଶିମାଝୀ। ନୂତନ ଭାବେ ଜିଲ୍ଲା ସଭାପତି ହେବା ପରେ ପ୍ରଥମେ କ. ନୂଆଗାଁ ମଣ୍ଡଳ ସଭାପତି ନିଗମା ନନ୍ଦ ପୂଜାରୀଙ୍କ ନେତୃତ୍ୱରେ ସ୍ୱାଗତ ସମ୍ବର୍ଦ୍ଧନା କରାଯାଇଥିଲା। ଏହି ସ୍ୱାଗତ କାର୍ଯ୍ୟକ୍ରମରେ ବିଜେପି ର ସଂଗଠକ, ନେତୃବୃନ୍ଦ, କର୍ମୀ ସମସ୍ତେ ଯୋଗଦେଇଥିଲେ। କନ୍ଧମାଳ ଜିଲ୍ଲା ସଭାପତି ହେଲା ପରେ ଜିଲ୍ଲା ସଙ୍ଗଠନକୁ ସୁଦୃଢ଼ କରିବେ, ଲୋକମାନଙ୍କ ସହିତ ଭଲ କାର୍ଯ୍ୟ କରିବେ, ଦଳକୁ ଅଗ୍ରଗତି କରିବେ, ଯେଉଁମାନେ ଦଳକୁ ବିଭାଜନ କରୁଥିଲେ ସେହିମାନଙ୍କ ଉପରେ ନଜର ରଖିବେ। କୌଣସି ଅସୁବିଧା କରିଲେ ସେହିମାନଙ୍କ ନାମକୁ ରାଜ୍ୟର ସଭାପତିଙ୍କୁ କହିବେ ବୋଲି କହିଛନ୍ତି। କନ୍ଧମାଳ ଜିଲ୍ଲା ସଭାପତି ହେବା ପରେ ଆଗାମୀ ଦିନରେ ଦଳ ପକ୍ଷରୁ ଯାହା ଦାୟିତ୍ୱ ମିଳିବ ତାକୁ ସୂଚାରୁ ରୂପେ ତୁଲାଇବା ସହ ଦଳର ସଂଗଠନକୁ ସୁଦୃଢ଼ କରିବି ଏବଂ କନ୍ଧମାଳ ଜିଲ୍ଲାର ବିକାଶ ପାଇଁ ପ୍ରୟାସ ଜାରି ରଖିବି ବୋଲି କହିଛନ୍ତି ପଣ୍ଡିତ କୁମାର ବିଶିମାଝୀ। ଜିଲ୍ଲା ସଭାପତି ହେବା ପରେ ମୁଖ୍ୟମନ୍ତ୍ରୀ ମୋହନ ମାଝୀ, ରାଜ୍ୟ ସଭାପତି ମନମୋହନ ସାମଲ, ସାଂସଦ ସୁକାନ୍ତ କୁମାର ପାଣିଗ୍ରାହୀ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ପଦ୍ମ ଚରଣ ଦାସଙ୍କ ସମେତ ସମସ୍ତ ଜିଲ୍ଲାର ର ସମସ୍ତ ପଦାଧିକାରୀଙ୍କୁ କୃତଜ୍ଞତା ଜ୍ଞାପନ କରିଛନ୍ତି । କନ୍ଧମାଳ ଜିଲ୍ଲା ବିଜେପି ପକ୍ଷରୁ ଓ ସମସ୍ତ ନେତୃବୃନ୍ଦ ଓ କର୍ମୀ ପଣ୍ଡିତ କୁମାର ବିଶିମାଝୀଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଛନ୍ତି।

# ସରକାରୀ ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ

କୁଚିଣ୍ଡା, (ଭାସ୍କର ନ୍ୟୁଜ୍): ସରକାରୀ ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ବଡ଼ବହାଲ ଠାରେ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ସଭାପତିତ୍ୱ କରିଥିଲେ ରାଜୀବ କିସାନ ବିଦ୍ୟାଳୟର ପ୍ରଧାନ ଶିକ୍ଷକ। ମୁଖ୍ୟ ଅତିଥି ଧନୁର୍ଯ୍ୟୟ ନାଏକ ଭାବେ ସାଲେଭାଡି ଗ୍ରାମ ପଞ୍ଚାୟତ ସରପଞ୍ଚ, ସମ୍ମାନିତ ଅତିଥି ପ୍ରମୋଦ କୁମାର ନାଏକ ଏ. ବି. ଇ. ଓ଼ କୁଚିଣ୍ଡା ଦଧି ଶଙ୍କର ପଟେଲ ଯୋଗ ଦେଇଥବଲେ। ଅବସର ପ୍ରଧାନଶିକ୍ଷକ ଡାକ୍ତର ବେହେରା.ଏସ୍ଏମସି ଚେୟାର ମ୍ୟାନ, ସାଲେ ଭାଡି ହାଇସ୍କୁଲ ପ୍ରଧାନଶିକ୍ଷକ ଚନ୍ଦ୍ରହାସ କର୍ଣ୍ଣ, ଏବଂ ଭୈରବ କୁମାର ସାହୁ, ସହକାରୀ ଶିକ୍ଷକ, ସିଆରସିସି ଶ୍ରୀକାନ୍ତ ପଟେଲ , ପୂର୍ବତନ ପ୍ରଧାନ ଶିକ୍ଷକ ଦିଲ୍ଲିପ କୁମାର ପଟେଲ ଏବଂ ଚନ୍ଦ୍ରଭାନୁ ପଟେଓ ଗ୍ରାମର ମାନ୍ୟଗଣ୍ୟ ଭଦ୍ର ବ୍ୟକ୍ତି ଯୋଗଦେଇ ଛାତ୍ରଛାତ୍ରୀଙ୍କ ଶିକ୍ଷା ଉପରେ ସାରଗର୍ଭକ ମନ୍ତବ୍ୟ ଦେଇଥିଲେ। କ୍ଲଷ୍ଟରର ସହ କାରୀ ଶିକ୍ଷକ/ଶିକ୍ଷୟତ୍ରୀ ଉକ୍ତ ଉତ୍ସବରେ ଯୋଗ ଦେଇଥିଲେ। ବାଣେଶ୍ୱର ପ୍ରଧାନ ମଞ୍ଚ ପରିଚାଳନା ସହିତ ଧନ୍ୟବାଦ ଅର୍ପଣ କରିଥିଲେ।

# କନଗାଁ କ୍ଲଷ୍ଟରର ନବମ ମାସିକ ବୈଠକ

ବରଗଡ଼, (ଭାସ୍କର ନ୍ୟୁଜ୍): ସୋହେଲା ବ୍ଲକ ଅନ୍ତର୍ଗତ କନଗାଁ କ୍ଲଷ୍ଟରର ନବମ ମାସିକ ବୈଠକ ସରକାରୀ ପ୍ରାଥମିକ ବିଦ୍ୟାଳୟ ଦମକିପାଲି ଠାରେ ଅନୁଷ୍ଠିତ ହୋଇ ଯାଇଛି । କନଗାଁ ସିଆରସିସି କେଦାରନାଥ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ କ୍ଲଷ୍ଟରର ସମସ୍ତ ପ୍ରଧାନ ଶିକ୍ଷକ ଶିକ୍ଷୟିତ୍ରୀଙ୍କ ସହ ଏଫଏଲଏନ ଶିକ୍ଷକ ଶିକ୍ଷୟିତ୍ରୀ ଯୋଗ ଦେଇଥିଲେ । ସଭା ପ୍ରାରମ୍ଭରେ ପ୍ରଧାନଶିକ୍ଷକ ହେମଚନ୍ଦ୍ର ବେହେରା ସରସ୍ୱତୀଙ୍କ ଫଟୋଚିତ୍ର ସମ୍ମୁଖରେ ଦୀପ ପ୍ରଜ୍ୱଳନ କରିଥିଲେ । ସହକାରୀ ଶିକ୍ଷକ ନରେଶ ନାଏକ ସମସ୍ତଙ୍କୁ ସ୍ୱାଗତ କରିଥିଲେ । ଏହାପରେ ଭାଷା ଓ ଗଣିତର ଶିକ୍ଷଣ ଫଳାଫଳ, ପାଠ୍ୟ ଯୋଜନାର ସୋପାନ, ଏକକ ଓ ବହୁ ଶ୍ରେଣୀରେ ଶିକ୍ଷାଦାନ, ସି ଆର ଏ ପଦ୍ଧତି, ଡିକୋଡିଂ, ଶିକ୍ଷଣ ସୋପାନ ପ୍ରଭୃତି ବିଷୟରେ ଆଲୋଚନା ହୋଇଥିଲା । ମଧ୍ୟାହ୍ନ ଭୋଜନ ପରେ ସି ଆର ସି ସି କେଦାରନାଥ ସାହୁ ଜି କେ ଏ କିଟର ସାମଗ୍ରୀ ନେଇ ତ୍ରି ମାତ୍ରିକ ଆକୃତି ଆଧାରିତ ଶିକ୍ଷଣ କାର୍ଯ୍ୟ କରିଥିଲେ । ଶିକ୍ଷକ ସୁରେନ୍ଦ୍ର ବୁଧିଆ, ସଂଜୀବ ପଧାନ, ତୁଳସୀରାମ ପାଣୀ, ଉମାକାନ୍ତ ବେହେରା , ବିଜୟା ସାହୁ, ଗଣେଶ ମହାନନ୍ଦ 'ବକ୍ସି ଜଗବନ୍ଧୁ' ଏକାଙ୍କିକା ଅଭିନୟ କରିଥିଲେ । ଶିକ୍ଷକ ନରେଶ ନାଏକ ଧନ୍ୟବାଦ ଅର୍ପଣ କରିଥିଲେ ।

## ସଙ୍କୀର୍ତ୍ତନ ଗୁରୁଙ୍କ ପରଲୋକ



ବ୍ରଜରାଜନଗର, (ଭାସ୍କର ନ୍ୟୁଜ୍): ଝାରସୁଗୁଡ଼ା ଜିଲ୍ଲା। ବ୍ରଜରାଜନଗର ପୌର ପରିଷଦ ଅନ୍ତର୍ଗତ ସାନଯୋବ୍ ୱାର୍ଡ ନମ୍ବର ୧୩ ର ଅତି ପରିଚିତ ସଙ୍କୀର୍ତ୍ତନ ଗୁରୁ ଅଚ୍ୟୁତା ନନ୍ଦ ପ୍ରଧାନ ୯୩ ବର୍ଷ ବୟସ ରେ ହୃଦ୍‌ଘାତରେ ନିଧନ ହୋଇଯାଇଛି । ସ୍ୱର୍ଗୀୟ ଅଚ୍ୟୁତା ନନ୍ଦ ପ୍ରଧାନ ସେ ଜଣେ ବହୁ ମୁଖୀ ପ୍ରତିଭା ଥିଲେ । ପାଲା ଗାୟକ, ଯାତ୍ରା, ସଙ୍କୀର୍ତ୍ତନ ଗୁରୁ, ଓ ଅନେକ ଗୁଡ଼ିଏ ପ୍ରତିଭାର ଅଧିକାରୀ ଥିଲେ । ରବିବାର ଦିନ ସନ୍ଧ୍ୟାରେ ସାନଯୋବ ସ୍ଥିତ ଅର୍ଜୁନ ବିଶିଙ୍କ ଘରେ ବୈଠକି କୀର୍ତ୍ତନ କରୁଥିବା ସମୟ ରେ ହଠାତ୍ ତାଙ୍କ ସ୍ୱାସ୍ଥ୍ୟ ଖରାପ ହେବା ଯୋଗୁ ତାଙ୍କୁ ସ୍ଥାନୀୟ ଚିକିତ୍ସାଳୟ କୁ ନିଆଯାଇଥିଲା । ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ଘଟିଛି। ସୋମବାର ଦିନ ସକାଳେ ସାନ ଯୋବ ଶ୍ମଶାନ ଘାଟରେ ଶେଷକୃତ ସଂପନ୍ନ ହୋଇଥିଲା।

# ନାଟ୍ୟକାର ଆପନ୍ନା ପରିଚ୍ଛାଙ୍କ ଜୟନ୍ତୀ ପାଳିତ



ପାରଳାଖେମୁଣ୍ଡି, (ଭାସ୍କର ନ୍ୟୁଜ୍): ଓଡ଼ିଶା ସାହିତ୍ୟ ଏକାଡ଼େମୀ ଓ ଆପନ୍ନା ପରିଚ୍ଛା ସ୍ମୃତି ସଂସଦ, ପାରଳାଖେମୁଣ୍ଡିର ମିଳିତ ଆନୁକୂଲ୍ୟରେ ନାଟ୍ୟକାର ଆପନ୍ନା ପରିଚ୍ଛାଙ୍କ ୧୪୭ତମ ଜୟନ୍ତୀ ଉତ୍କଳ ହିତୈଷିଣୀ ସଭାଗୃହରେ ଓଡ଼ିଶା ସାହିତ୍ୟ ଏକାଡେମୀ ପ୍ରାକ୍ତନ ସଦସ୍ୟ ଶ୍ରୀ ବିଚିତ୍ରାନନ୍ଦ ବେବର୍ତ୍ତାଙ୍କ ସଭାପତିତ୍ୱରେ ପାଳିତ ହୋଇଯାଇଛି। ଏହି ସଭାରେ ମୁଖ୍ୟ ଅତିଥି ଭାବେ କୃଷ୍ଣଚନ୍ଦ୍ର ଗଜପତି ସ୍ୱୟଂଶାସିତ ମହାବିଦ୍ୟାଳୟର ଅଧକ୍ଷ ଡ଼ଃ ଜିତେନ୍ଦ୍ର ନାଥ ପଟ୍ଟନାୟକ, ମୁଖ୍ୟ ବକ୍ତା ଭାବେ ଉପାନ୍ତ ପ୍ରହରୀ ପୂର୍ଣଚନ୍ଦ୍ର ମହାପାତ୍ର,ସମ୍ମାନିତ ଅତିଥି ଭାବେ ଅବସରପ୍ରାପ୍ତ ଶିକ୍ଷୟତ୍ରୀ ଆଶାଲତା ପାଣିଗ୍ରାହୀ ଓ ସମ୍ମାନିତ ବକ୍ତା ଭାବେ ମହିଳା ମହାବିଦ୍ୟାଳୟର ଅଧାପିକା ଡ଼ଃ କଲ୍ୟାଣୀ ମିଶ୍ର ଯୋଗ ଦେଇ ନାଟ୍ୟକାର ଆପନ୍ନା ପରିଚ୍ଛାଙ୍କର ସ୍ମୃତି ଚାରଣ କରିବା ସହ ତାଙ୍କର ବିଭିନ୍ନ କ୍ଷେତ୍ରରେ ଥିବା ଅବଦାନକୁ ଉପସ୍ଥାପନ କରିଥିଲେ। ପ୍ରାରମ୍ଭରେ ଶିକ୍ଷୟିତ୍ରୀ ସୁଲତା ଶୁଭଦର୍ଶିନୀ ଅତିଥିମାନଙ୍କୁ ମଞ୍ଚକୁ ସ୍ୱାଗତ ଜଣାଇଥିବା ବେଳେ ଅଧାପକ ସୌଦାଗର ସିଅ ଅତିଥି ପରିଚୟ ପ୍ରଦାନ କରିଥିଲେ। ଅନୁଷ୍ଠାନର ସମ୍ପାଦକ ମୁରଲୀଧର ପରିଚ୍ଛା ବିବରଣୀ ପାଠ କରିଥିଲେ। ଉକ୍ତ ସମାରୋହରେ ପରିଚ୍ଛା ମଠର ପୁନରୁଦ୍ଧାର ବିଷୟରେ ଆଲୋକପାତ କରାଯାଇଥିଲା। ଏହି ସମସ୍ତ କାର୍ଯ୍ୟକ୍ରମକୁ ଶ୍ୱେତା ପଟ୍ଟନାୟକ, ସ୍ନିଗ୍ଧା ମିଶ୍ର, ତ୍ରିପତି ପ୍ରସାଦ ପଣ୍ଡା, ବିଷ୍ଣୁ ଚରଣ ପଣ୍ଡା, ସୁଧାଂଶୁ ଶେଖର ପଟ୍ଟନାୟକ, ଅଞ୍ଜନା ପଟ୍ଟନାୟକ, ସ୍ନେହା ବେହେରା, ନିତ୍ୟାନନ୍ଦ ଚୌଧୁରୀ ପ୍ରଭୃତି ପରିଚାଳନା କରିଥିଲେ। ଏହି ଅବସରରେ 'ଜାତୀୟ ଐତିହ୍ୟର ସ୍ମୃତି', 'ସୌଧ ପରିଚ୍ଛା ମଠ' ପୁସ୍ତକର ଶୁଭ ଉନ୍ମୋଚନ ଅତିଥିମାନଙ୍କ ଦ୍ୱାରା ହୋଇଥିଲା । ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ଅର୍ଜନ କରିଥିବା ବ୍ୟକ୍ତି ବିଶେଷ ଯଥା ଘନଶ୍ୟାମ ଜେନା, ଆଶାଲତା ପାଣିଗ୍ରାହୀ, ଡ଼ଃ କଲ୍ୟାଣୀ ମିଶ୍ର, ସୁଶ୍ରୀ ଶୃତି ମଞ୍ଜରୀ ବର୍ଦ୍ଧନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। କାର୍ଯ୍ୟକ୍ରମ ଶେଷରେ ଶ୍ରୀ ଶୁଭ୍ରାଂଶୁ ଶେଖର ପଟ୍ଟନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

# ଦୁର୍ନୀତି ଅଭିଯୋଗରେ ଲାଞ୍ଜି ଜିଆର୍‌ଏସ୍ ବହିଷ୍କୃତ



ନୂଆପଡ଼ା, (ଭାସ୍କର ନ୍ୟୁଜ୍): ଅର୍ଥ ଆତ୍ମସାତ ଅଭିଯୋଗର ତଦନ୍ତ କରି ଜିଲ୍ଲାପାଳ ଖଡିଆଳ ବ୍ଲକ ଅନ୍ତର୍ଗତ ଲାଞ୍ଜି ପଞ୍ଚାୟତର ଜିଆରଏସ ଦନାର ମାଝୀଙ୍କୁ ଚାକିରିରୁ ବହିଷ୍କାର କରିଛନ୍ତି । ଉପରପିଟା ତେନ୍ତୁଳି ବନ୍ଧ ଉନ୍ନତିକରଣ କାର୍ଯ୍ୟକୁ ବିନା କାମରେ ଅର୍ଥ ଆତ୍ମସାତ ଅଭିଯୋଗ ହୋଇଥିଲା। ବିଭାଗୀୟ ଅଧିକାରୀ ଖରିଆର ବିଡିଓ ଓ ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଦନ୍ତ କରିଥିଲେ। ଜିଆରଏସଙ୍କ ଦ୍ୱାରା ତିନି ଲକ୍ଷ ତେପନ ହଜାର ଏକଶହ ଅଠାଅସୀ ଟଙ୍କା ଆତ୍ମସାତ କରିଥିବା ଜଣାପଡିଥିଲା। ଜିଲ୍ଲାପାଳ ଦୋଷୀ ପକ୍ଷ ରଖିବାକୁ ସୁଯୋଗ ଦେଇ ଶୁଣାଣି ପରେ ଅର୍ଥ ଆତ୍ମସାତ କରିଥିବା ପ୍ରମାଣ ପରେ ଦାୟୀ କରି ତାଙ୍କୁ ଚାକିରୀ ବହିଷ୍କାର କରି ସରକାରୀ ଅର୍ଥ ଆତ୍ମସାତ ପାଇଁ ପୋଲିସ ଠାରେ ଏଫ. ଆଇ. ଆର ରୁଜୁ କରିବାକୁ ବିଡିଓ ଙ୍କୁ ନିର୍ଦ୍ଦେଶ ଦେଇଥିଲେ। ସରପଞ୍ଚ ଓ ନିର୍ବାହୀ ଅଧିକାରୀ ଙ୍କ କର୍ତ୍ତବ୍ୟରେ ଅବହେଳା ଯୋଗୁଁ ଅର୍ଥ ଆତ୍ମସାତ ସୁଯୋଗ ପାଇଥିଲେ। ସେମାନଙ୍କ ଡି. ଏସ. ସି ବ୍ୟବହାର କରାଯାଇଥିବାରୁ ଉକ୍ତ ପରିମାଣ ର ଆତ୍ମସାତ ଅର୍ଥ ସମଭାବରେ ସରପଞ୍ଚ, ନିର୍ବାହୀ ଅଧିକାରୀ ଓ ଜି. ଆର. ଏସ ମିଳିତ ରୂପେ ମାସକ ମଧ୍ୟରେ ସରକାରୀ ତହବିଲରେ ଜମା ଦେବାକୁ ନିର୍ଦ୍ଦେଶ ନିର୍ବାହୀ ଅଧିକାରୀ ମନିଶ ସାହୁଙ୍କ ବିଭାଗୀୟ ପଦକ୍ଷେପ। ତଦାରଖ ଅଧିକାରୀଙ୍କ ଅବହେଳା ମଧ୍ୟ ସ୍ପଷ୍ଟ ଅନୁମେୟ ଅଟେ।

# ଆସୁନି ନେଟୱର୍କ, ସମସ୍ୟା ଭୋଗୁଛନ୍ତି ଉପଭୋକ୍ତା

- ମାସକୁ ମାସ ହେଉଛି ରିଚାର୍ଜ କରି କ୍ଷତି ସହୁଛନ୍ତି
- ବିଏସ୍ଏନ୍ଏଲ ଗ୍ରାହକଙ୍କୁ ସେବା ମିଳୁନଥିବା ଅଭିଯୋଗ

ମାଲକାନଗିରି,(ଭାସ୍କର ନ୍ୟୁଜ୍): ମାଲକାନଗିରି ଜିଲ୍ଲାରେ ନେଟୱର୍କ ସମସ୍ୟା ଏକ ବଡ ସମସ୍ୟା ଅଟେ। ଏହି ସମସ୍ୟା ଜିଲ୍ଲାରେ ବର୍ଷ ବର୍ଷ ଧରି ଲାଗି ରହିଥିବା ବେଳେ ବିଏସଏନଏଲ ସହ ଆଉ ମାତ୍ର ୨ଟି ସିମ କମ୍ପାନୀକୁ ବାଦ ଦେଲେ ଆଜି ଯାଏଁ କୌଣସି ନେଟୱର୍କ ଏଠାରେ ସ୍ଥାପନ ହୋଇ ନାହି। ତେବେ ଏହି ୩ଟି ନେଟୱର୍କ ମଧ୍ୟ ସବୁ ସ୍ଥାନରେ ସଠିକ ଭାବେ ଉପଲଭ ଦେଉନଥିବା ବେଳେ ପୁରୁଣା ସଂସ୍ଥା ଭାବେ ଲୋକେ ଆଜି ମଧ୍ୟ ବିଏସଏନଏଲ ସିମ ବ୍ୟବହାର କରୁଛନ୍ତି। ତେବେ ଏହି ସିମ ବ୍ୟବହାର କାରୀମାନେ ମାସକୁ ମାସ ରିଚାର୍ଜ କରୁଥିଲେ ମଧ୍ୟ ସେମାନଙ୍କୁ ସେବା ମିଳୁନଥିବା ଅଭିଯୋଗ ହୋଇଛି। ବିଗତ ଏକ ସପ୍ତାହରୁ ଉର୍ଦ୍ଧ୍ୱ ଦିନ ହେବ ଜିଲ୍ଲାବାସୀଙ୍କୁ କନ୍ଦାଉଛି ବିଏସଏନଏଲ ନେଟୱର୍କ। ଫୋନ ଲଗେଇଲେ ସଠିକ ଭାବେ ଲାଗୁନଥିବା ବେଳେ ଯଦିଓ ଦୈବାତ କ୍ରମେ କଲ୍ ଲାଗୁଛି ହେଲେ କଥା ହେବା ସମ୍ଭବ ହେଉନାହିଁ। କଥା ଠିକ ଭାବେ ଶୁଭୁନଥିବା ଯୋଗୁଁ ଗାଁରୁ ସହର ପର୍ଯ୍ୟନ୍ତ ସମସ୍ତଙ୍କୁ ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଛି। କୌଣସି ଜରୁରୀକାଳୀନ ପରିସ୍ଥିତିରେ ପରିବାର ଲୋକଙ୍କ ବାର୍ତ୍ତା ନିଜ ପ୍ରିୟଜନମାନଙ୍କ ପାଖରେ ପହଁଞ୍ଚି ପାରୁନାହିଁ। ଜିଲ୍ଲାରେ ଏବେ ଏମିତି ପରିସ୍ଥିତି ଉପୁଜିଛି ଯେ କଲ୍ ଲାଗିବା ଦୂରର କଥା ମେସେଜ ମଧ୍ୟ ପାଞ୍ଚ ଥରରେ ଯିବା କଷ୍ଟକର ହୋଇପଡିଛି। ସେହିପରି ବିଭିନ୍ନ ସରକାରୀ ଏବଂ ବେସରକାରୀ କାର୍ଯ୍ୟରେ ଓଟିପି ମୋବାଇଲ ଆସୁନଥିବା ଅଭିଯୋଗ ହେଉଛି। ଆଗକୁ ଫେବୃଆରୀ ୨୧ ତାରିଖରେ ମାଟ୍ରିକ ପରୀକ୍ଷା ହେବାକୁ ଯାଉଛି। ଏଥିପାଇଁ ପିଲାମାନଙ୍କର ଆପାର ଆଇଡି ନିର୍ମାଣ ପାଇଁ ଆଧାର କାର୍ଡ ସଂଶୋଧନ କରିବାକୁ ପଡୁଛି। ଓଟିପି ନଆସିବାରୁ ଅନେକ ପିଲାଙ୍କ ଆଧାର କାର୍ଡ ସଂଶୋଧନରୁ ବଞ୍ଚିତ ହେଉଛନ୍ତି। ଦୀର୍ଘ ଦିନ ଧରି ଜିଲ୍ଲାର ବିଭିନ୍ନ ଅଞ୍ଚଳରେ ବିଏସଏନଏଲ ମୋବାଇଲ ସେବା ଏକ ପ୍ରକାର ଠପ୍ ହୋଇଯାଇଥିବା ଅନୁମେୟ ହେଉଛି, ତଥାପି ବିଏସଏନଏଲ ଅଧିକାରୀ ସଜ୍ଞାନ ନେଉଥିବା ଜଣାପଡିଛି। ଅପରପକ୍ଷରେ ବିଏସଏନଏଲର ଏଜିଏମଙ୍କୁ ବାରମ୍ବାର ଫୋନରେ ଯୋଗାଯୋଗ କରିବା ଫୋନ ଉଠାଉ ନାହାଁନ୍ତି। ସେହିପରି ଜେଟିଓ ରାମକୃଷ୍ଣ ରାଓଙ୍କୁ ଫୋନ ଲଗାଇବା ପରେ ଥରେ ଫୋନ ଉଠାଇ ଫୋନ୍ କାଟି ଦେଇଥିବା ବେଳେ ଛୁଟିରେ ରହିଥିବା ନେଇ ମେସେଜ ଦ୍ୱାରା ଜଣାଇଛନ୍ତି।

## ଓଡ଼ିଶା ରାଜସ୍ୱ ଅମଲା ସଙ୍ଘ ରାୟଗଡା ଶାଖାର କର୍ମକର୍ତ୍ତା ଚୟନ
# ମନୋଜ ସଭାପତି, ଅଜୟ ସମ୍ପାଦକ



ରାୟଗଡା, (ଭାସ୍କର ନ୍ୟୁଜ୍): ରାୟଗଡା ଜିଲ୍ଲା ଶାଖା ଓଡିଶା ଅମଲା ସଂଘର କର୍ମକର୍ତ୍ତା ନିର୍ବାଚନ ଅନୁଷ୍ଠିତ ହୋଇଯାଇଛି ।ଅରୁଣ କୁମାର ପାଢ଼ୀ, ରାଜସ୍ୱ ସେବା ଅଧିକାରୀ ନିର୍ବାଚନ ପରିଚାଳନା କରିଥିଲେ । ଏହି ନିର୍ବାଚନରେ ୨୫୪ଜଣ ନିଜର ମତଦାନ କରିଥିଲେ । ସଭାପତି ଦୌଡରେ ମନୋଜ କୁମାର ରଥ, ସୀମାଞ୍ଚଳ ପଣ୍ଡା ଦୁଇଜଣ ପ୍ରାର୍ଥୀ ନାମାଙ୍କନ କରିଥିଲେ ଓ ଶ୍ରୀ ମନୋଜ କୁମାର ରଥ ସର୍ବାଧିକ ଭୋଟ ପାଇ ନିର୍ବାଚିତ ହୋଇଥିଲେ । ସେହିପରି ସାଧାରଣ ସମ୍ପାଦକ ପାଇଁ ସ୍ନେହାଶିଷ ପାତ୍ର ଓ ଅଜୟ କୁମାର ନାହାକ ପ୍ରତିଦାନ୍ଦିତା କରିଥିଲେ ଓ ଅଜୟ କୁମାର ନାହାକ ସର୍ବାଧିକ ଭୋଟ ପାଇ ନିର୍ବାଚିତ ହୋଇଥିଲେ। ରାୟଗଡ ଶାଖା ପାଇଁ ଉପସଭାପତି ପଦରେ ନରେଶ ଇଡୁମ ଓ ରବି ନାରାୟଣ ପଟ୍ଟଯୋଶୀ ମଧ୍ୟରେ ପ୍ରତିଦାନ୍ଦିତାରେ ଶ୍ରୀ ପଟ୍ଟଯୋଶୀ ସର୍ବାଧିକ ଭୋଟ ପାଇ ନିର୍ବାଚିତ ହୋଇଥିଲେ । ଗୁଣୁପୁର ଶାଖା ପାଇଁ ଜି ଦିବାକର ଓ ବଳରାମ ଭୁୟାଁ ମଧ୍ୟରେ ପ୍ରତିଦ୍ୱନ୍ଦ୍ୱିତାରେ ବଳରାମ ଭୁୟାଁ ସର୍ବାଧିକ ଭୋଟ ପାଇଁ ନିର୍ବାଚିତ ହୋଇଥିଲେ । ସେହିପରି ଯୁଗ୍ମ ସମ୍ପାଦକ ପାଦ ପାଇଁ ତ୍ରିପତି କୁମାର ଜେନା ଓ ବବିତା ପଣ୍ଡା ମଧ୍ୟରେ ପ୍ରତିଦ୍ୱନ୍ଦ୍ୱିତାରେ ବବିତା ପଣ୍ଡା ସର୍ବାଧିକ ଭୋଟ ପାଇ ନିର୍ବାଚିତ ଗୋଇଛନ୍ତି । ସେହିପରି କୋଷଧକ୍ଷ ପଦ ପାଇଁ ସେବକ୍ଷନନ୍ଦ ମହାପାତ୍ର ଓ ଆରୀ ଗଦାଧର ପାତ୍ର ମଧ୍ୟରେ ପ୍ରତିଦନ୍ଦିତକ୍ଷରେ ଗଦାଧର ପାତ୍ର ସର୍ବାଧିକ ଭୋଟ ପାଇ ନିର୍ବାଚିତ ହୋଇଥିଲେ । ନିର୍ବାଚନ ଅଧିକାରୀ ସମସ୍ତ ନିର୍ବାଚିତ ସଦସ୍ୟ, ସଦସ୍ୟାମାନଙ୍କୁ ଶପଥ ପାଠ କରାଇଥିଲେ ।



ପୁରୀ (ଭାସ୍କର ନ୍ୟୁଜ) : ଶ୍ରୀଜଗନ୍ନାଥ କ୍ରିକେଟ ଷ୍ଟାଡିୟମ ପାଚେରୀକୁ ହୋଇଛି ବୋମାମାଡ଼। ସୋମବାର ସନ୍ଧ୍ୟା ସମୟରେ ଦୁଇଜଣ ଦୁର୍ବୃତ୍ତ ଏକ ବାଇକ୍‌ରେ ଆସି ଏହି ବୋମାମାଡ଼ କରିଛନ୍ତି। ସବୁଠୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ବର୍ତ୍ତମାନ ଷ୍ଟାଡିୟମରେ ଚାଲିଛି ଦିବାରାତ୍ର ସେବାୟତ ପ୍ରିମିୟର ଲିଗ୍ କ୍ରିକେଟ। ଷ୍ଟାଡିୟମ ଭିତରେ ମ୍ୟାଚ୍ ଚାଲିଥିବା ବେଳେ ପାଚେରୀରେ ବୋମାମାଡ଼ ସମସ୍ତଙ୍କ ମନରେ ଭୟ ସୃଷ୍ଟି କରିଛି।ବାସ୍ତବରେ ଦୁର୍ବୃତ୍ତମାନେ କାହାକୁ ଟାର୍ଗେଟ କରି ଏପରି ବୋମାମାଡ଼ କରିଥିଲେ ତାହା ସ୍ପଷ୍ଟ ହୋଇ ନ ଥିବାବେଳେ ପୁଲିସ ତଦନ୍ତ ଚଳାଇଛି। ଗତ ୧୫ ତାରିଖଠାରୁ ଶ୍ରୀଜଗନ୍ନାଥ କ୍ରିକେଟ ଷ୍ଟାଡିୟମରେ ଆରମ୍ଭ ହୋଇଛି ସେବାୟତ ପ୍ରିମିୟର ଲିଗ୍। ଶ୍ରୀମନ୍ଦିର ଟ୍ରଫି ନାମରେ ଏହି ପ୍ରତିଯୋଗିତାରେ ୧୪ଟି ସେବାୟତ ନିଯୋଗ ଅଂଶଗ୍ରହଣ କରିଛନ୍ତି। ସୋମବାର ତୃତୀୟ ଦିନରେ ୩ଟି ମ୍ୟାଚ୍ ରହିଥିଲା। ଦଇତାପତି ନିଯୋଗ ସହିତ ଖୁଣ୍ଟିଆ ନିଯୋଗ, ପୁଷ୍ପାଳକ ନିଯୋଗ ସହିତ ପୂଜାପଣ୍ଡା ନିଯୋଗ ଏବଂ ପାଟରା ବିଶୋଇ ନିଯୋଗ ସହିତ ଗରାବଡୁ ନିଯୋଗ ମ୍ୟାଚ୍ ଥିଲା। ଅତିଥି ଭାବେ ସାଂସଦ ଡ. ସମ୍ବିତ ପାତ୍ର ଯୋଗଦେଇଥିଲେ। ତେବେ ପୁଷ୍ପାଳକ ନିଯୋଗ ଓ ପୂଜାପଣ୍ଡା ନିଯୋଗ ମ୍ୟାଚ୍ ଚାଲିଥିବା ବେଳେ ସନ୍ଧ୍ୟା ସମୟରେ ଷ୍ଟାଡିୟମ ମୁଖ୍ୟ ପ୍ରବେଶ ପଥ ନିକଟ ପାଚେରୀରେ ହଠାତ୍ ବୋମାମାଡ଼ ହୋଇଥିଲା। ପ୍ରତ୍ୟକ୍ଷଦର୍ଶୀଙ୍କ କହିବା ମୁତାବକ, ଦୁଇଜଣ ଦୁର୍ବୃତ୍ତ ଏକ ବାଇକ୍‌ରେ ଆସି ୪ଟି ବୋମା ଫିଙ୍ଗିଥିଲେ। ଗୋଟିଏ ବୋମା ପାଚେରୀରେ ବାଜି ଫୁଟିଥିବା ବେଳେ ୩ଟି ଅଫୁଟା ରହିଥିଲା। ଷ୍ଟାଡିୟମରେ ମ୍ୟାଚ୍ ଚାଲିଥିବା ବେଳେ ଏଭଳି ବୋମାମାଡକୁ ନେଇ ଅନେକ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।



# ଆପାର୍ଟମେଣ୍ଟ ଲୁଟେରାକୁ ଏନ୍‌କାଉଣ୍ଟର



ଭୁବନେଶ୍ୱର (ଭାସ୍କର ନ୍ୟୁଜ୍): କମିଶନରେଟ ପୋଲିସକୁ ଆଉ ଏକ ସଫଳତା। ରାଜଧାନୀରେ ପୋଲିସର ଏନକାଉଣ୍ଟର। ଏହା ସହିତ ଏକ ଆପାର୍ଟମେଣ୍ଟ ଲୁଟେରାକୁ କାବୁ କରିବାରେ ସଫଳ ହୋଇଛି ପୋଲିସ। ଭୁବନେଶ୍ୱର ଉପକଣ୍ଠ ବାଲିଅନ୍ତା କେନାଲ ବନ୍ଧରେ ଏନକାଉଣ୍ଟର ହୋଇଛି। ରାଜ୍ୟ ବାହାରର ଲୁଟେରାକୁ ଏନକାଉଣ୍ଟର କରିଛି ପୋଲିସ। ଏନକାଉଣ୍ଟରରେ ଆହତ ହୋଇଛି ଆପାର୍ଟମେଣ୍ଟ ଲୁଟେରା ଅର୍ଜୁନ ଅନାରେ। ଅର୍ଜୁନର ବାମ ପଟ ଆଣ୍ଠୁରେ ବାଜିଛି ଗୁଳି। ଗୁରୁତର ଅବସ୍ଥାରେ ତାକୁ ପ୍ରଥମେ ଭୁବନେଶ୍ୱର କ୍ୟାପିଟାଲ ହସ୍ପିଟାଲ ଏବଂ ପରେ ଏମ୍ସ ସ୍ଥାନାନ୍ତର କରାଯାଇଛି। ମଧ୍ୟପ୍ରଦେଶରୁ ଆସି ରାଜଧାନୀରେ ଲୁଟପାଟ୍ ଚଳାଇଥିଲା ଅର୍ଜୁନ। ଡକାୟତି ଗ୍ୟାଙ୍ଗରେ ମୋଟ ୫ ଜଣ ଥିଲେ। ଏନକାଉଣ୍ଟରରେ ଅର୍ଜୁନ ଆହତ ହୋଇଥିବା ବେଳେ ଗ୍ୟାଙ୍ଗର ଅନ୍ୟ ୪ ସଦସ୍ୟ ଫେରାର ହୋଇଯାଇଛନ୍ତି। ବାଲିଅନ୍ତା ଥାନା ପୋଲିସ ପାଟ୍ରୋଲିଂ କରୁଥିବା ବେଳେ ହଠାତ୍ ଅର୍ଜୁନ ଆନାରେ ଓ ତାର ଗ୍ରୁପ ଆପାର୍ଟମେଣ୍ଟ ଲୁଟ୍ କରିବା ପାଇଁ ଯୋଜନା କରୁଥିବା ପୋଲିସ ଦେଖିବାକୁ ପାଇଥିଲା। ପୋଲିସକୁ ଦେଖି ଅର୍ଜୁନ ସହ ତାଙ୍କ ଗ୍ରୁପ୍ ଫେରାର୍ ହେଉଥିବା ବେଳେ ପୋଲିସ ତାଙ୍କୁ ଗୋଡ଼ାଇଥିଲେ। ସେହି ସମୟରେ ବାଲିଅନ୍ତା କେନାଲ ବନ୍ଧ ଉପରେ ଅର୍ଜୁନ ପୋଲିସ ଉପରକୁ ଗୁଳି ମାଡ଼ କରିଥିଲା। ତେବେ ପୋଲିସ ମଧ୍ୟ ପାଲଟା ଜବାବ ଦେଇଥିଲା। ଲୁଟେରାର ଆଣ୍ଠୁରେ ଗୁଳି ବାଜିଥିବା ବେଳେ ଆହତ ଅବସ୍ଥାରେ ତାକୁ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। କିଛି ଦିନ ପୂର୍ବରୁ ବରିଷ୍ଠ କଂଗ୍ରେସ ନେତା ନିରଞ୍ଜନ ପଟ୍ଟନାୟକଙ୍କ ଆପାର୍ଟମେଣ୍ଟରୁ ମଧ୍ୟ ଚୋରି ହୋଇଥିଲା। ପୋଲିସ ଦୀର୍ଘ ୧୮ ଦିନର ତଦନ୍ତ ପରେ ରାଜ୍ୟ ବାହାରର ଜଣେ ଲୁଟେରାକୁ ଗିରଫ କରିଥିଲା। ଜାନୁଆରୀ ୨୫ ତାରିଖରେ ନିରଞ୍ଜନ ପଟ୍ଟନାୟକଙ୍କ ଘରୁ ଚୋରି ହୋଇଥିବାବେଳେ ପୋଲିସ ମୁଖ୍ୟ ଅଭିଯୁକ୍ତକୁ ବିଶାଖାପାଟଣାରୁ ଗିରଫ କରିଥିଲା।

# ବିଧାନସଭାରେ ୱାଲଟିଅର ଝଡ଼
## ଶୂନ୍ୟକାଳରେ ପ୍ରସଙ୍ଗ ଉଠାଇଲେ ବିରୋଧୀ ଦଳ ଉପନେତା

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଡବଲ ଇଞ୍ଜିନ ସରକାର ଓଡିଶାର ରେଳ ଇଞ୍ଜିନକୁ ବନ୍ଦ କରିବାକୁ ଯୋଜନା କରଛନ୍ତି । ୱାଲଟିୟର ଡିଭିଜନକୁ ପୂର୍ବତଟ ରେଳବାଇରୁ ଅଲଗା କରାଯିବା ଦ୍ୱାରା ଓଡ଼ିଶାକୁ ଖୁବ କ୍ଷତି ହେବ । ରେଳବାଇ ରାଜ୍ୟ କୈନ୍ଦ୍ରିକ ହେବା ଉଚିତ ନୁହେଁ । ଯଦି ଏହାକୁ ରାଜ୍ୟ କୈନ୍ଦ୍ରିକ କରାଯାଉଛି ତେବେ ଓଡିଶା ପାଇଁ ମଧ୍ୟ ଏପରି କରାଯାଉ । ଅନ୍ୟ ଜୋନରେ ଥିବା ଓଡିଶାର ଅଂଚଳ ଗୁଡିକୁ ପୂର୍ବତଟ ରେଳବାଇରେ ସାମିଲ କରାଯାଉ । ଆଜି ବିଧାନସଭାରେ ଏହି ପ୍ରସଙ୍ଗ ଉଠାଇଛନ୍ତି ବିରୋଧୀ ଦଳର ଉପ ନେତା ପ୍ରସନ୍ନ ଆଚାର୍ଯ୍ୟ । ଶ୍ରୀ ଆଚାର୍ଯ୍ୟ କହିଛନ୍ତି ଯେ, ଚଳିତ ମାସ ୭ ତାରିଖ ରେଳ ଓଡିଶାରେ ରେଳ କ୍ଷେତ୍ର ପାଇଁ ଦୁର୍ଭାଗ୍ୟ ଓ କଳା ଦିନ ଥିଲା । ପ୍ରଧାନମନ୍ତ୍ରୀଙ୍କ ଅଧକ୍ଷତାରେ ବସିଥିବା କ୍ୟାବିନେଟରେ ଯାହା ନିଷ୍ପତି ନେଇଥିଲେ, ତାହା ଓଡ଼ିଶାର ସ୍ୱାର୍ଥକୁ ଆଘାତ ଦେଇଛି । ପୂର୍ବତଟ ରେଳ ପଥକୁ ଓଡ଼ିଶାର ଗର୍ବ ବୋଲି କୁହାଯାଏ । ପୂର୍ବତଟ ରେଳବାଇ ସବୁଠାରୁ ଲାଭ ଦେଉଥିବା ଜୋନ । କେନ୍ଦ୍ରକୁ ପ୍ରତି ବର୍ଷ ୨୫ ହଜାରରୁ ୩୦ ହାଜର କୋଟିର ଅବଦାନ ଦେଉଛି ପୂର୍ବତଟ ରେଳବାଇ । କିନ୍ତୁ ଦୁର୍ଭାଗ୍ୟ ଯେ ୭ ତାରିଖ ଦିନ କେନ୍ଦ୍ର ସରକାର ପୂର୍ବତଟ ରେଳବାଇ ଜୋନକୁ ବିକଳାଙ୍ଗ କରିଦେଲେ । ଯାହାକି ଓଡ଼ିଶା ସ୍ୱାର୍ଥକୁ ଆଘାତ ଦେଇଛି । ୱାଲ୍ଟିୟର ଡିଭିଜନକୁ ପୂର୍ବତଟ ରେଳବାଇର ଅଲଗା କରି ଦକ୍ଷିଣ ତଟ ଜୋନରେ ମିଶାଇଛନ୍ତି । ଏଥିରେ ଆମର ଆପତ୍ତି ନାହିଁ । ଏସବୁ ରେଳ ଲାଇନ ପୂର୍ବତଟ ରେଳବାଇ ଜୋନରେ ମିଶାଯାଉ ବୋଲି ସେ ଦାବି କରିଛନ୍ତି । ବିହାର, ଆନ୍ଧ୍ର ପାଇଁ ଗୋଟିଏ କଥା, ଓଡ଼ିଶା ପାଇଁ ଆଉ ଗୋଟିଏ । ଦୁଃଖର କଥା ଓଡ଼ିଶାର ରେଳମନ୍ତ୍ରୀ ଓଡ଼ିଶାର । ଏଥିରେ ରାଜନୀତି ନହେବା ଦରକାର, ଏଥିପାଇଁ ସବୁ ଦଳ ଏକାଠି ହେବା ଆବଶ୍ୟକ । ଓଡ଼ିଶାର ଯେଉଁ ଜୋନ ଓଡିଶା ବାହାରେ ଅଛି, ତାହାକୁ ଓଡ଼ିଶାରେ ମିଶାଯାଉ । ଆମେ ତାଙ୍କୁ ସ୍ୱାଗତ କରିବୁ । ୱାଲଟିଅର ଡିଭିଜନକୁ ବିଶାଖାପାଟଣାରେ ମିଶାଇଦେବା ପ୍ରସଙ୍ଗରେ ସରକାରଙ୍କୁ ସମାଲୋଚନା କରିଛନ୍ତି ପ୍ରସନ୍ନ ଆର୍ଚାଯ୍ୟ । ଏହାସହ ଏହି ପ୍ରସଙ୍ଗରେ ଅଧିକ ଆଲୋଚନା ପାଇଁ ଦାବିକରି ଗୃହ ମଧ୍ୟ ଭାଗରେ ବିଜେଡ଼ି ବିଧାୟକ ମାନେ ହୋହାଲ୍ଲା ଓ ନାରାବାଜି କରିଥିବା ଦେଖିବାକୁ ମିଳିଥିଲା । । ସେହିପରି ଶୂନ୍ୟକାଳରେ କେନ୍ଦ୍ର ଉପରେ ବିଜେଡ଼ି ବିଧାୟକ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ମଧ୍ୟ ବର୍ଷିଥିଲେ । ସେ କେନ୍ଦ୍ର କ୍ୟାବିନେଟର ରିଜୋଲ୍ୟୁସନ୍ ଚିରି ପକାଇବା ଦେଖିବାକୁ ମିଳିଥିଲା ।


## AFFIDAVIT

By virtue of an affidavit sworn before The Executive Magistrate, Bhubaneswar C.F. No.41, dated 03.02.2025. I Subas Chandra Mantri, S/o- Late Khali Mantri, resident of At/Post- Kishoreprasad, Ps- Gania, Dist- Nayagarh, declares that I have changed my minor son's name from Saishree to Sai Sriman Mantri. Henceforth he shall be known as Sai Sriman Mantri for all purposes.

**Sd/- Subas Chandra Mantri**



## ଦ.ପୂ. ରେଳପଥ-ଟେଣ୍ଡର

ଟେଣ୍ଡର ନୋଟିସ ନମ୍ବର: ଟିଆରଡି-କେଜିପି-ଡବ୍ଲୁ-୨୦୨୪-୨୫-୨୪, ତାରିଖ: ୧୪.୦୨.୨୦୨୫। ଭାରତର ରାଷ୍ଟ୍ରପତିଙ୍କ ପାଇଁ ଓ ପକ୍ଷରୁ ନିମ୍ନଲିଖିତ କାର୍ଯ୍ୟ ପାଇଁ ଡିଭିଜନାଲ ଇଲେକ୍ଟ୍ରିକାଲ ଇଞ୍ଜିନିୟର/ ଟିଆରଡି, ଦକ୍ଷିଣ ପୂର୍ବ ରେଳପଥ, ଖଡ୍ଗପୁର-୭୨୧୩୦୧ ନିର୍ଦ୍ଦିଷ୍ଟ ସମୟରେ ଉଲ୍ଲେଖ କରାଯାଇଥିବା ତାରିଖରେ ୧୫.୦୦ ଘଣ୍ଟା ପୂର୍ବରୁ ନିମ୍ନଲିଖିତ କାର୍ଯ୍ୟ ପାଇଁ ଇ-ଟେଣ୍ଡର ଆମନ୍ତ୍ରଣ କରୁଛି ଏବଂ ଏହା ୧୫.୩୦ ଘଣ୍ଟାରେ ଖୋଲାଯିବ। କାର୍ଯ୍ୟର ବର୍ଣ୍ଣନା: ଟିଡବ୍ଲୁଏସ ୩ ସେଟ୍ ଏବଂ ଅନେକ ଲାଇନ ସ୍ଥାନାନ୍ତର ଏବଂ ନବୀକରଣ ଦ୍ୱାରା ପଶ୍ଚିମ ପାର୍ଶ୍ୱରେ ଲେଆଉଟ୍ ସଂଶୋଧନ। ଟେଣ୍ଡର ମୂଲ୍ୟ: ଟ.୨୯,୭୩,୪୬୮.୨୦। ସର୍ବଶ୍ରେଷ୍ଠ ଟଙ୍କା ଜମା: ୫୯,୫୦୦। ଟେଣ୍ଡର ଡକ୍ୟୁମେଣ୍ଟର ମୂଲ୍ୟ: ନାହିଁ। ଖୋଲିବାର ତାରିଖ: ୧୧.୦୩.୨୦୨୫। ସମାପ୍ତି ଅବଧି: ୦୬(ଛଅ)ମାସ। ଦାଖଲ ତାରିଖ: ୧୧.୦୩.୨୦୨୫ ତାରିଖର ୧୫.୦୦ ଘଣ୍ଟା ପର୍ଯ୍ୟନ୍ତ। ଆଗ୍ରହୀ ଟେଣ୍ଡରଦାତାମାନେ ଟେଣ୍ଡରର ସମ୍ପୂର୍ଣ୍ଣ ବିବରଣୀ, ବର୍ଣ୍ଣନା, ନିର୍ଦ୍ଦିଷ୍ଟକରଣ ପାଇଁ www.ireps.gov.in ୱେବସାଇଟ୍ ପରିଦର୍ଶନ କରିପାରିବେ ଏବଂ ସେମାନଙ୍କର ବିଡ୍ ଅନଲାଇନରେ ଦାଖଲ କରିପାରିବେ। କୌଣସି ପରିସ୍ଥିତିରେ ଏହି କାର୍ଯ୍ୟ ପାଇଁ ମାନୁଆଲ୍ ଟେଣ୍ଡର ଗ୍ରହଣ କରାଯିବ ନାହିଁ। ଟିପ୍ପଣୀ: ସମସ୍ତ ଟେଣ୍ଡରରେ ଅଂଶଗ୍ରହଣ କରିବା ପାଇଁ ସମ୍ଭାବ୍ୟ ବିଡ୍ରଦାତାମାନେ ନିୟମିତ ଭାବରେ www.ireps.gov.in ପରିଦର୍ଶନ କରିପାରିବେ।

(PR-1140)


## ୫୨୪୮ ଏମ୍‌ବିବିଏସ୍ ଡାକ୍ତର ଓ ୧୨୬ ଜଣ ଦନ୍ତ ଚିକିତ୍ସକଙ୍କୁ ଦିଆଯିବ ନିଯୁକ୍ତି: ସ୍ୱାସ୍ଥ୍ୟ ମନ୍ତ୍ରୀ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଖାଲିଥିବା ୫୨୪୮ ଏମବିବିଏସ ଡାକ୍ତର ପଦବୀ ପୂରଣ ନିମନ୍ତେ ଲୋକସେବା ଆୟୋଗକୁ ଅନୁରୋଧ କରାଯାଇଛି । ଠିକ୍ ସେହିପରି ୧୨୬ଟି ଦନ୍ତ ଚିକିତ୍ସକଙ୍କୁ ନିଯୁକ୍ତି ନିମନ୍ତେ ଆୟୋଗକୁ ସୁପାରିଶ କରାଯାଇଛି। ସ୍ୱାସ୍ଥ୍ୟ ମନ୍ତ୍ରୀ ଡକ୍ଟର ମୁକେଶ ମହାଲିଙ୍ଗ ବିଧାନସଭାରେ ଏ ସମ୍ପର୍କରେ ସୂଚନା ଦେଇଛନ୍ତି । ସେ କହିଛନ୍ତି ଯେ, ଯେ ସବୁ ଜିଲ୍ଲାହସ୍ପିଟାଲରେ ଡେ କେୟାର ସେଂଟର ଓ କେମୋଥେରାପି ବ୍ୟବସ୍ଥା କରାଯିବ। ସାଟେଲାଇଟ ସେଣ୍ଟରର ଉଦ୍ଦେଶ୍ୟ ହେଉଛି, ଯେଉଁ ପୁରୁଣା ଭିତ୍ତିଭୂମି ଅଛି, ତାହା ବ୍ୟବହାର କରିବା ସହ ପ୍ରାଥମିକ ସ୍ୱାସ୍ଥ୍ୟ ସେବା ଯୋଗାଇବା । ଭଦ୍ରକ, ଝାରସୁଗୁଡା, ଢେଙ୍କାନାଳ, କେନ୍ଦ୍ରାପଡ଼ା, ସୁବର୍ଣ୍ଣପୁର, ଦେବଗଡ଼, କଳାହାଣ୍ଡି, ଯାଜପୁର ଓ ବୌଦ୍ଧରେ ସାଟେଲାଇଟ ସେଂଟର ଖୋଲିବାକୁ ପ୍ରସ୍ତାବ ଆସିଛି। ସାଟେଲାଇଟ ସେଂଟରରେ ଦଶଟି ଅବଜରଭେସନ ବେଡ୍ ରହିବ। ଜିଲ୍ଲା ହସ୍ପିଟାଲକୁ ରୋଗୀ ସ୍ଥାନାନ୍ତର ଲାଗି କ୍ୟାମ୍ପସରେ ୨୪ଘଣ୍ଟା ଆମ୍ବୁଲାନ୍ସ ସେବା ଯୋଗାଇ ଦିଆଯିବ।

## ଆଦିବାସୀ ଅଧିକାର ରାଷ୍ଟ୍ରୀୟ ମଞ୍ଚ ତରଫରୁ ବିକ୍ଷୋଭ

କଟକ(ଭାସ୍କର ନ୍ୟୁଜ୍): ସୋମବାର ଆଦିବାସୀ ଅଧିକାର ରାଷ୍ଟ୍ରୀୟ ମଞ୍ଚ, କଟକ ଜିଲ୍ଲା ତରଫରୁ ଏହି ଦାବିପତ୍ର ଦିଆଯାଇଛି। ଟାଙ୍ଗୀ ଚୌଦ୍ୱାର ବ୍ଲକ୍, ଆଠଗଡ଼ ବ୍ଲକ୍ ଓ ବାରଙ୍ଗ ବ୍ଲକ୍‌ର ବହୁ ଯୁବକ ଓ ଛାତ୍ର ଏହି ବିକ୍ଷୋଭରେ ଯୋଗଦେଇ ୫ଦଫା ସମ୍ବଳିତ ଦାବି ଉପରେ ଜିଲ୍ଲାପାଳଙ୍କ ସହ ଆଲୋଚନା କରିଥିଲେ। ଛାତ୍ର ନେତା ନରେନ୍ଦ୍ର ହେମ୍ବ୍ରମ, କୁନି ସିଂ, ଯୁବ ନେତା ସନ୍ତୋଷ ଚଳା, ଗୋଲକ ଚନ୍ଦ୍ର ମହାନ୍ତ, ମୁକୁନ୍ଦ କୁଇଁକେଲ ପ୍ରମୁଖ ଏକ ୫ଜଣିଆ ପ୍ରତିନିଧି ମଣ୍ଡଳୀ ଆଲୋଚନାକୁ ଯାଇଥିଲେ। କୃଷକ ନେତା ରମେଶ ବେହେରା ସେମାନଙ୍କ ସହ ଉପସ୍ଥିତ ଥିଲେ। କଟକ ଗ୍ରାମାଞ୍ଚଳ ଏସ୍‌ପି ଅଫିସ୍ ଠାରୁ ଏକ ଶୋଭାଯାତ୍ରା ଜିଲ୍ଲାପାଳଙ୍କ ଅଫିସ୍ ପର୍ଯ୍ୟନ୍ତ ଯାଇଥିଲା।

## ରାଜ୍ୟରେ ଆଇଏଏସ୍,ଆଇପିଏସ୍ ମରୁଡ଼ି

ଭୁବନେଶ୍ୱର,୧୭।୨(ଭାସ୍କର ନ୍ୟୁଜ): ରାଜ୍ୟରେ ଆଇଏଏସ୍ ଓ ଆଇପିଏସ୍‌ଙ୍କ ସଂଖ୍ୟା କେତେ ? ଏବେ ସେଥିରୁ କେତେ ପଦବୀ ଖାଲି ପଡ଼ିଛି ଏବଂ କେତେଜଣ ୫ ବର୍ଷରୁ ଅଧିକ ସମୟ କେନ୍ଦ୍ରୀୟ ଡେପୁଟେସନରେ ରହିଛନ୍ତି ସେ ନେଇ ବିଧାନସଭାରେ ସୂଚନା ଦେଇଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ସେ କହିଛନ୍ତି, ଓଡ଼ିଶା କ୍ୟାଡରରେ ଅନୁମୋଦିତ ଆଇଏଏସ୍ ପଦବୀ ସଂଖ୍ୟା ୨୪୮। ଏବେ ରାଜ୍ୟ କ୍ୟାଡରରେ ୧୮୨ଜଣ ଅଫିସର କାର୍ଯ୍ୟରତ ଅଛନ୍ତି। ୬୬ଟି ପଦବୀ ଖାଲି ପଡ଼ିଛି। ୨ଜଣ ଆଇଏଏସ୍ ଅଧିକାରୀ ଆନ୍ତଃରାଜ୍ୟ ଡେପୁଟେସନରେ କାର୍ଯ୍ୟରତ ଥିବାବେଳେ ୨୨ଜଣ ଆଇଏଏସ୍ କେନ୍ଦ୍ରୀୟ ଡେପୁଟେସନରେ ରହିଛନ୍ତି। ସେମାନଙ୍କ ମଧ୍ୟରୁ ୮ଜଣ ୫ ବର୍ଷରୁ ଅଧିକ ସମୟ ଧରି କେନ୍ଦ୍ରୀୟ ଡେପୁଟେସନରେ ରହିଛନ୍ତି। ପ୍ରଶାସନିକ ଆବଶ୍ୟକତା ଭିତ୍ତିରେ ଅଫିସରମାନଙ୍କୁ ରାଜ୍ୟକୁ ଫେରାଇ ଆଣିବାପାଇଁ ସରକାର ପଦକ୍ଷେପ ନେଉଥିବା ମୁଖ୍ୟମନ୍ତ୍ରୀ କହିଥିଲେ। ସେହିପରି ଆଇପିଏସ୍ ଅଧିକାରୀଙ୍କ ସଂଖ୍ୟା ରାଜ୍ୟରେ ୧୯୫ ରହିବାର ଥିବାବେଳେ ୬୯ଟି ପଦବୀ ଖାଲି ପଡ଼ିଛି। ୧୦ଜଣ ଆଇପିଏସ୍ ଅଧିକାରୀ ୫ ବର୍ଷରୁ ଅଧିକ ସମୟ ଧରି କେନ୍ଦ୍ରୀୟ ଡେପୁଟେସନରେ ରହିଛନ୍ତି। ତେବେ ମୁଖ୍ୟମନ୍ତ୍ରୀଙ୍କ ଏହି ବୟାନ ପରେ ରାଜନୈତିକ ବୟାନବାଜି ଜୋର ଧରିଛି। ବିଜେଡି ଓ ବିଜେପି ପରସ୍ପରକୁ ଏ ନେଇ ଦୋଷାରୋପ କରିଛନ୍ତି।

## ଦୟାନନ୍ଦ ସରସ୍ୱତୀଙ୍କ ଜୟନ୍ତୀ

କଟକ(ଭାସ୍କର ନ୍ୟୁଜ୍): ପତଞ୍ଜଳି ଯୋଗପୀଠ ଆନୁକୁଲ୍ୟରେ ମହାନଦୀବିହାର ପ୍ରତୀକ୍ଷା ଯୋଗ କେନ୍ଦ୍ର ଠାରେ ବରିଷ୍ଠ ଯୋଗ ପ୍ରଶିକ୍ଷକ ସତ୍ୟ ରଞ୍ଜନ ଷଡ଼ଙ୍ଗୀଙ୍କ ପୌରହିତ୍ୟରେ ମହର୍ଷି ଦୟାନନ୍ଦ ସରସ୍ୱତୀଙ୍କ ଦ୍ୱିଶତ ଜନ୍ମବାର୍ଷିକୀ ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ସାମୂହିକ ବୈଦିକ ଯଜ୍ଞ ଅନୁଷ୍ଠିତ ହେବା ସହ ଗୀତା ପାଠ, ଭାଗବତ, ଜଗନ୍ନାଥ ଅଷ୍ଟକମ୍ ଓ ହନୁମାନ ଚାଳିଶା ପାଠ ହୋଇଥିଲା। କାର୍ଯ୍ୟକ୍ରମରେ ମଧ୍ୟରେ ଜୟଶ୍ରୀ ମହାନ୍ତି, ଗୀତାଳି ଶତପଥୀ, ମୀରା ରାୟ, ସ୍ମୃତି ସ୍ନିଗ୍ଧା ମହାପାତ୍ର, ପ୍ରମିତା ମଙ୍ଗରାଜ, ଅମୂଲ୍ୟ ମହାନ୍ତି, ଅଚ୍ୟୁତ ନାୟକ, ପୂର୍ଣ୍ଣ ଚନ୍ଦ୍ର ବେହେରା, ରଶ୍ମିତା ଦଳାଇ, ପ୍ରଭାସିନୀ ନାୟକ ଅନାମିକା ହୋତା, ନିରୂପମା ମହାନ୍ତି, ଚିନ୍ମୟ ସେନାପତି, ସୁଧାଂଶୁ ମହାନ୍ତି, ଶାନ୍ତିଲତା ସିଂ, ବିଦ୍ୟୁଲତା ସାମଲ, ସୁଜାତା ସାମନ୍ତରାୟ, ଅପର୍ଣ୍ଣା ଶତପଥୀ ଓ ପ୍ରମିଳା ବସ୍ତିଆ ପ୍ରମୁଖ କାର୍ଯ୍ୟକ୍ରମଟିକୁ ପରିଚାଳନାରେ କରିଥିବା ବେଳେ ସମାଜସେବୀ କିଷନଲାଲ ଭରତିଆ ଧନ୍ୟବାଦ ଅର୍ପଣ କରିଥିଲେ ।

## ରାଜ୍ୟର ୧୨ଟି ମୁଖ୍ୟ ଚିକିତ୍ସାଳୟରେ ନାହିଁ ଆଇସିୟୁ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ରାଜ୍ୟର ୩୨ଟି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ମଧ୍ୟରୁ ୧୨ ଟିରେ ନାହିଁ ଆଇସିୟୁ ବ୍ୟବସ୍ଥା । ଢେଙ୍କାନାଳ, ଝାରସୁଗୁଡା, ରାୟଗଡ଼ା, ରାଉରକେଲା ଆଇଜିଏଚରେ ନିର୍ମାଣାଧୀନ ରହିଛି ଆଇସିୟୁ । ଏପ୍ରିଲ ୨୦୨୫ ରୁ କୋରାପୁଟ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଆଇସିୟୁ କାର୍ଯ୍ୟକାରୀ ହେବ । ଏନେଇ ବିଧାନସଭାରେ ଲିଖିତ ଉତ୍ତର ରଖିଛନ୍ତି ସ୍ୱାସ୍ଥ୍ୟ ମନ୍ତ୍ରୀ ମୁକେଶ ମହାଲିଙ୍ଗ ।

# ୨୦ରେ ଶପଥ ନେବେ ଦିଲ୍ଲୀର ନୂଆ ମୁଖ୍ୟମନ୍ତ୍ରୀ

ନୂଆଦିଲ୍ଲୀ: ଆସନ୍ତା ୨୦ ତାରିଖ ଅପରାହ୍ନ ୪.୩୦ରେ ଶପଥ ଗ୍ରହଣ କରିବେ ଦିଲ୍ଲୀର ନୂଆ ମୁଖ୍ୟମନ୍ତ୍ରୀ। ଏହି ଶପଥଗ୍ରହଣ ସମାରୋହ ରାମଲୀଳା ମଇଦାନରେ ଅନୁଷ୍ଠିତ ହେବା ନେଇ ସୂଚନା ମିଳିଛି। ଶପଥଗ୍ରହଣ ଉତ୍ସବରେ ୩ଟି ମଞ୍ଚ ନିର୍ମାଣ କରାଯିବ। ମଞ୍ଚରେ ବସିବା ପାଇଁ ୧୦୦ରୁ ୧୫୦ ଚେୟାର ରହିବ। ସାଧାରଣ ଲୋକଙ୍କ ବସିବା ପାଇଁ ୩୦ହଜାର ଚେୟାର ପକାଯିବ। ଦିଲ୍ଲୀ ବିଧାନସଭା ନିର୍ବାଚନରେ ବିଜେପିର ବଡ଼ ବିଜୟ ପରେ ଏପରି ଏକ ଶପଥ ସମାରୋହ ଅନୁଷ୍ଠିତ ହେବାକୁ ଯାଉଛି। ଅନ୍ୟପକ୍ଷରେ ଦିଲ୍ଲୀର ପୂର୍ବତନ ମୁଖ୍ୟମନ୍ତ୍ରୀ ଆତିଶୀ ବିଜେପି ଉପରେ ପ୍ରବଳ ବର୍ଷିବା ସହ କହିଛନ୍ତି ଯେ ଦିଲ୍ଲୀ ନିର୍ବାଚନ ଫଳାଫଳ ଘୋଷଣା ହେବାର ଇତିମଧ୍ୟରେ ୧୧ଦିନ ବିତିଗଲାଣି। ଦିଲ୍ଲୀବାସୀ ଆଶା କରୁଥିଲେ, ବିଜେପି ୯ ତାରିଖରେ ମୁଖ୍ୟମନ୍ତ୍ରୀ ପ୍ରାର୍ଥୀଙ୍କ ନାମ ଘୋଷଣା କରିବ ଓ ୧୦ ତାରିଖରେ ଶପଥ ଗ୍ରହଣ ଉତ୍ସବ ଅନୁଷ୍ଠିତ ହେବ। କିନ୍ତୁ ଦିଲ୍ଲୀବାସୀଙ୍କ ଅପେକ୍ଷାର ଅନ୍ତଃ ହୋଇପାରି ନାହିଁ। ୪୮ଜଣ ବିଧାୟକଙ୍କର ଏକମାତ୍ର କାମ ହେଉଛି ଦିଲ୍ଲୀର ଲୋକଙ୍କୁ ଲୁଟିବା। ମୁଖ୍ୟମନ୍ତ୍ରୀ ପଦବୀ ପାଇଁ ବହୁ ଦାବିଦାର ଥିବାରୁ ହାଇକମାଣ୍ଡ ଚୂଡ଼ାନ୍ତ ନିଷ୍ପତ୍ତି ନେଇପାରୁନାହାନ୍ତି ବୋଲି ଆତିଶୀ ଅଭିଯୋଗ ଆଣିଛନ୍ତି।


୧୬୮/୨୮.୦୧.୨୦୨୫

ନୋଟିସ୍
ମାନ୍ୟବର ଆଡିସନାଲ କମିଶନର, ଶ୍ରୀ ପ୍ରଦୀପ କୁମାର ନାୟକ, ଓ.ଏ.ସ. (ଏସ୍.ଏସ୍.)
ଆଡିସନାଲ ଡିଭିଜନ କୋର୍ଟ ନଂ୪ଙ୍କ ଅଦାଲତ, ଭୁବନେଶ୍ୱର ଚତୁର୍ଥ ମହଲା ହେଡ୍ସ ଅଫ୍ ଡିପାର୍ଟମେଣ୍ଟ ବିଲଡିଂ ଭୁବନେଶ୍ୱର
ଓ.ଏସ.ଏସ କେସ ନଂ ୫୨୪/୨୦୨୩
ସୁଦର୍ଶନ ସାହୁ..... ବାଦୀ/ ଦରଖାସ୍ତକାରୀ
ବନାମ
ସେଟଲମେଣ୍ଟ ଅଫିସର କଟକ ଓ ଅନ୍ୟମାନେ.... ପ୍ରତିବାଦୀ/ ଅପରପକ୍ଷ

ପ୍ରାପ୍ତେଷୁ
୧. ରସ ବେଓ୍ୱା, ସ୍ୱାମୀ-୰ ନାରାୟଣ ଭୁଜବଳ, ସା/ପୋ- ଘଟିକିଆ, ଥାନା- ଖଣ୍ଡଗିରି, ଭୁବନେଶ୍ୱର, ଜିଲ୍ଲା-ଖୋର୍ଦ୍ଧା
୨. କାର୍ତ୍ତିକ ଭୁଜବଳ, ପି-୰ ରଘୁ ଭୁଜବଳ, ସା/ପୋ- ଘଟିକିଆ, ଥାନା- ଖଣ୍ଡଗିରି, ଭୁବନେଶ୍ୱର, ଜିଲ୍ଲା- ଖୋର୍ଦ୍ଧା
୩. ପୂର୍ଣ୍ଣଚନ୍ଦ୍ର ଭୁଜବଳ, ପି- ୰ ସୁବଳ ଭୁଜବଳ, ସା/ପୋ- ଘଟିକିଆ, ଥାନା- ଖଣ୍ଡଗିରି, ଭୁବନେଶ୍ୱର, ଜିଲ୍ଲା- ଖୋର୍ଦ୍ଧା
୪. ରାଜଶ୍ରୀ ସାମଲ, ସ୍ୱାମୀ- ଜୟକୃଷ୍ଣ ନାୟକ, ସା- ଜୟପ୍ରକାଶ ନଗର, ଥା- ବୈଦ୍ୟନାଥପୁର, ଜି- ଗଞ୍ଜାମ.... ପ୍ରତିବାଦୀ ନଂ ୪,୯,୧୦ ଓ ୧୧

ନୋଟିସ୍
ସିପିସି ଅର୍ଡର ନଂ ୫, ରୁଲ-୨୦ ମୁତାବକ ବାଦୀଙ୍କ ଦ୍ୱାରା ଓଡ଼ିଶା ବନ୍ଦୋବସ୍ତ ଆଇନ-୧୯୫୮ ଥାନା-୧୫(ଖ) ମୁତାବକ ମାନ୍ୟବର ଆଡିସନାଲ କମିଶନର, ଆଡିସନାଲ ରିଭିଜନ କୋର୍ଟ ନଂ ୪, ଭୁବନେଶ୍ୱରଙ୍କ ଅଦାଲତରେ ବାଦୀ ଶ୍ରୀ ସୁଦର୍ଶନ ସାହୁ ଖରିଦ ଏବଂ ଦଖଲ ଦୃଷ୍ଟେ ଜମି ରେକର୍ଡ ପାଇଁ ଉପରୋକ୍ତ ମୋକଦ୍ଦମା ଦାଏର କରିଛନ୍ତି। ବାଦୀନୀଙ୍କ ଦ୍ୱାରା ଦିଆଯାଇଥିବା ଉପରୋକ୍ତ ମୋକଦ୍ଦମା ଦାଏର ହୋଇଅଛି। ବାଦୀଙ୍କ ଦ୍ୱାରା ଦିଆଯାଇଥିବା ଉପରୋକ୍ତ ପ୍ରତିବାଦୀ ନଂ ୪,୯,୧୦,୧୧ଙ୍କ ଠିକଣାରେ ନୋଟିସକୁ ରେଜିଷ୍ଟ୍ରି ଡାକଦ୍ୱାରା ଦିଆଯାଇଥିଲା। କିନ୍ତୁ ଉକ୍ତ ନୋଟିସ ବିନା ଜାରି ହୋଇ ଫେରି ଆସିଥିଲା।
ତେଣୁ ଉକ୍ତ ସମ୍ବାଦପତ୍ର ଦ୍ୱାରା ଉପରୋକ୍ତ ପ୍ରତିବାଦୀ ନଂ ୪,୯,୧୦,୧୧ଙ୍କ ଅବଗତି ନିମନ୍ତେ ସମ୍ବାଦପତ୍ର ବିଜ୍ଞାପନ ଦ୍ୱାରା ଜଣାଇ ଦିଆଯାଉଅଛି କି ଯେ ଉପରୋକ୍ତ ରିଭିଜନ କେସ୍‌ର ଶୁଣାଣି ମାନ୍ୟବର ଆଡିସନାଲ ରିଭିଜନ କୋର୍ଟ ନଂ ୪, ଭୁବନେଶ୍ୱର କାର୍ଯ୍ୟାଳୟଠାରେ ଆସନ୍ତା ତା ୧୭.୦୩.୨୦୨୫ରିଖ ଦିବା ୧୧.୩୦ ସମୟରେ ଶୁଣାଣି କରାଯିବା ନିମନ୍ତେ ସ୍ଥିରୀକୃତ ହୋଇଛି। ଉକ୍ତ କେସ୍‌ର ତଫସିଲ ବୃତ୍ତି ଜମିର ବିବରଣୀ ନିମ୍ନରେ ପ୍ରଦାନ କରାଗଲା।

ତଫସିଲ ବୃତ୍ତି
ଜିଲ୍ଲା-ଖୋର୍ଦ୍ଧା, ତହସିଲ- ଭୁବନେଶ୍ୱର, ମୌଜା- ଶଙ୍କରପୁର, ହାଲ ଖାତା ନଂ ୭୧୫, ହାଲ ପ୍ଲଟ୍ ନଂ ୧୯୮୬, ରକବା ଏ୧.୦୨୫ ଡିସିମିଲ ମଧ୍ୟରୁ ବିକ୍ରୟ ବୃତ୍ତି ଏ୦.୦୫୫ ଡିସିମିଲ। ଏହାର ସାବକ ଖାତା ନଂ ୨୫୩, ସାବକ ପ୍ଲଟ୍ ନଂ ୬୫। ଏଣୁ ଉପରୋକ୍ତ ମାମଲାର ପ୍ରତିବାଦୀ ନଂ ୪,୯,୧୦,୧୧ କିମ୍ବା ମୃତ ହୋଇଥିଲେ ୱାରସମାନେ ନିଜେ ବା ତାଙ୍କର କ୍ଷମତାପ୍ରାପ୍ତ ପ୍ରତିନିଧିଙ୍କ ଜରିଆରେ ଏହି ନିର୍ଦ୍ଧାରିତ ତାରିଖ ଏବଂ ସମୟରେ ଉକ୍ତ ଅଦାଲତରେ ଉପସ୍ଥିତ ରହି ମୋକଦ୍ଦମାର ତଦବିଲ କରିବେ, ଅନ୍ୟଥା ଆଇନ ଅନୁଯାୟୀ ଉକ୍ତ ମୋକଦ୍ଦମାକୁ ଆପଣଙ୍କ ଅନୁପସ୍ଥିତିରେ ଏକତରଫା ଫଇସଲା କରାଯିବ।

ସ୍ୱା/- ଆଡିସନାଲ ରିଭିଜନ କୋର୍ଟ ନଂ୪
ଭୁବନେଶ୍ୱରଙ୍କ ଆଦେଶ କ୍ରମେ କୋର୍ଟ ଅଫିସର


## ଫଟୋ ସାମ୍ବାଦିକଙ୍କ ବିୟୋଗରେ ସମ୍ବାଦପତ୍ର ବିକ୍ରେତା ସଂଘ ପକ୍ଷରୁ ଶୋକ

କଟକ(ଭାସ୍କର ନ୍ୟୁଜ୍): ବରିଷ୍ଠ ଫଟୋ ସାମ୍ବାଦିକ ହୃଦୟନାଥ ଦାସଙ୍କ ପରଲୋକରେ ସମ୍ବାଦପତ୍ର ବିକ୍ରେତା ସଂଘ ପକ୍ଷରୁ ଶୋକ ପାଳନ କରାଯାଇଛି। ପରଲୋକ ଖବର ପାଇବା ପରେ ସଂଘର କର୍ମକର୍ତ୍ତା ମାନେ ସୂତାହାଟସ୍ଥିତ ବାସ ଭବନକୁ ଯାଇ ତାଙ୍କ ମରଶରୀରରେ ପୁଷ୍ପମାଲ୍ୟ ଅର୍ପଣ କରି ଅନ୍ତିମ ଦର୍ଶନ କରିବା ସହିତ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ସଂଘର ସଭାପତି ବିଜୟ କୁମାର ପଡିହାରୀ, ଉପ ସଭାପତି ପୀତାମ୍ବର ବେହେରା. ସାଧାରଣ ସମ୍ପାଦକ ରତ୍ନାକର ପ୍ରଧାନ, ସହ ସମ୍ପାଦକ ପ୍ରଶାନ୍ତ ସାହୁ, କୋଷାଧକ୍ଷ ଅକ୍ଷୟ ମହାନ୍ତି, ହାଡିବନ୍ଧୁ ବେହେରା ଓ କାର୍ତ୍ତିକ ବେହେରା ପ୍ରମୁଖ ଗଭୀର ଶୋକ ପ୍ରକାଶ କରିଛନ୍ତି।


**OFFICE OF THE MUNICIPAL COUNCIL, BALASORE**
**Tel No. 06782-251265 & Fax No. 06782-251222**
**E-mail: balasoremunicipality@rediffmail.com**
**C-1681**

**No. 894** **Dt 15.02.2025**

Notification 891/Dt.15.02.2025. The details can be downloaded from the official website of Balasore District, http://balasore.odisha.gov.in.

**Sd/- Executive Officer,**
**Balasore Municipality**

**OIPR 13154/11/0028/2425**



ପୌର ପରିଷଦ କାର୍ଯ୍ୟାଳୟ : ବ୍ରଜରାଜନଗର
**OFFICE OF MUNICIPAL COUNCIL : BRAJRAJNAGAR**
At/Po- Lamtibahal Dist- Jharsuguda, Odisha Phone No- 8457812260 Mail- eobrjnmpl@gmail.com

**C-1675**

**QUOTATION/ TENDER CALL NOTICE**

Notice No- 402 /Dt- 15.02.2025

Sealed quotations are invited from interested reputed Travel agencies/ firm/ Tour Operators / private individuals for providing petrol driven vehicles including driver (such as TUV 300/ BOLERO/ SUMO GOLD/ Ertiga), which shall confirm to the Terms & condition mentioned in detailed tender for official use by Brajrajnagar Municipality on monthly hire basis. All bid documents should reach on or before 26.02.2025. The detailed tender document is available Jharsuguda district web site https://jharsuguda.odisha.gov.in/. The Authority reserves ever right to reject any or all the Tender without assigning any reason thereof.

Executive Officer
Brajrajnagar Municipality

**OIPR 13099/11/0025/2425**


## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ଗରିବ, ଗ୍ରାମାଞ୍ଚଳ...

ଭିତ୍ତିଭୂମିର ବିକାଶ ଉପରେ ସରକାର ଅଧିକ ଗୁରୁତ୍ୱ ଦେଇଛନ୍ତି। ଚଳିତ ବଜେଟରେ ପୁଞ୍ଜିଗତ ବ୍ୟୟପାଇଁ ୬୫,୦୧୨ କୋଟି ଟଙ୍କା ବ୍ୟୟବରାଦ କରାଯାଇଛି। ଏହି ଆବଣ୍ଟନ ରାଜ୍ୟ ଜିଡିପିର ୬.୧ ପ୍ରତିଶତ ଯାହା ଦେଶର ଅନ୍ୟ ପ୍ରମୁଖ ରାଜ୍ୟଗୁଡ଼ିକ ମଧ୍ୟରେ ସର୍ବାଧିକ। ରାଜ୍ୟର ମୋଟ ପ୍ରସ୍ତାବିତ ବଜେଟ୍ ୨,୯୦,୦୦୦ କୋଟି ଟଙ୍କା ହୋଇଥିବାବେଳେ ରାଜସ୍ୱ ଆୟ ଲକ୍ଷ୍ୟ ହେଉଛି ୨,୩୨,୦୦୦ କୋଟି ଟଙ୍କା। ରାଜ୍ୟର ଆୟ ନିଜସ୍ୱ ଟିକସ ୬୬ହଜାର କୋଟି, ନିଜସ୍ୱ ଅଣ ଟିକସ ରାଜସ୍ୱ ୬୬ହଜାର କୋଟି, କେନ୍ଦ୍ର ଟିକସରୁ ରାଜ୍ୟ ଭାଗ ୬୪,୪୦୮ କୋଟି, କେନ୍ଦ୍ରୀୟ ଅନୁଦାନ ୪୧,୫୯୨ କୋଟି, ଋଣ ଏବଂ ଅନ୍ୟାନ୍ୟ ମାର୍ଗରୁ ଆସିବ ୫୮ହଜାର କୋଟି । ବଜେଟ୍‌ରେ ରାଜସ୍ୱ ବଳକା ରାଜ୍ୟ ଜିଡିପିର ୩ ପ୍ରତିଶତ ରହିବା ନେଇ ଅନୁମାନ କରାଯାଇଛି। ସେହିପରି ୨୦୨୫-୨୬ ଆର୍ଥିକ ବର୍ଷରେ ବିତ୍ତୀୟ ନିଅଣ୍ଟ ରାଜ୍ୟ ଜିଡିପିର ୩.୨ ପ୍ରତିଶତ ରହିବା ଲକ୍ଷ୍ୟ ରଖାଯାଇଛି।

### କୃଷି ବଜେଟ୍‌ରେ...

ଅଧିକ ଇନପୁଟ୍ ସହାୟତା ପ୍ରଦାନ କରାଯାଉଛି। ଚଳିତ ଖରିଫ ଋତୁରେ ଫେବୃଆରୀ ୧୫ ସୁଦ୍ଧା ମୋଟ ୪୫୦୦ କୋଟି ଟଙ୍କା ପ୍ରଦାନ କରାଯାଇଛି। ଏହାକୁ ୬ହଜାର କୋଟିକୁ ବୃଦ୍ଧି କରାଯିବ। ସେହିପରି ସିଏମ୍ କିଷାନ ଯୋଜନା ଲାଗି ୨୦୨୦ କୋଟି ଟଙ୍କାର ବ୍ୟୟବରାଦ କରାଯାଇଛି। ୧.୮୦ଲକ୍ଷ କୃଷକଙ୍କୁ ଆଳୁ ମିଶନରେ ସାମିଲ କରାଯାଇଛି। ଫସଲର ବିବିଧତା ପାଇଁ ୬୯୫ କୋଟି ଟଙ୍କାର ବ୍ୟୟବରାଦ କରାଯାଇଛି। ରାଜ୍ୟ ସରକାର ଶୀତଳଭଣ୍ଡାର ପ୍ରତିଷ୍ଠା କରିବା ଉପରେ ମଧ୍ୟ ଗୁରୁତ୍ୱ ଦେଇଥିବାରୁ ଏଥିପାଇଁ ୨୫୨ କୋଟି ଟଙ୍କାର ବ୍ୟୟବରାଦ କରାଯାଇଛି। ଏହାଦ୍ୱାରା ରାଜ୍ୟର ୫୮ଟି ଉପଖଣ୍ଡରେ ଶୀତଳଭଣ୍ଡାର ସ୍ଥାପନ କରାଯାଇପାରିବ । ସେହିପରି ମିଲେଟ୍ ଶ୍ରୀଅନ୍ନ ଯୋଜନା ୧୭୭ଟି ବ୍ଲକ୍‌କୁ ବୃଦ୍ଧି କରାଯାଇଛି। ଚଳିତବର୍ଷ ଲୋୟର ସୁକତେଲ ପ୍ରକଳ୍ପ କାର୍ଯ୍ୟ ଶେଷ କରିବା ପାଇଁ ଲକ୍ଷ୍ୟ ରଖାଯାଇଛି।


**QUOTATION CALL NOTICE** **CAD-2600**
**ORMAS, Zilla Parishad, Malkangiri**

Sealed Tenders are invited from interested reputed suppliers'/Dealers/ Manufacturers for supplying Turmeric Polishing, Turmeric Pulverizers, Turmeric Powder Screening Machine, and Stitching Machine for setting up of Turmeric Processing and Value addition project for Swabhiman Turmeric Producers enterprise Chitrakonda. The quotation call notice has been issued vide Qtn. 1427 No. dated 15.02.2025 the tender papers are available at the website of https://malkangiri.odisha.gov.in

The last date of submitting quotation is 03.03.2025 by 5:00 P.M. The sealed quotations will be received through Speed Post/ Regd.post only. Other means of receipt of quotation will be summarily rejected. For more details, please visit https://malkangiri.odisha.gov.in.

Sd/-
Dy.CEO, ORMAS
Zilla Parishad, Malkangiri

**OIPR 19438/11/0002/2425**



**THE MAYURBHANJ CENTRAL CO-OPERATIVE BANK LTD.**
At/Po-Baripada, Dist- Mayurbhanj (Odisha), Pin-757001
C.E.O.- 06792-252315 Fax- No. 06792-254844
E-mail: computercell@mccbank.org.in

No. 4429 Date : 17.02.2025

**LL-21**

TENDER CALL NOTICE

Sealed tenders are invited from reputed manufacturer (OEM)/ Authorized Distributor / Dealer / Supplying Agency having valid GST Registration Certificate and PAN with minimum of three years experience for supply of Laptops and Computer Systems for our Bank use only. The interested parties may submit their quotation. The tender/Quotation should reach to the undersigned on or before 10.03.2025 by 02:00 P.M

The details information about the Tender is available in Bank's Website i.e. ,www.mccbank.org.in (Ref No. 4426 dated 17.02.2025 ).

The authority reserve the right to cancel the quotation or any part without any reason assigning thereof.

Sd/-Chief Executive Officer
The Mayurbhanj Central Cooperative Bank Ltd., Baripada

**OIPR 39044/11/0006/2425**



୩୬୫/୧୫.୦୨.୨୦୨୫

ନୋଟିସ୍
ମାନ୍ୟବର ଆଡିସନାଲ କମିଶନର, ଶ୍ରୀ ପ୍ରଦୀପ କୁମାର ନାୟକ, ଓ.ଏ.ସ. (ଏସ୍.ଏସ୍.)
ଆଡିସନାଲ ଡିଭିଜନ କୋର୍ଟ ନଂ୪ଙ୍କ ଅଦାଲତ, ଭୁବନେଶ୍ୱର ଚତୁର୍ଥ ମହଲା ହେଡ୍ସ ଅଫ୍ ଡିପାର୍ଟମେଣ୍ଟ ବିଲଡିଂ ଭୁବନେଶ୍ୱର
ଓ.ଏସ.ଏସ କେସ ନଂ ୫୨୫/୨୦୨୩
ସୁଦର୍ଶନ ସାହୁ..... ବାଦୀ/ ଦରଖାସ୍ତକାରୀ
ବନାମ
ସେଟଲମେଣ୍ଟ ଅଫିସର କଟକ ଓ ଅନ୍ୟମାନେ.... ପ୍ରତିବାଦୀ/ ଅପରପକ୍ଷ

ପ୍ରାପ୍ତେଷୁ
୧. ହିମାଂଶୁ ନାୟକ, ପିତା-୰ ପୂର୍ଣ୍ଣ ନାୟକ, ସା/ପୋ- ଘଟିକିଆ, ଥାନା- ଖଣ୍ଡଗିରି, ଭୁବନେଶ୍ୱର, ଜିଲ୍ଲା-ଖୋର୍ଦ୍ଧା
୨. ଗିରିଧାରୀ ପାତ୍ର, ପି-୰ ଶ୍ୟାମ ପାତ୍ର, ସା/ପୋ- ସିଜୁପୁଟ, ଥାନା- ତମାଣ୍ଡୋ, ଭୁବନେଶ୍ୱର, ଜିଲ୍ଲା- ଖୋର୍ଦ୍ଧା
୩. ବାବନ ଦାସ, ପି- ୰ ଅନାମ ଦାସ, ସା/ପୋ- ଘଟିକିଆ, ଥାନା- ଖଣ୍ଡଗିରି, ଭୁବନେଶ୍ୱର, ଜିଲ୍ଲା- ଖୋର୍ଦ୍ଧା
... ପ୍ରତିବାଦୀ ନଂ ୧,୨ ଓ ୩

ନୋଟିସ୍
ସିପିସି ଅର୍ଡର ନଂ ୫, ରୁଲ-୨୦ ମୁତାବକ ବାଦୀଙ୍କ ଦ୍ୱାରା ଓଡ଼ିଶା ବନ୍ଦୋବସ୍ତ ଆଇନ-୧୯୫୮ ଥାନା-୧୫(ଖ) ମୁତାବକ ମାନ୍ୟବର ଆଡିସନାଲ କମିଶନର, ଆଡିସନାଲ ରିଭିଜନ କୋର୍ଟ ନଂ ୪, ଭୁବନେଶ୍ୱରଙ୍କ ଅଦାଲତରେ ବାଦୀ ଶ୍ରୀ ସୁଦର୍ଶନ ସାହୁ ଖରିଦ ଏବଂ ଦଖଲ ଦୃଷ୍ଟେ ଜମି ରେକର୍ଡ ପାଇଁ ଉପରୋକ୍ତ ମୋକଦ୍ଦମା ଦାଏର କରିଛନ୍ତି। ବାଦୀନୀଙ୍କ ଦ୍ୱାରା ଦିଆଯାଇଥିବା ଉପରୋକ୍ତ ମୋକଦ୍ଦମା ଦାଏର ହୋଇଅଛି। ବାଦୀଙ୍କ ଦ୍ୱାରା ଦିଆଯାଇଥିବା ଉପରୋକ୍ତ ପ୍ରତିବାଦୀ ନଂ ୧,୨ ଓ ୩ଙ୍କ ଠିକଣାରେ ନୋଟିସକୁ ରେଜିଷ୍ଟ୍ରି ଡାକଦ୍ୱାରା ଦିଆଯାଇଥିଲା। କିନ୍ତୁ ଉକ୍ତ ନୋଟିସ ବିନା ଜାରି ହୋଇ ଫେରି ଆସିଥିଲା।
ତେଣୁ ଉକ୍ତ ସମ୍ବାଦପତ୍ର ଦ୍ୱାରା ଉପରୋକ୍ତ ପ୍ରତିବାଦୀ ନଂ ୧,୨ ଓ ୩ଙ୍କ ଅବଗତି ନିମନ୍ତେ ସମ୍ବାଦପତ୍ର ବିଜ୍ଞାପନ ଦ୍ୱାରା ଜଣାଇ ଦିଆଯାଉଅଛି କି ଯେ ଉପରୋକ୍ତ ରିଭିଜନ କେସ୍‌ର ଶୁଣାଣି ମାନ୍ୟବର ଆଡିସନାଲ ରିଭିଜନ କୋର୍ଟ ନଂ ୪, ଭୁବନେଶ୍ୱର କାର୍ଯ୍ୟାଳୟଠାରେ ଆସନ୍ତା ତା ୧୭.୦୩.୨୦୨୫ରିଖ ଦିବା ୧୧.୩୦ ସମୟରେ ଶୁଣାଣି କରାଯିବା ନିମନ୍ତେ ସ୍ଥିରୀକୃତ ହୋଇଛି। ଉକ୍ତ କେସ୍‌ର ତଫସିଲ ବୃତ୍ତି ଜମିର ବିବରଣୀ ନିମ୍ନରେ ପ୍ରଦାନ କରାଗଲା।

ତଫସିଲ ବୃତ୍ତି
ଜିଲ୍ଲା-ଖୋର୍ଦ୍ଧା, ତହସିଲ- ଭୁବନେଶ୍ୱର, ମୌଜା- ଶଙ୍କରପୁର, ହାଲ ଖାତା ନଂ ୧୦୨୨, ହାଲ ପ୍ଲଟ୍ ନଂ ୧୯୮୪, ରକବା ଏ୧.୦୩୫ ଡିସିମିଲ ମଧ୍ୟରୁ ବିକ୍ରୟ ବୃତ୍ତି ଏ୦.୦୩୦ ଡିସିମିଲ। ଏହାର ସାବକ ଖାତା ନଂ ୨୦୯, ସାବକ ପ୍ଲଟ୍ ନଂ ୭୬, ସବ୍ ପ୍ଲଟ୍ ନଂ ୧୦ ।
ଏଣୁ ଉପରୋକ୍ତ ମାମଲାର ପ୍ରତିବାଦୀ ନଂ ୧, ୨ ଓ ୩ କିମ୍ବା ମୃତ ହୋଇଥିଲେ ୱାରସମାନେ ନିଜେ ବା ତାଙ୍କର କ୍ଷମତାପ୍ରାପ୍ତ ପ୍ରତିନିଧିଙ୍କ ଜରିଆରେ ଏହି ନିର୍ଦ୍ଧାରିତ ତାରିଖ ଏବଂ ସମୟରେ ଉକ୍ତ ଅଦାଲତରେ ଉପସ୍ଥିତ ରହି ମୋକଦ୍ଦମାର ତଦବିଲ କରିବେ, ଅନ୍ୟଥା ଆଇନ ଅନୁଯାୟୀ ଉକ୍ତ ମୋକଦ୍ଦମାକୁ ଆପଣଙ୍କ ଅନୁପସ୍ଥିତିରେ ଏକତରଫା ଫଇସଲା କରାଯିବ।

ସ୍ୱା/- ଆଡିସନାଲ ରିଭିଜନ କୋର୍ଟ ନଂ୪
ଭୁବନେଶ୍ୱରଙ୍କ ଆଦେଶ କ୍ରମେ କୋର୍ଟ ଅଫିସର



୧୬୭/୨୮.୦୧.୨୦୨୫

ନୋଟିସ୍
ମାନ୍ୟବର ଆଡିସନାଲ କମିଶନର, ଶ୍ରୀ ପ୍ରଦୀପ କୁମାର ନାୟକ, ଓ.ଏ.ସ. (ଏସ୍.ଏସ୍.)
ଆଡିସନାଲ ଡିଭିଜନ କୋର୍ଟ ନଂ୪ଙ୍କ ଅଦାଲତ, ଭୁବନେଶ୍ୱର ଚତୁର୍ଥ ମହଲା ହେଡ୍ସ ଅଫ୍ ଡିପାର୍ଟମେଣ୍ଟ ବିଲଡିଂ ଭୁବନେଶ୍ୱର
ଓ.ଏସ.ଏସ କେସ ନଂ ୫୨୬/୨୦୨୩
ହିମାଂଶୁ ଶେଖର ମହାନ୍ତି..... ବାଦୀ/ ଦରଖାସ୍ତକାରୀ
ବନାମ
ସେଟଲମେଣ୍ଟ ଅଫିସର କଟକ ଓ ଅନ୍ୟମାନେ.... ପ୍ରତିବାଦୀ/ ଅପରପକ୍ଷ

ପ୍ରାପ୍ତେଷୁ
୧. ରସ ବେଓ୍ୱା, ସ୍ୱାମୀ-୰ ନାରାୟଣ ଭୁଜବଳ, ସା/ପୋ- ଘଟିକିଆ, ଥାନା- ଖଣ୍ଡଗିରି, ଭୁବନେଶ୍ୱର, ଜିଲ୍ଲା-ଖୋର୍ଦ୍ଧା
୨. କାର୍ତ୍ତିକ ଭୁଜବଳ, ପି-୰ ରଘୁ ଭୁଜବଳ, ସା/ପୋ- ଘଟିକିଆ, ଥାନା- ଖଣ୍ଡଗିରି, ଭୁବନେଶ୍ୱର, ଜିଲ୍ଲା- ଖୋର୍ଦ୍ଧା
୩. ପୂର୍ଣ୍ଣଚନ୍ଦ୍ର ଭୁଜବଳ, ପି- ୰ ସୁବଳ ଭୁଜବଳ, ସା/ପୋ- ଘଟିକିଆ, ଥାନା- ଖଣ୍ଡଗିରି, ଭୁବନେଶ୍ୱର, ଜିଲ୍ଲା- ଖୋର୍ଦ୍ଧା
୪. ରାଜଶ୍ରୀ ସାମଲ, ସ୍ୱାମୀ- ଜୟକୃଷ୍ଣ ନାୟକ, ସା- ଜୟପ୍ରକାଶ ନଗର, ଥା- ବୈଦ୍ୟନାଥପୁର, ଜି- ଗଞ୍ଜାମ.... ପ୍ରତିବାଦୀ ନଂ ୪,୯,୧୦ ଓ ୧୧

ନୋଟିସ୍
ସିପିସି ଅର୍ଡର ନଂ ୫, ରୁଲ-୨୦ ମୁତାବକ ବାଦୀଙ୍କ ଦ୍ୱାରା ଓଡ଼ିଶା ବନ୍ଦୋବସ୍ତ ଆଇନ-୧୯୫୮ ଥାନା-୧୫(ଖ) ମୁତାବକ ମାନ୍ୟବର ଆଡିସନାଲ କମିଶନର, ଆଡିସନାଲ ରିଭିଜନ କୋର୍ଟ ନଂ ୪, ଭୁବନେଶ୍ୱରଙ୍କ ଅଦାଲତରେ ବାଦୀ ଶ୍ରୀ ସୁଦର୍ଶନ ସାହୁ ଖରିଦ ଏବଂ ଦଖଲ ଦୃଷ୍ଟେ ଜମି ରେକର୍ଡ ପାଇଁ ଉପରୋକ୍ତ ମୋକଦ୍ଦମା ଦାଏର କରିଛନ୍ତି। ବାଦୀନୀଙ୍କ ଦ୍ୱାରା ଦିଆଯାଇଥିବା ଉପରୋକ୍ତ ମୋକଦ୍ଦମା ଦାଏର ହୋଇଅଛି। ବାଦୀଙ୍କ ଦ୍ୱାରା ଦିଆଯାଇଥିବା ଉପରୋକ୍ତ ପ୍ରତିବାଦୀ ନଂ ୪,୯,୧୦,୧୧ଙ୍କ ଠିକଣାରେ ନୋଟିସକୁ ରେଜିଷ୍ଟ୍ରି ଡାକଦ୍ୱାରା ଦିଆଯାଇଥିଲା। କିନ୍ତୁ ଉକ୍ତ ନୋଟିସ ବିନା ଜାରି ହୋଇ ଫେରି ଆସିଥିଲା।
ତେଣୁ ଉକ୍ତ ସମ୍ବାଦପତ୍ର ଦ୍ୱାରା ଉପରୋକ୍ତ ପ୍ରତିବାଦୀ ନଂ ୪,୯,୧୦,୧୧ଙ୍କ ଅବଗତି ନିମନ୍ତେ ସମ୍ବାଦପତ୍ର ବିଜ୍ଞାପନ ଦ୍ୱାରା ଜଣାଇ ଦିଆଯାଉଅଛି କି ଯେ ଉପରୋକ୍ତ ରିଭିଜନ କେସ୍‌ର ଶୁଣାଣି ମାନ୍ୟବର ଆଡିସନାଲ ରିଭିଜନ କୋର୍ଟ ନଂ ୪, ଭୁବନେଶ୍ୱର କାର୍ଯ୍ୟାଳୟଠାରେ ଆସନ୍ତା ତା ୧୭.୦୩.୨୦୨୫ରିଖ ଦିବା ୧୧.୩୦ ସମୟରେ ଶୁଣାଣି କରାଯିବା ନିମନ୍ତେ ସ୍ଥିରୀକୃତ ହୋଇଛି। ଉକ୍ତ କେସ୍‌ର ତଫସିଲ ବୃତ୍ତି ଜମିର ବିବରଣୀ ନିମ୍ନରେ ପ୍ରଦାନ କରାଗଲା।

ତଫସିଲ ବୃତ୍ତି
ଜିଲ୍ଲା-ଖୋର୍ଦ୍ଧା, ତହସିଲ- ଭୁବନେଶ୍ୱର, ମୌଜା- ଶଙ୍କରପୁର, ହାଲ ଖାତା ନଂ ୭୧୫, ହାଲ ପ୍ଲଟ୍ ନଂ ୧୯୮୬, ରକବା ଏ୧.୦୨୫ ଡିସିମିଲ ମଧ୍ୟରୁ ବିକ୍ରୟ ବୃତ୍ତି ଏ୦.୦୫୫ ଡିସିମିଲ। ଏହାର ସାବକ ଖାତା ନଂ ୨୫୩, ସାବକ ପ୍ଲଟ୍ ନଂ ୬୫। ଏଣୁ ଉପରୋକ୍ତ ମାମଲାର ପ୍ରତିବାଦୀ ନଂ ୪,୯,୧୦,୧୧ କିମ୍ବା ମୃତ ହୋଇଥିଲେ ୱାରସମାନେ ନିଜେ ବା ତାଙ୍କର କ୍ଷମତାପ୍ରାପ୍ତ ପ୍ରତିନିଧିଙ୍କ ଜରିଆରେ ଏହି ନିର୍ଦ୍ଧାରିତ ତାରିଖ ଏବଂ ସମୟରେ ଉକ୍ତ ଅଦାଲତରେ ଉପସ୍ଥିତ ରହି ମୋକଦ୍ଦମାର ତଦବିଲ କରିବେ, ଅନ୍ୟଥା ଆଇନ ଅନୁଯାୟୀ ଉକ୍ତ ମୋକଦ୍ଦମାକୁ ଆପଣଙ୍କ ଅନୁପସ୍ଥିତିରେ ଏକତରଫା ଫଇସଲା କରାଯିବ।

ସ୍ୱା/- ଆଡିସନାଲ ରିଭିଜନ କୋର୍ଟ ନଂ୪
ଭୁବନେଶ୍ୱରଙ୍କ ଆଦେଶ କ୍ରମେ କୋର୍ଟ ଅଫିସର



ନୂଆଦିଲ୍ଲୀ: ନୂଆଦିଲ୍ଲୀ ରେଳ ଷ୍ଟେସନରେ ଦଳାଚକଟାରେ ଯାତ୍ରୀଙ୍କ ମୃତ୍ୟୁ ଚେତିଲେ ସରକାର । ମହାକୁମ୍ଭ ଭିଡ଼କୁ ନଜରରେ ରଖି କେନ୍ଦ୍ର ସରକାର ଓ ରେଳ ବିଭାଗ ନୂଆ କ୍ରାଉଡ୍ କଣ୍ଟ୍ରୋଲ୍ ମ୍ୟାନେଜମେଣ୍ଟ ପ୍ଲାନ ପ୍ରସ୍ତୁତ କରିଛି । ଏହି ଆଧାରରେ ପ୍ରାୟ ୬୦ଟି ରେଳ ଷ୍ଟେସନରେ ସ୍ଥାୟୀ ହୋଲ୍ଡିଂ ଜୋନ୍ ତିଆରି ହେବ । ଭିଡ଼ ନିୟନ୍ତ୍ରଣ ପାଇଁ ଆର୍ଟିଫିସିଆଲ୍ ଇଣ୍ଟେଲିଜେନ୍ସିର ବ୍ୟବହାର କରାଯିବ। ଏନେଇ ସ୍ଥାନୀୟ ରେଲୱେ ପୋଲିସ ଅଧିକାରୀଙ୍କୁ ତାଲିମ୍ ଦିଆଯିବ । ଜରୁରୀକାଳୀନ ପରିସ୍ଥିତିର ମୁକାବିଲା ପାଇଁ ସେମାନଙ୍କ ପ୍ରଶିକ୍ଷଣ ଦିଆଯିବ । ଯାତ୍ରୀ ହୋଲ୍ଡିଂ ଜୋନ ବାବଦରେ ଗାଇଡ୍ ପାଇଁ ସୂଚନାଫଳକ ଏବଂ ଡିଭାଇଡର ରହିବ । ପ୍ରୟାଗରାଜ ସହ ଲିଙ୍କ୍ ଥିବା ୩୫ଟି ରେଳ ଷ୍ଟେସନ ଉପରେ ସେଣ୍ଟ୍ରାଲ ୱାର ରୁମକୁ ନଜର ରଖାଯିବ । କେବଳ ଦିଲ୍ଲୀ ରେଳ ଷ୍ଟେସନରେ ୨୦୦ ସିସିଟିଭି କ୍ୟାମେରା ଲାଗିବ ।

## ଦିଲ୍ଲୀରେ ଭୂକମ୍ପ ପରେ ଶାନ୍ତ ରହିବାକୁ ପ୍ରଧାନମନ୍ତ୍ରୀଙ୍କ ଅନୁରୋଧ

ନୂଆଦିଲ୍ଲୀ: ଦିଲ୍ଲୀରେ ଅନୁଭୂତ ହୋଇଥିବା ଭୂକମ୍ପନ ପରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ସମସ୍ତଙ୍କୁ ଶାନ୍ତ ରହିବା ସହ ସୁରକ୍ଷା ସାବଧାନତା ଅବଲମ୍ବନ କରିବାକୁ ଅନୁରୋଧ କରିଛନ୍ତି । ଶ୍ରୀ ମୋଦୀ କହିଛନ୍ତି ଯେ, ଅଧିକାରୀମାନେ ପରିସ୍ଥିତି ଉପରେ ତୀକ୍ଷ୍ଣ ନଜର ରଖିଛନ୍ତି । ଏକ୍ସରେ ଏକ ପୋଷ୍ଟରେ ପ୍ରଧାନମନ୍ତ୍ରୀ କହିଛନ୍ତି: 'ଦିଲ୍ଲୀ ଏବଂ ଏହାର ନିକଟବର୍ତ୍ତୀ ଅଞ୍ଚଳରେ ଭୂକମ୍ପନ ଅନୁଭୂତ ହୋଇଥିଲା । ଏପରି ସ୍ଥିତିରେ ସମସ୍ତଙ୍କୁ ଶାନ୍ତ ରହିବା ସହ ସୁରକ୍ଷା ସାବଧାନତା ଅବଲମ୍ବନ କରିବାକୁ ଏବଂ ସମ୍ଭାବ୍ୟ କମ୍ପନ ପାଇଁ ସତର୍କ ରହିବାକୁ ଅନୁରୋଧ । ଅଧିକାରୀମାନେ ପରିସ୍ଥିତି ଉପରେ ତୀକ୍ଷ୍ଣ ନଜର ରଖିଛନ୍ତି।'

## ନକ୍ସଲ ପ୍ରଭାବିତ ଇଲାକାରେ ଆଶାର ନୂଆ କିରଣ

# ବିଦ୍ୟୁତ୍ ସୁବିଧା ଯୋଗାଣ ଉପରେ ଗୁରୁତ୍ୱ



ରାୟପୁର: ଛତିଶଗଡ ମୁଖ୍ୟମନ୍ତ୍ରୀ ବିଷ୍ଣୁଦେବ ସାଏ ସୋମବାର ମହାନଦୀ ଭବନଠାରେ ବିଦ୍ୟୁତ୍ ବିଭାଗର କାର୍ଯ୍ୟ ସମୀକ୍ଷା କରିଥିଲେ। ଲୋକଙ୍କୁ ନିରନ୍ତର ବିଦ୍ୟୁତ୍ ସେବା ଯୋଗାଇ ଦେବାକୁ ସୁନିଶ୍ଚିତ କରିବାକୁ ମଧ୍ୟ ନିର୍ଦ୍ଦେଶ ଦେଇଥିଲେ। ଶ୍ରୀ ସାଏ କହିଥିଲେ ନୂଆ ଟେକ୍‌ନିକ୍ ମାଧ୍ୟମରେ କିପରି କମ୍ ବିଜୁଳି ଖର୍ଚ୍ଚ କରାଯାଇପାରିବ ସେ ନେଇ ମଧ୍ୟ ପଦକ୍ଷେପ ନେବାକୁ ପରାମର୍ଶ ଦେଇଥିଲେ। ସେ କହିଥିଲେ ଛତିଶଗଡରେ ସୌର ଉର୍ଜାର ବୃଦ୍ଧି ପାଇଁ ତାଙ୍କ ସରକାର ନୂତନ ପଦକ୍ଷେପ ଗ୍ରହଣ କରୁଛନ୍ତି। ସୌର ଉର୍ଜା କ୍ଷେତ୍ରରେଛତିଶଗଡକୁ ଆତ୍ମନିର୍ଭର କରିବା ନିମନ୍ତେ ପ୍ରୟାସ ଆରମ୍ଭ ହୋଇଛି। ବିଶେଷ କରି ନକ୍ସଲ ପ୍ରଭାବିତ ଇଲାକାଗୁଡିକରେ ବ୍ୟାପକ ବିଦ୍ୟୁତ୍ କରଣ କରିବାକୁ ବିଷ୍ଣୁଦେବ ପରାମର୍ଶ ଦେଇଥିଲେ। ସେ କହିଥିଲେ ନକ୍ସଲ ପ୍ରଭାବିତ ଗାଁଗୁଡିକୁ ବିଦ୍ୟୁତ୍ ସେବା ଯୋଗାଇବା ରାଜ୍ୟ ସରକାର ପ୍ରାଥମିକତା। ଗ୍ରାମାଞ୍ଚଳର ବିକାଶ ହେଲେ ସେମାନେ ମୁଖ୍ୟ ଧାରାରେ ସାମିଲ ହୋଇପାରିବେ ଓ ସରକାରୀ ସ୍ତରରେ ସମସ୍ତ ସୁବିଧା ସୁଯୋଗକୁ ଉପଯୋଗ କରିପାରିବେ। ଯେଉଁମାନେ ବିଦ୍ୟୁତ୍ ସେବାରୁ ବଞ୍ଚିତ ହୋଇଛନ୍ତି ସେମାନଙ୍କୁ ତୁରନ୍ତ ବିଦ୍ୟୁତ୍ ସେବା ଯୋଗାଇବାକୁ ସେ କହିଥିଲେ। ସେ କହିଥିଲେ ବିଜୁଳି ବିଲ୍ ଯେଉଁମାନଙ୍କର ବାକି ରହିଛି ସେମାନଙ୍କୁ ରିହାତି ଦେଇ ଆଦାୟ କରାଯିବା ଜରୁରୀ। ବିଜୁଳି ବିଲ୍ ବାକିଆ ପଡିଥିବାରୁ ସରକାରଙ୍କ ରାଜସ୍ୱ ହାନି ହେଉଛି ଓ ଉପଭୋକ୍ତାମାନେ ମଧ୍ୟ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ତେଣୁ ଏକ ସମୟରେ ରିହାତି ପାଇଁ କିପରି ବକେୟା ବିଲ୍ ଆଦାୟ କରାଯାଇପାରିବ ସେ ନେଇ ବିଷ୍ଣୁଦେବ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦେଇଥିଲେ।

## ବିବାଦୀୟ ମନ୍ତବ୍ୟ ଦେଇ ଫଶିଲେ କଂଗ୍ରେସ ନେତା



ନୂଆଦିଲ୍ଲୀ: କଂଗ୍ରେସ ବିଦେଶୀ ୟୁନିଟ ମୁଖ୍ୟ ସାମ ପିତ୍ରୋଡା ଏକ ବିବାଦୀୟ ମନ୍ତବ୍ୟ ଦେଇ ଫଶି ଯାଇଛନ୍ତି। ସେ କହିଛନ୍ତି ଯେ ଚାଇନାଠାରୁ ଆସୁଥିବା ବିପଦ ପ୍ରାୟତଃ ଅତିରଞ୍ଜିତ କରି କୁହାଯାଇଥାଏ। ସେ ପରାମର୍ଶ ଦେଇଥିଲେ ଯେ ଭାରତ ଚାଇନାକୁ ଶତ୍ରୁ ଭାବରେ ମାନିବା ବନ୍ଦ କରିବା ଉଚିତ। ସାମ ପିତ୍ରୋଡାଙ୍କ ଏହି ବୟାନ ଉପରେ ଶାସକ ଭାଜପା ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିଛି। ଭାଜପା କଂଗ୍ରେସକୁ 'ଚାଇନର ପ୍ରତି ଆକର୍ଷିତ' ବୋଲି ବର୍ଣ୍ଣନା କରିଛି। ସାମ ପିତ୍ରୋଡାଙ୍କର ବିବାଦର ଏକ ଲମ୍ବା ଇତିହାସ ଅଛି; ସେ କହିଛନ୍ତି ଯେ ଚାଇନା ପ୍ରତି ଭାରତର ଆଭିମୁଖ୍ୟ ସଂଘର୍ଷପୂର୍ଣ୍ଣ ଏବଂ ମାନସିକତାରେ ପରିବର୍ତ୍ତନ ଆଣିବାର ଆବଶ୍ୟକତା ଅଛି। ମୁଁ ଚାଇନା ଠାରୁ ବିପଦକୁ ବୁଝିପାରୁନାହିଁ। ମୁଁ ଭାବୁଛି ଏହି ପ୍ରସଙ୍ଗକୁ ପ୍ରାୟତଃ ଅଧିକ ଉଡ଼ାଇ ଦିଆଯାଏ କାରଣ ଆମେରିକାର ଶତ୍ରୁକୁ ପରିଭାଷିତ କରିବାର ପ୍ରବୃତ୍ତି ରହିଛି। ମୁଁ ବିଶ୍ୱାସ କରେ ସମସ୍ତ ଦେଶ ମୁକାବିଲା ନୁହେଁ ବରଂ ସହଯୋଗ କରିବାର ସମୟ ଆସିଛି, ସେ ଏକ ସ୍ୱତନ୍ତ୍ର ସାକ୍ଷାତକାରରେ ଆଇଏଏନଏସ୍ ?କୁ ଏହା କହିଥିଲେ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବଂ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଚାଇନାଠାରୁ ଆସୁଥିବା ବିପଦକୁ ନିୟନ୍ତ୍ରଣ କରିପାରିବେ କି ନାହିଁ ବୋଲି ଏକ ପ୍ରଶ୍ନର ଉତ୍ତରରେ ତାଙ୍କର ଉତ୍ତର ଆସିଥିଲା। ସାମ ପିତ୍ରୋଡାଙ୍କ ବୟାନକୁ ବିରୋଧ କରି ଭାଜପା କହିଛି ଯେ ଚାଇନା ପ୍ରତି କଂଗ୍ରେସର ଆବେଗ ୨୦୦୮ମସିହାରେ କଂଗ୍ରେସ ଏବଂ ଚାଇନା କମ୍ୟୁନିଷ୍ଟ ପାର୍ଟି ମଧ୍ୟରେ ସ୍ୱାକ୍ଷରିତ ବୁଝାମଣାପତ୍ରରେ ରହିଛି। ଭାଜପା ରାଷ୍ଟ୍ରୀୟ ମୁଖପାତ୍ର ତୁହିନ ସିହ୍ନା କହିଛନ୍ତି, 'ଯେଉଁମାନେ ଆମର ୪୦,୦୦୦ବର୍ଗ କିଲୋମିଟର ଭୂମି ଚାଇନାକୁ ହସ୍ତାନ୍ତର କରିଥିଲେ, ସେମାନେ ଏପର୍ଯ୍ୟନ୍ତ ଡ୍ରାଗନଠାରୁ କୌଣସି ବିପଦ ଦେଖୁନାହାଁନ୍ତି। ଏଥିରେ ଆଶ୍ଚର୍ଯ୍ୟ ହେବାର କୌଣସି କାରଣ ନାହିଁ ଯେ ରାହୁଲ ଗାନ୍ଧୀ ଚାଇନା ପ୍ରତି ଭୟଭୀତ ଏବଂ IMEEC ଘୋଷଣାର ଗୋଟିଏ ଦିନ ପୂର୍ବରୁ BRIର ସମର୍ଥନ କରୁଥିଲେ। ଚାଇନା ପ୍ରତି କଂଗ୍ରେସ ଦଳର ଅତ୍ୟଧିକ ଆକର୍ଷଣର ମୂଳ କାରଣ ୨୦୦୮ ମସିହାରେ ହୋଇଥିବା କଂଗ୍ରେସ-ସିସିପି ବୁଝାମଣାପତ୍ରରେ ରହିଛି।

# ସାଂସଦଙ୍କ ପତ୍ନୀଙ୍କ ଆଇଏସ୍ଆଇ ଲିଙ୍କ୍ !



ନୂଆଦିଲ୍ଲୀ : ଆସାମର କଂଗ୍ରେସ ସାଂସଦ ଗୌରବ ଗୋଗୋଇଙ୍କ ପତ୍ନୀ ଏଲିଜାବେଥ ଗୋଗୋଇଙ୍କର ପାକିସ୍ତାନୀ ଗୁଇନ୍ଦା ସଂସ୍ଥା ଆଇଏସଆଇ ସହିତ ସମ୍ପର୍କ ଥିବା ଅଭିଯୋଗ ହୋଇଛି। ଏଲିଜାବେଥ ବ୍ରିଟିଶ ନାଗରିକ ହୋଇଥିବାବେଳେ ଜଣେ ପାକିସ୍ତାନୀ ନାଗରିକ ଅଲି ତକୀର ଶେଖ୍ ତାଙ୍କ ସହିତ କାର୍ଯ୍ୟ କରୁଥିବା ସାମ୍ନାକୁ ଆସିଛି। ଏହା ଜଣାପଡ଼ିବା ପରେ ଆସାମ ପୁଲିସ ତକୀର ଏବଂ ଅନ୍ୟ କେତେଜଣଙ୍କ ନାମରେ ଭାରତୀୟ ନ୍ୟାୟ ସଂହିତା (ବିଏନଏସ) ଏବଂ ୟୁଏପିଏ (ବେଆଇନ କାର୍ଯ୍ୟକଳାପ ପ୍ରତିରୋଧ ଆଇନ) ଆଧାରରେ ମାମଲା ରୁଜୁ କରିଥିବା ନେଇ ମୁଖ୍ୟମନ୍ତ୍ରୀ ହିମନ୍ତ ବିଶ୍ୱଶର୍ମା ସୋମବାର ସୂଚନା ଦେଇଛନ୍ତି। ପୁଲିସ ମାମଲା ରୁଜୁ କରିବା ପରେ ସାଂସଦ ଗୌରବ ଗୋଗୋଇ ବିଜେପିକୁ ଟାର୍ଗେଟ କରି ସମାଲୋଚନା କରିଛନ୍ତି। ତାଙ୍କ ପତ୍ନୀ ଏଲିଜାବେଥଙ୍କର ଆଇଏସଆଇ ଲିଙ୍କ୍ ଥିବା ଅଭିଯୋଗ ଆସିବା ପରେ ସେ ଯେକୌଣସି ପ୍ରକାର ତଦନ୍ତକୁ ସାମ୍ନା କରିବାକୁ ପ୍ରସ୍ତୁତ ଥିବା କହିଛନ୍ତି। ହିମନ୍ତ କହିଛନ୍ତି ଯେ, ଗୌରବଙ୍କୁ ବିବାହ ପୂର୍ବରୁ ଏଲିଜାବେଥ କଲବର୍ନ (ବର୍ତ୍ତମାନ ଗୋଗୋଇ) ଜଣେ ଆମେରିକୀୟ ସିନେଟରଙ୍କ ପାଇଁ କାମ କରୁଥିଲେ। ପାକିସ୍ତାନର ଏକ ସଂଗଠନ ସହିତ ଉକ୍ତ ସିନେଟରଙ୍କର ଘନିଷ୍ଠ ସମ୍ପର୍କ ରହିଥିଲା। ଉକ୍ତ ସଂଗଠନଟି ପାକିସ୍ତାନୀ ଗୁଇନ୍ଦା ସଂସ୍ଥା ଆଇଏସଆଇର ଏକ ସହଯୋଗୀ ସଂସ୍ଥା। ଗୌରବ ଗୋଗୋଇଙ୍କୁ ଏକ ବଡ଼ ଭାରତ ବିରୋଧୀ ଷଡ଼ଯନ୍ତ୍ର ଦ୍ୱାରା ଫସାଇ ଦିଆଯାଇଥାଇପାରେ ଅଥବା ବ୍ଲାକମେଲ କରାଯାଇଥାଇପାରେ ବୋଲି ହିମନ୍ତ କହିଛନ୍ତି। ଏହି ପ୍ରସଙ୍ଗ ରାଜନୀତିଠାରୁ ଉର୍ଦ୍ଧ୍ୱରେ ଏବଂ ଜାତୀୟ ସୁରକ୍ଷା ପ୍ରତି ଏହାର ଗମ୍ଭୀର ପ୍ରଭାବ ରହିଛି। ଏଲିଜାବେଥଙ୍କର ଆଇଏସଆଇ ସହିତ ସମ୍ପର୍କ ଥିବା ଏବଂ ଭାରତରେ ୧୨ ବର୍ଷ ରହିବା ପରେ ବି ଭାରତୀୟ ନାଗରିକତା ଗ୍ରହଣ କରିବାକୁ ମନା କରିବା ଅନେକ ପ୍ରଶ୍ନବାଚୀ ସୃଷ୍ଟି କରୁଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ପାକିସ୍ତାନ ଯୋଜନା ଆୟୋଗର ପରାମର୍ଶଦାତା ତଥା ଏଲିଜାବେଥଙ୍କ ପୂର୍ବତନ ସହକର୍ମୀ ଅଲି ତକୀରଙ୍କ ଦ୍ୱାରା ସାମାଜିକ ଗଣମାଧ୍ୟମରେ କରାଯାଇଥିବା କିଛି ପୋଷ୍ଟର ସ୍କ୍ରିନଶଟକୁ ହିମନ୍ତ ଶେୟାର କରିବା ସହିତ ଏଥିରୁ ଉଭୟଙ୍କ ମଧ୍ୟରେ ଗଭୀର ସମ୍ପର୍କ ଥିବା ସ୍ପଷ୍ଟ ହେଉଛି ବୋଲି ସେ କହିଛନ୍ତି।

## ଦାନରେ ରେକର୍ଡ ଭାଙ୍ଗିଲା ଅଯୋଧ୍ୟା ରାମମନ୍ଦିର

ଅଯୋଧ୍ୟା : ପ୍ରୟାଗରାଜ ମହାକୁମ୍ଭକୁ ଆଗମନ ସହିତ ଅଯୋଧ୍ୟାସ୍ଥିତ ରାମ ମନ୍ଦିର ଶ୍ରଦ୍ଧାଳୁଙ୍କ ନିମନ୍ତେ ଏକ ଗୁରୁତ୍ୱପୂର୍ଣ୍ଣ ଧାର୍ମିକ ସ୍ଥଳରେ ପରିଣତ ହୋଇଛି। ଏବେ ମନ୍ଦିର ଦାନ ଅର୍ଜନ କରିବାରେ ମଧ୍ୟ ରେକର୍ଡ କରିଛି। ଗତ କିଛିମାସ ହେଲା ଅଯୋଧ୍ୟାକୁ ଶ୍ରଦ୍ଧାଳୁଙ୍କ ଆଗମନ ଢେର ବଢ଼ିଛି। ବିଶେଷ କରି ରାମ ମନ୍ଦିରରେ ଭଗବାନ ରାମଙ୍କ ଦର୍ଶନ ନିମନ୍ତେ ଆସୁଥିବା ଭକ୍ତଙ୍କ ସଂଖ୍ୟାରେ ଆଶ୍ଚର୍ଯ୍ୟଜନକ ବୃଦ୍ଧି ଦେଖାଯାଇଛି। ଏହି ବୃଦ୍ଧି ନା କେବଳ ଭକ୍ତଙ୍କ ସଂଖ୍ୟାରେ ରାମ ମନ୍ଦିର ଆୟରେ ମଧ୍ୟ ବୃଦ୍ଧି କରିଛି। ଅଯୋଧ୍ୟା ଶ୍ରୀରାମ ମନ୍ଦିର ଏବେ ଦେଶର ସବୁଠୁ ଅଧିକ ଆୟ କରୁଥିବା ମନ୍ଦିରମାନଙ୍କ ସୂଚୀର ୩ ନମ୍ବର ସ୍ଥାନକୁ ପହଞ୍ଚିଛି। ଗତ ୨୨ଜାନୁୟାରୀ୨୦୨୪ରେ ରାମମନ୍ଦିରର ପ୍ରାଣ ପ୍ରତିଷ୍ଠା ପରଠାରୁ ମନ୍ଦିରକୁ ଦର୍ଶନ ନିମନ୍ତେ ପହଞ୍ଚୁଥିବା ଶ୍ରଦ୍ଧାଳୁଙ୍କ ସଂଖ୍ୟା ବୃଦ୍ଧି ହେବାରେ ଲାଗିଛି। ଏହି ସମୟରେ ମନ୍ଦିରର ବାର୍ଷିକ ଆୟ ୭୦୦ କୋଟି ଟଙ୍କାରୁ ମଧ୍ୟ ଅଧିକ ହୋଇଛି। ମିଳୁଥିବା ଏହି ତଥ୍ୟ ଜାନୁୟାରୀ ୨୦୨୪ରୁ ଜାନୁୟାରୀ ୨୦୨୫ ପର୍ଯ୍ୟନ୍ତ ବର୍ଷକର। ଏହି ସମୟରେ ୧୩ କୋଟିରୁ ଅଧିକ ଭକ୍ତ ଅଯୋଧ୍ୟା ଆସି ଶ୍ରୀରାମଙ୍କୁ ଦର୍ଶନ କରିଛନ୍ତି। ରାମ ମନ୍ଦିରକୁ ଦୈନିକ ପାଖାପାଖି ୪ଲକ୍ଷ ଶ୍ରଦ୍ଧାଳୁ ଦର୍ଶନ ନିମନ୍ତେ ପହଞ୍ଚୁଛନ୍ତି। ଏଣୁ ମନ୍ଦିରକୁ ମିଳୁଥିବା ଦାନ ମଧ୍ୟ ସେହି ଅନୁସାରେ ବୃଦ୍ଧିହେବାରେ ଲାଗିଛି। ମନ୍ଦିର ଟ୍ରଷ୍ଟ ଅନୁସାରେ ରାମ ମନ୍ଦିରର ୧୦ଟି କାଉଣ୍ଟରରେ ଦୈନିକ ୧୦ଲକ୍ଷ ଟଙ୍କାରୁ ଅଧିକ ଦାନ ସଂଗୃହୀତ ହେଉଛି। କୁମ୍ଭମେଳା ଆରମ୍ଭ ହେବା ଦିନଠାରୁ ଏ ପର୍ଯ୍ୟନ୍ତ ୧୩ କୋଟି ଟଙ୍କାର ଦାନ ଏକତ୍ର ହୋଇ ପାରିଛି। ସବୁଠୁ ଅଧିକ ଆୟକରୁଥିବା ମନ୍ଦିର ମଧ୍ୟରେ ଆନ୍ଧ୍ରପ୍ରଦେଶରେ ଥିବା ତିରୁପତି ଭେଙ୍କଟେଶ୍ୱର ମନ୍ଦିର ବାର୍ଷିକ ୧୫ଶହରୁ ୧୬୫୦କୋଟି ଟଙ୍କା ଆୟ କରୁଛି। ଏହା ପଛକୁ କେରଳର ପଦ୍ମନାଭ ସ୍ୱାମୀ ମନ୍ଦିର ବାର୍ଷିକ ୭୫୦ରୁ ୮୦୦ କୋଟି ଟଙ୍କା ଆୟ କରୁଛି। ଅମୃତସର ସ୍ୱର୍ଣ୍ଣମନ୍ଦିରର ଆୟ ୬୫୦କୋଟି ଟଙ୍କା ହୋଇଥିବା ବେଳେ ବୈଷ୍ଣୋଦେବୀ ମନ୍ଦିରର ଆୟ ୬୦୦ କୋଟି ଓ ଶିରିଡି ସାଇ ମନ୍ଦିରର ଆୟ ୫୦୦ କୋଟି ଟଙ୍କା। ଏହି ତଥ୍ୟ ଆଧାରରେ ଦେଖିଲେ ଅଯୋଧ ରାମ ମନ୍ଦିରର ବଢୁଥିବା ଆୟରୁ ମନ୍ଦିର ଉପରେ ଭକ୍ତଙ୍କ ଆସ୍ଥା ଓ ଦାନ ଉଭୟ ବଢିବାରେ ଲାଗିଛି।

## ୨୬ ପର୍ଯ୍ୟନ୍ତ ଗଙ୍ଗା ଆଳତି ବନ୍ଦ

ବାରାଣସୀ : ଉତ୍ତରପ୍ରଦେଶ ପ୍ରୟାଗରାଜରେ ଚାଲିଥିବା ମହାକୁମ୍ଭ ଯୋଗୁଁ ରାଜ୍ୟର ଅନ୍ୟ ପ୍ରମୁଖ ତୀର୍ଥସ୍ଥାନ ଯଥା ଅଯୋଧ୍ୟା ରାମ ମନ୍ଦିର, ବାରାଣସୀ, କାଶୀ ବିଶ୍ୱନାଥ ଓ ଅନ୍ୟାନ୍ୟ ସ୍ଥାନରେ ଶ୍ରଦ୍ଧାଳୁଙ୍କ ଭିଡ ଲାଗି ରହିଛି। ଏପରି ଭିଡକୁ ନିୟନ୍ତ୍ରଣ କରିବା ଲାଗି ରାଜ୍ୟ ପ୍ରଶାସନ ପକ୍ଷରୁ କଟକଣା ଲାଗୁ କରାଯାଇଛି। କଟକଣା ଅନୁଯାୟୀ ବାରାଣସୀର ଗଙ୍ଗା ନଦୀ କୂଳର ବିଭିନ୍ନ ଘାଟରେ ପ୍ରତିଦିନ ହେଉଥିବା ଗଙ୍ଗା ଆଳତିକୁ ଫେବୃଆରୀ ୨୬ ତାରିଖ ପର୍ଯ୍ୟନ୍ତ ବନ୍ଦ କରିଦିଆଯାଇଛି। ସେହିପରି ଗଙ୍ଗା ନଦୀରେ ସନ୍ଧ୍ୟା ୬ଟା ପରେ ନୌକା ବିହାରକୁ ବନ୍ଦ କରାଯାଇଛି। ବାରାଣସୀରେ ଟ୍ରାଫିକ ସମସ୍ୟାକୁ ଦୂର କରିବା ଲାଗି ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ସ୍କୁଲ ଛୁଟି ଘୋଷଣା କରାଯାଇଛି। ମହାକୁମ୍ଭ ଯୋଗୁଁ କାଶୀ ବିଶ୍ୱନାଥ ମନ୍ଦିରରେ ଦୈନିକ ୮ଲକ୍ଷ ଭକ୍ତଙ୍କ ସମାଗମ ହେଉଥିବା ଦେଖିବାକୁ ମିଳିଛି।

## ଜର୍ମାନ ରାଷ୍ଟ୍ରପତିଙ୍କ ଏକ୍ସ ଆକାଉଣ୍ଟ ହ୍ୟାକ୍




ବର୍ଲିନ୍: ଜର୍ମାନ ରାଷ୍ଟ୍ରପତି ଫ୍ରାଙ୍କ-ୱାଲ୍ଟର ଷ୍ଟିନମିୟରଙ୍କ ଅଫିସିଆଲ ଏକ୍ସ ଆକାଉଣ୍ଟ ହ୍ୟାକ ହୋଇଥିବା ଜଣାପଡ଼ିଛି। କେବଳ ଏତିକି ନୁହେଁ, ହ୍ୟାକର୍ସମାନେ ରାଷ୍ଟ୍ରପତିଙ୍କ ଆକାଉଣ୍ଟର ପ୍ରୋଫାଇଲ ଫଟୋକୁ ବିହାର ସରକାରଙ୍କ ଜଳସମ୍ପଦ ବିଭାଗର ଫଟୋ ସହିତ ବଦଳାଇ ଦେଇଛନ୍ତି। ତଥାପି, ଏହି ଘଟଣା ଉପରେ ଜର୍ମାନ ସରକାରଙ୍କ ପକ୍ଷରୁ କୌଣସି ସରକାରୀ ବୟାନ ଦିଆଯାଇ ନାହିଁ, କିନ୍ତୁ ମିଡିଆ ରିପୋର୍ଟ ଅନୁଯାୟୀ, ଏହା ପୂର୍ବରୁ ମଧ୍ୟ ହ୍ୟାକର୍ସ ଏହି ଆକାଉଣ୍ଟକୁ ପୂର୍ବତନ ନାଜି ପାର୍ଟି ମୁଖ୍ୟ ଆଡଲଫ ହିଟଲରଙ୍କ ପ୍ରୋଫାଇଲ ଭଳିଆ କରିଦେଇଥିଲେ। ସୂଚନାନୁଯାୟୀ, ହି ସାଇବର ଆକ୍ରମଣ ବିଷୟରେ ସୂଚନା ପ୍ରଥମେ ଅନେକ ଏକ୍ସ ୟୁଜର୍ସ ଦେଇଥିଲେ। ଯେତେବେଳେ ଆକାଉଣ୍ଟର ୟୁଜରନେମ ବଦଳାଇ @adolf_gov କରାଯାଇଥିଲା। ହ୍ୟାକ ହୋଇଥିବା ଆକାଉଣ୍ଟର ବାୟୋରେ ଲେଖାଥିଲା, ମେକ୍ ଜର୍ମାନୀ ଗ୍ରେଟ୍ ଏଗେନ୍। ଆକାଉଣ୍ଟରେ ୫୭,୦୦୦ ଫଲୋଅର୍ସ ଥିଲେ। BRICS ନ୍ୟୁଜର ଅଫିସିଆଲ ଏକ୍ସ ଆକାଉଣ୍ଟ ପୋଷ୍ଟ କରିଛି ଯେ ଏହା ଜର୍ମାନ ରାଷ୍ଟ୍ରପତିଙ୍କ ଆକାଉଣ୍ଟ ଏବଂ ଏହାକୁ ହ୍ୟାକ କରାଯାଇଛି। ପରବର୍ତ୍ତୀ ସମୟରେ, ଆକାଉଣ୍ଟଟିକୁ ଅସ୍ଥାୟୀ ଭାବରେ ନିଲମ୍ବିତ କରାଯାଇଥିଲା କିନ୍ତୁ ପରେ ଏହାକୁ ପୁନଃ ସକ୍ରିୟ କରାଯାଇଥିଲା ଏବଂ ଏହାର ନାମ ବିହାର ସରକାରଙ୍କ ଜଳ ସମ୍ପଦ ବିଭାଗ ଭାବରେ ପରିବର୍ତ୍ତନ କରାଯାଇଥିଲା।

# ବାଣିଜ୍ୟ



ନୂଆଦିଲ୍ଲୀ: ସ୍ମାର୍ଟଫୋନ୍‌ଠାରୁ ଆରମ୍ଭ କରି କମ୍ପ୍ୟୁଟର ପର୍ଯ୍ୟନ୍ତ ବିଭିନ୍ନ ଇଲେକ୍ଟ୍ରୋନିକ୍ସ ସାମଗ୍ରୀରେ ବ୍ୟବହାର ହେଉଥିବା ଏକ ପ୍ରମୁଖ ଉପାଦାନ ହେଉଛି ଚିପ୍। ଏଥିପାଇଁ ଭାରତ ଆମଦାନି ଉପରେ ନିର୍ଭରଶୀଳ ରହିଛି। ତେବେ ଭାରତରେ ତିଆରି ହେଉଥିବା ପ୍ରଥମ ଚିପ୍ ଅକ୍ଟୋବର ସୁଦ୍ଧା ଆସିବ ବୋଲି କେନ୍ଦ୍ରମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ କହିଛନ୍ତି। ବେଙ୍ଗାଲୁରୁରେ ଥିବା ଇଣ୍ଡିଆନ୍ ଇନଷ୍ଟିଚ୍ୟୁଟ ଅଫ୍ ସାଇନ୍‌ସକୁ ଗାଲିଅମ୍ ନାଇଟ୍ରାଇଡ୍ ଉପରେ ଗବେଷଣା କରିବା ଲାଗି କେନ୍ଦ୍ର ସରକାର ୩୩୪ କୋଟି ଟଙ୍କା ଦେଇଛନ୍ତି। ତାହା ହେଉଛି ସେମିକଣ୍ଡକ୍ଟର ଶିଳ୍ପର ଏକ ପ୍ରଯୁକ୍ତି ଯାହାକୁ ଟେଲିକମ୍ ଓ ବିଦ୍ୟୁତ୍ ଶକ୍ତି କ୍ଷେତ୍ରରେ ବ୍ୟବହାର କରାଯାଉଛି। ସରକାର ଏଥିପାଇଁ ଖୁବ୍‌ଶୀଘ୍ର ଏକ ଉତ୍ପାଦନ ଭିତ୍ତିକ ପ୍ରୋତ୍ସାହନ (ପିଏଲ୍‌ଆଇ) ସ୍କିମ୍ ଆଣିବେ ବୋଲି ମନ୍ତ୍ରୀ ସୂଚନା ଦେଇଛନ୍ତି। ପାୱାରଚିପ୍ ସେମିକଣ୍ଡକ୍ଟର ମାନୁଫାକ୍‌ଚରିଂ କର୍ପୋରେସନ୍ ସହଯୋଗରେ ଟାଟା ଇଲେକ୍ଟ୍ରୋନିକ୍ସ ପକ୍ଷରୁ ଗୁଜରାଟର ଧୋଲେରାଠାରେ ଭାରତର ପ୍ରଥମ ସେମିକଣ୍ଡକ୍ଟର ଫ୍ୟାବ୍ କାରଖାନା ସ୍ଥାପନ କରାଯାଇଛି। ଗତବର୍ଷ ଜାନୁଆରିରେ ଅନୁଷ୍ଠିତ ଡାଭୋସ୍ ସମ୍ମିଳନୀରେ ମନ୍ତ୍ରୀ ବୈଷ୍ଣବ କହିଥିଲେ ୨୦୨୪ ଡିସେମ୍ବର ସୁଦ୍ଧା ମେଡ୍ ଇନ୍ ଇଣ୍ଡିଆ ଚିପ୍ ଆସିବ।

# ଓଡିଶା ସରକାରଙ୍କ ସହ ବେଦାନ୍ତର ବୁଝାମଣାପତ୍ର ସ୍ୱାକ୍ଷରିତ

## ରାୟଗଡାର ୧୦୦ଟି ଅଙ୍ଗନବାଡ଼ି କେନ୍ଦ୍ର ନନ୍ଦଘରରେ ପରିଣତ ହେବ




ରାୟଗଡା (ଭାସ୍କର ନ୍ୟୁଜ) : ଓଡ଼ିଶାର ରାୟଗଡା ଜିଲ୍ଲାରେ ପ୍ରାରମ୍ଭିକ ଶୈଶବ ଯତ୍ନ ଓ ଶିକ୍ଷାର ଉନ୍ନତି ପାଇଁ ବେଦାନ୍ତ ଆଲୁମିନିୟମର ଅନିଲ ଅଗ୍ରୱାଲ ଫାଉଣ୍ଡେସନ ପକ୍ଷରୁ ଜିଲ୍ଲା ପ୍ରଶାସନ ସହ ବୁଝାମଣାପତ୍ର ସ୍ୱାକ୍ଷର କରି ୧୦୦ଟି ଅଙ୍ଗନବାଡ଼ି କେନ୍ଦ୍ରକୁ ଅତ୍ୟାଧୁନିକ 'ନନ୍ଦଘର'ରେ ପରିଣତ କରିବା ଉଦ୍ଦେଶ୍ୟରେ ଏକ ଐତିହାସିକ ପଦକ୍ଷେପ ଗ୍ରହଣ କରାଯାଇଛି । ଏହି ପ୍ରୋତ୍ସାହନ ଜରିଆରେ ପ୍ରଥମ ପର୍ଯ୍ୟାୟରେ କାଶୀପୁର ବ୍ଲକର ୧୫ଟି ଅଙ୍ଗନବାଡି କେନ୍ଦ୍ରକୁ ଅତ୍ୟାଧୁନିକ ନନ୍ଦଘରରେ ପରିଣତ କରାଯାଇ ଶିଶୁ ମାନଙ୍କର ପ୍ରାକ୍ ଶୈଶବର ବିକାଶ ପାଇଁ ଉନ୍ନତ ଭିତ୍ତିଭୂମି ଯୋଗାଇ ଦିଆଯିବ । ବେଦାନ୍ତ ଆଲୁମିନିୟମର ମୁଖ୍ୟ ପରିଚାଳନା ଅଧିକାରୀ (ସିଓଓ) ସୁନୀଲ ଗୁପ୍ତା କହିଛନ୍ତି ଯେ ବେଦାନ୍ତରେ, ଆମେ ଗୋଷ୍ଠୀଗତ ବିକାଶ ପ୍ରତି ସମର୍ପିତ, ଯାହା ବେଦାନ୍ତର ମୂଳ ମୂଲ୍ୟବୋଧ ଉପରେ ଆଧାରିତ, ଯାହା କାର୍ଯ୍ୟକ୍ଷମ ଅଞ୍ଚଳରେ ଏବଂ ଏହାର ଆଖପାଖ ଅଞ୍ଚଳରେ ଏକ ସକାରାତ୍ମକ ଏବଂ ସ୍ଥାୟୀ ପ୍ରଭାବ ସୃଷ୍ଟି କରିଥାଏ । ବେଦାନ୍ତର ଉଦ୍ୟମକୁ ପ୍ରଶଂସା କରି ରାୟଗଡ଼ାର ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀ ମୀନତି ଦେଓ କହିଛନ୍ତି, ଜିଲ୍ଲାର ଅଙ୍ଗନୱାଡି କେନ୍ଦ୍ରଗୁଡ଼ିକର ରୂପାନ୍ତରଣରେ ବେଦାନ୍ତର ସହଯୋଗକୁ ଆମେ ସ୍ୱାଗତ କରୁଛୁ । ଉଲ୍ଲେଖନୀୟ ଯେ ୨୦୧୫ରେ ଆରମ୍ଭ ହୋଇଥିବା ନନ୍ଦ ଘର ହେଉଛି ବେଦାନ୍ତର ପ୍ରମୁଖ ଗୋଷ୍ଠୀ ଭିତ୍ତିକ ପଦକ୍ଷେପ, ଯାହା ଭାରତ ସରକାରଙ୍କ ମହିଳା ଓ ଶିଶୁ ବିକାଶ ମନ୍ତ୍ରଣାଳୟ ସହଯୋଗରେ ଅନିଲ ଅଗ୍ରୱାଲ ଫାଉଣ୍ଡେସନ ତତ୍ତ୍ୱାବଧାନରେ ବିକଶିତ ହୋଇଛି। ଇର୍ତ୍ତମାନ ଓଡ଼ିଶାରେ ପାଖାପାଖି ୫୦୦ଟି ନନ୍ଦଘର କାର୍ଯ୍ୟକରୁଛି, ଯେଉଁଥିରେ ୮ଟି ଜିଲ୍ଲାର ୧୮,୦୦୦ ଶିଶୁ ଏବଂ ୫୦୦୦ରୁ ଉର୍ଦ୍ଧ୍ୱ ମହିଳା ଉପକୃତ ହେଉଛନ୍ତି ।

## ବୟନ ସାମଗ୍ରୀ ରପ୍ତାନିରେ ଭାରତ ଷଷ୍ଠ

ନୂଆଦିଲ୍ଲୀ: ବୟନ ସାମଗ୍ରୀ ରପ୍ତାନୀରେ ଭାରତ ଷଷ୍ଠ ସ୍ଥାନରେ ଅଛି। ୨୦୩୦ ମସିହା ସୁଦ୍ଧା ଦେଶର ବୟନଶିଳ୍ପ ସାମଗ୍ରୀର ବାର୍ଷିକ ରପ୍ତାନିକୁ ୯ ଲକ୍ଷ କୋଟି ଟଙ୍କାରେ ପହଞ୍ଚାଇବାର ଆଶା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ରଖିଛନ୍ତି। ନୂଆଦିଲ୍ଲୀଠାରେ ଭାରତ ବୟନଶିଳ୍ପ ସମ୍ମିଳନୀ ୨୦୨୫ରେ ଯୋଗଦେଇ ପ୍ରଧାନମନ୍ତ୍ରୀ ଆଜି ଏହା କହିଛନ୍ତି। ସଂପ୍ରତି ଭାରତ ବର୍ଷକୁ ୩ ଲକ୍ଷ କୋଟି ଟଙ୍କାର ପୋଷାକ ଓ ବୟନଶିଳ୍ପ ସାମଗ୍ରୀ ରପ୍ତାନି କରୁଛି। ଏ ?ହାକୁ ୩ ଗୁଣା କରି ୯ ଲକ୍ଷ କୋଟି ଟଙ୍କାରେ ପହଞ୍ଚାଇବା ଆମର ଲକ୍ଷ୍ୟ। ଯେଉଁଭଳି ଭାବେ କାର୍ଯ୍ୟ ଚାଲିଛି ୨୦୩୦ ମସିହା ପୂର୍ବରୁ ମଧ୍ୟ ଏହି ଲକ୍ଷ୍ୟ ହାସଲ ହୋଇପାରିବ ବୋଲି ପ୍ରଧାନମନ୍ତ୍ରୀ ଦୃଢ଼ୋକ୍ତି ବାଢ଼ିଛନ୍ତି। ଗତ ଦଶନ୍ଧିରେ ସରକାର ଗ୍ରହଣ କରିଥିବା ନୀତି ପାଇଁ ଏହା ସଫଳ ହେବ। ଗତ ଦଶନ୍ଧିରେ ଦେଶରେ ବୟନଶିଳ୍ପ କ୍ଷେତ୍ରରେ ବିଦେଶୀ ନିବେଶ ରାଶି ଦୁଇଗୁଣା ବୃଦ୍ଧି ପାଇଛି।

## ଆର୍‌ଏସ୍‌ପି ପକ୍ଷରୁ ନିରାପତ୍ତା ଅଧିକ ସୁଦୃଢ଼




ରାଉରକେଲା (ଭାସ୍କର ନ୍ୟୁଜ) : ସେଲ୍, ରାଉରକେଲା ଇସ୍ପାତ କାରଖାନା (ଆରଏସପି)ର ନୂତନ ପ୍ଲେଟ୍ ମିଲ୍ (ଏନପିଏମ) ବିଭାଗ କେବୁଲ୍ ଗ୍ୟାଲେରୀରେ ଉନ୍ନତ ନିରୀକ୍ଷଣ କ୍ୟାମେରା ସ୍ଥାପନ ପୂର୍ବକ ସୁରକ୍ଷା ଏବଂ ନିରାପତ୍ତାକୁ ଅଧିକ ସୁଦୃଢ କରିବା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ନେଇଛି। ଏହି ଅତ୍ୟାଧୁନିକ କ୍ୟାମେରାଗୁଡ଼ିକ ଅନୁପ୍ରବେଶ, ଅଗ୍ନି ଏବଂ ଜଳବନ୍ଦୀ ଚିହ୍ନଟ କରିବା ପାଇଁ ଏକାଧିକ ସେନ୍ସର ସହିତ ସଜ୍ଜିତ ରହିଛି। ଏହି ବ୍ୟବସ୍ଥା ଇଲେକ୍ଟ୍ରିକାଲ୍ ସିଫ୍ଟ ଅଫିସରେ ଅବସ୍ଥିତ ସ୍କ୍ରିନ୍ ?ରେ ବାସ୍ତବ-ସମୟ ସୂଚକ ଏବଂ ଦୃଶ୍ୟ ଆଲାର୍ମ ପ୍ରଦାନ କରେ, ଯାହା ବିପଦ ଦୂର କରିବା ପାଇଁ ତୁରନ୍ତ ପଦକ୍ଷେପ ଗ୍ରହଣ ସୁନିଶ୍ଚିତ କରେ। ଏହି ପ୍ରକଳ୍ପ ୨୦୨୪ ସେପ୍ଟେମ୍ବର ମାସରେ ଚେନ୍ନାଇର ମାରୁଧାରା ଇନଫୋଟେକ୍ ସର୍ଭିସେସ୍ ଦ୍ୱାରା ସଫଳତାର ସହ କାର୍ଯ୍ୟକାରୀ କରାଯାଇଥିଲା। ଏହି ନିରୀକ୍ଷଣ ବ୍ୟବସ୍ଥାଗୁଡ଼ିକର କାର୍ଯ୍ୟାନ୍ୱୟନ ପ୍ଲାଣ୍ଟର ସୁରକ୍ଷା ପଦକ୍ଷେପଗୁଡ଼ିକୁ ବୃଦ୍ଧି କରିବା ସଙ୍ଗେସଙ୍ଗେ ଗୁରୁତ୍ୱପୂର୍ଣ୍ଣ ଭିତ୍ତିଭୂମିର ସୁଗମ ପରିଚାଳନା ସୁନିଶ୍ଚିତ କରୁଛି। ଏହି ପଦକ୍ଷେପ ନୂତନ ପ୍ଲେଟ ମିଲର ସିଜିଏମ ଆର କେ ବିଶାରେଙ୍କ ନେତୃତ୍ୱ ଓ ମାର୍ଗଦର୍ଶନରେ ବିଭାଗର ଡ଼ିଜିଏମ ଅମିତ ରାୱତ, ଏଜିଏମ ଅର୍ଜୁନ ପଟ୍ଟନାୟକ, ସିନିୟର ମ୍ୟାନେଜର ଆର ନବୀନ, ବି ଅରୁଣ କୁମାର ଓ ମହେଶ ମିଶ୍ର, ପ୍ରବନ୍ଧକ ସାକେତ ସୌରଭ, ଉପପ୍ରବନ୍ଧକ ଡି କେ ନାଏକ ଓ ବି ରଥ, ଏସିଟି ରାଜେନ୍ଦ୍ର ଏକ୍କା ଓ ସୁଭ୍ରାଂଶୁ ଆଚାର୍ଯ୍ୟ ପ୍ରମୁଖଙ୍କ ପ୍ରୟାସ ଦ୍ୱାରା କାର୍ଯ୍ୟାନ୍ୱୟନ ହୋଇଥିଲା। ସେମାନଙ୍କର ଉତ୍ସର୍ଗୀକୃତତା ଏବଂ ବିଶେଷଜ୍ଞତା ପ୍ରକଳ୍ପର ସଫଳ ସମାପ୍ତିରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲା। ଏହି ବ୍ୟବସ୍ଥାର ନିୟୋଜନ ଆରଏସପିର କାର୍ଯ୍ୟରେ ସୁରକ୍ଷା, ନିରାପତ୍ତା ଏବଂ ଦକ୍ଷତା ବୃଦ୍ଧି ପାଇଁ ଅତ୍ୟାଧୁନିକ ସମାଧାନ ଗ୍ରହଣ କରିବା ପାଇଁ ନିରନ୍ତର ପ୍ରୟାସର ଏକ ସଫଳ ନିଦର୍ଶନ ଅଟେ।

## ଭାଲେଣ୍ଟାଇନ୍ସ ସିଜନ୍‌ରେ ପ୍ଲାଟିନମ୍ ଲଭ୍ ବ୍ୟାଣ୍ଡର ଚାହିଦା

PLATINUM GUILD INTERNATIONAL

ନୂଆଦିଲ୍ଲୀ: ଚଳିତ ମାସରେ ଆପଣ ପ୍ରେମକୁ ଏହାର ଅତ୍ୟନ୍ତ ବାସ୍ତବ ଏବଂ ବିରଳତମ ରୂପରେ ପାଳନ କରୁଥିବାବେଳେ ତାହାକୁ ସ୍ମରଣୀୟ କରନ୍ତୁ ଏବଂ ସିଲ୍‌ଇଟଓ୍ୱିଥ୍‌ପ୍ଲାଟିନମ୍- ଏହାର ସାରତତ୍ତ୍ୱ ଧରିରଖିବାକୁ ଯୋଗ୍ୟ ଏକମାତ୍ର ଧାତୁ ଅଟେ। ୯୫ ପ୍ରତିଶତ ଶୁଦ୍ଧ ଏବଂ ବିଶ୍ୱବ୍ୟାପୀ ଅଳ୍ପ କିଛି ବଛା ବଛା ସ୍ଥାନରେ ଉପଲବ୍ଧ ହେଉଥିବା ତଥା ସୁନା ତୁଳନାରେ ୩୦ଗୁଣ ବିରଳ ଧାତୁ ପ୍ଲାଟିନମ୍‌ରୁ ପ୍ରସ୍ତୁତ- ପ୍ଲାଟିନମ୍ ଲଭ ବ୍ୟାଣ୍ଡ୍‌ଗୁଡିକ କେବଳ ମାତ୍ର ଗହଣା ନୁହେଁ; ସେଗୁଡିକ ପ୍ରେମର ଏକମାତ୍ର ପ୍ରତୀକ। ଏହା ଏଭଳି ପ୍ରେମ ଯାହା ଏହି ଧରଣର ଏକମାତ୍ର। ସେଗୁଡିକର ସମକାଳୀନ ଡିଜାଇନ ସହିତ ପ୍ଲାଟିନମ୍ ଲଭ ବ୍ୟାଣ୍ଡ୍‌ଗୁଡିକ ଆଧୁନିକ ସମ୍ପର୍କର ମୂଲ୍ୟବୋଧକୁ ପାଳନ କରୁଛି।ପ୍ଲାଟିନମ୍ ଯେଉଁଳି ନିଜର ଔଜଲ୍ୟ ନହରାଇ ଦୀର୍ଘସ୍ଥାୟୀ ହୋଇଥାଏ, ଠିକ୍ ସେହିଭଳି ଏହା ପ୍ରତୀକ ହୋଇଥିବା ପ୍ରେମ ମଧ୍ୟ -ଏକନିଷ୍ଠ ଏବଂ ଶାଶ୍ୱତ। ବାରିହୋଇପଡିବା ଭଳି ଟେକ୍ସଚର, ଫ୍ଲୁଇଡ ଲାଇନ୍ସ ଏବଂ ଆକର୍ଷଣୀୟ ମୋଟିଫ ସହିତ-ପ୍ଲାଟିନମ୍ ଲଭ ବ୍ୟାଣ୍ଡ୍‌ଗୁଡିକ ପ୍ରେମର କଥାଗୁଡିକୁ ଅତି ସୁନ୍ଦର ଭାବରେ ଧରି ରଖିବାକୁ ଡିଜାଇନ କରାଯାଇଛି। ଆପଣ ମିନିମାଲିଷ୍ଟିକ୍ ଚିକ୍ ଷ୍ଟାଇଲ ଅଥବା ଚିରନ୍ତନ ସୌନ୍ଦର୍ଯ୍ୟକୁ ପସନ୍ଦ କରନ୍ତୁ, ପ୍ଲାଟିନମ୍ ଲଭ ବ୍ୟାଣ୍ଡ୍‌ଗୁଡିକର ବିବିଧ ସମ୍ଭାର ଏଭଳି କିଛି ଯୋଗାଇ ଦେଉଛି ଯାହା ପ୍ରେମର ଯାତ୍ରା ନିମନ୍ତେ ପ୍ରତିବଦ୍ଧ ରହିଥିବା ସମସ୍ତ ଯୋଡିଙ୍କ ସହିତ ମେଳ ଖାଉଛି। ପ୍ଲାଟିନମ୍ ଲଭ ବ୍ୟାଣ୍ଡ୍‌ଗୁଡିକୁ ପସନ୍ଦ କରିବା ହେଉଛି ପ୍ରେମର ଏକ ଦୀର୍ଘସ୍ଥାୟୀ ପ୍ରତୀକକୁ ଆପଣେଇବା- ଏହା ଏଭଳି ଏକ ଗହଣା ଯାହାକୁ ଆପଣ ପ୍ରତିଦିନ ପରିଧାନ କରିପାରିବେ ଏବଂ ଆତ୍ମତୃପ୍ତି ଅନୁଭବ କରିବେ ଏବଂ ଆପଣଙ୍କର ସମୁଦାୟ ସହଭାଗୀ ଭବିଷ୍ୟତ ସାରା ସୁନ୍ଦର ହୋଇ ରହିବ। ମୂଲ୍ୟବାନ ଗହଣା କ୍ଷେତ୍ରରେ ଶୁଦ୍ଧତାର ସର୍ବୋଚ୍ଚ ମାନକ ଭାବରେ ବିବେଚିତ ୯୫% ଶୁଦ୍ଧ ପ୍ଲାଟିନମ୍‌ରେ ପ୍ରସ୍ତୁତ ପ୍ଲାଟିନମ୍ ଲଭ ବ୍ୟାଣ୍ଡ୍‌ଗୁଡିକ ବାସ୍ତବରେ ଏହି ଧରଣର ଅନନ୍ୟ ହୋଇଛି। ଏହି ପ୍ଲାଟିନମ ଲଭ ବ୍ୟାଣ୍ଡ୍‌ଗୁଡିକୁ ଆପଣଙ୍କର ଅତୁଟ ବନ୍ଧନର ଚିରସ୍ଥାୟୀ ପ୍ରତୀକ ହେବାକୁ ଦିଅନ୍ତୁ। ପିଜିଆଇ ଇଣ୍ଡିଆର ପ୍ଲାଟିନମ୍ ଲଭ ବ୍ୟାଣ୍ଡ୍‌ଗୁଡିକ ଦେଶର ସମସ୍ତ ଗହଣା ରିଟେଲ ଷ୍ଟୋରଗୁଡିକରେ ଉପଲବ୍ଧ ହେଉଛି।

## ଇପିଏଫ୍‌ଓ ପକ୍ଷରୁ 'ସୁଧ ସ୍ଥିରୀକରଣ ସଂରକ୍ଷଣ ପାଣ୍ଠି' ଉପରେ ଗୁରୁତ୍ୱ




ନୂଆଦିଲ୍ଲୀ: କର୍ମଚାରୀ ଭବିଷ୍ୟ ନିଧି ସଂଗଠନ (ଇପିଏଫ୍‌ଓ)ର କୋଟି କୋଟି ସଦସ୍ୟଙ୍କ ପାଇଁ ଏକ ଖୁସି ଖବର ଆଣିବାକୁ ଯାଉଛି। ସରକାର ଏବେ ଇପିଏଫ୍‌ଓ ପାଇଁ ଏକ 'ସୁଧ ସ୍ଥିରୀକରଣ ସଂରକ୍ଷଣ ପାଣ୍ଠି' ସୃଷ୍ଟି କରିବାକୁ ବିଚାର କରୁଛନ୍ତି। ଏହାର ଲକ୍ଷ୍ୟ ହେବ ଇପିଏଫ୍‌ଓର ୬.୫କୋଟିରୁ ଅଧିକ ସଦସ୍ୟଙ୍କୁ ସେମାନଙ୍କର ଭବିଷ୍ୟନିଧି ପାଣ୍ଠି ଅବଦାନ ଉପରେ ଏକ ସ୍ଥିର ସୁଧ ହାର ପ୍ରଦାନ କରିବା। ରିପୋର୍ଟ ଅନୁଯାୟୀ, ଶ୍ରମ ଏବଂ ନିଯୁକ୍ତି ମନ୍ତ୍ରଣାଳୟ ଏ ସମ୍ପର୍କରେ ଏକ ଆଭ୍ୟନ୍ତରୀଣ ଅଧ୍ୟୟନ ଆରମ୍ଭ କରିଛି। ଏହି ଅଧ୍ୟୟନ ଆଧାରରେ ଇପିଏଫ୍‌ଓ ସଦସ୍ୟମାନେ ସେମାନଙ୍କର ନିବେଶ ଉପରେ ପାଇବାକୁ ଥିବା ରିଟର୍ନ ବ୍ୟତୀତ ଏକ ସ୍ଥିର ସୁଧ ହାର ପାଇପାରିବେ। ବଜାରର ଉତ୍ଥାନ-ପତନର ପ୍ରଭାବରୁ ସଦସ୍ୟମାନଙ୍କୁ ସୁରକ୍ଷା ଦେବା ପାଇଁ ଏହି ପଦକ୍ଷେପ ନିଆଯାଉଛି ବୋଲି ବିଶ୍ୱାସ କରାଯାଉଛି। ରିପୋର୍ଟ ଅନୁଯାୟୀ,ଇପିଏଫ୍‌ଓ ପ୍ରତିବର୍ଷ ସୁଧରୁ ଅତିରିକ୍ତ ଆୟକୁ ଅଲଗା ରଖି ଏକ ରିଜର୍ଭ ପାଣ୍ଠି ସୃଷ୍ଟି କରିବ। ଏହି ପାଣ୍ଠି ଏପରି ସମୟରେ ବ୍ୟବହାର କରାଯିବ ଯେତେବେଳେ ଇପିଏଫ୍‌ଓର ନିବେଶରୁ ରିଟର୍ନ ହ୍ରାସ ପାଇବ। ଏହା ସୁନିଶ୍ଚିତ କରିବ ଯେ ବଜାରର ଉତ୍ଥାନ-ପତନ ନିର୍ବିଶେଷରେ ସଦସ୍ୟମାନେ ଏକ ସ୍ଥିର ସୁଧ ହାର ପାଇବା ଜାରି ରଖିବେ। ବର୍ତ୍ତମାନ ଏହି ଯୋଜନା ପ୍ରାରମ୍ଭିକ ପର୍ଯ୍ୟାୟରେ ଅଛି ଏବଂ ଏହି ବର୍ଷ ଶେଷ ସୁଦ୍ଧା ଏହାକୁ ଚୂଡ଼ାନ୍ତ କରାଯାଇପାରେ। ଯଦି ଏହି ଯୋଜନାକୁ ଇପିଏଫ୍‌ଓର କେନ୍ଦ୍ରୀୟ ଟ୍ରଷ୍ଟି ବୋର୍ଡ ଠାରୁ ଅନୁମୋଦନ ମିଳେ, ତେବେ ଏହାକୁ ୨୦୨୬-୨୭ରୁ କାର୍ଯ୍ୟକାରୀ କରାଯାଇପାରେ। ଆପଣଙ୍କୁ କହିରଖୁଛୁ ଯେ, ଇପିଏଫ୍‌ଓର କେନ୍ଦ୍ରୀୟ ବୋର୍ଡର ଅଧକ୍ଷତା ଶ୍ରମ ଏବଂ ନିଯୁକ୍ତି ମନ୍ତ୍ରୀ କରନ୍ତି।

## ଆର୍‌ସିପିଏଲ୍‌ର ଜିଓ ଷ୍ଟାର ସହିତ ସହଭାଗିତା

ବେଙ୍ଗାଲୁରୁ: ରିଲାଏନ୍ସ କଞ୍ଜୁମର ପ୍ରଡକ୍ଟସ ଲିମିଟେଡ୍ (ଆରସିପିଏଲ) ର ବ୍ରାଣ୍ଡ କାମ୍ପା ଜିଓଷ୍ଟାର ସହିତ ସହଭାଗୀ ହୋଇଛି। ଆଇପିଏଲ୍ ୨୦୨୫ ରେ ଉଭୟ ଟିଭି ଏବଂ ଡିଜିଟାଲ୍ ପ୍ଲାଟଫର୍ମ ପାଇଁ କାମ୍ପା 'ସହ-ପାୱାର୍ଡ଼ ପ୍ରଯୋଜକ' (କୋ-ପାୱାର୍ଡ଼ ସ୍ପନସର) ହେବ। ସୂଚନାଯୋଗ୍ୟ ଯେ ଦେଶର ସର୍ବାଧିକ ଦେଖାଯାଇଥିବା କ୍ରୀଡା ଇଭେଣ୍ଟ ଆଇପିଏଲ୍ ଜିଓଷ୍ଟାରରେ ଟେଲିକାଷ୍ଟ ହେବ। ସହଭାଗୀତାରେ ଷ୍ଟାର ସ୍ପୋର୍ଟସ ନେଟୱାର୍କର ଆଞ୍ଚଳିକ ଭାଷା ପ୍ରସାରଣଗୁଡ଼ିକୁ ମଧ୍ୟ ଯୋଡାଯାଇଛି। ଏହା କାମ୍ପା ବ୍ରାଣ୍ଡର ପ୍ରସାର ବୃଦ୍ଧି କରିବାର ଏକ ଗ୍ୟାରେଣ୍ଟି ବୋଲି ପ୍ରମାଣିତ ହେବ। ରିଲାଏନ୍ସ କଞ୍ଜୁମର ପ୍ରଡକ୍ଟସ ଲିମିଟେଡର ସିଓଓ କେତନ ମୋଦୀ କହିଛନ୍ତି, 'ଆଇପିଏଲ ପାଇଁ ଜିଓଷ୍ଟାର ସହ ଆମର ସହଭାଗିତା କ୍ରିକେଟ୍ ପ୍ରତି ଆମର ପ୍ରତିବଦ୍ଧତାକୁ ପ୍ରତିଫଳିତ କରୁଛି। ଟିଭି ଏବଂ ଡିଜିଟାଲ ମାଧ୍ୟମରେ ସହ ପ୍ରାଯୋଜକ (କୋ-ପାୱାର୍ଡ଼ ସ୍ପନସର) ସ୍ଥାନ ହାସଲ କରି ଆମେ ଭାରତର ସବୁଠୁ ବଡ ପ୍ଲାଟଫର୍ମରେ ଆମର ଉପସ୍ଥିତି ବାଢାଉଛୁ। ଏହି ସହଭାଗିତା ସହ କାମ୍ପାର ପ୍ରସାର ବଢିବା ସହିତ ଲକ୍ଷ ଲକ୍ଷ କ୍ରିକେଟ ପ୍ରେମୀଙ୍କ ସହିତ ସିଧା ଯୋଡ଼ିହେବାର ଏକ ଅବସର ମିଳିବ।' ଜିଓଷ୍ଟାରର ବ୍ୟବସାୟ ମୁଖ୍ୟ, କ୍ରୀଡ଼ା ରାଜସ୍ୱ, ଇଶାନ ଚାଟାର୍ଜୀ କହିଛନ୍ତି, 'କାମ୍ପାକୁ ଆଇପିଏଲ ପାଇଁ ଏକ ପ୍ରମୁଖ ପ୍ରଯୋଜକ ଭାବରେ ସ୍ୱାଗତ କରି ଆମେ ଉତ୍ସାହିତ। ଏହି ସହଭାଗୀତା ଦେଶର ସର୍ବବୃହତ କ୍ରିକେଟ୍ ଇଭେଣ୍ଟ ଆୟୋଜନ ସମୟରେ ଆମର ମିଳିତ ପ୍ରତିବଦ୍ଧତାକୁ ଆହୁରି ଦୃଢ କରିବ। ଏହି ନୂତନ ସହଭାଗୀତା ସହିତ ଏହା ଅଧିକ ଶକ୍ତିଶାଳୀ ହେବ। ଟାଟା ଆଇପିଏଲ୍ ୨୦୨୫ ସିଜିନରେ ରସ୍କିକ୍ ଗ୍ଲୁକୋ ଏନର୍ଜି ଏବଂ ସ୍ପୋର୍ଟସ୍ ପାନୀୟ ସ୍ପିନର ମଧ୍ୟ ନଜର ଆସିବା ସହିତ ବ୍ରାଣ୍ଡର ପ୍ରାସଙ୍ଗିକତା ବଢିବ ଏବଂ ଗ୍ରାହକଙ୍କ ସହ ସମ୍ପର୍କ ଅଧିକ ଗଭୀର ହେବ।



ବାରିପଦା: ସ୍ଥାନୀୟ ବାରିପଦା ଷ୍ଟାଡିୟମ ପଡିଆରେ ଓଡିଶା କ୍ରିକେଟ ଆସୋସିଏସନ ଓ ମୟୂରଭଞ୍ଜ ଆଥଲେଟିକ ଆସୋସିଏସନର ମିଳିତ ଆନୁକୂଲ୍ୟରେ ଆୟୋଜିତ ମୟୂରଭଞ୍ଜ ଜିଲ୍ଲାସ୍ତରୀୟ ସିନିୟର ପୁରୁଷ ଆନ୍ତଃ କ୍ଲବ କ୍ରିକେଟ ଟୁର୍ଣ୍ଣାମେଣ୍ଟର ଗ୍ରୁପ ବି ର ୩ୟ ମ୍ୟାଚରେ ବିଜେ ଏମସିସି ମୟୂରଭଞ୍ଜ ରେଡକୁ ୧୭୮ ରନରେ ପରାସ୍ତ କରିଥିଲା ଓ ପ୍ରଥମେ ବ୍ୟାଟିଂ କରି ବିଜେ ଏମସିସି ୩୫ ଓଭରରେ ୮ ଉଇକେଟ ହରାଇ ୨୪୮ ରନ ସଂଗ୍ରହ କରିଥିଲେ ଓ ଦଳ ପକ୍ଷରୁ ପୁରବ ରାଜେଶ ନନ୍ଦା ୭୦ ଓ ଲୋକନାଥ ପୃଷ୍ଟି ୪୮ ରନ କରିଥିା ବେଳେ ବିପକ୍ଷ ଦଳର ବିରୁ ଟୁଡୁ ୩ ଟି ଉଇକେଟ ଅକ୍ତିଆର କରିଥିଲେ ଓ ଉତ୍ତରରେ ମୟୁରଭଞ୍ଜ ରେଡ ୧୫. ୫ ଓଭରରେ ସମସ୍ତ ଉଇକେଟ ହରାଇ ମାତ୍ର ୭୦ରନ ସଂଗ୍ରହ କରିପାରିଥିଲେ ଓ ଦଳ ପକ୍ଷରୁ ଶୁଭମ ମହାନ୍ତି ୧୯ ରନ କରିଥିବା ବେଳେ ବିପକ୍ଷ ଦଳର ଲୋକନାଥ ପୃଷ୍ଟି ୪ ଟି ଉଇକେଟ ଅକ୍ତିଆର କରି ସହ ମ୍ୟାନ ଅଫ ଦି ମ୍ୟାଚ ବିବେଚିତ ହୋଇଥିଲେ ଓ ଅମିତାଭ ପଟ୍ଟନାୟକ ଓ ଦିଲ୍ଲୀପ କୁମାର ଦାସ ଖେଳ ପରିଚାଳନା କରିଥିବା ବେଳେ ସମ୍ବିତ କୁମାର ମହାରଣା ସ୍କୋରିଂ ରେ ସହାୟତା ପ୍ରଦାନ କରିଥିଲେ ଓ ପୂର୍ବତନ କ୍ରିକେଟ ଖେଳାଳି ବିଶ୍ୱ ରଞ୍ଜନ ମହାନ୍ତି ତଥା ମୟୁରଭଞ୍ଜ ଆଥଲେଟିକ ଆସୋସିଏସନର ସାଧାରଣ ସମ୍ପାଦକ ବିଜୟ କୁମାର ଦାସ ଓ କ୍ରିକେଟ ସମ୍ପାଦକ ହରପ୍ରସାଦ ପାତ୍ର ଉପସ୍ଥିତ ରହି ଖେଳାଳି ମାନଙ୍କୁ ଉତ୍ସାହିତ କରିଥିଲେ ଓ ଆସନ୍ତା କାଲି ଜେକେସିସି କ୍ଲବ ଏବଂ ଡି ଆରକେ ( ବି ) ମଧ୍ୟରେ ମ୍ୟାଚ ଖେଳାଯିବ ବୋଲି ଗଣମାଧ୍ୟମ ସଂଯୋଜକ ସୋମନାଥ ସିଂହ ଜଣାଇଛନ୍ତି।

## ଚାମ୍ପିଅନ୍ସ ଟ୍ରଫି: ପାକିସ୍ତାନରେ ଅଷ୍ଟ୍ରେଲିଆ ଦଳ



ଲାହୋର: ଆଇସିସି ଚାମ୍ପିୟନ୍ସ ଟ୍ରଫି ଖେଳିବା ଲାଗି ଅଷ୍ଟ୍ରେଲିଆ କ୍ରିକେଟ ଦଳ ସୋମବାର ପାକିସ୍ତାନରେ ପହଞ୍ଚିଛି। ବୁଧବାର କରାଚୀର ଆୟୋଜକ ପାକିସ୍ତାନ ଓ ନ୍ୟୁଜିଲାଣ୍ଡ ମ୍ୟାଚ ସହ ଟୁର୍ନାମେଣ୍ଟ ଆରମ୍ଭ ହେବ। ପାକିସ୍ତାନ ହେଉଛି ଗତଥରର ଚାମ୍ପିୟନ ଦଳ। ୨୦୧୭ରେ ୟୁନାଇଟେଡ କିଙ୍ଗଡମ୍ (ୟୁକେ)ରେ ଅନୁଷ୍ଠିତ ଏହି ଟୁର୍ନାମେଣ୍ଟର ଫାଇନାଲରେ ଭାରତକୁ ପରାସ୍ତ କରି ପାକିସ୍ତାନ ଟାଇଟଲ ବିଜୟୀ ହୋଇଥିଲା। ଟୁର୍ନାମେଣ୍ଟରେ ଅଷ୍ଟ୍ରେଲିଆ ଏହାର ପ୍ରଥମ ମ୍ୟାଚ ଫେବୃଆରୀ ୨୨ରେ ଗଦାଫି ଷ୍ଟାଡିୟମରେ ଇଂଲଣ୍ଡ ବିପକ୍ଷରେ ଖେଳିବ। ଅଷ୍ଟ୍ରେଲିଆ ଦଳ ଦୁଇଟି ପୃଥକ୍ ପୃଥକ୍ ଗ୍ରୁପରେ ଦୁବାଇ ଦେଇ କଲମ୍ବୋରୁ ଆସି ଏଠାରେ ପହଞ୍ଚିଛି। ପ୍ରଥମ ପର୍ଯ୍ୟାୟରେ ଅଧିନାୟକ ଷ୍ଟିଭ ସ୍ମିଥ୍, କୋଚ୍, ସପୋର୍ଟ ଷ୍ଟାଫ୍ ଆସିଛନ୍ତି। ଦ୍ୱିତୀୟ ପର୍ଯ୍ୟାୟରେ ୧୫ ଖେଳାଳି ଏବଂ ଅତିରିକ୍ତ ସପୋର୍ଟ ଷ୍ଟାଫ୍ ଲାହୋରରେ ଓହ୍ଲାଇଛନ୍ତି। ଭାରତ କିନ୍ତୁ ଏହାର ସମସ୍ତ ମ୍ୟାଚ ହାଇବ୍ରିଡ୍ ମଡେଲ ଚୁକ୍ତି ଅନୁସାରେ ଦୁବାଇରେ ଖେଳିବ। ଅଷ୍ଟ୍ରେଲିଆ ଦଳ: ଷ୍ଟିଭ ସ୍ମିଥ୍ (ଅଧିନାୟକ), ସିନ୍ ଆବଟ, ଆଲେକ୍ସ କାରେ, ବେନ୍ ଡ୍ୱାରସୁଇସ୍, ନାଥାନ ଏଲିସ, ଜେକ୍ ଫ୍ରେଜର-ଅମ୍ୟାକ୍ ଗ୍ରିକ୍, ଆରନ ହାର୍ଡି, ଟ୍ରାଭିସ ହେଡ୍, ଜୋଶ ଇଂଲିଶ, ସ୍ପେନସର ଜନସନ, ମାର୍ନସ ଲାବୁସେନ, ଗ୍ଲେନ ମକ୍ସୱେଲ, ତନଭିର ସାଂଘା, ମାଥ୍ୟୁ ଶର୍ଟ ଓ ଆଡାମ ଜାମ୍ପା।

## ଛାଡପତ୍ର ଦେଲେ ଜେପି ଡୁମିନି



ମୁମ୍ବାଇ : ଦକ୍ଷିଣ ଆଫ୍ରିକାର ପୂର୍ବତନ ଖେଳାଳି ଜେପି ଡୁମିନି ତାଙ୍କ ପତ୍ନୀଙ୍କୁ ଛାଡପତ୍ର ଦେଇଛନ୍ତି । ଏ ନେଇ ସୋମବାର ଜେପି ଡୁମିନି ସୋସିଆଲ ମିଡିଆରେ ତାଙ୍କ ପ୍ରଶଂସକଙ୍କ ସହ ଏକ ହୃଦୟ ବିଦାରକ ଖବର ସେୟାର କରିଥିଲେ। ଡୁମିନି ୧୪ ବର୍ଷର ବିବାହ ପରେ ତାଙ୍କ ପତ୍ନୀ ସୁ ଡୁମିନିଙ୍କଠାରୁ ଅଲଗା ହୋଇଯାଇଛନ୍ତି । ଡୁମିନି ଏବଂ ସୁ ସୋସିଆଲ ମିଡିଆରେ ଏକ ବିବୃତ୍ତି ଜାରି କରି ସେମାନଙ୍କ ଛାଡପତ୍ରକୁ ନିଶ୍ଚିତ କରିଛନ୍ତି। ଡୁମିନି ତାଙ୍କ ଇନଷ୍ଟାଗ୍ରାମ ଆକାଉଣ୍ଟରେ ଏକ ପୋଷ୍ଟ ସେୟାର କରିଛନ୍ତି । ଏଥିରେ ଡୁମିନି ଏବଂ ସୁଙ୍କ ବୟାନ ରହିଛି । ସେଥିରେ ଲେଖାଥିଲା, 'ବହୁତ ବିଚାର ବିମର୍ଶ ପରେ, ସୁ ଏବଂ ମୁଁ ଅଲଗା ହେବାକୁ ନିଷ୍ପତ୍ତି ନେଇଛୁ ।' ଆମେ ଭାଗ୍ୟବାନ ଥିଲୁ ଯେ ଆମ ବିବାହ ସମୟରେ ଅନେକ ସ୍ମରଣୀୟ ମୁହୂର୍ତ୍ତ ଏକାଠି ବିତାଇଥିଲୁ । ଭଗବାନଙ୍କ ଆଶୀର୍ବାଦରୁ ଆମର ଦୁଇଟି ସୁନ୍ଦର ସୁନ୍ଦର ଝିଅ ଅଛନ୍ତି । ଏହି ସମୟରେ, ଆମେ ଏହି ପରିବର୍ତ୍ତନକୁ ନେଭିଗେଟ୍ କରିବା ସମୟରେ ଗୋପନୀୟତା ମାଗୁଛୁ । ଯଦିଓ ଆମର ପଥ ଅଲଗା ହୋଇଗଲାଣି, ଆମେ ବନ୍ଧୁ ହୋଇ ରହିବୁ, ଆମର ବିଚ୍ଛେଦ ସୌହାର୍ଦ୍ଦପୂର୍ଣ୍ଣ। ଏହି ସମୟରେ ଆପଣଙ୍କ ବୁଝାମଣା ଏବଂ ସମର୍ଥନ ପାଇଁ ଧନ୍ୟବାଦ। ଜେପି ଏବଂ ସୁ'।

## କ୍ରୀଡା ଭିତ୍ତିଭୂମିର ବିକାଶ ପାଇଁ ଖର୍ଚ୍ଚ ହେବ ୯୪୩ କୋଟି



ଭୁବନେଶ୍ୱର (ଭାସ୍କର ନ୍ୟୁଜ): ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସୋମବାର ଦିନ ଓଡ଼ିଶା ବିଧାନସଭାରେ ୨୦୨୫-୨୬ ଆର୍ଥିକ ବର୍ଷ ପାଇଁ ୨.୯୦ ଲକ୍ଷ କୋଟି ଟଙ୍କାର ଏକ ପୂର୍ଣ୍ଣାଙ୍ଗ ରାଜ୍ୟ ବଜେଟ୍ ଉପସ୍ଥାପନ କରିଛନ୍ତି। ଏଥିରେ କ୍ରୀଡ଼ା ଭିତ୍ତିଭୂମିର ବିକାଶ ପାଇଁ ୯୪୩ କୋଟି ଟଙ୍କା ଧାର୍ଯ୍ୟ କରାଯାଇଛି। ଉତ୍କୃଷ୍ଟ କ୍ରୀଡ଼ାବିତଙ୍କୁ ମିଳିବ ୧୦ କୋଟି ଟଙ୍କାର ସହାୟତା ରାଶି । କ୍ରୀଡ଼ା ପ୍ରତିଯୋଗିତା ଆୟୋଜନ ପାଇଁ ୮୦ କୋଟି ବ୍ୟୟ ଅଟକଳ। ପ୍ରତ୍ୟେକ ବ୍ଲକରେ କ୍ରିକେଟ, ଭଲିବଲ, ଫୁଟବଲ, ଆଥେଲେଟିକ୍ସ ସମେତ ବିଭିନ୍ନ କ୍ରୀଡା ପାଇଁ ଅତ୍ୟାଧୁନିକ ସୁବିଧା ରହିବ । ଏହା ସହିତ ବ୍ୟାଡମିଣ୍ଟନ, ଟେବୁଲ ଟେନିସ ଓ ଅନ୍ୟାନ କ୍ରୀଡା ସୁବିଧା ପାଇଁ ଇଣ୍ଡୋର ହଲ୍ ରହିବ। ଏଥିପାଇଁ ୫ବର୍ଷ ମଧ୍ୟରେ ୪୧୨୪କୋଟି ଟଙ୍କା ଖର୍ଚ୍ଚ କରାଯିବ। ୨୦୨୫-୨୬ ମଧ୍ୟରେ ବ୍ଲକ ସ୍ତରୀୟ ଷ୍ଟାଡିୟମର ବିକାଶ ପାଇଁ ୮୨୫କୋଟି ଟଙ୍କାର ବ୍ୟୟ ବରାଦ କରାଯାଇଛି ବୋଲି ବଜେଟ୍ ଉପସ୍ଥାପନ ବେଳେ ସୂଚନା ଦିଆଯାଇଛି। ବଜେଟ୍ ଉପସ୍ଥାପନ ବେଳେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ସାରା ରାଜ୍ୟରେ ବିଶ୍ୱସ୍ତରୀୟ ସୁବିଧା ଉପଲବ୍ଧତାକୁ ବ୍ୟାପକ କରିବା ପାଇଁ କେନ୍ଦୁଝର, ସମ୍ବଲପୁର, ବ୍ରହ୍ମପୁର ଏବଂ କୋରାପୁଟକୁ କ୍ରୀଡା ହବ୍ ଭାବରେ ବିକଶିତ କରାଯାଉଛି। ପହଁରାକୁ ଜୀବନ କୌଶଳ ଏବଂ ପ୍ରତିଯୋଗିତାମୂଳକ ଖେଳ ଭାବରେ ପ୍ରୋତ୍ସାହିତ କରିବା ପାଇଁ ଆମେ ୧୩ଟି ନୂତନ ଇନଡୋର ସୁଇମିଂ ପୁଲ୍ ଯୋଡିବାକୁ ଯାଉଛୁ। ଓଡ଼ିଶାର ପ୍ରତ୍ୟେକ ଜିଲ୍ଲାରେ ଖୁବ୍ ଶୀଘ୍ର ସୁଇମିଂ ପୁଲ୍ ତିଆରି କରାଯିବ । ରାଉରକେଲାରେ ଦୁଇଟି ନୂତନ ଉଚ୍ଚ ପ୍ରଦର୍ଶନ କେନ୍ଦ୍ର କରାଯିବ । ସେଠାରେ ଆଥଲେଟିକ୍ସ ଏବଂ ତୀରନ୍ଦାଜୀ ପ୍ରତିଭାଙ୍କୁ ଜାତୀୟ ଏବଂ ଅନ୍ତର୍ଜାତୀୟ ପ୍ରତିଯୋଗିତା ପାଇଁ ପ୍ରସ୍ତୁତ କରିବା ଲାଗି ବିଶ୍ୱସ୍ତରୀୟ ତାଲିମ ସୁବିଧା ପ୍ରଶିକ୍ଷଣ ପ୍ରଦାନ କରାଯିବ ।

## ମା' ଲଣ୍ଡାବିରି ଚାଲେଞ୍ଜ ଟ୍ରଫି କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ଉଦଯାପିତ: ବଡ଼ଝରା ଚାମ୍ପିଅନ୍



ପରଜଙ୍ଗ (ଭାସ୍କର ନ୍ୟୁଜ୍): ଢ଼େଙ୍କାନାଳ ଜିଲ୍ଲା ପରଜଙ୍ଗ ବ୍ଲକ ମୁକ୍ତାପଶି ଅଞ୍ଚଳ ହାଇସ୍କୁଲ ଖେଳ ପଡିଆରେ ମୁକ୍ତାପଶି ମା' ଲଣ୍ଡାବିରି ଚାଲେଞ୍ଜ ଟ୍ରଫି କ୍ରିକେଟ କ୍ଲବ୍ ଏମସିସି ଆନୁକୂଲ୍ୟରେ ଚାଲିଥିବା କ୍ରିକେଟ ଟୁର୍ଣ୍ଣାମେଣ୍ଟ ସୋମବାର ଉଦଯାପିତ ହୋଇଯାଇଛି। ଏହି ଟୁର୍ଣ୍ଣାମେଣ୍ଟରେ ମୋଟ ୧୬ ଟି ଦଳ ଅଂଶ ଗ୍ରହଣ କରିଥିବା ବେଳେ ଫାଇନାଲ ମ୍ୟାଚ ଲୋଧଣି କ୍ରିକେଟ କ୍ଲବ୍ ଓ ଆରସିସି ବଡ଼ଝରା କ୍ରିକେଟ କ୍ଲବ୍ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ୩ଟି ପର୍ଯ୍ୟାୟ ବିଶିଷ୍ଟ ଫାଇନାଲ ମ୍ୟାଚ ଅନୁଷ୍ଠିତ ହୋଇଥିବା ବେଳେ ୧୦ ଓଭର ବିଶିଷ୍ଟ ପ୍ରଥମ ମ୍ୟାଚ ଅନୁଷ୍ଠିତ ହୋଇଥିଲା । ଲୋଧଣି ଟିମ୍ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୦ ଓଭର ଶେଷ ସୁଦ୍ଧା ୬ ୱିକେଟ ହରାଇ ୧୩୦ ରନ ସଂଗ୍ରହ କରିଥିବା ବେଳେ ଜବାବରେ ବଡଝରା ଟିମ୍ ୯ ଓଭରରେ ୪ ୱିକେଟ ହରାଇ ଆବଶ୍ୟକ ରନ ସଂଗ୍ରହ କରିନେଇ ବିଜୟୀ ହୋଇଥିଲେ । ଦ୍ୱିତୀୟ ମ୍ୟାଚ ୮ ଓଭର ଅନୁଷ୍ଠିତ ହୋଇଥିଲା। ବଡ଼ଝରା ଟିମ୍ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୮ ଓଭର ଶେଷ ସୁଦ୍ଧା ୪ ୱିକେଟ ହରାଇ ୧୦୯ ରନ ସଂଗ୍ରହ କରିଥିବା ବେଳେ ଜବାବରେ ଲୋଧଣି ଟିମ୍ ସମସ୍ତ ୱିକେଟ ହରାଇ ଆବଶ୍ୟକ ରନ କରିନପାରି ପରାଜୟ ବରଣ କରିଥିଲେ। ଫଳରେ ବଡଝରା ଟିମ୍ ଚାମ୍ପିଅନ ଆଖ୍ୟା ଅର୍ଜନ କରିଥିଲେ। ଉଦଯାପନୀ ଉତ୍ସବରେ ସମାଜ ସେବୀ ତଥା ଜିଲ୍ଲା ପରିଷଦ ସଦସ୍ୟ ନିରାକାର ପ୍ରଧାନ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ପଞ୍ଚାୟତ ସରପଞ୍ଚ ସସ୍ମିତା ସାହୁ, ସମିତି ସଭ୍ୟ ବାବୁଲା ବିଶ୍ୱାଳ, ଗ୍ରାମ୍ୟ କମିଟି ସଭାପତି ବିନୟ କୁମାର ସାହୁ ଓ ପୂର୍ବତନ ସମିତି ସଭ୍ୟ ସର୍ବେଶ୍ୱର ବିଶ୍ୱାଳ ପ୍ରମୁଖ ସମ୍ମାନୀତ ଅତିଥି ଭାବେ ଯୋଗ ଦେଇଥିଲେ । ରନର୍ସ ଦଳକୁ ସରପଞ୍ଚ ଶ୍ରୀମତୀ ସାହୁ ଟ୍ରଫି ସହ ଅର୍ଥ ରାଶି ପ୍ରଦାନ କରିଥିବା ବେଳେ ଚାମ୍ପିଅନ ଦଳକୁ ମୁଖ୍ୟ ଅତିଥି ଶ୍ରୀ ପ୍ରଧାନ ଟ୍ରଫି ସହ ଅର୍ଥ ରାଶି ପ୍ରଦାନ କରିଥିଲେ । ମ୍ୟାନ ଅଫ ଦି ମ୍ୟାଚ୍, ବେଷ୍ଟ ବ୍ୟାଟ୍ସମ୍ୟାନ ବଡ଼ଝରା ସପକ୍ଷରେ ଯାଇଥିବା ବେଳେ ମ୍ୟାନ ଅଫ ଦି ସିରିଜ ଓ ବେଷ୍ଟ ବୋଲର ଲୋଧଣି ଟିମ୍ ସପକ୍ଷରେ ଯାଇଥିଲା। ସୁବ୍ରତ ବିଶ୍ୱାଳ, ନାନକ କୁମାର ସାହୁ ଓ ସୁଜିତ୍ କୁମାର ସାହୁ, ଦିଲୀପ ପାତ୍ର ଖେଳ ପରିଚାଳନା କରିଥିବା ବେଳେ ପିଣ୍ଟୁ ସାହୁ ଓ ଲିକୁ ସାହୁ ସ୍କୋରର ଦାୟିତ୍ୱ ନିର୍ବାହ କରିଥିଲେ। ପ୍ରକାଶ କୁମାର ସାମଲ, ସନ୍ତୋଷ ରାଉତ ଧାରାବିବରଣି ପାଠ କରିଥିବା ବେଳେ ଆୟୋଜକ ପକ୍ଷରୁ କ୍ଲବର ସମସ୍ତ ସଦସ୍ୟ ଉପସ୍ଥିତ ରହି ସମସ୍ତ ମ୍ୟାଚ୍ ଗୁଡ଼ିକ ସୂଚାରୁ ରୂପେ ପରିଚାଳିତ କରିଥିଲେ।

## ହରମୋହନ ମହାପାତ୍ର ସ୍ମାରକୀ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ୍: ସେମିରେ ଭଦ୍ରକ ୟୁନିକ୍



ଭଣ୍ଡାରିପୋଖରୀ (ଭାସ୍କର ନ୍ୟୁଜ୍): ସ୍ଥାନୀୟ ଚନ୍ଦ୍ରଭାନୁପୁର କ୍ରିକେଟ ପଡିଆରେ ହରମୋହନ ମହାପାତ୍ର ସ୍ମାରକୀ କ୍ରିକେଟ ଟୁର୍ଣ୍ଣାମେଣ୍ଟର ୨ୟ କ୍ୱାର୍ଟର ଫାଇନାଲ ମ୍ୟାଚ ଭଦ୍ରକ ୟୁନିକ୍ ୧୧ ସହ ଯାଜପୁର ଇଞ୍ଜନପୁର ଦଳ ମଧ୍ୟରେ ସୋମବାର ଅନୁଷ୍ଠିତ ହୋଇଯାଇଛି। ଏହି ମ୍ୟାଚରେ ଇଞ୍ଜନପୁର ଦଳ ଅଧିନାୟକ ଟସ ଜିଣି ପ୍ରଥମେ ବ୍ୟାଟି କରି ୟୁ ଆଣ୍ଡ ମି ଦଳ ନିର୍ଦ୍ଧାରିତ ୨୨ ଓଭରରେ ୯ ଉଇକେଟ ହରାଇ ୧୭୪ ରନ ସ୍କୋର କରିଥିଲେ। ବ୍ୟାଟ୍ସମ୍ୟାନ ସତ୍ୟାନନ୍ଦ ସାହୁ ସର୍ବାଧିକ ୫୧ ରନ ହାସଲ କରିଥିଲେ। ବିପକ୍ଷ ବୋଲର ପ୍ରକାଶ ଜେନା ୪ ଓଭର ବୋଲିଂ କରି ୪୯ ରନ ବିନିମୟରେ ୩ ଉଇକେଟ ଅକ୍ତିଆର କରିଥିଲେ। ୟୁନିକ୍ ୧୧ ଦଳ ୧୩ ଓଭରରେ ୪ ଉଇକେଟ ହରାଇ ୧୭୫ ରନ କରି ମ୍ୟାଚ ବିଜୟୀ ହୋଇ ସେମିରେ ପ୍ରବେଶ କରିଥିଲା। ଦଳ ପକ୍ଷରୁ ଅମିତ ସାହୁ ୪୭ ରନ ସ୍କୋର କରିଥିଲେ। ମ୍ୟାନ ଅଫ ଦି ମ୍ୟାନ ବିବେଚିତ ପ୍ରକାଶ ଜେନାଙ୍କୁ ସନ୍ତୋଷ ଦାସ, ପ୍ରଶାନ୍ତ ସାହୁ, ଲଳିତ ରାଉତ ପ୍ରମୁଖ ପୁରସ୍କୃତ କରିଥିଲେ। ଶରତ ଜେନା ଓ ରାମଚନ୍ଦ୍ର ଦାଶ ଅମ୍ପାୟାର ଭାବେ ଖେଳ ପରିଚାଳନା କରିଥିଲେ। ସୋମ୍ୟରଞ୍ଜନ ପରିଡା ଓ ଜ୍ୟୋତିରଞ୍ଜନ ଚନ୍ଦ ସ୍କୋରର, ପ୍ରଦୀପ ଜେନା ଓ ପ୍ରତ୍ୟୁଷ ସାହୁ ଭାଷ୍ୟକାର ଦାଇତ୍ୱ ତୁଲାଇଥିଲେ। ମଙ୍ଗଳବାର ପ୍ରଥମ ସେମିଫାଇନାଲ ମ୍ୟାଚ ଭଦ୍ରକ ୟୁନିକ୍ ୧୧ ସହ ବାସୁଦେବପୁର ଉତ୍କଳିକା ଦଳ ମଧ୍ୟରେ ଅନୁଷ୍ଠିତ ହେବ।

## ବେଲପାହାଡ଼ କପ୍ ଫୁଟବଲ୍ ଉଦଯାପିତ: ସୁନ୍ଦରଗଡ଼ ଚାମ୍ପିଅନ୍




ବେଲପାହାଡ଼, ( ଭାସ୍କର ନ୍ୟୁଜ୍ ): ଝାରସୁଗୁଡ଼ା ଜିଲା ବେଲପାହାଡ଼ ରେଫରୀ ଆସୋସିଏସନ ପକ୍ଷରୁ ସ୍ଥାନୀୟ ରତନ ଟାଟା ଷ୍ଟାଡିୟମ୍‌ରେ ଚାଲିଥିବା ୨ୟ ତମ ପାଞ୍ଚଦିନିଆ ବେଲପାହାଡ଼ କପ୍ ଫୁଟବଲ୍ ୨୦୨୪-୨୫ ପ୍ରତିଯୋଗିତା ରବିବାର ପଞ୍ଚମ ଦିବସରେ ଉଦଯାପିତ ହୋଇଯାଇଛି। ଏହା ଚଳିତ ଫେବୃଆରୀ ୧୨ ତାରିଖ ଆରମ୍ଭ ହୋଇ ୧୬ ତାରିଖ ଉଦଯାପିତ ହୋଇଛି। ଏଥିରେ ଝାରସୁଗୁଡ଼ା, ସୁନ୍ଦରଗଡ଼ ଓ ସମ୍ବଲପୁର ଜିଲାର ମୋଟ ୧୬ ଗୋଟି ଦଳ ଅଂଶଗ୍ରହଣ କରିଥିଲେ। ପ୍ରଥମ ସେମି ଫାଇନାଲ୍ ଖେଳ ବେଲପାହାଡ଼ ପିଆର ଚାକି କ୍ଲବ ଦଳ ଓ ସୁନ୍ଦରଗଡ଼ ଅର୍ମାନ ଏକାଦଶ ଦଳ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ସୁନ୍ଦରଗଡ଼ ଦଳ ୨-୦ ଗୋଲରେ ପିଆର ଚାକି କ୍ଲବ ଦଳକୁ ପରାସ୍ତ କରି ଫାଇନାଲ୍ କୁ ପ୍ରବେଶ କରିଥିଲା। ସେହିପରି ଦ୍ୱିତୀୟ ସେମି ଫାଇନାଲ୍ ଖେଳ ବ୍ରଜରାଜନଗର କାର୍ତ୍ତିକପଡ଼ା କାହ୍ନା ଏକାଦଶ ଓ ଉବୁଡ଼ା ଗୋଲଡ୍ଗେନ କ୍ଲବ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଉବୁଡ଼ା ଦଳ ୨-୦ ଗୋଲରେ ବ୍ରଜରାଜନଗର ଦଳକୁ ପରାସ୍ତ କରି ଫାଇନାଲ୍ କୁ ପ୍ରବେଶ କରିଥିଲା। ଫାଇନାଲ୍ ଖେଳ ସୁନ୍ଦରଗଡ଼ ଅର୍ମାନ ଏକାଦଶ ଓ ଉବୁଡ଼ା ଗୋଲଡ୍ଗେନ କ୍ଲବ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ସୁନ୍ଦରଗଡ଼ ଦଳ ୨-୦ ଗୋଲରେ ଉବୁଡ଼ା ଦଳକୁ ପରାସ୍ତ କରି ଚମ୍ପିଆନ୍ ଟ୍ରଫି ହାସଲ କରିଥିଲା। ଫାଇନାଲରେ ଚମ୍ପିଆନ୍ ସୁନ୍ଦରଗଡ଼ ଦଳକୁ ନଗଦ ୫୦ ହଜାର ଟଙ୍କା ଓ ଉପବିଜେତା ଉବୁଡ଼ା ଦଳକୁ ନଗଦ ୩୦ ହଜାର ନଗଦ ଟଙ୍କା ପୁରସ୍କାର ସହିତ ଟ୍ରଫି ମଧ୍ୟ ପ୍ରଦାନ କରାଯାଇଥିଲା। ସେମି ଫାଇନାଲରେ ପରାସ୍ତ ହୋଇଥିବା କାର୍ତ୍ତିକପଡ଼ା କାହ୍ନା ଏକାଦଶ ଦଳ ଓ ପିଆର ଚାକି କ୍ଲବ ଦଳକୁ ୫ ହଜାର ଟଙ୍କା ଲେଖାଏଁ ପୁରସ୍କୃତ କରାଯାଇଥିଲା। ଖେଳାଳିଙ୍କ ମଧ୍ୟରୁ ନୀଳକଣ୍ଠ ବୁଦୁଲା ଶ୍ରେଷ୍ଠ ଖେଳାଳି, ମହେଶ ଖଡ଼ିଆ ମ୍ୟାନ ଅଫ୍ ଦି ମ୍ୟାଚ୍, ସମୀର ମାଝୀ ଶ୍ରେଷ୍ଠ ଡିଫେଣ୍ଡର, ରୋଷନ ମାଝୀ ଶ୍ରେଷ୍ଠ ଗୋଲ କିପର, ବିଶ୍ୱଜିତ ଓରାମ ଶ୍ରେଷ୍ଠ ମିଡ ଫିଲ୍ଡର, ପବିତ୍ର ମିଞ୍ଜ ଶ୍ରେଷ୍ଠ ଫରୱାର୍ଡ ଭାବେ ପୁରସ୍କୃତ ହୋଇଥିଲେ। ମ୍ୟାଚ୍ କମିଶନର କିଶନ ଦାଶ, ରେଫରୀ ଭାବରେ କାର୍ତ୍ତିକ ଦାଶ, ମହେନ୍ଦ୍ର ବଗର୍ତ୍ତି, ରମଣୀ ମାଝୀ, ଅଗଷ୍ଟି ହତୀପଟ୍ଟା, ଗିରିଶ ପ୍ରଧାନ, ଭୁବନେଶ୍ୱର ହାତୀ, ସଞ୍ଜୟ ମିର୍ଦ୍ଧା, ସୂର୍ଯ୍ୟ ନାରାୟଣ ମିର୍ଦ୍ଧା, ରତ୍ନାକର ସାଏ, ଅଭିଳାଷ ସାହୁ, ତିନ୍ତସ ବାରୁ, ରାଜକୁମାର ମଣ୍ଡଳ, ଧୀରଜ ଲୁହାର ଖେଳ ଗୁଡ଼ିକୁ ପରିଚାଳନା କରିଥିଲେ। ସମସ୍ତ ଖେଳ ଗୁଡ଼ିକ ଅତି ଉଚ୍ଚ କୋଟିର ପ୍ରଦର୍ଶନ ହୋଇଥିବାରୁ ଷ୍ଟାଡିୟମ୍‌ରେ ଶହ ଶହ ଦର୍ଶକ ଭରପୁର ଉପଭୋଗ କରିଥିଲେ। ଉଦ୍‌ଯାପନୀ ସମାରୋହରେ ବରେଣ୍ୟ ଅତିଥି ଭାବରେ ଟିଆରଏଲ କ୍ରୋସାକି କମ୍ପାନୀର ବରିଷ୍ଠ ଅଧିକାରୀ ଆରଭିଜି ଦୁରେଇରାଜ, କୁମାର ହିଡ଼ମ୍ବା ନାଏକ, ମନୋଜ ପଟେଲ, ସୁଶାନ୍ତ ଦାଶ, ଡ. ସନ୍ତୋଷ ମିଶ୍ର, ଟିଆରଏଲ କ୍ରୋସାକି ଶ୍ରମିକ ସଂଘର ସାଧାରଣ ସମ୍ପାଦକ ରାଜ କିଶୋର ରାଉତ, କ୍ରୀଡ଼ା ପ୍ରେମୀ ରମାକାନ୍ତ ତ୍ରିପାଠୀ ପ୍ରମୁଖ ଯୋଗଦେଇ ବିଜେତା ଓ ଉପବିଜେତା ଦଳକୁ ପୁରସ୍କୃତ କରିଥିଲେ। ଆୟୋଜକ ବେଲପାହାଡ଼ ରେଫରୀ ଆସୋସିଏସନର ଗିରିଶ ଜୟପୁରିଆ, ରାମ ସେନ୍ଦ୍ରିଆ, କିଶନ ଦାଶ, କାର୍ତ୍ତିକ ଦାଶ, ମହେନ୍ଦ୍ର ବଗର୍ତ୍ତି, ରମଣୀ ମାଝୀ, କଳାକାର ନାଗ, ମୁନ୍ନା ସାହୁ, ରତ୍ନାକର ସାଏ, ରମେଶ ସାହୁ, ହିତେଶ ବଗର୍ତ୍ତି, ଅନୀଲ ରଣା, ସମୀର ବାରିକ, ରୋହିତ ମହାନନ୍ଦିଆ, ସମୀର ମାଝୀ, ଝସକେତନ ପ୍ରଧାନଙ୍କ ସମେତ ସମସ୍ତ ସଦସ୍ୟ ଖେଳ ଆୟୋଜନରେ ସହଯୋଗ କରିଥିଲେ। ପୁରସ୍କାର ବିତରଣ ସମାରୋହକୁ ହମିଦ ମହାପାତ୍ର ପରିଚାଳନା କରିଥିବା ବେଳେ କିଶନ ଦାଶ ଧନ୍ୟବାଦ ଅର୍ପଣ କରିଥିଲେ।

**ପ୍ରଥମ ସର୍ବଭାରତୀୟ ଢେଙ୍କାନାଳ କପ୍ କ୍ରିକେଟ**

## ସେମି ଫାଇନାଲରେ ସୋଲାର କଟକ



ଢେଙ୍କାନାଳ (ଭାସ୍କର ନ୍ୟୁଜ୍) : ଢେଙ୍କାନାଳର ପ୍ରୟାସ ଅନୁଷ୍ଠାନ ପକ୍ଷରୁ ସ୍ଥାନିୟ ମୁଖ୍ୟ ଷ୍ଟାଡିୟମଠାରେ ଅନୁଷ୍ଠିତ ହେଉଥିବା ପ୍ରଥମ ସର୍ବଭାରତୀୟ ଢେଙ୍କାନାଳ କପ୍ କ୍ରିକେଟ ପ୍ରତିଯୋଗିତାର ସୋମବାର ଦିନ ଦ୍ୱିତୀୟ କ୍ୱାଟର ଫାଇନାଲ ମ୍ୟାଚ ଅନୁଷ୍ଠିତ ହୋଇଯାଇଛି। ଆଜିର ଖେଳ ସେର୍ସା ରାଂଚୀ ଦଳ ସହିତ କଟକର ସୋଲାର କ୍ରିକେଟ କ୍ଲବ ଦଳ ମଧ୍ୟରେ ମ୍ୟାଚ ଅନୁଷ୍ଠିତ ହୋଇଥିଲା । ଏହି ମ୍ୟାଚରେ ସେର୍ସା ରାଂଚି ଦଳ ଟସ୍‌ରେ ଜିତି ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୨୦ ଓଭରରେ ୧୧୫ରନ କରି ଦଳର ସମସ୍ତ ଖେଳାଳି ଆଉଟ୍ ହୋଇଯାଇଥିଲେ। ଫଳରେ ସେର୍ସା ରାଂଚୀ ଦଳକୁ ୫ ୱିକେଟରେ ହରାଇ କଟକର ସୋଲାର କ୍ରିକେଟ କ୍ଲବ ଦ୍ୱିତୀୟ ଦଳ ଭାବେ ସେମି ଫାଇନାଲରେ ପ୍ରବେଶ କରିଛି । ଦଳ ପକ୍ଷରୁ ଅମନ କୁମାର ୨ଟି ଛକା ଓ ୧ଟି ଚୌକା ସହ ୨୩ ବଲରୁ ୨୬ରନ ସଂଗ୍ରହ କରିଥିଲେ। ସୋଲାର ପକ୍ଷରୁ ଅଙ୍କିତ କର ଜୟସ୍ୱାଲ ୪ ଓଭରରେ ୧୪ରନ ଦେଇ ୩ଟି ୱିକେଟ ନେଇଥିଲେ । ଅଭିଷେକ ସିଂହ ୪ ଓଭରରେ ୨୦ରନ ଦେଇ ୩ଟି ୱିକେଟ ନେଇଥିଲେ । ଜବାବରେ ସୋଲାର କ୍ଲବ ୧୭.୪ ଓଭରରେ ୫ ୱିକେଟ ହରାଇ ୧୧୬ରନ କରି ବିଜୟୀ ହୋଇଥିଲେ । ବିଜୟୀ ଦଳ ପକ୍ଷରୁ ନଟରାଜ ବେହେରା ୨୩ଟି ବଲରୁ ଗୋଟିଏ ଛକା ଓ ୩ଟି ଚୌକା ସହ ୩୪ରନ ସଂଗ୍ରହ କରିଥିଲେ ଓ ସମ୍ବିତ କୁମାର ବେଜ୍ ମଧ୍ୟ ୩ଟି ଚୌକ ଓ ଗୋଟିଏ ଛକା ସହ ୩୪ଟି ବଲରୁ ୩୮ରନ ସଂଗ୍ରହ କରିଥିଲେ । ସେର୍ସା ରାଂଚୀ ପକ୍ଷରୁ କୁଲଦୀପ ଶର୍ମା ୩ ଓଭର ବୋଲିଂ କରି ୧୫ରନ ଦେଇ ୨ଟି ୱିକେଟ ଅକ୍ତିଆର କରିଥିଲେ । ବିଜୟୀ ସୋଲାର କ୍ଲବ ପକ୍ଷରୁ ଅଙ୍କିତକର ଜୟସ୍ୱାଲ ମ୍ୟାନ ଅଫ୍ ଦି ମ୍ୟାଚ ଭାବେ ପୁରସ୍କୃତ ହୋଇଥିଲେ । ଏହି ମ୍ୟାଚକୁ ଆମ୍ପାୟାର ସୁମେନ୍ଦ୍ର ପାତ୍ର ଓ ବିଭୁ ପ୍ରସାଦ ଚୌଧୁରୀ ପରିଚାଳନା କରିଥିଲେ । ଜିତେନ୍ଦ୍ର କୁମାର ସେନାପତି ସ୍କୋରର ଥିଲେ । ସନ୍ଦୀପ ପଣ୍ଡା ଧାରା ବିବରଣୀ ପ୍ରଦାନ କରିଥିଲେ। ପ୍ରାରମ୍ଭରେ ମୁଖ୍ୟ ଅତିଥି ଭାବେ ପୌରାଧକ୍ଷା ଜୟନ୍ତୀ ପାତ୍ର ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ଭୁବନ କଲେଜର ଅବସରପ୍ରାପ୍ତ ଅଧକ୍ଷ ଅଜିତ କୁମାର ବେହେରା ଯୋଗ ଦେଇଥିଲେ । ଏହି ଅବସରରେ ଜିଲାର ପୂର୍ବତନ ବରିଷ୍ଠ କ୍ରିକେଟ ଖେଳାଳୀ ଭରତ ରଞ୍ଜନ ଦାସ ଓ ରଘୁନାଥ ମିଶ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ମ୍ୟାଚକୁ ଏମଜେ ମହିମା, ରିତ ବିଶାଳ, ଅଭିମନ୍ୟୁ ପଣ୍ଡା ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ। ମଙ୍ଗଳବାର ମ୍ୟାଚରେ ରାଇଜିଂ ଷ୍ଟୁଡେଂଟ କଟକ ଦଳ, ଫରେଷ୍ଟ-୧୧ ଛତିଶଗଡକୁ ଭେଟିବ ବୋଲି ଆୟୋଜକ ପକ୍ଷରୁ ସୂଚନା ଦିଆଯାଇଛି।

## ମା' ଚକାଡ଼ଙ୍ଗରେନ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ: କୁରେଶ୍ୱର ବିଜୟୀ



ଖଡ଼ିଆଳ (ଭାସ୍କର ନ୍ୟୁଜ) : ନୂଆପଡା ଜିଲ୍ଲା ଖଡ଼ିଆଳ ବ୍ଲକ ସାନମହେଶ୍ୱର ଗ୍ରାମ ପଂଚାୟତ ଅନ୍ତର୍ଗତ ଦେଓବାହାଲ ଠାରେ ଚାଲିଥିବା ମାଁ ଚକାଡଙ୍ଗରେନ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦଯାପିତ ହୋଇଯାଇଛି । ଫାଇନାଲ ମ୍ୟାଚ ଉଦ୍ୟାନ ବନ୍ଦର କୁରେଶ୍ୱର ଓ ଖଡ଼ିଆଳ ର ବରଗାଁ ମଧ୍ୟରେ ଅନୁଷ୍ଠିତ ହୋଇଥିବା ବେଳେ ପ୍ରଥମେ କୁରେଶ୍ୱର ଦଳ ନିର୍ଦ୍ଧାରିତ ୧୨ ଓଭରରେ ୧୪୮ ରନ ସଂଗ୍ରହ କରିଥିବା ବେଳେ ତାର ଜବାବରେ ବରଗାଁ ଦଳ ୧୨ ଓଭରରେ ସମସ୍ତ ଉଇକେଟ ହରାଇ ୧୦୦ ରନ କରି ୪୮ ରନରେ ପରାଜିତ ହୋଇଥିଲା । ଚମ୍ପିୟାନ ଦଳକୁ ଟ୍ରଫି ସହନଗଦ ରାଶି ଓ ଟ୍ରଫି ଓ ରନର୍ସ ଅପ ଦଳକୁ ନଗଦ ରାଶି ଓ ଟ୍ରଫି ପ୍ରଦାନ କରାଯାଇଥିଲା । ଉଦଯାପନୀ ଦିବସରେ ମୁଖ୍ୟ ଅତିଥି ଭାବରେ ଖଡ଼ିଆଳ ବ୍ଲକ ଉପାଧ୍ୟକ୍ଷ ଗୌତମ ତାଣ୍ଡି ଯୋଗଦେଇ ଖେଳାଳି ମାନଙ୍କୁ ଉତ୍ସାହିତ କରିଥିଲେ। ସମ୍ମାନିତ ଅତିଥି ଭାବରେ ସ୍ଥାନୀୟ ସରପଞ୍ଚ ଆଲ୍ଲାଦିନି ବେହେରା, ପୂର୍ବତନ ସରପଞ୍ଚ ବିଦୁର କୁମାର ଶବର,ସମାଜ ସେବୀ ପୁଷ୍ପମ ତାଣ୍ଡି, ରମେଶ ଠାକୁର, ଉମେଶ କ୍ଷେତ୍ରୀ, ହେରମ୍ବ କ୍ଷେତ୍ରୀ, ଅନନ୍ତ ମାଝୀ, ପୂର୍ଣ୍ଣମୀ ମଙ୍ଗରାଜ, ପରେଶ ମହାପାତ୍ର, ପ୍ରମୁଖ ଯୋଗ ଦେଇଥିଲେ।


**वरीय पुलिस अधीक्षक का कार्यालय**
**पूर्वी सिंहभूम, जमशेदपुर**

**लापता: आवश्यक सूचना**



गुमशुदा महिला
रंजीता कौर, उम्र–करीब 45 वर्ष।

सर्व साधारण को सूचित किया जाता है कि आवेदिका अनीता कौर के द्वारा अपनी बहन रंजीता कौर, उम्र–करीब 45 वर्ष की गुमशुदगी के संबंध में संबंधित थाना गोलमुरी में लिखित आवेदन दिया गया है। जिसमें आवेदिका की बड़ी बहन रंजीता कौर, उम्र–करीब 45 वर्ष, पति–जसवंत सिंह, पता–सी/60, बजरंग नगर पहाड़ी, थाना–गोलमुरी, जिला–पूर्वी सिंहभूम, जमशेदपुर जो माह जुलाई में घर से बिना बताये कहीं चली गई है अभी तक अपने घर वापस नहीं लौटी है। आवेदिका एवं इनके परिवार के द्वारा अपने स्तर से काफी खोजबीन किया गया परन्तु कुछ पता नहीं चल सका है।

**गुमशुदा महिला का हुलिया निम्न प्रकार है** :–उम्र–करीब 45 वर्ष, कद–05 फीट, रंग–सांवला, बाल–लम्बा काला, पहनावा–सलवार सूट संतरा रंग का, पैर में चप्पल और भाषा– बंगाली, हिन्दी एवं पंजाबी।

अत: आप सभी जन साधारण से अनुरोध है कि यदि उपरोक्त हुलिये के संबंध में किसी प्रकार की जानकारी प्राप्त होती है तो इसकी सूचना वरीय पुलिस अधीक्षक के कार्यालय में निम्नांकित फोन नम्बर पर सूचित करें।

वरीय पुलिस अधीक्षक, पूर्वी सिंहभूम, जमशेदपुर : 0657–2431006
पुलिस अधीक्षक नगर, पूर्वी सिंहभूम, जमशेदपुर : 9471190203
पुलिस उपाधीक्षक, (नगर) : 9431706483
थाना प्रभारी, गोलमुरी : 9431706494

वरीय पुलिस अधीक्षक,
पूर्वी सिंहभूम, जमशेदपुर।

PR.NO.346563 Police(24-25):D



**OFFICE OF THE EXECUTIVE ENGINEER**
**RCD, ROAD DIVISION, JAMSHEDPUR, JHARKHAND**
**Very Short e-Procurement Notice**
**For National Competitive Bidding**
**3rd Call**
**Very Short e-Tender Reference No. RCD/JAMSHEDPUR/334**
**Date-17.02.2025**

| | | |
|---|---|---|
| 1. | Name of the work | IRQP of Kerukocha (ON NH-33) To Bengal Border via Birsa Chowk ,Simdi,Shantinagar road ( Length- 27.49 K.M.) for thr year-2024-25 |
| 2. | Estimated Cost of Work (in INR) | Rs 16,72,15,000.00 (Rupees Sixteen Crore Seventy Two Lakh Fifteen Thousand Only) |
| 3. | Initial Bid Security ( Rs In Lacs ) | Rs 16.73 Lakh (Rupees Sixteen Lakh Seventy Three Thousand only). |
| 4. | Initial Bid Security in the shape of | Initial Bid Security - As per SOP issued by Information Technology and e-Governance Department, Govt. of Jharkhand vide Letter No.120, Dt. 03.10.2023 |
| 5. | Cost of Bidding documents | Rs 10,000 (Rs Ten Thousand) only. |
| 6. | Time of Completion | 08 (Eight Months) |
| 7. | Date of Publication of Tender on website | 18.02.2025 at 12.30 P.M. |
| 8. | Start date of bidding | 18.02.2025 from 12.30 P.M. |
| 9. | Last date & Time for online bidding | 25.02.2025 up to 02.00 PM. |
| 10. | Type of Bid | Two envelope mode (Technical and Financial Bid) |
| 11. | Last date & time for receipt of Bid Security and other documents in Online form | 25.02.2025 Through e-tendering portal www.jharkhandtenders.gov.in As per SOP issued by Information Technology and e-Governance Department, Govt. of Jharkhand vide Letter No.120, Dt. 03.10.2023 |
| 12. | Date & time for opening of Technical Bid | 27.02.2025 at 12.30 PM by e-Procurement Cell, Room No. 330A, 3rd floor, Road Construction Department, Jharkhand Mantralaya , Dhurwa , Ranchi |
| 13. | Name & address of office Inviting tender | Executive Engineer, RCD, Road Division, Jamshedpur, Road No.- 1, CH Area. |
| 14. | Contact no. of Procurement officer | 0657-2227724 |
| 15. | Helpline number of e-Procurement cell | 0651-2401010 |

*Above informations are only indicative. Detail NIT & SBD publised on Tender portal shall be final and mandatory. Details can be seen on website* http://jharkhandtenders.gov.in

Executive Engineer
RCD, Road Division, Jamshedpur

PR 346591 Road(24-25)D



**कार्यपालक अभियंता का कार्यालय**
**ग्रामीण विकास विशेष प्रमंडल,**
**गिरिडीह।**

**शुद्धि – पत्र**

इस प्रमण्डलान्तर्गत आमंत्रित ई–अति अल्पकालीन निविदा आमंत्रण सूचना संख्या– **RDD/SD/GIRIDIH/26/2024-25**, जिसका पी० आर० संख्या–346230 है, में अपरिहार्य कारणवश तिथि निम्न प्रकार से संशोधित किया जाता है –

1. वेबसाइट में निविदा प्रकाशन की तिथि– 19.02.2025
2. ई–निविदा प्राप्ति की तिथि एवं समय– दिनांक 19.02.2025 से दिनांक 25.02.2025 को अपराह्न 05:00 बजे तक।
3. ई–निविदा खोलने की तिथि एवं समय– दिनांक 27.02.2025 अपराह्न 02:00 बजे।

निविदा की शेष शर्तें यथावत् रहेंगी।

कार्यपालक अभियंता
ग्रामीण विकास विशेष प्रमंडल
गिरिडीह।

PR 346528 Rural Development (24-25)D



**कार्यपालक अभियंता, एन०आर०ई०पी, जमशेदपुर का कार्यालय**

**अति अल्पकालीन ई–निविदा आमंत्रण सूचना संख्या (1st Call)**
**(Through E-Procurement Mode only-www.jharkhandtenders.gov.in)**
**Notice Inviting e-Tender No : NREP/JSR/Epro-08/2024-25**

| क्र० सं० | कार्य का विवरणी | प्राक्कलित राशि | अग्रधन की राशि | परिमाण विपत्र का मुल्य | कार्य पूर्ण करने की अवधि |
|---|---|---|---|---|---|
| 1 | पोटका प्रखण्ड के हरिणा (बुनुडीह) में धुमकुडिया भवन सह बहुउद्देशीय भवन निर्माण। (खाता न0–375 प्लॉट न0–1959) | 29761600.00 | 596000.00 | 10000.00 | 12 माह |
| 2 | पोटका प्रखण्ड अंतर्गत तेंतला पंचायत में धुमकुडिया भवन सह बहुउद्देशीय भवन निर्माण। (खाता न0–490 प्लॉट न0–1919) | 29761600.00 | 596000.00 | 10000.00 | 12 माह |

1. निविदा आमंत्रित करने वाले पदाधिकारी का नाम : कार्यपालक अभियंता, N.R.E.P, जमशेदपुर।
2. वेवसाईड पर निविदा प्रकाशन की तिथि : 24.02.2025 पूर्वाहन् 11:00 बजे।
3. निविदा प्राप्त करने की अंतिम तिथि : 03.03.2025 अपराहन् 3:00 बजे तक।
4. निविदा खोलने की तिथि एवं समय : 03.03.2025 को अपराहन् 5:00 बजे।
5. विज्ञापनदाता का दुरभाश सं०– : 8409323000
6. ग्रामीण कार्य विभाग के अन्तर्गत समूचित श्रेणी या एक श्रेणी उपर निबंधित संवेदक ही निविदा में भाग ले सकेगें।
7. विस्तृत जानकारी वेवसाईट http://jharkhandtenders.gov.in में जा कर RWD जमशेदपुर Division के साईट पर एवं कार्यदिवस में कार्यालय अवधि में NREP, पूर्वी सिंहभूम, जमशेदपुर के सूचना पट्ट पर देखा जा सकता है।

कार्यपालक अभियंता,
NREP, जमशेदपुर, पूर्वी सिंहभूम

PR 346578 NREP(24-25)#D



ଅଧିକାଂଶ ସମୟରେ ଘରେ କଳହ ଓ ଅଶାନ୍ତି କାରଣରୁ ସମସ୍ତେ ଚିନ୍ତିତ ରହିଥାନ୍ତି । କିଛି ବ୍ୟକ୍ତି ବିଶେଷଙ୍କ ଘରେ ନିୟମିତ ଅଯଥାରେ ମଧ୍ୟ କଳହ ହୋଇଥାଏ । ଜାତକରେ ଚତୁର୍ଥ ଭାଗରେ କୌଣସି ସମସ୍ୟା ଥିଲେ ଏଭଳି ସମସ୍ୟା ହୋଇଥାଏ । ଜାତକରେ ଚନ୍ଦ୍ରମା ଦୁର୍ବଳ ଥିଲେ, କଳହ ଅଧିକ ହୋଇଥାଏ । ଜ୍ୟୋତିଷ ଶାସ୍ତ୍ରରେ ଏପରି କିଛି ସରଳ ଉପାୟ ବିଷୟରେ ବର୍ଣ୍ଣନା କରାଯାଇଛି, ଯାହା ଆପଣାଇବା ଦ୍ୱାରା ଏହି ସମସ୍ୟା ଦୂର ହୋଇଥାଏ। ଜାଣନ୍ତୁ.. ଘରେ ନିୟମିତ କର୍ପୂର ଜଳାନ୍ତୁ । ଏହାଦ୍ୱାରା ଘରେ ସର୍ବଦା ଶାନ୍ତି ରହିଥାଏ । ଘିଅରେ ମିଶାଇ ମଧ୍ୟ କର୍ପୂର ଲଗାଇପାରିବେ । ପତି-ପତ୍ନୀଙ୍କ ମଧ୍ୟରେ କଳହ ହେଉଥିଲେ, ତକିଆ ତଳେ ଏକ କର୍ପୂର ରଖନ୍ତୁ । କିଛି ଦିନ ନିୟମିତ କରନ୍ତୁ । ଦାମ୍ପତ୍ୟ ଜୀବନ ସୁଖମୟ ହୋଇଥାଏ । ଘରେ ନିୟମିତ କଳହ ହେଉଥିଲେ ଅଶ୍ୱତ୍ଥ ବୃକ୍ଷକୁ ପୂଜା କରନ୍ତୁ । ଏକ ଅଶ୍ୱତ୍ଥ ବୃକ୍ଷ ଲଗାଇ ଏହାର ଯତ୍ନ ନିଅନ୍ତୁ । ରବିବାର କର୍ପୂର, ଘିଅ ଓ ଗୁଡ଼ ମିଶାଇ ଘରେ ଜଳାଇବା ଦ୍ୱାରା ଘରୁ ନକରାତ୍ମକ ଶକ୍ତି ଦୂର ହୋଇଥାଏ । ମଙ୍ଗଳବାର ପ୍ରଭୁ ହନୁମାନଙ୍କ ନିକଟରେ ପଞ୍ଚମୁଖୀ ଦୀପ ଲଗାନ୍ତୁ । ପରିବାରରେ ହସଖୁସି ବାତାବରଣ ରହିଥାଏ ।

## କାର୍ତ୍ତିକଙ୍କ ବିପକ୍ଷରେ ଶ୍ରୀଲୀଲା





ଅଭିନେତା କାର୍ତ୍ତିକ ଆର୍ଯ୍ୟନଙ୍କ 'ଭୁଲ୍ ଭୁଲୈୟା ୩' ଫିଲ୍ମ ବକ୍ସ ଅଫିସ୍‌ରେ ଧମାଲ ମଚାଇବା ପରେ ଏବେ ତାଙ୍କ ପରବର୍ତ୍ତୀ ଚଳଚ୍ଚିତ୍ରକୁ ନେଇ ଚର୍ଚ୍ଚା ଆରମ୍ଭ ହୋଇଛି। ଅନୁରାଗ ବାସୁଙ୍କ ନିର୍ଦ୍ଦେଶନାରେ ନିର୍ମିତ ହେବାକୁ ଥିବା ଏକ ଚଳଚ୍ଚିତ୍ରରେ କାର୍ତ୍ତିକ ନଜରକୁ ଆସିବେ ବୋଲି ପୂର୍ବରୁ ଘୋଷଣା ହୋଇଥିଲା। ଏହି ଫିଲ୍ମର ଟାଇଟଲ ବର୍ତ୍ତମାନ ସୁଦ୍ଧା ଘୋଷଣା କରାଯାଇ ନ ଥିଲେ ହେଁ ଏଥିରେ କାର୍ତ୍ତିକଙ୍କ ବିପକ୍ଷରେ ଦକ୍ଷିଣ ଭାରତୀୟ ଅଭିନେତ୍ରୀ ଶ୍ରୀଲୀଲା ନଜରକୁ ଆସିବେ। ରବିବାର ଏହି ଅନ୍‌ଟାଇଟଲ୍ଡ ଫିଲ୍ମର ଟିଜରକୁ ଜାରି କରାଯାଇଛି। କାର୍ତ୍ତିକ ଏହି ଟିଜରରେ ଏକ ଭିନ୍ନ ଶୈଳୀରେ ନଜରକୁ ଆସିଛନ୍ତି। ତାଙ୍କର ଗେଟ୍‌ଅପ୍ ଏବଂ ରୋମାଣ୍ଟିକ ଅନ୍ଦାଜକୁ ଦେଖିଲେ ଏହି ଚଳଚ୍ଚିତ୍ରଟି ଏକ ବଡ଼ ଫ୍ରାଞ୍ଚାଇଜ୍‌ର ପରବର୍ତ୍ତୀ ସ୍ୱିକେଲ ହୋଇପାରେ ବୋଲି ସିନେପ୍ରେମୀମାନେ ଅନୁମାନ କରୁଛନ୍ତି। ଟିଜରରେ କାର୍ତ୍ତିକଙ୍କ ବଡ଼ କେଶ ଏବଂ ଦାଢ଼ି ଥିବା ସହ ତାଙ୍କୁ ଏକ ମଞ୍ଚରେ ରକ୍‌ଷ୍ଟାର ପରି ଅଭିନୟ କରୁଥିବାର ଦେଖିବାକୁ ମିଳୁଛି। ସେହିପରି ଏହି ଟିଜରରେ ଶ୍ରୀଲୀଲାଙ୍କ ସହ କାର୍ତ୍ତିକ ରୋମାନ୍ସ ମଧ୍ୟ କରୁଛନ୍ତି। ଟିଜରର ଝଲକ୍‌ରୁ ଏହା ଚଳଚ୍ଚିତ୍ର 'ଆଶିକୀ ୩' ହୋଇଥିବା ନେଇ ଅନେକ ପ୍ରଶଂସକ ଅନୁମାନ କରିଛନ୍ତି।



## ୨୧ ରେ ଓଟିଟିରେ ରିଲିଜ ହେବ 'ଡାକୁ ମହାରାଜ'

## ପୋଷ୍ଟରରେ ନାହାନ୍ତି ଉର୍ବଶୀ

ସାମ୍ନାକୁ ଆସିଲା ତେଲୁଗୁ ସିନେମା 'ଡାକୁ ମହାରାଜ'ର ଓଟିଟି ରିଲିଜ୍ ଡେଟ୍ । ସିନେମାଟି ଗତ ୧ ୨ ତାରିଖରେ ରିଲିଜ୍ ହେବା ପରେ ଆସନ୍ତା ୨ ୧ ଫେବୃଆରୀରେ ନେଟଫ୍ଲିକ୍ସରେ ଏହାର ଷ୍ଟ୍ରିମିଂ ଆରମ୍ଭ ହେବ । ନେଟଫ୍ଲିକ୍ସ ଓଟିଟି ରିଲିଜ୍ ତାରିଖ ଘୋଷଣା କରିବା ପାଇଁ ସିନେମାର ଏକ ପୋଷ୍ଟର ସେୟାର କରିଛି । ହେଲେ ସବୁଠୁ ରୋଚକ କଥା ହେଉଛି, ପୋଷ୍ଟରରେ ଉର୍ବଶୀ ହିଁ ଉଭାନ ଅଛନ୍ତି । ପୋଷ୍ଟରରେ ସିନେମାର ଅନ୍ୟ ଚରିତ୍ର ରହିଥିବା ବେଳେ ଏଥିରେ ଉର୍ବଶୀଙ୍କ ଫଟୋ ନାହିଁ । ଯାହାକୁ ନେଇ ଜଣେ ସୋସିଆଲ ମିଡିଆ ବ୍ୟବହାରକାରୀ ବ୍ୟଙ୍ଗ କରି କହିଛନ୍ତି, ୧୦୫ କୋଟିର ସିନେମା ପୋଷ୍ଟରରୁ ହଟାଇ ଦିଆଯାଇଥିବା ଭାରତର ପ୍ରଥମ ମହିଳା । ଆଉ ଜଣେ କହିଛନ୍ତି, ସିନେମାର ବେଷ୍ଟ ପ୍ରମୋଟର ହିଁ ପୋଷ୍ଟରରେ ନାହାନ୍ତି । ଯାହାକୁ ନେଇ ଏବେ ଚର୍ଚ୍ଚା ଆରମ୍ଭ ହୋଇଛି । କାହିଁକି ପୋଷ୍ଟରରେ ଉର୍ବଶୀଙ୍କ ଫଟୋ ନାହିଁ ? ନନ୍ଦମୁରୀ ବାଲକୃଷ୍ଣ, ଉର୍ବଶୀ ରଉତେଲା ଏବଂ ବବି ଦେଓଲଙ୍କ ଅଭିନୀତ ତେଲୁଗୁ ସିନେମା ଗତ ୧ ୨ ତାରିଖରେ ରିଲିଜ୍ ହୋଇଯାଇଛି । ପ୍ରଥମ ଦିନରେ ହିଁ ବକ୍ସ ଅଫିସରେ ଏକ ଦମଦାର ଆରମ୍ଭ କରିଥିବା ସିନେମା ଏବେ ମୋଟ ୧୦୫ କୋଟିରୁ ଅଧିକ ଟଙ୍କା ରୋଜଗାର କରିଛି । ହେଲେ ଦ୍ୱିତୀୟ ସପ୍ତାହ ଆଡକୁ ଏହା ଧିମା ପଡିଥିଲା । ଯେଉଁଥିରେ ଉର୍ବଶୀ ସବ-ଇନ୍ସପେକ୍ଟର ଜାନକୀ ଭୂମିକାରେ ଅଭିନୟ କରିଛନ୍ତି । ଦାବିଡି ଡିବିଡି ଗୀତରେ ନନ୍ଦମୁରୀ ବାଲକୃଷ୍ଣଙ୍କ ସହ ତାଙ୍କର ନାଚ ୟୁଟ୍ୟୁବରେ ଭାଇରାଲ ହୋଇଛି । ହିନ୍ଦୀରେ ଭିଡିଓଟି ୨.୧ ମିଲିୟନ ରୋଜଗାର କରିଥିବା, ତେଲୁଗୁରେ ୩୦ ମିଲିୟନ ଏବଂ ସମ୍ପୂର୍ଣ୍ଣ ଭିଡିଓ ଗୀତଟି ୫.୩ ମିଲିୟନ ଭ୍ୟୁ ପାଇଛି ।

## ସ୍କିନ୍ ଆଲର୍ଜିର ଘରୋଇ ଚିକିତ୍ସା



*ଶୀତ ସରିଛି ଏବେ ଆସିଛି ଖରା ଦିନ । ଆଉ ଏହି ଖରା ଦିନରେ ଅନେକ ସ୍କିନ ଆଲର୍ଜି ସମସ୍ୟା ଦେଖାଯାଏ । ଯାହାକୁ ନେଇ ଅନେକ ଲୋକ ଚିନ୍ତିତ ଥାଆନ୍ତି । ତେବେ ଏପରି ସ୍କିନ ଆଲର୍ଜିକୁ କେମିତି ଘରୋଇ ଉପଚାର ଦ୍ୱାରା ଦୂର କରିବା ଆସନ୍ତୁ ଜାଣିବା । ଖରାଦିନେ ଝାଳ ବୋହିବା ଯୋଗୁ ବିଭିନ୍ନ ପ୍ରକାର ସ୍କିନ୍ ଆଲର୍ଜି ସମସ୍ୟା ଦେଖାଯାଇଥାଏ। କାହାର ଘିମିରି ବାହାରେ ତ କାହା ଶରୀରରେ ନାଲି ନାଲି ଦାଗ ଦେଖାଯାଏ ପୁଣି କାହାର ଦେହ କୁଣ୍ଡାଇ ହୁଏ। ଏହିସବୁ ସମସ୍ୟାରୁ ରକ୍ଷା ପାଇବା ପାଇଁ କେହି କେହି ଡାକ୍ତରଙ୍କ ପରାମର୍ଶ କ୍ରମେ ଔଷଧ ଖାଇଥାନ୍ତି ତ ଆଉ କିଏ ବଜାରରେ ମିଳୁଥିବା ବିଭିନ୍ନ ପ୍ରକାରର କ୍ରିମ ଆଣି ଲଗାଇଥାନ୍ତି। ଯେଉଁଥିପାଇଁ ଅନେକ ଟଙ୍କା ଖର୍ଚ୍ଚ ହୁଏ। କିନ୍ତୁ ଜାଣନ୍ତି କି, ଏମିତି କିଛି ସହଜ ଘରୋଇ ଉପାୟ ରହିଛି; ଯାହାକୁ ଟ୍ରାଏ କରି ଏହିସବୁ ସ୍କିନ୍ ଆଲର୍ଜିରୁ ସୁବିଧାରେ ମୁକ୍ତି ପାଇହେବ।*

- ସତେଜ ଆଲୋଭେରାରୁ ଖଣ୍ଡେ ଆଣି ତା' ଭିତରର ଲାଳ ଅଂଶକୁ କାଢି ସ୍କିନ୍‌ର ଯେଉଁ ଅଂଶରେ ଆଲର୍ଜି ହୋଇଛି ସେଠାରେ ଲଗାଇବେ ଓ କିଛି ସମୟ ପରେ ଧୋଇଦେବେ। ଏମିତି କିଛିଦିନ କଲେ ଦେଖିବେ ଆଲର୍ଜି ସମସ୍ୟା କମିଯିବ।
- ଖରାଦିନେ ସ୍କିନ୍‌ରେ ଦେଖାଯାଉଥିବା ଆଲର୍ଜି ସ୍ଥାନରେ ବରଫ ଖଣ୍ଡ(ସୂତା କପଡ଼ାରେ ଗୁଡ଼ାଇ)କୁ ଧୀରେ ଧୀରେ ମାଲିସ୍ କଲେ ବି କେତେକାଂଶରେ ମୁକ୍ତି ମିଳେ।
- ନଡ଼ିଆ ତେଲରେ କିଛି କର୍ପୂରକୁ ଗୁଣ୍ଡ କରି ପକାଇବେ। ପରେ ସେହି ମିଶ୍ରଣକୁ ପ୍ରଭାବିତ ହୋଇଥିବା ସ୍ଥାନରେ ଦିନକୁ ଦୁଇଥର ଲଗାଇଲେ ସ୍କିନ୍ ରାଶେଶ୍ ସମସ୍ୟାରୁ କେତେକାଂଶରେ ମୁକ୍ତି ମିଳିଥାଏ।
- ଆଲୋଭେରା ଜେଲ୍ ସାଧାରଣତଃ ଏହାର ଥଣ୍ଡା ଗୁଣ ଯୋଗୁଁ ବିଭିନ୍ନ ସମସ୍ୟା ପାଇଁ ବ୍ୟବହୃତ ହୁଏ। ଗ୍ରୀଷ୍ମରେ, ଏହା ଚର୍ମକୁ ହାଇଡ୍ରେଟ୍ କରିବାରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଏ। ଏହାକୁ ଦହି ପରି ଅନ୍ୟ ଏକ ଥଣ୍ଡା ଉପାଦାନ ସହିତ ମିଶାନ୍ତୁ। ଏହି ମିଶ୍ରଣକୁ ବ୍ୟବହାର କରି ହୋଇଥାଏ ଚର୍ମର ରକ୍ଷା। ପ୍ରଥମେ ଏକ ଚାମଚ ଦହି ସହିତ ଦୁଇ ଚାମଚ ଆଲୋ ଭେରା ଜେଲ ନିଅନ୍ତୁ। ଏହାକୁ ଭଲ ଭାବରେ ମିଶାନ୍ତୁ ଏବଂ ପେଷ୍ଟକୁ ଆପଣଙ୍କ ମୁହଁରେ ଲଗାନ୍ତୁ, ୧୫ ମିନିଟ୍ ଅପେକ୍ଷା କରନ୍ତୁ, ଶେଷରେ ଏହାକୁ ଭଲ ଭାବରେ ସାଧାପାଣିରେ ଧୋଇ ନିଅନ୍ତୁ, ତାପରେ ଦେଖନ୍ତୁ ଚମତ୍କାର।
- ଯଦି ଆପଣ ଶୁଷ୍କ ଚର୍ମ ସମସ୍ୟାର ସମ୍ମୁଖୀନ ହେଉଛନ୍ତି, ତେବେ ଆପଣ ନଡ଼ିଆ ତେଲ ସହ ଆଲୋ ଭେରା ନେଇ ପାରିବେ। ତେଲର ମଶ୍ଚରାଇଜିଂ ଗୁଣଗୁଡ଼ିକ ଚମକୁଥିବା ଚର୍ମକୁ ଭଲ କରିପାରେ। ଯେତେବେଳେ ଆଲୋ ଭେରା ଜେଲ୍ ସହିତ ମିଶ୍ରିତ ହୁଏ, ମଶ୍ରିଣଟି ଅତ୍ୟଧିକ ହାଇଡ୍ରେଟିଂ ହୋଇଯାଏ। କିନ୍ତୁ, ଯଦି ଆପଣଙ୍କର ବ୍ରେକଆଉଟ୍ ଅଛି ତେବେ ଆପଣଙ୍କୁ ଏହାକୁ ଯତ୍ନର ସହିତ ବ୍ୟବହାର କରିବା ଆବଶ୍ୟକ ଅଛି।

## ପ୍ରଶଂସକଙ୍କ ହୋସ୍ ଉଡେଇଲେ ଶ୍ରଦ୍ଧା ଦାସ



ବଲିଉଡ୍ ଅଭିନେତ୍ରୀ ଶ୍ରଦ୍ଧା ଦାସ ସବୁବେଳେ ନିଜ ବୋଲ୍ଡ ଓ ହଟ୍ ଲୁକ୍‌ରେ ନିଜ ପ୍ରଶଂସକଙ୍କୁ ପାଗଳ କରି ରଖିବାରେ ବେଶ୍ ମାହିର। ତାଙ୍କର ପ୍ରତ୍ୟେକ ଲୁକ୍ ଇଣ୍ଟରନେଟ୍‌କୁ ଆସିବା ମାତ୍ରେ ହଇଚଇ ସୃଷ୍ଟି କରିବା ଆରମ୍ଭ କରେ। ତାଙ୍କ ଦମଦାର ଲୁକ୍ ଦେଖିବାକୁ ପ୍ରଶଂସକ ପାଗଳ । ନିକଟରେ ଅଭିନେତ୍ରୀ ଇନଷ୍ଟାଗ୍ରାମରେ ତାଙ୍କର ଲାଟେଷ୍ଟ୍ ଫଟୋ ପୋଷ୍ଟ କରିଛନ୍ତି। ଏହି ଫଟୋଗୁଡ଼ିକରେ ତାଙ୍କର ସିଜ୍‌ଲିଙ୍ଗ୍ ଷ୍ଟାଇଲ୍ ଉପରୁ ପ୍ରଶଂସକଙ୍କ ନଜର ହଟୁନି। ଅଭିନେତ୍ରୀ ଶ୍ରଦ୍ଧା ଦାଶ, ଯିଏକି ତାଙ୍କ ଅଭିନୟ ଅପେକ୍ଷା ତାଙ୍କ ବୋଲ୍ଡ ଲୁକ୍ ପାଇଁ ଅଧିକ ଚର୍ଚ୍ଚାରେ ରୁହନ୍ତି। ଏହି କ୍ଷେତ୍ରରେ ସେ ଲୋକଙ୍କ ମଧ୍ୟରେ ନିଜ ପାଇଁ ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛନ୍ତି। ଏହି ଫଟୋଗୁଡ଼ିକରେ ଆପଣ ଅଭିନେତ୍ରୀଙ୍କୁ ଏକ ଗ୍ରୀନ ଧଳା ରଙ୍ଗର ଖୁବ୍ ଷ୍ଟାଇଲିସ ପୋଷାକ ପିନ୍ଧିଥିବାର ଦେଖିପାରିବେ। ଏହି ପୋଷାକରେ ସେ ଗୋଟିଏ ପରେ ଗୋଟିଏ ଦମଦାର ପୋଜ୍ ଦେଉଥିବା ନଜର ଆସନ୍ତି।

ଅଭିନେତ୍ରୀ ତାଙ୍କ ଚୁଟିକୁ ପଛ ପଟେ ବାନ୍ଧି ରଖିଛନ୍ତି ଏବଂ ହାଲୁକା ମେକ୍‌ଅପ୍ ନେଇ ନିଜର ଆଉଟ୍‌ଲୁକ୍ ଶେଷ କରିଛନ୍ତି। ତାଙ୍କର ଏମିତି ଅବତାର ଦେଖିବା ପରେ ପ୍ରଶଂସକମାନେ ତାଙ୍କୁ ପ୍ରଶଂସା କରିବାରେ ଲାଗିଛନ୍ତି। ଯେତେବେଳେ ବି ଅଭିନେତ୍ରୀ ଇନଷ୍ଟାଗ୍ରାମରେ ତାଙ୍କ ଫଟୋ ପୋଷ୍ଟ କରନ୍ତି, ପ୍ରଶଂସକମାନେ ତାଙ୍କ ଫଟୋକୁ ଲାଇକ୍ କରନ୍ତି ଏବଂ କମେଣ୍ଟ ମାଧ୍ୟମରେ ପ୍ରତିକ୍ରିୟା ଦିଅନ୍ତି। ଏ ଫଟୋଗୁଡିକରେ ମଧ୍ୟ ସେମାନେ ଏମିତି କିଛି କରିବା ଦେଖାଯାଏ। ଶ୍ରଦ୍ଧା ଦାସ ସୋସିଆଲ୍ ମିଡିଆରେ ବହୁତ ସକ୍ରିୟ। ଇନଷ୍ଟାଗ୍ରାମରେ ତାଙ୍କର ଅନେକ ପ୍ରଶଂସକ ଅଛନ୍ତି। ପ୍ରଶଂସକଙ୍କୁ ମନୋରଂଜନ କରିବାରେ ଅଭିନେତ୍ରୀ କୌଣସି ସୁଯୋଗ ହାତଛଡା କରନ୍ତି ନାହିଁ। ସାଉଥ୍ ସୁନ୍ଦରୀ ଶ୍ରଦ୍ଧା ଦାସ ସବୁବେଳେ ସୋସିଆଲ୍ ମିଡିଆରେ ନିଜର ବୋଲ୍ଡ ଓ ହଟ୍ ଲୁକ୍ ଫଟୋ ପୋଷ୍ଟ କରି ନିଜ ସୌନ୍ଦର୍ଯ୍ୟରେ ପ୍ରଶଂସକଙ୍କୁ ବାନ୍ଧି ରଖନ୍ତି। ଇଣ୍ଟରନେଟରେ ଆସିବା ମାତ୍ରେ ତାଙ୍କର ପ୍ରତ୍ୟେକ ଲୁକ୍ ଭାଇରାଲ୍ ହୁଏ।

Printed, Published & Owned by **Madhu Mohanty.** Published from and printed at Tilak Raj Publications (P) Ltd., Zone-D-2/18, Sector-A, Mancheswar Industrial Estate, Bhubaneswar-751010, Fax: 2587803,2580150 Phone: 2587802, 2580234(PBX), E-mail: odishabhaskar@yahoo.com, bhaskarfoto@gmail.com, odishabhaskaradvt@gmail.com

ମୁଖ୍ୟ ସମ୍ପାଦକ: **ପ୍ରଦୋଷ ପଟ୍ଟନାୟକ**
Chief Editor: Pradosh Pattanaik



ବୋଲଗଡ଼, (ଭାସ୍କର ନ୍ୟୁଜ): ଧଳାପଥର ସରସ୍ୱତୀ ଶିଶୁମନ୍ଦିର ୨୯ତମ ବାର୍ଷିକ ଉତ୍ସବ କଳାପଥର ଧଳାପଥର ଉଚ୍ଚ ବାଳକ ବିଦ୍ୟାଳୟ ପ୍ରାଙ୍ଗଣ ରେ ଅନୁଷ୍ଠିତ ହୋଇଯାଇଛି । ଉତ୍ସବ ପ୍ରାରମ୍ଭରେ ଜଗନ୍ନାଥଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ଓ ପ୍ରଦୀପ ପ୍ରଜ୍ୱଳନ କରି ଆବାହନ ସଙ୍ଗୀତ ଗାନ ପରେ ଅନୁଷ୍ଠାନର ପ୍ରଧାନ ଆଚାର୍ଯ୍ୟ କୃଷ୍ଣ ଚନ୍ଦ୍ର ରାଉତ ଅତିଥି ମାନଙ୍କ ପରିଚୟ ପ୍ରଦାନ ସହ ବିଦ୍ୟାଳୟର ବାର୍ଷିକ ବିବରଣୀ ପ୍ରଦାନ କରିଥିଲେ । ଏହି ଉତ୍ସବରେ ପରିଚାଳନା କମିଟିର ସଭାପତି ସୁରଞ୍ଜନ ପଣ୍ଡା ମୁଖ୍ୟ ଅତିଥି ପୂର୍ବତନ ଚେୟାରମ୍ୟାନ୍ ସତ୍ୟନାରାୟଣ ସାମନ୍ତ ସମାଜସେବୀ ତଥା ବିଜେପି କାର୍ଯ୍ୟକର୍ତ୍ତା ତୁଷାର କାନ୍ତ ଚକ୍ରବତି, ବୈଜ୍ଞାନିକ ଡ. ଚିତ୍ତରଞ୍ଜନ ମିଶ୍ର, ଅନୁଷ୍ଠାନର ସମ୍ପାଦକ ତଥା ଉଚ୍ଚନ୍ୟାୟାଳୟ ଆଇନଜୀବି ପ୍ରଦୀପ୍ତ କୁମାର ପଟ୍ଟନାୟକ, ମୁଖ୍ୟବକ୍ତା ବୈଷ୍ଣବ ଚରଣ ମହାନ୍ତି, ପୂର୍ବତନ ସଭାପତି ଶୈଳେନ୍ଦ୍ର ନାରାୟଣ ସାହୁ ପ୍ରମୁଖ ଅତିଥି ସଭାମଣ୍ଡନ କରିଥିଲେ । ମୁଖ୍ୟ ଅତିଥି ତାଙ୍କ ବକ୍ତବ୍ୟରେ ପ୍ରକାଶ କରିଥିଲେ ବିଜ୍ଞାନ ପଢୁଥିବା ପିଲାମାନେ ବହୁତ୍ ସୁଙ୍ଖଳିତ ଏବଂ ବହୁତ କଠିନ ପରିଶ୍ରମ କରନ୍ତି । ମୁଖ୍ୟ ବକ୍ତା ଚିତ୍ତରଞ୍ଜନ ମିଶ୍ର ତାଙ୍କ ବକ୍ତବ୍ୟରେ ପ୍ରକାଶ କରିଛନ୍ତି ଯେଉଁ ପିଲା ମା'ର ଛାଟ ଖାଇଚି ସେ ପିଲା ଭବିଷ୍ୟତରେ ଭଲ ମଣିଷ ଟିଏ ହୋଇ ଗଢ଼ି ଉଠିଛନ୍ତି । ପରିଶେଷରେ ଶିକ୍ଷକ ବିଭୁପ୍ରସାଦ ଦାସ ଧନ୍ୟବାଦ ଅର୍ପଣ କରିଥିଲେ ।

# କେନ୍ଦ୍ରାପଡ଼ା କେନାଲର ୧୨ନଂ ଶାଖା ନାଳବନ୍ଧ ରାସ୍ତା ନିର୍ମାଣ ଦାବି



ଡେରାବିଶ, (ଭାସ୍କର ନ୍ୟୁଜ୍): ଡେରାବିଶ ବ୍ଲକ୍ ଅନ୍ତର୍ଗତ କେନ୍ଦ୍ରାପଡ଼ା କେନାଲର ୧୨ନଂ ଶାଖାନାଳର ଅର୍ଦ୍ଧାମୂଳ ଗ୍ରାମ ଠାରୁ ଚାନ୍ଦୋଳ ବଜାରର କଟକ-ଚାନ୍ଦବାଲି ରାଜରାସ୍ତା ଯାଏଁ ଢଳେଇ କରିବାକୁ ସ୍ଥାନୀୟ ଅଞ୍ଚଳବାସୀ ଦାବି କରିଛନ୍ତି । ଏହି ବ୍ଲକ୍ ଅନ୍ତର୍ଗତ ଦାନପୁର ଠାରେ ଲୁଣାନଦୀର ସେତୁ ହେବା ପରଠାରୁ ଦାନପୁର ଠାରୁ ଚାନ୍ଦୋଳ ଯାଏଁ ଡେରାବିଶ ଓ ଗରଦପୁର ବ୍ଲକ୍‌ର ୨୦ରୁ ଉର୍ଦ୍ଧ୍ୱ ପଞ୍ଚାୟତର ଅଧୀବାସୀମାନେ ଏହି ରାସ୍ତାକୁ ଯାତାୟତ ପାଇଁ ବ୍ୟବହାର କରୁଛନ୍ତି । ଏପରିକି ଜଗତସିଂହପୁର ଜିଲ୍ଲାକୁ ଏହି ରାସ୍ତା ସଂଯୋଗ କରୁଥିବାରୁ ମାଲ ପରିବହନ ମଧ୍ୟ ଏହି ରାସ୍ତା ଦେଇ ହୋଇଥାଏ । ଯାହାଫଳରେ ୪ଚକିଆ ଯାନ ସହିତ ଭାରିଯାନ ମଧ୍ୟ ଯାତାୟତ କରିଥାଏ । ଏହି ୧୨ନଂ ଶାଖା ନାଳବନ୍ଧ ଗ୍ରାମ୍ୟ ଉନ୍ନୟନ ବିଭାଗ ଦ୍ୱାରା ପୂର୍ବରୁ ପିଚୁ କରାଯାଇଥିଲା । ହେଲେ ଏହା ଏବେ ସମ୍ପୂର୍ଣ୍ଣ ନଷ୍ଟ ହୋଇଗଲାଣି । ଶାଖାନାଳର ଦକ୍ଷୀଣ ପାର୍ଶ୍ୱ ବନ୍ଧ ଅନେକ ସ୍ଥାନରେ କେନାଲ ପଟକୁ ଏବଂ କିଛି ସ୍ଥାନରେ ଅପରପାର୍ଶ୍ୱକୁ ଭୁଷୁଡ଼ି ପଡ଼ିଲାଣି । ଯାହାଫଳରେ ଅନେକ ସମୟରେ ଛୋଟବଡ଼ ଦୁର୍ଘଟଣାମାନ ଘଟୁଛି । ତେବେ ଏହି ନାଳବନ୍ଧ ରାସ୍ତାକୁ ପ୍ରଶସ୍ତ ଓ ଦୃଢ଼ୀକରଣ ପାଇଁ ବନ୍ଧରାସ୍ତାର ବାମ ପାର୍ଶ୍ୱରେ (ନାଳପଟ) ଢଳେଇ ପାଚେରୀ କରିବା ସହ ରାସ୍ତାକୁ ଭାରିଯାନ ଚଳପ୍ରଚଳ ଯୋଗ୍ୟ ଢଳେଇ ରାସ୍ତା ନିର୍ମାଣ କରିବାପାଇଁ ଦାବି ହେଉଛି । ଦାନପୁର ସେତୁ ଠାରୁ ଚାନ୍ଦୋଳ ଯାଏ ଅଧିକାଂଶ ଗାଡ଼ି ଓ ସର୍ବସାଧାରଣ ବ୍ୟବହାର କରୁଛନ୍ତି । ଏହି ରାସ୍ତା ତୁରନ୍ତ ନିର୍ମାଣ ନକଲେ ଦାନପୁର ଠାରୁ ଦୋହଲୀ ଭାୟା ଦେଇଥିବା ବିକଳ୍ପ ଅଣଓସାରିଆ ରାସ୍ତା ହୋଇଥିବାରୁ ଉଭୟପଟୁ ଆସୁଥିବା ଗାଡ଼ି ପରସ୍ପରକୁ ଅତିକ୍ରମ କରିବା କଷ୍ଟ ହୋଇପଡ଼ିବ । ଯାହାଫଳରେ ଏହି ରାସ୍ତାଟି ସଦାସର୍ବଦା ଜାମ ରହିବ ଏବଂ ଏହି ରାସ୍ତା କଡ଼ରେ ଥିବା ବିଦ୍ୟାଳୟ ଓ ସରକାରୀ କାର୍ଯ୍ୟାଳୟକୁ ଯାତାୟତ ଠପ ହୋଇଯିବ । ଏସବୁକୁ ଦୃଷ୍ଟିରେ ରଖି ଏହି ରାସ୍ତା ତୁରନ୍ତ ନିର୍ମାଣ ପାଇଁ ଅଞ୍ଚଳବାସୀ ଦାବି କରିଛନ୍ତି ।

## ଜଗନ୍ନାଥ ମନ୍ଦିରର ଦଧିନଉତି ସ୍ଥାପନ

ରଘୁନାଥପୁର, (ଭାସ୍କର ନ୍ୟୁଜ୍): ରଘୁନାଥପୁର ବ୍ଲକ୍ ପୁରଣ ଓଡ଼ପଡ଼ା ପଞ୍ଚାୟତର ଅନନ୍ତପୁର ନେହୁଲିଆ ଜଗନ୍ନାଥ ମନ୍ଦିରର ଦଧିନଉତି ସୋମବାର ଏକ ଆଧ୍ୟାତ୍ମିକ ପରିବେଶରେ ସ୍ଥାପନ କରାଯାଇଛି । ପଣ୍ଡିତ ବ୍ରାହ୍ମଣଙ୍କ ଦ୍ୱାରା ଏହି ନୂତନ ମନ୍ଦିରର ପୂଜାର୍ଚ୍ଚନା କରାଯାଇ ଶତାଧିକ ଭକ୍ତ, ଶ୍ରଦ୍ଧାଳୁ ଓ ଗ୍ରାମବାସୀଙ୍କ ଉପସ୍ଥିତିରେ ଶଙ୍ଖ, ଘଣ୍ଟ, ବାଦ୍ୟ, ହରିବୋଲ ହୁଳହୁଳି ଧ୍ୱନିରେ ଦଧିନଉତି ସ୍ଥାପନ କରାଯାଇ ଥିଲା । ଏହି କାର୍ଯ୍ୟକ୍ରମରେ କର୍ତ୍ତା ଭାବେ ସମୀର କୁମାର ନାୟକ, କର୍ତ୍ତୀ ଭାବେ ପ୍ରିୟତମା ରାଉତ ନିଜର ଦାୟିତ୍ୱ ସମ୍ପାଦନା କରିଥିଲା ବେଳେ ସାରଦା ପ୍ରସନ୍ନ ଚୈଧୁରୀ, ଆନନ୍ଦ ଚୈଧୁରୀ, ମଙ୍ଗୁଳି ରାଉତ, ଅମୁଲ୍ୟ ରାଉତ, ସାରଦା ନାୟକ, ଶିବପ୍ରସାଦ ପାତ୍ର, ଅମୁଲ୍ୟ ଚୌଧୁରୀ ପ୍ରମୁଖ ଗ୍ରାମବାସୀମାନେ ସହଯୋଗ କରିଥିଲେ । ଏହି ଅବସରରେ ସ୍ଥାନୀୟ ଗ୍ରାମର ଏବଂ ନିକଟସ୍ଥ ଗ୍ରାମର ଶତାଧିକ ଲୋକ ଯୋଗଦାନ କରିଥିଲେ ।

# ଡକ୍ଟର ଆମ୍ବେଦକର ସାମାଜିକ ନ୍ୟାୟ ପରିଷଦର ଆଡ଼ହକ କମିଟି ଗଠିତ



କେନ୍ଦୁଝର, (ଭାସ୍କର ନ୍ୟୁଜ୍): ସ୍ଥାନୀୟ ବଡହଳ ସ୍ଥିତ ଭୂୟାଁ ସାଂସ୍କୃତିକ ଭବନରେ ଆଜି ଡକ୍ଟର ଆମ୍ବେଦକର ସାମାଜିକ ନ୍ୟାୟ ପରିଷଦର ବୈଠକ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାର ବରିଷ୍ଠ ରାଜନେତା କବି ତଥା ସମାଜ ସଂସ୍କାରକ ପୂର୍ବତନ ତେଲକୋଇ ବିଧାୟକ ପ୍ରାଣବଲ୍ଲଭ ନାୟକ ଏହି ବୈଠକରେ ସଭାପତିତ୍ୱ କରୁଥିଲେ । ଜିଲ୍ଲାର ସବୁ ଅଞ୍ଚଳରୁ ପ୍ରତିନିଧିମାନେ ଏଥିରେ ଯୋଗ ଦେଇଥିଲେ । ବାବା ସାହେବଙ୍କ ନାମରେ ଅନେକ ଅନୁଷ୍ଠାନ ଥିଲେ ମଧ୍ୟ ଆଜିର ଏହି ନୂଆ ସଂଗଠନ ସମସ୍ତଙ୍କ ସହ ଯୋଗାଯୋଗ କରି ବାବା ସାହେବଙ୍କ ନ୍ୟାୟ ବ୍ୟବସ୍ଥାକୁ ସାଧାରଣ ଦଳିତ ଆଦିବାସୀ ପଛୁଆ ବର୍ଗ ସଂଖ୍ୟା ଲଘୁ ବର୍ଗ ଲୋକଙ୍କ ପାଖରେ କିପରି ପହଞ୍ଚାଇ ପାରିବ ସେ ବାବଦରେ ବିଶେଷ ଆଲୋଚନା ହୋଇଥିଲା । ସର୍ବସମ୍ମତି କ୍ରମେ ଅନୁଷ୍ଠାନ ନାମ ରଖା ଯାଇଥିଲା । ସମାଜରେ ସବୁଠାରୁ ଅବହେଳିତ ନିର୍ଯ୍ୟାତିତ ଲୋକଙ୍କ ପାଖରେ ଠିଆ ହେବାକୁ ସମସ୍ତେ ନିଷ୍ପତ୍ତି ନେଇଥିଲେ । ଆଗାମୀ ଦିନରେ ଏହି ସଂଗଠନ ବଳିଷ୍ଠ ହୋଇ ପୂର୍ଣ୍ଣାଙ୍ଗ ସାଧାରଣ ବୈଠକ କରିବ ବୋଲି ଆଲୋଚନା ହୋଇଥିଲା । ବିଭିନ୍ନ ପ୍ରାନ୍ତରୁ ଆସିଥିବା ଆଲୋଚକମାନେ ଅଞ୍ଚଳ ତଥା ଜିଲ୍ଲା ସମସ୍ୟା କଥା କହିଥିଲେ । ସହମତିରେ ଏକ ଆଡହକ କମିଟି ଏହି ଅନୁଷ୍ଠାନ ପରିଚାଳନା ଲାଗି ଗଠନ କରାଯାଇଥିଲା । ଏଥିରେ ସ୍ଥାୟୀ ଅଧକ୍ଷ ରୂପେ ପ୍ରାଣ ବଲ୍ଲଭ ନାୟକ ରହିଥିବା ବେଳେ କାର୍ଯ୍ୟକାରୀ ସଭାପତି ଭାବେ ଜନାର୍ଦ୍ଦନ ନାୟକ ଏବଂ ଅନ୍ୟାନ୍ୟ ସମ୍ପାଦକ ମଣ୍ଡଳୀ ଭାବେ ଅଧିବକ୍ତା ଦୈତାରି ଆପଟ୍, କୁମାର ମଣି ତନ୍ତୀ, ରମେଶ ଚନ୍ଦ୍ର ସେଠୀ, ବିଜୟ କୁମାର ହେମ୍ବ୍ରମ, କମଳାକାନ୍ତ ସିଂହ, ଇନ୍ଦ୍ରମଣି ଦେହୁରୀ, ରାମେଶ୍ୱର ମାଝୀ, ସମରା ଟୁଡୁ ମନୋନୀତ ହୋଇଥିଲେ । ଏହି ବୈଠକରେ ପୂର୍ବତନ ପାଟଣା ବିଧାୟକ ଜଗନ୍ନାଥ ନାୟକ ଏବଂ ସର୍ବଶ୍ରୀ ଦିଲୀପ କୁମାର ସାହୁ, ନିର୍ମଳ କୁମାର ନାୟକ, କୁମ୍ଭକର୍ଣ୍ଣ ଦେହୁରୀ, ସୁଶାନ୍ତ ମୁର୍ମୁ, ଅଲେଖ ପାତ୍ର, କୃଷ୍ଣଚନ୍ଦ୍ର ଦେହୁରୀ, ଅଲେଖ ଚରଣ ନାୟକ, ବିଜୟ କୁମାର ହେମ୍ବ୍ରମ, ନଗେନ କୁମାର ମାଝୀ, ଚକ୍ରଧର ନାୟକ, ତ୍ରିଲୋଚନ ନାୟକ ଆଦି ଯୋଗ ଦେଇଥିଲେ ।

## ଅସହାୟ ବ୍ୟକ୍ତିଙ୍କୁ ସହାୟତା

ଆଳି, (ଭାସ୍କର ନ୍ୟୁଜ୍): ଆଳି ବ୍ଲକ୍ ଅନ୍ତର୍ଗତ ମହୁ ପଞ୍ଚାୟତର ମହୁ ଗ୍ରାମର କିରଣ ସ୍ୱାଇଁ ଯିଏ କି ବାଙ୍ଗାଲୋରରେ ଶ୍ରମିକ ଭାବେ କାମ କରି ପରିବାର ପ୍ରତିପୋଷଣ କରୁଥିଲା, କାମ କରୁଥିବା ବେଳେ ପାଇପ ପଡି ଗୋଡ଼ ଆଙ୍ଗୁଳି ଛିଡି ସେପ୍ଟିକ ହୋଇଯାଇଥିଲା । ଯାହାଫଳରେ ତାଙ୍କ ଗୋଡ଼ ଆଣ୍ଠୁ ପାଖରୁ କଟାଗଲା । ବର୍ତ୍ତମାନ କିରଣ ଅସହାୟ ଅବସ୍ଥାରେ ଘରେ ଚିକିତ୍ସିତ ହେଉଛି । ରୋଜଗାର କରିବାର କ୍ଷମତା ନଥିବାରୁ ଚିକିତ୍ସା ପାଇଁ ଗଣମାଧ୍ୟମ ଦ୍ୱାରା ସହାୟତା ପାଇଁ ନିବେଦନ କରିଥିଲେ । ଏହା ଜାଣି ସହଦେବ ଦାସ ସେବା ସଂସ୍ଥା, ନମୌଜା ତରଫରୁ ସଭାପତି ଗୋବିନ୍ଦଚନ୍ଦ୍ର ନନ୍ଦ, ପୂର୍ବତନ ସମ୍ପାଦକ ବୀରେନ୍ଦ୍ର କୁମାର ପଣ୍ଡା ଓ ସଭାପତି ବାମନଚରଣ ବେହେରା, କୋଷାଧ୍ୟକ୍ଷ ମଧୁସୂଦନ ଦାସ ଆଦି କିରଣଙ୍କ ଘରେ ପହଞ୍ଚି ମହୁ ଗ୍ରାମର ସରପଞ୍ଚ ମହେଶ୍ୱର ତ୍ରିପାଠୀ ଓ ସମାଜସେବୀ ସରୋଜିନୀ ରାଉତଙ୍କ ଉପସ୍ଥିତରେ ୫୦୦୦ଟଙ୍କା ସହାୟତା ପ୍ରଦାନ କରିଛନ୍ତି ।

# ଜିଲ୍ଲାସ୍ତରୀୟ ମିଳିତ ଜନଶୁଣାଣି କାର୍ଯ୍ୟକ୍ରମ

ଅନୁଗୋଳ, (ଭାସ୍କର ନ୍ୟୁଜ୍): ଜିଲ୍ଲାପାଳ ଅବ୍ଦାଲ ମୁହମ୍ମଦ ଅଖତାରଙ୍କ ଅଧକ୍ଷତାରେ କଣିହାଁ ବ୍ଲକ୍ କାର୍ଯ୍ୟାଳୟ ଠାରେ ଜିଲ୍ଲାସ୍ତରୀୟ ମିଳିତ ଜନଶୁଣାଣୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି ଜନଶୁଣାଣୀ କାର୍ଯ୍ୟକ୍ରମରେ ଆରକ୍ଷୀ ଅଧିକ୍ଷକ ରାହୁଲ ଜୈନ ଯୋଗ ଦେଇଥିଲେ । ଜନଶୁଣାଣୀ ଶିବିରରେ ମୋଟ ୮୯ ଅଭିଯୋଗ ଗ୍ରହଣ କରାଯାଇ ଥିଲା । ସେଥିମଧ୍ୟରୁ ୬୩ଟି ବ୍ୟକ୍ତିଗତ ଓ ୨୬ ଟି ଗ୍ରାମ୍ୟ ଭିତ୍ତିକ ଅଭିଯୋଗର ଶୁଣାଣୀ ହୋଇଥିବା ବେଳେ ୮ଟି ଅଭିଯୋଗର ତୁରନ୍ତ ଫଇସଲା କରାଯାଇ ଥିଲା । ଜଣଙ୍କୁ ରେଡ଼କ୍ରସ ପାଣ୍ଠିରୁ ୫ ହଜାର ଚିକିତ୍ସା ସହାୟତା ରାଶି ପ୍ରଦାନ କରାଯାଇ ଥିଲା । ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ ଉଦୟ କୁମାର ମହାପାତ୍ର, ଜିଲ୍ଲାପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ଦେବଦତ୍ତ ମହନ୍ତ, ତାଳଚେର ଉପ-ଜିଲ୍ଲାପାଳ ସମୀର କୁମାର ଜେନା, ଜିଲ୍ଲା ଶିକ୍ଷା ଅଧିକାରୀ ନିରଞ୍ଜନ ସାହୁ, ଅତିରିକ୍ତ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡ.ଅନ୍ତର୍ଯ୍ୟାମି ମିଶ୍ର, କଣିହାଁ ତହସିଲଦାର ଚିନ୍ମୟ ଦାସ, କଣିହାଁ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଦେବଦତ୍ତ ପ୍ରଧାନ, ଜିଲ୍ଲା ମଙ୍ଗଳ ଅଧିକାରୀ ଦିଲୀପ କୁମାର ମିଶ୍ର, ଜିଲ୍ଲା ଯୋଗାଣ ଅଧିକାରୀ ସ୍ମିତା ନାୟକ, ମୁଖ୍ୟ ଜିଲ୍ଲା କୃଷି ଅଧିକାରୀ ଉମାଶଙ୍କର ମିଶ୍ର, ଜିଲ୍ଲାମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ ଶ୍ରୀ ନିରୋଦ ଦାସ, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ନାରାୟଣ ମହାପାତ୍ରଙ୍କ ସମେତ ବିଭିନ୍ନ ଜିଲ୍ଲାସ୍ତରୀୟ ଓ ବ୍ଲକ୍‌ସ୍ତରୀୟ ଅଧିକାରୀ ମାନେ ଯୋଗ ଦେଇଥିଲେ । ଏହି ଶିବିରକୁ ଆସିଥିବା ଲୋକମାନେ ଗ୍ରାମ୍ୟ ସମସ୍ୟା, ସ୍ୱାସ୍ଥ୍ୟ, ଗ୍ରାମୀଣ ଆବାସ, ଜମିଜମା ସମ୍ବନ୍ଧୀୟ, ବ୍ୟକ୍ତିଗତ ସମସ୍ୟା ସମେତ ବିଭିନ୍ନ ଅଭିଯୋଗ ଦାଖଲ କରିଥିଲେ ।



# ଗ୍ଲୋରିଅସ ଗ୍ଲୋ ଇଂଲିଶ ମିଡ଼ିଅମ ସ୍କୁଲର ବାର୍ଷିକ ଉତ୍ସବ



ପରଜଙ୍ଗ, (ଭାସ୍କର ନ୍ୟୁଜ୍): ଢେଙ୍କାନାଳ ଜିଲ୍ଲା ପରଜଙ୍ଗ ପାଣି ପଞ୍ଚାୟତ ସଭାଗୃହ ଠାରେ ସୋମବାର ପରଜଙ୍ଗ ସ୍ଥିତ ଗ୍ଲୋରିଅସ ଗ୍ଲୋ ଇଂଲିଶ ମିଡ଼ିଅମ ସ୍କୁଲର ୭ତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଏହି ବାର୍ଷିକ ଉତ୍ସବ କାର୍ଯ୍ୟକ୍ରମ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ପଦ୍ମଚରଣ ସ୍ୱାଇଁଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥି ଭାବେ ଡ.ପ୍ରଶାନ୍ତ କୁମାର ରଥ, ମୁଖ୍ୟ ବକ୍ତା ପ୍ରଫେସର ସନାତନ ସାମଲ, ସ୍ୱତନ୍ତ୍ର ସମ୍ମାନିତ ଅତିଥି ଭାବେ ପ୍ରଫେସର ବିନୟ କୁମାର ଖିଲାର, ସମ୍ମାନିତ ଅତିଥି ଭାବେ କମିଟି ଉପ ସଭାପତି ଯୁଗଳ କିଶୋର ନାୟକ, କମିଟି ସମ୍ପାଦକ ତ୍ରିପୁର ଚନ୍ଦ୍ର ସାହୁ, କମିଟି ଉପଦେଷ୍ଟା ଯୁଗଳ କିଶୋର ସାହୁ, କମିଟି ଉପଦେଷ୍ଟା ଅକ୍ଷୟ କୁମାର ନାୟକ, ମଞ୍ଚାସିନ ହୋଇ ଅନୁଷ୍ଠାନିକ ଭାବେ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ସଭାକାର୍ଯ୍ୟ ଆରମ୍ଭ କରିଥିଲେ । ବିଦ୍ୟାଳୟର ଅଧକ୍ଷ ଦେବୀପ୍ରସାଦ ଜେନାଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ପରିଚାଳିତ ହୋଇଥିବା ବେଳେ, ଜୀବନରେ ସଫଳ ହେବାକୁ ଚାହିଁଲେ ବିଦ୍ୟା ନିତ୍ୟାନ୍ତ ଆବଶ୍ୟକ, ବିଦ୍ୟା ଅଟଇ ମହା ଧନ, ବାଳକେ କର ଉପାର୍ଜନ ଏହି ଭଳି ଅନେକ ଉପଦେଶ ମୁଖ୍ୟ ଅତିଥି ଓ ସମ୍ମାନିତ ଅତିଥିମାନେ ଛାତ୍ରଛାତ୍ରୀମାନଙ୍କୁ ଏବଂ ଅଭିଭାବକ ମାନଙ୍କ ଉଦ୍ଦେଶ୍ୟରେ ପରାମର୍ଶ ଦେଇଥିଲେ । ଅନ୍ୟତମ ଅତିଥି ଭାବେ ଦୁର୍ଗାଚରଣ ପତ୍ର, କଳ୍ପତରୁ ସାହୁ, କ୍ଷୀରୋଦ ଚନ୍ଦ୍ର ସାହୁ, ବରିଷ୍ଠ ସାମ୍ବାଦିକ ନିର୍ମଳ ଚନ୍ଦ୍ର ଗଡ଼ନାୟକ, ବରିଷ୍ଠ ସାମ୍ବାଦିକ ପ୍ରଶାନ୍ତ କୁମାର ସାହୁ, ସାମ୍ବାଦିକ ଭୀମସେନ ଖଟୁଆଙ୍କୁ ଅନୁଷ୍ଠାନ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା । ବିଭିନ୍ନପ୍ରକାର ନାଚ, ଗୀତ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଛାତ୍ରଛାତ୍ରୀଙ୍କ ଦ୍ୱାରା ପରିବେଷଣ ହୋଇଥିଲା ବେଳେ, ଅତିଥିମାନଙ୍କ ଦ୍ୱାରା ପୁରସ୍କାର ପ୍ରଦାନ କରାଯାଇଥିଲା । ଏହି କାର୍ଯ୍ୟକ୍ରମର ମଞ୍ଚ ସଞ୍ଚାଳନ ଦାୟିତ୍ୱ ଏବଂ ଧନ୍ୟବାଦ ଅର୍ପଣ ଦାୟିତ୍ୱ ପରିଚାଳନା କମିଟି ଉପଦେଷ୍ଟା ନାୟକଙ୍କ ଦ୍ୱାରା ନିର୍ବାହ ହୋଇଥିଲା ।

# ଖଣି ବିସ୍ଫୋରଣରେ ଜୀବନଯାପନ, କ୍ଷତିପୂରଣ ଓ ପୁନର୍ବାସ



ବେଲପାହାଡ଼, (ଭାସ୍କର ନ୍ୟୁଜ୍): ଝାରସୁଗୁଡ଼ା ଜିଲା ବେଲପାହାଡ଼ ପୌରାଞ୍ଚଳ ଅନ୍ତର୍ଗତ ଜାମକାନୀ କାଳୀ ମନ୍ଦିର ନିକଟସ୍ଥ ଏମସିଏଲ ସମଲେଶ୍ୱରୀ ଖୋଲାମୁହଁ କୋଇଲା ଖଣିରେ ପ୍ରତିଦିନ ତୁହାକୁ ତୁହାକୁ ହେଉଥିବା ଖଣି ବିସ୍ଫୋରଣକୁ ସ୍ଥାନୀୟ ଜାମକାନୀ, ମୁଚବାହାଲ, ମହୁଲପଡାବାସୀ ବାସିନ୍ଦା ଦୃଢ଼ ବିରୋଧ କରିଛନ୍ତି । ଏମସିଏଲ ପକ୍ଷରୁ ସମସ୍ତ ନୀତି ନିୟମକୁ ସମ୍ପୂର୍ଣ୍ଣ ଉଲ୍ଲଂଘନ କରି ଗ୍ରାମରୁ ମାତ୍ର ୨୦୦ ମିଟର ଦୂରରେ ଖଣି ପରିଚାଳନା କରାଯିବା ସହ ପ୍ରତିଦିନ ଏକାଧିକ ଥର ଭାରୀ ମାତ୍ରାର ବିସ୍ଫୋରଣ କରାଯାଉଛି । ଫଳରେ ଅନେକ ପ୍ରଭାବିତ ଲୋକଙ୍କ ଘରଦ୍ୱାର ଭାଙ୍ଗିବା ସହ ଲୋକଙ୍କ ଜୀବନ ପ୍ରତି ବିପଦ ରହିଥିବା ଅଭିଯୋଗ କରିଛନ୍ତି ସ୍ଥାନୀୟ ବାସିନ୍ଦା । ଭବିଷ୍ୟତରେ ଯଦି କୌଣସି ପ୍ରଭାବିତ ପ୍ରଜାଙ୍କ ଧନ ଜୀବନ ହାନୀ ହେଲେ ଏଥିପାଇଁ କେବଳ ଏମସିଏଲ ହିଁ ଦାୟୀ ହେବ ବୋଲି କୁହାଯାଇଛି । ତେଣୁ ପ୍ରଭାବିତ ବସ୍ତି ବାସିନ୍ଦାଙ୍କୁ ଆବଶ୍ୟକ କ୍ଷତିପୂରଣ, ନିଯୁକ୍ତି ଓ ପୁନର୍ବାସ ଥଇଥାନ ସୁବିଧା ଯୋଗାଇ ସମ୍ପୂର୍ଣ୍ଣ ବିସ୍ଥାପିତ କରି ଖଣି ଖନନ କରିବାକୁ ଗ୍ରାମବାସୀମାନେ ଦାବି କରିଛନ୍ତି । ଏହି ପରିପ୍ରେକ୍ଷୀରେ ରବିବାର ଜାମକାନୀ କାଳୀମନ୍ଦିର ନିକଟସ୍ଥ ଏମସିଏଲ ସମଲେଶ୍ୱରୀ ଖୋଲାମୁହଁ କୋଇଲା ଖଣି ନିକଟରେ ଜାମକାନୀ, ମୁରିବାହାଲ, ମହୁଲପଡ଼ାର ଶତାଧିକ ପରିବାର ଏକତ୍ରିତ ହୋଇ ଖଣି ବିସ୍ଫୋରଣକୁ ଦୃଢ଼ ବିରୋଧ କରିବା ସହ ଧାରଣା ଦେଇଥିଲେ । ଗ୍ରାମବାସୀ ମାନେ ପ୍ରକାଶ କରିଛନ୍ତି ଯେ, ଏହି ଗାଁ ଗୁଡ଼ିକରୁ ମାତ୍ର ୨୦୦ ମିଟର ଦୂରରେ ସମଲେଶ୍ୱରୀ ଖୋଲାମୁହଁ କୋଇଲା ଖଣି ଅବସ୍ଥିତ । ପ୍ରତିଦିନ ଏହି କୋଇଲା ଖଣିରୁ କୋଇଲା ଉତ୍ତୋଳନ ତଥା ଖଣି ସମ୍ପ୍ରସାରଣ ପାଇଁ ଖଣି କର୍ତ୍ତୃପକ୍ଷ ବିସ୍ଫୋରଣ କରୁଛନ୍ତି । ଯାହା ଫଳରେ ଗ୍ରାମରେ ଅନେକ ଘର ଭାଙ୍ଗିଯିବା ସହ ଲୋକଙ୍କ ଜୀବନ ପ୍ରତି ବିପଦ ସୃଷ୍ଟି ହୋଇଛି । ଅତି ନିକଟରେ କୋଇଲା ଖଣି ଥିବାରୁ କୋଇଲା ଗୁଣ୍ଡ ଓ ବିଭିନ୍ନ ପ୍ରକାର ପ୍ରଦୂଷଣର ଶିକାର ହେଉଛନ୍ତି ଗ୍ରାମବାସୀ । ଏନେଇ ଆନ୍ଦୋଳନକାରୀ ମାନେ ବେଲପାହାଡ଼ ଥାନା ଅଧିକାରୀଙ୍କୁ ଏକ ଲିଖିତ ଅଭିଯୋଗ ପତ୍ର ପ୍ରଦାନ କରିଥିବାବେଳେ ଝାରସୁଗୁଡ଼ା ଜିଲାପାଳଙ୍କ ନିକଟରେ ଅଭିଯୋଗ କରିବେ ବୋଲି ପ୍ରକାଶ କରିଛନ୍ତି । ଏହା ସହ ଯଦି ସମସ୍ୟାର ସମାଧାନ ନହୁଏ ତେବେ ବ୍ୟାପକ ଆନ୍ଦୋଳନ କରିବେ ବୋଲି ସେମାନେ ପ୍ରକାଶ କରିଛନ୍ତି । ଘଟଣା ସ୍ଥଳକୁ ଏମସିଏଲ୍ ସମଲେଶ୍ୱରୀ ଖଣିର ପିଓ କହ୍ନେୟା ମିଶ୍ର ପହଞ୍ଚି ଲୋକଙ୍କୁ ବୁଝାସୁଝା କରିଥିବା ବେଳେ ସେମାନେ ନିଜ ଜିଦରେ ଅଟଳ ରହିଥିଲେ । ପ୍ରକାଶ ଯୋଗ୍ୟ ଯେ, ଗ୍ରାମବାସୀ ଏହା ପୂର୍ବରୁ ବେଲପାହାଡ଼ ପୌର କାର୍ଯ୍ୟଳୟରେ ଅନୁଷ୍ଠିତ ଜନଅଭିଯୋଗ ଶୁଣାଣୀ ଶିବିରରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀଙ୍କୁ ଏହାର ସମାଧାନ ପାଇଁ ଏକ ଲିଖିତ ଅଭିଯୋଗ କରିଥିଲେ । ଏହି ଆନ୍ଦୋଳନରେ ପ୍ରଭାବିତ ପ୍ରଜାଙ୍କ ମଧ୍ୟରେ ରାମଚନ୍ଦ୍ର ମହାନ୍ତି, ସୁଧୀର ଗୁପ୍ତା, ଡୋଳାମଣି ପ୍ରଧାନ, ଜୟ ସାମଲ, ଶତ୍ରୁଘ୍ନ ସିଂ, ନିରଜ ସିଂ, ନନ୍ଦିନୀ ରାଉତ, ସତ୍ୟଜିତ ଜେନା, ବିଜୟ ପ୍ରଧାନ, ସଦାନନ୍ଦ ଗୌଡ଼, ରବୀନ୍ଦ୍ର ଗୌଡ଼, ସୁନୀତା ଗୌଡ଼, ସନ୍ଧ୍ୟାରାଣୀ ଜେନା, ବିଳାସିନୀ ପ୍ରଧାନ, ପଙ୍କଜିନୀ କର୍ତ୍ତା, ପଦ୍ମାବତୀ ସାମଲ, ମଞ୍ଜୁଲତା ନାଏକ, ସୁରୁବାଲି କିଶାନ, ସୁପ୍ରଭା ପଟ୍ଟନାୟକ, ପ୍ରଶାନ୍ତ ପଟ୍ଟନାୟକ, ରାଜେନ୍ଦ୍ର ହାତୀ, ଦିଲୀପ ସିଂଙ୍କ ସମେତ ଶତାଧିକ ମହିଳା ଓ ପୁରୁଷ ସାମିଲ ରହି ଧାରଣ ଦେବା ସହ ଏମସିଏଲ ବିରୋଧରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ ।

## ବନ୍ଧୁଗାଁ ବ୍ଲକରେ ବ୍ଲକସ୍ତରୀୟ ନିପୁଣ ଓଡ଼ିଶା ମେଳା

ବନ୍ଧୁଗାଁ, (ଭାସ୍କର ନ୍ୟୁଜ୍): କୋରାପୁଟ ଜିଲ୍ଲା ବନ୍ଧୁଗାଁ ବ୍ଲକ୍‌ର ସଦର ପଞ୍ଚାୟତରେ ଥିବା କସ୍ତୁରବା ଗାନ୍ଧୀ ବାଳିକା ବିଦ୍ୟାଳୟ ପରିସରରେ ବ୍ଲକ୍ ସ୍ତରୀୟ ନିପୁଣ ଓଡ଼ିଶା ମେଳା ଅନୁଷ୍ଠିତ ହୋଇଯାଇଛି । ଗୋଷ୍ଠୀ ଶିକ୍ଷା ଅଧିକାରୀ ରଘୁନାଥ ପାଙ୍ଗିଙ୍କ ଅଧ୍ୟକ୍ଷତା ଓ ସଭାପତିତ୍ୱରେ ମୁଖ୍ୟ ଅତିଥି ଭାବେ ପଞ୍ଚାୟତ ସମିତି ଅଧ୍ୟକ୍ଷା ଲକ୍ଷ୍ମୀ ମିଣିଆକା ଯୋଗ ଦେଇଥିଲେ । ସମ୍ମାନିତ ଅତିଥି ଭାବେ ଲକ୍ଷ୍ମୀପୁର ନିର୍ବାଚନ ମଣ୍ଡଳୀର ବିଧାୟକ ପ୍ରତିନିଧି ଡିଏଙ୍କାଟି, ସରପଞ୍ଚ ଲକ୍ଷ୍ମୀ କାଡ୍ରାକା, ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ଈଶ୍ୱର ଚନ୍ଦ୍ର ମୁଦୁଲି, ମଦନ ପାଣି ଓ କସ୍ତୁରବା ଗାନ୍ଧୀ ବାଳିକା ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଲାବିଟି ମଣି ପ୍ରମୁଖ ମଞ୍ଚାସିନ ଥିଲେ । ଶିକ୍ଷକ ପ୍ରଶାନ୍ତ କୁମାର ମହାନ୍ତି ମଞ୍ଚ ପରିଚାଳନା କରିଥିଲେ । ସଭାପତି, ମୁଖ ଅତିଥି ଓ ସମ୍ମାନିତ ଅତିଥି ମାନଙ୍କ ଦ୍ୱାରା ଭାରତ ସରକାରଙ୍କ ଜାତୀୟ ଶିକ୍ଷା ନୀତି ୨୦୨୧ ମସିହାରୁ ଆରମ୍ଭ ହୋଇ ଥିବା ବେଳେ ଓଡ଼ିଶାରେ ୨୦୨୪-୨୫ ଶିକ୍ଷାବର୍ଷରୁ ଜାତୀୟ ଶିକ୍ଷାନୀତି ଲାଗୁ ହେବ । ଏହାରି ଆଧାରରେ ପ୍ରଥମ ଶ୍ରେଣୀରୁ ତୃତୀୟ ଶ୍ରେଣୀ ପଢୁଥିବା ପିଲାଙ୍କୁ ମୌଳିକ ସାକ୍ଷରତା ଓ ସଂଖ୍ୟା ଜ୍ଞାନ ହାସଲ କରିବା ଏହି ନିପୁଣ ଓଡ଼ିଶା ମେଳାର ମୂଳ ଲକ୍ଷ୍ୟ ବୋଲି କହିଥିଲେ । ଏହି ଉପଲକ୍ଷେ ଷ୍ଟଲଗୁଡ଼ିକରେ ଟିଏଲଏମ ସହ ଶିକ୍ଷଣ ସାମଗ୍ରୀ ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ପ୍ରଦର୍ଶନ କରାଯାଇଥିଲା । ବନ୍ଧୁଗାଁ କ୍ଲଷ୍ଟରରେ ଥିବା ୧୩ଟି ବିଦ୍ୟାଳୟରୁ ୧୩୦ଜଣ ଛାତ୍ରଛାତ୍ରୀ, ୧୩ ଗାଇଡ ଶିକ୍ଷକ ଓ ବ୍ଲକ୍‌ର ୮ ଟି କ୍ଲଷ୍ଟର ୮ଜଣ ଶିକ୍ଷକ ଶିକ୍ଷୟିତ୍ରୀ ମେଳାରେ ଯୋଗ ଦେଇଥିଲେ । ଷ୍ଟଲରେ ଶିକ୍ଷଣୀୟ ସାମଗ୍ରୀ ପ୍ରଦର୍ଶନ କରି ଥିବା ୧୩୦ ଜଣ ଛାତ୍ରଛାତ୍ରୀଙ୍କୁ ପ୍ରତିଭା ମାନପତ୍ର ସହ ଖାତା ଓ କଲମ ଦେଇ ପୁରସ୍କୃତ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ସିଆରସିସି କେ ପ୍ରତାପ କୁମାର, ସଞ୍ଜୟ କୁମାର ସିଂ, ଅଶୋକ ସାହୁ, ଅଜିତ ପରିଡ଼ା, ନିରଞ୍ଜନ ସାହୁ, ସଂଜିତ୍ ମହାପାତ୍ର ଓ ଅନ୍ୟ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଉପସ୍ଥିତ ରହିଥିଲେ ।

## ଜାଗୃତି ବିଦ୍ୟାଳୟର ବାର୍ଷିକ ଉତ୍ସବ

ବେତନଟୀ, (ଭାସ୍କର ନ୍ୟୁଜ୍): ବେତନଟୀ ବ୍ଲକ୍ ଅନ୍ତର୍ଗତ ଆଗ୍ରିଆ ପଞ୍ଚାୟତର ବ୍ରହ୍ମପୁରାଠାରେ ଥିବା ଆନନ୍ଦମାର୍ଗ ଜାଗୃତି ବିଦ୍ୟାଳୟର ଦଶମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହେଇଯାଇଛି । ସମାଜସେବୀ ଶିବନାରାୟଣ ଘୋଷଙ୍କ ମଞ୍ଚ ପରିଚାଳନାରେ ଅନୁଷ୍ଠିତ ବାର୍ଷିକ ଉତ୍ସବରେ ମୁଖ୍ୟ ଅତିଥି ଭାବରେ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ମନୋରଞ୍ଜନ ରାଉତ, ମୁଖ୍ୟ ବକ୍ତା ଭାବରେ ଅବସରପ୍ରାପ୍ତ



ବ୍ଲକ ଶିକ୍ଷାଧିକାରୀ ଯୋଗେନ୍ଦ୍ର ଆଚାର୍ଯ୍ୟ, ସମ୍ମାନନୀୟ ଅତିଥି ଭାବରେ ଅବସରପ୍ରାପ୍ତ ଶିକ୍ଷକ ଶରତଚନ୍ଦ୍ର ଗିରି, ସମାଜସେବୀ ମନମୋହନ ମିଶ୍ର, ସମାଜସେବୀ ହରିଶ୍ଚନ୍ଦ୍ର ସାହାଣୀ, ବିଦ୍ୟାଳୟର ସମ୍ପାଦକ ସଞ୍ଜୟ ପ୍ରଧାନ ଓ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଅନୁପମା ମହାପାତ୍ର ପ୍ରମୁଖ ମଞ୍ଚାସୀନ ହୋଇ ନିଜର ବହୁମୂଲ୍ୟ ବକ୍ତବ୍ୟ ପ୍ରଦାନ କରିଥିଲେ । ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ କାର୍ତ୍ତିକ ଚନ୍ଦ୍ର ଜେନା ବିଦ୍ୟାଳୟର ବାର୍ଷିକ ବିବରଣୀ ପାଠ କରିଥିଲେ । ବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ଅନୁଷ୍ଠିତ ହୋଇଥିବା ଦୌଡ଼, ପୁଚି, ଝିଲିପି ଡିଆଁ, ଅଙ୍କକଷା, ସାଧାରଣ ଜ୍ଞାନ ପ୍ରଭୃତି ପ୍ରତିଯୋଗିତାରେ କୃତୀ ଛାତ୍ରଛାତ୍ରୀ ମାନଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା । ବିଦ୍ୟାଳୟର ଶିକ୍ଷୟିତ୍ରୀ ସୁଜାତା ସରେନ, ସୁମୀ ପାତ୍ର, ଇପସିତା ସେଠି, ଶିକ୍ଷକ ଶରତ ଚନ୍ଦ୍ର ଗିରୀ, କେଶବ ଚନ୍ଦ୍ର ଦାସ, ଅଞ୍ଜଳୀ ପ୍ରଧାନ ଓ ଅଭିଭାବକ ଜନାର୍ଦ୍ଦନ ବିନ୍ଧାଣୀ ପ୍ରମୁଖ ବିଭିନ୍ନ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ଶେଷରେ ସନ୍ଧ୍ୟାରେ ଛାତ୍ରଛାତ୍ରୀ ମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ।

## ଶୁକ୍ରୁଳି ବ୍ଲକ୍‌ରେ ମାଣ୍ଡିଆ ଚାଷ ଫେଲ୍

କରଞ୍ଜିଆ, (ଭାସ୍କର ନ୍ୟୁଜ୍): ମୟୂରଭଞ୍ଜ ଜିଲ୍ଲା ଶୁକ୍ରୁଳି ବ୍ଲକ୍‌ରେ ଫେଲମାରିଛି ମାଣ୍ଡିଆ ଚାଷ । ଗତ ଖରିଫ ଋତୁରେ ଶୁକ୍ରୁଳି ବ୍ଲକ୍ ରେ ସବୁଠୁ କମ୍ ବର୍ଷା ହୋଇଥିଲା ଯାହାଫଳରେ ଧାନ ଚାଷ ମଧ୍ୟ ପ୍ରଭାବିତ ହୋଇଥିଲା । ଗତ ଦୁଇବର୍ଷ ହେଲା ଫରୱାର୍ଡ ଏନ୍‌ଜିଓ ହାତରେ ଥିଲା ମାଣ୍ଡିଆ ଚାଷର ପ୍ରକଳ୍ପ । ତେବେ ସରକାରୀ ସଂସ୍ଥା ସରକାରଙ୍କ ପାଖରୁ ପ୍ରକଳ୍ପ ଆଣି ଚାଷୀଙ୍କ ପାଖରେ ପହଞ୍ଚାଇ ଚାଷୀ କିଭଳି ମାଣ୍ଡିଆ ଚାଷ କରି ଲାଭବାନ ହେବେ ସେ ନେଇ ଚାଷୀଙ୍କୁ ସଚେତନ କରିଥିଲା । କିନ୍ତୁ ମାଣ୍ଡିଆ ଚାଷର ବୈଷୟିକ ଜ୍ଞାନ କୌଶଳ ସମ୍ପୃକ୍ତ ସଂସ୍ଥା ପାଖରେ ନାହିଁ ଯାହା ଫଳରେ ବାରମ୍ବାର ପ୍ରକଳ୍ପ ଫେଲ ମାରିଛି । ପ୍ରଥମବର୍ଷରେ ମାଣ୍ଡିଆ ଚାଷ ଫେଲ ମାରିବାରୁ ଅନ୍ୟ ବ୍ଲକ୍‌ରୁ ମାଣ୍ଡିଆ ଆଣି ମଣ୍ଡିରେ ଚାଷୀଙ୍କ ନାମରେ ବିକ୍ରି କରି ଟାର୍ଗେଟ ପୁରା କରିଥିଲା । ଠିକ୍ ସେହିଭଳି ଦ୍ୱିତୀୟ ବର୍ଷ ମଧ୍ୟ ଚାଷୀଙ୍କୁ ମାଣ୍ଡିଆ ବିହନ ବଣ୍ଟନ କରିଥିଲା ଫର୍‌ୱାର୍ଡ ଏନ୍‌ଜିଓ । କିନ୍ତୁ ଶୁକ୍ରୁଳି ବ୍ଲକ୍‌ରେ କମ୍ ବୃଷ୍ଟିପାତ ଯୋଗୁଁ ଗତ ଖରିଫ୍ ଋତୁରେ ମଧ୍ୟ ଭଲ ଚାଷ ହୋଇପାରିଲା ନାହିଁ । ସମ୍ପୃକ୍ତ ସଂସ୍ଥାରେ ଅଭିଜ୍ଞ କର୍ମଚାରୀ ନ ଥିବା ବେଳେ ରୋଗ, ପୋକ ଦମନ ପାଇଁ ମଧ୍ୟ ଚାଷୀଙ୍କ ପାଖରେ ପହଞ୍ଚିପାରିଲା ନାହିଁ ଜ୍ଞାନ । ଗତ ଖରିଫ୍ ଋତୁରେ କେତେଜଣ ହିତାଧିକାରୀଙ୍କୁ ବିହନ ଯୋଗା ହୋଇଥିଲା ସେ ନେଇ ତଥ୍ୟ ବାରମ୍ବାର ମାଗିଥିଲେ ଗଣମାଧ୍ୟମ ପ୍ରତିନିଧି, କିନ୍ତୁ ସମ୍ପୃକ୍ତ ସଂସ୍ଥା ତଥ୍ୟ ଦେବାକୁ କୁଣ୍ଠବୋଧ କରିଥିଲା । ଗତ ଖରିଫ୍‌ରେ ମାଣ୍ଡିଆ ଚାଷ ଶୁକ୍ରୁଳି ବ୍ଲକ୍‌ରେ ଫେଲ ହୋଇଥିବା ବେଳେ ସମ୍ପୃକ୍ତ ଏନ୍‌ଜିଓ ସଂସ୍ଥା ମାନିବାକୁ ନାରାଜ ଏବଂ ଏଥର ମଧ୍ୟ ଅନ୍ୟ ବ୍ଲକ୍ ଏବଂ ପଡ଼ୋଶୀ ରାଜ୍ୟ ଝାରଖଣ୍ଡରୁ ମାଣ୍ଡିଆ ଆଣି ଶୁକ୍ରୁଳି ବ୍ଲକ୍‌ରେ ମାଣ୍ଡିଆ ଚାଷ ସଫଳ ହୋଇଥିବା ଦେଖାଇବାକୁ ଯୋଜନା କରିଛି । ସମ୍ପୃକ୍ତ ଏନ୍‌ଜିଓ ମାଣ୍ଡିଆ ଚାଷରେ କାହିଁକି ସଫଳ ହୋଇପାରୁ ନାହିଁ ଏବଂ ବାରମ୍ବାର ସରକାରଙ୍କୁ ଠକି ପ୍ରକଳ୍ପ ହାତଉଛି ତାହାର ଏକ ଉଚ୍ଚସ୍ତରୀୟ ତଦନ୍ତ ହେଲେ ଶୁକ୍ରୁଳି ବ୍ଲକ୍‌ରେ ମାଣ୍ଡିଆ ଚାଷର ସତ ସାମ୍ନାକୁ ଆସିବ ।

# ଗ୍ରାମ୍ୟରାସ୍ତା ଅବରୋଧ ମୁକ୍ତ ପାଇଁ ଉଚ୍ଚଶିକ୍ଷା ମନ୍ତ୍ରୀଙ୍କୁ ନିବେଦନ



ତିହିଡ଼ି, (ଭାସ୍କର ନ୍ୟୁଜ୍): ଭଦ୍ରକ ଜିଲ୍ଲା ତିହିଡ଼ି ତହସିଲ କୁବେରା ପଞ୍ଚାୟତ ଅଧୀନ ରହଣିଆସାହି ଗ୍ରାମ୍ୟରାସ୍ତାକୁ ଜଣେ ବ୍ୟକ୍ତି ଅବରୋଧ କରିଛନ୍ତି । ଏହି ଅବରୋଧକୁ ମୁକ୍ତ କରିବା ପାଇଁ ଗ୍ରାମବାସୀମାନେ ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜଙ୍କୁ ନିବେଦନ କରିଛନ୍ତି । ଏହି ରାସ୍ତା ଅବରୋଧ ହୋଇଥିବାରୁ ଯାତାୟତ ପାଇଁ ଲୋକେ ବିଭିନ୍ନ ସମସ୍ୟାରେ ପଡ଼ି ଦୁର୍ଦ୍ଦଶା ଭୋଗୁଛନ୍ତି । ସେମାନେ ରାସ୍ତାକୁ ଅବରୋଧମୁକ୍ତ କରିବା ଦିଗରେ ପଦକ୍ଷେପ ନେବାକୁ ଉଚ୍ଚଶିକ୍ଷା, କ୍ରୀଡ଼ା ଓ ଯୁବସେବା ମନ୍ତ୍ରୀ, ଜିଲ୍ଲାପାଳ, ତହସିଲଦାର, ବିଡିଓ ପ୍ରମୁଖଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି । ସୋମବାର ମଧ୍ୟାହ୍ନରେ ବ୍ଲକସ୍ତରୀୟ ଅଭିଯୋଗ ଶୁଣାଣି ଶିବିରରେ ଗ୍ରାମବାସୀ ମାନେ ଅଭିଯୋଗ କରିଛନ୍ତି । ଗ୍ରାମବାସୀ ଦର୍ଶାଇଛନ୍ତି ଯେ ଦେଉଳା ମୌଜାର ଖାତା ନଂ ୧୬୫୭, ପ୍ଲଟ ନଂ ୨୪୧୦/ ୨୬୮୭ରେ ଥିବା ଜମି ସର୍ବସାଧାରଣ ରାସ୍ତା । ଏହି ରାସ୍ତାର ଉନ୍ନୟନ ପାଇଁ ବିଭିନ୍ନ ସମୟରେ ସରକାରୀ ଅର୍ଥ ବିନିଯୋଗ ହୋଇଛି । ତେବେ ରାସ୍ତାର ଦକ୍ଷିଣ ଛକରୁ ଉତ୍ତର ତରଫକୁ ପଶ୍ଚିମ ସଂଲଗ୍ନରେ ଗ୍ରାମର ଜଣେ ବ୍ୟକ୍ତିଙ୍କ ଘରବାଡ଼ି ରହିଛି । ସେହି ବ୍ୟକ୍ତି ଜଣକ ସର୍ବସାଧାରଣ ରାସ୍ତାରୁ ୩ଶହ ଫୁଟ ଲମ୍ବ ଓ ୨୦ ଫୁଟ ପ୍ରଶସ୍ତ ରାସ୍ତାକୁ ବାଡ଼ ଘେରାଇ ନିଜ ଜମା ସହ ସାମିଲ କରିନେଇଛନ୍ତି । ଯାହା ଦ୍ୱାରା ଗ୍ରାମକୁ ଦମକଳ କିମ୍ବା ଆମ୍ବୁଲାନ୍ସ ଯିବାରେ ସମସ୍ୟା ଉପୁଜୁଛି । ଗର୍ଭବତୀ ମହିଳାଙ୍କୁ ସାଙ୍ଗରେ ଡାକ୍ତରଖାନାକୁ ନିଆଯାଉଥିବା ଅଭିଯୋଗରେ ଦର୍ଶାଯାଇଛି । ଏହାଛଡ଼ା ଗ୍ରାମବାସୀଙ୍କର ଯାତାୟାତରେ ମଧ୍ୟ ଘୋର ଅସୁବିଧା ସୃଷ୍ଟି ହେଉଛି । ରାସ୍ତା ନିର୍ମାଣ ପାଇଁ ମିଳୁଥିବା ଅର୍ଥ ମଧ୍ୟ ବିନିଯୋଗ ହୋଇପାରୁ ନାହିଁ । ଏହି ପରିପ୍ରେକ୍ଷୀରେ ରାସ୍ତାକୁ ଜବର ମୁକ୍ତ କରିବା ଦିଗରେ ପଦକ୍ଷେପ ନେବାକୁ ମଦନମୋହନ ନାୟକ, ମନୋଜ କୁମାର ନାୟକ, ପ୍ରଶାନ୍ତ ମଲ୍ଲିକ, ନିର୍ମଳ ମଲ୍ଲିକ, ସତ୍ୟଭାମା ମଲ୍ଲିକ, ସନ୍ନ୍ୟାସୀ ଖଟୁଆ, ଦୀନବନ୍ଧୁ ନାୟକ, ସୁରେନ୍ଦ୍ର ମଲ୍ଲିକ, ବନମାଳୀ ମଲ୍ଲିକ, ସୁକାନ୍ତି ମଲ୍ଲିକ, ବୀଣାପାଣି ମଲ୍ଲିକ, ଧନେଶ୍ୱର ନାୟକ, ଚକ୍ରଧର ନାୟକ, ମେନକା ବେହେରା, ଜାନକୀ ମଲ୍ଲିକ ପ୍ରମୁଖ ଗ୍ରାମବାସୀମାନେ ଦାବି କରିଛନ୍ତି ।



ଡେରାବିଶ, (ଭାସ୍କର ନ୍ୟୁଜ): ଡେରାବିଶ ବ୍ଲକ୍ ମୁକୁନ୍ଦପୁର ୟୁଜିୟୁପି ବିଦ୍ୟାଳୟ ପରିସରରେ ଆଜି ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ମୁକୁନ୍ଦପୁର ଆଞ୍ଚଳିକ ସାଧନକେନ୍ଦ୍ର ଅଧୀନ ଦୋହଳୀ କେଶରପୁର ପ୍ରାଥମିକ ବିଦ୍ୟାଳୟର ଶିକ୍ଷୟିତ୍ରୀ ଅଞ୍ଜନା ବାଳା ମହାନ୍ତିଙ୍କୁ ଆଜି ଅବସରକାଳୀ ବିଦାୟ ସମ୍ବର୍ଦ୍ଧନା ଦିଆଯାଇଥିଲା। ଏହି ଉପଲକ୍ଷେ ଆୟୋଜିତ ସଭାରେ ମୁକୁନ୍ଦପୁର ଆଞ୍ଚଳିକ ସାଧନକେନ୍ଦ୍ର ସଂଯୋଜକ ବିଶ୍ୱଜିତ ମୁଦୁଲି ସଭାପତିତ୍ୱ କରିଥିଲେ। ଏଥିରେ ମୁଖ୍ୟ ଅତିଥି ଭାବେ ମଣ୍ଡଳ ଅତିରିକ୍ତ ଶିକ୍ଷା ଅଧିକାରୀ ଖଗେଶ୍ୱର ନାୟକ ଯୋଗଦେଇ ବିଦାୟୀ ଶିକ୍ଷୟିତ୍ରୀଙ୍କୁ ମାନପତ୍ର, ଉପଢୌକନ ଓ ପୁଷ୍ପଗୁଚ୍ଛ ପ୍ରଦାନ କରି ସମ୍ବର୍ଦ୍ଧିତ କରିଥିଲେ। ଏଥିରେ ସମ୍ମାନିତ ଅତିଥି ଭାବରେ ଶିକ୍ଷକ ଅଭିରାମ ମିଶ୍ର, ଚୌଧୁରୀ ସରୋଜକାନ୍ତ ପ୍ରହରାଜ, ଅନିତା ରାଉତ ପ୍ରମୁଖ ଯୋଗଦେଇ ବିଦାୟୀ ଶିକ୍ଷୟିତ୍ରୀ ମହାନ୍ତିଙ୍କ କାର୍ଯ୍ୟନିପୁଣତା, ସମୟାନୁବର୍ତ୍ତିତା ଓ ଶିକ୍ଷାଦାନର କୌଶଳ ସମ୍ପର୍କରେ ଆଲୋକପାତ କରିବା ସହିତ ତାଙ୍କର ଅବସର ଜୀବନ ଦୀର୍ଘ ଓ ନିରାମୟ କାମନା କରିଥିଲେ। ଏହି କାର୍ଯ୍ୟକ୍ରମକୁ ଶିକ୍ଷକ ଭାବଗ୍ରାହୀ କର, ଜୀବନ କୁମାର ନାୟକ, ଦିପକ କୁମାର ବାରିକ, ଉମାକାନ୍ତ ବାରିକ ପ୍ରମୁଖ ପରିଚାଳନା କରିଥିଲେ।

# ଅଲଚିକି ଶିକ୍ଷାଦାନକୁ ସୁନିଶ୍ଚିତ କରିବା ଦାବିରେ ଅର୍ଜୁନ ମୁର୍ମୁଙ୍କ ଜନଜାଗରଣ ଯାତ୍ରା



ବାରିପଦାାଳ, (ଭାସ୍କର ନ୍ୟୁଜ): ୨୦୧୧ ଜନଗଣନା ଅନୁସାରେ ମୟୂରଭଞ୍ଜ ଜିଲ୍ଲାର ମୋଟ ଜନସଂଖ୍ୟା ୨୫,୧୯,୭୩୮ ମଧ୍ୟରୁ ୧୪,୭୯, ୫୭୯ ଜଣ ହେଉଛନ୍ତି ଆଦିବାସୀ। ମୟୂରଭଞ୍ଜ ଜିଲ୍ଲାର ପ୍ରାୟ ୫୮.୭୨ ପ୍ରତିଶତ ଆଦିବାସୀ ସମ୍ପ୍ରଦାୟର ଲୋକେ ବସବାସ କରନ୍ତି। ମାତ୍ର ପ୍ରକୃତିର ଏହି ସନ୍ତାନଗଣ ଅଧିକାଂଶ ସଚେତନ ନୁହନ୍ତି ନିଜର ଅଧିକାର ବିଷୟରେ। ଆଦିବାସୀ ମାନଙ୍କର ବିକାଶ ପାଇଁ ମାଲମାଲ ଯୋଜନା ପ୍ରଣୟନ ହେଉଛି। ମାତ୍ର ବିକାଶଠାରୁ ଅନେକ ଦୂରରେ ଅଛନ୍ତି ଆଦିବାସୀ। ଅନେକ ସମସ୍ୟାରେ ଜର୍ଜରିତ ହେଉଛନ୍ତି ଜିଲ୍ଲାର ବସବାସ କରୁଥିବା ଆଦିବାସୀ ଲୋକେ। ଜିଲ୍ଲାରେ ସାନ୍ତାଳ, ମୁଣ୍ଡା, ହୋ ଭଳି ଅନେକ ପ୍ରମୁଖ ଆଦିବାସୀ ସମ୍ପ୍ରଦାୟର ଲୋକମାନେ ବସବାସ କରନ୍ତି। ଏମାନଙ୍କ ମଧ୍ୟରୁ ସାନ୍ତାଳୀ ହେଉଛନ୍ତି ମୁଖ୍ୟ ଆଦିବାସୀ ଗୋଷ୍ଠୀ, ତାଙ୍କର ଭାଷା ଭାରତୀୟ ସମ୍ବିଧାନ ସ୍ୱୀକୃତି ପ୍ରାପ୍ତ ଭାଷା ଅଟେ ଏବଂ ଏହାର ସ୍ୱତନ୍ତ୍ର ଲିପି 'ଅଲଚିକି' ରହିଛି। କେନ୍ଦ୍ର ସାହିତ୍ୟ ଏକାଡ଼େମୀ ସାନ୍ତାଳୀ ଭାଷା ପାଇଁ ଅଲଚିକି ଲିପିକୁ ହିଁ ସ୍ୱୀକୃତୀ ପ୍ରଦାନ କରିଛନ୍ତି। ତେବେ ଶିକ୍ଷା ବ୍ୟବସ୍ଥାରେ ଏବେ ବି ପଛୁଆ ହୋଇ ରହିଛନ୍ତି ଆଦିବାସୀ ଲୋକେ। ପଣ୍ଡିତ ରଘୁନାଥ ମୁର୍ମୁଙ୍କ ଦ୍ୱାରା ସୃଷ୍ଟି ଅଲଚିକି ଲିପି ପ୍ରତି ରାଜ୍ୟ ସରକାର କ୍ରମାଗତ ଅବହେଳା କରିଚାଲିଛନ୍ତି। ଏ ବର୍ଷ ହେଉଛି ଅଲଚିକିର ବର୍ଷ। ଅଲଚିକିର ୧୦୦ବର୍ଷ ପୂର୍ତ୍ତି ଅବସରରେ 'ମିଶନ ଅଲଚିକି-୨୦୨୫'କୁ ସଫଳ କରିବା ପାଇଁ ବିରାଟ ଅଲଚିକି ଆନ୍ଦୋଳନ ସୃଷ୍ଟି କରାଯିବ। ବାରମ୍ବାର ଆନ୍ଦୋଳନ ପରେ ଏଥିପ୍ରତି ଧ୍ୟାନ ଦେଉ ନ ଥିବାରୁ ପ୍ରତିବାଦରେ ଆସନ୍ତା ୨୩ ତାରିଖରୁ ମାସ୍ ଆଦିବାସୀ ରିଭୋଲ୍ୟୁସନାରୀ ୟୁଥ୍ ଏଣ୍ଡ ଷ୍ଟୁଡେଣ୍ଟ ଆସୋସିଏସନ (ମାରିସା)ର ରାଜ୍ୟ ସଭାପତି ଅର୍ଜୁନ ମୁର୍ମୁ ମୟୂରଭଞ୍ଜ ଜିଲ୍ଲାରୁ ଜନଜାଗରଣ ଯାତ୍ରା ଆରମ୍ଭ କରିବେ। ତେଣୁ ମିଶନ୍ ଯାତ୍ରାର ସଫଳତା ନିମନ୍ତେ କୁଆବୁଡ଼ା ବିଦୁଚାନ୍ଦାନ ଗାଲ୍ ରେ ପାରମ୍ପରିକ ଆଦିବାସୀ ବସ୍ତ୍ର ପରିଧାନ କରି ପୂଜାର୍ଚ୍ଚନା କରିବା ସହ ଶପଥ ଗ୍ରହଣ କରିଛନ୍ତି। ବାରିପଦା ନିକଟସ୍ଥ ବେତନା ଗ୍ରାମପଞ୍ଚାୟତରୁ ଏହି ଯାତ୍ରା ଆରମ୍ଭ କରାଯିବ। ପ୍ରକାଶ ଥାଉକି ପୂର୍ବରୁ ମାରିସା ରାଜ୍ୟ ସଭାପତି ଅର୍ଜୁନ ମୁର୍ମୁ ଅଲଚିକି ଲିପିରେ ଶିକ୍ଷାଦାନକୁ ସୁନିଶ୍ଚିତ କରିବା ଦାବିରେ ତିରିଂରୁ ଭୁବନେଶ୍ୱର ସାଇକାଲ ଯାତ୍ରା ଏବଂ ବାରିପଦାରୁ ଭୁବନେଶ୍ୱର ପଦଯାତ୍ରା କରି ସରକାରଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ମାରିସାର ଦାବୀ ଗୁଡ଼ିକ ମଧ୍ୟରେ ପ୍ରାଥମିକ ସ୍ତରରୁ ବିଶ୍ୱବିଦ୍ୟାଳୟ ପର୍ଯ୍ୟନ୍ତ ଅଲଚିକି ଶିକ୍ଷାଦାନ ସୁନିଶ୍ଚିତ, ମୟୂରଭଞ୍ଜରେ ସାନ୍ତାଳୀ ଶିକ୍ଷା ପରିଷଦ ବା ସାନ୍ତାଳୀ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା, ମୟୂରଭଞ୍ଜ ଓ କେନ୍ଦୁଝର ଜିଲାର ସମସ୍ତ ସରକାରୀ କାର୍ଯ୍ୟାଳୟର ନାମ ଫଳକରେ ଉଭୟ ଓଡ଼ିଆ, ଇଂରାଜୀ ସହିତ ଅଲଚିକିରେ ଲେଖାଯିବା, ସାନ୍ତାଳୀ ସାହିତ୍ୟ ଏକାଡେମୀ ଖୋଲିବା, ବାରିପଦାରେ ପଣ୍ଡିତ ରଘୁନାଥ ମୁର୍ମୁ ଟ୍ରାଇବାଲ ରିସର୍ଚ୍ଚ ଇନ୍‌ଷ୍ଟିଚ୍ୟୁଟ୍ ପ୍ରତିଷ୍ଠା, ସାନ୍ତାଳୀ ସଙ୍ଗୀତ ନାଟକ ଏକାଡେମୀ, ସୁନାରାମ ସୋରେନ ସାନ୍ତାଳୀ ପାଠାଗାର ପ୍ରତିଷ୍ଠା କରାଯିବା, ଓଡ଼ିଶାରେ ସାନ୍ତାଳୀ ଭାଷାକୁ ଦ୍ୱିତୀୟ ରାଜ୍ୟ ଭାଷା ବା ସଂଖ୍ୟାଲଘୁ ଭାଷାର ମାନ୍ୟତା ପ୍ରଦାନ ଆଦି ପ୍ରସଙ୍ଗ ରହିଛି। ଯେ ପର୍ଯ୍ୟନ୍ତ ଦାବୀଗୁଡିକ ପୂରଣ ନ ହେଇଛି ସେ ପର୍ଯ୍ୟନ୍ତ ଏ ଆନ୍ଦୋଳନ ଜାରି ରହିବ ବୋଲି ମାରିସା ରାଜ୍ୟ ସଭାପତି ସୂଚନା ଦେଇଛନ୍ତି।

# ମେଳାରେ ଲୋକଙ୍କ ପସନ୍ଦ ଗୋବରରେ ପ୍ରସ୍ତୁତ ସାମଗ୍ରୀ




କେନ୍ଦୁଝର, (ଭାସ୍କର ନ୍ୟୁଜ): କେନ୍ଦୁଝର ସହରର କାଳୀପଡିଆ ଠାରେ ଓଡ଼ିଶା ଗ୍ରାମ୍ୟ ଓ ବାଣିଜ୍ୟ ମେଳା ଚାଲିଛି। ସ୍ୱୟଂ ସହାୟକ ଗୋଷ୍ଠୀ ଦ୍ୱାରା ପ୍ରସ୍ତୁତ ସାମଗ୍ରୀ ତଥା ଘରକରଣା ସାମଗ୍ରୀ ବିକ୍ରି ନିମନ୍ତେ ଷ୍ଟଲ ଖୋଲାଯାଇଛି। ଏହା ମଧ୍ୟରେ ଗୋବରରେ ପ୍ରସ୍ତୁତ ବିଭିନ୍ନ ସାମଗ୍ରୀର ଷ୍ଟଲ ସମସ୍ତଙ୍କ ଆକର୍ଷଣ ସାଜିଛି। ଏହାକୁ କିଣିବାକୁ ଲୋକଙ୍କ ଭିଡ଼ ଜମୁଛି। ପ୍ରକାଶ ଯେ, ମେଳାରେ ବିଭିନ୍ନ ପ୍ରକାର ଖାଉଟି ସାମଗ୍ରୀ, ସୌନ୍ଦର୍ଯ୍ୟ, ଖାଦ୍ୟ, ଶିକ୍ଷାଗତ, ଆୟୁର୍ବେଦିକ, ଇଲେକ୍ଟ୍ରିକାଲ ଓ ଇଲେକ୍ଟ୍ରୋନିକ୍, ଘର ଉପକରଣ, ଆସବାବପତ୍ର, ଫର୍ଣ୍ଣିଚର, ହାତ ତିଆରି ସାମଗ୍ରୀର ପ୍ରଦର୍ଶନ ଓ ବିକ୍ରି ହେଉଛି। ଏହାଛଡ଼ା ଦେଶୀ ଗାଈ ଗୋବର ପାଉଡ଼ରରେ ପ୍ରସ୍ତୁତ ଫଟୋ ଫ୍ରେମ, କାନ୍ଥ ଝୁଲା ଫଟୋ ଓ ଅନ୍ୟାନ୍ୟ ସାମଗ୍ରୀ ବିକ୍ରି ହେଉଛି। ଗୁଜୁରାଟର ଅହମଦାବାଦରୁ ଆସିଥିବା ଏକ ସଂସ୍ଥା ଗୋବରରୁ ପ୍ରସ୍ତୁତ ବିଭିନ୍ନ ପ୍ରକାର ମହାପୁରୁଷ, ଦେବ ଦେବୀଙ୍କ ଫଟୋ, କାନ୍ଥଘଣ୍ଟା ଫ୍ରେମ, ଘର ସାଜସଜ୍ଜା ଉପକରଣ, ଚପଲ, ମୋବାଇଲ ଷ୍ଟାଣ୍ଡ, ଆକ୍ୟୁପ୍ରେସର ପଟା, ଆଣ୍ଟି ରେଡିଏସନ ମୋବାଇଲ ଚିପ୍, ହନୁମାନ ଚାଳିଶା, ଲକ୍ଷ୍ମୀ ଯନ୍ତ୍ର, ଲକ୍ଷ୍ମୀ ଚରଣ ପାଦୁକା, ଧୂପ, ଟ୍ରେ, ଡାଏରୀ, କ୍ୟାଲେଣ୍ଡର, ଲଫାପା, ଗିଫ୍ଟ ବକ୍ସ, ତୃତି ବାକ୍ସ, କ୍ୟାରି ବ୍ୟାଗ, ଗଣେଶ, ଶ୍ରୀକୃଷ୍ଣ ମୂର୍ତ୍ତି, ଚାବି ରିଂ ଆଦି ବିକ୍ରି କରୁଛନ୍ତି। ମୋବାଇଲର ବହୁଳ ବ୍ୟବହାର ଯୋଗୁଁ ଏହାର ରେଡିଏସନ ଯୋଗୁଁ ବିଭିନ୍ନ ପ୍ରକାର ବ୍ୟାଧି ଆଶଙ୍କା ରହୁଥିବାରୁ ଗୋବରରୁ ପ୍ରସ୍ତୁତ ଆଣ୍ଟି ରେଡିଏସନ୍ ଚିପ୍ ସମସ୍ତଙ୍କ ପାଇଁ ଉପାଦେୟ ବୋଲି ମତପ୍ରକାଶ ପାଇଛି। ଏହା ପ୍ରଥମ ଥର ପାଇଁ କେନ୍ଦୁଝରକୁ ଆସିଥିବାରୁ ଚାହିଦା ଅଧିକ ରହିଛି। ଏଭଳି ଶିଳ୍ପ ମହିଳାଙ୍କୁ ସ୍ୱାବଲମ୍ବୀ ହେବାକୁ ସୁଯୋଗ ଯୋଗାଇବ ବୋଲି ମେଳାର ଆବାହକ ସଞ୍ଜୟ କୁମାର ସାହୁ କହିଛନ୍ତି।

# ଚଡ଼ା ଦରରେ ବିକ୍ରି ହେଉଛି ମଦ, ନିରବଦ୍ରଷ୍ଟା ସାଜିଛି ଅବକାରୀ ବିଭାଗ

ନିଆଳି, (ଭାସ୍କର ନ୍ୟୁଜ): କଟକ ଜିଲ୍ଲା ନିଆଳି ବ୍ଲକ୍ ଅଧିନରେ ଥିବା ଲାଇସେନ୍ସ ପ୍ରାପ୍ତ ବିଦେଶୀ ମଦ ଦୋକାନରେ ଅବକାରୀ ନିୟମର ଖୋଲାଖୋଲି ନିୟମ ଉଲଂଘନ କରାଯାଉଛି। ମଦ ବିଅର ଧାର୍ଯ୍ୟ ଲେଖା ଠାରୁ ଅଧିକ ଟଙ୍କାରେ ବିକ୍ରି ହେଉଛି। ଏହା ବ୍ୟତୀତ ଗ୍ରାହକ ମାନଙ୍କ ପାଇଁ ଫଳକରେ ଆବଶ୍ୟକ ସୂଚନା ଦିଆଯାଇ ନାହିଁ। ଏହାକୁ ନେଇ ଅଧିକାଂଶ ଗ୍ରାହକ ନିଜ ନାମ ଗୋପନ ରଖି ଅସନ୍ତୋଷ ପ୍ରକାଶ କରିବା ସହ ଏଭଳି ଅଭିଯୋଗ କରିଛନ୍ତି। ଏବେ ଅଭିଯୋଗ କାରୀଙ୍କ କହିବା ଅନୁସାରେ ନିଆଳି ବଜାରରେ ଥିବା ଏକ ମଦ ଦୋକାନରେ ପ୍ରିଣ୍ଟ ମୂଲ୍ୟ ଠାରୁ ଅଧିକ ଦରରେ ମଦ ଲୋକମାନଙ୍କୁ ବିକ୍ରି କରାଯାଉଛି। ମଦ ଦର ତାଲିକା ଦୋକାନ ସମ୍ମୁଖରେ ଟାଙ୍ଗିବାରେ କଡାକଡି ଭାବେ ନିୟମ ରହିଛି। କେଉଁଠି ହେଲେ ଏହି ନିୟମକୁ ପାଳନ କରାଯାଉ ନାହିଁ। ନିଆଳି ବଜାରଠାରୁ ମାତ୍ର ଶହେମିଟର ଦୂରରେ ଦୋକାନର ଦ୍ର ତାଲିକା ମରାଯାଇଛି ଶତ କିନ୍ତୁ କାନ୍ଥକୁ ଆବଧ କରାଯାଇଥିବାରୁ ଏହା ଦେଖାଯାଉ ନାହିଁ। ଜିଲ୍ଲା ଅବକାରୀ ବିଭାଗ ଏଥିପ୍ରତି ଆଦୌ ଦୃଷ୍ଟି ଦେଉ ନଥିବା ଅଭିଯୋଗରେ କୁହଯାଇଛି। ଅଧିକ ଦରରେ ମଦ ବିକ୍ରି କରୁଥିବା ବ୍ୟବସାୟୀ ଅବା ଦୋକାନ ପକ୍ଷରେ ଆଖିବୁଜିଥିବା ଚର୍ଚ୍ଚା ହେଉଛି। କେତେକ ସ୍ଥଳେ ବିଭାଗୀୟ କର୍ତ୍ତୃପକ୍ଷ ଓ ବ୍ୟବସାୟୀଙ୍କ ସଲାସୁତରାରେ କାରବାର ଚାଲିଥିବା ଗ୍ରାହକ ମାନଙ୍କ ଠାରୁ ଶୁଣିବାକୁ ମିଳିଛି। ନିଆଳି ବଜାର ସମେତ ଅଞ୍ଚଳରେ ଥିବା ସରକାରୀ ମଦ ଦୋକାନ ଗୁଡିକରେ ୨୦-୩୦ ଟଙ୍କା ପର୍ଯ୍ୟନ୍ତ ଅଧିକ ଦରରେ ମଦ ବିକ୍ରି ହେଉଛି। ଏମିତିକି ବିଭିନ୍ନ ପ୍ରକାର ବ୍ରାଣ୍ଡ ମଦରେ ୨୦-୩୦ ଟଙ୍କା ଅଧିକ ନିଆଯାଉଥିବା ଅଭିଯୋଗ ହୋଇଛି। ଏହାକୁ ନେଇ ଅନେକ ସମୟରେ ଗ୍ରାହକ ଓ ମଦ ଦୋକାନୀମାନଙ୍କ ମାଧ୍ୟମରେ ବଚସା ହେଉଛି। ଅନେକ ଜାଗାରେ ଅଭିଯୋଗ କଲେ ମଧ୍ୟ ସୁଫଳ ମିଳୁନାହିଁ। ଯାହାକୁ ଧର୍ମକୁ ଆଖିଠାର ବୋଲି କୁହାଯାଉଛି। ଏ ନେଇ ଜିଲ୍ଲା ଅବକାରୀ ବିଭାଗ କୁ ଫୋନ କରିଥିଲେ ମଧ୍ୟ ସେ ଫୋନ ଉଠାଇ ନଥିଲେ। ଏ ନେଇ ଜିଲ୍ଲା ଅବକାରୀ ମାନସୀ ନାୟକ ଙ୍କୁ ପଚାରିବାରୁ ବିଅର ଉପରେ ରେଟ ଠାରୁ ୧୦ ଟଙ୍କା ଅଧିକ ନେଇ ହବ, ଏହା ଠାରୁ ଅଧିକ ଟଙ୍କା ନେଉଥିଲେ ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି କହିଛନ୍ତି।



# ଅବସରପ୍ରାପ୍ତ ଶିକ୍ଷା ପରିଦର୍ଶକ ସଂଗଠନର ପ୍ରସ୍ତୁତି ବୈଠକ



କେନ୍ଦ୍ରାପଡ଼ା, (ଭାସ୍କର ନ୍ୟୁଜ): କେନ୍ଦ୍ରାପଡ଼ା ଜିଲ୍ଲା ଅବସରପ୍ରାପ୍ତ ଶିକ୍ଷା ପରିଦର୍ଶକ ସଙ୍ଗଠନର ବାର୍ଷିକ ଉତ୍ସବ ନିମନ୍ତେ କାର୍ଯ୍ୟକାରୀ କମିଟିର ଏକ ପ୍ରସ୍ତୁତି ବୈଠକ ଗରାପୁର ସ୍ଥିତ ଡାକବଙ୍ଗଳା ପରିସରରେ ଅନୁଷ୍ଠିତ ହୋଇଯାଇଛି। ସଙ୍ଗଠନର ସଭାପତି ପୂର୍ଣ୍ଣାନନ୍ଦ ବିଶ୍ୱାଳଙ୍କ ସଭାପତିତ୍ୱରେ ଅନୁଷ୍ଠିତ ପ୍ରସ୍ତୁତି ବୈଠକରେ ସାଧାରଣ ସମ୍ପାଦକ ନରୋତ୍ତମ ଜେନା ଆଭିମୁଖ୍ୟ ଜ୍ଞାପନ କରିଥିଲେ। ଏଥିସହିତ ବାର୍ଷିକ ଉତ୍ସବରେ ପ୍ରତିଭା ସମ୍ମାନ ପ୍ରଦାନ ଓ ବାର୍ଷିକ ମୁଖପତ୍ର "ସାୟଂପ୍ରଭା"ର ଉନ୍ମୋଚନ ସମ୍ପର୍କରେ ସବିଶେଷ ବିବରଣୀ ପ୍ରଦାନ କରିଥିଲେ। ସଂଗଠନର ଅନ୍ୟତମ ପ୍ରାଣ ପ୍ରତିଷ୍ଠାତା, ମାର୍ଗଦର୍ଶକ ତଥା ମୁଖ୍ୟ ଉପଦେଷ୍ଟା ମନ୍ମଥ କୁମାର ରାୟ ସଙ୍ଗଠନ ପ୍ରତିଷ୍ଠାର ମୁଖ୍ୟ ଉଦ୍ଦେଶ୍ୟ ଓ କାର୍ଯ୍ୟଧାରା ଉପରେ ବିଷଦ ଆଲୋଚନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବରିଷ୍ଠ ସଭ୍ୟ ହେମନ୍ତ କୁମାର ଜେନା, ଅକ୍ଷୟ କୁମାର ସ୍ୱାଇଁ, କୁଞ୍ଜବିହାରୀ ସାହୁ, ସୋମନାଥ ପଢିହାରୀ, ବଳଭଦ୍ର ନାୟକ, ନରହରି ପାତ୍ର, ବାଉରୀବନ୍ଧୁ ମୁଦୁଲି, ଆବାହକ ସନାତନ ତରାଇ, ପତ୍ରିକା ଓ ମିଡିଆ ସଂଯୋଜକ କାଶୀନାଥ ରାଉତରାୟ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଆସନ୍ତା ମାର୍ଚ୍ଚ ୨୩ତାରିଖରେ ବାର୍ଷିକ ଉତ୍ସବ କରିବା ପାଇଁ ନିଷ୍ପତ୍ତି ନିଆଯାଇଥିଲା। ମାର୍ଚ୍ଚମାସ ପ୍ରଥମ ସପ୍ତାହରେ ଅନ୍ୟ ଏକ ଚୂଡାନ୍ତ ପ୍ରସ୍ତୁତି ବୈଠକ ଡାକିବାକୁ ସମ୍ପାଦକଙ୍କୁ ଦାୟିତ୍ୱ ଅର୍ପଣ କରାଯାଇଥିଲା। ଶେଷରେ ରାଉତରାୟ ଧନ୍ୟବାଦ ଅର୍ପଣ କରିଥିଲେ।

## ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଅମୂଲ୍ୟ ବଳଙ୍କ ପରଲୋକ

ତିହିଡ଼ି, (ଭାସ୍କର ନ୍ୟୁଜ): ଭଦ୍ରକ ଜିଲ୍ଲା ତିହିଡ଼ି ବ୍ଲକ୍ ସାହାପୁର ପଞ୍ଚାୟତ ଅଧିନ କଣ୍ଡରାଗଡ଼ିଆ ଗ୍ରାମର ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଅମୂଲ୍ୟ ଚନ୍ଦ୍ର ବଳ (୭୩)ଙ୍କ ରବିବାର ପରଲୋକ ହୋଇଯାଇଛି। ହୃଦ୍‌ଘାତରେ ତାଙ୍କର ପରଲୋକ ହୋଇଥିବା ଜଣାପଡ଼ିଛି। ସ୍ୱର୍ଗତ ବଳ କଣ୍ଡରାଗଡ଼ିଆ ଗ୍ରାମସ୍ଥିତ କୃଷକ ସହଯୋଗ ଉ.ପ୍ରା. ବିଦ୍ୟାଳୟରେ ଦୀର୍ଘଦିନ ଧରି ପ୍ରଧାନ ଶିକ୍ଷକ ଭାବେ ରହି ସୂଚାରୁରୂପେ ଦାୟିତ୍ୱ ତୁଲାଇ ଥିଲେ। ସେ ଜଣେ ଛାତ୍ରବତ୍ସଳ, କର୍ତ୍ତବ୍ୟନିଷ୍ଠ, ସ୍ନେହୀ, ଶାନ୍ତ, ସରଳ, ଅମାୟିକ ଓ ଧର୍ମପରାୟଣ ବ୍ୟକ୍ତି ଭାବେ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାର ଥିଲେ। ତାଙ୍କ ମୃତ୍ୟୁରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ତାଙ୍କ ମୃତ୍ୟୁ ସମୟରେ ପୁଅ, ବୋହୂ, ଝିଅ, ଜ୍ୱାଇଁ, ନାତି, ନାତୁଣୀ, ଭଣଜା, ଭାଣିଜୀଙ୍କ ସମେତ ଆତ୍ମୀୟସ୍ୱଜନ ଉପସ୍ଥିତ ଥିଲେ।

# ଆତ୍ମରକ୍ଷା କୌଶଳ ବାଳିକାମାନଙ୍କୁ ନୂତନ ଦୃଷ୍ଟି ପ୍ରଦାନ କରିଥାଏ



ବାଲୁଗାଁ, (ଭାସ୍କର ନ୍ୟୁଜ): ରାଜ୍ୟ ସରକାରଙ୍କ ଉଚ୍ଚ ଶିକ୍ଷା ବିଭାଗର ପ୍ରୋତ୍ସାହନରେ ବାଲୁଗାଁ ମହାବିଦ୍ୟାଳୟ ପକ୍ଷରୁ ସ୍ନାତକ ଶ୍ରେଣୀର ବାଳିକା ଆତ୍ମରକ୍ଷା କୌଶଳ ତାଲିମ୍ କାର୍ଯ୍ୟକ୍ରମର ଉଦ୍‌ଯାପନ ଉତ୍ସବ ଆଜି ଅଧ୍ୟକ୍ଷ ଡକ୍ଟର ଲକ୍ଷ୍ମୀଧର ସୁବୁଦ୍ଧିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟର ପ୍ରଜ୍ଞା ଭବନରେ ଆୟୋଜିତ ଉକ୍ତ କାର୍ଯ୍ୟକ୍ରମରେ ଅତିଥିମାନେ ଯୋଗଦେଇ ପ୍ରଥମେ ଶ୍ରୀଜଗନ୍ନାଥଙ୍କ ମୂର୍ତ୍ତିରେ ମାଲ୍ୟାର୍ପଣ ପୂର୍ବକ ପ୍ରଦୀପ ପ୍ରଜ୍ୱଳନ କରିଥିଲେ। ଛାତ୍ରୀ ପ୍ରଜ୍ଞାସ୍ମିତା ସାହୁ ସ୍ୱାଗତ ସଂଗୀତ ପରିବେଷଣ କରିବା ପରେ ଆତ୍ମରକ୍ଷା କୌଶଳ ତାଲିମ୍ କାର୍ଯ୍ୟକ୍ରମର ସଂଯୋଜିକା ଅଧ୍ୟାପିକା ଡକ୍ଟର ମୋନାଲିସା ମାନସିଂହ ଅତିଥି ପରିଚୟ ପ୍ରଦାନ ସହ ଫେବୃଆରୀ ଆଠ ତାରିଖରୁ ଆଠଦିନ ଧରି ୧୮୦ ଜଣ ଯୁକ୍ତ ତିନି ବାଳିକାମାନଙ୍କ ପାଇଁ ଅନୁଷ୍ଠିତ ହୋଇଥିବା ତାଲିମ୍ କାର୍ଯ୍ୟକ୍ରମର ବିବରଣୀ ଉପସ୍ଥାପନ କରିଥିଲେ। ଏହାପରେ ଡକ୍ଟର ଲକ୍ଷ୍ମୀଧର ସୁବୁଦ୍ଧି ସ୍ୱାଗତ ଭାଷଣ ସହ ବାଳିକାମାନଙ୍କ ଆତ୍ମରକ୍ଷା କୌଶଳର ବିଭିନ୍ନ ଉପଯୋଗିତା ସମ୍ପର୍କରେ ଆଲୋଚନା କରିଥିଲେ। ସମ୍ମାନିତ ଅତିଥିଭାବେ ଅଧ୍ୟାପକ ଡକ୍ଟର କୈଳାସ ଚନ୍ଦ୍ର ମହାରଣା ଅଧ୍ୟାପକ ପ୍ରବୀଣ କୁମାର ଜେନା, କରାଟେ ଖେଳାଳି ପ୍ରତାପ କେଶରୀ ଜେନା, ସାଲୋନୀ ପାତ୍ର ଯୋଗ ଦେଇ ବାଳିକାମାନଙ୍କ ଆତ୍ମରକ୍ଷା କୌଶଳର ପ୍ରାସଙ୍ଗିକତା ବର୍ଣ୍ଣନା କରିବା ସହିତ ତତ୍କାଳ ସମସ୍ୟା ସମ୍ମୁଖୀନ ହେବା ପାଇଁ ବାଳିକାମାନଙ୍କୁ ଏହା କିପରି ନୂତନ ଜ୍ଞାନ ଓ ଦୃଷ୍ଟି ପ୍ରଦାନ କରିଥାଏ ତାହା ଆଲୋଚନା କରିଥିଲେ। ମୁଖ୍ୟ ଅତିଥି ଭାବେ ଯୋଗଦେଇ ଅନ୍ତର୍ଜାତୀୟ କରାଟେ ଖେଳାଳି ଦୀପକ ସାମନ୍ତରାୟ କହିଲେ ଯେ ସମ୍ପ୍ରତି ବାଳିକାମାନେ ନିଜର ଆତ୍ମରକ୍ଷା ପାଇଁ ପ୍ରତିକ୍ରିୟା ପ୍ରଦର୍ଶନ କରିବା ସହିତ ପ୍ରତିଟି ମୁହୂର୍ତ୍ତରେ ଆତ୍ମସଚେତନ ହେବା ଆବଶ୍ୟକ। ଏହି ଅବସରରେ ମୁଖ୍ୟଅତିଥି ଦୀପକ ସାମନ୍ତରାୟଙ୍କୁ ଅଧ୍ୟକ୍ଷ ସମ୍ବର୍ଦ୍ଧିତ କରିଥିଲେ। ଜାତୀୟ ସେବା ଯୋଜନା କାର୍ଯ୍ୟକ୍ରମ ଅଧିକାରୀ ଅଧ୍ୟାପିକା ରୀନା ରାଉତ ଓ ପ୍ରଶିକ୍ଷାର୍ଥୀ ନିଲମ ସାହୁ ଛାତ୍ରୀମାନଙ୍କୁ ପ୍ରମାଣପତ୍ର ବଣ୍ଟନ କରିଥିବା ବେଳେ ଯୁବ ରେଡ଼କ୍ରସ ଅଧିକାରୀ ଅଧ୍ୟାପିକା ମନସ୍ୱିନୀ ପଟ୍ଟନାୟକ ଧନ୍ୟବାଦ ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ଡକ୍ଟର ସନ୍ତୋଷ ରଥ, ପ୍ରଦୀପ ପାଢ଼ୀ, ଅଧ୍ୟାପିକା ସ୍ନିଗ୍ଧା ରାଣୀ ମୁଦୁଲି, ସୁନିତା ନନ୍ଦ, ରୋଜାଲିନ ମିଶ୍ର ଶୁଭଦର୍ଶିନୀ ପରିଡ଼ା, ପ୍ରିୟମ୍ବଦା ମହାପାତ୍ରପ୍ରମୁଖ ଉପସ୍ଥିତ ରହି ଛାତ୍ରୀମାନଙ୍କୁ ଆତ୍ମରକ୍ଷା ସମ୍ପର୍କରେ ପରାମର୍ଶ ଦେବା ସହ ଉତ୍ସାହିତ କରିଥିଲେ।

# ଜଙ୍ଗଲ ନିଆଁ ନିବାରଣ ସଚେତନତା ଅଭିଯାନ କାର୍ଯ୍ୟକ୍ରମ

କୋଇଡା, (ଭାସ୍କର ନ୍ୟୁଜ): ବଣାଇ ଉପଖଣ୍ଡ ଅଧିନସ୍ଥ କୋଇଡା ବନାଞ୍ଚଳ ଅଧିକାରୀଙ୍କ କାର୍ଯ୍ୟାଳୟ ପରିସରରେ ଜଙ୍ଗଲକୁ ନିଆଁଦାଉରୁ ରକ୍ଷା ନିମନ୍ତେ ଏକ ସଚେତନତା ଅଭିଯାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ବଣାଇର ପୂର୍ବତନ ବିଧାୟକ ଜନାର୍ଦ୍ଦନ ଦେହୁରୀ, ଭୀମସେନ ଚୌଧୁରୀ, କୋଇଡା ଖ ଜିଲ୍ଲା ପରିଷଦ ସଭ୍ୟ ଅଶୋକ ନାଏକ, କାଶିରା ଗ୍ରାମ ପଞ୍ଚାୟତର ସରପଞ୍ଚ ରାଣୀ ଲୋହାର, ପାଟମୁଣ୍ଡା ଗ୍ରାମ ପଞ୍ଚାୟତର ପୂର୍ବତନ ସରପଞ୍ଚ ଅବିନାଶ ସୁମନ ବାଗେ ପ୍ରମୁଖ ଅତିଥି ଭାବେ ଯୋଗଦାନ କରି ଜଙ୍ଗଲ ନିଆଁ ନିବାରଣ ପାଇଁ ସଚେତନତା ବାର୍ତ୍ତା ନିଜ ଅଭିଭାଷଣ ମାଧ୍ୟମରେ ପ୍ରଦାନ କରି ଥିଲେ। ଏହି କାର୍ଯ୍ୟକ୍ରମରେ କୋଇଡା ବନାଞ୍ଚଳ ଅଧୀନରେ ଥିବା ବିଭିନ୍ନ ଖଣି ଯଥା ଜେଏସଡବ୍ଲୁ, ଏମଜି ମହାନ୍ତି, ଏମଜି ମିନେରାଲ, ସେଲ, ଏଏମଏନଏସ, ଟାଟା ଏବଂ ପିଏମ ଗ୍ରାନାଇଟ ଇତ୍ୟାଦି ଖଣି ଗୁଡ଼ିକରୁ ଆସିଥିବା ଖଣି କର୍ତ୍ତୃପକ୍ଷ ଏବଂ ଜଙ୍ଗଲ ବିଭାଗର ସମସ୍ତ କର୍ମଚାରୀ, ଗଜ ସାଥିମାନେ ଯୋଗ ଦାନ କରିଥିଲେ। ଜଙ୍ଗଲରେ ନିଆଁ ଲାଗିବା ଦ୍ୱାରା ଏହାର ପ୍ରଭାବରେ ନିର୍ଗତ ଧୂଆଁ ଦ୍ୱାରା ପରିବେଶ ମଧ୍ୟ ପ୍ରଦୂଷିତ ହୋଇଥାଏ। ଜଙ୍ଗଲରେ ନିଆଁ ଲଗାଇବା ଏକ ଆଇନ ଗତ ଅପରାଧ ବୋଲି କୋଇଡା ବନାଞ୍ଚଳ ଅଧିକାରୀ ପ୍ରସନ୍ନ କୁମାର ପ୍ରଧାନ ମତବ୍ୟକ୍ତ କରିବା ସହିତ ଏହି ବାର୍ତ୍ତାକୁ ସମାଜର ପ୍ରତେକ ବର୍ଗର ଲୋକଙ୍କ ନିକଟରେ ପହଁଚାଇବା ଏହି ସଚେତନତା ଅଭିଯାନର ମୂଳ ଲକ୍ଷ୍ୟ ବୋଲି ପରିପ୍ରକାଶ କରିଛନ୍ତି।

# ଜିଲ୍ଲାପାଳ ଓ ଜିଲ୍ଲା ପୋଲିସ ଆରକ୍ଷୀ ଅଧୀକ୍ଷକଙ୍କ ଯୁଗ୍ମ ଜନ ଅଭିଯୋଗ ଶୁଣାଣୀ ଶିବିର

କରଞ୍ଜିଆ, (ଭାସ୍କର ନ୍ୟୁଜ): କରଞ୍ଜିଆରେ ମାସର ତୃତୀୟ ସୋମବାର ଦିନ ମୟୁରଭଞ୍ଜ ଜିଲାପାଳ ଓ ଏସପିଙ୍କ ଯୁଗ୍ମ ଜନଅଭିଯୋଗ ଶୁଣାଣି ପାଇଁ ପୂର୍ବରୁ ନିର୍ଦ୍ଧାରିତ ହୋଇଛି। ସେହି ଅନୁଯାଇ ଚଳିତ ମାସ ତୃତୀୟ ସୋମବାର ସର୍ବସାଧାରଣଙ୍କ ଅଭିଯୋଗର ଶୁଣାଣି ପାଇଁ ଜିଲାପାଳ ହେମକାନ୍ତ ସୋୟ ଓ ଜିଲ୍ଲାର ଏସପି ବରୁଣ ଘୁଣ୍ଟୁଭାଲି ଜନସାଧାରଣଙ୍କ ଅଭିଯୋଗର ଶୁଣାଣି କରିଛନ୍ତି। ଏଥିରେ ମୋଟ୧୧୫ ଗୋଟି ଅଭିଯୋଗ ଆଗତ ହୋଇଥଲା ସେଥିରୁ ୯୭ଟି ଅଭିଯୋଗ ବ୍ୟକ୍ତିଗତ ଥିବାବେଳେ ୧୮ଟି ଗୋଷ୍ଟିଗତ ଥିଲା। ମୋଟ ଅଭିଯୋଗ କାରୀଙ୍କ ମଧ୍ୟରୁ ୬ଗୋଟି ଅଭିଯୋଗର ତତ୍କାଳ ଶୁଣାଣୀ ହୋଇଥଲା ଓ ମୁଖ୍ୟମନ୍ତ୍ରୀଙ୍କ ସହାୟତା ପାଣ୍ଠି ଓ ରେଡ଼କ୍ରସରୁ ଦୁଇଦୁଇ ଜଣଙ୍କୁ ୫ ହଜାର ଲେଖାଇ ସହାୟତା ଦିଆଯାଇଥିଲା। ସେମାନେ ହେଲେ ରସମତଳା ଗ୍ରାମର ରମାକାନ୍ତ ନାଏକ, ସିଙ୍ଗଡ଼ାର ପୂର୍ଣ୍ଣମୀ ସୀଦୁ, ଫଗୁର ରିତା କୁମାରୀ ମହାନ୍ତ ଓ ଘାଗର ବେଡ଼ାର ଜଗନ୍ନାଥ ମହାକୁଡ଼ ସମସ୍ତେ ୫ ହଜାର ଲେଖାଏଁ ମୋଟ ୨୦ ହଜାର ସହାୟତା ପାଇଥିଲେ। ଏହି ଶିବିରରେ ସହକାରୀ ଉପଜିଲ୍ଲାପାଳ ପ୍ରକାଶ ଚନ୍ଦ୍ର ଦାସଙ୍କ ସହିତ ନୂତନ କରି ଯୋଗ ଦେଇଥିବା ଉପଖଣ୍ଡ ପୋଲିସ ଅଧିକାରୀ ନବ କୁମାର ନାଏକ, ଡିଏଫଓ ଶ୍ରୀକାନ୍ତ ନାଏକ, ଉପଖଣ୍ଡ ଚିକିତ୍ସାଳୟର ଅଧିକ୍ଷକ ଡାକ୍ତର ଅନିତା ସିଂ, ଶୁକୁଳି ତହସିଲଦାର ଯତୀନ୍ଦ୍ର ନାଥ ସେଠି, ଆରଡବ୍ଲୁଏସଏସର ନିର୍ବାହୀ ଯନ୍ତ୍ରୀ ଶ୍ରୀକାନ୍ତ ରାଉତ, ଦେଓ ବନ୍ଧ ଯୋଜନାର ଅଧିକ୍ଷଣ ଯନ୍ତ୍ରୀ ନାରାୟଣ ଦାସ, ବିଦ୍ୟୁତ୍ ବିଭାଗ ଏସଡିଓ ଶୌରଶୁ ପରିଡା ଏନ୍‌ଏସି କାର୍ଯ୍ୟନିର୍ବାହୀ ଅଧିକାରୀ ତଥା ସହ କାରୀ ଜିଲ୍ଲାପାଳ ନିହାର ରଂଜନ ସେଠୀ,ପାଞ୍ଚ ବ୍ଲକର ବିଡିଓ ତଥା ସମସ୍ତ ବ୍ଲକ ଲାଇନ ବିଭାଗର ଅଧିକାରିମାନେ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମକୁ ସେକ୍ସନ ଅଫିସର ଧିରେନ କୁମାର ଭୋଇ, କ୍ଷୋମେଶ ମହନ୍ତ, ଦିଲ୍ଲିପ କୁମାର ପଳେଇ ଓ ଉପଜିଲ୍ଲାପାଳ ଙ୍କ କାର୍ଯ୍ୟାଳୟର ସମସ୍ତ କର୍ମଚାରୀମାନେ ପରିଚାଳନା କରିଥିଲେ।

# ଶ୍ରମିକ ସଚେତନତା ରଥ ମାଧ୍ୟମରେ ବ୍ଲକ୍‌ସ୍ତରୀୟ ସଚେତନତା

ମାଲକାନଗିରି, (ଭାସ୍କର ନ୍ୟୁଜ): ଜିଲ୍ଲାରେ ଦାଦନ ସଂଖ୍ୟା ବଢିବାରେ ଲାଗିଥିବା କାରଣରୁ ଓଡିଶା କୋଠାବାଡି ଓ ଅନ୍ୟାନ୍ୟ ନିର୍ମାଣ ଶ୍ରମିକ କଲ୍ୟାଣ ବୋର୍ଡ, ଓଡିଶା ତରଫରୁ ଶ୍ରାମିକ ସଚେତନତା ରଥ ପରିଭ୍ରମଣ କରି ଶ୍ରମିକ ମାନଙ୍କୁ ସଚେତନତା କରାଉଥିବାର ଦେଖିବାକୁ ମିଳିଥିଲା। ମାଲକାନଗିରି ଜିଲ୍ଲା କୋରୁକୋଣ୍ଡା ବ୍ଲକ ଅଧୀନରେ ଥିବା ବିଭିନ୍ନ ପଞ୍ଚାୟତ ସଦର ସମେତ ବିଭିନ୍ନ ଗ୍ରାମ ଗୁଡିକରେ ରଥ ବୁଲି ଶ୍ରମିକ ମାନଙ୍କୁ ସଚେତନାତା କରାଉଥିବା ଦେଖିବାକୁ ମିଳିଛି। ଜିଲ୍ଲାର ପଡୋଶୀ ରାଜ୍ୟ ଆନ୍ଧ୍ର ତେଲେଙ୍ଗାନା ସହିତ ବିଭିନ୍ନ ରାଜ୍ୟକୁ ଜିଲାରୁ ବହୁ ଶ୍ରମିକ କାମ ଅନୁସରଣରେ ଯାଇ ନାହି ନଥିବା ଅସୁବିଧାର ସମୁଖୀନ ହେଉଥିବାର ବହୁ ନଜିର ରହିଛି। ଏଣୁ ଶ୍ରମ ବିଭାଗ ତରଫରୁ ଏକ ଶ୍ରମ ସଚେତନତା ରଥ ପରି ଭ୍ରମଣ କରି ଶ୍ରମିକ ଶ୍ରେଣୀର ଲୋକଙ୍କୁ ସଚେତନତା କରାଇବା ସହିତ ଶିଶୁ ଶ୍ରମିକଙ୍କୁ ବିଭିନ୍ନ କାମରେ ନିୟୋଜିତ କରିଲେ ବିଭିନ୍ନ ଦଣ୍ଡ ବିଧାନ ରହିଥିବା ବେଳେ ଯଦି କୌଣସି ଶ୍ରମିକ ବାହାର ରାଜ୍ୟକୁ କମ କରିବାକୁ ଯାଉଛନ୍ତି ସେମାନେ ଠିକାଦାରଙ୍କ ନଥିପତ୍ର ଅନୁଧାନ କରିବା ସହିତ ନିକଟସ୍ଥ ଶ୍ରମ କାର୍ଯ୍ୟାଳୟର ନିୟମ ମାନିବାକୁ ସଚେତନତା ରଥ ମଧ୍ୟମରେ କୁହାଯାଇଛି।

# ଆଇଆଇସିଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ପାଇଁ ଲୋକଙ୍କ ଭିଡ଼

ରାଜନଗର, (ଭାସ୍କର ନ୍ୟୁଜ): କେନ୍ଦ୍ରାପଡା ଜିଲ୍ଲା ପଟ୍ଟାମୁଣ୍ଡାଇ ଗ୍ରାମାଞ୍ଚଳ ସଂସାରଫଳ ଥାନାରେ ନରେଶ କୁମାର ସାହୁ ଆଇଆଇସି ଭାବେ କାର୍ଯ୍ୟ କରୁଥିଲେ। ସେଠାରେ ଲୋକଙ୍କୁ ନ୍ୟାୟଦେବା, ଅସାମାଜିକ ବ୍ୟକ୍ତି ଏବଂ ଥାନାରେ ଦଲାଲ ଗିରିକୁ ପ୍ରତିହତ କରି ସୁନାମ ଅର୍ଜନ କରି ଲୋକପ୍ରିୟ ହୋଇଥିବା ପୋଲିସ ଅଧିକାରୀ ନରେଶ କୁମାର ସାହୁ ରାଜନଗର ଥାନାକୁ ବଦଳୀ ଆସିବା ପରେ ତାଙ୍କ ଉପରେ ନ୍ୟାୟିକ ବ୍ୟବସ୍ଥାର ବିଶ୍ୱାସକୁ ନେଇ ଏପରି ଦକ୍ଷ ନିରପେକ୍ଷ ପୋଲିସ ଅଫିସରଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା କରିବାକୁ ତିନିଦିନ ହେବ ଦଳୀୟ ଓ ନିର୍ଦ୍ଦଳୀୟ ନେତା କର୍ମୀ ସାକ୍ଷାତ କରୁଛନ୍ତି ଯାହାକି ରାଜନଗର ଥାନାରେ ଏମିତି କୌଣସି ଆଇଆଇସିଙ୍କୁ ଲୋକମାନେ ସମ୍ବର୍ଦ୍ଧନା କରିନଥିଲେ। କିନ୍ତୁ ଏହି ନୂତନ ଆଇଆଇସିଙ୍କୁ ଭେଟିବାକୁ ଗ୍ରାମାଞ୍ଚଳରୁ ସାଧାରଣ ଲୋକମାନେ ପୂର୍ବ ଷ୍ଟେସନରୁ ନିରପେକ୍ଷ ପ୍ରଶାସକ ବୋଲି ସୂଚନା ପାଇ ଏପରି ଜଣେ ନ୍ୟାୟବାନ ପୋଲିସ ଅଫିସରକୁ ଫୁଲତୋଡା ଦେବାକୁ ଧାଇଁ ଆସୁଛନ୍ତି। ଏହି ଅବସରରେ ବିଜେପି ନେତା ସନ୍ତୋଷ କୁମାର ମହାନ୍ତିଙ୍କ ଉପସ୍ଥିତିରେ ସାତଭାୟା ପଞ୍ଚାୟତ ବିଜେପି ସଭାପତି ବିଶ୍ୱରଞ୍ଜନ ପାତ୍ର, ମନ କି ବାତ-କୈଳାଶ ଚନ୍ଦ୍ର ବେହେରା,ରବୀନ୍ଦ୍ର ସାହାଣୀ, ରାଜକିଶୋର ରାଉତ, ଅଶ୍ୱିନୀ ବେହେରା, କାହ୍ନ ପୁର (୪୪)ବୁଥ ର ଲାଭାର୍ଥୀ ବଳରାମ ମଲିକ, ମେଘନାଦ ମଲିକ, ନୂତନ ଆଇଆଇସି ଶ୍ରୀନରେଶ କୁମାର ସାହୁଙ୍କୁ ଭେଟି ଶୁଭେଚ୍ଛା ଜଣାଇବା ସହିତ ଅଭିନନ୍ଦନ ଜଣାଇଲେ। ସେ ଆଶା ରଖିଛନ୍ତି ପୂର୍ବ ଷ୍ଟେସନ ଭଳି ରାଜନଗର ଅଞ୍ଚଳ ବାସୀଙ୍କୁ ଉଚିତ ନିରପେକ୍ଷ ଶାସନ ଯୋଗାଇ ଦେବାକୁ କାମନା କରିଥିଲେ।କଥାରେ ଅଛି 'ଯାହା ଛୁଆକୁ ସାପ କାମୁଡିଥିବ ତା ମା ପାଳଦଉଡି ଦେଖୀ ଡରେ' ବିଗତ ଆଇଆଇସି ଶ୍ରୀ ଅଜୟ କୁମାର ଜେନା୍ ବହୁଚେଷ୍ଟା କରିଥିଲେ ନିକଟରେ ରହିବା ପାଇଁ କିନ୍ତୁ ତାଙ୍କର କର୍ମ ମୟୁରଭଞ୍ଜକୁ ବଦଳି ଜନସାଧାରଣ ଉତ୍ତମ ବୋଲି ବିବେଚନା କରିଛନ୍ତି। ଜେନା ତାଙ୍କ ଆଇଆଇସି ସମୟମଧ୍ୟରେ ରାଜନଗରରେ ଗଳିକନ୍ଦିରେ ମଦ ବେପାରୀ ସୃଷ୍ଟି ହେବା ସହ ଗ୍ରାମାଞ୍ଚଳ ମିଶାଇ ୭୧ଟି ଚୋରା ବିଦେଶୀ ମଦ ଦୋକାନ ସୃଷ୍ଟି ହୋଇଥିବା ତାଲିକା ଥାନାର ଜନୈକ ହୋମଗାର୍ଡଙ୍କ ନିକଟରେ ଥାଇ ସବୁକିଛି ତାଙ୍କ ନିର୍ଦ୍ଦେଶରେ ଆଦାୟ କରୁଥିଲା। ହେଲେ ନିରୀହ ଗରୀବ ଲୋକ ଅନ୍ୟାୟ ଭାବେ କେଶ୍ ଖାଉଥିବା ବେଳେ ଥାନାରେ ନ୍ୟାୟ ନଥିଲା, ଯାହା ଯେଉଁଠି ମିଳେ ଏକା ସବୁ ହଜମ କରି ଭଦ୍ରବ୍ୟକ୍ତିଙ୍କୁ ଦାଗି ସଜାଇ ବିନା ତଦନ୍ତରେ ମିଥ୍ୟା କାଉଣ୍ଟର କେଶରେ ଥାନା ବୋଝ ହେଉଥିଲା କାଗଜ ଯାହାଫଳରେ ସେହି ଆଇଆଇସି ଉପରେ ଲୋକଙ୍କର ବିଶ୍ୱାସ ତୁଟିତୁଟି ଯାଉଥିଲା। ଥାନାରେ ଦଲାଲ ସଂଖ୍ୟା ବୃଦ୍ଧି ପାଉଥିବା ବେଳେ ଜନୈକ ହୋମ ଗାର୍ଡ 'କିଚକ ବଳରେ ବିରାଟ ରାଜା' ଭଳି ସବୁ ଅଞ୍ଚଳରୁ ବଟି ଆଦାୟ କରି ଯେତିକି ଗୁରୁକୁ ଦିଏ ସେତିକି ଗୁରୁଙ୍କ ଅଜଣାତରେ ଗୁରୁଙ୍କ ନାଁ କହି ନିଜପାଇଁ ବଟି ଆଦାୟ କରୁଥିବା ଅଭିଯୋଗ ହେଉଛି। ଏଣୁ ଏପରି କ୍ଷେତ୍ରରେ ଉପରୋକ୍ତ ବିଷୟ ପ୍ରତି ନୂତନ ଆଇଆଇସି ଗୁରୁତ୍ୱ ଦେଇ ପ୍ରତିହତ କରିବା ସହ ପୋଲ ପାଖ ଓ ବଜାରରେ ଟ୍ରାଫିକ୍ ସମସ୍ୟା ପ୍ରତି ଦୃଷ୍ଟି ଦେଇ ଥାନାର ଜନୈକ ହୋମ ଗାର୍ଡ ଯେପରି ପୂର୍ବ ଅଫିସର ପାଖରେ ଯେମିତି ମିଛସତ କହି ବଟି ଆଦାୟ କରୁଥିଲା ନୂଆ ଆଇଆଇସିଙ୍କ ନିକଟରେ ଯେମିତି ସେ ସୁଯୋଗ ନ ମିଳେ, ସେଥିପ୍ରତି ଧ୍ୟାନ ଦେଇ ଟ୍ରାଫିକ୍ କିମ୍ବା ଏଫ୍‌ଆଇଆର ଲେଖା ଡିଉଟି ଦିଆଗଲେ ଲୋକଙ୍କ ପାଇଁ ଉଚିତ୍ ସେବା ହୋଇପାରିବ।

# ଜନଶୁଣାଣି ଶିବିରରେ ଅଙ୍ଗନବାଡ଼ି କର୍ମୀ ନିଯୁକ୍ତି ନେଇ ପ୍ରତିବାଦ



ବାରିପଦା, (ଭାସ୍କର ନ୍ୟୁଜ): ମୟୂରଭଞ୍ଜ ଜିଲ୍ଲା ମୋରଡା ବ୍ଲକ ଅଧୀନ ଧଡାସାହି ପଞ୍ଚାୟତରେ ପଞ୍ଚାୟତ ସ୍ତରୀୟ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ସରକାର ସାଧାରଣ ଜନତାଙ୍କ ସମସ୍ୟା ଗ୍ରାଉଣ୍ଡ ଜିରୋରେ ପହଞ୍ଚି ସମାଧାନ କରିବା ପାଇଁ ସରକାରୀ କର୍ମଚାରୀମାନଙ୍କୁ ବିଭିନ୍ନ ପଞ୍ଚାୟତରେ ଜନଶୁଣାଣି ଶିବିର ମାଧ୍ୟମରେ ସମାଧାନ କରିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ଆଜି ଧଡାସାହି ପଞ୍ଚାୟତରେ ନୂତନ ଏଇଇ ସୁଶାନ୍ତ ନାଏକଙ୍କ ଅଧ୍ୟକ୍ଷତାରେ ସମସ୍ତ ବିଭାଗର କର୍ମଚାରୀମାନେ ଉପସ୍ଥିତ ରହି ସାଧାରଣ ଲୋକଙ୍କ ଅଭିଯୋଗ ଶୁଣିବା ସହିତ ତାହା କିପରି ସମାଧାନ ହୋଇ ପାରିବ ସେ ବିଷୟରେ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏହି ଜନଶୁଣାଣି ଶିବିର ଚାଲିଥିବା ସମୟରେ ବେଲାଝୁରୀ ଅଙ୍ଗନବାଡି କେନ୍ଦ୍ରରେ ଅଙ୍ଗନବାଡ଼ି ନିଯୁକ୍ତିକୁ ବିରୋଧ କରି ଶତାଧିକ ଲୋକ ରାଲି କରି ପ୍ରତିବାଦ କରିଥିବାର ଦେଖିବାକୁ ମିଳିଥିଲା। ଉକ୍ତ ଅଙ୍ଗନବାଡି କେନ୍ଦ୍ରରେ କର୍ମୀ ନିଯୁକ୍ତିକୁ ନେଇ ବିବାଦ ଦେଖା ଦେଇଛି। ସୂଚନା ଅନୁଯାୟୀ, କର୍ମୀ ନିଯୁକ୍ତି ପାଇଁ ବିଜ୍ଞାପନ ଚଳିତ ବର୍ଷ ଗତ ଜୁଲାଇ ୯ ତାରିଖରେ ବାହାରିଥିଲା ଏବଂ ଆବେଦନ କରିବାର ଶେଷ ତାରିଖ ଥିଲା ଜୁଲାଇ ୨୪। ଆବେଦନ କରିବାର ଶେଷ ତାରିଖ ପରେ ମୋରଡା ଆଇସିଡିଏସ ବିଭାଗ ତରଫରୁ ଉକ୍ତ ଅଙ୍ଗନବାଡି କେନ୍ଦ୍ରରେ ଆବେଦନ କରିଥିବା ପ୍ରାର୍ଥୀ ମଧ୍ୟରୁ ରଜନୀ ଟୁଡୁଙ୍କୁ ବଛା ଯାଇ ନିଯୁକ୍ତି ଦିଆଯାଇଛି ଯାହାକୁ ନେଇ ବେଲାଝୁରୀ ଗ୍ରାମବାସୀ ଅସନ୍ତୋଷ ପ୍ରକାଶ କରିବା ସହିତ କର୍ମୀ ନିଯୁକ୍ତିରେ ଅନିୟମିତତା ହୋଇଛି ବୋଲି କହିଛନ୍ତି ଫୁଲେଶ୍ୱରୀ ହେମ୍ବ୍ରମ,ଦୁର୍ଗା ହାଁସଦା,ରାମଚନ୍ଦ୍ର ମୁର୍ମୁ,ରାମ ମାଣ୍ଡି,ଥୁମ୍ପୁ ମାଣ୍ଡି,ପାନମଣି ମୁର୍ମୁ ଏବଂ ଅନ୍ୟମାନେ। ଗ୍ରାମବାସୀଙ୍କ ଅଭିଯୋଗ ମୁତାବକ, ରଜନୀ ଟୁଡୁଙ୍କ ମା' ମଧ୍ୟ ଉକ୍ତ ଅଙ୍ଗନବାଡି କେନ୍ଦ୍ରରେ ରୋଷେୟା ଭାବେ କାର୍ଯ୍ୟରତ। ତେଣୁ ବିଭାଗ ଗ୍ରାମବାସୀଙ୍କ ପ୍ରତି ବୈମାତୃକ ମନୋଭାବ ରଖି ଅନିୟମିତତା କରି ରଜନୀଙ୍କୁ ନିଯୁକ୍ତି ପ୍ରଦାନ କରିଛି ବୋଲି ଅଭିଯୋଗ ହୋଇଛି। ତେଣୁ ବିଭାଗ ଏହା ଉପରେ ପୁନଃ ବିଚାର ରଜନୀଙ୍କ ବଦଳରେ ମାର୍କ ଭିତ୍ତିରେ ଗ୍ରାମର ଅନ୍ୟ ଜଣଙ୍କୁ ନିଯୁକ୍ତି ଦେବା ପାଇଁ ଗ୍ରାମବାସୀ ଗତ ଅଗଷ୍ଟ ୨୪ ତାରିଖରେ ମୋରଡା ସିଡିପିଓଙ୍କୁ ଲିଖିତ ଭାବେ ପ୍ରଦାନ କରିଥିଲେ। ତେବେ ତିନିମାସ ପରେ ମଧ୍ୟ ବିଭାଗ ତରଫରୁ ଏ ବାବଦରେ କୌଣସି ପଦକ୍ଷେପ ଗ୍ରହଣ କରା ନ ଯିବାରୁ ଗ୍ରାମର ଗ୍ରାମବାସୀମାନେ ପ୍ରତିବାଦ ସହିତ ରାଲି କରି ସରକାର ଉପରେ ଚାପ ପ୍ରୟୋଗ କରି ନୂତନ ଭାବେ ଆଉ ଜଣଙ୍କୁ ନିଯୁକ୍ତି ଦେବାପାଇଁ ଦାବି କରିଥିଲେ। ଉକ୍ତ ଜନଶୁଣାଣି ଶିବିର ରେ ଉପସ୍ଥିତ ଥିଲେ ଧଡାସାହି ପିଇଓ ଶୁଭଶ୍ରୀ କର, ସରପଞ୍ଚ ତିଳକା ହାଁସଦା, ପିତାମ୍ବର ଦାସ ପ୍ରମୁଖ।

ଓଡ଼ିଶା ଭାସ୍କର
ODISHA BHASKAR

# ରାଜ୍ୟ ଖବର





ନୂଆଦିଲ୍ଲୀ: ଭାରତ ଓ ପାକିସ୍ତାନ ମଧ୍ୟରେ ବିଭିନ୍ନ ପ୍ରସଙ୍ଗକୁ ନେଇ ସର୍ବଦା ବିବାଦ ଦେଖାଦେଇଥାଏ। କିନ୍ତୁ କ୍ରୀଡା କ୍ଷେତ୍ରରେ ଏହା ସମ୍ପୂର୍ଣ୍ଣ ଅଲଗା। ଯେଉଁଠି ଦୁଇ ଦେଶର କ୍ରୀଡ଼ାବିତ ଏବଂ ପ୍ରଶଂସକଙ୍କ ମଧ୍ୟରେ ବନ୍ଧୁତ୍ୱପୂର୍ଣ୍ଣ ଭାବ ଦେଖିବାକୁ ମିଳିଥାଏ। ଏମିତି ଏକ ଦୃଶ୍ୟ ଦେଖିବାକୁ ମିଳିଛି ପାକିସ୍ତାନର କରାଚୀ ସହରରେ। ଚମ୍ପିଆନ୍ସ ଟ୍ରଫି ଆରମ୍ଭ ହେବା ପୂର୍ବରୁ ପାକିସ୍ତାନୀ ପ୍ରଶଂସକମାନେ ବିରାଟ କୋହଲି ଜିନ୍ଦାବାଦ, କୋହଲି ଜିନ୍ଦାବାଦ ନାରା ଦେଉଥିବା ଦେଖିବାକୁ ମିଳିଛି। କୋହଲିଙ୍କର ବିଶ୍ୱବ୍ୟାପୀ ପ୍ରଶଂସକ ରହିଛନ୍ତି। ପାକିସ୍ତାନରେ ବି ତାଙ୍କର ବହୁ ପ୍ରଶଂସକ ଥିବା ଏହି ଘଟଣାରୁ ଜଣାପଡ଼ିଛି। ଚାମ୍ପିଅନ୍ସ ଟ୍ରଫି ପାକିସ୍ତାନରେ ଆୟୋଜନ ହେଉଛି। ତେଣୁ ପାକିସ୍ତାନୀ ପ୍ରଶଂସକମାନେ ଭାରତୀୟ ଟିମକୁ ଅପେକ୍ଷା କରିଥିଲେ। ହେଲେ ଭାରତ ପାକିସ୍ତାନ ଯିବ ନାହିଁ ବୋଲି ଘୋଷଣା କରିବା ପରେ ପ୍ରଶଂସକମାନେ ନିରୁତ୍ସାହିତ ହୋଇପଡ଼ିଥିଲେ। ସାମାଜିକ ଗଣମାଧ୍ୟରେ ସେମାନେ ଭାରତୀୟ ଦଳକୁ ପାକିସ୍ତାନ ଆସି ଖେଳିବାକୁ ଅନୁରୋଧ କରୁଥିବା ଦେଖାଯାଇଥିଲା। ପରବର୍ତ୍ତୀ ସମୟରେ ଭାରତର ସମସ୍ତ ମ୍ୟାଚ ଦୁବାଇରେ ହେବ ବୋଲି ନିଷ୍ପତ୍ତି ହୋଇଥିଲା। କିନ୍ତୁ କୋହଲିଙ୍କ ପ୍ରଶଂସକମାନଙ୍କ ମଧ୍ୟରେ ଉତ୍ସାହ କମିନାହିଁ। କରାଚୀ ଷ୍ଟାଡିୟମ ବାହାରେ ଟିକେଟ କିଣିବାକୁ ଆସିଥିବା ବହୁ ପ୍ରଶଂସକ କୋହଲି ଜିନ୍ଦାବାଦ ନାରା ଦେଇଥିଲେ। ଭାରତୀୟ ଖେଳାଳିଙ୍କ ପ୍ରତି ପାକିସ୍ତାନୀ ପ୍ରଶଂସକଙ୍କ ଏପରି ଭଲପାଇବାକୁ ବିଭିନ୍ନ ମହଲରେ ପ୍ରଶଂସା କରାଯାଇଛି।

## ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଆଗରେ ଅନଶନ



ଜଗତସିଂହପୁର (ଭାସ୍କର ନ୍ୟୁଜ୍) : ସୋମବାର ଜଗତସିଂହପୁର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଆଗରେ ବିରିଡି ବ୍ଲକ ଅଧିନସ୍ଥ ମତିର ଗ୍ରାମର ପ୍ରମୋଦ କୁମାର ଜେନା ଅନଶନରେ ବସିଛନ୍ତି। ପ୍ରମୋଦ କୁମାର ଜେନା ଅଭିଯୋଗ କରନ୍ତି ଯେ ଜିଲ୍ଲା ପ୍ରଶାସନକୁ ବାରମ୍ବାର ବିଭିନ୍ନ ପ୍ରସଙ୍ଗ ନେଇ ଅଭିଯୋଗ କରୁଥିଲେ ମଧ୍ୟ ପ୍ରଶାସନିକ ତ୍ରୁଟିକୁ ଚପାଇ ଦେବା ପାଇଁ ପ୍ରମୋଦଙ୍କ ନାମରେ ମିଥ୍ୟା ଅଭିଯୋଗ କରାଇ ତାଙ୍କୁ ବହୁବାର ଜେଲ ପଠାଯାଇଛି। ନିରୁପାୟ ପ୍ରମୋଦ ଜିଲ୍ଲାପାଳଙ୍କ ଜନଶୁଣାଣି ଶିବିରକୁ ବନ୍ଦ କରି ଧାରଣା ଦେଇଥିଲା ବେଳେ ତାଙ୍କୁ ମଧ୍ୟ ବିରୋଧ କରାଯାଇଥିଲା। ତେଣୁ ୩ ଦଫା ଦାବି ନେଇ ପ୍ରମୋଦ କୁମାର ଜେନା ଅନଶନରେ ବସିଛନ୍ତି। ଦାବି ଗୁଡିକ ହେଲା-ପ୍ରଶାସନର ପ୍ରକ୍ଷପାତିତା ଯୋଗୁଁ ତାଙ୍କ ଦୋକାନ ଘର ଉଚ୍ଛେଦର ତଦନ୍ତ, ଇଣ୍ଡିଆନ ବ୍ୟାଙ୍କ ମ୍ୟାନେଜରଙ୍କ ହୋଇଥିବା କେସର ନିରପେକ୍ଷ ତଦନ୍ତ, ଜିଲ୍ଲାପାଳଙ୍କ ଜନଶୁଣାଣି ଅଭିଯୋଗ ଶୁଣାଣୀରେ ହୋଇଥିବା ଅତ୍ୟାଚାରର ତଦନ୍ତ ହେଉ।

## ବାବା ମୁକ୍ତେଶ୍ୱରାୟଙ୍କ ନୂତନ ମନ୍ଦିର ପ୍ରତିଷ୍ଠା



ବେତନଟୀ (ଭାସ୍କର ନ୍ୟୁଜ): ବେତନଟୀ ବଙ୍ଗଳାଛକ ଠାରେ ବାବା ମୁକ୍ତେଶ୍ୱରାୟଙ୍କ ନୂତନ ମନ୍ଦିର ପ୍ରତିଷ୍ଠା ଉତ୍ସବ ରବିବାର ଆରମ୍ଭ ହୋଇଯାଇଛି।ଏହି ଉତ୍ସବ ରେ ୨୦ଜଣ ମାନସିକ ଧାରୀ ଘଟତୋଳନ କରିଛନ୍ତି। ୧୫ତାରିଖରେ ପୂଜାବିଧି ପାଇଁ ପ୍ରସ୍ତୁତିକରଣ କରାଯାଇଥିବା ବେଳେ ରବିବାର ଘଟତୋଳନ କରାଯାଇଛି।ସୋମବାର ଦେବତାପ୍ରତିଷ୍ଠା,ବିଗ୍ରହ ସ୍ଥାପନ ଏବଂ ପୂଜାକାର୍ଯ୍ୟ ରହିଥିବା ବେଳେ ମଙ୍ଗଳବାର ରୁଦ୍ରାଭିଷେକ ଓ ପୂର୍ଣ୍ଣାହୁତି ରହିଛି।ପୂର୍ଣ୍ଣାହୁତି ଦିନ ହଜାରହଜାର ଶ୍ରଦ୍ଧାଳୁଙ୍କ ନିମନ୍ତେ ସାମୂହିକ ପ୍ରସାଦସେବନର ବ୍ୟବସ୍ଥା ମଧ୍ୟ କରାଯାଇଛି।ଆୟୋଜକ ମୁକ୍ତେଶ୍ୱର ଶିବମନ୍ଦିର କମିଟିର ସମସ୍ତ କାର୍ଯ୍ୟକର୍ତ୍ତା ଓ ସଦସ୍ୟ/ସଦସ୍ୟା ପ୍ରମୁଖ ପୂଜାକାର୍ଯ୍ୟ ଓ ନୂତନ ମନ୍ଦିର ପ୍ରତିଷ୍ଠା ଉତ୍ସବରେ ସକ୍ରିୟ ଦାୟୀତ୍ୱ ସମ୍ପାଦନ କରୁଥିବାର ଦେଖିବାକୁ ମିଳିଛି।

## ପର୍ଯ୍ୟଟନ ସ୍ଥଳୀ ଅନୁଧ୍ୟାନ କଲେ ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ



ଗୋପ (ଭାସ୍କର ନ୍ୟୁଜ) : ପର୍ଯ୍ୟଟନ ସ୍ଥଳୀର ଉନ୍ନତିକରଣ କରଣ କରାଯିବ । ଏଥି ନିମନ୍ତେ ନୂଆ ବିଜେପି ସରକାର ଉଦ୍ୟମ ଜାରି ରଖିଥିବା ବେଳେ ସରକାରଙ୍କ ନିର୍ଦ୍ଦେଶରେ ଆଜି ଗୋପ ବ୍ଲକ ଅଧିନରେ ଥିବା ୪ ଗୋଟି ପର୍ଯ୍ୟଟନ ସ୍ଥଳୀ ଅନୁଧ୍ୟାନ କରିଛନ୍ତି ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ପ୍ରିୟ ରଂଜନ ପୃଷ୍ଟି । ପ୍ରଥମେ ସେ ଗୋପ ବ୍ଲକ ଅର୍ନ୍ତଗତ ପ୍ରସିଦ୍ଧ ଶୈବପୀଠ ବାବା ବାଲିକପିଳେଶ୍ୱରଙ୍କ ମନ୍ଦିର ପରିଦର୍ଶନ କରି ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟ ପାଇଁ ତଦାରଖ କରିଥିଲେ । ପରେ ଏରବଙ୍ଗ ପଂଚାୟତ ବୟାଳିଶିବାଟି ଗ୍ରାମରେ ଥିବା ଦ୍ୱାଦଶ ଶତାବ୍ଦୀ ଲାଙ୍ଗୁଳା ନରସିଂହ ଦେବଙ୍କ ଶାସନ ସମୟରେ ନିର୍ମିତ କୋଣାର୍କ ସୂର୍ଯ୍ୟ ମନ୍ଦିରର ପ୍ରତିବିମ୍ବ ମା ଗଙ୍ଗେଶ୍ୱରୀ ମନ୍ଦିର ତଥା ମିନି କୋଣାର୍କ ପରିଦର୍ଶନ କରିଥିଲେ । ସେଠାରେ ପୂଜକ ଓ ଗ୍ରାମବାସୀଙ୍କ ଠାରୁ ସମସ୍ତ ତଥ୍ୟ ବୁଝିବା ସହ ଏହି ମନ୍ଦିର ଏବେ ଦୀର୍ଘ ଦିନ ହେଲା ଅବହେଳିତ ଅବସ୍ଥାରେ ରହିଥିବା ଜାଣିବାକୁ ପାଇଥିଲେ । ମନ୍ଦିରର ଚତୁଃପାର୍ଶ୍ୱ ବୁଲି ଦେଖିବା ସହ ସେଠାରେ ଏକ ପାର୍କ, ମଣ୍ଡପ, ଠାକୁରଙ୍କ ରୋଷଶାଳା ସମେତ ଶିବେଇ ସାମନ୍ତରାୟ ଡିହର ଉନ୍ନତିକରଣ କରାଯିବା ପାଇଁ ସରକାରଙ୍କୁ ଅବଗତି କରାଯିବ ବୋଲି କହିଥିଲେ। ସେହିପରି ଭକ୍ତ ବଳରାମ ଦାସଙ୍କ ଜନ୍ମପୀଠ ଏରବଙ୍ଗ ଗ୍ରାମ ନିକଟରେ ଥିବା ବଳରାମଜୀଉ ମନ୍ଦିର ଏବଂ ବେଦପୁର ପଂଚାୟତ ବେଗୁନିଆଁ ଗ୍ରାମରେ ଥିବା ତାଙ୍କ ସମାଧି ପୀଠ କୁ ପରିଦର୍ଶନ କରିଥିଲେ । ବଳରାମ ମନ୍ଦିରର ଚତୁଃପାର୍ଶ୍ୱ ବୁଲିବା ସହ ଗ୍ରାମବାସୀ ଓ ପୂଜକଙ୍କ ସହ ଆଲୋଚନା କରିଥିଲେ । ଏହି ମନ୍ଦିର ମହାପ୍ରଭୂ ଶ୍ରୀ ଜଗନ୍ନାଥଙ୍କ ମନ୍ଦିର ସହ ଅଙ୍ଗାଙ୍ଗି ଭାବେ ଜଡିତ ଥିବାରୁ ମହାପ୍ରଭୁଙ୍କ ସମସ୍ତ ନୀତିକାନ୍ତି ପରି ଏହି ମନ୍ଦିରରେ ସମସ୍ତ ନୀତିକାନ୍ତି ହେଉଥିବା ଜାଣିବାକୁ ପାଇଥିଲେ । ତାଙ୍କ ସହ ଉପସ୍ଥିତ ଥିବା ଗୋପ ବିଡିଓ ଛବିରାଣୀ ସାହୁଙ୍କ ଠାରୁ ସମସ୍ତ ତଥ୍ୟ ବୁଝିବା ପରେ ସେଠାରେ ମହାପ୍ରଭୂଙ୍କ ପ୍ରସାଦ ତିଆରି ନିମନ୍ତେ ଏକ ରୋଷଶାଳା, ଝୁଲଣ ମଣ୍ଡପ, ଆନନ୍ଦ ବଜାର, ମହାପ୍ରଭୂଙ୍କ ପାତାଳି କରଣ ସ୍ଥାନ ତଥା କୋଇଲି ବୈକୁଣ୍ଠର ଉନ୍ନତିକରଣ, ବଳରାମ ଦାଶଙ୍କ ପାଠାଗାରର ଉନ୍ନତି, ପାର୍କର ଉନ୍ନତି କରଣ, ପାନୀୟ ଜଳର ବ୍ୟବସ୍ଥା ସମେତ ସମାଧି ପୀଠର ସମସ୍ତ ଉନ୍ନତିକରଣ ଏବଂ ସୌନ୍ଦର୍ଯ୍ୟକରଣ ନିମନ୍ତେ ସମସ୍ତ ପଦକ୍ଷେପ ନିଆଯିବା ସହ ରାଜ୍ୟ ସରକାରଙ୍କୁ ଅବଗତ କରିବେ ବୋଲି କହିଥିଲେ । ସରକାର ଖୁବ୍ ଶିଘ୍ର ଏହି ପୀଠ ମାନଙ୍କର ଉନ୍ନତିକରଣ ଦିଗରେ ପଦକ୍ଷେପ ନେବେ ଏବଂ ଏହି ପୀଠ ଉନ୍ନତି ହେଲେ ଦେଶ ବିଦେଶରୁ ବହୁ ସଂଖ୍ୟାରେ ପର୍ଯ୍ୟଟକମାନେ ଆସିବେ ବୋଲି ସ୍ଥାନୀୟ ପୂଜକ ଓ ଗ୍ରାମବାସୀଙ୍କ ମନରେ ଆଶା ସଂଚର ହୋଇଛି । ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀଙ୍କ ଏହି ପରିଦର୍ଶନ ସମୟରେ ଗୋପ ବିଡିଓ ଛବିରାଣୀ ସାହୁଙ୍କ ସମେତ ସହକାରୀଯନ୍ତ୍ରୀ ଅଶୋକ କୁମାର ପୃଷ୍ଟି, କନିଷ୍ଠଯନ୍ତ୍ରୀ ଲୋକିସ୍ମିତା ମହାପାତ୍ର, ଏରବଙ୍ଗ ପୂର୍ବତନ ସରପଂଚ ବିଭୂତି ଭୂଷଣ ସାହୁ, କାର୍ଯ୍ୟରତ ସରପଂଚ ରଶ୍ମିରେଖା ଦାଶ, ପୂଜକ ନାରାୟଣ ପାଢୀ, କୃଷ୍ଣ ଚନ୍ଦ୍ର ପାଢୀ, ପୂର୍ଣ୍ଣ ଚନ୍ଦ୍ର ପାଢୀ ପ୍ରମୁଖ ଉପସ୍ଥିତ ଥିଲେ ।

### ଦେବୀ ମୁହାଁଣରେ କଇଁଛଙ୍କ ଅଣ୍ଡାଦାନ

## ୫ହଜାରରୁ ଉର୍ଦ୍ଧ୍ୱ ଅଣ୍ଡା ସଂଗ୍ରହ



ଅସ୍ତରଙ୍ଗ (ଭାସ୍କର ନ୍ୟୁଜ୍) : ବିରଳ ସାମୁଦ୍ରିକ କଇଁଛ ଅଲିଭି ରିଡ଼ଲେଙ୍କ ଅଣ୍ଡାଦାନ ଆରମ୍ଭ ହୋଇଛି। ଫେବୃଆରୀ ୧୬ତାରିଖ ସୁଦ୍ଧା ଦେବୀ ନଦୀ ମୁହାଁଣ ଅଞ୍ଚଳରେ ୫ହଜାର ୧ଶହ ଅଣ୍ଡା ଦେଇଛନ୍ତି। ଚଳିତ ବର୍ଷ ଉତ୍ତମ ପରିବେଶ ଓ ଅନୁକୂଳ ପାଣିପାଗ ରହିଛି। ଏଣୁ ଅଧିକ ଅଣ୍ଡାଦାନ ହେବା ନେଇ ଆଶା କରାଯାଉଛି। ଚଳିତ ବର୍ଷ କିଛି ଦିନ ପୂର୍ବେ ଅଣ୍ଡା ଦାନ ଆରମ୍ଭ ହୋଇଥିବା ବେଳେ ଅସ୍ତରଙ୍ଗ ବନ୍ୟପ୍ରାଣୀ ବନାଞ୍ଚଳରେ ଦେବୀନାଶିରେ ୪୧ଟି ବସା ଓ ଗଙ୍ଗାଦେବୀ ରେ ୧୦ଟି ବସା ରେ ମୋଟ ୫ହଜାର ୧ଶହ ରୁ ଉର୍ଦ୍ଧ ଅଣ୍ଡା ଦେଇଛନ୍ତି। ଏହି ସାମୁଦ୍ରିକ କଇଁଛ ଶ୍ରୀଲଙ୍କା ସମେତ ଜାପାନ, କଲମ୍ବୋ ଓ କାଲମୋନାଇ ଉପକୂଳରୁ ଭାରତ ମହାସାଗରରୁ ବଙ୍ଗୋପସାଗର ହଜାର ହଜାର କିଲୋମିଟର ପଥ ଅତିକ୍ରମ କରି ଦେବୀ ମୁହାଁଣକୁ ଆସିଥାନ୍ତି। ସାଧାରଣତଃ ନଭେମ୍ବର ରୁ ଜାନୁଆରୀ ମଧ୍ୟରେ ଦେବୀ ମୁହାଁଣ ନିକଟରେ ଗଭୀର ସମୁଦ୍ର ଜଳରାଶିରେ ହଜାର ହଜାର କଇଁଛଙ୍କ ସମାଗମ ହୋଇ ମିଳନ ପର୍ବ ହୋଇଥାଏ। ମିଳନର ୪୫ରୁ ୫୦ଦିନ ଅର୍ଥାତ ଫେବୃଆରୀ ରୁ ମାର୍ଚ୍ଚ ମଧ୍ୟରେ ଗଣ ଅଣ୍ଡାଦାନ ଆରମ୍ଭ ହୋଇଥାଏ। ଅଲିଭିରିଡ଼ଲେ ସାମୁଦ୍ରିକ କଇଁଛ ଗୋଡ଼ରେ ଦେଢ଼ ଫୁଟ ଗଭୀର ଗାତ ଖୋଳି ଅଣ୍ଡା ଦିଏ। ପରେ ଅଣ୍ଡା କୁ ବାଲିରେ ଘୋଡାଇ ସମୁଦ୍ରକୁ ଫେରିଯାଏ। କଇଁଛଙ୍କ ଅଣ୍ଡା ୩୦ଡିଗ୍ରୀ ତାପମାତ୍ରାରେ ବାଲି ଭିତରେ ରହେ। ଏହାର ୪୫ରୁ ୫୦ଦିନ ମଧ୍ୟରେ ଅଣ୍ଡାରୁ ଛୁଆ ବାହାରି ସମୁଦ୍ରକୁ ଯାଇଥାନ୍ତି। କଇଁଛ ଙ୍କ ସୁରକ୍ଷା ପାଇଁ ଗଭୀର ସମୁଦ୍ର ଭିତରେ ଓ ବାହାରେ କଡା ପାଟ୍ରୋଲିଂ କରାଯାଇଛି। ଟ୍ରଲର, ଗିଙ୍ଗି ଜାଲ, ମାଛ ଧରିବାକୁ ରୋକ ଲଗାଯାଇଛି। ଅଣ୍ଡାଦାନ ପରଠୁ ଅଣ୍ଡାରୁ କଇଁଛ ଶାବକ ବାହାରିବା ପର୍ଯ୍ୟନ୍ତ ସେମାନଙ୍କ ସୁରକ୍ଷା ଦାୟିତ୍ୱ ବନବିଭାଗର।

## ଗାଡ଼ି ଧକ୍କାରେ ସ୍କୁଟି ଆରୋହୀଙ୍କ ମୃତ୍ୟୁ

କଣିହାଁ (ଭାସ୍କର ନ୍ୟୁଜ୍) : ଅନୁଗୋଳ ଜିଲା କଣିହାଁ ବ୍ଲକ ସମଲ ଥାନା ବିଲିଣ୍ଡା ଠାରେ ଗୋଡିବନ୍ଧ ସମଲ ମୁଖ୍ୟ ରାସ୍ତାରେ ଏକ ବୁଲେଟ ମୋଟର ସାଇକେଲ ସହିତ ସ୍କୁଟି ଦୁର୍ଘଟଣା ହେବାରୁ ସ୍କୁଟି ଆରୋହୀଙ୍କ ଘଟଣା ସ୍ଥଳରେ ମୃତ୍ୟୁ ହୋଇଛି । ମୃତ ବ୍ୟକ୍ତି ହେଉଛନ୍ତି ସମଲ ପଞ୍ଚାୟତ ଟିପୋ ଗ୍ରାମର କେଶବ ଚନ୍ଦ୍ର ସାହୁ(୬୫)। ମିଳିଥିବା ସୂଚନା ଅନୁଯାୟୀ କେଶବ ସ୍କୁଟି(ଓଡି ୧୯ ୧୫୩୭) ଦ୍ୱାରା ନିଜ ଗ୍ରାମ ଆଡୁ ବିଲିଣ୍ଡା ଆଡକୁ ଯାଉଥିବା ବେଳେ ବିପରୀତ ଦିଗରୁ ଆସୁଥିବା ଏକ ବୁଲେଟ (ଓଡି ୦୨ ବିୱାଇ ୦୦୭୪) ସହିତ ତାଙ୍କର ଦୁର୍ଘଟଣା ଘଟିଥିଲା। ଫଳରେ ଘଟଣା ସ୍ଥଳରେ ହିଁ ତାଙ୍କର ମୃତ୍ୟୁ ହୋଇଥିଲା।

## ଜିଲ୍ଲାପାଳଙ୍କ ଅଭିଯୋଗ ଶୁଣାଣି ଶିବିର

କଣିହାଁ (ଭାସ୍କର ନ୍ୟୁଜ୍) : କଣିହାଁ ବ୍ଲକ ସଭାଗୃହରେ ସୋମବାର ଜିଲ୍ଲାପାଳଙ୍କ ମିଳିତ ଅଭିଯୋଗ ଶୁଣାଣୀ ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ବ୍ୟକ୍ତିଗତ ଓ ସାମୁହିକ ମିଶି ମୋଟ ୮୯ଟି ଅଭିଯୋଗ ଗ୍ରହଣ କରାଯାଇଥିଲା। ଏହି ଶିବିର ସ୍ଥଳରେ ତୁରନ୍ତ ୮ଟି ଅଭିଯୋଗର ଫଏସଲା କରାଯାଇଥିଲା । ଜିଲ୍ଲା ରେଡ଼କ୍ରସ ପାଣ୍ଠିରୁ କଣିହାଁ ପଞ୍ଚାୟତର ଟେଲକୋବେଡା ଗ୍ରାମର ସର୍ବେଶ୍ୱର ସେଠୀ କୁ ଚିକିତ୍ସା ନିମନ୍ତେ ୫୦୦୦ ଟଙ୍କା ଆର୍ଥିକ ରାଶି ପ୍ରଦାନ କରା ଯାଇଥିଲା। ଅଭିଯୋଗ ମୁଖ୍ୟତଃ ଗ୍ରାମ ସମସ୍ୟା, ଗ୍ରାମୀଣ ଆବାସ, କଳକାରଖାନା ଦ୍ୱାରା ଅଧିଗୃହୀତ କ୍ଷତିଗ୍ରସ୍ତ ପ୍ରଜାଙ୍କ ନିଯୁକ୍ତି ଏବଂ ଥଇଥାନ ସମସ୍ୟା, ଜମିଜମା ସମ୍ବନ୍ଧରେ, ବିକଳାଙ୍ଗ ଭତ୍ତା ବୃଦ୍ଧି ଏବଂ ବ୍ୟକ୍ତି ଗତ ସମ୍ବନ୍ଧରେ ଆସିଥିଲା। ଏଥିରେ ଜିଲ୍ଲାପାଳ ଅବ୍ଦାଲ ଏମ୍ ଅଖତର, ଆରକ୍ଷୀ ଅଧିକ୍ଷକ ରାହୁଲ ଜୈନ, ଉପଜିଲ୍ଲାପାଳ ସମୀର ଜେନା,ମୁଖ୍ୟ ଉନ୍ନୟନ ଅଧିକାରୀ ଦେବଦତ୍ତ ମହାନ୍ତ , ଅତିରିକ୍ତ ଜିଲ୍ଲାପାଳ ଉଦୟ କୁମାର ମହାପାତ୍ର(ରାଜସ୍ୱ), ବିଡିଓ ଦେବଦତ୍ତ ପ୍ରଧାନ, ତହସିଲଦାର ଚିନ୍ମୟ ଦାସ ଏବଂ ସମସ୍ତ ଜିଲ୍ଲା ସ୍ତରୀୟ ଅଧିକାରୀ ଉପସ୍ଥିତ ଥିଲେ ।

## ଶିକ୍ଷକଙ୍କ ଅକାଳ ମୃତ୍ୟୁ

କଣିହାଁ (ଭାସ୍କର ନ୍ୟୁଜ୍): ଅନୁଗୋଳ ଜିଲ୍ଲା କଣିହାଁ ବ୍ଲକସ୍ଥ ବୁରୁବାହାଳ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ କାର୍ଯ୍ୟରତ ଏନପିଏସ ଶିକ୍ଷକ ଦୁଷ୍ମନ୍ତ ନାୟକଙ୍କ ସୋମବାର ଦିନ ଚିକିତ୍ସାଧୀନ ଅବସ୍ଥାରେ ଅକାଳ ମୃତ୍ୟୁ ଘଟିଛି। ଗଦାଶିଳା ଗ୍ରାମର ମୃତ ଶିକ୍ଷକ ଜଣକ ଗତ ଜାନୁଆରୀ ୧୦ ତାରିଖ ଦିନ ବଡଚାଙ୍ଗୁଡିଆ ଠାରେ ଏକ ଘରୋଇ ଚିକିତ୍ସା କେନ୍ଦ୍ରରେ ନିଜର ମଳକଣ୍ଟକ ଅସ୍ତ୍ର ପ୍ରଚାର କରାଇଥିଲେ। ଅତ୍ୟଧିକ ରକ୍ତ ସ୍ରାବ ହୋଇ ତାଙ୍କର ଅବସ୍ଥା ସଂକଟାପନ୍ନ ହେବାରୁ ପରିବାର ଲୋକେ ତାଙ୍କୁ ଭୁବନେଶ୍ୱରସ୍ଥିତ ଏକ ଘରୋଇ ହସପିଟାଲରେ ଭର୍ତ୍ତି କରି ଚିକିତ୍ସା କରାଉଥିଲେ। ଆଜି ପୂର୍ବାହ୍ନରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ମୃତ୍ୟୁ ବେଳକୁ ତାଙ୍କୁ ୪୭ ବର୍ଷ ହୋଇଥିଲା।ତାଙ୍କର ମୃତ୍ୟୁ ଖବର ପାଇ ପରିବାର, ଆତ୍ମୀୟସ୍ୱଜନ, ବନ୍ଧୁବାନ୍ଧବ,ସାଙ୍ଗସାଥୀ, ଶିକ୍ଷକ ମହଲ ତଥା କଣିହାଁ ଅଞ୍ଚଳରେ ଶୋକର ଛାୟା ଖେଳି ଯାଇଛି। ତାଙ୍କର ମୃତ ଶରୀର ଗଦାଶିଳା ବାସଭବନରେ ପହଞ୍ଚିବା ପରେ ଆତ୍ମୀୟସ୍ୱଜନ, ବନ୍ଧୁବାନ୍ଧବ,ସାଙ୍ଗସାଥୀ, ବହୁ ଶିକ୍ଷକ ଶିକ୍ଷୟିତ୍ରୀ ତାଙ୍କୁ ଶେଷ ଦର୍ଶନ କରି ଶୋକସନ୍ତପ୍ତ ପରିବାରକୁ ଆଶ୍ୱାସନା ଦେଇଥିଲେ। ତାଙ୍କର ମୃତରେ କଣିହାଁ ବ୍ଲକ ଏନପିଏସ ଶିକ୍ଷକ ସଂଘ ଶୋକ ପ୍ରକାଶ କରିଛି।

### ସର୍ବ ଭାରତୀୟ ବୀର ବେନୁ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ

## ରାଉରକେଲାକୁ ହରାଇ କଟକ ଚାମ୍ପିଅନ୍



ପରଜଙ୍ଗ (ଭାସ୍କର ନ୍ୟୁଜ୍) : ଢ଼େଙ୍କାନାଳ ଜିଲ୍ଲା ପରଜଙ୍ଗ ମିନି ଷ୍ଟାଡିୟମରେ ଗତ ୯ ତାରିଖରୁ ଚଳିତ ୧୬ ତାରିଖ ପର୍ଯ୍ୟନ୍ତ ଉର୍ଜ୍ଜା ଟ୍ରଷ୍ଟ ସହଯୋଗ ଓ ପରଜଙ୍ଗ କ୍ରିକେଟ କ୍ଲବ୍ ଆନୁକୁଲ୍ୟରେ ଚାଲିଥିବା କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦଯାପିତ ହୋଇଯାଇଛି। ୨୦ ଓଭର ବିଶିଷ୍ଟ ଫାଇନାଲ ମ୍ୟାଚ କଟକ ନିମପୁର ସ୍ପୋର୍ଟିଂ କ୍ରିକେଟ କ୍ଲବ୍ ଏବଂ ରାଉରକେଲା ଆର ଏସ ଏ କ୍ରିକେଟ କ୍ଲବ୍ ମଧ୍ୟରେ ଅନୁଷ୍ଠିତ ହୋଇଥିଲା । ମ୍ୟାଚ୍ ପ୍ରଥମାର୍ଦ୍ଧରେ ଢ଼େଙ୍କାନାଳ ଲୋକସଭା ସାଂସଦ ରୁଦ୍ର ନାରାୟଣ ପାଣି ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ଆଇପିଏଲ ଖେଳାଳୀ ହଳଧର ଦାସ, ପୂର୍ବତନ ଜିଲ୍ଲା ପରିଷଦ ସଦସ୍ୟ ସନ୍ତୋଷ କୁମାର ରାଉତ ଓରଫ ମୁନା, ଓଡ଼ିଶା କ୍ରିକେଟ ଖେଳାଳୀ ସୌମେନ୍ଦ୍ର ଦାସ, ପରଜଙ୍ଗ ଗ୍ରାମ୍ୟ କମିଟି ସଭାପତି ଶାନ୍ତନୁ କୁମାର ସାମଲ ପ୍ରମୁଖ ସମ୍ମାନୀତ ଅତିଥି ଭାବେ ଯୋଗ ଦେଇ ପଡ଼ିଆ ମଧ୍ୟରେ ପ୍ରବେଶ କରି ଉଭୟ ଖେଳାଳିଙ୍କ ସହିତ କରମର୍ଦ୍ଦନ କରି ମ୍ୟାଚକୁ ଶୁଭାରମ୍ଭ କରିଥିଲେ । କଟକ ଟିମ୍ ଟସ୍ ଜିତି ପ୍ରଥମେ ବ୍ୟାଟିଂ ନିଷ୍ପତ୍ତି ନେଇ ନିର୍ଦ୍ଧାରିତ ୨୦ ଓଭର ଶେଷ ସୁଦ୍ଧା ୯ ୱିକେଟ ହରାଇ ୧୩୧ ରନ ସଂଗ୍ରହ କରିଥିବା ବେଳେ ଜବାବରେ ରାଉରକେଲା ଟିମ୍ ୧୯,୦୩ ଓଭରରେ ସମସ୍ତ ୱିକେଟ ହରାଇ ୧୧୯ ରନ ସଂଗ୍ରହ କରି ପରାଜୟ ବରଣ କରିଥିଲେ । ଫଳରେ ଚଳିତ ବର୍ଷ କଟକ ଟିମ୍ ଚାମ୍ପିଅନ ଆଖ୍ୟା ଅର୍ଜନ କରିଥିଲେ । ଉଦଯାପନୀ ଉତ୍ସବରେ ଓଡ଼ିଶାର ଖ୍ୟାତନାମା ଅର୍ଜନ କରିଥିବା ଭାରତୀୟ ଖେଳାଳୀ ଦେବାଶିଷ ମହାନ୍ତି ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ବୋର୍ଡ ବିସିସି ମେମ୍ବର ତଥା ବ୍ରହ୍ମଗିରି ନିର୍ବାଚନ ମଣ୍ଡଳୀର ପୂର୍ବତନ ବିଧାୟକ ଲଳିତେନ୍ଦୁ ବିଦ୍ୟାଧର ମହାପାତ୍ର ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ। ସେହିପରି ପରଜଙ୍ଗ ବିଧାୟକ ବିଭୂତି ଭୂଷଣ ପ୍ରଧାନଙ୍କ ସୁପୁତ୍ର ପୀୟୂଷ ବର୍ଦ୍ଧନ ପ୍ରଧାନ ଓ ଉର୍ଜ୍ଜା ଟ୍ରଷ୍ଟର ମୁଖ୍ୟ ସଞ୍ଚାଳନ ତଥା ରାଜ୍ୟ ଯୁବ ମୋର୍ଚ୍ଚା ସାଧାରଣ ସମ୍ପାଦକ ଦୀପକ କୁମାର ଗୋଛାୟତ ସମ୍ମାନୀତ ଅତିଥି ଭାବେ ଯୋଗ ଦେଇଥିଲେ । ଦୈନନ୍ଦିନ ଖବର ପ୍ରଚାର ପ୍ରସାର କରୁଥିବା କାର୍ଯ୍ୟରତ ସାମ୍ବାଦିକ ମାନଙ୍କୁ ମଞ୍ଚାସୀନ ଅତିଥି ସମ୍ବର୍ଦ୍ଧିତ କରିଥିଲେ। ଏହା ପରେ ପୁରସ୍କାର ବିତରଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ରନର୍ସ ଦଳକୁ ମୁଖ୍ୟବକ୍ତା ଶ୍ରୀ ମହାପାତ୍ର ଟ୍ରଫି ସହ ୫୦ ହଜାର ଟଙ୍କା ଅର୍ଥ ରାଶି ପ୍ରଦାନ କରିଥିବା ବେଳେ ଚାମ୍ପିଅନ ଦଳକୁ ମୁଖ୍ୟ ଅତିଥି ଶ୍ରୀ ମହାନ୍ତି ଟ୍ରଫି ସହ ୭୦ ହଜାର ଟଙ୍କା ଅର୍ଥ ରାଶି ପ୍ରଦାନ କରିଥିଲେ । ବେଷ୍ଟ ବୋଲର, ବେଷ୍ଟ ବ୍ୟାଟ୍ସମ୍ୟାନ ଓ ମ୍ୟାନ ଅଫ ଦି ସିରିଜ ରାଉରକେଲା ସପକ୍ଷରେ ଯାଇଥିବା ବେଳେ ମ୍ୟାନ ଅଫ ଦି ମ୍ୟାଚ୍ କଟକ ସପକ୍ଷରେ ଯାଇଥିଲା ସବ୍ୟସାଚୀ ଶାହା ଓ ଜୟକୃଷ୍ଣ ରାଉତ ଖେଳ ପରିଚାଳନା କରିଥିବା ବେଳେ ନିରୋଦ କୁମାର ଦାସ ସହଯୋଗୀ ଆମ୍ପାୟାର ଦାୟିତ୍ୱ ନିର୍ବାହ କରିଥିଲେ। ପ୍ରେମାନନ୍ଦ ମହନ୍ତ ଧାରାବିବରଣୀ ପାଠ ପ୍ରଦାନ କରିଥିଲେ । ଫାଇନାଲ ମ୍ୟାଚ ଅତି ରୋମାଞ୍ଚକର ଓ ଚିତ୍ତାକର୍ଷକ ଖେଳ ପ୍ରଦର୍ଶନ ହୋଇଥିବାରୁ ଦର୍ଶକ ମାନଙ୍କ ମନରେ ଉତ୍କଣ୍ଠା ପରିଲକ୍ଷିତ ହୋଇଥିଲା। ଉର୍ଜ୍ଜା ଟ୍ରଷ୍ଟର ସମସ୍ତ ସଦସ୍ୟ, ପରଜଙ୍ଗ କ୍ରିକେଟ କ୍ଲବର ଖେଳାଳୀ ଓ ପୁରାତନ ଖେଳାଳୀ ମାନଙ୍କ ସହଯୋଗରେ ଶୃଙ୍ଖଳାର ସହ ପରଜଙ୍ଗ ମିନି ଷ୍ଟାଡିୟମରେ ଚଳିତ ବର୍ଷ ସର୍ବ ଭାରତୀୟ କ୍ରିକେଟ ଟୁର୍ଣ୍ଣାମେଣ୍ଟ ପରିଚାଳିତ ହୋଇଥିଲା ।

## ତୀରନ୍ଦାଜଙ୍କ ସମ୍ବର୍ଦ୍ଧିତ

କେନ୍ଦୁଝର (ଭାସ୍କର ନ୍ୟୁଜ୍) : କେନ୍ଦୁଝର ରବୀନ୍ଦ୍ର ବିଦ୍ୟାନିକେତନର ତୃତୀୟ ଷ୍ଟାଣ୍ଡାର୍ଡ ଛାତ୍ର ଦଶମିନ ଦେବୀବୀରଭଦ୍ରମଙ୍କ ସବ ଜୁନିଅର ତୀରନ୍ଦାଜ ସଫଳତା ନିମନ୍ତେ ଜିଲ୍ଲା କ୍ରୀଡା ସଂସ୍ଥା ସାଧାରଣ ସମ୍ପାଦକ ଡ଼ଃ ଜନାର୍ଦ୍ଦନ ଦାଶ ପୁଷ୍ପଗୁଛ, ମିଠା ଦେଇ ସମ୍ବର୍ଦ୍ଧିତ କରିଛନ୍ତି। ବଣିଆପାଟ ଅଂଚଳରେ ରହୁଥିବା ପିତା ବୀରଭଦ୍ରମ ମାତା ଦେବୀଶ୍ରୀଙ୍କ ପୁତ୍ର ଚାରିବର୍ଷ ବୟସରୁ ତୀରନ୍ଦାଜି ପ୍ରତି ଆଗ୍ରହ ପ୍ରକାଶ କରି ଚେନ୍ନାଇ ରେ ଦୁଇମାସ ତାଲିମ ନେବା ପରେ କେନ୍ଦୁଝର ସ୍ପୋର୍ଟ୍ସ ହଷ୍ଟେଲର ତୀରନ୍ଦାଜ କୋଚ ଜହରଲାଲ ସି ଙ୍କ ଠାରୁ ତାଲିମ ଗ୍ରହଣ କରି ବାରବାଟୀ ଷ୍ଟାଡିଅମ ଠାରେ ସବଜୁନିଅର ତୀରନ୍ଦାଜ ପ୍ରତିଯୋଗିତାରେ କେନ୍ଦୁଝରକୁ ପ୍ରତିନିଧିତ୍ୱ କରି ଆସନ୍ତା ମାର୍ଚ୍ଚ ୨୩ଓ ୨୪ରେ ଆନ୍ଧ୍ରପ୍ରଦେଶ ଗୁଣ୍ଟୁର ଠାରେ ହେବାକୁ ଥିବା ଦଶମ ଜାତୀୟ ତୀରନ୍ଦାଜ ପ୍ରତିଯୋଗିତା ସବଜୁନିଅର ବିଭାଗ ରେ ଭାଗ ନେବାକୁ ମନୋନୀତ ହୋଇଛନ୍ତି। କୁନି ତୀରନ୍ଦାଜ ଦଶମିନ ବିରଭଦ୍ରମ ଙ୍କ ଏତାଦୃଶ ସଫଳତା ଜିଲ୍ଲା କ୍ରୀଡାବିତ ଓ ସାଧାରଣରେ ଉତ୍ସହ ଉଦ୍ଦୀପନା ଭରିଦେଇଛି।



## ଆର୍‌ଏସ୍‌ପିରେ ପଞ୍ଚଦଶ ଇସ୍ପାତ ସିନର୍ଜୀ କ୍ରିକେଟ ଚାମ୍ପିଅନ୍‌ସିପ୍ ଉଦ୍‌ଘାଟିତ



ରାଉରକେଲା (ଭାସ୍କର ନ୍ୟୁଜ୍) : ସେଲ ରାଉରକେଲା ଇସ୍ପାତ କାରଖାନାର ୧୫ତମ ଇସ୍ପାତ ସିନର୍ଜୀ କ୍ରିକେଟ ଚମ୍ପିୟନସିପ-୨୦୨୫ ଫେବୃଆରୀ ୧୭ ତାରିଖରେ ଇସ୍ପାତ ଷ୍ଟାଡିୟମରେ ଆରମ୍ଭ ହୋଇଛି। ଆରଏସପି ମାନବ ସମ୍ବଳ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ତରୁଣ ମିଶ୍ର ଏହି ଟୁର୍ଣ୍ଣାମେଣ୍ଟର ଉଦଘାଟନ କରିଥିଲେ। ଉଦଘାଟନୀ ସମାରୋହରେ, କାର୍ଯ୍ୟ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ବିଶ୍ୱରଞ୍ଜନ ପଲାଇ, ସାମଗ୍ରୀ ପରିଚାଳନା ବିଭାଗର ନିର୍ବାହୀ ନିର୍ଦ୍ଦେଶକ ଅନିଲ କୁମାର, ଖଣି ବିଭାଗର ନିର୍ବାହୀ ନିର୍ଦ୍ଦେଶକଏମ ପି ସିଂହ, କାରଖାନାର ବହୁ ମୁଖ୍ୟ ମହାପ୍ରବନ୍ଧକ, ବିଭାଗ ମୁଖ୍ୟ, ବରିଷ୍ଠ ଅଧିକାରୀ ଓ ବହୁ ସଂଖ୍ୟାରେ କର୍ମଚାରୀ ଉପସ୍ଥିତ ଥିଲେ। ଉଲ୍ଲେଖଯୋଗ୍ୟ ଯେ, କର୍ମଚାରୀମାନଙ୍କ ମଧ୍ୟରେ ସଂହତି ତଥା ଦଳଗତ ଭାବନାକୁ ଅଧିକ ସୁଦୃଢ଼ କରିବା ଲକ୍ଷ୍ୟରେ ପ୍ରତ୍ୟେକ ବର୍ଷ ଆନ୍ତଃ ବିଭାଗୀୟ କ୍ରିକେଟ ପ୍ରତିଯୋଗିତା, ଇସ୍ପାତ ସିନର୍ଜୀ କ୍ରିକେଟ ଚମ୍ପିୟନସିପ ଆୟୋଜିତ ହେଉଛି। ଏହି ଅବସରରେ ନିଜର ବକ୍ତବ୍ୟରେ ଶ୍ରୀ ମିଶ୍ର ସମସ୍ତ ଅଂଶଗ୍ରହଣକାରୀଙ୍କୁ ଶୁଭେଚ୍ଛା ଜଣାଇବା ସହିତ ସମସ୍ତ ଦଳଙ୍କୁ ଦଳଗତ ଓ ପ୍ରକୃତ ଖେଳୁଆଡ ମନୋଭାବ ସହିତ ଖେଳିବା ଏବଂ ସେମାନଙ୍କର ସର୍ବୋତ୍ତମ କ୍ରିକେଟ୍ ପ୍ରଦର୍ଶନ କରିବା ପାଇଁ ଉତ୍ସାହିତ କରିଥିଲେ। ସେ ଟିମ ଆରଏସପିର ଉଚ୍ଚ ପ୍ରଶଂସା କରିଥିଲେ ଯିଏ ଆରଏସପିକୁ ଉତ୍ପାଦନରେ ଉତ୍କୃଷ୍ଟ ପ୍ରଦର୍ଶନ ସହକାରେ ସେଲ ମଧ୍ୟରେ ଅନ୍ୟତମ ଶ୍ରେଷ୍ଠ ୟୁନିଟର ମାନ୍ୟତା ପ୍ରଦାନ ସଙ୍ଗେସଙ୍ଗେ କ୍ରିଡା ସମେତ ପ୍ରତ୍ୟେକ କ୍ଷେତ୍ରରେ ଉତ୍କର୍ଷତା ପ୍ରତିପାଦିତ କରିଆସୁଛନ୍ତି ।ଏଭଳି କ୍ରୀଡାର ଆୟୋଜନର ମହତ୍ତ୍ୱ ଉପରେ ସେ ଆଲୋକପାତ କରିଥିଲେ ଯାହା ଲୋକଙ୍କୁ ଏକତା ସୂତ୍ରରେ ବାନ୍ଧିବା ସହ ସଂହତିକୁ ମଧ୍ୟ ସୁଦୃଢ କରିଥାଏ। ଶ୍ରୀ ମିଶ୍ର ଓ ଶ୍ରୀ ପଲାଇ ଟୁର୍ଣ୍ଣାମେଣ୍ଟ ଆରମ୍ଭ ଉପଲକ୍ଷେ ଉଭୟ ବ୍ୟାଟିଂ ଓ ବୋଲିଂ କରିଥିଲେ। ପ୍ରାରମ୍ଭରେ ଶ୍ରୀ ମିଶ୍ର କ୍ରୀଡା ପତାକା ଉତ୍ତୋଳନ କରିବା ସହିତ ପ୍ରତିଯୋଗିତାର ଶୁଭାରମ୍ଭ ଘୋଷଣା କରିଥିଲେ। ସେଲ ଗାନ ପରିବେଷଣ ସହିତ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ସହର ସେବା ଓ କ୍ରିଡା ବିଭାଗର ଜିଏମ ଇନ ଚାର୍ଜ ଟି ଜି କାନେକର ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ । ଏସଏସଏମ ବିଭାଗର ଏମଓଏମଟି ଶ୍ରୀ ଅନିଲ ମଲ୍ଲିକ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ୧୫ ଓଭର ବିଶିଷ୍ଟ ମ୍ୟାଚ ତଥା ନକଆଉଟ ଆଧାରରେ ଖେଳାଯିବାକୁ ଥିବା ୧୫ତମ ଇସ୍ପାତ ସିନର୍ଜୀ କ୍ରିକେଟ ଚମ୍ପିୟନସିପରେ ୧୭ଟି ଦଳ ଅଂଶଗ୍ରହଣ କରୁଛନ୍ତି। ପ୍ରତିଯୋଗିତାର ଫାଇନାଲ ମ୍ୟାଚ ଫେବୃଆରୀ ୨୫ ତାରିଖରେ ଖେଳାଯିବ। ଟୁର୍ଣ୍ଣାମେଣ୍ଟର ପ୍ରଥମ ମ୍ୟାଚରେ ସର୍ଭିସେସ ଓ ୟୁଟିଲିଟି ଦଳ ୧୦ ୱିକେଟ୍ ରେ ବିଆଇଏମ, କେଆଇଏମ ଓ ଟିଆଇଏମ ଦଳକୁ ପରାସ୍ତ କରିଥିଲା । ସର୍ଭିସେସ ଓ ୟୁଟିଲିଟି ଦଳର ମହମ୍ମଦ ଆଜମଲ ହୁଡା ମ୍ୟାଚରେ ଆକର୍ଷଣୀୟ ବୋଲିଂ ପ୍ରଦର୍ଶନ ସହକାରେ ୪ଟି ୱିକେଟ ଅକ୍ତିଆର କରି ମ୍ୟାନ ଅଫ ଦି ମ୍ୟାଚ ବିବେଚିତ ହୋଇଥିଲେ।

## ଭଲିବଲ ଖେଳ ପ୍ରତିଯୋଗିତା ଉଦ୍‌ଯାପିତ



ବନ୍ଧୁଗାଁ (ଭାସ୍କର ନ୍ୟୁଜ) : ବନ୍ଧୁଗାଁ ବ୍ଲକ ବଡସରପଲ୍ଲୀ ଏସଡା ଗ୍ରାମରେ ବ୍ଲକ ସ୍ତରୀୟ ଭଲି ବଲ ଟୁର୍ଣ୍ଣାମେଣ୍ଟରେ ଉଦଯାପିତ ହୋଇଯାଇଛି। ରବିବାର ବନ୍ଧୁଗାଁ ଓ ଏସଡ଼ା ଗାଁ ମଧ୍ୟରେ ଭଲି ବଲ ଫାଇନାଲ ଖେଳ ପ୍ରତିଯୋଗୀତା ଅନୁଷ୍ଠିତ ହୋଇଥିଲା। ବନ୍ଧୁଗାଁ ଭଲି ବଲ ଟିମ ଏସଡ଼ା ଟିମକୁ ପରାସ୍ତ କରି ଚାମ୍ପିଅନ ହୋଇଥିଲେ। ଖେଳରେ ନବୀନଙ୍କ ଖେଳ ଦର୍ଶକଙ୍କ ଦୃଷ୍ଟି ଆକର୍ଷଣ କରିବା ସହ ତାଙ୍କ ଖେଳକୁ ଦର୍ଶକ ପାଖରେ ଦେଖି ଅଧିକ ଖୁସି ଅନୁଭବ କରିଥିଲେ। ଏହି ଭଲି ବଲ ଟୁର୍ଣ୍ଣାମେଣ୍ଟରେ ମୁଖ୍ୟ ଅତିଥି ଭାବେ ଲକ୍ଷ୍ମୀପୁର ବିଧାୟକ ପ୍ରତିନିଧି ଡି ଏଙ୍କାଟି, ସରପଞ୍ଚ ସୁନ୍ଦୁରୁ ପିଡିକା, ସମିତି ସଭ୍ୟ ସିନାଜି ପିଡିକା ଓ ସ୍ଥାନୀୟ ସମ୍ବାଦର ରିପୋର୍ଟର ଉତ୍ତମ ନାୟକ ଉପସ୍ଥିତ ରହି ଥିଲେ। ଖେଳରେ କଡ଼ା ମୁକାବିଲା ଲାଗି ଥିବା ବେଳେ ବନ୍ଧୁଗାଁ ଦଳ ବିଜୟୀ ହୋଇ ଚାମ୍ପିଅନ ହୋଇଥିଲେ। ବିଜୟୀ ବନ୍ଧୁଗାଁ ଭଲି ବଲ ଟିମଙ୍କୁ ବ୍ଲକର ସ୍ଥାନୀୟ ସମ୍ବାଦ ସାମ୍ବାଦିକ ଉତ୍ତମ ନାୟକ ଟ୍ରଫି ସହ ୨୦ ହଜାର ଟଙ୍କା ପ୍ରଦାନ କରିଥିଲେ। ଯୁବ ଖେଳାଳି ମାନଙ୍କ ମଧ୍ୟରେ ଅଧିକ ଉତ୍ସାହିତ ହେବା ସହ ଖୁସିରେ ନାଚି ଉଠି ଥିଲେ। ଏହି ଖେଳକୁ ସ୍ଥାନୀୟ ଏସଡା ଗାଁର ସୁଶାନ୍ତ ଦେବରପଲ୍ଲୀ, ଗଣେଶ ମାକୁଆ, ନବିନ ମେଲେକା ଓ ରାଇଲି ପିଡିକା ପରିଚାଳନା କରିଥିଲେ। ସ୍ଥାନୀୟ ଥାନାରୁ ପୋଲିସ ଏଏସଆଇ ବି ଟି ସାଧୁଙ୍କ ଉପସ୍ଥିତିରେ ଶାନ୍ତି ଶୃଙ୍ଖଳାର ସହ ଟୁର୍ଣ୍ଣାମେଣ୍ଟରେ ଶେଷ ହୋଇଥିଲା।

## ସର୍ବଭାରତୀୟ ବୀର ବେନୁ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ: କଟକ ଚାମ୍ପିଅନ୍



ପରଜଙ୍ଗ (ଭାସ୍କର ନ୍ୟୁଜ୍) : ଢ଼େଙ୍କାନାଳ ଜିଲ୍ଲା ପରଜଙ୍ଗ ମିନି ଷ୍ଟାଡିୟମରେ ଗତ ୯ ତାରିଖରୁ ଚଳିତ ୧୬ ତାରିଖ ପର୍ଯ୍ୟନ୍ତ ଉର୍ଜ୍ଜା ଟ୍ରଷ୍ଟ ସହଯୋଗ ଓ ପରଜଙ୍ଗ କ୍ରିକେଟ କ୍ଲବ୍ ଆନୁକୁଲ୍ୟରେ ଚାଲିଥିବା କ୍ରିକେଟ ଟୁର୍ଣ୍ଣାମେଣ୍ଟ ରବିବାର ଉଦଯାପିତ ହୋଇଯାଇଛି। ୨୦ ଓଭର ବିଶିଷ୍ଟ ଫାଇନାଲ ମ୍ୟାଚ କଟକ ନିମପୁର ସ୍ପୋର୍ଟିଂ କ୍ରିକେଟ କ୍ଲବ୍ ଏବଂ ରାଉରକେଲା ଆରଏସ୍ଏ କ୍ରିକେଟ କ୍ଲବ୍ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ମ୍ୟାଚ୍ ପ୍ରଥମାର୍ଦ୍ଧରେ ଢ଼େଙ୍କାନାଳ ଲୋକସଭା ସାଂସଦ ରୁଦ୍ର ନାରାୟଣ ପାଣି ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ଆଇପିଏଲ ଖେଳାଳୀ ହଳଧର ଦାସ, ପୂର୍ବତନ ଜିଲ୍ଲା ପରିଷଦ ସଦସ୍ୟ ସନ୍ତୋଷ କୁମାର ରାଉତ, ଓଡ଼ିଶା କ୍ରିକେଟ ଖେଳାଳୀ ସୌମେନ୍ଦ୍ର ଦାସ, ପରଜଙ୍ଗ ଗ୍ରାମ୍ୟ କମିଟି ସଭାପତି ଶାନ୍ତନୁ କୁମାର ସାମଲ ପ୍ରମୁଖ ସମ୍ମାନୀତ ଅତିଥି ଭାବେ ଯୋଗଦେଇ ପଡ଼ିଆ ମଧ୍ୟରେ ପ୍ରବେଶ କରି ଉଭୟ ଖେଳାଳିଙ୍କ ସହିତ ହାତ ମେଳାଇ ମ୍ୟାଚକୁ ଶୁଭାରମ୍ଭ କରିଥିଲେ। କଟକ ଟିମ୍ ଟସ୍ ଜିତି ପ୍ରଥମେ ବ୍ୟାଟିଂ ନିଷ୍ପତ୍ତି ନେଇ ନିର୍ଦ୍ଧାରିତ ୨୦ ଓଭର ଶେଷ ସୁଦ୍ଧା ୯ ୱିକେଟ ହରାଇ ୧୩୧ ରନ ସଂଗ୍ରହ କରିଥିବା ବେଳେ ଜବାବରେ ରାଉରକେଲା ଟିମ୍ ୧୯.୦୩ ଓଭରରେ ସମସ୍ତ ୱିକେଟ ହରାଇ ୧୧୯ ରନ ସଂଗ୍ରହ କରି ପରାଜୟ ବରଣ କରିଥିଲେ। ଫଳରେ ଚଳିତ ବର୍ଷ କଟକ ଟିମ୍ ଚାମ୍ପିଅନ ଆଖ୍ୟା ଅର୍ଜନ କରିଥିଲେ। ଉଦଯାପନୀ ଉତ୍ସବରେ ଓଡ଼ିଶାର ନାମ ଅର୍ଜନ କରିଥିବା ଭାରତୀୟ ଖେଳାଳୀ ଦେବାଶିଷ ମହାନ୍ତି ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ବୋର୍ଡ ବିସିସି ମେମ୍ବର ତଥା ବ୍ରହ୍ମଗିରି ନିର୍ବାଚନ ମଣ୍ଡଳୀର ପୂର୍ବତନ ବିଧାୟକ ଲଳିତେନ୍ଦୁ ବିଦ୍ୟାଧର ମହାପାତ୍ର ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ । ସେହିପରି ପରଜଙ୍ଗ ବିଧାୟକ ବିଭୂତି ଭୂଷଣ ପ୍ରଧାନଙ୍କ ସୁପୁତ୍ର ପୀୟୂଷ ବର୍ଦ୍ଧନ ପ୍ରଧାନ ଓ ଉର୍ଜ୍ଜା ଟ୍ରଷ୍ଟର ମୁଖ୍ୟ ସଞ୍ଚାଳନ ତଥା ରାଜ୍ୟ ଯୁବ ମୋର୍ଚ୍ଚା ସାଧାରଣ ସମ୍ପାଦକ ଦୀପକ କୁମାର ଗୋଛାୟତ ସମ୍ମାନୀତ ଅତିଥି ଭାବେ ଯୋଗ ଦେଇଥିଲେ । ଦୈନନ୍ଦିନ ଖେଳ ଏବଂ ଖବର ପ୍ରଚାର ପ୍ରସାର କରୁଥିବା କାର୍ଯ୍ୟରତ ସାମ୍ବାଦିକ ମାନଙ୍କୁ ମଞ୍ଚାସୀନ ଅତିଥି ସମ୍ବର୍ଦ୍ଧିତ କରିଥିଲେ ।ଏହା ପରେ ପୁରସ୍କାର ବିତରଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ରନର୍ସ ଦଳକୁ ମୁଖ୍ୟବକ୍ତା ଶ୍ରୀ ମହାପାତ୍ର ଟ୍ରଫି ସହ ୫୦ ହଜାର ଟଙ୍କା ଅର୍ଥ ରାଶି ପ୍ରଦାନ କରିଥିବା ବେଳେ ଚାମ୍ପିଅନ ଦଳକୁ ମୁଖ୍ୟ ଅତିଥି ଶ୍ରୀ ମହାନ୍ତି ଟ୍ରଫି ସହ ୭୦ ହଜାର ଟଙ୍କା ଅର୍ଥ ରାଶି ପ୍ରଦାନ କରିଥିଲେ ।ବେଷ୍ଟ ବୋଲର ,ବେଷ୍ଟ ବ୍ୟାଟ୍ସମ୍ୟାନ ଓ ମ୍ୟାନ ଅଫ ଦି ସିରିଜ ରାଉରକେଲା ସପକ୍ଷରେ ଯାଇଥିବା ବେଳେ ମ୍ୟାନ ଅଫ ଦି ମ୍ୟାଚ୍ କଟକ ସପକ୍ଷରେ ଯାଇଥିଲା ସବ୍ୟସାଚୀ ଶାହା ଓ ଜୟକୃଷ୍ଣ ରାଉତ ଖେଳ ପରିଚାଳନା କରିଥିବା ବେଳେ ନିରୋଦ କୁମାର ଦାସ ଓରଫ ବାବୁଲି ସହଯୋଗୀ ଆମ୍ପାୟାର ଦାୟିତ୍ୱ ନିର୍ବାହ କରିଥିଲେ । ପ୍ରେମାନନ୍ଦ ମହନ୍ତ ଧାରାବିବରଣୀ ପାଠ ପ୍ରଦାନ କରିଥିଲେ ।ଫାଇନାଲ ମ୍ୟାଚ ଅତି ରୋମାଞ୍ଚକର ଓ ଚିତ୍ତାକର୍ଷକ ଖେଳ ପ୍ରଦର୍ଶନ ହୋଇଥିବାରୁ ଦର୍ଶକ ମାନଙ୍କ ମନରେ ଉତ୍କଣ୍ଠା ପରିଲକ୍ଷିତ ହୋଇଥିଲା । ଉର୍ଜ୍ଜା ଟ୍ରଷ୍ଟର ସମସ୍ତ ସଦସ୍ୟ ,ପରଜଙ୍ଗ କ୍ରିକେଟ କ୍ଲବର ଖେଳାଳୀ ଓ ପୁରାତନ ଖେଳାଳୀ ମାନଙ୍କ ସହଯୋଗରେ ଶୃଙ୍ଖଳାର ସହ ପରଜଙ୍ଗ ମିନି ଷ୍ଟାଡିୟମରେ ଚଳିତ ବର୍ଷ ସର୍ବ ଭାରତୀୟ କ୍ରିକେଟ ଟୁର୍ଣ୍ଣାମେଣ୍ଟ ପରିଚାଳିତ ହୋଇଥିଲା ।





# ସିଟିଜେନ ଫୋରମର ବୈଠକ




### ଯୋଗଦେଲେ ଟିଟିଲାଗଡ ବିଧାୟକ, ୩ଦଫା ଦାବିପତ୍ରକୁ ନେଇ ଆଲୋଚନା

କେସିଙ୍ଗା, (ଭାସ୍କର ନ୍ୟୁଜ୍) : କଳାହାଣ୍ଡି ଜିଲ୍ଲା କେସିଙ୍ଗା ସିଟିଜେନ ଫୋରମ ପକ୍ଷରୁ ଏକ ବୈଠକରେ ନିମନ୍ତ୍ରିତ ଅତିଥି ଭାବେ ଟିଟିଲାଗଡ଼ ବିଧାୟକ ନବୀନ କୁମାର ଜୈନଙ୍କୁ ୩ଦଫା ଦାବିପତ୍ର ପ୍ରଦାନ କରାଯାଇଛି । ଏହି ବୈଠକ କେସିଙ୍ଗା ସହର ସ୍ଥିତ ସରକାରୀ ହାଇସ୍କୁଲ ପରିସରରେ ସିଟିଜେନ ଫୋରମର ସଭାପତି ଡ଼.ହେମସାଗର ସାହାଙ୍କ ନେତୃତ୍ୱରେ ଆୟୋଜନ କରା ଯାଇଥିଲା । ବିଧାୟକ ଏହି ଲିଖିତ ସମସ୍ୟା ଉପରେ ଦୃଷ୍ଟି ଦେବା ପାଇଁ ପ୍ରତିଶ୍ରୁତି ଦେଇଛନ୍ତି । ଏହି ଦାବିରେ କେସିଙ୍ଗା-ଟିଟିଲାଗଡ ରାସ୍ତା ସହିତ ଜଡିତ କେତେ ସମସ୍ୟା ସମ୍ପର୍କରେ ଅବଗତ କରାଇବା ସହିତ ତା'ର ସମାଧାନ ପାଇଁ ବିଧାୟକଙ୍କୁ ଦୃଷ୍ଟି ଆକର୍ଷଣ କରାଯାଇଥିଲା ତେଲନଦୀ ଉପରେ ବ୍ରିଜ ନିର୍ମାଣ ଫଳରେ କେସିଙ୍ଗା-ଟିଟିଲାଗଡ ରାସ୍ତାର ଗୁରୁତ୍ୱ ବହୁ ପରିମାଣରେ ବୃଦ୍ଧି ପାଇଛି । ଖୁବ୍ କମ୍ ସମୟ ମଧ୍ୟରେ କେସିଙ୍ଗା ଓ ଟିଟିଲାଗଡକୁ ଯାତାୟତ ପାଇଁ ଏହି ରାସ୍ତା ବିଶେଷ ସହାୟକ ହୋଇପାରିଛି । କିନ୍ତୁ ରାସ୍ତାର କେତେକ ସ୍ଥାନରେ ସଂକୀର୍ଣ୍ଣତା ଓ ଅତ୍ୟଧିକ ବୁଲାଣୀ ତଥା କତରକେଲାରେ ଥିବା ରେଲ ଫାଟକ ସମସ୍ତ ଯାତ୍ରୀଙ୍କ ପାଇଁ ସମସ୍ୟା ସୃଷ୍ଟି କରୁଛି । ଏଥିରେ କତରକେଲା ଠାରେ ଓଭରବ୍ରିଜ ନିର୍ମାଣ ପାଇଁ ଦାବି କରାଯାଇଛି । କେସିଙ୍ଗା-ଟିଟିଲାଗଡ ରାସ୍ତା ଦୁଇ ସହରର ଦୂରତ୍ୱକୁ ହ୍ରାସ କରିଛି । କିନ୍ତୁ ବର୍ତ୍ତମାନ କତରକେଲାରେ ଥିବା ରେଲ ଫାଟକ ଲୋକଙ୍କ ପାଇଁ ବଡ ସମସ୍ୟା ଭାବରେ ଠିଆ ହୋଇଛି । ଏହି ଲାଇନ୍‌ରେ ଟ୍ରେନ ଚଳାଚଳ ଅଧିକ ଥିବାରୁ ଅନେକ ସମୟରେ ଫାଟକ ବନ୍ଦ ରହୁଛି । ଫଳରେ ଲୋକେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ମୁଖ୍ୟତଃ ଟିଟିଲାଗଡକୁ ଟ୍ରେନ ଚଢିବା ପାଇଁ ଯାତ୍ରୀମାନଙ୍କ ଅସୁବିଧା ହେଉଛନ୍ତି । ତେଣୁ ଏହି ସ୍ଥାନରେ ବ୍ରିଜ ନିର୍ମାଣ ନିତାନ୍ତ ଆବଶ୍ୟକ ରହିଛି । ଏହିସ୍ଥାନରେ ଓଭରବ୍ରିଜ ନିର୍ମାଣ ପାଇଁ ସଙ୍ଗଠନର ସଭାପତି ଡ଼. ହେମସାଗର ସାହା କିଛି ଦିନ ତଳେ ମାନ୍ୟବର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଗୋଟିଏ ଦାବିପତ୍ର ପ୍ରଦାନ କରିଛନ୍ତି । ତେଣୁ ଏହି କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ପାଇଁ ସଙ୍ଗଠନ ପକ୍ଷରୁ ଦାବି କରାଯାଇଛି । କେସିଙ୍ଗା-ଟିଟିଲାଗଡ ରାସ୍ତାର ଆବଶ୍ୟକ ପ୍ରଶସ୍ତୀକରଣ ଯଦିଓ ଏହି ରାସ୍ତାର ଦୂରତ୍ୱକୁ ହ୍ରାସ କରିଛି କିନ୍ତୁ କେତେକ ସ୍ଥାନରେ ବୁଲାଣୀ, ସଂକୀର୍ଣ୍ଣ ରାସ୍ତା ଓ ବିପଦ ସଂକୁଳ ମୋଡ ଗାଡି ଚାଳନା ପାଇଁ ଅସୁବିଧା ସୃଷ୍ଟି କରୁଛି । ରାସ୍ତାର ବୁଲାଣି ସଂଖ୍ୟାକୁ ହ୍ରାସ କରି ଏହାକୁ ଯଥା ସମ୍ଭବ ସିଧା କରିବା ଆବଶ୍ୟକ ଓ ଅଣଓସାରିଆ ରାସ୍ତାକୁ ଓସାର କରିବା ଆବଶ୍ୟକ ରହିଛି । କେସିଙ୍ଗା-ଟିଟିଲାଗଡ଼ ରାସ୍ତା ଲୋକମାନଙ୍କର ଗମନାଗମନ ପାଇଁ ସୁବିଧା ରହିବା ସହ ଚାଷୀ, ଛାତ୍ରଛାତ୍ରୀ, ଯାତ୍ରୀ, ବ୍ୟବସାୟୀ ଓ ଚିକିତ୍ସା ପାଇଁ ଯାଉଥିବା ଲୋକଙ୍କ ପାଇଁ ଏହି ରାସ୍ତା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଅଟେ । ତେଣୁ ସମସ୍ତ ଜନସାଧାରଣଙ୍କୁ ଅଗ୍ରାଧିକାର ଦେଇ ଏହି ରାସ୍ତାର ପ୍ରଶସ୍ତିକରଣ, ମରାମତି ଓ କତରକେଲା ଠାରେ ବ୍ରିଜ ନିର୍ମାଣକୁ ଅଗ୍ରାଧିକାର ଭିତ୍ତିରେ କାଯ୍ୟ ଆରମ୍ଭ ପାଇଁ ପଦକ୍ଷେପ ନେବା ପାଇଁ ସଂଗଠନ ପକ୍ଷରୁ ଅନୁରୋଧ କରାଯାଇଛି । ସଂଗଠନ ସାଧାରଣ ସମ୍ପାଦକ ବି.ଚନ୍ଦ୍ରଶେଖର ଆଚାରୀ ଦାବିପତ୍ର ପଠନ କରି ଥିଲେ । ବିନାୟକ ପ୍ରକାଶ ନାୟକ ଧନ୍ୟବାଦ ଦେଇଥିଲେ । ସଂଗଠନର ସମସ୍ତ କର୍ମକର୍ତ୍ତା ଓ ଅଞ୍ଚଳର ବୁଦ୍ଧିଜୀବୀ ମାନେ ବହୁସଂଖ୍ୟାରେ ଯୋଗଦାନ କରିଥିଲେ ।

# ଡ଼ଃ ଆମ୍ବେଦକର ଚମ୍ପିୟାନ କ୍ରିକେଟ୍ ପ୍ରତିଯୋଗିତା

## ବେହେରା ଫାଇନାଲରେ ପ୍ରବେଶ




ଧର୍ମଗଡ଼ (ଭାସ୍କର ନ୍ୟୁଜ୍) : ଧର୍ମଗଡ଼ ବ୍ଲକ ଜୟନ୍ତପୁର ପଞ୍ଚାୟତ ରଇନଗୁଡା ଗ୍ରାମ ଆମ୍ବେଦକର ବ୍ଲକ ଆୟୋଜନରେ ଡ଼ଃ ଆମ୍ବେଦକର ଚମ୍ପିୟାନ କ୍ରିକେଟ୍ ଟ୍ରଫି ଗତ ରବିବାର ଦିନ ଠାରୁ ଜୟନ୍ତପୁର ଲତା ଡଙ୍ଗରି ପଡିଆରେ ଆରମ୍ଭ ହୋଇଛି । ସପ୍ତମ ଦିନ ଠନଟ -ବେହେରା ମଧ୍ୟରେ ସେମି ଫାଇନାଲ ଅନୁଷ୍ଠିତ ହୋଇଥିବା ବେଳେ ବେହେରାଦଳ ବିଜୟୀ ହୋଇ ସିଧାସଳଖ ଭାବେ ଫାଇନାଲକୁ ପ୍ରବେଶ କରିଛି । ୧୦ଓଭର ବିଶିଷ୍ଟ ଖେଳରେ ପ୍ରଥମେ ବେହେରା ୬ଓ୍ୱିକେଟ ବିନିମୟରେ ୯୭ରନ ସଂଗ୍ରହ କରିଥିଲା । ଏହାର ପିଛା କରି ଠନଟ ଦଳ ୧୦ଓଭରରେ ୭୩ରନ କରିବାକୁ ସକ୍ଷମ ହୋଇଥିଲା । ଏହି ଦିବସରେ ପର୍ଲା ସରପଞ୍ଚ ବ୍ରିଜଲାଲ ନାଏକ ମୁଖ୍ୟ ଅତିଥି, ସମ୍ମାନୀୟ ଅତିଥି ଭାବେ ଟିପିଗୁଡା ସରପଞ୍ଚ ହାତିରାମ ଦୁର୍ଗା, ଖଇରପଦର ସରପଞ୍ଚ ସଂଯୁକ୍ତା ବାଗ, ଜୟନ୍ତପୁର ସରପଞ୍ଚ ଜୟନ୍ତୀ ବାଗ, ବରିଷ୍ଠ ହାସ୍ୟ ଅଭିନେତା ଚନ୍ଦନ ଶତପଥୀ, ସରପଞ୍ଚ ପ୍ରତିନିଧି ନଜଳ ବାଗ, ସରୋଜ ବାଗ ପ୍ରମୁଖ ଉପସ୍ଥିତ ରହି ଖେଳାଳିଙ୍କୁ ପ୍ରୋତ୍ସାହ କରିଥିଲେ । ଖେଳ ପରିଚାଳନା ଉମେଶ ଦୁରିଆ, ଟିଟୁ ବାଗ କରିଥିବା ବେଳେ ଆମ୍ବେଦକର ବ୍ଲକର ସଭାପତି ଧବଳେ ଦୁରିଆ, ସମ୍ପାଦକ ଯୁବରାଜ ମାଝୀ, ଏକଲବ୍ୟ ବାଗ ମଣ୍ଟୁ ନାଏକ ପ୍ରମୁଖ ସହଯୋଗ କରିଥିଲେ ।

### ପ୍ରତାପ କିଶୋର ସ୍ମାରକୀ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ୍ ଫାଇନାଲ

# ଝରିଗାଁକୁ ହରାଇ ଓମ୍ ଇଲେଭେନ୍ ଟେମରା ଚାମ୍ପିଅନ୍




କୋକସରା, (ଭାସ୍କର ନ୍ୟୁଜ) : କୋକସରା ବ୍ଲକ ବରାଡଙ୍ଗା ପଞ୍ଚାୟତର କେନ୍ଦୁଡଙ୍ଗରୀ ଏସ.ପି.ସି.ସି ଆନୁକୂଲ୍ୟରେ ଚାଲିଥିବା ପ୍ରତାପ କିଶୋର ନାଏକ ସ୍ମାରକୀ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ୍‌ର ଫାଇନାଲ ଖେଳ ରବିବାର ଅନୁଷ୍ଠିତ ହୋଇଛି । ଫାଇନାଲ ଖେଳରେ ଏସକେ ଇଲେଭେନ୍ ଝରିଗାଁକୁ ହରାଇ ଓମ୍ ଇଲେଭେନ୍ ଟେମରା ଟୁର୍ଣ୍ଣାମେଣ୍ଟର ବିଜେତା ହୋଇ ଚାମ୍ପିଅନ ହୋଇଛି । ଝରିଗାଁ ଦଳ ଟସ୍ ଜିଣି ପ୍ରଥମେ ବ୍ୟାଟିଂ ନିଷ୍ପତ୍ତି ନେଇ ନିର୍ଦ୍ଧାରିତ ୧୨ ଓଭରରେ ୭ ଉଇକେଟ ବିନିମୟରେ ୮୭ ରନ୍ ସଂଗ୍ରହ କରିଥିଲା । ଜବାବରେ ଟେମରା ଦଳ ପଡିଆକୁ ଓହ୍ଲାଇ ୧୧.୫ ଓଭରରେ ୭ ଓ୍ୱିକେଟ ହରାଇ ମ୍ୟାଚ୍ ବିଜୟୀ ହୋଇ ଟୁର୍ଣ୍ଣାମେଣ୍ଟ୍‌ର ଚାମ୍ପିଅନ୍ ହୋଇଥିଲା । ଅମ୍ପାୟାର ଭାବରେ ସୁନୀଲ ମଲ୍ଲିକ ଓ ଜତିନ ଦାସ ଖେଳ ପରିଚାଳନା କରିଥିଲେ । ସ୍କୋର ବୋର୍ଡରେ ସୁଦାମ ନାଏକ ଓ ଡିଜିଟାଲ ସ୍କୋରର ପ୍ରଭା ପୁଝାରୀ ରହିଥିବାବେଳେ ଖେଳର ଧାରାବିବରଣି ମାମନୁ ଦାସ ଓ କୋକିଲ ମଲ୍ଲିକ ପ୍ରଦାନ କରିଥିଲେ । ଫାଇନାଲ ଖେଳର ପୁରସ୍କାର ବିତରଣ ଉତ୍ସବରେ କୋକସରା ପଞ୍ଚାୟତ ସମିତି ଉପାଧ୍ୟକ୍ଷ ରାଜୀବ କୁମାର ଅଗ୍ରୱାଲ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ । ବରାଡଙ୍ଗା ସରପଞ୍ଚ ନିରୁପମା ସେଠୀ, ସମିତି ସଭ୍ୟ ମୁକ୍ତେଶ୍ୱର ବାଗ, ଆଇନଜୀବୀ ମନୋଜ କୁମାର ନାଏକ, ଜିପିଇଓ ରାଜେନ୍ଦ୍ର ପାତ୍ର, ମହିମା ସରପଞ୍ଚ ଇଶରାମ କୋଲଥିଆ, ଆମପାଣି ମଣ୍ଡଳ ସଭାପତି ମଧୁବନ ପାତ୍ର, ଗୋକୁଳ ଚନ୍ଦ୍ର ଯୋଷୀ, ବଟକୃଷ୍ଣ ଦାସ, ସଦାନନ୍ଦ ବାଗ, ହେମନ୍ତ ହଂସ, ଏସ୍‌ଆଇ ପ୍ରେମରାଜ କଅଁର, କୁମୁଦ ସେଠୀ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଥିଲେ । ସ୍ୱର୍ଗତ ପ୍ରତାପ କିଶୋର ନାଏକଙ୍କ ପରିବାରରୁ ଲାବାନ୍ୟ ନାଏକ, ହେମାନନ୍ଦ ନାଏକ, ବଂଶିଧର ନାଏକ, ପ୍ରଫୁଲ୍ଲ ନାଏକ, ଶରତ ଚନ୍ଦ୍ର ଭଏଁସାଲ ପ୍ରମୁଖ ଯୋଗଦେଇ ଖେଳାଳି ମାନଙ୍କୁ ଉତ୍ସାହିତ କରିଥିଲେ । ପରେ ଅତିଥି ମାନଙ୍କ ଦ୍ୱାରା ଉଭୟ ବିଜେତା ଓ ଉପ-ବିଜେତା ଦଳକୁ ଟ୍ରଫି ସହ ନଗଦ ଅର୍ଥରାଶି ଦେଇ ପୁରସ୍କାର ପ୍ରଦାନ କରାଯାଇଥିଲା । ମହେନ୍ଦ୍ର ମାଝୀ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଥିବାବେଳେ ମ୍ୟାନ ଅଫ୍ ଦି ସିରିଜ ଆଜେଶ ହରିଜନ ବିବେଚିତ ହୋଇଥିଲେ । ଆୟୋଜକ ଅନୁଷ୍ଠାନର ସଭାପତି ହେମନ୍ତ ନାଏକ, ଉପସଭାପତି ନବାବ ଦାସ, ପ୍ରଶାନ୍ତ ପଟ୍ଟନାୟକ, ପ୍ରଦୀପ ପଟ୍ଟନାୟକ, ବୁଲୁ ପଟ୍ଟନାୟକ, ସରୋଜ ଦାସ, ଜତିନ୍ଦ୍ର ଦାସ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ ।

### ସରିଲା ଜୁନାଗଡ଼ ମହୋତ୍ସବ

# ଅର୍ଚ୍ଚନା ପାଢ଼ୀଙ୍କ ଗୀତରେ ଝୁମିଲେ ଦର୍ଶକ




ଜୁନାଗଡ, (ଭାସ୍କର ନ୍ୟୁଜ) : କଳାହାଣ୍ଡି ଜିଲ୍ଲାର ହଜାର ବର୍ଷର ସହର ଜେନାବଳୀ ପାଟଣା ବା ଜୁନାଗଡ଼ ୪୭ଟି ପ୍ରଗଣା ଭିତରେ ବଡ଼ ଥିବା ବେଳେ ୧୮ଗଡ଼ ମଧ୍ୟରେ ମଧ୍ୟ ସବୁଠାରୁ ବଡ଼ ଅଟେ । ଏହି ଜୁନାଗଡ଼ ମାଟି ସୃଷ୍ଟି କରିପାରିଛି ଅନେକ କଳା ଓ କଳାକାର । ଏହି ମାଟିର ଲୋକବାଦ୍ୟ, ଲୋକ ନୃତ୍ୟ, ଲୋକ ସଂସ୍କୃତି, ଲୋକ ସଙ୍ଗୀତ ନିଆରା ଏବଂ ବିଶ୍ୱ ଦରବାରରେ ନିଜର ସ୍ୱତନ୍ତ୍ର ସ୍ଥାନ ସୃଷ୍ଟି କରିପାରିଛି । ବିଲୁପ୍ତ କଳାକୁ ବଞ୍ଚାଇବା ଓ ପ୍ରତିଭା ଖୋଜିବାର ନିଆରା ପ୍ରୟାସ ଏହି ଜୁନାଗଡ଼ ମହୋତ୍ସବ ବୋଲି ଉଦ୍‌ଯାପନୀ ସନ୍ଧ୍ୟାରେ ଅତିଥିମାନେ ମତ ପ୍ରକାଶ କରିଥିଲେ । ଉଦ୍‌ଯାପନୀ ସାଂସ୍କୃତିକ ସନ୍ଧ୍ୟାରେ ମହୋତ୍ସବ କମିଟିର ଅଧ୍ୟକ୍ଷ ଦୁର୍ଗାପ୍ରସାଦ ନାଏକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ଅତିଥି ଭାବେ ପୂର୍ବତନ ଗୃହରାଷ୍ଟ୍ରମନ୍ତ୍ରୀ ତଥା ଜୁନାଗଡ଼ ବିଧାୟକ କ୍ୟାପଟେନ ଦିବ୍ୟଶଙ୍କର ମିଶ୍ର, ପୂର୍ବତନ ବିରୋଧୀଦଳ ନେତା ପ୍ରଦୀପ୍ତ କୁମାର ନାଏକ, ସାଂସଦ ପ୍ରତିନିଧି ସତ୍ୟରଞ୍ଜନ ବେହେରା, ଏନ୍‌ଏସି ଅଧ୍ୟକ୍ଷ ହିମାଦ୍ରୀ ନାଏକ, ସରପଞ୍ଚ ସଙ୍ଘ ସଭାପତି ତାରାଶଙ୍କର ରାୟଗୁରୁ, ପୂର୍ବ ଜିଲ୍ଲାପରିଷଦ ଉପାଧ୍ୟକ୍ଷ ଭବସିନ୍ଧୁ ମଙ୍ଗରାଜ, ପ୍ରଗତିଗ୍ରୁପର ଚ୍ୟାରମେନ ଅଜୟ ପଣ୍ଡା, ସାନ୍ଧ୍ୟଡିଗ୍ରୀ ମହାବିଦ୍ୟାଳୟର ଅଧ୍ୟାପକ ପରମେଶ୍ୱର ମୁଣ୍ଡ ପ୍ରମୁଖ ଯୋଗଦେଇ ଉଦବୋଧନ ଦେଇଥିଲେ । ଓୟୁଜେ ଜିଲ୍ଲା ସମ୍ପାଦକ ସନ୍ତୋଷ କୁମାର ସିଂହଦେଓ ମଞ୍ଚ ପରିଚଳନା କରିଥିବା ବେଳେ ଜୁନାଗଡ଼ ମହୋତ୍ସବ କମିଟିର ସମ୍ପାଦକ ହିମାଂଶୁ ଶେଖର ବରାଡ଼ ଧନ୍ୟବାଦ ଅର୍ପଣ କରିଥିଲେ । ସୂଚନାଯୋଗ୍ୟ ଯେ କଳାହାଣ୍ଡି ଜିଲ୍ଲାର ଜୁନାଗଡ଼ ସହରର ଜୁନାଗଡ଼ ହାଇସ୍କୁଲ ଖେଳପଡିଆ ସ୍ଥିତ ମାଁ ଲଙ୍କେଶ୍ୱରୀ ମଞ୍ଚରେ ଜୁନାଗଡ଼ ମହୋତ୍ସବ ୨୦୨୫ ଉଦ୍‌ଯାପିତ ହୋଇଯାଇଛି । ଫେବୃୟାରୀ ୧୪,୧୫ ଓ ୧୬ ତାରିଖ ତିନିଦିନ ଧରି ଅନୁଷ୍ଠିତ ହେଉଥିବା କଳାହାଣ୍ଡି ଉତ୍ସବ ଲୋକକଳା, ଲୋକ ସଂସ୍କୃତି, ଲୋକ ସଂଗୀତରେ ଦୁଲୁକିଥିଲା ମାଁ ଲଙ୍କେଶ୍ୱରୀ ମଞ୍ଚ । ଉଦ୍‌ଯାପନ ଦିବସରେ ସକାଳ ୧୦ ଟା ସମୟରେ ମହୋତ୍ସବ କମିଟି ମାଁ ଲଙ୍କେଶ୍ୱରୀ ମଞ୍ଚରେ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଥିଲା ଏଥିରେ ଜୁନାଗଡ଼ ତଥା ଆଖ ପାଖ ଅଂଚଳର ଅନେକ କବି ଓ କବିୟତ୍ରୀ ଅଂଶ ଗ୍ରହଣ କରିଥିଲେ । ପୁଣି ସକାଳ ୧୧ ଘଣ୍ଟା ସମୟରେ ଜୁନାଗଡ଼ ଏନ୍‌ଏସି ସାମ୍ନାରେ ରାହାଗିରି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ଏଥିରେ ବିଭିନ୍ନ ଶିକ୍ଷାନୁଷ୍ଠାନର ଛାତ୍ରଛାତ୍ରୀ ମାନେ ଅଂଶ ଗ୍ରହଣ କରିଥିବା ବେଳେ ଶଙ୍ଖ ଓ ଝୋଟି ପ୍ରତିଯୋଗିତା ମଧ୍ୟ ଅନୁଷ୍ଠିତ ହୋଇଥିଲା । ଏହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ ବିନୟ ସାହୁ ଓ ସାଥି । ପୁରସ୍କାର ବିତରଣ ସଭାକୁ ପରିଚାଳନା କରିଥିଲେ ସରୋଜ ପଣ୍ଡା । ଏହା ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏଥିରେ ଜୁନାଗଡ଼ କଳାବିକାଶ କେନ୍ଦ୍ରର ଓଡିଶୀ, ପ୍ରତିଭା ଭବାନୀପାଟଣାର ସିଂଘାରି ନୃତ୍ୟ ପରିବେଷଣ ହେବା ସହ ଅର୍ଚ୍ଚନା ପାଢ଼ୀଙ୍କ ସମ୍ବଲପୁରୀ ମେଲୋଡି ପରିବେଷଣ ହୋଇଥିଲା ଅର୍ଚ୍ଚନା ପାଢ଼ୀଙ୍କ ସଂଗୀତ ଓ ନୃତ୍ୟରେ ଝୁମିଥିଲେ ଦର୍ଶକ । ମାଁ ଲଙ୍କେଶ୍ୱରୀ ମଞ୍ଚରେ ଅନୁଷ୍ଠିତ ଏହି ସଂଗୀତ କାର୍ଯ୍ୟକ୍ରମ ଦର୍ଶକଙ୍କୁ ମଧରାତ୍ରି ପର୍ଯ୍ୟନ୍ତ ବାନ୍ଧି ରଖିଥିଲା ।

# ଜୟନ୍ତପୁର ନବନିର୍ମିତ ଜ୍ୟୋତି ମନ୍ଦିରର ରନ୍ମୁଦ ଉତ୍ସବ



ଧର୍ମଗଡ଼, (ଭାସ୍କର ନ୍ୟୁଜ୍) : କଳାହାଣ୍ଡି ଜିଲ୍ଲା, ଧର୍ମଗଡ ବ୍ଲକ୍, ଜୟନ୍ତପୁର ଗ୍ରାମରେ ନବ ନିର୍ମିତ ହୋଇଥିବା ଜ୍ୟୋତି ମନ୍ଦିରର ରନ୍ମୁଦ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଗ୍ରାମବାସୀ ଓ ସମସ୍ତ ଅଲେଖ ମହିମା ଧର୍ମାବଲମ୍ବୀ ଭକ୍ତ ମାନଙ୍କ ଉଦ୍ୟମ ଓ ସହଯୋଗ କ୍ରମେ ଅନୁଷ୍ଠିତ ହୋଇଥିବା ଏହି ରନ୍ମୁଦ ଉତ୍ସବରେ ପୂଜ୍ୟ ସାଧୁ ହର ବାବା, ଉଦୟ ନାଥ ବାବା, ବିରଞ୍ଚି ବାବା, ସୁଧାମଣି ବାବା, ବୈଷ୍ଣବ ବାବା, ବନମାଳୀ ବାବା, ସଦାନନ୍ଦ ବାବା, ବାବା ପ୍ରମୁଖ ଯୋଗଦାନ କରି ପ୍ରଥମ ରଜନୀରେ ଅଖଣ୍ଡ ବ୍ରହ୍ମ ଧୁନି ପ୍ରଜ୍ୱଳନ ପୂର୍ବକ ରବିବାର ବ୍ରହ୍ମ ମୁହୂର୍ତ୍ତରେ ଅମୁଣିଆ ଭୋଗ ଅର୍ପଣ କରି ରନ୍ମୁଦ କରିବାର ଶୁଭାରମ୍ଭ କରିଥିଲେ । ପରେ ଜୟନ୍ତପୁର ତଥା ଅଞ୍ଚଳର ଧର୍ମପିପାସୁ ଜଗତ ଭକତ ସୁନା, ରୁପା, ଟଙ୍କା, ଧାନ, ଚାଉଳ, ମୁଗ, ବିରି ଭଳି ଡାଲି ଜାତୀୟ ଖାଦ୍ୟ ଶସ୍ୟକୁ ଉକ୍ତ ନବ ନିର୍ମିତ ଜ୍ୟୋତି ମନ୍ଦିରର ଗର୍ଭ ଗୃହରେ ପୂର୍ଣ୍ଣ କରି ଅଲେଖ ମହିମା ପ୍ରଭୁଙ୍କ ନାମ ଉଚ୍ଚାରଣ ପୂର୍ବକ ନିଜର ଓ ପରିବାରର ମଙ୍ଗଳ କାମନା କରିଥିଲେ । ଉକ୍ତ ରନ୍ମୁଦ ଉତ୍ସବରେ ଜୟନ୍ତପୁର ତଥା ଅଞ୍ଚଳର ଶତାଧିକ ଧର୍ମପିପାସୁ ସାଧୁ ଭକ୍ତଙ୍କ ସମାଗମ ଦେଖିବାକୁ ମିଳିଥିଲା । ଏହି ରନ୍ମୁଦ ଉତ୍ସବରେ ଜୟନ୍ତପୁର ତଥା ଅଞ୍ଚଳର ଦିଗାମ୍ବର ଭକ୍ତ, ହରି ଭକ୍ତ, ଚୈତନ୍ୟ ଭକ୍ତ, ତ୍ରିନାଥ ଭକ୍ତ, ରୁପେନ୍ଦ୍ର ଭକ୍ତ, କ୍ଷମା ପ୍ରସାଦ ଭକ୍ତ, ମୁରଲୀ ଭକ୍ତ, ପବିତ୍ର ଭକ୍ତ, ଲିଙ୍ଗରାଜ ଭକ୍ତ, ମହେଶ୍ୱର ନାଏକ, ଧର୍ମାନନ୍ଦ ଭକ୍ତ, ଜୟଦେବ ଭକ୍ତ, ଘନ ଭକ୍ତ, ଦଶରଥ ଭକ୍ତ, ହରି ଭକ୍ତ, ତ୍ରିଲୋଚନ ବାଗ, ପ୍ରତାପ ସୁନାନୀ, ପୂର୍ଣ୍ଣ ଚନ୍ଦ୍ର ନାଏକ, ଯୁବରାଜ ନାଏକ, ଜିତେନ୍ଦ୍ର ନାଏକ, ହରେକୃଷ୍ଣ ନାଏକ, ତୁଳସୀ ନାଏକ, ତୀର୍ଥ ରାଜ ଭକ୍ତ, ନବ ଭକ୍ତ ଅଯୋଧ୍ୟା ଭକ୍ତ, କରୁଣା ବାଗ ପ୍ରମୁଖ ଉପସ୍ଥିତ ରହି ପରିଚାଳନାରେ ସହଯୋଗ କରିଥିଲେ ।

# ବିଭିନ୍ନ ସମସ୍ୟା ନେଇ ଆଲୋଚନା



କେସିଙ୍ଗା, (ଭାସ୍କର ନ୍ୟୁଜ୍) : କଳାହାଣ୍ଡି ଜିଲ୍ଲା କେସିଙ୍ଗାସ୍ଥିତ ସଚେତନ ନାଗରିକ ମଞ୍ଚର ୧୦ ବର୍ଷ ପୂର୍ତ୍ତି ଅବସରରେ ମଞ୍ଚ ତରଫରୁ ଅଞ୍ଚଳର ବିକାଶ ନିମନ୍ତେ ସ୍ଥାନୀୟ ଅଗ୍ରସେନ ଭବନ ଠାରେ ଏକ ସ୍ୱତନ୍ତ୍ର ମାର୍ଗଦର୍ଶକ ଆଲୋଚନା ଚକ୍ର ରବିବାର ଅନୁଷ୍ଠିତ ହୋଇଯାଇଛି । ଏହି ଆଲୋଚନା ଚକ୍ରରେ ମଞ୍ଚର କର୍ମକର୍ତ୍ତା, ସହର ତଥା ଗ୍ରାମାଞ୍ଚଳର ବହୁ ବିଶିଷ୍ଟ ମାନ୍ୟଗଣ୍ୟ ବ୍ୟକ୍ତି ତଥା ବୁଦ୍ଧିଜୀବୀ ଓ ବିଭିନ୍ନ ସାମାଜିକ ସଂଗଠନର କର୍ମକର୍ତ୍ତାମାନେ ଯୋଗ ଦେଇ ନିଜର ମୂଲ୍ୟବାନ ମତାମତ ରଖିଥିଲେ । ସାଧାରଣତଃ ଏହି ଆଲୋଚନା ଚକ୍ରରେ ଅଞ୍ଚଳର ବିଭିନ୍ନ ସମସ୍ୟା ଓ ତାହାର ସମାଧାନ ପାଇଁ ଉପସ୍ଥିତ ବୁଦ୍ଧିଜୀବୀ ମାନଙ୍କ ପରାମର୍ଶ ନିଆଯାଇଥିଲା । ଏଥିରେ କୋଣାର୍କ ସୂତାକଳ, ରେଲୱେ, ବାଇପାସ୍ ରାସ୍ତା, ସରକାରୀ ମେଡ଼ିକାଲକୁ ଉପଖଣ୍ଡୀୟ ସ୍ୱାସ୍ଥ୍ୟକେନ୍ଦ୍ରରେ ପରିଣତ କରିବା, କେସିଙ୍ଗା ଏନ୍‌ଏସିକୁ ପୌରପାଳିକାରେ ପରିବର୍ତ୍ତନ କରିବା ଆଦି ବିଭିନ୍ନ ଦାବି ନେଇ ଆଲୋଚନା ହୋଇଥିଲା ବେଳେ ଦଳମତ ନିର୍ବିଶେଷରେ ବିଶେଷ ଗୁରୁତ୍ୱାରୋପ କରି ପୁନଃ କେସିଙ୍ଗା ବିଧାନସଭା ଆସନ ପାଇଁ ଦାବି ଉତ୍ଥାପନ ହୋଇଥିଲା । ଯଦି ସରକାର କେସିଙ୍ଗା ବିଧାନସଭା ଆସନ ପାଇଁ ରାଜି ନ ହୁଅନ୍ତି ତେବେ ଅଞ୍ଚଳର ସମସ୍ତ ସାମାଜିକ ସଂଗଠନ ଏକଜୁଟ ହୋଇ ସଚେତନ ନାଗରିକ ମଞ୍ଚରେ ତୀବ୍ର ଆନ୍ଦୋଳନ ପାଇଁ ମତ ପ୍ରକାଶ ପାଇଥିଲା ଓ ମଞ୍ଚର ସଭାପତି ଉତ୍ତର ମହଲା ଅଧ୍ୟକ୍ଷତାରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ବେଳେ ମଞ୍ଚର ସାଧାରଣ ସଂପାଦକ ଟିକେମନ ଦୀପ ମଞ୍ଚ ପରିଚାଳନା କରିଥିଲେ । ପୂର୍ବତନ ଏନଏସି ଉପାଧ୍ୟକ୍ଷ ଗୋବିନ୍ଦ ବନ୍‌ଛୋର ଧନ୍ୟବାଦ ଅର୍ପଣ କରିବା ପରେ ସଭାସାଙ୍ଗ କରାଯାଇ ଥିଲା । ଏହି ସବୁ ସମସ୍ୟା ଗୁଡିକୁ ଜିଲ୍ଲା ପ୍ରଶାସନ ନିକଟରେ ଦାବି କରିବାକୁ ନିଷ୍ପତ୍ତି ନିଆଯାଇଛି ।

## ରାଶିଫଳ

ମଙ୍ଗଳବାର, ୧୮ ଫେବୃଆରୀ ୨୦୨୫



**ମେଷ:** ବନ୍ଧୁ ଏବଂ ସମ୍ପର୍କୀୟଙ୍କୁ ସମର୍ଥନ କରିବାକୁ ସମର୍ଥ ହେବେ । ଆପଣ ସାମାଜିକ ସ୍ତରରେ ସମ୍ମାନ ପାଇବ । ବନ୍ଦ ହୋଇଥିବା କାର୍ଯ୍ୟ ସମାପ୍ତ ହେବ । ଏକ ନୂତନ ଯୋଜନା ପ୍ରସ୍ତୁତ ହେବ । ଅର୍ଥନୈତିକ କ୍ଷେତ୍ରରେ ଉନ୍ନତି ହେବ । ନୂତନ କାମ ପାଇବେ ।



**ବୃଷ:** ବରିଷ୍ଠମାନଙ୍କ ପରାମର୍ଶକୁ ଅନୁସରଣ କରନ୍ତୁ, ସେଠାରେ ଲାଭ ହେବ । ବିପଦ ଏବଂ ବନ୍ଧକ କାର୍ଯ୍ୟରୁ ଦୂରେଇ ରୁହନ୍ତୁ । ଆଇନଗତ ପ୍ରତିବନ୍ଧକ ସାମ୍ନା କରି ପାରନ୍ତି, ବ୍ୟସ୍ତ ହୁଅନାହିଁ । ମୂଲ୍ୟବାନ ସାମଗ୍ରୀକୁ ସୁରକ୍ଷିତ ରଖନ୍ତୁ । ଚିନ୍ତା ରହିବ । ବ୍ୟବସାୟ ଭଲ କରିବ ।



**ମିଥୁନ:** ଭ୍ରମଣ ଲାଭଦାୟକ ହେବ । ଅଟକି ରହିଥିବା ଟଙ୍କା ଧରିବାକୁ ଚେଷ୍ଟା କରନ୍ତୁ । ବ୍ୟବସାୟ ଅନୁକୂଳ ଲାଭ ପ୍ରଦାନ କରିବ । ଚାକିରିରେ ଅଧସ୍ତନମାନଙ୍କ ସହାୟତା ପାଇବେ ।ଥକ୍କା ଏବଂ ଦୁର୍ବଳତା ହୋଇପାରେ । ବ୍ୟସ୍ତ ରହିବେ ।



**କର୍କଟ:** ଭୟ ହେତୁ ନିଷ୍ପତ୍ତି ନେବା କ୍ଷମତା ହ୍ରାସ ହୋଇପାରେ । ପତି-ପତ୍ନୀଙ୍କଠାରୁ ସମର୍ଥନ ପାଇବେ । ଯାତ୍ରା ଚିତ୍ତାକର୍ଷକ ହେବ । ଉପହାର ଗ୍ରହଣ କରିବାର ସମ୍ଭାବନା ଅଛି । ରୋଜଗାର ବୃଦ୍ଧି ପାଇବ । ଚାକିରିର ପଦୋନ୍ନତି ସମ୍ଭବ । ଟଙ୍କା ପାଇବା ସହଜ ହେବ । ଉତ୍ସାହର ସହିତ କାମ କରିବାକୁ ସମର୍ଥ ହେବେ । ଭଲ ଖବର ଗ୍ରହଣ କରାଯିବ ।



**ସିଂହ:** ଅତିଥିମାନେ ଆଜି ଘରେ ପହଞ୍ଚିବେ । ଆପଣ ଉତ୍ସାହଜନକ ସୂଚନା ପାଇବେ । ଆତ୍ମ ସମ୍ମାନ ରହିବ । ରିସ୍କ ନେବାକୁ ସାହସ କରିବେ । ଅନାବଶ୍ୟକ ଖର୍ଚ୍ଚ ହେବ । ବ୍ୟବସାୟ ଅନୁକୂଳ ଲାଭ ପ୍ରଦାନ କରିବ । ଚାକିରିରେ ଶାନ୍ତି ରହିବ ।



**କନ୍ୟା:** ସ୍ଥାୟୀ ସମ୍ପତ୍ତି ବୃଦ୍ଧିର ଆଶା । ବ୍ୟବସାୟ ପାଇଁ ଏକ ବଡ ଡିଲ୍ କରିପାରିବେ । ପ୍ରଗତିର ରାସ୍ତା ପକ୍କା ହେବ । ରୋଜଗାର ବୃଦ୍ଧି ପାଇବ । ବାଣିଜ୍ୟ-ବ୍ୟବସାୟରେ ଅନୁକୂଳ ଆଗ୍ରହ ରହିବ । ଚାକିରିରେ ଥିବା ସହକର୍ମୀମାନେ ଆପଣଙ୍କ ସହିତ ଆସିବେ ।



**ତୁଳା:** ଆଘାତ ଏବଂ ଦୁର୍ଘଟଣା କ୍ଷତି ହୋଇପାରେ, ଯନ୍ତ୍ରଣା ଦେବ । ବିପଦ ଏବଂ ବନ୍ଧକ କାର୍ଯ୍ୟରୁ ଦୂରେଇ ରୁହନ୍ତୁ । ସ୍ୱାସ୍ଥ୍ୟ ଦୁର୍ବଳ ରହିବ । ବିବାଦକୁ ପ୍ରୋତ୍ସାହନ ଦିଅନ୍ତୁ ନାହିଁ, ଦୁଃଖ ଆସିପାରେ । ଅଂଶୀଦାରମାନଙ୍କ ସହିତ ମତ ପାର୍ଥକ୍ୟ ହୋଇପାରେ । ଆୟରେ ନିଶ୍ଚିତତା ରହିବ । ବିପଦ ପୂର୍ଣ୍ଣ କାମ କରନ୍ତୁ ନାହିଁ ।



**ବିଛା:** ସୃଜନଶୀଳ କାର୍ଯ୍ୟ ସଫଳ ହେବ । ପାର୍ଟି ଏବଂ ପିକନିକ୍ ଆୟୋଜନ କରାଯାଇ ପାରିବ । ଆପଣ ସୁସ୍ୱାଦୁ ଖାଦ୍ୟର ଲାଭ ପାଇବେ । ଜୀବନ ଖୁସି ହେବ । ବିବାଦକୁ ପ୍ରୋତ୍ସାହିତ କରନ୍ତୁ ନାହିଁ । ବକ୍ତବ୍ୟରେ ନିୟନ୍ତ୍ରଣ ଆବଶ୍ୟକ । ମନଧ୍ୟାନ ଦେଇ କାର୍ଯ୍ୟ କରନ୍ତୁ । ଚାକିରିରେ କୈଣସି ନୂତନ କାର୍ଯ୍ୟ କରିବାକୁ ସକ୍ଷମ ହେବେ । ଲଜ୍ଜିତ ହୁଅନ୍ତୁ ନାହିଁ । ଶତ୍ରୁମାନେ ପରାସ୍ତ ହେବେ ।



**ଧନୁ:** ଖରାପ ଖବର ଗ୍ରହଣ କରାଯାଇପାରେ । ଉତ୍ସାହର ଅଭାବ ରହିବ । ସ୍ୱାସ୍ଥ୍ୟ ଦୁର୍ବଳ ରହିବ । ଦୌଡ଼ ଅଧିକ ହେବ । ଘର-ପାରିବାରିକ ଚିନ୍ତାଧାରା ରହିବ । ଅନ୍ୟମାନଙ୍କ କାର୍ଯ୍ୟରେ ହସ୍ତକ୍ଷେପ କରନ୍ତୁ ନାହିଁ । ଆପଣଙ୍କ କାର୍ଯ୍ୟ ଉପରେ ଧ୍ୟାନ ଦିଅନ୍ତୁ । ବିପଦ ଏବଂ ବନ୍ଧକ କାର୍ଯ୍ୟରୁ ଦୂରେଇ ରୁହନ୍ତୁ । ଆୟରେ ନିଶ୍ଚିତତା ରହିବ ।



**ମକର:** ଲାଭ ସୁଯୋଗ ଆସିବ । ଅଫିସରେ ଚାକିରିର ସୁଖ ଦେଖାଇବ । ବ୍ୟବସାୟ ବୃଦ୍ଧି ପାଇବ । ବିନିଯୋଗ ଇତ୍ୟାଦି ଅନୁକୂଳ ଲାଭ ଦେବ । ପରିବାରର ସହାୟତା ପାଇବାରେ ସୁଖ, ଉତ୍ସାହ ଏବଂ ସନ୍ତୁଷ୍ଟତା ରହିବ । ଦୁଷ୍କର୍ମରୁ ଦୂରେଇ ରୁହନ୍ତୁ । ସ୍ୱାସ୍ଥ୍ୟ ଦୁର୍ବଳ ରହିପାରେ । ଆଇନଗତ ପ୍ରତିବନ୍ଧକ ହଟାଯିବ ।



**କୁମ୍ଭ:** ବାଣିଜ୍ୟର ଲାଭ ଅଛି । ସାଙ୍ଗମାନଙ୍କୁ ସାହାଯ୍ୟ କରିବାକୁ ସମର୍ଥ ହେବେ । ଆପଣ କଠିନ ପରିଶ୍ରମର ଫଳ ପାଇବେ । ଏହାର ପ୍ରଭାବ ଚାକିରିରେ ବୃଦ୍ଧି ପାଇବ । ଉଚ୍ଚ ପଦାଧିକାରୀମାନେ ଖୁସି ହେବେ । ସାମାଜିକ ପ୍ରତିଷ୍ଠା ବୃଦ୍ଧି ପାଇବ । ଉତ୍ସାହ ବୃଦ୍ଧି ପାଇବ । ଆୟର ନୂତନ ମାଧ୍ୟମ ମିଳିବ । ରୋଜଗାର ସହଜ ହେବ । ଘର ବାହାରେ ସୁଖ ମିଳିବ ।



**ମୀନ:** ଧର୍ମ ପ୍ରତି ଆଗ୍ରହ ପ୍ରକାଶ କରିବେ । ସତସଙ୍ଗର ଲାଭ ହେବ । ତୀର୍ଥଯାତ୍ରା ଯୋଜନା କରାଯିବ । ଅନାବଶ୍ୟକ ଖର୍ଚ୍ଚ ହେବ । ସରକାରୀ ସହାୟତା ମିଳିବ । ବ୍ୟବସାୟ ବୃଦ୍ଧି ପାଇବ । ବିରୋଧୀମାନେ ସକ୍ରିୟ ରହିବେ । ପୁଂଜି ବିନିଯୋଗ ଶୁଭ ହେବ । ଆପଣଙ୍କର ନିଜସ୍ୱ ବୁଦ୍ଧି ବ୍ୟବହାର କରନ୍ତୁ । ଚାକିରୀର କ୍ଷେତ୍ରରେ ପ୍ରଭାବ ବୃଦ୍ଧି ଘଟିବ ।



ପ୍ରସ୍ତୁତି
ଜ୍ୟୋର୍ତିବିଦ୍ ପଣ୍ଡିତ ଶ୍ରୀପତି ଆଚାର୍ଯ୍ୟ
ସେକ୍ଟର-୩/୩୦୯, ନିଳାଦ୍ରୀବିହାର, ଭୁବନେଶ୍ୱର-୨୧
ମୋ: ୯୪୩୮୩୮୯୦୩୯